# ଶ୍ରୀ ଜୟ ଦେବଙ୍କ ବାଇଶି ପାହାଚ

ଶ୍ରୀ ସୁଭାଷଚନ୍ଦ୍ର ପଟ୍ଟନାୟକ



orissamatters.com

# ଶ୍ରୀ ଜୟ ଦେବଙ୍କ ବାଇଶି ପାହାଚ

ପ୍ରଖ୍ୟାପନ ଓ ପଦାବଳୀ ପଦ୍ୟାନ୍ତରୀକରଣ

ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ

ପ୍ରଥମ ମୁଦ୍ରିତ ସଂସ୍କରଣ: ଭାରତ ଭାରତୀ, କଟକ, ୨୦୦୫
ପ୍ରଥମ କୋମଳ ସଂସ୍କରଣ: ଦି ନ୍ୟୁଜ୍ ସିଣ୍ଡିକେଟ୍ , ଭୁବନେଶ୍ୱର, ୨୦୦୭

ସତ୍ତ୍ୱାଧିକାରୀ: ଶ୍ରୀ ଶାଶ୍ୱତ ପଟ୍ଟନାୟକ, ତିଗିରିଆ, କଟକ ।



କାଳୀପୂଜା ରାତିରେ ଓଡ଼ିଆର ବଡ଼ବଡୁଆ - ପୃଷ୍ଠା : ୧୭୪-୧୭୬

# SRI JAYA DEVANKA BAISI PAHACHA

Treatise on Sri Jaya Dev & Translation of his Asthapadis in Oriya Poetic Form :

Sri Subhas Chandra Pattanayak of Tigiria.

First Print Edition: Bharata Bharati, Cuttack, 2005
First e-Edition: The News Sydicate, Bhubaneswar, 2007

© Sri Saswat Pattanayak, Tigiria, Cuttack, Orissa, India.

orissamatters.com

# ସମର୍ପଣ

ଶ୍ରୀ ଜଗନ୍ନାଥଙ୍କ ଅବୟବରେ ଏବେ ବି ଯେଉଁମାନେ ବିଶ୍ୱ-ପ୍ରକୃତି ଓ ଗୁରୁଦେବ ବୁଦ୍ଧଙ୍କୁ ଦେଖନ୍ତି , ସେ ସମସ୍ତଙ୍କୁ;

ଯେଉଁମାନେ ଜାତିବାଦ ଓ ଧର୍ମବାଦରେ ଲିପ୍ତ ନ ହୋଇ ଜୀବନବାଦର ଅନୁବର୍ତ୍ତୀ ହୋଇ ରହିଛନ୍ତି ଓ/ବା ରହିବାକୁ ଚେଷ୍ଟାରତ , ସେ ସମସ୍ତଙ୍କୁ;

ଯେଉଁମାନେ ସମୟସ୍ରୋତରେ ଭାସି ନ ଯାଇ ସତ୍ୟାନୁସନ୍ଧାନପାଇଁ ପ୍ରତିକୂଳରେ ଚାଲିଛନ୍ତି ଓ/ବା ଚାଲିବାକୁ ବ୍ୟଗ୍ର , ସେ ସମସ୍ତଙ୍କୁ;

ଯେଉଁମାନେ ସର୍ବବିଧ କୁସଂସ୍କାର କବଳରୁ ଜନସାଧାରଣଙ୍କୁ ରକ୍ଷା କରିବାପାଇଁ ସଂକଳ୍ପବଦ୍ଧ ଓ କାର୍ଯ୍ୟରତ , ଯେମିତି ମୋ ପୁଅ ଶାଶ୍ୱତ ପଟ୍ଟନାୟକ ଓ ବୋହୂ ଅମୃତା ମିଶ୍ର , ସେ ସମସ୍ତଙ୍କୁ ।

orissamatters.com

# ଅର୍ଘ୍ୟ ନିବେଦନ

**ଶ୍ରୀଯୁକ୍ତ ବୀର କିଶୋର ମିଶ୍ର,**
**ଗୋପୀନାଥପୁର ଶାସନ, ତିଗିରିଆ ।**

ପ୍ରଭୋ !

ସାରଲ୍ୟ ଓ ସ୍ୱଷ୍ଟବାଦୀତାର ସାକାରମୂର୍ତ୍ତି ମୋ ଜନ୍ମଦାତ୍ରୀ ଆଶାମଣି ମୋତେ ଦେଇଥିଲେ ମାତୃଭାଷା । ବଂଶ ପରଂପରା ଦେଇଥିଲା ଶବ୍ଦ ସମ୍ଭାର । ଆପଣ ଦେଲେ ଚୟନଶକ୍ତି । ତହିଁର ଉପଯୋଗ କରି ଏହି କାର୍ଯ୍ୟଟିକୁ ମୁଁ ସଂପନ୍ନ କରିଛି ।

ଶ୍ରୀ ଜୟଦେବ ନିଜ ପଦାବଳୀଗୁଡିକୁ ତାଙ୍କ ନିଜ ମାତୃଭାଷାରେ ଯଦି ଲେଖିଥାନ୍ତେ, ଯେଉଁ ସମସ୍ତ ଶବ୍ଦ ସେ ବ୍ୟବହାର କରିଥାନ୍ତେ, ଭାଷାନ୍ତର ବେଳେ ମୁଁ ସେହି ଶବ୍ଦଗୁଡିକୁ ଯଥା ସମ୍ଭବ ଅବଲମ୍ବନ କରିଛି ।

ବିଦୂଷୀ ସବିତାରାଣୀ, ଯାହାଙ୍କୁ ଆପଣଙ୍କ ଆଶୀର୍ବାଦରୁ ମୁଁ ଅର୍ଦ୍ଧାଙ୍ଗିନୀଭାବେ ପାଇଛି, ଏହି ଭାଷାନ୍ତରୀକରଣରେ ମୋତେ ତାଙ୍କ ଅପ୍ରକାଶିତ ଗଦ୍ୟାନୁବାଦର ଉପଯୋଗପାଇଁ ପ୍ରୋତ୍ସାହନ ଦେଇଛନ୍ତି । ଆପଣଙ୍କ ଆଶୀର୍ବାଦରୁ ମୋର ପୁତ୍ରଭାବେ ଭୂମିଷ୍ଠ ହୋଇଛନ୍ତି ଶ୍ରୀମାନ୍ ଶାଶ୍ୱତ ପଟ୍ଟନାୟକ । ତୀକ୍ଷ୍ଣଧୀସଂପନ୍ନ ଅଥଚ ସ୍ଥିତପ୍ରଜ୍ଞ । ଆପଣ ମୋ ଭିତରେ ଯେଉଁ ସମସ୍ତ ଭଲଗୁଣ ଭରିବାକୁ ଚାହିଁଥିଲେ ସେ ସମସ୍ତ ତାଙ୍କ ଭିତରେ ତାଙ୍କ ବାଲ୍ୟକାଳରୁ ଲକ୍ଷ୍ୟ କରି ମୁଁ ଆପଣଙ୍କ ଆଶୀର୍ବାଦ କିପରି ସର୍ବବ୍ୟାପୀ ଓ ଅସୀମ ତାହାହିଁ ଅନୁଭବ କରିଆସିଛି । ମୋ ପୁତ୍ରବଧୂ ଅମୃତା, ଆତ୍ମଜା ଶୁଚିସ୍ମିତା, ଜାମାତା ଅଜୟ, ଭ୍ରାତୁଷ୍ପୁତ୍ର ଲକ୍ଷ୍ମୀପ୍ରସାଦ ମୋତେ ଦେଇଥିବା ଆନନ୍ଦହିଁ ଶ୍ରୀ ଜୟ ଦେବଙ୍କୁ ଖୋଜିବାକୁ ମୋତେ ପରିସର ଯୋଗାଇଛି । ମୋର ଅନୁଜ ସୁରେଶ, ନରେଶ, ହରେକୃଷ୍ଣ ଓ ରାମକୃଷ୍ଣଙ୍କର ମୋ ଉପରେ ଥିବା ଅଖଣ୍ଡ ବିଶ୍ୱାସ ଏହି କାର୍ଯ୍ୟ ସମାପନରେ ମୋତେ ସାହାଯ୍ୟ କରିଛି । ସୁତରାଂ ଏହାକୁ ଆପଣଙ୍କ ପାଦପଦ୍ମରେ ଆଜି ଅର୍ପଣ କଲାବେଳେ ମର୍ମେ ମର୍ମେ ମୁଁ ଅନୁଭବ କରୁଛି, ସତେ ଯେମିତି ଆମ୍ଭେ ସମସ୍ତେ ହିଁ ଏକତ୍ର ଏହା କରୁଛୁଁ ।

ଅତୀତରେ ଓଡିଶାର ସଂସ୍କୃତିକୁ ସବୁଦୃଷ୍ଟିରୁ ସମୃଦ୍ଧ କରିଥିବା ମୋ ଜନ୍ମରାଜ୍ୟ ତିଗିରିଆରେ ଆଧୁନିକ ଶିକ୍ଷାର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ ପଣ୍ଡିତ ନାରାୟଣ ଦାଶ ଯେ କି ଆପଣଙ୍କର ଶିକ୍ଷାଗୁରୁ, ମୋର ସଞ୍ଚିତ ପୁଣ୍ୟବଳରେ, ଶିକ୍ଷାଗୁରୁଭାବେ ମୋତେ ମଧ୍ୟ ଉପଲବ୍ଧ ହୋଇଥିଲେ । ତାଙ୍କରିଠାରୁହିଁ ପ୍ରଥମେ ମୁଁ ଶିକ୍ଷା କରିଥିଲି ସଂସ୍କୃତ । ଶ୍ରୀ ଜୟଦେବଙ୍କୁ ବୁଝିବାରେ ତାହା ହିଁ ମୋତେ ସହାୟକ ହୋଇଛି ।

ମୋର ଜନ୍ମଦାତା ପୁଣ୍ୟଶ୍ଳୋକ ନିଶାନାଥ ପଟ୍ଟନାୟକ, ପୋଷ୍ୟପିତା ପୁଣ୍ୟଶ୍ଳୋକ

orissamatters.com

କାହ୍ନୁ ଚରଣ ପଟ୍ଟନାୟକ ଓ ତଦୀୟ ଅନୁଜ ପୁଣ୍ୟଶ୍ଳୋକ କିଶୋର ଚନ୍ଦ୍ର ପଟ୍ଟନାୟକ ବାଲ୍ୟକାଳୁ ମୋ ଭିତରେ ଭରିଥିଲେ ସତ୍ୟାନୁସନ୍ଧାନର ପ୍ରବୃତ୍ତି । ଶ୍ରୀ ଜୟଦେବଙ୍କ ମତାଦର୍ଶ ଓ ସୃଷ୍ଟି ବୈଶିଷ୍ଟ୍ୟ ନିରୂପଣରେ ଏହି ପ୍ରବୃତ୍ତି ହିଁ ମୋତେ ପ୍ରଚୋଦିତ କରିଛି । ମୋ ଶ୍ୱଶୁର ପୁଣ୍ୟଶ୍ଳୋକ କ୍ଷୀରୋଦଚନ୍ଦ୍ର କାନୁନଗୋଙ୍କ ଉଦାର ଧର୍ମାଭ୍ୟାସ ପ୍ରେରଣା ଯୋଗାଇଛି ସାଧାରଣ ବିଶ୍ୱାସର ନିଗଡ଼ ଟପି ଆଗକୁ ଯିବାରେ । ଆଗକୁ ଯିବାରେ ଶକ୍ତି ଯୋଗାଇଛି ସତ୍‌କାର୍ଯ୍ୟପାଇଁ ମୋତେ ସଦାସର୍ବଦା ପ୍ରେରଣା ଯୋଗାଇ ଆସିଥିବା ମୋର ଧର୍ମମାତ ଅନୁରାଧା ବୋଷଙ୍କ ଅନନ୍ତ ଆଶୀର୍ବାଦ ।

ତେଣୁ ଏହି ସମସ୍ତ ମହାତ୍ମାଙ୍କୁ ମନଶ୍ଚକ୍ଷୁରେ ଦର୍ଶନ କରି କରି ମୁଁ ଆପଣଙ୍କ ଚରଣାରବିନ୍ଦରେ ଏହି ଅର୍ଘ୍ୟ ନିବେଦନ କରୁଛି । ଘେନା ହେଉ ।ଇତି ।

ଆପଣଙ୍କର ଆଶିଷପୁଷ୍ଟ

ସୁଭାଷ

୩୧ ।୧୨ ।୨୦୦୫

orissamatters.com

# ସାନନ୍ଦ ଆମନ୍ତ୍ରଣ

ଇତିହାସର ନିଦାରୁଣ ଭିତ୍ତି ଉପରେ ମୁଁ ଲେଖିଛି ଏହି ପୁସ୍ତକ ଯାହାର ପତ୍ରେ ପତ୍ରେ ରହିଛି ସତ୍ୟାନୁସନ୍ଧାନର ସ୍ୱାକ୍ଷର । ମା ଓଡ଼ିଶାର ଅନୁପମ ସାଂସ୍କୃତ୍ୟ-ସାମାଜିକ ଅତୀତ ତାର ମୌଳିକ ବିଭବ ଧରି ଓହ୍ଲାଇ ଆସିଛି ଏହି ପ୍ରତିବେଦନ ପର୍ବକୁ ଯେଉଁଠି ବିଶ୍ୱର ସର୍ବଶ୍ରେଷ୍ଠ ଲଳିତ ବିପ୍ଳବୀ ଶ୍ରୀ ଜୟ ଦେବଙ୍କୁ ମୁଁ ଦେଖିଛି ଠିକ୍ ସେହି ରୂପରେ ଯେଉଁ ରୂପରେ ସେ ବଞ୍ଚିଥିଲାବେଳେ ବଞ୍ଚିଥିଲେ ।

ଯେପରି ପ୍ରଚାର ଚାଲିଛି, ଶ୍ରୀ ଜୟ ଦେବ ସେପରି ନ ଥିଲେ । ଧର୍ମୀୟ ସାମ୍ରାଜ୍ୟବାଦ କବଳରୁ ସହଜଜୀବନଶୈଳୀସଂପନ୍ନ ଓଡ଼ିଶାକୁ ରକ୍ଷା କରିବାପାଇଁ ସାହିତ୍ୟ ମାଧ୍ୟମରେ ଉଦ୍ୟମ କରିଥିବା ଜଣେ ମହାନ୍ ସାମାଜିକ ବିପ୍ଳବୀ ଥିଲେ ଶ୍ରୀ ଜୟ ଦେବ । ସେ ହିନ୍ଦୁ ବୈଷ୍ଣବ ନ ଥିଲେ, ଥିଲେ ବୌଦ୍ଧ କାମବଜ୍ରଯାନର ଜଣେ ଅନୁବର୍ତ୍ତୀ । ଏବଂ, ସେହେତୁ ପଦ୍ମାବତୀ-ଚରଣ-ଚାରଣ-ଚକ୍ରବର୍ତ୍ତୀ ।

ଏହା ସାବ୍ୟସ୍ତ କରିବାପାଇଁ ମୁଁ ଓଡ଼ିଆ ପଦ୍ୟାକାରରେ ତାଙ୍କ ରସାଳ ରଚନାର ଭାଷାନ୍ତର କରି ଓଡ଼ିଶାର ସମ୍ବାଦପତ୍ର ଜଗତରେ ଆଧୁନିକତାର ପ୍ରବର୍ତ୍ତନ କରିଥିବା ଦୈନିକ ସମ୍ବାଦପତ୍ର *ସମ୍ବାଦ*ରେ ୧୯୯୮ର ଏପ୍ରିଲ୍ ୨୬ ତାରିଖଠାରୁ ନିୟମିତ ପ୍ରକାଶ କରାଇଥିଲି । ସହସ୍ରାଧିକ ବନ୍ଧୁ ପୁସ୍ତକ ଆକାରରେ ତହିଁର ଉପଲବ୍ଧି ଉପରେ ବାରମ୍ବାର ଚାପ ଦେଇ ଚାଲିଥିଲେ ।

ଏହା ଜାଣିଥିବା କଟକର ପ୍ରଖ୍ୟାତ ପ୍ରକାଶନ ସଂସ୍ଥା *ଭାରତ ଭାରତୀ*ର ଶ୍ରୀ ଉମେଶ ପ୍ରସାଦ ସାହୁ ଏଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶ କରିବାକୁ ଆଗେଇ ଆସିଥିଲେ ଏବଂ ୧୯୯୯ରେ *ଶ୍ରୀ ଜୟଦେବଙ୍କ ପ୍ରବନ୍ଧ ନିଚୟ* ଶୀର୍ଷକରେ ଭାଷାନ୍ତରିତ ଅଷ୍ଟପଦୀଗୁଡ଼ିକର ପ୍ରାଥମିକ ମୁଦ୍ରଣ ବି କରିଥିଲେ । ଗତ ୨୦୦୪ରେ ସେହି ଅନୂଦିତ ଅଷ୍ଟପଦୀଗୁଡ଼ିକ ସହ ଶ୍ରୀ ଜୟ ଦେବଙ୍କ ଉପରେ ମୁଁ ରଖିଥିବା ବିଶ୍ଳେଷଣକୁ ଏକତ୍ର କରି ଏହି ପୁସ୍ତକର ମୁଦ୍ରିତ ରୂପ ସେହି ଭାରତ ଭାରତୀ ହିଁ ପ୍ରକାଶ କରି ସାରିଛନ୍ତି ।

ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନଙ୍କ ଉପଲବ୍ଧି ପାଇଁ ଏହି କୋମଳ ସଂସ୍କରଣ ପ୍ରକାଶ କରିବାକୁ ମୋ ପୁଅ ଶାଶ୍ୱତ ନିଷ୍ପତ୍ତି ନେଇ ଆମ ଜାତିର ଅଶେଷ ଉପକାର କରିଛନ୍ତି । ଓଡ଼ିଶାର ଏହି ଅତୁଳନୀୟ କବିଙ୍କ ରଚନା ଏତେ ସରଳ, କୋମଳ ଓ ରସାଳ ଯେ ସାରା ଭାରତୀୟ ବାଙ୍ମୟରେ ତହିଁର ପଟାନ୍ତର ନାହିଁ । ମୋ ପ୍ରଖ୍ୟାପନରେ ମୁଁ ଏହାର ସାହିତ୍ୟିକ ବିଭବ ଉପରେ ଆଲୋଚନା କରି ନାହିଁ । ମୁଁ କେବଳ ଶ୍ରୀ ଜୟ ଦେବଙ୍କ ସାଂସ୍କୃତ୍ୟ-

orissamatters.com

ସାମାଜିକ ବୈଶିଷ୍ଟ୍ୟ ଉପରେ  ଆଲୋକପାତ କରିଛି ।

ଏଥିରେ ଏପରି କେତେକ କଥା ପଦାକୁ ଆସିଛି ଯାହା ମୋର ବହୁ ବ୍ୟକ୍ତିଗତ ଓ ଅତି ଅନ୍ତରଙ୍ଗ ବନ୍ଧୁଙ୍କୁ ଅସୁଖକର ମନେ ହୋଇପାରେ । ଶ୍ରେଣୀଚରିତ୍ର ଏପରି ଏକ ବିଭାବନା ଯାହା ସହଜେ ଅତିକ୍ରମ କରି ହୁଏନି । ତେଣୁ ମୋର କେତେକ ବନ୍ଧୁ ଏଥିରେ ଯାହା ଲେଖା ହୋଇଛି ତାହା ଠିକ୍ ବୋଲି ଅନୁଭବ କଲେ ମଧ୍ୟ ଲେଖା ନ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ଭାବିପାରନ୍ତି । ସେହେତୁ ମୋର ବ୍ୟକ୍ତିସତ୍ତା ସେମାନଙ୍କ ପାଖରେ କ୍ଷମାଭିକ୍ଷୁ । ମାତ୍ର ମୋର ସାମାଜିକସତ୍ତା ନାଚାର ।

ଜୟ ଦେବ ଯାହା ଲେଖିଥିଲେ, କାହିଁକି ଲେଖିଥିଲେ ତାହା ଖୋଜିବାପାଇଁ ମୁଁ ଚେଷ୍ଟା କରିଛି । କାରଣ ତାଙ୍କ ଲେଖା କେବଳ ସାହିତ୍ୟ ରସରେ ସୀମିତ ନ ଥିଲା, ତାହା ଓଡ଼ିଶାର ତଦାନୀନ୍ତନ ରାଜନୀତିକୁ ପ୍ରଭାବିତ କରିଥିଲା । ଗଜପତି ପୁରୁଷୋତ୍ତମ ଦେବ ତାହାକୁ ଶ୍ରୀମନ୍ଦିରରୁ ଉତ୍‌ଖାତ କରି ଏପରି ସଂକଟର ସମ୍ମୁଖୀନ ହୋଇଥିଲେ ଯେ, ପୁନର୍ବାର ତାକୁ ପ୍ରଚଳନ କରାଇବାକୁ ବାଧ୍ୟ ହୋଇଥିଲେ । ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ଜୟ ଦେବଙ୍କ ରଚନା ଭିନ୍ନ ଅନ୍ୟ କିଛି ଜଗନ୍ନାଥଙ୍କ ସମୀପରେ ବୋଲା ଯାଇପାରିବ ନାହିଁ ବୋଲି ଏକ ସ୍ଥାୟୀ ଆଦେଶ ଦେବାକୁ ଆବଶ୍ୟକ ମନେ କରିଥିଲେ । ଜୟ ଦେବଙ୍କ ରଚନାର ଯଦି ରାଜନୀତିକ ଦିଗ ନ ଥାନ୍ତା ଏପରି ହୋଇ ନ ଥାନ୍ତା । ତେଣୁ ତାଙ୍କ ରଚନାର ରାଜନୀତିକ ଦିଗ ଦେଖିବାକୁ ମୁଁ ଚେଷ୍ଟା କରିଛି ।

ସେ ଯାହା ନୁହନ୍ତି ତାଙ୍କୁ ସେହିପରି ଭାବେ ଉପସ୍ଥାପିତ କରିବାକୁ ରକ୍ଷଣଶୀଳ ଧର୍ମଧ୍ୱଜାଧାରୀମାନେ ଚେଷ୍ଟା ଚଳାଇଛନ୍ତି । କାହିଁକି? ମୁଁ ତାହା ଦେଖିବାକୁ ଚେଷ୍ଟା କରିଛି ।

କେତେକ ବଙ୍ଗୀୟ ତାଙ୍କୁ ବଙ୍ଗଜ ଭାବେ ପ୍ରଦର୍ଶିତ କରିବାକୁ ମିଥ୍ୟା ପ୍ରଚାର ଚଳାଇଛନ୍ତି । ସେମାନେ କାହିଁକି ଏହି ମିଥ୍ୟା ପ୍ରଚାର କରୁଛନ୍ତି ତାର କାରଣ ନିର୍ଦ୍ଧାରଣପାଇଁ ମୁଁ ଚେଷ୍ଟା କରିଛି ।

କେତେକ ଓଡ଼ିଆ ଏବେ ବି ତାଙ୍କ ସଂପର୍କରେ ବିଭ୍ରାନ୍ତିକର କଥା କହିବାରେ ଲାଗିଛନ୍ତି ଓ ତାଙ୍କ ଜନ୍ମସ୍ଥାନ ସଂପର୍କରେ ଭୁଲ୍ କଥା କହୁଛନ୍ତି । ତାହା କିପରି , ତହିଁ ଉପରେ ଆଲୋକପାତ କରି ଓଡ଼ିଶାରେ ଠିକ୍ କେଉଁ ସ୍ଥାନରେ ସେ ଜନ୍ମ ହୋଇଥିବା ଅଧିକ ଗ୍ରାହ୍ୟ ତାହା ମୁଁ ଦର୍ଶାଇଛି ।

ସେ ତାଙ୍କ କୃତିକୁ କାହିଁକି ନାୟିକାପ୍ରଧାନ କରିଛନ୍ତି ଓ ତାଙ୍କ ନାୟିକାର ନାମ କାହିଁକି ରାଧା ତାହା ଆମ ସାଂସ୍କୃତ୍ୟ ଇତିହାସରେ ପ୍ରଥମ ଥରପାଇଁ  ମୁଁ ସ୍ପଷ୍ଟ କରିଛି ଏହି ପୁସ୍ତକରେ ।

ମୁଁ ଚେଷ୍ଟା କରିଛି ଦେଖିବାକୁ ଓଡ଼ିଆଙ୍କ ବାଇଶି ପାହାଚ ପ୍ରକୃତରେ କାହାକୁ ବୁଝାଏ । ଶ୍ରୀମନ୍ଦିରର ବାଇଶି ପାହାଚ କେବଳ ଏକ ଦୁଆ । ପ୍ରକୃତରେ ଏଠାରେ ବାଇଶ

orissamatters.com

ପାହାଚ ନାହିଁ । ଶ୍ରୀ ଜୟ ଦେବଙ୍କ ବାଇଶି ଅଷ୍ଟପଦୀ କିପରି ଏହି ବାଇଶି ପାହାଚର ଅସଲ ପରିଚୟ ତାହା ମୁଁ ଦର୍ଶାଇଛି ଏହି ପୁସ୍ତକରେ ।

ଏହା ମୁଁ ଏଇଥିପାଇଁ କରିଛି ଯେ ଓଡ଼ିଆ ଜାତି ତାର ଉଜ୍ଜ୍ୱଳ ଇତିହାସକୁ ଜାଣିବା ଓ ଜଣାଇବାର ଅଧିକାର ଏପର୍ଯ୍ୟନ୍ତ ହରାଇନାହିଁ, କେବେ ବି ହରାଇ ପାରିବ ନାହିଁ ।

ସୁତରାଂ ମୁଁ ଚେଷ୍ଟା କରିଛି କିମ୍ବଦନ୍ତୀ କବଳରୁ ମୁକ୍ତ କରି ଶ୍ରୀ ଜୟ ଦେବଙ୍କୁ ଇତିହାସର ବାସ୍ତବ ଭିତ୍ତିଭୂମିରେ ରଖିବାପାଇଁ । ମୁଁ ଯାହା କରିଛି ତଦ୍ଦ୍ୱାରା ଶ୍ରୀ ଜୟ ଦେବଙ୍କୁ ନୂଆ ଭାବେ, ଅଥଚ ତାଙ୍କ ନିଜସ୍ୱ ରୂପରେ ଦେଖି ହେବ ।

ଯେଉଁମାନେ ଏଥିପାଇଁ ରାଜି ସେ ସମସ୍ତଙ୍କୁ ମୁଁ ଏହି ପୁସ୍ତକ ଭିତରକୁ ନିମନ୍ତ୍ରଣ କରୁଛି ।



orissamatters.com

## ବିଷୟ ସୂଚୀ


| ପୃଷ୍ଠା | ବିଷୟ |
|---|---|
| ୧୩ରୁ ୨୧୭ | ପ୍ରଖ୍ୟାପନ |
| ୧୪ | ଆରମ୍ଭ କରିବା ଶେଷରୁ |
| ୧୫ | ଦୁଇ ଭିନ୍ନ ଜୟ ଦେବ |
| ୧୫ | ବଙ୍ଗଳାର ଜୟଦେବବଙ୍ଗାଳୀଙ୍କ ଦ୍ୱାରା ପରିତ୍ୟକ୍ତ |
| ୧୬ | ଓଡ଼ିଶୀ ଜୟ ଦେବ |
| ୧୭ | ସାଂସ୍କୃତିକ ରାହାଜାନି: ଆରମ୍ଭ ୧୯୧୬ |
| ୧୮ | ବଙ୍ଗରେ ପ୍ରାଚୀନ ଓଡ଼ିଆ ଭାଷା |
| ୨୧ | ବୌଦ୍ଧଧର୍ମର ପ୍ରାଣକେନ୍ଦ୍ର ଓଡ଼ିଶା |
| ୨୨ | ସେଥିପାଇଁ ନେପାଳ ସହ ସଂପର୍କ |
| ୨୪ | ଚଉରାଶୀ ସିଦ୍ଧାଚାର୍ଯ୍ୟ ଓଡ଼ିଶାର |
| ୨୬ | ଈର୍ଷା |
| ୨୭ | ଇତିହାସର ସେହି ପର୍ଯ୍ୟାୟ |
| ୨୮ | ବଙ୍ଗ ବିଜୟର ପ୍ରଜ୍ଞାପକ ଥିଲା କୋଣାର୍କ |
| ୨୯ | କୋଣାର୍କ କିନ୍ତୁ କେବଳ ଏତିକି ନୁହେଁ |
| ୩୧ | ଲାଙ୍ଗୁଳା ଦର୍ଶନ |
| ୩୩ | ହେରୁକଙ୍କ ଆବିର୍ଭାବ |
| ୩୫ | ଗୋବିନ୍ଦୀୟ ଗୋଳମାଳ |
| ୩୬ | ପ୍ରତିବାଦରେ ପରିସୃଷ୍ଟ ରାଧା |
| ୩୮ | ରାଧା ଓ ମହୋଦଧି ସଭ୍ୟତା |
| ୪୦ | ନେପଥ୍ୟ ଖଳନାୟକ |
| ୪୨ | ଓଡ଼ିଆର ଈର୍ଷଣୀୟ ବୈଶିଷ୍ଟ୍ୟ |
| ୪୨ | ଭାରତର ପ୍ରଥମ ସ୍ୱାଧୀନତା ସଙ୍ଗ୍ରାମ |
| ୪୪ | ଅସହଯୋଗ ଆନ୍ଦୋଳନର ସୃଷ୍ଟିସ୍ଥଳ ଓଡ଼ିଶା |
| ୪୪ | ଓଡ଼ିଆ ମିଜାଜ |
| ୪୫ | ଭାରତର ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶା ଦେଇଥିବା ଦିଗ୍‌ଦର୍ଶନ |
| ୪୮ | ଓଡ଼ିଶାର ବିଭାଜନ |
| ୪୯ | ଓଡ଼ିଆ ଆତ୍ମାଭିମାନ |
| ୪୯ | ଓଡ଼ିଆ ମାନସିକତା: ଦୃଷ୍ଟାନ୍ତ ତିଗିରିଆ |


orissamatters.com

୫୦ ଓଡ଼ିଆ ମିଜାଜକୁ ଇଂରେଜର ଭୟ
୫୧ ବିଖଣ୍ଡୀକରଣର ଦୁଃଖଦ ପରିଣତି
୫୨ କାନକୁହାଙ୍କ କରାମତି
୫୩ ସେମାନଙ୍କ ଜାଲିଆତିର ଆଫିସୀୟ ପ୍ରମାଣ
୫୮ ଭାରତର ପ୍ରଥମ ଭାଷା ଆନ୍ଦୋଳନ
୬୦ ବୁନିଆଦିପାଇଁ ଜାଲିଆତି
୬୨ ଶ୍ରୀ ଜଗନ୍ନାଥଙ୍କ ନାମରେ ବି ଜାଲିଆତି
୬୩ ଚାଟାର୍ଜୀଙ୍କ ଚାଲ୍‌ବାଜୀ
୬୬ ବିତଣ୍ଡା ଯୁକ୍ତି
୬୯ ଚାଟାର୍ଜୀଙ୍କୁ ଜଣା ନାହିଁ ଜୟ ଦେବ କିଏ!
୭୦ ଶ୍ରୀ ଜୟ ଦେବଙ୍କ ବ୍ୟାସୀୟ ବୈଶିଷ୍ଟ୍ୟ
୭୨ ବ୍ରାହ୍ମଣ୍ୟବାଦକୁ ବିରୋଧହିଁ ତାଙ୍କ ମୌଳିକତା
୭୨ ବ୍ରାହ୍ମଣ୍ୟବାଦୀ କିଏ?
୭୪ ବ୍ରାହ୍ମଣ ଲକ୍ଷଣ
୭୫ ବର୍ଣ୍ଣବୈଶିଷ୍ଟ୍ୟବାଦୀହିଁ ବ୍ରାହ୍ମଣ୍ୟବାଦୀ
୭୫ ସେମାନେ ବି ପୁରୁଷପ୍ରାଧାନ୍ୟବାଦୀ
୭୬ ପରିବର୍ତ୍ତନକାମୀ ଶ୍ରୀ ଜୟ ଦେବ
୭୯ ସେହେତୁ ବ୍ୟାସାବତାର
୭୯ ଭକ୍ତବିଜୟର ବିଶେଷ ସୂଚନା
୮୦ ସୁନୀତିଙ୍କ ଡ଼ିଣ୍ଡିମ ସତ୍ୟର ବିପରୀତ
୮୦ ଆଦର୍ଶ ତ ଦୂର, ରାଗ ଓ ତାଳ ବି ବଙ୍ଗାଳୀଙ୍କୁ ଅଜଣା
୮୧ ପ୍ରକୃଷ୍ଟ ବଙ୍ଗୀୟ ଗବେଷକଙ୍କ ଦୃଷ୍ଟିରୁ ଚାଟାର୍ଜୀ ପ୍ରମାଦପୂର୍ଣ୍ଣ
୮୬ ଅଜୟ କୂଳରେ କେନ୍ଦୁଳିହିଁ ନଥିଲା
୯୦ ଚାଟାର୍ଜୀଙ୍କ ଯୁକ୍ତି କେବଳ ବିତଣ୍ଡା ନୁହେଁ, ଆତ୍ମଘାତୀ ବି
୯୩ ବଙ୍ଗରେ ରାଧା ନ ଥିଲେ, ନ ଥିଲେ ବି କୃଷ୍ଣ
୯୪ ରାଧା ଓଡ଼ିଶାର ସୃଷ୍ଟି
୯୫ ଇତିହାସର ଘୋଷଣା: ଜୟ ଦେବ ଥିଲେ ଓଡ଼ିଆ
୯୯ ଉଇଲିୟମ୍ ଜୋନ୍‌ସଙ୍କ ଭୂମିକା
୧୦୧ ମେଳାର ମୂଳ ଓ ରାଧାବିନୋଦ
୧୦୩ ବୌଦ୍ଧ ଜୟ ଦେବଙ୍କୁ ବୈଷ୍ଣବ ସଜାଇବା ଚେଷ୍ଟା

orissamatters.com

୧୦୪ ତା ସତ୍ତ୍ୱେ ଜୟ ଦେବ କେନ୍ଦୁଳି ନୁହେଁ, କେନ୍ଦୁଳି ଜୟ ଦେବ
୧୦୬ ବଙ୍ଗାଳୀ ଦାବୀଦାରଙ୍କୁ ଓଡ଼ିଶା ବ୍ରାହ୍ମଣ୍ୟବାଦୀଙ୍କ ସହାୟତା
୧୦୭ ବ୍ରାହ୍ମଣ୍ୟବାଦୀ କାଳପାଶରେ ଲୋକବାଦୀ କପିଳେନ୍ଦ୍ର
୧୧୦ ଗଜପତି ପୁରୁଷୋତ୍ତମ ଦେବଙ୍କ କୁତ୍ସିତ ଭୂମିକା
୧୧୧ ଓଡ଼ିଶା ରାଜନୀତିରେ ଜୟ ଦେବ ବନାମ ଗଜପତି ପୁରୁଷୋତ୍ତମ
୧୧୨ ପ୍ରତିକ୍ରିୟା
୧୧୩ ବିଭ୍ରାନ୍ତି ସୃଷ୍ଟିପାଇଁ ଚେଷ୍ଟା
୧୧୪ ଜୟ ଦେବଙ୍କ ଜାତି
୧୧୫ କରଣ ଏକ ଜାତି ନୁହେଁ, ଜାତିବାଦବିରୋଧି ଏକ ଜନ ମଞ୍ଚ
୧୧୯ ନାରୀ ନିର୍ଯ୍ୟାତନାର ନିରାକରଣ ପାଇଁ କରଣ
୧୨୦ ଜନ୍ମସ୍ଥାନ ସଂପର୍କରେ ମିଥ୍ୟା ପ୍ରଚାର ଓଡ଼ିଶାରେ ବି
୧୨୧ ଶ୍ରୀ ଜୟ ଦେବଙ୍କ ପ୍ରକୃତ ଜନ୍ମସ୍ଥାନ ପୁରୀ ପାଖରେ
୧୨୨ କେନ୍ଦୁଳି କେନ୍ଦୁବିଲ୍ୱ ନୁହେଁ
୧୨୨ କୂର୍ମପାଟକପୁର
୧୨୩ ସଂପ୍ରଦାୟ ସଂପର୍କରେ ଅସତ୍ୟ ପ୍ରଚାର
୧୨୪ କୂର୍ମପାଟକପୁରର ପ୍ରକୃତ ପରିଚୟ
୧୨୫ ବୃହତ୍ପ୍ରସ୍ତର ବୁଦ୍ଧନାଥ
୧୨୫ ବ୍ରାହ୍ମଣ୍ୟବାଦୀ ଜାଲିଆତି ବନାମ ବୌଦ୍ଧତନ୍ତ୍ର
୧୨୬ ବୁଦ୍ଧତ୍ୱଂ ଯୋଷିତ୍ଯୋନି ସମାଶ୍ରିତମ୍
୧୨୯ ଏକ ଅଦେଖା ଦିଗ
୧୩୦ ପଦ୍ମାବତୀଚରଣଚାରଣଚକ୍ରବର୍ତ୍ତୀ
୧୩୨ ଅଷ୍ଟପଦୀ ଉଦ୍ଭୁତ ବୌଦ୍ଧତନ୍ତ୍ରରୁ
୧୩୬ ବୌଦ୍ଧବାଦର ସୁରକ୍ଷା ପାଇଁ ବୈଷ୍ଣବୀୟ ମୁଖା
୧୩୮ ବୁଦ୍ଧବାଦୀ ଭୌମ ନାରୀପ୍ରାଧାନ୍ୟର ଅବକ୍ଷୟ
୧୩୮ ସୋମବଂଶୀଙ୍କ ବ୍ରାହ୍ମଣ ଆମଦାନୀ ଓ ବୌଦ୍ଧ ହନନ
୧୪୧ ବୌଦ୍ଧତନ୍ତ୍ରର ଫଲ୍ଗୁ ଧାରା ତଥାପି ଥିଲା ଅବ୍ୟାହତ
୧୪୬ ଅବ୍ରାହ୍ମଣ ଓଡ଼ିଆର ଘରେ ଘରେ ବୁଦ୍ଧ
୧୪୭ ବ୍ରାହ୍ମଣ୍ୟବାଦର ନୂଆ କୌଶଳ
୧୪୯ ସହଜଯାନ ସପକ୍ଷରେ ଜୟ ଦେବଙ୍କ ସହଜ କୌଶଳ
୧୪୯ ପୁନଶ୍ଚ ଷଡ଼ଯନ୍ତ୍ର; ଖଳନାୟକ ନରହରି ତୀର୍ଥ

orissamatters.com

| | |
|---|---|
| ୧୫୧ | କ୍ରମାଗତ ସଂଘର୍ଷ: ନାୟକ ରାୟ ରାମାନନ୍ଦ ପଟ୍ଟନାୟକ |
| ୧୫୫ | ଅତିବଡ଼ୀଙ୍କ ଅଦେଖା ରୂପ |
| ୧୫୮ | ଚୈତନ୍ୟଙ୍କ ମାଧ୍ୟମରେ ରାୟ ରାମାନନ୍ଦଙ୍କ ପ୍ରତିକାର ଉଦ୍ୟମ |
| ୧୬୦ | ବ୍ରାହ୍ମଣ୍ୟବାଦର ନୂଆ ଅସ୍ତ୍ର: ପ୍ରକ୍ଷିପ୍ତୀକରଣ |
| ୧୭୩ | ଓଡ଼ିଆ ଆଖିରେ କିନ୍ତୁ ବାଇଶିଟି ଅଷ୍ଟପଦୀହିଁ ବାଇଶି ପାହାଚ |
| ୧୭୪ | ଓଡ଼ିଆର ବଡ଼ବଡୁଆ |
| ୧୭୬ | କାଳୀପୂଜା ରାତିରେ କାହିଁକି? |
| ୧୭୭ | ବାର ମାସେ ତେର ପର୍ବ |
| ୧୮୫ | ଯାତ୍ରା ଉଦ୍ଦେଶ୍ୟ ପଣ୍ଡ ପାଇଁ ବ୍ରାହ୍ମଣ୍ୟବାଦୀ ଚକ୍ରାନ୍ତ |
| ୧୮୯ | ମୈଥୁନତତ୍ତ୍ୱର ଯାତ୍ରା ରଥଯାତ୍ରା |
| ୧୯୦ | **ମୈଥୁନତତ୍ତ୍ୱ ଓ କୃଷି କୁହୁକ** |
| ୧୯୩ | ମୈଥୁନ ତତ୍ତ୍ୱର ରୂପକଳ୍ପ ମାଦଳା |
| ୧୯୪ | ମାତୃରୂପା ମାଦଳା ବୁଦ୍ଧ କିପରି ହେଲେ |
| ୨୦୧ | ଜଗନ୍ନାଥ ମୂର୍ତ୍ତୀ ରହସ୍ୟ |
| ୨୦୩ | କ୍ଷେତ୍ର ପ୍ରାଧାନ୍ୟ |
| ୨୧୨ | ବୌଦ୍ଧଧର୍ମର ଧ୍ୱଂସପାଇଁହିଁ ଅଶୋକଙ୍କ କଳିଙ୍ଗ ଆକ୍ରମଣ |
| ୨୧୬ | ମାତୃଗଣର ବିଜୟ |
| ୨୧୬ | ସେହି ପାହାଚ |
| ୨୧୮ରୁ ୨୯୧ | ସାନୁବାଦ ପଦାବଳୀ |
| ୨୯୨ରୁ ୨୯୭ | ସହାୟକ ସୂତ୍ର ସୂଚୀ |
| ୨୯୮ | ଚିତ୍ର ପରିଚୟ |
| ୨୯୯ | ସକୃତଜ୍ଞ ସ୍ୱୀକୃତି |
| ୩୦୦ | About the Book |
| ୩୦୩ | About the Author |
| ୩୦୫ | ପଛ ପ୍ରଷ୍ଠ |


orissamatters.com

# ପ୍ରସ୍ଥାପନ



orissamatters.com

# ଆରମ୍ଭ କରିବା ଶେଷରୁ

ଶ୍ରୀ ଜୟ ଦେବଙ୍କୁ କେନ୍ଦ୍ରକରି ତେନୋଟି ପ୍ରମାଦ ଆମ ସାଂସ୍କୃତିକ ଆକାଶକୁ ଆଛନ୍ନ କରି ରଖିଛି । ପ୍ରଥମଟି ହେଲା, ଗୀତ ଗୋବିନ୍ଦରେ ଯାହା ସବୁ ଉପଲବ୍ଧ ତାହା ସମଗ୍ରତଃ ତାଙ୍କ ରଚନା ନ ହୋଇଥିଲେ ମଧ୍ୟ ତାଙ୍କରି ନାମରେ ଚାଲିଛି । ଦ୍ୱିତୀୟଟି ହେଲା, ସେ ବୌଦ୍ଧ ଓ ସେହି ଭାବେ କାମବଜ୍ରଯାନ ବା ସହଜଯାନର ଅନୁବର୍ତ୍ତୀ ହୋଇଥିଲେ ମଧ୍ୟ ତାଙ୍କୁ ହିନ୍ଦୁ ବୈଷ୍ଣବ ଭାବେ ପ୍ରଦର୍ଶିତ କରାହେଉଛି ଓ ତୃତୀୟଟି ହେଲା, ସେ ଜନ୍ମତଃ ଓଡ଼ିଶାର ଭୂମିପୁତ୍ର ହୋଇଥିଲେ ମଧ୍ୟ କେତେକ ବଙ୍ଗାଳୀ ଅସୂୟାବଶତଃ ଓ ସେମାନଙ୍କଦ୍ୱାରା ବିଭ୍ରାନ୍ତ କେତେକ ବ୍ୟକ୍ତି ଅଜ୍ଞତାବଶତଃ ତାଙ୍କୁ ବଙ୍ଗଜ ବୋଲି ପ୍ରଚାର ଚଳାଇଚାଲିଛନ୍ତି । ଏହି ପ୍ରମାଦଗୁଡିକର ଅପସାରଣ ଆବଶ୍ୟକ ।

ଆରମ୍ଭ କରିବା ଶେଷରୁ ।

orissamatters.com

## ଦୁଇ ଭିନ୍ନ ଜୟ ଦେବ

ବଙ୍ଗାଳୀମାନଙ୍କ ବିଶ୍ୱାସ, ସେମାନଙ୍କ ପ୍ରଦେଶରେ ଏକଦା ଏକ ରାଜା ଥିବା ଲକ୍ଷ୍ମଣ ସେନଙ୍କ ରାଜସଭାରେ ଜୟ ଦେବ ବୋଲି ଜଣେ କବି ଥିଲେ ।

ସଂସ୍କୃତ ସାହିତ୍ୟର କେତେକ ଇତିହାସବେତ୍ତା ମଧ୍ୟ ତାଦୃଶ ବିଶ୍ୱାସ କରନ୍ତି । ମାତ୍ର ସେମାନଙ୍କ ମତରେ ଯେଉଁ ଜୟ ଦେବ ଗୀତଗୋବିନ୍ଦରେ ସଂପାଦିତ ହୋଇଥିବା ପଦାବଳୀଗୁଡ଼ିକର ଲେଖକ ତାଙ୍କର ଲକ୍ଷ୍ମଣ ସେନଙ୍କ ସହ କୌଣସି ସଂପର୍କ ନାହିଁ । ସେନଙ୍କ ସଭାକବି ଜୟ ଦେବ ଚନ୍ଦ୍ରାଲୋକ ବୋଲି ଏକ ଗ୍ରନ୍ଥ ରଚନା କରିଥିଲେ ଯହିଁ ଉପରେ ଅନ୍ୟୁନ ୬ଟି ଟୀକା ରଚିତ ହୋଇଥିବା ବେଳେ ଅପ୍ପୟ ଦିକ୍ଷିତ ତହିଁର ପଞ୍ଚମ ମୟୁଖକୁ ଆଧାର କରି ରଚନା କରିଥିଲେ କୁବଳୟାନନ୍ଦ ।

ଏହି ଜୟ ଦେବଙ୍କ ପାଇଁ ବଙ୍ଗାଳୀମାନେ ଯଥେଷ୍ଟ ଗର୍ବ କରିପାରନ୍ତେ । ଅଥଚ ଦୁଃଖ ଓ ଲଜ୍ଜାର କଥା, ସେମାନେ ତାଙ୍କ ନିଜ ଜୟ ଦେବଙ୍କୁ ଭୁଲି ଓଡ଼ିଶାର ଭୂମିପୁତ୍ର ଶ୍ରୀ ଜୟ ଦେବଙ୍କୁ ଲକ୍ଷ୍ମଣ ସେନଙ୍କ ସଭାପଣ୍ଡିତ ବୋଲି ଦର୍ଶାଇବାକୁ ନାହିଁ ନ ଥିବା ପରିଶ୍ରମ କରି ଚାଲିଛନ୍ତି ।

ସାଂସ୍କୃତିକ ରାହାଜାନିର ପିପାସା ପରିତୋଷଣପାଇଁ ଗଣମାଧ୍ୟମ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପରି ଦପ୍ତରଗୁଡ଼ିକର ଅପବ୍ୟବହାର ଯେ କେବଳ କରାଯାଉଛି ତା ନୁହେଁ, ନାନା କପୋଳକଳ୍ପିତ ମିଥ୍ୟା କିମ୍ବଦନ୍ତୀ ସୃଷ୍ଟି କରାଯାଇ ପୁସ୍ତକ ପୁସ୍ତିକା ବି ପ୍ରକାଶ କରାହୋଇଚାଲିଛି । ଯେଉଁ ଜୟ ଦେବଙ୍କୁ ନିଜ ଭୂମିପୁତ୍ର ବୋଲି ଦର୍ଶାଇ ବଙ୍ଗାଳୀମାନେ ଗର୍ବ କରିପାରନ୍ତେ ସେ ଜୟ ଦେବ ଅପଚରା ହୋଇ ପଡିଛନ୍ତି !

## ବଙ୍ଗଳାର ଜୟ ଦେବ ବଙ୍ଗାଳୀଙ୍କ ଦ୍ୱାରା ପରିତ୍ୟକ୍ତ

ସେହି ଜୟ ଦେବଙ୍କ ସଂପର୍କରେ ବଙ୍ଗାଳୀମାନେ ଯେ ଏବ ସୁଦ୍ଧା କିଛି ଜାଣି ନାହାନ୍ତି ତା ନୁହେଁ । ମାତ୍ର ଓଡ଼ିଶାର ଭୂମିପୁତ୍ର ଶ୍ରୀ ଜୟ ଦେବଙ୍କୁ ଲକ୍ଷ୍ମଣସେନଙ୍କ ସଭା କବି ବୋଲି ଦର୍ଶାଇବାକୁ ଚେଷ୍ଟା କରି ସେମାନେ ଏତେ ମିଛ କଥା କହି ସାରିଛନ୍ତି ଯେ ଏବେ ଆଉ ସତ ସ୍ୱୀକାର କରିବାକୁ ସେମାନଙ୍କର ନୈତିକ ସାହସ ନାହିଁ । ଫଳରେ ବଙ୍ଗଳାର ଜୟଦେବ ବଙ୍ଗାଳୀମାନଙ୍କଦ୍ୱାରା ପରିତ୍ୟକ୍ତ ହୋଇ ସମୟର ଅଳିଆ ଗଦା ତଳେ ପଡ଼ିରହିଛନ୍ତି । ('The Bengalis had a Jayadev too: Subhas Chandra Pattanayak: The Asian Age 17th to 20th May, 2000)

ନିଜକୁ ସଂସ୍କୃତିଶୀଳ ବୋଲି ଦାବି କରୁଥିବା କୌଣସି ଜାତି ପଡ଼ୋଶୀ ରାଜ୍ୟର ଜଣେ କବିଙ୍କୁ ଆତ୍ମସାତ କରିବା ମୋହରେ ତା ନିଜ ଜାତିର ଏକ ମହାନ୍ ସାହିତ୍ୟରଥୀଙ୍କୁ ଏପରି ଶୈଳୀରେ ଅସ୍ୱୀକାର କରିବା ଦେଖିଲେ ଦୁଃଖ ଲାଗେ । ଏପରି ମନ୍ଦ ଓ ହାସ୍ୟାସ୍ପଦ ଘଟଣା କେବେ ଅନ୍ୟ କେଉଁଠି ଘଟି ନାହିଁ । କେବେ ଯେ ବଙ୍ଗାଳୀମାନେ ଓଡ଼ିଶାର ଶ୍ରୀ ଜୟ

orissamatters.com

ଦେବଙ୍କୁ ଛାଡ଼ି ତାଙ୍କ ନିଜ ରାଜ୍ୟର ଜୟ ଦେବଙ୍କ ଆଡ଼କୁ ଦୃଷ୍ଟି ଦେବେ ଓ ତାଙ୍କୁ ବିସ୍ମୃତିର ଅତଳ ଗହ୍ୱରରୁ ମୁକ୍ତି ମିଳିବ, କିଏ କହିବ ?

ବଙ୍ଗାଳୀମାନଙ୍କର ଏହି ପ୍ରମାଦ କାଳକ୍ରମେ ବହୁ ବିଦ୍ୱାନଙ୍କ ଦୃଷ୍ଟିରେ ପଡ଼ିଛି ଓ ସେମାନେ ବିଶ୍ୱ ସମାଜ ସମ୍ମୁଖରେ ପ୍ରକୃତ ସତ୍ୟ ଉପସ୍ଥାପନପାଇଁ ଉଦ୍ୟମ କରିଛନ୍ତି । ଏତଦୁଦ୍ଦେଶ୍ୟରେ ଗୀତଗୋବିନ୍ଦର ଲେଖକ ଭାବେ ବିଖ୍ୟାତ ଓଡ଼ିଶାର ଭୂମିପୁତ୍ର ଜୟ ଦେବଙ୍କଠାରୁ ବଙ୍ଗର ଲକ୍ଷ୍ମଣସେନଙ୍କ ସଭା ପଣ୍ଡିତ ଭାବେ ପ୍ରଚାରିତ ଜୟ ଦେବ କିପରି ଭିନ୍ନ ତାହା ମଧ୍ୟ ସେମାନେ ଚର୍ଚ୍ଚା କରିଛନ୍ତି । ଉଦାହରଣ ସ୍ୱରୂପ, ସଂସ୍କୃତ୍ ସାହିତ୍ୟକା ଇତିହାସ୍‌ରେ ବାଚସ୍ପତି ଗୈରୋଲା ରଖିଥିବା ନିର୍ଣ୍ଣୟ ଦ୍ରଷ୍ଟବ୍ୟ । ଲକ୍ଷ୍ମଣ ସେନଙ୍କ ସଂପର୍କରେ କହିବାକୁ ଯାଇ ସେ ଲେଖିଛନ୍ତି, ସୁପ୍ରସିଦ୍ଧ କାବ୍ୟକାର ଏବଂ ପୀୟୂଷବର୍ଷ ଉପାଧିପ୍ରାପ୍ତ ଜୟ ଦେବ ଏହାଙ୍କ ସଭାପଣ୍ଡିତମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ । ଏବଂ ଲକ୍ଷ୍ମଣ ସେନଙ୍କ ସଭାକବି ଥିବା ଜୟ ଦେବଙ୍କ ସଂପର୍କରେ କହିବାକୁ ଯାଇ ସେ ଲେଖିଛନ୍ତି, ସଂସ୍କୃତ ସାହିତ୍ୟର ଇତିହାସରେ ଏହାଙ୍କ ସ୍ଥାନ ଅତ୍ୟନ୍ତ ଉଚ୍ଚରେ । ପୀୟୂଷବର୍ଷ ଏହାଙ୍କ ଉପାଧି ଥିଲା । ମମ୍ମଟଙ୍କ ପରେ ଓ ବିଶ୍ୱନାଥ କବିରାଜଙ୍କ ପୂର୍ବରୁ ଦ୍ୱାଦଶ / ତ୍ରୟୋଦଶ ଶତାବ୍ଦୀମଧ୍ୟରେ ଏହାଙ୍କ କାଳ ନିରୂପଣ କରାଯାଇପାରେ । ଭୋଜଦେବ-ବାମାଦେବୀଙ୍କ ପୁତ୍ର ଗୀତଗୋବିନ୍ଦର କବି ଜୟ ଦେବଙ୍କଠାରୁ ଏ ଭିନ୍ନ ଥିଲେ । ଏ ରଚନା କରିଥିବା କାବ୍ୟନାମ ଚନ୍ଦ୍ରାଲୋକ । (पियुषबर्ष उनकी उपाधी थी । ये मम्मट के बाद और बिश्वनाथ से पहिले लगभग १२विं १३विं शताब्दी के बीच कही हुए । भोजदेब-बामादेबी के पुत्र *गीत-गोबिन्द* के रचयिता से ये भिन्न थे । इनके ग्रन्थ का नाम *चन्द्रालोक* है ।-संस्कृत् साहित्यका इतिहास्, चौखम्बा बिद्याभबन, बाराणसी, १९६०, पृष्ठा-५८८ और ९६२)

## ଓଡ଼ିଶୀ ଜୟ ଦେବ

ପୂର୍ବେ ଯେତେବେଳେ ଗୀତଗୋବିନ୍ଦ ପ୍ରେକ୍ଷାପଟରେ ଶ୍ରୀଜୟ ଦେବଙ୍କ ଜନ୍ମସ୍ଥାନକୁ ନେଇ କୌଣସି ବିବାଦ ନ ଥିଲା, ସେତେବେଳେ ଓଡ଼ିଶା ବାହାରର ଯେଉଁ ବିଦ୍ୱାନମାନେ ତାଙ୍କ ସଂପର୍କରେ କିଛି ଲେଖୁଥିଲେ ସେ ସମସ୍ତେ ତାଙ୍କୁ ଉତ୍କଳୀୟ ବୋଲି ହିଁ ଉଲ୍ଲେଖ କରିଥିଲେ । ଯଥା-

ଜଗନ୍ନାଥପୁରୀ ପ୍ରାନ୍ତେ ଦେଶେ ବୈ ଚୋତ୍କଳାଭିଧେ<br>
କିନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣସଂକୁଳଃ ।୨ ।<br>
ତତ୍ରୋତ୍କଳେ ଦ୍ୱିଜୋ ଜାତୋ ଜୟ ଦେବ ଇତି ଶ୍ରୁତଃ<br>
ବିଦ୍ୟାଭ୍ୟାସରତଃ ଶାନ୍ତଃ ପୁରୁଷୋତ୍ତମପୂଜକଃ ।୩ । (ଚନ୍ଦ୍ର ଦତ୍ତ ବିରଚିତ ଭକ୍ତମାଳା)

ସଂପ୍ରଦାୟ ପ୍ରଦୀପ ('History of Dharmasastra Literature' by Mahamahopadhyaya Dr. P. V. Kane, Vol.I, pp.660) ରେ ଗଦା ଦ୍ୱିବେଦୀ

orissamatters.com

ଶ୍ରୀଜୟ  ଦେବଙ୍କୁ ଉତ୍କଳଜାତ ବୋଲି ଦର୍ଶାଇଥିବା ବେଳେ ମହାରାଷ୍ଟ୍ରର ବିଦ୍ୱାନ ମହୀପତି ତାଙ୍କ ଭକ୍ତ ବିଜୟରେ ଜୟ  ଦେବଙ୍କୁ ବ୍ୟାସଙ୍କ ଅବତାର ବୋଲି କହି ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ ଶ୍ରୀକ୍ଷେତ୍ର ପୁରୀ ନିକଟରେ *ତିନ୍ଦୁବିଲ୍ୱ* ନାମକ ଗ୍ରାମରେ ସେ ଭୂମିଷ୍ଠ ହୋଇଥିବା ବର୍ଣ୍ଣନା କରିଛନ୍ତି । ହିନ୍ଦୀଭାଷାରେ ନାଭା ଜୀ ଲେଖିଥିବା  ଭକ୍ତମାଳା ଗ୍ରନ୍ଥରେ ମଧ୍ୟ ଶ୍ରୀଜୟ ଦେବଙ୍କୁ ଉତ୍କଳୀୟ ବୋଲି ଦର୍ଶାଯାଇଛି । ଏଗୁଡ଼ିକ କେବଳ କେତେକ ଦୃଷ୍ଟାନ୍ତ । ଅତଏବ ଓଡ଼ିଶା ବାହାରର ତଦାନୀନ୍ତନ ବିଦ୍ୱାନମାନେ ଗୀତଗୋବିନ୍ଦର ରଚୟିତା ଭାବେ ବିଦିତ ଶ୍ରୀଜୟ ଦେବଙ୍କୁ ଓଡ଼ିଆ ବୋଲି ଜାଣିଥିଲେ  ଓ ତଦନୁରୂପ ତାଙ୍କର ପ୍ରଚାର ବି କରିଥିଲେ ।  ଏହି ବିଦ୍ୱାନମାନଙ୍କ ସମସାମୟିକ କୌଣସି ସାହିତ୍ୟ ସାଧକ ବା ସଂସ୍କୃତ ସାହିତ୍ୟର ଅବଗାହୀ ବା ସାଧୁ ବା ଇତିହାସବିତ୍ ଏହି ଜୟ ଦେବଙ୍କୁ ଓଡ଼ିଶା ଭିନ୍ନ ଅନ୍ୟ କୌଣସି ରାଜ୍ୟର ଜନ୍ମିତ ବ୍ୟକ୍ତି ବା ଅଧିବାସୀ ଭାବେ  ବିଶେଷତଃ ବଙ୍ଗୀୟ ଭାବେ କେବେ କେଉଁଠି ଉଲ୍ଲେଖ ବା ଉପସ୍ଥାପିତ କରି ନାହାନ୍ତି । ଏପରିକି, ଏହି ସମୟର କୌଣସି ବଙ୍ଗୀୟ ବିଦ୍ୱାନ ମଧ୍ୟ ଏପରି କୌଣସି କଥା କେଉଁଠି ବି କହି ନାହାନ୍ତି । କାରଣ , ଯିଏ  ସଂପୂର୍ଣ୍ଣ ଉତ୍କଳୀୟ ତାଙ୍କୁ ଅନ୍ୟ କେଉଁ ପ୍ରାନ୍ତୀୟ ବୋଲି କିଏ ବା କାହିଁକି କହିବ?

## ସାଂସ୍କୃତିକ ରାହାଜାନି : ଆରମ୍ଭ ୧୯୧୬

କିନ୍ତୁ ଦୁରଭିସନ୍ଧି  ସଂପନ୍ନ କେତେକ ବଙ୍ଗାଳୀ ୧୯୧୬ ଖ୍ରୀଷ୍ଟାବ୍ଦରେ ଏପରି ଅମୂଳକ କଥା କହିବା ଆରମ୍ଭ କରିଥିଲେ । *ବଙ୍ଗୀୟ ସାହିତ୍ୟ ପରିଷଦ* ନାମକ ଏକ ସଂସ୍ଥା ଏହି ବର୍ଷ କଲିକତାରୁ ଜୟ ଦେବ ଚରିତ ନାମକ ଏକ ପୁସ୍ତକ ପ୍ରକାଶ କରି ଏହାକୁ ୧୮୦୧ ଖ୍ରୀଷ୍ଟାବ୍ଦରେ ବନମାଳୀ ଦାସ ନାମକ ଜଣେ କବି ରଚନା କରିଥିଲେ ବୋଲି ଦାବି କରିଥିଲେ  ଏବଂ  ଏହି ପୁସ୍ତକ  ଜରିଆରେ ଗୀତଗୋବିନ୍ଦର  ଜୟ ଦେବ  ବଙ୍ଗଳାରେ ଜନ୍ମ ହୋଇ ଥିଲେ ବୋଲି ଅପପ୍ରଚାର ଆରମ୍ଭ କରିଥିଲେ । ଯାହା ଜଣା ପଡୁଛି , ଜୟ  ଦେବଙ୍କ ସଂପର୍କରେ ଜାଲିଆତି କରିବାକୁ ବ୍ୟଗ୍ର କେତେକ ବଙ୍ଗାଳୀ ନିଜେ ଏହି ପୁସ୍ତକ ରଚନା କରି ତାହାର ମାନ୍ୟତା ବଢ଼ାଇବାକୁ ତାହାକୁ ଶତାବ୍ଦୀଏ  ପୂର୍ବର ବନମାଳୀ ଦାସ କୃତ ଗ୍ରନ୍ଥ ବୋଲି ଦର୍ଶାଇବାକୁ ଅପଚେଷ୍ଟା କରିଥିଲେ ।

ସାଂସ୍କୃତିକ ରାହାଜାନିର ଏହି ଦୁଃସାହସୀ ପ୍ରଚେଷ୍ଟା ସତ୍ତ୍ୱେ ସତ୍ୟ ଲୁଚି ନାହିଁ । ଏହି ପୁସ୍ତକର ପ୍ରଖ୍ୟାପକ ସ୍ୱୟଂ ସ୍ୱୀକାର କରିଛନ୍ତି ଯେ  କେଉଁ ପାଣ୍ଡୁଲିପିରୁ ଏ ପୁସ୍ତକ ପ୍ରସ୍ତୁତ ତାହା କାହାକୁ ଜଣା ନାହିଁ ବା କେଉଁଠି ହେଲେ ବି ତହିଁର କୌଣସି ନକଲ ନାହିଁ । ବୀର୍ ଭୂମ୍ ବିବରଣରେ  ବଙ୍ଗଭାଷାରେ ହିଁ ଏହି ତଥ୍ୟ ଅତି ସ୍ପଷ୍ଟ ଓ ଦୃଢ଼ ଭାବେ ଲିପିବଦ୍ଧ ହୋଇ ରହିଛି । কোন আদর্শ পুথি হইতে এই গ্রন্থ নকল করা হয় তাহা জানা যায় নাই । এ গ্রন্থ অন্য কোথা ব পাবয়া যায় নাই ।-বীরভূম বিবরণ, পৃ:২০৯ । ଅର୍ଥାତ୍ କେଉଁ ଆଦର୍ଶ ପୋଥିରୁ ଏହି ଗ୍ରନ୍ଥ ନକଲ କରାଯାଇଛି, ତାହା ଜଣାଯାଉ ନାହିଁ । ଏ ଗ୍ରନ୍ଥ ଅନ୍ୟ କେଉଁଠି

orissamatters.com

ମଧ୍ୟ ଉପଲବ୍ଧ ନୁହେଁ ।

ଅତଏବ ଶ୍ରୀଜୟ ଦେବଙ୍କୁ ବଙ୍ଗାଳୀ ବୋଲି ଯେଉଁ ଜୟଦେବ ଚରିତ ଗ୍ରନ୍ଥ ଉପରେ ନିର୍ଭର କରି ପ୍ରଚାର ଚାଲିଛି, ସେ ଗ୍ରନ୍ଥ ଏକ ଭିତ୍ତିହୀନ ଗ୍ରନ୍ଥ ଯାହାକୁ ଓଡ଼ିଶାର ଐତିହ୍ୟ ପ୍ରତି ଈର୍ଷାନ୍ୱିତ କେତେକ ବଙ୍ଗାଳୀ ଜାଣି ଜାଣି ଜାଲିଆତି କରି ୧୯୧୬ ଖ୍ରୀଷ୍ଟାବ୍ଦରେ ପ୍ରକାଶ କରିଥିଲେ । ଠିକ୍ ଏହି ବର୍ଷ ମଧ୍ୟ ଓଡ଼ିଶାର ବଜ୍ରଯାନୀ ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ଲିଖିତ ପ୍ରାଚୀନତମ ଓଡ଼ିଆ ଗୀତଗୁଡ଼ିକୁ ବଙ୍ଗଳା ଗୀତ ବୋଲି ଦର୍ଶାଇ ହର ପ୍ରସାଦ (ଭଟ୍ଟାଚାର୍ଯ୍ୟ) ଶାସ୍ତ୍ରୀ ନାମକ ଜଣେ ବ୍ୟକ୍ତି ବଙ୍ଗଳାଭାଷାର ପ୍ରାଚୀନତା ପ୍ରମାଣ କରିବାରେ ତହିଁର ଉପଯୋଗ କରିଥିଲେ ।

## ବଙ୍ଗରେ ପ୍ରାଚୀନ ଓଡ଼ିଆ ଭାଷା

ଇତିହାସ ସ୍ୱୀକାର କରେ ଯେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଓଡ଼ିଶାର ସୀମା ପରିବ୍ୟାପ୍ତ ଥିଲା । ଫଳରେ ଅନେକ ଓଡ଼ିଆ ବଙ୍ଗରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଧିପତ୍ୟ ବିସ୍ତାର କରି ରହିଥିଲେ । ଏବଂ, ସେଠାରେ ନିଜ ମାତୃଭାଷାର ପ୍ରସାର ଘଟାଇଥିଲେ । ସମୟର ଗଡ୍ଡାଳିକା ପ୍ରବାହରେ ଦୃଶ୍ୟପଟ ସମାନ ନ ଥିଲେ ମଧ୍ୟ, ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ସେଠାରେ ଓଡ଼ିଶାର ପ୍ରାଚୀନ ପ୍ରଭାବର ସୂଚନା ଦେଇଚାଲିଛି । ନିକଟରେ କଣ୍ଟାଇରୋଡ୍ ରେଲ ଷ୍ଟେସନ ପାଖରେ ଅବସ୍ଥିତ ବେଲ୍ଦା ନାମକ ଗ୍ରାମରୁ ମିଳିଥିବା ତାମ୍ର ଫଳକଟି ତହିଁରୁ ଅନ୍ୟତମ । ଏହା ଏବେ ନେପୁରସେନୀର ବିବେକାନନ୍ଦ ବିଦ୍ୟାଭବନର ଜଣେ ସହକାରୀ ଶିକ୍ଷକ ଶ୍ରୀ ବିମଲ କୁମାର ଶୀତ୍ଙ୍କ ପାଖରେ ରହିଛି । ଏହାର ଏକ ଫଟୋ www.orissamatters.comରେ ପ୍ରକାଶିତ ହୋଇଛି । ପ୍ରସିଦ୍ଧ ଶିଳାଲେଖବିତ୍ ଡଃ. ସ୍ନିଗ୍ଧା ତ୍ରିପାଠୀ ଏହି ତାମ୍ର ଫଳକକୁ ଏହିପରି ପାଠ କରିଛନ୍ତି :

ବୀରଶ୍ରୀ ପ୍ରତାପ କପୀଳେସରଦେବ ମାହାରାଜାଙ୍କ୍ର ସୁଭ ରାଜେ
ସମସ୍ତ ୨୪ ଶ୍ରାହି କକଡା ସୁ ୧୧ ବୁଧବାରେ ମାଲଜାଠି ପୋତାଇଲେ
ଏହି ବିସାଦତାକୁଇ ଆଶ୍ରା ଆଶଳାସିଙ୍ଘ ମାହାପାତ୍ରଙ୍କ୍ର ଖୋଳାଇଲା
ଏଥକୁ ପାଠ ଏହାଙ୍କ୍ର ଭାଇ ରତନସର ସେନା ଏଥକୁ କ୍ରଣ ସପନସ୍ର ପାଳ

ସ୍ନିଗ୍ଧାଙ୍କ ମତରେ ଏହି ଫଳକଟି ପଞ୍ଚଦଶ ଶତାବ୍ଦୀର ଏବଂ କପିଳେନ୍ଦ୍ର ଦେବଙ୍କ ସମୟରେ ଓଡ଼ିଆ ରାଜଭାଷା ହୋଇଗଲା ପରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ପଦାଧିକାରୀମାନେ ନିଜ ମାତୃଭାଷାରେ ଯେପରି ଫଳକ ଖୋଦନ ପ୍ରତି ଗୁରୁତ୍ୱ ଦେଉଥିଲେ ଏହା ତହିଁର ଏକ ନିଦର୍ଶନ । ଏଥିରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଓଡ଼ିଆ ଭାଷା ବଙ୍ଗଳାରେ ପ୍ରଚଳିତ ହୋଇସାରିଥିଲା ଏବଂ ସେହି କ୍ରମେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସହ ବଙ୍ଗ ଭୂମି ପରିଚିତ ଥିଲା ।

ମୋ ପରିବାର ପାଖରେ ମୋ ପ୍ରାଚୀନପୀଢ଼ିର ଦୀନବନ୍ଧୁ ପଟ୍ଟନାୟକଙ୍କ ରଚିତ

orissamatters.com

ଚାରୁପ୍ରଭାର ଯେଉଁ ମୂଳ ପୋଥି ଥିଲା ତାହା ଉଭୟ ଓଡ଼ିଆଭାଷାରେ ଏବଂ ଓଡ଼ିଆ ଲିପିରେ ଥିବା ବଙ୍ଗଳାରେ ଲେଖା ହୋଇଥିଲା । ମୋ ବାପାଙ୍କ ସଂପର୍କୀୟ ବଡ଼ଭାଇ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ମୋ ଠାରୁ ଏହି ପୋଥିର ଏହି ବୈଶିଷ୍ଟ୍ୟ ଅବଗତ ହୋଇ ତାହା ଦେଖିବାକୁ ଚାହିଁବାରୁ ମୁଁ ପୋଥିଟିକୁ ଆମ ଘରୁ ନେଇ ତାଙ୍କୁ କଟକଠାରେ ତାଙ୍କ ଜଗନ୍ନାଥ ବଲ୍ଲଭସ୍ଥ ବାସଭବନରେ ଦେଇଥିଲି । ତାଙ୍କଠାରୁ ହେଳାରେ ହେଳାରେ ପୋଥିଟି ଫେରାଇ ଆଣିପାରି ନ ଥିଲି; ତାଙ୍କର କାଳ ହୋଇଗଲା । ତାଙ୍କ ପାଣ୍ଡୁଲିପିଗୁଡ଼ିକ ସମେତ ସେ ସଂଗ୍ରହ କରିଥିବା ପୋଥିଗୁଡ଼ିକୁ ଓଡ଼ିଶା ସଂସ୍କୃତି ବିଭାଗ ତାଙ୍କ ଘରୁ ନେଇଗଲେ ତାଙ୍କ ନାମରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ କରି ସେଗୁଡ଼ିକୁ ତହିଁରେ ରଖିବାପାଇଁ । ତାହା କିନ୍ତୁ ହେଲା ନାହିଁ । ମୁଁ ସଂସ୍କୃତି ବିଭାଗକୁ ଯାଇ ମୋ ପୋଥିଟିର ସନ୍ଧାନ କରିବାକୁ ଚେଷ୍ଟା କରିଥିଲି । ଖୁରୁଧା ଲୁଙ୍ଗିରେ ବନ୍ଧା ଚାରୋଟି ବସ୍ତାନିରେ କବିଚନ୍ଦ୍ରଙ୍କ ଘରୁ ଆସିଥିବା ଦଲିଲ୍ ଦସ୍ତାବିଜ୍‌ଗଡ଼ିକ ଅଣଆଡ଼ିଆ ହୋଇ ଗଦା ହୋଇଥିଲା । ସେଥିରେ କୌଣସି ପୋଥି ନ ଥିଲା । ବହୁ କଥା ବି ନ ଥିଲା । ଉଦାହରଣ ସ୍ୱରୂପ, ଶ୍ରୀ ଜୟଦେବଙ୍କ ଓଡ଼ିଆତ୍ୱ ସାବ୍ୟସ୍ତ କରିବାପାଇଁ ସାଙ୍ଗୀତିକ ସଙ୍କେତର ଉପଯୋଗ କରି ସେ ଯେଉଁ ଗବେଷଣା ଗ୍ରନ୍ଥ ରଚନା ଚଳାଇ ରଖିଥିବା ମୁଁ ଦେଖିଥିଲି ତାହାକୁ ମଧ୍ୟ ମୁଁ ସେହି ବସ୍ତାନିଗୁଡ଼ିକ ମଧ୍ୟରେ ପାଇପାରିଲି ନାହିଁ । ସାଙ୍ଗୀତିକ ସଙ୍କେତାବଳୀର ଅବତାରଣା କରି ସେ ସେହି ନିବନ୍ଧରେ ଦର୍ଶାଉଥିଲେ ଯେ ଜୟ ଦେବ ବ୍ୟବହାର କରିଥିବା ଶବ୍ଦଗୁଡ଼ିକ ବଙ୍ଗାଳୀ ରୁଚି ସୁଲଭ ନୁହେଁ; ପରନ୍ତୁ ସର୍ବତୋଭାବେ ଓଡ଼ିଆ ରୁଚିସୁଲଭ । ତାଙ୍କ ପରି ତାଙ୍କର ଏହି ତର୍ଜମା ଥିଲା ମଧ୍ୟ ମୌଳିକ । ମୋତେ ଯେଉଁଦିନ ସେ ଏହା ଦେଖାଇଥିଲେ ସେଦିନକୁ ଏହା ସମାପ୍ତ ହୋଇ ନ ଥିଲା । ଶେଷ ପର୍ଯ୍ୟନ୍ତ ଏହା ସମାପ୍ତ ହୋଇଥିଲା କି ନିଷ୍ଠୁର କାଳ ଏହି ମୌଳିକ ତର୍ଜମାକୁ ସମାପ୍ତ ହେବାକୁ ଦେଇ ନ ଥିଲା ତାହା ମୁଁ ଜାଣିନି । ଯଦି ସମାପ୍ତ ହୋଇ ନ ଥିବ ତେବେ ବି ଯେତିକି ଲେଖାହୋଇଥିଲା ସେତିକି ବି ଥିଲା ଅକାଟ୍ୟ ଓ ଅମୂଲ୍ୟ । ମାତ୍ର ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଏହି ଅମୂଲ୍ୟ ପାଣ୍ଡୁଲିପିଟିକୁ ତାଙ୍କ ମୃତ୍ୟୁ ପରେ ତାଙ୍କ ଘରୁ ଆଣି ଚୋର ହାତରେ ଦେଇଦେଲେ । ଚୋର ବୋଲି ମୁଁ ଏଇଥିପାଇଁ କହୁଛି ଯେ, ତାଙ୍କ ଘରୁ ଆସିଥିବା ଦଲିଲ୍ ଦସ୍ତାବିଜ୍‌ମାନଙ୍କର ଏକ *ଅସଂପୂର୍ଣ୍ଣ* ତାଲିକା ସେତେବେଳେ ମୋତେ ମ୍ୟୁଜିୟମ ଅଧୀକ୍ଷକ ଦେଖାଇଥିଲେ । ତହିଁର ଗୋଟିଏ ପୃଷ୍ଠାର ଡାହାଣପଟ ଉପର କୋଣରେ ଏହି ପାଣ୍ଡୁଲିପିଟିକୁ ସଂସ୍କୃତି ନିର୍ଦ୍ଦେଶକ ନେଇଛନ୍ତି ବୋଲି ପେନସିଲ୍‌ରେ ଲେଖାଥିଲା । ସଂସ୍କୃତି ନିର୍ଦ୍ଦେଶକ ଭାବେ ଯିଏ ଥିଲେ ସେ ବଦଳି ହୋଇ ସାରିଥିଲେ । ସେ ଏହାକୁ ନେଇଥିଲେ ବୋଲି ପେନ୍‌ସିଲ୍‌ରେ ଟିପିଥିବା ବ୍ୟକ୍ତି ଥିଲେ ଜଣେ ମହିଳା । ସେ ସେତେବେଳକୁ ବିଦେଶକୁ ଚାଲିଯାଇଥିଲେ । ଏ ଉଭୟଙ୍କୁ ପତ୍ର ଲେଖି ପାଣ୍ଡୁଲିପିର ପୁନରୁଦ୍ଧାର କରିବାର ମନୋବୃତ୍ତି ବା ସାହସର ଲେଶମାତ୍ର ମୁଁ ଦେଖିଲିନି ସେହି ଅଧୀକ୍ଷକଙ୍କ ପାଖରେ । ଅନେକ ଦିନ ପରେ ଅବଶ୍ୟ ଦେଖିଲି ଯେ ସେହି

orissamatters.com

ପେନ୍‌ସିଲ୍ ଟିପାରେ ସଂଶିତ ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ଜୟ ଦେବଙ୍କ ଉପରେ ବିଶାରଦ ଜଣେ ଆଇ.ଏ.ଏସ୍. ଅଫିସରଭାବେ ପରିଚିତ ହେଉଛନ୍ତି । କାହାକୁ କ'ଣ କହିବା? ଥରେ ଅବଶ୍ୟ କଥାଟାକୁ ମୁଁ ପଦାରେ ପକାଇଥିଲି ବିଶିଷ୍ଟ ସାମ୍ବାଦିକ ଶ୍ରୀ ବରେନ୍ଦ୍ରକୃଷ୍ଣ ଧଳଙ୍କ ନେତୃତ୍ୱରେ ଆୟୋଜିତ କବିଚନ୍ଦ୍ରଙ୍କ ଜୟନ୍ତୀ ଉତ୍ସବରେ । ସେ ସଂସ୍କୃତି ନିର୍ଦ୍ଦେଶକ କିଏ ବୋଲି ଅଧ୍ୟାପକ ଜିତେନ୍ଦ୍ର ନାରାୟଣ ଦାଶ ଶ୍ରୋତାମଣ୍ଡଳି ଭିତରୁ ପ୍ରଶ୍ନ କରିଥିଲେ । ମୁଁ ତାଙ୍କ ନାମ ସୁବାସ ପାଣି ବୋଲି କହିଥିଲି ଓ ପାଣ୍ଡୁଲିପିଟିକୁ ସେ ଫେରାଇଲେଣି କି ନାହିଁ ତାହା ଜାଣିବାକୁ ଯୌଥ ଉଦ୍ୟମ ହେଉ ବୋଲି ଅନୁରୋଧ ବି କରିଥିଲି । ବହୁ ସାହିତ୍ୟିକ, ସାମ୍ବାଦିକ ଓ ପ୍ରଶାସକ ସେଠାରେ ଉପସ୍ଥିତ ଥିଲେ । ସେମାନେ ଯେ ମୋ କଥା ଶୁଣିପାରି ନ ଥିଲେ ତାହା ନୁହେଁ । କିନ୍ତୁ କଥାଟି ତା ପରେ ବା ଏବଯାଏଁ କେବେ ଆଗେଇପାରିଲା ନାହିଁ । ଓଡ଼ିଆ ସଂସ୍କୃତି ଉପରେ ନଦି ହୋଇ ପଡ଼ିଥିବା ଏପରିକା କଳାପାହାଡ଼ୀ ପ୍ରଭାବ ତଳେ କବିଚନ୍ଦ୍ର କାଳୀଚରଣଙ୍କ ନିଜସ୍ୱ ମୌଳିକ ଗବେଷଣାର ଲିପିରୂପ ସହ ତାଙ୍କ ପାଖରେ ମୋ ଠାରୁ ଯାଇ ରହିଯାଇଥିବା ଦୀନବନ୍ଧୁ ପଟ୍ଟନାୟକଙ୍କ ଦ୍ୱିଭାଷୀ କୃତି ଚାରୁପ୍ରଭା ବି କେଉଁ ଆଡ଼େ ଚାଲିଗଲା । କିନ୍ତୁ ମୋ ଜନ୍ମସ୍ଥାନ ଡିଗିରିଆର କେତେକ ବ୍ୟକ୍ତି ଯେ ଓଡ଼ିଆ ଅକ୍ଷରରେ ବଙ୍ଗଳା ଭାଷାରେ ଭାବ ବ୍ୟକ୍ତ କରି ନିଜର ସାରସ୍ୱତ ପରିସର ବଢ଼ାଇବାକୁ ଚେଷ୍ଟା କରିଥିଲେ ତାହା ବିଶ୍ୱଭାରତୀକୁ ଡିଗିରିଆ ରାଜା ଦାନକରିଥିବା ପୋଥିଗୁଡ଼ିକ ମଧ୍ୟରୁ କେତେକରେ ସୁସ୍ପଷ୍ଟ । ଉଦାହରଣ ସ୍ୱରୂପ, ଗୋବିନ୍ଦ ଦାସ ବିରଚିତ ଅଷ୍ଟରସ ନାୟିକା ବିବରଣ ।

ଡିଗିରିଆରୁ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଦ୍ୱାରା ନିଆଯାଇ ବଙ୍ଗରାଜ୍ୟର *ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟରେ ପାଣ୍ଡୁଲିପି ସଂଗ୍ରହାଳୟର ଅଙ୍କୁରୋଦ୍‌ଗମ* ଘଟାଇଥିବା ପ୍ରାଚୀନ ତାଳପତ୍ର ପୋଥିମାନଙ୍କ ମଧ୍ୟରୁ ଏହା ଅନ୍ୟତମ । ସଂସ୍କୃତରେ ରଚିତ ଏହି ପୋଥିରେ ରହିଛି ବଙ୍ଗ ଭାଷାରେ ପଦ୍ୟରୂପେ ତହିଁର ଅନୁବାଦ । ଏଥିରୁ ଏହା ହିଁ ସାବ୍ୟସ୍ତ ହେଉଛି ଯେ *ପ୍ରାଚୀନ କାଳରେ ବିଶେଷତଃ ଇଂରାଜୀ କବଳରେ ପଡ଼ି ପ୍ରଶାସନିକ ସ୍ତରରେ ବଙ୍ଗାଳୀମାନଙ୍କ ଷଡ଼ଯନ୍ତ୍ରର ଶିକାର ହେବାର ବହୁପୂର୍ବରୁ ଓଡ଼ିଆମାନେ ବଙ୍ଗରାଜ୍ୟରେ କେବଳ ନିଜ ଲିପି ପ୍ରଚଳିତ କରିଥିଲେ ସେତିକି ନୁହେଁ, ପରନ୍ତୁ ବଙ୍ଗଭାଷାରେ ଲେଖି ଓଡ଼ିଶାର ସାରସ୍ୱତ କ୍ରିୟାକଳାପ ସହ ବଙ୍ଗାଳୀମାନଙ୍କୁ ପରିଚିତ କରାଇବାକୁ ବି ଚେଷ୍ଟା କରିଥିଲେ ଓ ସେହି ଆଳରେ ଓଡ଼ିଆ ଅକ୍ଷର ସହ ବଙ୍ଗାଳୀମାନଙ୍କ ପରିଚୟ କେତେକ ସ୍ଥଳରେ ମଧ୍ୟ ସମ୍ଭବ ହୋଇଥିଲା ।* ଏହି କାରଣରୁ ପ୍ରାଚୀନ ଓଡ଼ିଆ ସାହିତ୍ୟ ବଙ୍ଗରାଜ୍ୟରେ ବିସ୍ତାର ଲାଭ କରିଥିଲା । ଓଡ଼ିଶା ଯେତେବେଳେ ବିଲାତି କବଳରେ ପଡ଼ି ନିଜର ଭୌଗୋଳିକ ସାନ୍ଦ୍ରତା ହରାଇବସିଥିଲା ଓ ବଙ୍ଗାଳୀମାନେ ବିଦେଶୀଙ୍କ ପ୍ରତି ଆନୁଗତ୍ୟ ହେତୁ ସୁବିଧାଜନକ ସ୍ଥିତିରେ ଥିଲେ, ସେତେବେଳେ ଏହାରି ସୁଯୋଗ ନେଇ ହର ପ୍ରସାଦ ଭଟ୍ଟାଚାର୍ଯ୍ୟ ଶାସ୍ତ୍ରୀଙ୍କ ପରି ବ୍ୟକ୍ତି ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ପ୍ରାଚୀନ ବଙ୍ଗଳା ସାହିତ୍ୟ ବୋଲି ଦେଖେଇବାରେ ଲାଗିଗଲେ ।

orissamatters.com

## ବୌଦ୍ଧଧର୍ମର ପ୍ରାଣକେନ୍ଦ୍ର ଓଡ଼ିଶା

ସନ ୧୮୫୯ ଜାନୁଆରୀ ମାସରେ ଓଡ଼ିଶା ପରିଭ୍ରମଣ କରିଥିବା Rev.J. Long ବୌଦ୍ଧ ଧର୍ମର ମୂଳ ଉତ୍ସ ସଂପର୍କରେ ନେପାଳ, ସିଂହଳ ଓ ଚୀନରେ ଚଳାଇଥିବା ଅନୁଧ୍ୟାନରୁ ଜାଣିଥିଲେ ଯେ ସେତେବେଳକୁ ଭାରତରେ ହିନ୍ଦୁଧର୍ମର ଭବ୍ୟ ଭୁବନ ବୋଲାଉଥିବା ଏବଂ ତାର ମୁଖ୍ୟ ଆକର୍ଷଣ ଭାବେ ଜଗନ୍ନାଥଙ୍କୁ ଧାରଣ କରିଥିବା *ଓଡ଼ିଶା ହିଁ ଯୁଗ ଯୁଗ ଧରି ରାଜା ପ୍ରଜା ନିର୍ବିଶେଷରେ ଥିଲା ବୌଦ୍ଧ ଧର୍ମର ପ୍ରାଣକେନ୍ଦ୍ର* । ଓଡ଼ିଶାର ସମସ୍ତ ପ୍ରଜା ଓ ରାଜନ୍ୟବର୍ଗଙ୍କ ଭିତରେ ବୌଦ୍ଧ ଧର୍ମ ହିଁ ସର୍ବମାନ୍ୟ ହୋଇ ରହିଥିଲା । ଏପରିକି **ଜଗନ୍ନାଥ ସ୍ୱୟଂ ଯେଉଁ ମନ୍ଦିରରେ ପୂଜା ପାଉଥିଲେ ତାହା ବୁଦ୍ଧଙ୍କ ମନ୍ଦିର ଭାବେ ବିଦିତ ଥିଲା** ଏବଂ ତାଙ୍କ ମୂର୍ତ୍ତି ଭିତରେ ୪ର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା ବୁଦ୍ଧଙ୍କ ଦନ୍ତ । ଏହି ଦନ୍ତକୁ ସ୍ୱଳ୍ପ ସମୟ ପାଇଁ ତଦାନୀନ୍ତନ ଉତ୍ତର ଭାରତର ରାଜଧାନୀ ପାଟନାକୁ ସ୍ଥାନାନ୍ତରିତ କରାହୋଇଥିଲେ ମଧ୍ୟ ପରବର୍ତ୍ତୀ କାଳରେ ତାହା ପୁନଶ୍ଚ ପୁରୀକୁ ଫେରାଇ ଅଣା ହୋଇଥିଲା । କିନ୍ତୁ ୩୧୧ ଖ୍ରୀଷ୍ଟାବ୍ଦରେ ବ୍ରାହ୍ମଣ୍ୟବାଦୀମାନଙ୍କ କବଳରୁ ନିରାପଦ ରଖିବାପାଇଁ ଓଡ଼ିଶାର ଏକ ରାଜକନ୍ୟା ନିଜ କବରୀରେ ଏହାକୁ ଲୁଚାଇ ସିଂହଳ ନେଇଯାଇଥିଲେ , କାରଣ *ବ୍ରାହ୍ମଣମାନଙ୍କ ଦାଉରୁ* ରକ୍ଷା ପାଇବାପାଇଁ ବୌଦ୍ଧମାନଙ୍କ ପାଇଁ ଏହା ହିଁ ହୋଇଉଠିଥିଲା ଆଶ୍ରୟସ୍ଥଳ । ("Anti-quarian enquiries in Nepal, Ceylon and China show that the Buddhism so noted in its regard for enlightening the masses and opposing caste, was for ages predominant all through Orissa both among rulers and the people, though Orissa be now the garden of the Hinduism and Jagannath its Jerusalem. Even Jagannath itself stands on the site of a Buddhist temple and contained the celebrated tooth of Buddha, which was kept there till the 4th century A.D.when it was carried for a short period to Patna, the ancient Palibothra then the capital of North India. It was soon after brought back to Puri, but on an invasion of the country, it was conveyed in A.D.311 by a king's daughter con-cealed in her hair to Ceylone, which was then becoming a place of refuge to the Buddhists from the Brahmin's rage."-Notes and Queries Suggested by a Visit to Orissa in January 1859 by Rev.J.Long:Journal of the Asiatic Society of Bengal, 1859, No.III, Vol.XXVIII,pp.185-187)ଏଥିରୁ ଜଣାପଡ଼େ, ବୌଦ୍ଧ ଧର୍ମର ପ୍ରାଣକେନ୍ଦ୍ର ଭାବେ ପ୍ରାଚୀନ

orissamatters.com

ଭାରତ ଓ ଭାରତବର୍ଷକୁ ଆସୁଥିବା ପରିବ୍ରାଜକମାନେ ଓଡ଼ିଶାକୁ ହିଁ ଜାଣିଥିଲେ ।

## ସେଥିପାଇଁ ନେପାଳ ସହ ସଂପର୍କ

ବୁଦ୍ଧଙ୍କ ଜନ୍ମସ୍ଥାନ ଭାବେ ଓଡ଼ିଶା ହିଁ ପ୍ରାଚୀନ ନେପାଳକୁ ଜଣାଥିଲା । ବୁଦ୍ଧଙ୍କୁ କେନ୍ଦ୍ରକରି ଓଡ଼ିଶା ହିଁ ନେପାଳ ସହ ସଂପର୍କ ସ୍ଥାପନ କରିଥିଲା । ଏହି ସଂପର୍କ ସମୟକ୍ରମେ ଏପରି ନିବିଡ଼ ହୋଇଉଠିଥିଲା ଯେ  ଏବେ ମଧ୍ୟ ଭାରତର କୌଣସି ରାଜ୍ୟ ସହ ଯଦି ନେପାଳର ନିବିଡ଼ ଓ ପ୍ରତ୍ୟକ୍ଷ ସଂପର୍କ ଅଛି ତାହା ହେଲା କେବଳ ଓଡ଼ିଶା  । ଗୁରୁଦେବ ବୁଦ୍ଧହିଁ ଶ୍ରୀଜଗନ୍ନାଥ (ଜ୍ଞାନସିଦ୍ଧି) । ତାଙ୍କ ଅଙ୍ଗ ମାଜଣା ପାଇଁ  ନେପାଳରାଜା କସ୍ତୁରୀ ପଠାଇବା ପରଂପରା ରହିଛି ଏବଂ ନେପାଳ ନରେଶ ଶ୍ରୀଜଗନ୍ନାଥଙ୍କ ଛାମୁରେ ଓଡ଼ିଶାର ଗଜପତି ମହାରାଜାଙ୍କ ସମତୁଲ ପୂଜାର୍ପଣ  ଅଧିକାର ଲାଭକରି ଆସିଛନ୍ତି  । ଏହାର  ଅନ୍ତର୍ନିହିତ ରହସ୍ୟ  ଏବେ  ପଦାକୁ ଆସିବା ଉଚିତ । ଏଥିପାଇଁ ଜଗନ୍ନାଥ ବଳୟରେ ତିଗିରିଆର ସ୍ଥାନ ଆମକୁ ସାହାଯ୍ୟ କରିବ ।

ଉଲ୍ଲେଖନୀୟ ଯେ, ଶ୍ରୀ ଜଗନ୍ନାଥବୁଦ୍ଧଙ୍କ ଗୁଢ଼ତତ୍ତ୍ୱ ରକ୍ଷାରେ ସର୍ବୋଚ୍ଚ ସହାୟତା ଦେଇଥିବା ରାଜା ବା ରାଜବଂଶକୁ  ଓଡ଼ିଶା ସାମ୍ରାଜ୍ୟ ବିଶେଷ ବୈଶିଷ୍ଟ୍ୟସଂପନ୍ନ ଅଧିକାର ପ୍ରଦାନ ଦ୍ୱାରା ସମ୍ମାନିତ କରୁଥିଲା ଓ ଏହି ସମ୍ମାନର ମର୍ମ କେବଳ ଗଜପତିଙ୍କ ଗୋଚରୀଭୂତ ହୋଇ ରହୁଥିଲା । ଗଜପତିଙ୍କର ଏହି ଭୂମିକା ତାଙ୍କ ବ୍ୟକ୍ତିଗତ ବିଜ୍ଞତାଦ୍ୱାରା ସଞ୍ଚାଳିତ ହେଉଥିଲା ଏବଂ ପ୍ରଶ୍ନାତୀତ ହୋଇ ରହୁଥିଲା । କାରଣ ଶ୍ରୀ ଜଗନ୍ନାଥଙ୍କ ସଂପର୍କରେ ସଂପୂର୍ଣ୍ଣ ଗୋପନୀୟତା ରକ୍ଷା ଓଡ଼ିଆ ଜାତି ପକ୍ଷେ ଥିଲା ତାର ଅପରିହାର୍ଯ୍ୟ ଜାତୀୟ କର୍ତ୍ତବ୍ୟ ।

ଏହି  କାରଣରୁ ଶ୍ରୀ ଜଗନ୍ନାଥଙ୍କ ସେବକ ଭାବେ ଗଜପତିଙ୍କ ପରେ ସର୍ବୋଚ୍ଚ ପଦବୀର ବଂଶାନୁକ୍ରମିକ ଅଧିକାରୀ ହୋଇଥିଲେ  ଓଡ଼ିଶାର କ୍ଷୁଦ୍ରତମ ଗଡ଼ଜାତ *ତିଗିରିଆ*ର ରାଜା । ଭାରତ ସହ ଗଡ଼ଜାତଗୁଡ଼ିକର ମିଶ୍ରଣ ହୋଇଯିବା ପରେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିଥିବା ତିଗିରିଆର ଅତ୍ୟନ୍ତ ସ୍ୱାଭିମାନୀ ଶେଷ ରାଜା କ୍ଷତ୍ରିୟ ବୀରବର ବ୍ରଜରାଜ ଚମ୍ପୂପତି ସିଂହ ମହାପାତ୍ର ଏହି ଅଧିକାର ସ୍ୱତଃ ବର୍ଜନ କରିଛନ୍ତି; କାରଣ ତାଙ୍କ ମତରେ ଏହି ଅଧିକାର ତିଗିରିଆ ରାଜାଙ୍କୁ ଉପଲବ୍ଧ ଥିଲା, ରାଜପଦ ପରିତ୍ୟାଗ କରିଥିବା କୌଣସି ବ୍ୟକ୍ତିଙ୍କୁ ନୁହେଁ । ଏହା ସେ ମୋତେ ନିଜେ କହିଛନ୍ତି । କିନ୍ତୁ ଇତିହାସ ଏହାର ସାକ୍ଷୀ ହୋଇ ରହିଛି ଯେ ସେ ହିଁ ଥିଲେ ଓଡ଼ିଶାର ଗଜପତିଙ୍କ ପଛକୁ ଶ୍ରୀ ଜଗନ୍ନାଥଙ୍କ ସର୍ବୋଚ୍ଚ ସେବକ । ଶ୍ରୀମନ୍ଦିର ଖସଡ଼ାରେ କାର୍ଯ୍ୟନିର୍ବାହୀ ବ୍ୟବସ୍ଥାକୁ ଦୁଇ ଭାଗରେ ସଂସ୍ଥିତ କରାଯାଇଥିଲା । ପ୍ରଶାସନ ଓ ସେବାୟତ । ସେବାୟତଙ୍କର ଦୁଇ ପ୍ରକାର ଶ୍ରେଣୀ ବିଭାଗ ଥିଲା: ଖଟଣି ସେବାୟତ ଓ କୋଠ ସେବାୟତ । ଏହି ଦ୍ୱିବିଧ ସେବାୟତ ବହୁ ଶାଖା ପ୍ରଶାଖାରେ ବିଭକ୍ତ ଥିଲେ । ମାତ୍ର ପ୍ରଶାସନର କୌଣସି ଶ୍ରେଣୀ ବିଭାଗ ନ ଥିଲା । ଏହାର ମୁଖ୍ୟାଧିପତି ଥିଲେ କେବଳ ରାଜା (ଗଜପତି) । ତାଙ୍କ ପରେ ସ୍ଥାନ ପାଇଥିଲେ ବଡ଼ ପରିଛା । ବଡ଼ ପରିଛାଙ୍କ ପଛକୁ ରାଜଗୁରୁଙ୍କ ସ୍ଥାନ ।(Temple

orissamatters.com

administration: The Cult of Jagannatha by K.C.Mishra, Calcutta, 1971,p.127 ) ଏବଂ ଏହି ବଡ଼ ପରିଛା ଥିଲେ କେବଳ ତିଗିରିଆର ରାଜା । (Tigiria State/History: Orissa Feudatory States by L.E.B. Cobden-Ramsay) ଡମପଡ଼ା ରାଜାଙ୍କୁ ପରାଜିତ କରିବାରେ ଓଡ଼ିଶା ସମ୍ରାଟଙ୍କୁ ସାହାଯ୍ୟ କରିଥିବାରୁ ତାଙ୍କୁ ଏହି ବଂଶାନୁକ୍ରମିକ ପଦବୀ ଦିଆଯାଇଥିବା କଥା ଯାହା ଏଥିରେ ଉଲ୍ଲେଖ ଅଛି ତାହା ଗ୍ରହଣଯୋଗ୍ୟ ନୁହେଁ । କାରଣ ଡମପଡ଼ା ଏକ ରାଜ୍ୟ ନ ଥିଲା । ବାଙ୍କୀକୁ ଲାଗି ଏହା ଥିଲା ଏକ କ୍ଷୁଦ୍ରାଦପିକ୍ଷୁଦ୍ର ଗଡ଼ । ଓଡ଼ିଶା ସମ୍ରାଟଙ୍କ ବିରୁଦ୍ଧରେ ଏହା ଯୁଦ୍ଧ ଘୋଷଣା କରିବାକୁ ସାହସ କରିବାର ବି ସମ୍ଭାବନା ନ ଥିଲା । ଏପରି ଏକ ଲେଣ୍ଟି ଗଡ଼କୁ ପରାଭୂତ କରିବାରେ ଓଡ଼ିଶା ସମ୍ରାଟଙ୍କୁ କେବଳ ତିଗିରିଆ ରାଜା ହିଁ ସାହାଯ୍ୟ କରିଥିବା ଓ ସେଥିପାଇଁ ତାଙ୍କୁ ଓଡ଼ିଶାର ରାଜଗୁରୁଙ୍କ ପଦମର୍ଯ୍ୟାଦାଠାରୁ ମହତ୍ତର ମର୍ଯ୍ୟାଦା ମିଳିଥିବା ଓ ସେହି ପଦମର୍ଯ୍ୟାଦାକୁ ବଂଶାନୁକ୍ରମେ ସେ ବଳବତ୍ତର ରଖିପାରିବାର ଅଧିକାର ପାଇଥିବା ବିଶ୍ୱାସ କରାଯାଇ ନ ପାରେ । ତାଙ୍କୁ କାହିଁକି ଏହି ମହାର୍ହ ପଦବୀ ମିଳିଥିଲା ତହିଁର ତଥ୍ୟ ଜନସମ୍ମୁଖରେ ମୁଁ ପୂର୍ବରୁ ରଖିଛି । ମୋଗଲ ବାଦସାହଙ୍କ ଲୋଲୁପ ଦୃଷ୍ଟିରୁ ଶ୍ରୀ ଜଗନ୍ନାଥଙ୍କୁ ଲୁଚାଇ ରଖିବାପାଇଁ ତିଗିରିଆ ରାଜା ଯେଉଁ ଅନନ୍ୟ ଭୂମିକା ନିର୍ବାହ କରିଥିଲେ ତାହାରି ସମ୍ମାନରେ ତାଙ୍କୁ ଏହି ଈର୍ଷଣୀୟ ପଦମର୍ଯ୍ୟାଦା ମିଳିଥିଲା । (ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ: ନିଖୋଜ ଶ୍ରୀଜଗନ୍ନାଥଙ୍କ ସ୍ଥାୟୀ ନିବାସ ତିଗିରିଆ, ସଂବାଦ, ୨୩ ।୫ ।୧୯୯୭)

ଠିକ୍ ଏହି ପରି ଏକ ଭୂମିକା ନିର୍ବାହ କରିଥିବା ହେତୁ ନେପାଳ ରାଜାଙ୍କୁ ଶ୍ରୀ ଜଗନ୍ନାଥଙ୍କ ଛାମୁରେ ଗଜପତିଙ୍କ ସମକକ୍ଷ ସ୍ୱତନ୍ତ୍ରାଧିକାର ମଧ୍ୟ ମିଳିଛି । ଶ୍ରୀ ଜଗନ୍ନାଥ ଯେହେତୁ ବୁଦ୍ଧ ଓ ବୁଦ୍ଧଙ୍କ ମତାଦର୍ଶ ଧ୍ୱଂସ କରିବାକୁ ଦୈବବାଦୀମାନେ ଯେହେତୁ ଉଦଗ୍ର ଚକ୍ରାନ୍ତ ଚଳାଇଥିଲେ ସେହେତୁ ସେହି ସ୍ଥିତିରେ ବୁଦ୍ଧଙ୍କ ସ୍ମୃତିର ପବିତ୍ରତା ରକ୍ଷାରେ ନିର୍ଦ୍ଦିଷ୍ଟ ଭୂମିକା ନିର୍ବାହ କରି ଏବଂ ପ୍ରସିଦ୍ଧ ଚୌରାଶୀ ପୀଠର ସିଦ୍ଧାଚାର୍ଯ୍ୟମାନଙ୍କୁ ଆତ୍ମଗୋପନ କରିବାକୁ ସାହାଯ୍ୟ କରି ନେପାଳ ରଜା ଶ୍ରୀ ଜଗନ୍ନାଥଙ୍କ ବିଶିଷ୍ଟ ସେବକ ଭାବେ ସ୍ୱୀକୃତ ହୋଇଥିବା ନିଃସନ୍ଦେହ ।

ପାରିପ୍ରେକ୍ଷିକ ବିଶ୍ଳେଷଣ ଏହା ହିଁ ସୂଚାଏ । ଉଗ୍ରପନ୍ଥୀ ଦୈବବାଦୀମାନେ ବୁଦ୍ଧଙ୍କ ପବିତ୍ର ଜନ୍ମସ୍ଥାନ ଭୁବନେଶ୍ୱରସ୍ଥ କପିଳବାସ୍ତୁ ( ଅଧୁନା କପିଳେଶ୍ୱର )କୁ କାଳେ ଅପବିତ୍ର କରିପକାଇବେ ଏହି ଭୟରେ ନେପାଳର ତରାଇ ଅଞ୍ଚଳରେ ବୁଦ୍ଧଙ୍କ ଜନ୍ମ ସୂଚକ ଏକ ସ୍ତମ୍ଭଲିପି ରୋପଣ କରିବାରେ ନେପାଳର କୌଣସି ଏକ (ଅଦ୍ୟାବଧି ଅଜ୍ଞାତ) ରାଜା ସାହାଯ୍ୟ ନିଶ୍ଚୟ କରିଥିଲେ । ଏବଂ ସେଥିପାଇଁ ସେ ନିଶ୍ଚୟ ଓଡ଼ିଆ ଜାତିର କୃତଜ୍ଞତାର ଅଧିକାରୀ ହୋଇଉଠିଥିଲେ । ପରେ ଆମେ ଦେଖିବା, ଉଗ୍ର ବ୍ରାହ୍ମଣ୍ୟବାଦୀ କେଶରୀ ରଜାଙ୍କ ଦ୍ୱାରା ୬୬୭ ଜଣ ସାଥୀ ବୌଦ୍ଧ ସାଧକ ନିହତ ହେଲା ପରେ ଚୌରାଶୀଧାମର ଆଦି

orissamatters.com

ସିଦ୍ଧାଚାର୍ଯ୍ୟମାନଙ୍କ ଦର୍ଶନାଧିକାରୀ ସିଦ୍ଧମାନେ କିପରି ଆତ୍ମଗୋପନ କରି ରହିଥିଲେ । ସେମାନଙ୍କ ଦୋହାର କେତେକାଂଶ ନେପାଳରୁ ମିଳିଥିବାରୁ ସ୍ପଷ୍ଟ ହୋଇଯାଇଛି କି, ନେପାଳ ହିଁ ସେମାନଙ୍କୁ ଏପରି ଆତ୍ମଗୋପନ କରିବାରେ ସାହାଯ୍ୟ କରି ଓଡ଼ିଶାର କୃତଜ୍ଞତା ଅର୍ଜନ କରିଥିଲା । ଏହି କୃତଜ୍ଞତାର ଚିହ୍ନ ସ୍ୱରୂପ ପରେ କୌଣସି ବୁଦ୍ଧାନୁରକ୍ତ ଗଜପତି ନେପାଳ ନରେଶଙ୍କୁ ଏହି ସମ୍ମାନଜନକ ଅଧିକାର ଦେଇଥିବା ସୁନିଶ୍ଚିତ । ତା ନ ହେଲେ, ଏତେ ରାଜାଙ୍କ ଭିତରୁ କେବଳ ନେପାଳରାଜା ହିଁ କାହିଁକି ଜଗନ୍ନାଥ-ବୁଦ୍ଧଙ୍କ ଅନ୍ତରଙ୍ଗ ସେବକର ମର୍ଯ୍ୟାଦା ପାଇପାରିଥାନ୍ତେ ? ନେପାଳ ରାଜା ଓ ଓଡ଼ିଶା ଗଜପତିଙ୍କ ଏହି ଆପୋଷ ବୁଝାମଣା ପ୍ରସୂତ ପଦକ୍ଷେପ ପରବର୍ତ୍ତୀ କାଳରେ ଅବଶ୍ୟ ବୁଦ୍ଧଙ୍କ ଜନ୍ମ ବୃତ୍ତାନ୍ତକୁ ବିଭ୍ରଷ୍ଟ କରି ଦେଇଛି , କିନ୍ତୁ ଏତଦ୍ୱାରା ବୁଦ୍ଧଙ୍କ ପ୍ରକୃତ ଜନ୍ମସ୍ଥାନ ଓଡ଼ିଶାର କପିଳେଶ୍ୱର ଯେ ଉଗ୍ରପନ୍ଥୀ ବୈଦବାଦୀମାନଙ୍କ ଆଖି ଆଢୁଆଳରେ ବହୁକାଳ ନିରାପଦ ରହିପାରିଥିଲା ଏଥିରେ ସନ୍ଦେହର ଅବକାଶ ନାହିଁ ।

## ଚୌରାଶୀ ସିଦ୍ଧାଚାର୍ଯ୍ୟ ଓଡ଼ିଶାର

ବଜ୍ରଯାନ ତତ୍ତ୍ୱର ମହାପ୍ରବକ୍ତା ଓଡିଶାର ଚୌରାଶୀ ସିଦ୍ଧାଚାର୍ଯ୍ୟଙ୍କୁ କିପରି ସ୍ୱଧାମ ଛାଡ଼ି ନେପାଳରେ ଆତ୍ମଗୋପନ କରିବାକୁ ହୋଇଥିଲା ତାର ସୂଚନା ଦିଆଯାଇଛି । ପରେ ତହିଁର ଆଲୋଚନା କରିବା । ଏମାନଙ୍କ ହେତୁ ନେପାଳରେ ଓ ତିବ୍ବତରେ ବୌଦ୍ଧ ରହସ୍ୟର ପ୍ରସାରଣ ଘଟିଥିଲା । ଏହି ଓଡ଼ିଆ ସିଦ୍ଧାଚାର୍ଯ୍ୟମାନେ ଚୌରାଶୀ ସିଦ୍ଧ ଭାବେ ବିଖ୍ୟାତ ।

ବୌଦ୍ଧକ୍ଷେତ୍ର କୋଣାର୍କ ପାଖରେ *ଚୌରାଶୀ* ନାମକ ଏକ ଗ୍ରାମ ଅଛି । ବୌଦ୍ଧତନ୍ତ୍ରର ଆରାଧ୍ୟା *ବରାହୀ* ଏଠାର ଅଧିଷ୍ଠାତ୍ରୀ । ବୌଦ୍ଧତନ୍ତ୍ର ବୁଦ୍ଧଙ୍କୁ *ହେରୁକ* ନାମରେ ନାମିତ କରିଥିବା ବେଳେ *ହେରୁକଙ୍କ ଶକ୍ତି ଭାବେ ବରାହୀ ସଂପୂଜିତା* । ବଜ୍ରଯାନ ବିଶେଷତଃ କାମବଜ୍ରଯାନର ଅନ୍ୟତମ ସ୍ନାୟୁକେନ୍ଦ୍ର ଥିଲା ଏହି ସ୍ଥାନ । *ସେଥିପାଇଁ ଏହି ସ୍ଥାନରେ ସକ୍ରିୟ ଥିବା ସିଦ୍ଧ ସାଧକମାନେ ଗୁରୁଶିଷ୍ୟ ଉତ୍ତରାଧିକାର ସୂତ୍ରରେ ଚୌରାଶୀ ସିଦ୍ଧାଚାର୍ଯ୍ୟ ଭାବେ ପ୍ରକୀର୍ତ୍ତିତ* । ଯେମିତି ଓଡ଼ିଶାର ସମ୍ରାଟଙ୍କୁ ଓଡ଼ିଶା ସମ୍ରାଟ ବା ତିଗିରିଆର ରାଜାଙ୍କୁ ତିଗିରିଆ ରାଜା ବୋଲି କୁହାହେଉଥିଲା, ସେମିତି ଚୌରାଶିଗ୍ରାମ ବା ପୀଠର ସିଦ୍ଧ ଆଚାର୍ଯ୍ୟମାନଙ୍କୁ ଚୌରାଶି ସିଦ୍ଧାଚାର୍ଯ୍ୟ ବୋଲିହିଁ କୁହାହେଉଥିଲା । ପୁରୀରେ ପ୍ରତିଷ୍ଠିତ ହେବା ପୂର୍ବରୁ ଗୁରୁଦେବ ବୁଦ୍ଧଙ୍କୁ ସିଦ୍ଧାଚାର୍ଯ୍ୟ ଶବରୀପାଦ ଏହିଠାରେ ଆଦିବାସୀର ମାତୃ-ମାଦଳାରେ ସମନ୍ୱିତ କରିଥିଲେ ଏବଂ ଚୌରାଶୀ ସିଦ୍ଧ ଏହାକୁ ଅନୁମୋଦନ କରି ଏହିଠାରେ ହିଁ ପୂଜା କରୁଥିଲେ । ଶ୍ରୀ ଇନ୍ଦ୍ରଭୂତି ଏହିଠାରେ ଏହିପରି ଭାବେ ବୁଦ୍ଧାୟିତ ବିଗ୍ରହଙ୍କୁ ଗୁରୁଦେବ ବୁଦ୍ଧ-ଜଗନ୍ନାଥ ବୋଲି ନମସ୍କାର କରି ବଜ୍ରଯାନ ପ୍ରବର୍ତ୍ତନ କରିଥିଲେ ଓ ସେ ରଜା ହୋଇଥିବା ହେତୁ ଅଚିରେ ଏହା ଓଡ଼ିଶାର ରାଜଧର୍ମରେ ରୂପାୟିତ ହୋଇ ସାରା ଓଡ଼ିଶା ହୋଇଉଠିଥିଲା ତନ୍ତ୍ରର ପ୍ରୟୋଗଶାଳା । *ଗୁରୁଦେବ ବୁଦ୍ଧ ଚୌରାଶୀ ସିଦ୍ଧଙ୍କ ଦ୍ୱାରା ମାତୃ-ମାଦଳାରେ ଏପରି ସମନ୍ୱିତ ହୋଇଥିବା*

orissamatters.com

*ହେତୁ ଶ୍ରୀ ଜଗନ୍ନାଥଙ୍କ ଅବୟବ ଚୌରାଶୀ ପବ ।* ଏହି ଚୌରାଶୀ ପ୍ରଭାବରେ ପରିପୁଷ୍ଟ ଶ୍ରୀ ଜୟ ଦେବ ତାଙ୍କ ଲଳିତ ଅଷ୍ଟପଦୀଗୁଡ଼ିକରେ ରାଧାର ରତିଚକ୍ର ଉପସ୍ଥାପନ କରିବାକୁ ଯାଇ *ସମୁଦାୟ ଚୌରାଶୀ ଥର ହିଁ ନାୟକର ନାମୋଲ୍ଲେଖ* କରିଛନ୍ତି । ଏହା ଆକସ୍ମିକ ନୁହଁ, ଇଛାକୃତ । ତାଙ୍କ ଜନ୍ମାଞ୍ଚଳର ଚୌରାଶିଠାରେ ବିକଶିତ ଦର୍ଶନତତ୍ତ୍ୱ ଆପଣାଇ ସେ ଏହା କରିଛନ୍ତି ।

ନେପାଳକୁ ଚାଲିଯାଇଥିବା  ସିଦ୍ଧାଚାର୍ଯ୍ୟମାନଙ୍କ ମଧ୍ୟରୁ ୨୩ ଜଣଙ୍କ ରଚନା ଶାସ୍ତ୍ରୀ ହାତେଇଲାବେଳେ ସେଗୁଡ଼ିକ ସେଠାରେ ସେତେବେଳେ  ଚୌରାଶି ସିଦ୍ଧଙ୍କ ରଚନା ଭାବେ ଖ୍ୟାତ ଥିଲା । ସେଗୁଡ଼ିକ ଓଡ଼ିଆ ରଚନା ଜାଣି ବି ମନ୍ଦ ମତଲବ ରଖି ସେ ତ ସେଗୁଡ଼ିକୁ ବଙ୍ଗଳା ଭାଷାର ଆଦି ରଚନା ବୋଲି ପ୍ରଚାର କରିଦେଲେ । ମାତ୍ର ତହିଁର ଲେଖକମାନେ ସେମାନଙ୍କ ମୂଳ ନିବାସର ନାମାନୁସାରେ ଯେ ଚୌରାଶି ସିଦ୍ଧ ଭାବେ ସୁଖ୍ୟାତ ଥିଲେ ତାହା ତ ତାଙ୍କୁ ଜଣା ନଥିଲା । ଫଳରେ  ଚୌରାଶିକୁ ଏକ ସଂଖ୍ୟା ଭାବେ ନେଇ ସେ ଯେଉଁ ଭୁଲ କରିଗଲେ ତାହା ସାବ୍ୟସ୍ତ କରିବାକୁ ଯଥେଷ୍ଟ ଯେ ସେହି ସିଦ୍ଧମାନଙ୍କୁ ବଙ୍ଗାଳି ବୋଲି ସେ କରିଥିବା ଦାବୀ ସେମାନଙ୍କ ସଂପର୍କରେ ତାଙ୍କର ସଂପୂର୍ଣ୍ଣ ଅଜ୍ଞତାରୁହିଁ ଉଦ୍ଭୁତ ହୋଇଥିଲା ।

http://orissamatters.com/news/index.php/2002/12/09/doha/ ରେ ଏହି ତଥ୍ୟ ପ୍ରଥମଥରପାଇଁ ଉନ୍ମୋଚିତ ହୋଇସାରିଛି । ଏହି ସିଦ୍ଧାଚାର୍ଯ୍ୟମାନେ ନିଜ ମାତୃଭାଷା ଓଡ଼ିଆରେ ବିଭିନ୍ନ ଗୀତ ଓ ଦୋହା ରଚନା କରି (ଆଶ୍ଚର୍ଯ୍ୟଚର୍ଯ୍ୟାଚୟ, ଡଃ କରୁଣାକର କର) ଭାରତର ବିଭିନ୍ନ ସ୍ଥାନରେ ବୌଦ୍ଧ ରହସ୍ୟ ପ୍ରଚାର କରିଥିଲେ । ନେପାଳରେ ମଧ୍ୟ ।  ବ୍ରାହ୍ମଣ୍ୟବାଦୀମାନଙ୍କ ଜହ୍ଲାଦ ଭାବେ କାର୍ଯ୍ୟ କରୁଥିବା କେଶରୀ ରଜାଙ୍କ ବୌଦ୍ଧହନନ ଅଭିଯାନରେ ୬୬୭ ଜଣ ପ୍ରସିଦ୍ଧ ବୌଦ୍ଧଶ୍ରମଣ ନିହତ ହେବା ପରେ ୮୫ଜଣ *ଚୌରାଶି ସିଦ୍ଧାଚାର୍ଯ୍ୟ* ଆତ୍ମଗୋପନ କରିଥିଲେ । ସେହି ସମୟରେ ଏମାନେ ବା ଏମାନଙ୍କ ଭିତରୁ କେହି କେହି ନେପାଳକୁ ପଳାୟନ କରିଥିବା ଅତି ସ୍ୱାଭାବିକ । **ନେପାଳରେ ଆଶ୍ରୟ ନେଇଥିବା ସିଦ୍ଧାଚାର୍ଯ୍ୟ ମାନେ ମନେ ପକାଇ ପକାଇ ନିଜ ନିଜ ସାଥୀ ସିଦ୍ଧାଚାର୍ଯ୍ୟମାନଙ୍କ ରଚିତ ଦୋହାଗୁଡ଼ିକୁ ପ୍ରକଟ କରିଥିବା ସ୍ୱାଭାବିକ  ଏବଂ ଏହି ହେତୁ ନେପାଳରେ ଏହି ଦୋହାଗୁଡ଼ିକ ଚୌରାଶୀ ସିଦ୍ଧାଚାର୍ଯ୍ୟଙ୍କ ଦୋହା ଭାବେ ମାନ୍ୟତା ପାଇଥିବା ସ୍ୱାଭାବିକ । ଏଗୁଡ଼ିକ ଲିପିବଦ୍ଧ ଥିବା ଏକ ପୋଥି ଅକସ୍ମାତ ପାଇଯାଇ ଏଗୁଡ଼ିକ ଓଡ଼ିଆ ଭାଷାର ବୋଲି ଜାଣି ମଧ୍ୟ  ହର ପ୍ରସାଦ ଭଟ୍ଟାଚାର୍ଯ୍ୟ ଏ ସବୁ ବଙ୍ଗ ଭାଷାର ଆଦି ରଚନା ବୋଲି ପ୍ରଚାର କରିଦେଲେ ।** ବିଲାତି ଗୋରାଙ୍କ ସହ ବଙ୍ଗାଳୀଙ୍କ ଚାକିରୀଆ ସଂପର୍କ ଏଥିପାଇଁ ତାଙ୍କୁ ସହାୟକ ହେଲା । କିନ୍ତୁ ଇତିହାସ ବିଭ୍ରାନ୍ତ ହୋଇଗଲା  । ଯେପରି ଜୟ ଦେବଙ୍କ କ୍ଷେତ୍ରରେ ହୋଇଛି ।

ଏପରି ଅପକର୍ମ ସେମାନେ କଲେ କାହିଁକି? କ'ଣ ଏହାର ମୂଳ କାରଣ? ଏହି ମୂଳ

orissamatters.com

କାରଣ ଦେଖାଯିବା ନିହାତି ଦରକାର । କାରଣ ମୂଳ କାରଣ ନ ଥାଇ କୌଣସି ଅପକର୍ମ ହୁଏନି । ସୁତରାଂ ଏହାର ମୂଳ କାରଣ ଭିତରକୁ ମୁଁ ଆପଣଙ୍କୁ ନେଇଯିବି ।

ମାତ୍ର ତା ପୂର୍ବରୁ **ଏକ ବ୍ୟକ୍ତିଗତ ସ୍ପଷ୍ଟୀକରଣ** ରଖିବା ମୋ ପାଇଁ ଅପରିହାର୍ଯ୍ୟ । ମୋର ଆଶଙ୍କା ଯେ ମୁଁ ଯାହା ଲେଖିବାକୁ ଯାଉଛି ତାହା ବଙ୍ଗାଳି ବନ୍ଧୁମାନଙ୍କ ମଧ୍ୟରୁ ଯେଉଁମାନେ ଆଞ୍ଚଳିକଦ୍ୱେଷସଂପନ୍ନ ସେମାନଙ୍କ ମନରୋଚକ ହେବ ନାହିଁ । ଏବଂ ମୋତେ ବଙ୍ଗାଳୀ ବିରୋଧୀ ମନୋଭାବସଂପନ୍ନ ବ୍ୟକ୍ତି ବୋଲି ହୁଏତ ସେମାନେ ସମାଲୋଚନା କରିବେ । ସେଥିପାଇଁ ମୁଁ ପ୍ରଥମେ କହିରଖିବାକୁ ଚାହେଁ ଯେ ମୁଁ ବଙ୍ଗାଳୀ ବିଦ୍ୱେଷୀ ନୁହେଁ । ବଙ୍ଗାଳୀମାନଙ୍କ ଭିତରୁ କେତେକଙ୍କ ପାଖରେ ମୁଁ ଆଜୀବନ ଋଣୀ । ଶ୍ରୀମତୀ ଅନୁରାଧା ବୋଷଙ୍କର ମୁଁ ଧର୍ମପୁତ୍ର । ସେ ମୋତେ ଏତେ ସ୍ନେହ ଦେଇଛନ୍ତି ଯେ ମୁଁ ଯଦି ତାଙ୍କ ଗର୍ଭରୁ ଜନ୍ମ ହୋଇଥାନ୍ତି ଏହାଠାରୁ ଅଧିକ ସ୍ନେହ ଯେ ପାଇଥାନ୍ତି, ତା ନୁହେଁ । ଶ୍ରୀମତୀ ଲକ୍ଷ୍ମୀମା ସରକାରଙ୍କର ମୁଁ ଧର୍ମତଃ ଭାଇ । ଶିବଙ୍କ ବେଲପତ୍ରଲାଗିରେ ବ୍ୟତିକ୍ରମ ହୋଇପାରେ, ମୋତେ ରାକ୍ଷୀ ଦେବାରେ ଲକ୍ଷ୍ମୀମା କେବେ ବ୍ୟତିକ୍ରମ କରି ନାହିଁ । ଲକ୍ଷ୍ମୀମା ମୋର ରକ୍ତ ସଂପର୍କୀୟ ପରି ନିବିଡ଼ । ସେହିପରି ମହିମା ବୋଷ। ଶୁଭେନ୍ଦୁ ଚାନ୍ଦ ମୋର ଭାଣିଜୀଜ୍ୱାଇଁ । ଦିଲ୍ଲୀବାସୀ ଦୀପାନ୍ୱିତା ରକ୍ଷିତ୍ ମୋର ଧର୍ମ ଭାଣିଜୀ । ଯେତେ ପ୍ରିୟଜନ ମୋ ହୃଦୟର ନିଭୃତତମ ସ୍ଥାନରେ ଆସୀନ ହୋଇ ରହିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି କଟକର ଅଶ୍ରୁକଣା ସିହ୍ନା । ଇତ୍ୟାଦି ଇତ୍ୟାଦି । ଅତଏବ ମୁଁ ବଙ୍ଗାଳୀବିଦ୍ୱେଷୀ ନୁହେଁ । **ମାତ୍ର ଇତିହାସର ହୃଦୟ ନ ଥାଏ । ସତ୍ୟର କୌଣସି ବାଛବିଚାର ନ ଥାଏ ।** ସୁତରାଂ ସତ୍ୟାନୁସନ୍ଧାନ ବେଳେ ବାଛବିଚାର କରିବା ବି ମୋ ପକ୍ଷେ ଅସମ୍ଭବ । ତେଣୁ କୌଣସି ବାଛବିଚାର ନ କରି, କାହାକୁ ଆଘାତ ଲାଗିବ କି ନା ତା ନେଇ ବିବ୍ରତ ନ ହୋଇ, ଇତିହାସର ଆହ୍ୱାନରେ, କେଉଁ ମୂଳକାରଣ ହେତୁ କେତେକ ବଙ୍ଗାଳୀ ପ୍ରାଚୀନ ଓଡ଼ିଆ ବୌଦ୍ଧଗୀତିଗୁଡ଼ିକୁ ତଥା ଶ୍ରୀ ଜୟଦେବଙ୍କୁ ବଙ୍ଗପାଇଁ ଆତ୍ମସାତ୍ କରିବା ପରି ଅପକର୍ମରେ ଲିପ୍ତ ତାହା ମୁଁ କହିବାକୁ ଯାଉଛି ।

## ଈର୍ଷା

ଏହି ଅପକର୍ମର ମୂଳ କାରଣ ହେଲା ପଡ଼ିଶା ସୁଲଭ ଈର୍ଷା । ଓଡ଼ିଶା ସହ ତୁଳନୀୟ ହେବାପରି ବଙ୍ଗଳାର କୌଣସି ସ୍ଥାପତ୍ୟ , ଶୌର୍ଯ୍ୟ ଓ ସାହିତ୍ୟିକ ଐତିହ୍ୟ ନ ଥିଲା । କିନ୍ତୁ ଏହାର ଉତ୍ତୁଙ୍ଗ ବିକାଶ ଘଟିଥିଲା ଓଡ଼ିଶାରେ । ଓଡ଼ିଶାରେ କୋଣାର୍କ ଥିଲା , ଥିଲା ଶ୍ରୀମନ୍ଦିର । ଓଡ଼ିଶାରେ ଖଣ୍ଡଗିରି-ଧଉଳିଗିରି ଥିଲା , ଥିଲା ରାଜାରାଣୀ ମନ୍ଦିର । ଓଡ଼ିଶାରେ ଲିଙ୍ଗରାଜ ଥିଲେ , ଥିଲେ ମେଘେଶ୍ୱର । ଓଡ଼ିଶାରେ ବିଲ୍ୱେଶ୍ୱର ଥିଲେ , ଥିଲେ ବକ୍ରେଶ୍ୱର । ଓଡ଼ିଶାରେ ସମଲେଶ୍ୱରୀ ଥିଲେ , ଥିଲେ ଶାରଳା । ଓଡ଼ିଶାରେ ବିରଜା ଥିଲେ , ଥିଲେ ବିମଳା । ଓଡ଼ିଶାରେ ହୀରାପୁର ଥିଲା , ଥିଲା ରାମପୁର-ଝରିଆଳ । ଓଡ଼ିଶାରେ ଅସୁରଗଡ଼ ଥିଲା , ଥିଲା ଶିଶୁପାଳଗଡ଼ । ଓଡ଼ିଶାରେ ଖିଚିଂ ଥିଲା , ଥିଲା ମହେନ୍ଦ୍ରଗିରି । ଓଡ଼ିଶାରେ ଲଳିତଗିରି

orissamatters.com

ଥିଲା ,ଥିଲା ରତ୍ନଗିରି। ଓଡ଼ିଶାର ସର୍ବତ୍ର ସଂସ୍କୃତିର ବୈଶିଷ୍ଟ୍ୟ ପରିବ୍ୟାପ୍ତ ହୋଇ ରହିଥିଲା । ଓଡ଼ିଶାର ନିଜସ୍ୱ ନୃତ୍ୟ ଶୈଳୀ ଥିଲା , ଥିଲା ନିଜସ୍ୱ ବାଦ୍ୟ ଶୈଳୀ । ଓଡ଼ିଶାର ନିଜସ୍ୱ କାବ୍ୟଧାରା ଥିଲା, ଥିଲା ନିଜସ୍ୱ ସଙ୍ଗୀତ ଶୃଙ୍ଖଳା । ଏପରି ବିଭବ ବଙ୍ଗଳାରେ ନ ଥିଲା ।

ଭାରତୀୟ ସଂସ୍କୃତିକୁ ଓଡ଼ିଶା ଦେଇଥିଲା ଗଣତନ୍ତ୍ରୀୟ କୃଷ୍ଟି, ଦେଇଥିଲା ବୁଦ୍ଧଙ୍କ ଐକ୍ୟତତ୍ତ୍ୱ , ଦେଇଥିଲା ବୌଦ୍ଧଧର୍ମର ପ୍ରୟୋଗାତ୍ମକ ସୂତ୍ର - ବଜ୍ରଯାନ । ଭାରତର ଇତିହାସରେ ସର୍ବଶ୍ରେଷ୍ଠ ସ୍ଥାନର ଅଧିକାରୀ ଯେଉଁ ଯୁଦ୍ଧ , ଚଣ୍ଡାଶୋକ ପ୍ରେକ୍ଷାପଟରେ ଯାହା କଳିଙ୍ଗ ମହାସମର ଭାବେ ଖ୍ୟାତ, ତାହାର ଯଶାଧୀଶ ଥିଲା କେବଳ ଓଡ଼ିଆ ଜାତି ।

ଓଡ଼ିଶାରୁ ପ୍ରସରିଯାଇଥିଲା ବୁଦ୍ଧଦେବଙ୍କ ସଂହତି ଓ ଶାନ୍ତିର ବାର୍ତ୍ତା ଭାରତର ସର୍ବତ୍ର ଏବଂ ଭାରତ ବାହାରକୁ । ଏହା ପଡ଼ୋଶୀମାନଙ୍କ ପାଇଁ ଓଡ଼ିଶାକୁ ଈର୍ଷଣୀୟ କରିଦେଇଥିଲା ।

ଓଡ଼ିଶାର ଏକ ନିଜସ୍ୱ ଭାଷା ଥିଲା ଯାହା *ପାଲି* ଭାବେ ବିଦିତ । ପାଲି ଥିଲା ତଦାନୀନ୍ତନ ଓଡ଼ିଆ ଭାଷା । ବୁଦ୍ଧଦେବ ତାଙ୍କର ଏହି ମାତୃଭାଷାରେ ହିଁ ନିଜର ମତାଦର୍ଶ ଓ ବାଣୀ ପ୍ରଦାନ କରିଥିଲେ ଓ ଏହି ଭାଷାରେ ହିଁ ବୌଦ୍ଧ ଧର୍ମର ଶାସ୍ତ୍ର ଓ ସାହିତ୍ୟ ରଚିତ ଓ ପରିବ୍ୟାପ୍ତ ହୋଇଥିଲା । ଜର୍ମାନର ପ୍ରସିଦ୍ଧ ପ୍ରାଚ୍ୟତତ୍ତ୍ୱବେତ୍ତା ବିଦ୍ୱାନ ହରମ୍ୟାନ ଓଲ୍‌ଡେନବର୍ଗ ତାଙ୍କ ସଂପାଦିତ ବିନୟପୀଟକର ମୁଖବନ୍ଧରେ ଏହା ସ୍ୱୀକାର କରି କହିଛନ୍ତି ଯେ ସିଂହଳରେ ବୌଦ୍ଧ ଧର୍ମ ପ୍ରଚାରିତ ହୋଇଥିଲା ଯେଉଁ ପାଲିଭାଷାରେ ତାହା ଥିଲା କଳିଙ୍ଗର ଭାଷା । ପଡ଼ୋଶୀମାନଙ୍କ ପକ୍ଷେ ଏ ଐତିହ୍ୟର ଦାବିଦାର ହେବା ଅସମ୍ଭବ । ଏହା ହିଁ ଥିଲା ସେମାନଙ୍କ ଗାତ୍ରଦାହର କାରଣ ।

ସୁତରାଂ ବିଦେଶୀ ଲୋକଙ୍କ ସହ ହାତ ମିଳାଇ ଓଡ଼ିଶାର ଅନିଷ୍ଟ କରିବାକୁ ଓ ବିଦେଶୀ ଶକ୍ତି ସହାୟତାରେ ଓଡ଼ିଶା ଉପରେ ଆଧିପତ୍ୟ ବିସ୍ତାର କରିବାକୁ ସେମାନେ ସତତ ଚେଷ୍ଟିତ ଥିଲେ । ଏବଂ ଏହି ହେତୁ ମୁସଲମାନ ମୋଗଲଙ୍କ ଅନୁବର୍ତ୍ତୀ ହେବାରେ ସେମାନେ ଯେମିତି ଆଗୁଆ ଥିଲେ, ବିଲାତି ଗୋରାଙ୍କ କର୍ମଚାରୀ ସାଜି ସେହିମାନଙ୍କ ସହାୟତାରେ ଓଡ଼ିଶାର ସର୍ବନାଶ କରିବାକୁ ସେମିତି ତତ୍ପର ବି ଥିଲେ ।

## ଇତିହାସର ସେହି ପର୍ଯ୍ୟାୟ

ବଙ୍ଗାଳୀମାନଙ୍କ ଈର୍ଷାର ପାତ୍ର ହେବାପରି ସବୁ ଗୁଣ ଓ ବିଭବ ଓଡ଼ିଆମାନଙ୍କର ଥିଲା । ଇତିହାସ ଏହାର ସାକ୍ଷୀ । ଓଡ଼ିଆମାନେ ମୁସଲମାନଙ୍କ ଅଧୀନସ୍ଥ ବଙ୍ଗ ରାଜ୍ୟ ଉପରେ ଆକ୍ରମଣ କରି, ସେଠାରେ ନିଜର ଆଧିପତ୍ୟ ଯେ ବିସ୍ତାର କରିଥିଲେ ତାହା ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ରଖିଛି । *ବଙ୍ଗ ସଂହାର* ଭାବେ ବିଦ୍ୟାଧରଙ୍କ ଏକାବଳୀରେ ପ୍ରକୀର୍ତ୍ତିତ ଏହି ଆକ୍ରମଣ ଏପରି ତୀବ୍ର ଥିଲା ଯେ **ସାରା ଭାରତରେ କେଉଁଠି ହେଲେ ମୁସଲମାନମାନେ ଏପରି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନ ଥିଲେ** ବୋଲି ମୁସ୍ଲିମ ସମୟର

orissamatters.com

ବେଙ୍ଗଲ୍ ଇତିହାସ ମଧ୍ୟ ସ୍ୱୀକାର କରିଛି । ଯଥା-Tughral Tughan Khan was no doubt out-generalled by the king of Orissa who had drawn the enemy far away from their frontier and must have concealed more than one surprising party along the whole route of the enemy's advance. **A greater disaster had not till then befallen the muslims in any part of Hindustan.** The Muslims, says Minhaj [the historian Minhaj-i-Siraj who had also joined the war that was, to him, a 'holy war'], sustained the overthrow, and a great number of those holy warriors attained martyrdom.(The History of Bengal, Muslim period, 1973, Dr. K. R. Quanungo,pp.48-52)

ଇତିହାସ ବାରମ୍ବାର ସ୍ୱୀକାର କରିଛି ଯେ ଓଡ଼ିଆ ସେନାର ଆକ୍ରମଣରେ ବଙ୍ଗଳାର ଯବନ ବାହିନୀ ଛାରଖାର ହୋଇଯାଇଥିଲା । ମୃତ୍ୟୁମୁଖକୁ ଠେଲିହୋଇଯାଇଥିବା ଯବନ ସୈନିକ ଓ ସେନାପତିମାନଙ୍କ ପତ୍ନୀମାନଙ୍କ ଅଶ୍ରୁ-ବନ୍ୟାରେ ସେମାନଙ୍କ ଆଖିରୁ କଜଳଧାର ଧୋଇହୋଇଯାଇ ସ୍ୱଚ୍ଛ ସଳିଳା ଗଙ୍ଗାରେ ମିଶି ତାର ଜଳରାଶିରେ ଏପରି କଳାରଙ୍ଗ ଭରିଦେଇଥିଲା ଯେ ମନେ ହେଉଥିଲା, ସତେ ଯେମିତି ତାହା ଗଙ୍ଗା ନୁହେଁ , ଯମୁନା !
ଯଥା-

ରାଢ଼ବରେନ୍ଦ୍ର ଯବନୀ ନୟନାଞ୍ଜନାଶ୍ରୁ-
ପୂରେଣ ଦୂରବିନିବେଶିତ କାଳିମାଶ୍ରୀଃ
ତଦ୍ ବିପ୍ରଳମ୍ଭ କରୁଣାଭୁତନିସ୍ତରଙ୍ଗା
ଗଙ୍ଗାପି ନୂନଂ ଯମୁନା ଯମୁନାଧୁନାଭୂତ୍ ।

(ପଙ୍କ୍ତି ୧, ଗଙ୍ଗ ସାମ୍ରାଜ୍ୟର ତାମ୍ରାଭିଲେଖ, Orissa Historical Research Journal,Vol.V, No.1,p.29ff)

ଅତଏବ , ବଙ୍ଗାଳୀମାନେ ମୁସଲମାନ ଶାସନକୁ ଆଦରି ନେଇଥିବାବେଳେ ଓଡ଼ିଆମାନେ ସେମାନଙ୍କୁ କିପରି ପରାହତ କରିଥିଲେ ତାହା ଉଭୟ ମୁସଲମାନ ଓ ହିନ୍ଦୁ ଇତିହାସ ସ୍ୱୀକାର କରିଛି । ଇତିହାସର ଏହି ସ୍ୱୀକୃତି ଓଡ଼ିଆମାନଙ୍କ ବିରୁଦ୍ଧରେ ବଙ୍ଗାଳୀମାନଙ୍କ ଗାତ୍ରଦାହର ଥିଲା ଅନ୍ୟତମ କାରଣ ।

### *ବଙ୍ଗ ସଂହାରର ପ୍ରଜ୍ଞାପକ ଥିଲା କୋଣାର୍କ*

ଇତିହାସବେତ୍ତା ପ୍ରଫେସର କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ, ବଙ୍ଗ ସଂହାରର ସ୍ମାରକୀ ଭାବେ ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରାଇଥିଲେ କୋଣାର୍କ । (Narasimha-I began his campaigns against Muslim Bengal in 1243 A.D. His

orissamatters.com

victory over the Muslims of Bengal and his acquisition of the southern districts of Western Bengal must have enormously raised his prestige in the eyes of the contemporary Hindu Rulers, and augmented his resources, which in all likelihood enabled him to undertake the construction of a stupendous structure like the temple of Konark, designed to exhibit his power, prestige, opulence, devotion and perhaps to commemorate his victory also".- History of Orissa, K.C.Panigrahi, 1981, pp.413-14) ଏହା ନିଃସନ୍ଦେହ ସତ୍ୟ ।

ଏହା ମଧ୍ୟ ନିଃସନ୍ଦେହ ଯେ ଅଜେୟ **ଓଡ଼ିଆ ଜାତିର ବୀର୍ଯ୍ୟବନ୍ତ ଆସ୍ପର୍ଦ୍ଧାର ଏହା ଏକ କାଳଜୟୀ ରୂପକଳ୍ପ** । Indian Sculpture and Painting ପୁସ୍ତକରେ ଠିକ୍ ଏହା ହିଁ କହିଛନ୍ତି ହାଭେଲ୍ (Havell)। ତାଙ୍କ ମତରେ **ଏଠି ଯେମିତି ଓଡ଼ିଆ ସ୍ଥପତିର ପ୍ରତିବଦ୍ଧ ନିହଣରେ ଫୁଟିଉଠିଛି ସମସ୍ତ ତେଜସ୍କ୍ରିୟତା ସହ ତାର ଅକୁତୋଭୟ ଦେଶପ୍ରେମ । ଫୁଟି ଉଠିଛି ଶତ୍ରୁ ସଂହାରର ଆତ୍ମତୃପ୍ତି , ଫୁଟି ଉଠିଛି ବିଜୟର ଦର୍ପ** । ଏହି ମତର ଯଥାର୍ଥତା ଦେଖିଛନ୍ତି ପ୍ରଫେସର ପାଣିଗ୍ରାହୀ କୋଣାର୍କ ଅଶ୍ୱର ପାଦତଳେ ଧରାଶାୟୀ ହୋଇପଡିଥିବା ଏବଂ କୋଣାର୍କ ଗଜରାଜର କବ୍‌ଜାରେ ଅସହାୟ ଅବସ୍ଥାରେ ଥିବା ଶ୍ମଶ୍ରୁଳ ଶତ୍ରୁର ଖୋଦିତ ପ୍ରତିମୂର୍ତ୍ତିରେ । ଏହି ଶ୍ମଶ୍ରୁଳ ଶତ୍ରୁ ହିଁ ବଙ୍ଗଳାର ପରାହତ ଯବନ ଶାସକ ଇଜ୍ଜୁଦ୍ଦିନ ତୁଘ୍ରାଲ୍ ତୁଘାନ୍ ଖାଁ ବା ତଦୀୟ କୌଣସି ସେନାପତିର ପ୍ରତୀକ ବୋଲି ଗ୍ରହଣ କରି ପ୍ରଫେସର ପାଣିଗ୍ରାହୀ ହାଭେଲ୍‌ଙ୍କ ମତ ଯଥାର୍ଥ ବୋଲି ଉଲ୍ଲେଖ କରିଛନ୍ତି । ( "Havell truely says that this sculpture expresses with as much fire and passion as the greatest European art -the pride of victory and the glory of triumphant warfare"-History of Orissa, p.415)

କୋଣାର୍କର ଧ୍ୱଂସାବଶେଷ ଏବେ ଯଦି ବିଦ୍ୟମାନ ନ ଥାନ୍ତା ତେବେ କେବେହେଲେ ବିଶ୍ୱାସ କରି ହୁଅନ୍ତା ନାହିଁ ଯେ *ସାରା ଭାରତ ଓ ବିଶେଷତଃ ପଡ଼ୋଶୀ ବଙ୍ଗ ରାଜ୍ୟ ମୁସଲମାନମାନଙ୍କ ଦ୍ୱାରା କବଳିତ ଓ ଲାଞ୍ଛିତ ହେଉଥିବାବେଳେ* ଓଡ଼ିଶା ତାର **ମହୋଦଧି ସଭ୍ୟତା** ଅକ୍ଷୁର୍ଣ୍ଣ ରଖିଥିଲା ଏବଂ ତିଆରି କରିଥିଲା ବିଶ୍ୱର ଏହି ଅଦ୍ୱିତୀୟ ମନ୍ଦିର ଯହିଁରେ ଦୀର୍ଘ ବାର ବର୍ଷ ସମୟ ବ୍ୟୟିତ ହୋଇପାରିଥିଲା ନିଶ୍ଚିନ୍ତରେ ।

## କୋଣାର୍କ କିନ୍ତୁ କେବଳ ଏତିକି ନୁହେଁ

ଓଡ଼ିଆ ଶୌର୍ଯ୍ୟ-ବୀର୍ଯ୍ୟର ପ୍ରତୀକ ଏହି କୋଣାର୍କ କିନ୍ତୁ କେବଳ ଏତିକି ନୁହେଁ । ଏହାଠାରୁ ଅଧିକ । ଏହା କେବଳ ବିଜୟ ଓ ବୈଭବର ସାକାର ଉଦ୍‌ଘୋଷଣ ନୁହେଁ, ଏହା

orissamatters.com

ଲାଙ୍ଗୁଳା ନରସିଂହ ଦେବଙ୍କ ଦେଶପ୍ରେମ ଓ ଦର୍ଶନତତ୍ତ୍ୱର ଏକ ଅନନ୍ୟସାଧାରଣ ନିଦର୍ଶନ । **ରାଧାଙ୍କୁ ଏକ ରୂପକଳ୍ପ ଭାବେ ନେଇ ବୌଦ୍ଧ ବଜ୍ରଯାନ ଦର୍ଶନର ଯେଉଁ ପରିପୁଷ୍ଟିକରଣ ଘଟାଇଥିଲେ ଶ୍ରୀ ଜୟ ଦେବ, ତହିଁର ପ୍ରାଧାନ୍ୟ ବୃଦ୍ଧିପାଇଁ ଲାଙ୍ଗୁଳା ନରସିଂହ ଦେବଙ୍କ ସୁଚିନ୍ତିତ ପ୍ରୟାସର ଏହା ଏକ ପରିପୂର୍ଣ୍ଣ ଆଲେଖ୍ୟ ।** ଏଥିରେ ବିଗ୍ରହେ ବିଗ୍ରହେ ଭରି ହୋଇ ରହିଛି ଜଣେ ଦେଶପ୍ରେମୀ ରାଷ୍ଟ୍ରନୀତିଜ୍ଞର ଦୂରଦୃଷ୍ଟି ।

*ଉଗ୍ର ବ୍ରାହ୍ମଣ୍ୟବାଦ ଓ ତଜ୍ଜନିତ ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ସାଧାରଣ ଜନସମାଜରେ ଥିବା ବିରକ୍ତିରୁ ଲାଭ ଉଠାଇ ବିଦେଶାଗତ ମୁସଲମାନମାନେ ଭାରତରେ ନିଜର ପ୍ରଭାବ ବିସ୍ତାର କରିବା ଓ ନିଜ ଧର୍ମ ପ୍ରସାରଣପାଇଁ ସୁଯୋଗ ଅର୍ଜନ କରୁଥିବା ଅନୁଭବ କରି ଓଡ଼ିଆ ଜାତି ନିଜ ଭୂଖଣ୍ଡରେ ବର୍ଣ୍ଣବୈଷମ୍ୟ ବିରୋଧୀ ବୌଦ୍ଧ ଧର୍ମର ପୁନଃ ପ୍ରତିଷ୍ଠା ପାଇଁ ସଚେତନ ଉଦ୍ୟମ କରିଥିଲା ଏବଂ ତହିଁର ପ୍ରୟୋଗଶାଳା ଭାବେ ଏହି କୋଣାର୍କ ଗାତ୍ରରେ ସହଜଯାନୀ ଦର୍ଶନର ପରିସ୍ଫୁଟନ ବି କରିଥିଲା ।* ଓଡ଼ିଶାର ବିଲୁପ୍ତପ୍ରାୟ ମହୋଦଧି ସଭ୍ୟତାର ପୁନର୍ଜାଗରଣ ପାଇଁ ପ୍ରଚେଷ୍ଟା କରିଥିଲେ ଲାଙ୍ଗୁଳା ନରସିଂହ ଦେବ ଏହାରି ମାଧ୍ୟମରେ ।

**କୋଣାର୍କ ପ୍ରଭାବରେ ଉଗ୍ର ବ୍ରାହ୍ମଣ୍ୟବାଦ ଓଡ଼ିଶାରେ ସଙ୍କୁଚିତ ହୋଇ ଯାଇଥିଲା ଏବଂ ବର୍ଣ୍ଣ-ବୈଷମ୍ୟରୁ ମୁକ୍ତ ହୋଇ ସମଗ୍ର ଓଡ଼ିଆ ସମାଜ ଏକ ସାନ୍ଦ୍ର ଓ ସୁସଂହତ ସାମାଜିକ ଶକ୍ତି ସଂଘ ଭାବେ ଉଭା ହୋଇଥିଲା । ଫଳତଃ ଭାରତର ଅନ୍ୟତ୍ର ଜାତିଆଣ ବାଛବିଚାର ଦ୍ୱାରା ଆକ୍ରାନ୍ତ ହୋଇ ଐକ୍ୟହୀନ ସ୍ଥିତିରେ ଥିବା ଜନସମାଜକୁ କରାୟତ୍ତ କରିବାକୁ ମୁସଲମାନ ଅନୁପ୍ରବେଶକାରୀମାନେ ସକ୍ଷମ ହେଉଥିବାବେଳେ ବୌଦ୍ଧ ପ୍ରଭାବ ହେତୁ ବର୍ଣ୍ଣ ବିଦ୍ୱେଷ ପରିହାର କରିଥିବା ଓଡ଼ିଆ ସମାଜ ଭିତରୁ ଏହା କୌଣସି ସହାୟକ ପାଇପାରି ନ ଥିଲା ।**

ଭାରତରେ ଇସ୍‌ଲାମ୍ ଧର୍ମର କାୟାବିସ୍ତାର ପାଇଁ ବ୍ରାହ୍ମଣ୍ୟବାଦ କିପରି ଦାୟୀ ତାହା ଜାଣିବାକୁ କାଶ୍ମୀର ସାହାଯ୍ୟ କରେ । *କାଶ୍ମୀରରେ ଯେ ମୁସଲ୍‌ମାନ୍‌ମାନେ ସଂଖ୍ୟା ଗରିଷ୍ଠ ହୋଇ ଶେଷରେ କାଶ୍ମୀର ପଣ୍ଡିତମାନଙ୍କୁ ସେମାନଙ୍କ ଭିଟାମାଟିରୁ ତଡ଼ିଦେଇଛନ୍ତି ତାର ମୂଳରେ ରହିଛି ସେହି ପଣ୍ଡିତମାନଙ୍କ ଉଗ୍ର ବ୍ରାହ୍ମଣ୍ୟବାଦ ।* ରାଜତରଙ୍ଗିଣୀ ପ୍ରକୀର୍ତ୍ତିତ କାଶ୍ମୀର ସାମ୍ରାଜ୍ୟର ଅତୁଳନୀୟ ସେନାପତି ତଥା ପ୍ରଧାନ ଅମାତ୍ୟ ବୁଦ୍ଧାନୁଗତ ମହାବୀର ତୁଙ୍ଗଙ୍କୁ ରାଜାଙ୍କ ନାମରେ ରାଜଦରବାରକୁ ଡକାଇ ସେଠାରେ ପଛରୁ ଲୁଚି ତାଙ୍କ ଶିରଚ୍ଛେଦ କରି ଏମାନେ ସେଠି ଜାତିଆଣ ବାଛବିଚାରର ଏପରି ଯାନ୍ତବୀୟ ଉଦ୍ଭଟତା ଜାହିର କରିଥଲେ ଯେ ତହିଁରେ ଅତିଷ୍ଠ ଲୋକେ ପରେ ଯେତେବେଳେ ଜାତିବିଚାରହୀନ ମୁସଲମାନ ଧର୍ମର ପରିଚୟ ପାଇଲେ ସେମାନେ ତହିଁରେ ଯୋଗ ଦେଇ ବ୍ରାହ୍ମଣ୍ୟବାଦୀମାନଙ୍କ ବିରୁଦ୍ଧରେ ମୁସଲ୍‌ମାନ୍ ଶକ୍ତିକୁ ସାହାଯ୍ୟ କରିଥିଲେ । **ବ୍ରାହ୍ମଣ୍ୟବାଦ ହେତୁ ଭାରତର ସେହି ସମଗ୍ର ଅଂଶର ଅଧିବାସୀ ବରଣ କରିନେଲେ ମୁସଲ୍‌ମାନ ଧର୍ମ ଏବଂ ତାହା ଏପରି ପ୍ରତିଶୋଧ ପରାୟଣ ଭାବେ ଯେ**

orissamatters.com

**ଶେଷରେ ତାହା ପାକିସ୍ଥାନ ହେଇଗଲା ।** ଭାରତରେ ରହିଯାଇଥିବା କାଶ୍ମୀର ରାଜ୍ୟର ଅବଶିଷ୍ଟାଂଶ କିପରି ଅଛି ଓ ସେଠାରେ କ'ଣ ସବୁ ଚାଲିଛି ତାହା ତ ଗୋପନ ନାହିଁ । ଅବଶିଷ୍ଟ ଭାରତରେ ବି ମୁସଲ୍‌ମାନ ଧର୍ମ ଦ୍ୱିତୀୟ ସ୍ଥାନରେ ରହିଛି । ଏହା କେବଳ ବ୍ରାହ୍ମଣ୍ୟବାଦୀମାନଙ୍କ ହେତୁ । ସେମାନେ ଯଦି ସାଧାରଣ ଲୋକଙ୍କ ଉପରେ ଜାତିଆଣ ଅତ୍ୟାଚାର କରି ନ ଥାନ୍ତେ, ମୁସଲ୍‌ମାନ ଧର୍ମ କେବେ ବି ଭାରତରେ ସଂପ୍ରସାରିତ ହୋଇପାରି ନ ଥାନ୍ତା ।

**ମୁସଲ୍‌ମାନ ଆକ୍ରମଣକାରୀମାନେ ବ୍ରାହ୍ମଣ୍ୟବାଦୀ କ୍ଷମତାବଳୟ ବିରୁଦ୍ଧରେଥିବା ଜନ ଅସନ୍ତୋଷର ସୁଯୋଗ ନେଇ ଭାରତମାଟିରୁ ହିଁ ନିଜର ସହାୟକ ସଂଗ୍ରହ କରି ପାରୁଥିବା ଅନୁଭବ କରିଥିଲେ ଓଡ଼ିଶାର ସୁଯୋଗ୍ୟ ସମ୍ରାଟ ନରସିଂହ ଦେବ ।** ତେଣୁ ବ୍ରାହ୍ମଣ୍ୟବାଦର ଶକ୍ତିହ୍ରାସ ସେ ସୁନିଶ୍ଚିତ କରିଥିଲେ ଓଡ଼ିଆ ଭୂଖଣ୍ଡରେ । ଏବଂ ଏଥିପାଇଁ ବର୍ଣ୍ଣବୈଷମ୍ୟବିରୋଧୀ ବୌଦ୍ଧ ଧର୍ମକୁ ତାର ସାର୍ବଜନୀନ ସହଜଯାନ ଶୈଳୀରେ ପୁନଃ ସୁଦୃଢ଼ କରିବାପାଇଁ ସେ ସର୍ବବିଧ ପଦକ୍ଷେପ ନେଇଥିଲେ ଓ ସ୍ଥାପନ କରିଥିଲେ ସହଜଯାନର ଜୈତ୍ରକୀର୍ତ୍ତି କୋଣାର୍କ ।

ବଙ୍ଗଳା ସୁଲତାନଙ୍କ କବଳରୁ ବଙ୍ଗଭୂମିର ଯେଉଁ ଅଞ୍ଚଳ ଲାଙ୍ଗୁଳା ନରସିଂହ ମୁକ୍ତ କରିଥିଲେ ତାହା ଖ୍ରୀ.ଅ.୧୨୫୩ରେ ଦିଲ୍ଲୀ ବାଦଶାହଙ୍କ ଦ୍ୱାରା ଅବଶିଷ୍ଟ ଭାରତର ସବୁ ପ୍ରାନ୍ତରୁ ପ୍ରଚୋଦିତ ମୁସଲମାନ ବାହିନୀ ପୁନର୍ଦଖଲ କରିବାକୁ ସକ୍ଷମ ହୋଇଥିଲେ ମଧ୍ୟ ୧୫୬୮ରେ ମୋଗଲ ଆଧିପତ୍ୟକୁ ଯିବା ପର୍ଯ୍ୟନ୍ତ ଦୀର୍ଘ ୩୧୫ ବର୍ଷ ଧରି ଓଡ଼ିଶା ନିଜର ସାର୍ବଭୌମ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିଥିଲା । ଏହା ହିଁ ଥିଲା ଶ୍ରୀ ଜୟଦେବଙ୍କ ପ୍ରେମପ୍ରବନ୍ଧଗୁଡ଼ିକର ଏବଂ ତହିଁର ଶୈଳ୍ପିକ ପରିସ୍ଫୁଟନ କୋଣାର୍କର ଏବଂ ତହିଁ ମାଧ୍ୟମରେ ପ୍ରସାରିତ ହୋଇଥିବା ଲାଙ୍ଗୁଳା ଦର୍ଶନର କରାମତି ।

## ଲାଙ୍ଗୁଳା ଦର୍ଶନ

ପଟେ ଖଣ୍ଡା ତାଙ୍କ ଅଣ୍ଟାରେ ଦିବାରାତ୍ର ଲାଞ୍ଜପରି ଝୁଲିରହିଥିବା ହେତୁ ସେ ଲାଙ୍ଗୁଳା ନରସିଂହ ଭାବେ ଖ୍ୟାତ ଥିଲେ ବୋଲି ଯାହା ଶୁଣିବାକୁ ମିଳେ ତାହା ତାଙ୍କ ଅସଲ ପରିଚୟକୁ ପରବର୍ତ୍ତୀ ପୀଢ଼ିଠାରୁ ଲୁଚାଇରଖିବା ପାଇଁ ବ୍ରାହ୍ମଣ୍ୟବାଦୀମାନଙ୍କର ଏକ କୌଶଳ । ଯେଉଁମାନେ କୋଣାର୍କକୁ ଧ୍ୱଂସ କରିଦେଇଛନ୍ତି ସେମାନେ କୋଣାର୍କର ସୃଷ୍ଟିକର୍ତ୍ତାଙ୍କର ଏହି ବିଭ୍ରାନ୍ତିକର ପରିଚୟ ବି ସୃଷ୍ଟି କରିଛନ୍ତି ।

ନରସିଂହ ଦେବ ଯେପରି ଅତୁଳନୀୟ ବୀର ଥିଲେ ସେପରି ଥିଲେ ଜଣେ ଅନନ୍ୟସାଧାରଣ ଦାର୍ଶନିକ । ତାଙ୍କ **ଲାଙ୍ଗୁଳା** ପଦବୀରେ ହିଁ ତାଙ୍କ ଦର୍ଶନର ପରିଚୟ ସାନ୍ଧି ହୋଇ ରହିଛି । ଅତି ସଂକ୍ଷେପରେ ଆମେ ତାହା ଦେଖିବା ।

ଆଦିମ ଓଡ଼ିଆର ଭାଷାରେ **ଲ** ଏକ ଶବ୍ଦ ଯାହାକୁ କୁହାଯାଏ **ଖଣତି** । ଖଣତି

orissamatters.com

ଏକ କାଷ୍ଠ ବା ଧାତବ ଗୋଜ ଯହିଁରେ ମାଟି ଖୋଳି ମଞ୍ଜି ପୋତୁଥିଲା ମାନବ ଜନନୀ ଆଦିମ ଯୁଗରେ, ଲଙ୍ଗଳ ଓ ହଳର ପରିସର୍ଜନା ପୂର୍ବରୁ । ମୋ ଜନ୍ମସ୍ଥଳି ତିଗିରିଆର ଶଅରମାନେ ଭୂଇଁ ଖୋଳିପାରୁଥିବା ଗୋଜିଆ ବାଡ଼ିଖଣ୍ଡକୁ କହନ୍ତି **ଲ** ଓ ଧାତବ ଗୋଜକୁ କହନ୍ତି **ଲୁହା** । ଏହି ଲୁହା **ଲଙ୍ଗଳ**ରେ ଲାଗି ବିଲ ଚାଷ ହୁଏ । **ଲ**ରେ ଗାତ ଖୋଳିଲେ ହିଁ ତହିଁରେ ଚାରା ରୋପଣ ସମ୍ଭବ ହୁଏ । ସେଥିପାଇଁ ଓଡ଼ିଆରେ ତାକୁ କୁହାଯାଏ ଗଛ **ଲଗା** ।ଗାତ ଖୋଳି ମଞ୍ଜି ଲଗାଇଲେ ଯେହେତୁ ମାଆ ପୃଥ୍ୱୀ ଫସଲ ସୃଷ୍ଟିକରେ ସେହେତୁ ଗାତଖୋଳା ଯନ୍ତ୍ର **ଲ** ଓଡ଼ିଆ ଶବ୍ଦକୋଷରେ ପୃଥିବୀର ବୀଜମନ୍ତ୍ର ଭାବେ ବର୍ଣ୍ଣିତ । (ବୃହତ୍ ଓଡ଼ିଆ ଅଭିଧାନ: ବାବା ବୈଦ୍ୟନାଥ ପାଢ଼ୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ୍ : ୧୯୯୩: ପୃଷ୍ଠା-୧୧୯୦) ଏହି **ଲ** ଦେଖିବାକୁ ପୁଂ ଜନନେନ୍ଦ୍ରୀୟ ପରି । ବସ୍ତୁତଃ ପୁଂ ଜନନେନ୍ଦ୍ରିୟକୁ ନକଲ କରାଯାଇ **ଲ**ର ଆକାର କଳ୍ପନା କରାଯାଇଥିବା ସମ୍ଭବ । ଏହି **ଲ**ରୁ **ଲଙ୍ଗଳ**ର ସୃଷ୍ଟି । **ଲିଙ୍ଗ**ର ବି । **ଲଙ୍ଗଳ** ଯେହେତୁ ଭୂମି ଭିତରେ ପଶି ତାକୁ ବିହନ ଧାରଣ କରାଇଥାଏ ସେହେତୁ ପୁରୁଷର ଯେଉଁ ଅଙ୍ଗ ନାରୀର ତନୁରେ ପ୍ରବେଶ କରି ତାକୁ ଗର୍ଭଧାରଣରେ ସାହାଯ୍ୟ କରେ ତାକୁ କୁହାଯାଏ **ଲିଙ୍ଗ** । ଏହି ପ୍ରକ୍ରିୟାକୁ କୁହାଯାଏ **ଲଙ୍ଗ** । ସୁତରାଂ **ଲଙ୍ଗ**ର ଅର୍ଥ ମୈଥୁନ ।(Sanskrit-English Dictionary: V.S.Apte) ମୈଥୁନକାରୀକୁ କୁହାଯାଏ **ଲଙ୍ଗକ** (Ibid) । ସଂସ୍କୃତ ଭାଷାରେ **ଲଙ୍ଗଳ** ଓ **ଲିଙ୍ଗ** ସମାର୍ଥବାଚକ । *ଲଙ୍ଗ ବା ମୈଥୁନ ହେତୁ - ପିଣ୍ଡରେ ହେଉ ବା ବ୍ରହ୍ମାଣ୍ଡରେ ହେଉ - ସୃଷ୍ଟି ସମ୍ଭବ ହୁଏ ବୋଲି ଯେଉଁ ଦର୍ଶନ ନିରୂପଣ କରିଥାଏ ତାହା* ***ଲଙ୍ଗ ଦର୍ଶନ*** । ଏହି ଲଙ୍ଗ ଦର୍ଶନର ଅନୁବର୍ତ୍ତୀମାନେ ଥିଲେ **ଲଙ୍ଗୁଳି** । ଅର୍ଥାତ୍ ଲଙ୍ଗୁଳିମାନେ ଥିଲେ **ମୈଥୁନବାଦୀ** । *ମୈଥୁନବାଦ ବେଦବାଦ ଠାରୁ ଭିନ୍ନ । ବେଦବାଦ କର୍ତ୍ତୃବାଦର କଥା କହେ । ସୃଷ୍ଟିକର୍ତ୍ତା ବ୍ରହ୍ମା ଇଚ୍ଛାକରି ସୃଷ୍ଟି ଭିଆଇଛନ୍ତି ବୋଲି କହେ କର୍ତ୍ତୃବାଦ । ଦୈହିକ କାରଣରୁ ସୃଷ୍ଟି ଘଟିବା କଥା କହେ ମୈଥୁନବାଦ ।* **କର୍ତ୍ତୃବାଦ ମଣିଷ ସଭ୍ୟତାକୁ ଦୈବାୟତ୍ତ କରି ରଖିବାକୁ ଚାହେଁ । ମୈଥୁନବାଦ ମତରେ ସଭ୍ୟତା ଦୈବାୟତ୍ତ ନୁହେଁ, ଲୋକାୟତ୍ତ ।** *ବୁଦ୍ଧ ଲୋକାୟତ୍ତ ସମାଜ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ । ସୁତରାଂ ବୁଦ୍ଧବାଦର ପ୍ରୟୋଗାତ୍ମକ ଦର୍ଶନ ଭାବେ କାମବଜ୍ରଯାନ ମୈଥୁନବାଦର ପରିପୁଷ୍ଟିକରଣ କରିଥିଲା । ଏହି ଦର୍ଶନର ଏକ ପ୍ରବର୍ତ୍ତକ ପୀଠ ଥିଲା* **ଲଙ୍ଗୁଳି (ଲାଙ୍ଗୁଡ଼ି) ବୌଦ୍ଧବିହାର** *ଯାହାର ଧ୍ୱଂସାବଶେଷ ଏବେ ଯାଜପୁର ନିକଟରେ ଅବିଷ୍କୃତ ହୋଇ ଲୋକଲୋଚନକୁ ଆସିଛି* **।** *ବାଲେଶ୍ୱର ଜିଲ୍ଲାର* **ଲାଙ୍ଗୁଡ଼ି ଗ୍ରାମ***ଠାରୁ ବି ପ୍ରାଚୀନ ବୌଦ୍ଧକୀର୍ତ୍ତିମାନ ଅବିଷ୍କୃତ ହେଲାଣି* । ଓଡ଼ିଶା ଭିନ୍ନ ଅନ୍ୟ କେଉଁଠି ଲାଙ୍ଗୁଡ଼ି ବୌଦ୍ଧପୀଠ ବା ଜନପଦ ନାହିଁ । ଏହା ଏକପକ୍ଷେ ବୁଦ୍ଧଙ୍କ ଜନ୍ମସ୍ଥାନ ଭାବେ ଓଡ଼ିଶାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରୁଥିବା ବେଳେ ଅପରପକ୍ଷେ ବୁଦ୍ଧଙ୍କ ହେତୁ ଓଡ଼ିଶାରେ କୃଷିକୁହୁକର ଯେଉଁ ଦାର୍ଶନିକୀକରଣ ଘଟିଥିଲା ତହିଁର ମଧ୍ୟ ସୂଚନା ଦେଉଛି । **ଲାଙ୍ଗୁଳା ନରସିଂହ ଦେବ ଏହି ଲାଙ୍ଗୁଡ଼ି ବୌଦ୍ଧମତର ଅନୁବର୍ତ୍ତୀ, ଅଧିବକ୍ତା ଓ ପ୍ରଚୋଦକ ଥିଲେ ଏବଂ ସେହି କାରଣରୁ**

orissamatters.com

**ବିଦିତ ଥିଲେ ଲାଙ୍ଗୁଳା ନରସିଂହ ଭାବେ ।**

ସେ ଲୋକାୟତ୍ତ ବ୍ୟବସ୍ଥାର ପୁନରୁତ୍‌ଥାନପାଇଁ ଓ ତଦ୍ଦ୍ୱାରା ବ୍ରାହ୍ମଣ୍ୟବାଦର ବର୍ଣ୍ଣବିଦ୍ୱେଷୀ ସମାଜତତ୍ତ୍ୱର ପ୍ରତିକାର କରି ଓଡ଼ିଆ ସମାଜରେ ସାମାଜିକ ଐକ୍ୟର ସୁରକ୍ଷାପାଇଁ ଶ୍ରୀ ଜୟ ଦେବଙ୍କ ପରିପୂରକ ଭାବେ ଉଭା ହୋଇଥିଲେ । ଓଡିଶାର ଅନାଲୋଚିତ **ମହୋଦଧି ସଭ୍ୟତାର** ଦର୍ଶନ ହିଁ ଉଭୟ ଜୟ ଦେବ ଓ ଲାଙ୍ଗୁଳା ନରସିଂହ ଦେବଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିଥିଲା ।

## ହେରୁକଙ୍କ ଆବିର୍ଭାବ

ଏହି ମହୋଦଧି ସଭ୍ୟତା ଶୁଦ୍ଧୋଦନପୁତ୍ରଙ୍କୁ ଯେପରି ବୁଦ୍ଧରେ ରୂପାନ୍ତରିତ କରିଥିଲା, ବୌଦ୍ଧ ବଜ୍ରଯାନର ବିକାଶ ଘଟାଇ ବୁଦ୍ଧଙ୍କୁ ସେପରି ରୂପାୟିତ କରିଥିଲା *ହେରୁକରେ* । ବୌଦ୍ଧଧର୍ମ ଥିଲା ସଂପୂର୍ଣ୍ଣତଃ ବୁଦ୍ଧକୈନ୍ଦ୍ରିକ । ସୁତରାଂ ତାଙ୍କ ଅବର୍ତ୍ତମାନରେ ବୁଦ୍ଧାନୁଗାମୀମାନେ ଘୋର ସଙ୍କଟର ସମ୍ମୁଖୀନ ହୋଇଥିଲେ । ବେଦବାଦୀମାନଙ୍କ ଆକ୍ରମଣକୁ ପ୍ରତିହତ କରି ସେମାନଙ୍କୁ ଆଦର୍ଶାଶ୍ରୟୀ କରି ରଖିବାରେ ସହାୟତା ଦେବାପାଇଁ ବୌଦ୍ଧାଚାର୍ଯ୍ୟମାନେ ସୃଷ୍ଟି କରିଥିଲେ ଶୂନ୍ୟବାଦୀ ଚେତନା । **ଶୂନ୍ୟ ରୂପେ ସର୍ବବ୍ୟାପୀ ହୋଇଯାଇଛନ୍ତି ବୁଦ୍ଧ** - ଏହା ହିଁ ଅନୁରଣିତ ହୋଇଉଠିଥିଲା ଏହି ଚେତନାରେ । କିନ୍ତୁ ବୈଦିକ ସାମ୍ରାଜ୍ୟବାଦର ସଂପ୍ରସାରଣ ରୋକିବାପାଇଁ ବା ସେମାନଙ୍କ ଦାର୍ଶନିକ ତତ୍ତ୍ୱର ସମ୍ମୁଖୀନ ହେବାପାଇଁ ଏହା ଯଥେଷ୍ଟ ନ ଥିଲା । ବେଦବାଦ ଦେବମୟ ଥିଲା ଏବଂ ବେଦାନୁସରଣ ଦ୍ୱାରା ଇହଲୀଳା ସମ୍ବରଣ କରି ମନୁଷ୍ୟ ନିଜ ଉପାସ୍ୟ ଦେବତାଙ୍କ ଧାମକୁ ଯଥା ସ୍ୱର୍ଗକୁ ବା ବୈକୁଣ୍ଠକୁ ଯାଇ ସୁଖରେ ରହିବା ବା ପରମବ୍ରହ୍ମଙ୍କ ଠାରେ ଲୀନ ହୋଇ ମୋକ୍ଷ ଅର୍ଜନ କରିବାର ପ୍ରତିଶ୍ରୁତି ଥିଲା । ଶୂନ୍ୟବାଦ ଏପରି କୌଣସି *ଧାମର* ସୂଚନା ବା ମୋକ୍ଷର ପ୍ରତିଶ୍ରୁତି ଦେଇପାରିଲା ନାହିଁ । ନ ସ୍ୱର୍ଗୋ ନାପବର୍ଗୋ ବା ନୈବାତ୍ମାପରଲୌକିକଃ ଅର୍ଥାତ୍ ସ୍ୱର୍ଗ ନାହିଁ, ନର୍କ ନାହିଁ ବା ପରଲୋକଗତ ଆତ୍ମା ବୋଲି କିଛି ନାହିଁ - ଏପରି ଯେତେ ବିଜ୍ଞାନସମ୍ମତ ନିର୍ଦ୍ଧାରଣ ଥାଇ ମଧ୍ୟ *ସଂପ୍ରସାରଣଶୀଳ ବୈଦିକ ସାମ୍ରାଜ୍ୟବାଦର ସାମାଜିକ ଯଥେଚ୍ଛାଚାର ଦ୍ୱାରା ଆକ୍ରାନ୍ତ ସାଧାରଣ ମଣିଷର ଅସହାୟ ମନ ଏହି ସତ୍ୟ ଉପରେ ନିର୍ଭର କରି ନ ପାରି ନିସ୍ତାର ଆଶାରେ ଦେବାଶ୍ରୟୀ ହେବାକୁ ବାଧ୍ୟ ହେଲା ଓ ତଦ୍ଦ୍ୱାରା ନିଜ ବିରୁଦ୍ଧରେ ନିଜେ ବର୍ଣ୍ଣବୈଷମ୍ୟବାଦକୁ ଦୃଢ଼ୀଭୂତ କରିବାରେ ଲାଗିଲା* ।

ବୁଦ୍ଧଙ୍କ ଅନୁଗାମୀମାନଙ୍କ ପକ୍ଷେ ଏହା ଥିଲା ଏକ ବିଷମ ସଙ୍କଟ । **ଏହି ସଙ୍କଟର ଅପସାରଣ ପାଇଁ ଓଡ଼ିଶାର (ତତ୍କାଳୀନ ଓଡ୍ଡୀୟାନ ରାଜ୍ୟର) ରାଜା ଇନ୍ଦ୍ରଭୁତି ବଜ୍ରଯାନ ପଦ୍ଧତି ସ୍ଥାପନ କଲେ** ଏବଂ ଅବଲୀଳା କ୍ରମେ ଅବର୍ତ୍ତମାନ ବୁଦ୍ଧଙ୍କ ରୂପକଳ୍ପ ଭାବେ ଆବିର୍ଭାବ ଘଟିଲା **ହେରୁକଙ୍କର** । **ନିଜ ନେଉଟଟରଙ୍ଗକୁ ନିଜ ବକ୍ଷରେ ଗ୍ରହଣ କରି ତାର ସମଗ୍ର ସତ୍ତାକୁ ନିଜ ବିଶାଳ ସତ୍ତାରେ ସଂପୂର୍ଣ୍ଣତଃ ନିମଜ୍ଜିତ କରାଇପାରୁଥିବା ସମୁଦ୍ରର ନିବିଡ଼ ନୀଳାଭ**

orissamatters.com

**ରୂପର ଅବଲମ୍ବନରେ ହେରୁକଙ୍କ ରୂପ ହେଲା ନୀଳକୃଷ୍ଣ ଏବଂ ତାଙ୍କ ଚରିତ୍ରରେ ଗୁମ୍ଫିତ ହେଲା ମୋକ୍ଷଦାତାର ସମସ୍ତ ଶକ୍ତି ।** କୋଳରେ ଶକ୍ତିରୂପା ବଜ୍ରବରାହୀଙ୍କୁ ଧାରଣ କରି କୃଷ୍ଣକାୟ ହେରୁକ କାମକୈନ୍ଦ୍ରିକ ସୃଷ୍ଟି ତତ୍ତ୍ୱର ଉତ୍ସ ଭାବେ ଯେପରି ଉଭା ହେଲେ, ପ୍ରାଣର ପରମ ଲକ୍ଷ୍ୟ ଓ ମୋକ୍ଷର ଶେଷ ସୂତ୍ର ଭାବେ ମଧ୍ୟ ସେହିପରି ଆବିର୍ଭୂତ ହେଲେ । **ସେ ଯେ ଥିଲେ ବୈଦିକ ବ୍ରାହ୍ମଣ୍ୟବାଦ ବିରୁଦ୍ଧରେ ଓଡ଼ିଆ ଜାତିର ଜାତୀୟ ବିରକ୍ତିର ତୀକ୍ଷ୍ଣତମ ପରିପ୍ରକାଶ ତାହା ତାଙ୍କ ରୋଷ କଷାୟିତ କୃଷ୍ଣନୀଳ ରୂପରୁ ଏବଂ ଗୋଟିଏ ହାତରେ ବ୍ରହ୍ମାଙ୍କ ମୁଣ୍ଡ କାଟି କରି ଝୁଲାଇ ଧରିଥିବା ଦୃଶ୍ୟରୁ ବେଶ୍ ଅନୁଭବ୍ୟ ।**

ତାଙ୍କ ନାମର ପ୍ରତିଟି ଅକ୍ଷର ଶୂନ୍ୟତା ଏବଂ ତତ୍‌ସହ ଶୂନ୍ୟ ସଙ୍ଗମର ପ୍ରତୀକ ଭାବେ ଗୃହୀତ । ହେବଜ୍ରତନ୍ତ୍ର ଖସଡ଼ାରେ **ହେ** ଅର୍ଥ ଧର୍ମଶୂନ୍ୟତା, **ରୁ** ଅର୍ଥ ସତ୍ତାଶୂନ୍ୟତା ଏବଂ **କ** ଅର୍ଥ ଶୂନ୍ୟ ସହ ଶୂନ୍ୟତାର ସଙ୍ଗମଜନିତ ପରିପୂର୍ଣ୍ଣତା । ବେଦର ବ୍ରହ୍ମଙ୍କ ପରି ତାଙ୍କର ଚାରି ମୁଖ । କିନ୍ତୁ ତାହା ଚାରି ଦିଗ, ଚାରି ସମୁଦ୍ରର ପ୍ରତୀକ । **ଜଳ ସହ ଜଳଧିର ଅନାହତ ମୈଥୁନର କାଳାତୀତ କ୍ରିୟାଶୀଳତାର ବାର୍ତ୍ତା ସତେ ଅବା ଏହି ଚାରି ମୁଖରୁ ନିସ୍ୟନ୍ଦିତ! ସେ ସ୍ୱୟଂ କାଳଚକ୍ର । ଚକ୍ରସମ୍ବର । ବ୍ରାହ୍ମଣ୍ୟବାଦର ସଂପୂର୍ଣ୍ଣ ବିଲୋପନ ହିଁ ତାଙ୍କର ଉଦ୍ଦେଶ୍ୟ ।** ସେଇଥିପାଇଁ ତାଙ୍କର ଗୋଟିଏ ହାତରେ ବ୍ରହ୍ମାଙ୍କ କଟା ମୁଣ୍ଡ ଓ ଅନ୍ୟ ଏକ ହାତରେ ଏକ ଶୋଣିତ ପାତ୍ର ।(http://www.khandro.net/deity_chakrasamvara.htm )

ଅତଏବ, ବୁଦ୍ଧଙ୍କ ତିରୋଧାନ ପରେ ଉଗ୍ର ବାହ୍ମଣ୍ୟବାଦ ମୁଖବ୍ୟାଦାନ କରି ଯେପରି ଆମ ସାମାଜିକ ସଂହତିକୁ ଧ୍ୱଂସ କରିବାକୁ ବସିଥିଲା ତାକୁ ପ୍ରତିହତ କରିବାପାଇଁ *ସର୍ବ ସିଦ୍ଧି ଦାତା* **ଜଗନ୍ନାଥବୁଦ୍ଧ**ଙ୍କର ତଥା *ମୋକ୍ଷ ଦାତା* **ହେରୁକ ରୂପୀ ବୁଦ୍ଧ**ଙ୍କର ପୂଜା ପଦ୍ଧତି ପ୍ରଚଳନ ହେଲା ।

**ବ୍ରାହ୍ମଣ୍ୟବାଦ ଯଦି ପୂଜାଭିତ୍ତିକ ଥିଲା ଏବଂ ବଜ୍ରଯାନ ଯଦି ଏହିପରିଭାବେ ପୂଜା ପଦ୍ଧତି ଆରମ୍ଭ କଲା ତେବେ ପ୍ରଥମଠାରୁ ଦ୍ୱିତୀୟ ଭିନ୍ନ ହେଲା କିପରି? *ଅର୍ଥନୈତିକ ବ୍ୟବସ୍ଥା ଓ ସାମାଜିକ ଦୃଷ୍ଟିଭଙ୍ଗୀକୁ କେନ୍ଦ୍ରକରି ଏହି ଉଭୟ ପଦ୍ଧତି ପରସ୍ପରଠାରୁ ଭିନ୍ନ ।***

*ପ୍ରତିବଦ୍ଧତାହୀନ ଅର୍ଥନୀତି ବ୍ରାହ୍ମଣ୍ୟବାଦର ମୂଳଭିତ୍ତି । ଭାରତରେ ଆର୍ଯ୍ୟଧର୍ମର ପ୍ରୟୋଗସୂତ୍ର ହେଲା ବ୍ରାହ୍ମଣ୍ୟବାଦ ।* ଆର୍ଯ୍ୟମାନେ ଥିଲେ ଯାଯାବର ଏବଂ ସେହେତୁ କୌଣସି ସ୍ଥାନ ପ୍ରତି ଓ ତହିଁର ସମ୍ବଳ ପ୍ରତି ସେମାନଙ୍କର କୌଣସି ପ୍ରତିବଦ୍ଧତା ନ ଥିଲା । ଉପଲବ୍ଧ ମାନବ ସମ୍ବଳକୁ ସେମାନେ ନିଜ ସ୍ୱାର୍ଥ ସାଧନପାଇଁ ଯଦୃଚ୍ଛା ଶୋଷଣ କରିବାକୁ ବ୍ୟଗ୍ରଥିଲେ ଓ ଏହି ଶୋଷଣକୁ ବିଧିବଦ୍ଧ କରିବାକୁ କାଳକ୍ରମେ ବର୍ଣ୍ଣ ବ୍ୟବସ୍ଥା ପ୍ରଚୋଦିତ କରିଥିଲେ । ଏବଂ ଏହାକୁ ବର୍ଣ୍ଣାଶ୍ରମ ଧର୍ମର ନାମ ଦେଇଥିଲେ । ଶ୍ରମିକମାନଙ୍କୁ ଶୁଦ୍ର ବୋଲି କହି ସେମାନଙ୍କୁ ସଂପତ୍ତି ଅର୍ଜନ କରିବା ବା ସଂପତ୍ତି ସଞ୍ଚୟ କରିବା ଅଧିକାରରୁ ବଞ୍ଚିତ କରାଇଥିଲେ । ଏବଂ ସାମାଜିକ ଦାସତ୍ୱ ରଜ୍ଜୁରେ ବଂଶାନୁକ୍ରମିକ ସେମାନଙ୍କୁ ବାନ୍ଧିରଖିବାର ବ୍ୟବସ୍ଥା ପକ୍କା କରିଥିଲେ ।

orissamatters.com

ଏହି ସୁପ୍ରତିଷ୍ଠିତ ସତ୍ୟର ବ୍ୟାଖ୍ୟା ଅନାବଶ୍ୟକ ।

## ଗୋବିନ୍ଦୀୟ ଗୋଳମାଳ

ଧର୍ମ ନାମରେ ଏହି ଘୃଣ୍ୟ ବର୍ଣ୍ଣ ବ୍ୟବସ୍ଥା ଆଜି ୨୦୦୫ ଖ୍ରୀଷ୍ଟାବ୍ଦର ଏହି ତାରିଖରେ ବି କିପରି ଶ୍ରମଜୀବୀର ଜୀବନରେ ଅନ୍ଧାର ଭରି ଭରି ଚାଲିଛି ତାହା ପରେ ଦେଖିବା । ଏବେ କେବଳ ଏତିକି କୁହାଯାଇପାରେ ଯେ, ଭାରତର ଆଦିମ ଅଧିବାସୀମାନଙ୍କଠାରୁ ସ୍ଥାୟୀ ନିବାସର ମହତ୍ତ୍ୱ ବୁଝିବା ପର୍ଯ୍ୟନ୍ତ ଗୋପାଳନ ଥିଲା ସେମାନଙ୍କ ଜୀବନଧାରଣର ମୁଖ୍ୟ ମାଧ୍ୟମ । ସେମାନଙ୍କ ପାଇଁ ଧନର ଅର୍ଥ ଥିଲା ଗୋରୁ । ସେମାନଙ୍କପାଇଁ ଗୋରୁ ହିଁ ଥିଲା ଗୋଧନ । ଗୋଧନ ପ୍ରାପ୍ତି ଉପରେ ସେମାନେ ସବୁଠୁ ଅଧିକ ଗୁରୁତ୍ୱ ଦେଉଥିଲେ । ଗୋଧନ ହାସଲ ପାଇଁ ଆର୍ଯ୍ୟମାନଙ୍କ ମଧ୍ୟରେ ସଂଘର୍ଷ ବି ଘଟୁଥିଲା । କାମଧେନୁ ପାଇଁ ବଶିଷ୍ଠ ଓ ବିଶ୍ୱାମିତ୍ରଙ୍କ ମଧ୍ୟରେ ଘଟିଯାଇଥିବା ବିବାଦ କେଉଁ ପୁରାଣ ପାଠକଙ୍କୁ ବା ଜଣା ନାହିଁ? ରାଜା ଦ୍ରୁପଦଙ୍କଠାରୁ ଗୋଟିଏ ଗାଈ ଆଣିବାକୁ ଉଦ୍ୟମ କରି ବିଫଳ ହେବାରୁ ପ୍ରତିଶୋଧପରାୟଣ ଦ୍ରୋଣାଚାର୍ଯ୍ୟ କିପରି ନିଜର ଶକ୍ତି ବୃଦ୍ଧିପାଇଁ କୁରୁ ରାଜବଂଶ ସହ ସଂପର୍କ ସ୍ଥାପନ କରିଥିଲେ ଓ ଅବଶେଷରେ କୌରବ ତଥା ପାଣ୍ଡବମାନଙ୍କୁ କିପରି ଗୁରୁ ଦକ୍ଷିଣା ବାବଦ୍ ଦ୍ରୁପଦଙ୍କୁ ବାନ୍ଧି ଆଣିବାକୁ ପ୍ରବର୍ତ୍ତାଇଥିଲେ ତାହା ମହାଭାରତର କେଉଁ ପାଠକକୁ ବା ଅଜଣା? ବିରାଟ ରାଜାଙ୍କ ଗୋଧନ ଲୁଣ୍ଠନପାଇଁ ଭୀଷ୍ମ, ଦ୍ରୋଣ, କର୍ଣ୍ଣ, କୃପାଚାର୍ଯ୍ୟ ପ୍ରମୁଖଙ୍କ ସାହାଯ୍ୟରେ ଦୁର୍ଯ୍ୟୋଧନର ଉଦ୍ୟମ ବ୍ରାହ୍ମଣ୍ୟବାଦୀ ସମାଜର ଗୋଧନ ନିର୍ଭରଶୀଳତାର ଅନ୍ୟତମ ନିଦର୍ଶନ ।

ବେଦ ଉପନିଷଦର ବିଭିନ୍ନ ସ୍ଥଳରେ ଗୋଧନ ପ୍ରାପ୍ତିପାଇଁ ବ୍ୟଗ୍ରତା ଦୃଷ୍ଟିରେ ପଡେ । *ପୁରୁଷପ୍ରାଧାନ୍ୟ ସାବ୍ୟସ୍ତ କରିବାପାଇଁ ଯୌନ ସଂସର୍ଗରେ ସ୍ତ୍ରୀକୁ ଅଧସ୍ତନ କରି ରଖିବାକୁ ନିର୍ଦ୍ଦେଶ ଦେଇଥିବା ଛନ୍ଦୋଗ୍ୟଉପନିଷଦ ତଦ୍ୱାରା ଗୋଧନବୃଦ୍ଧି ହେବ ବୋଲି କହିଥିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ।* ଏହା ମତରେ ହିଂକାର (କୌଣସି ସ୍ତ୍ରୀକୁ ଡାକିବା), ପ୍ରସ୍ତାବ (ସଙ୍ଗମ ପାଇଁ ପ୍ରବର୍ତ୍ତାଇବା), ଉଦ୍ଗୀଥ (ସେହି ସ୍ତ୍ରୀ ସହ ଶୋଇବା), ପ୍ରତିହାର (ସେହି ସ୍ତ୍ରୀ ଉପରେ ଆରୋହଣ କରିବା, ନିଧାନ (ବୀର୍ଯ୍ୟ ବିକ୍ଷେପ କରିବା)-ଯୌନ ସଂସର୍ଗର ଏହି ପଞ୍ଚବିଧ ପ୍ରଣାଳୀକୁ ମାନି ଯେଉଁ ବ୍ୟକ୍ତି କୌଣସି ସ୍ତ୍ରୀ ସହ ସଙ୍ଗମ କରେ ସେ ପ୍ରତି ସଙ୍ଗମରୁ ସନ୍ତାନ ଉତ୍ପନ୍ନ କରେ, ଜୀବନର ପୂର୍ଣ୍ଣକାଳ ଉପଭୋଗ କରେ, ଦୀର୍ଘଜୀବୀ ହୁଏ, ବହୁ ସନ୍ତାନର ଜନକ, ବହୁ ଗୋଧନର ମାଲିକ ହୁଏ, ଯଶସ୍ୱୀ ହୁଏ । (He who knows thus this Vamadevya Saman as woven upon copulation comes to copulation, procreates himself from every copulation, reaches a full length of life, lives long, becomes great in offspring and in cattle, great in fame: R.E.Hume, Thirteen Principal Upanisads, Oxford, 1921-ii.13)

orissamatters.com

**ସଙ୍ଗମ ଦ୍ୱାରା କୌଣସି ସ୍ତ୍ରୀଠାରେ ଗର୍ଭାଧାନ କରାଯାଇପାରେ । ଏହା ବୁଝି ହେଉଛି । ମାତ୍ର ଏତଦ୍ୱାରା ଗୋଧନ ଲାଭ କିପରି ସମ୍ଭବ-ଏହା ବୁଝି ହେଉନି । ସୁତରାଂ ଏହି ସାମର ତାତ୍ପର୍ଯ୍ୟ କ'ଣ?**

ସେ ସମୟର ସ୍ଥିତି ଅନୁଧ୍ୟାନ କଲେ ଏହି ତାତ୍ପର୍ଯ୍ୟ ସ୍ପଷ୍ଟ ହୋଇଯାଏ । ଆର୍ଯ୍ୟମାନଙ୍କ ଅର୍ଥନୀତି ସହ ଜଡିତ ସାମାଜିକ ଦୃଷ୍ଟିଭଙ୍ଗୀର ଏହା ଏକ ପରିଚାୟକ ।

ପୂର୍ବରୁ କୁହା ହୋଇଛି ଯେ ସେମାନଙ୍କ ଆର୍ଥିକ ସମ୍ବଳ ଥିଲା ଗୋଧନ । ଜୀବନ ଧାରଣର ମାଧ୍ୟମ ଥିଲା ଗୋପାଳନ । ଯେଉଁ ବ୍ରାହ୍ମଣ ଅଧିକ ଗୋ ସଂପଦର ଅଧିକାରୀ ତାଙ୍କୁ ସମ୍ଭ୍ରମର ସହ ସଂବୋଧନ କରାହେଉଥିଲା *ଗୋସ୍ୱାମୀ* ବା *ଗୋସାଇଁ* ଭାବେ । ଅଧିକ ଗୋଧନପାଇଁ ଚୋରୀ ଡକାୟତିରେ ବି ସେମାନେ ବ୍ୟାପୃତ ରହୁଥିଲେ । ଏହି କାର୍ଯ୍ୟରେ ନିର୍ଭରଯୋଗ୍ୟ ସାହାଯ୍ୟକାରୀ ପାଇବାପାଇଁ ଏବଂ ଜଙ୍ଗଲ ଭିତରେ ଗୋରୁ ଚରାଇ ସେମାନଙ୍କୁ ଜଗାରଖା କରିବାପାଇଁ ସେମାନଙ୍କର ଅଧିକ ସଂଖ୍ୟକ ଆତ୍ମପକ୍ଷୀୟ ଲୋକବଳ ଆବଶ୍ୟକ ହେଉଥିଲା । ଏହି ଲୋକବଳ ବୃଦ୍ଧିପାଇଁ ସେମାନେ ଅଧିକ ସନ୍ତାନ ଚାହୁଁଥିଲେ । ଆର୍ଯ୍ୟନାରୀ ଶତପୁତ୍ରର ଜନନୀ ହେବାକୁ ବର ମାଗୁଥିଲା । ଯେଉଁ ସ୍ତ୍ରୀ ଯେତେ ଅଧିକ ପୁତ୍ର ଜନ୍ମ କଲା ଏବଂ ଯାହାର ପୁତ୍ର ଯେତେ ଅଧିକ ପିତୃଭକ୍ତ ଓ ଦୁର୍ଦ୍ଦାନ୍ତ ହେଲା ସେ ସେତେ ସମ୍ମାନିତା ହେଉଥିଲା । ଗୋଟିଏ ମାତ୍ର ପୁତ୍ର ଥିବା ଦ୍ରୋଣ ସ୍ୱୟଂ ଅସ୍ତ୍ର ବିଶାରଦ ହୋଇ ମଧ୍ୟ ଗାଈଟିଏ ପାଇଁ ଦ୍ରୁପଦଙ୍କ ପାଖରେ ହାତ ପତାଇବାକୁ ପଡିଥିଲା । ଅଥଚ ଧୃତରାଷ୍ଟ୍ରଙ୍କର ଶହେ ପୁତ୍ର ଥିବା ହେତୁ ସେହି ପୁତ୍ରମାନେ ବିରାଟଙ୍କ ରାଜ୍ୟ ଉପରେ ଆକ୍ରମଣ କରିଥିଲେ ତାଙ୍କ ଗୋଧନ ଲୁଣ୍ଠନ କରିବାପାଇଁ ।

ଭିନ୍ନ ଭାବେ କହିଲେ ଅଧିକ ଗୋଧନ ପାଇଁ ବ୍ରାହ୍ମଣ୍ୟବାଦୀ ଆର୍ଯ୍ୟ ଅଧିକ ପୁତ୍ର ସନ୍ତାନ ଆବଶ୍ୟକ କରୁଥିଲା । ଏହି ସନ୍ତାନ ତାକୁ ନାରୀ ସଂସର୍ଗରୁ ମିଳିବାର ଥିଲା । **ସେହେତୁ ନାରୀକୁ ଅଧସ୍ତନ କରି ଯତ୍‌ପରୋନାସ୍ତି ଅଧିକ ପୁତ୍ର ପ୍ରସବପାଇଁ ବାଧ୍ୟ କରୁଥିଲା ବ୍ରାହ୍ମଣ୍ୟବାଦ । ଅତଏବ ସନ୍ତାନପାଇଁ ନୁହେଁ, ଗୋଧନ ପାଇଁ ହିଁ ସ୍ତ୍ରୀ ସଂସର୍ଗ ଆବଶ୍ୟକ ଥିଲା । ନାରୀ ସମ୍ଭୋଗ କର, ତଦ୍ୱାରା ଅଧିକ ସନ୍ତାନ ଉତ୍ପନ୍ନ କର ଓ ସେମାନଙ୍କ ସାହାଯ୍ୟରେ ଅଧିକ ଗୋଧନ ଅକ୍ତିଆର କର -ଏହା ହିଁ ଉପରୋକ୍ତ ସାମର ତାତ୍ପର୍ଯ୍ୟ ।** ଏଥିପାଇଁ ଯେ କୌଣସି ସ୍ତ୍ରୀକୁ ସମ୍ଭୋଗ କରିବା ଆର୍ଯ୍ୟ ପୁରୁଷର ଅଧିକାରଭୁକ୍ତ ବୋଲି ଘୋଷିତ ହୋଇଛି । "One should never abstain from any woman". (Ibid) ପରେ ଆମେ ଦେଖିବା ଦେହ ଦାନପାଇଁ ଅମଙ୍ଗ ନାରୀକୁ ଧର୍ଷଣ କରିବାକୁ ବ୍ରାହ୍ମଣ୍ୟ ଶାସ୍ତ୍ର କିପରି ନିର୍ଦ୍ଦେଶ ଦେଇଛି ।

## ପ୍ରତିବାଦରେ ପରିସୃଷ୍ଟ ରାଧା

ପୁରୁଷ ସୃଷ୍ଟି କରେ ଏବଂ ସନ୍ତାନ ସୃଷ୍ଟିପାଇଁ ଯେ କୌଣସି ନାରୀକୁ ସେ ସମ୍ଭୋଗ

orissamatters.com

କରିପାରେ - ଏହା ହିଁ ଥିଲା ଆର୍ଯ୍ୟ ସମାଜର ସାମାଜିକ ଦୃଷ୍ଟିଭଙ୍ଗୀ । **ପୁରୁଷପ୍ରଧାନ-ମୈଥୁନ** ଥିଲା ଏହି ଦୃଷ୍ଟିଭଙ୍ଗୀର ନିର୍ଯାସ ଏବଂ ଏହି ଦୃଷ୍ଟିଭଙ୍ଗୀ ବ୍ରାହ୍ମଣ୍ୟବାଦୀ ସମାଜର ଗୋଧନସର୍ବସ୍ୱ ଅର୍ଥନୀତି ଦ୍ୱାରା ପରିସୃଷ୍ଟ ଓ ପରିପୁଷ୍ଟ ହୋଇଥିଲା । ଶ୍ରୀ ଜୟ ଦେବ ଏହି ଦୃଷ୍ଟିଭଙ୍ଗୀର ଧାରାକୁ ବଦଳାଇଦେବାକୁ ଉଦ୍ୟମ କରିଥିଲେ **ନାରୀପ୍ରଧାନ-ମୈଥୁନ**ର ରୂପକଳ୍ପ ଭାବେ ରାଧାକୁ ସୃଷ୍ଟିକରି ।

ସରଳ ରସାଳ ଶୈଳୀରେ ସେ ଗ୍ରଥୀତ କରିଥିଲେ ରାଧାର ରତିଚକ୍ରର ଗାଥା । **ପୁରୁଷପ୍ରଧାନ ସୃଷ୍ଟିତତ୍ତ୍ୱର ବିପରୀତ ତତ୍ତ୍ୱ ନାରୀପ୍ରଧାନ ସୃଷ୍ଟିତତ୍ତ୍ୱ** ଉପରେ ଗୁରୁତ୍ୱ ଦେଇଥିଲେ ଗୁରୁଶ୍ରେଷ୍ଠ ବୁଦ୍ଧ । ପରେ ବଜ୍ରଯାନ ଓ ସହଜଯାନ ଏହି ତତ୍ତ୍ୱର ପ୍ରୟୋଗ ପଦ୍ଧତି ଭାବେ ବିକଶି ଉଠିଥିଲା ବୁଦ୍ଧଙ୍କ ଜନ୍ମମାଟି ଓଡ଼ିଶାରେ । ଓଡ଼ିଶାର **ମହୋଦଧି** ପୁଷ୍ଟ କରିଥିଲା ଏହି ସୃଷ୍ଟିତତ୍ତ୍ୱକୁ ।

ମହୋଦଧିରୁ ଉଦ୍‌ଗତ ଜଳର ତରଙ୍ଗ ବେଳାଭୂମି ଉପରକୁ ଆସି ପୁଣି ସେହି ମହୋଦଧି ପ୍ରତି ପ୍ରଧାବିତ ହୋଇ ଯେପରି ତା ବକ୍ଷରେ ମିଶିଯାଏ, ଠିକ୍ ସେହିପରି ଅନାହତ ସୃଷ୍ଟି ପ୍ରକ୍ରିୟାରୁ ପରିସୃଷ୍ଟ ଜୀବ-ସତ୍ତା ସେହି ପରମ ପ୍ରକ୍ରିୟାକୁ ଫେରି ତାହାକୁ ଋଦ୍ଧିମନ୍ତ କରେ । **ସମାଜ-ଚେତନା ସମାଜରୁ ଉଦ୍‌ଗତ ହୋଇ ପୁନରାୟ ଫେରିଚାଲିଥାଏ ସମାଜ ବକ୍ଷକୁ କାରଣ ତାହାହିଁ ତାହାର ସକ୍ରିୟତାର ମୂଳାଧାର** । ଶ୍ରୀ ଜୟ ଦେବ ଜୀବନ ଚକ୍ରର ଏହି ଅନାହତ ଲୀଳାକୁ ଆଧାର କରି ସୃଷ୍ଟି କରିଥିଲେ ରାଧାଙ୍କ ରତିଚକ୍ରର ଗାଥା ଯାହା ଥିଲା ସର୍ବଥା ନାରୀପ୍ରଧାନ ମୈଥୁନର ଏକ ଶାଶ୍ୱତ ଶବ୍ଦରୂପ ।

ବେଳାଭୂମି ବକ୍ଷରୁ ଘନ ନୀଳ ମହୋଦଧିର ବକ୍ଷ ଉଦ୍ଦେଶ୍ୟରେ ପ୍ରଧାବିତ *ଶୁଭ୍ର ଫେନିଳ ଜଳର ଧାରା* ଜୟ ଦେବଙ୍କ ବର୍ଣ୍ଣନାରେ ହୋଇଯାଇଥିଲା ରାଧା । **( ଧାରା - *ଧା* ଏବଂ *ରା* -ଲେଉଟି ଗଲା ବେଳେ *ରା* ଏବଂ *ଧା* - ରାଧା ହେବା ଏବଂ ତାର ରଙ୍ଗ ଗୋରା ହିଁ ହେବା ସ୍ୱାଭାବିକ । )** ଏବଂ ଏହି ରାଧାର ସତ୍ତା ଧାରଣକର୍ତ୍ତା ଘନ ନୀଳ ମହୋଦଧି ହିଁ ତାଙ୍କପାଇଁ ଥିଲା କୃଷ୍ଣନୀଳ କଳେବରସଂପନ୍ନ ବୁଦ୍ଧ **ହେରୁକ**, ଯାହାଙ୍କୁ **ହରି** ଭାବେ ସେ ଉପସ୍ଥାପିତ କରିଥିଲେ ।

ଉଲ୍ଲେଖନୀୟ ଯେ ଶ୍ରୀ ଜୟ ଦେବ ତାଙ୍କ ରଚିତ ପ୍ରବନ୍ଧଗୁଡ଼ିକରେ ନାୟକର ନାମ ୮୪ ବାର ନେଇଥିବା ବେଳେ ତହିଁରୁ ୫୨ ବାର ନେଇଛନ୍ତି କେବଳ ଗୋଟିଏ ନାମ ; ତାହା ହେଲା ***ହରି*** । **ସେ ଥରେ ହେଲେ *ଗୋବିନ୍ଦ* ନାମ ଧରି ନାହାନ୍ତି । ଅଥଚ ୫୨ ଥର ଉଲ୍ଲେଖ କରିଛନ୍ତି *ହରି* ନାମ** । *ହେରୁକ* ସ୍ଥଳବିଶେଷରେ *ହୈରିକ* ଭାବେ ବି ସମ୍ବୋଧିତ ହୋଇଥାନ୍ତି, କାରଣ ସବୁରି ପ୍ରାଣର ହରଣକାରୀ ହେଉଛନ୍ତି ସେ ହିଁ । ଶ୍ରୀ ଜୟ ଦେବ ଯେଉଁ କୂର୍ମ ପାଟକପୁରର ଅଧିବାସୀ ଥିଲେ ତହିଁର ମୁଖ୍ୟସ୍ଥାନ *କୁରୁମ*ରୁ ମିଳିଥିବା ପ୍ରାଚୀନ ବୌଦ୍ଧ ବିଗ୍ରହମାନଙ୍କ ମଧ୍ୟରେ ଅଛନ୍ତି *ହେରୁକ* । ସ୍ଥାନୀୟ ଲୋକେ ଏହି *ହେରୁକଙ୍କୁ* ଏବେ ବି *ଧର୍ମ*

orissamatters.com

ବା ସୂର୍ଯ୍ୟ ବୋଲି କହନ୍ତି । ("One of these figure is identified with 'Heruka'. Local people call this image as 'Dharma' [the Sun God]": 'Kuruma: A lesser Known Buddhist Site of Orissa: S.K.Rath, Orissa Review, April 2005) ବୌଦ୍ଧ ବାଙ୍‌ମୟରେ **ବୁଦ୍ଧ ହିଁ ହେରୁକ** ଏବଂ **ହେରୁକ ସୂର୍ଯ୍ୟ**ଙ୍କର ଅନ୍ୟ ଏକ ନାମ ହୋଇଥିବା ବେଳେ ବ୍ରାହ୍ମଣ୍ୟ ସାହିତ୍ୟରେ ସୂର୍ଯ୍ୟଙ୍କର ସ୍ୱୀକୃତ ନାମ ତାଲିକାରେ ରହିଛି ହରି । ଏହି ହେତୁ **, ହେରୁକ ବା ହୈରିକ ବଦଳରେ ଶ୍ରୀ ଜୟ ଦେବ ହରି ଶବ୍ଦ ବ୍ୟବହାର କରିଛନ୍ତି ଯାହା ସାଙ୍ଗୀତିକତା ଦୃଷ୍ଟିରୁ କେବଳ ଯଥାର୍ଥ ହୋଇଛି ତା ନୁହେଁ, ବୌଦ୍ଧବିରୋଧୀମାନଙ୍କୁ ପ୍ରତାରିତ କରି ଏହି ସହଜଯାନୀ ସାହିତ୍ୟର ସଂପ୍ରସାରଣରେ ମଧ୍ୟ ବ୍ରାହ୍ମଣ୍ୟବାଦୀମାନେ ଯେପରି ସହାୟକ ହେବେ ତାପାଇଁ ପଥ ସୁଗମ କରିଛି ।**

ପରେ ତାହା ଦେଖିବା । ବର୍ତ୍ତମାନ ପାଇଁ ଏତିକି ଯଥେଷ୍ଟ ଯେ ଶ୍ରୀ ଜୟ ଦେବ ନିଜ ରଚନାରେ ହରି ଶବ୍ଦର ବ୍ୟାପକ ବ୍ୟବହାର କରିଥିବା ବେଳେ ଗୋବିନ୍ଦ ଶବ୍ଦ ଥରକପାଇଁ ବି ବ୍ୟବହାର କରି ନ ଥିଲେ । **ଗୋବିନ୍ଦ ଶବ୍ଦ ଯେହେତୁ ଗୋସ୍ୱାମୀ ବା ଗୋସାଇଁଙ୍କୁ ବୁଝାଉଥିଲା ଓ ଏହା ଯେହେତୁ ବ୍ରାହ୍ମଣ୍ୟବାଦର ପରିଚାୟକ ଥିଲା ସେହେତୁ ସେ ଇଛାକରି ଏହି ଶବ୍ଦ ବର୍ଜନ କରିଥିଲେ । ନିଜ ଜନ୍ମସ୍ଥଳିର ସନ୍ନିକଟବର୍ତ୍ତୀ ସମୁଦ୍ରକୁ ଗଭୀର ଭାବେ ଅନୁଧ୍ୟାନ କରି ଜଳ ଓ ଜଳଧିର ନିରବଛିନ୍ନ ସଙ୍ଗମରେ ଜୀବନଚକ୍ରର ରହସ୍ୟ ସନ୍ଦର୍ଶନ କରି ଜୀବନର ବିକାଶ ଓ ବିଲୟର ଏହି ଅବିନଶ୍ୱର ପ୍ରକ୍ରିୟାକୁ ସେ ଉପସ୍ଥାପିତ କରିଥିଲେ ଜୀବନ୍ନ୍ୟ ବାଇଶଟି ପ୍ରବନ୍ଧରେ, ବୌଦ୍ଧ କାମବଜ୍ରଯାନର ଏକ ସହାୟକ ସାହିତ୍ୟ ଭାବେ ।** ଏହି ଏକା ଦର୍ଶନତତ୍ତ୍ୱକୁ ଆଧାର କରି ଲାଙ୍ଗୁଳା ନରସିଂହ ପରିକଳ୍ପନା କରିଥିଲେ କୋଣାର୍କ ମନ୍ଦିରର । ଏବଂ ତା ମାଧ୍ୟମରେ ଏହି ଦର୍ଶନକୁ ଅଧିକ ଋଦ୍ଧିମନ୍ତ କରିଥିଲେ ।

## *ରାଧା ଓ ମହୋଦଧି ସଭ୍ୟତା*

ଏହି ଦର୍ଶନ ତତ୍ତ୍ୱ ଭରିଥିଲା ଓଡ଼ିଆ ମନରେ ଅକୁତୋଭୟତା , କାରଣ ଜୀବସତ୍ତାର ଶେଷ ପରିଣତି ଯେ ପରମସତ୍ତାରେ ସମାଗମ ଜନିତ ପରିପୂର୍ତ୍ତି – ଏହା ସେ ଏହିଥିରୁହିଁ ଶିଖିଥିଲା । ସୁତରାଂ, ନିର୍ଭୀକ ଓଡ଼ିଆ ନାବିକ ଅନନ୍ତ ଦିଗ୍‌ବଳୟ ସ୍ପର୍ଶୀ ମହୋଦଧି ବକ୍ଷରେ ନାବ ମେଲି ଦିଗ୍‌ବଳୟର ପରପାରିରେ କ'ଣ ଥାଇପାରେ ତାର ସନ୍ଧାନ ନେଇଥିଲା ଏବଂ ବର୍ମା, ମାଳୟ, ଜାଭା, ସୁମାତ୍ରା, ବୋର୍ଣିଓ ପ୍ରଭୃତିରେ ନିଜ ସଭ୍ୟତା ସଂସ୍ଥାପିତ କରିଥିଲା ।

ଇତିହାସରେ ଭରି ହୋଇଯାଇଥିଲା ଏହାର ଅଜସ୍ର ପ୍ରମାଣ । ଉଦାହରଣତଃ *ଶ୍ରୀକ୍ଷେତ୍ର* । ବର୍ମାରେ ଓଡ଼ିଆମାନେ ସ୍ଥାପିତ କରିଥିବା ପ୍ରାଚୀନ ଉପନିବେଶର ନାମ ରଖିଥିଲେ ଶ୍ରୀକ୍ଷେତ୍ର । ( "The ancient name attributed to old Prome is Srikshetra, so often mentioned in the Mon records as Sikset or Srikset, and by the Chinese pilgrims as Si-li-cho-ta-lo; and Srikshetra is the

orissamatters.com

holy land of Puri on the ancient Kalinga coast." Brahminical Gods in Burma: Dr. Nihar Ranjan Roy)

ସେପରି ମାଳୟ ଓ ଜାଭାରେ ପ୍ରତିଷ୍ଠିତ ପ୍ରାଚୀନତମ ଉପନିବେଶର ସ୍ଥାପନକର୍ତ୍ତା ଥିଲେ ମଧ୍ୟ ଓଡ଼ିଆଏ । ("Likewise the earliest colonization of the Malaya Peninsula and Java had probably been made from Kalinga, for the Hindus of the Peninsula and the islands were and are still known as Kling." - Ibid)

ଓଡ଼ିଆ କଳା ଓ ସ୍ଥାପତ୍ୟ ସଂପ୍ରସାରିତ ହୋଇଯାଇଥିଲା ସେହି ସମସ୍ତ ନୂଆ ଉପନିବେଶଗୁଡ଼ିକୁ । ("The two examples from Tholan, now housed in the Rangoon Museum, are decidedly Indian in form and composition as also in execution, done no doubt locally by Indian artists or by artists trained under Indian masters. They seem to have very intimate artistic affinities with the most recent finds of Brahminical and Mahayanist divinities from Orissa by Rai Bahadur Ram Prasad Chanda, B.A., now housed in the Indian Museum." - Ibid) ମେଳକ(http://orissamatters.com/news/index.php/2003/01/10/melaka/) ତ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ମାଳୟେସିଆରେ ଓଡ଼ିଆ ପ୍ରଭାବ ଏପରି ସାନ୍ଦ୍ର ଓ ସର୍ବବ୍ୟାପୀ ଥିଲା ଯେ, ବହିରାଗତ ଲୋକେ ଏହାକୁ *କଳିଙ୍ଗ* ନାମରେ ହିଁ ବୁଝୁଥିଲେ ( The Age of Imperial Kanauja, Vidya Bhavan, p.414)

ଏସବୁ ସମ୍ଭବ ହୋଇଥିଲା କେବଳ *ଓଡ଼ିଶାର ନୌବାଣିଜ୍ୟ* ପାଇଁ । ଏବଂ ଏହି ନୌବାଣିଜ୍ୟର ପରଂପରା ସୃଷ୍ଟି କରିଥିଲା **ଓଡ଼ିଶାର ମହୋଦଧି ସଭ୍ୟତା** ।

ସମ୍ଭବତଃ ସାରା ଭାରତରେ *ଓଡ଼ିଆ ଜାତି ହିଁ ଥିଲା ନୌବାଣିଜ୍ୟର ପ୍ରଥମ ପ୍ରବର୍ତ୍ତକ* । କାରଣ ଓଡ଼ିଆଜାତିକୁ ବୁଝାଉଥିବା ପରି ଶବ୍ଦ ଯଥା-*ଶ୍ରୀକ୍ଷେତ୍ର, ଉଣ୍ଶା , କ୍ଳିଙ୍ଗ, କଳିଙ୍ଗ* ଇତ୍ୟାଦି ନାମରେ ବିଦିତ ଭୂଖଣ୍ଡ ବହିଃରାଷ୍ଟ୍ରମାନଙ୍କରେ ଉପଲବ୍ଧ ହେଉଥିବା ବେଳେ ଭାରତର ଅନ୍ୟ କୌଣସି ଅଞ୍ଚଳକୁ ସୂଚାଉଥିବା ପରି କୌଣସି ନାମ ଭାରତ ବାହାରେ ଏପରି କୌଣସି ସମୁଦ୍ର ସଂଲଗ୍ନ ଭୂଖଣ୍ଡରେ ପ୍ରାୟତଃ ଦେଖା ଯାଏ ନାହିଁ ।

ଉଭୟ ବର୍ମା ଓ ସିଂହଳରେ **ପାଲିଭାଷା**ର ପ୍ରଚଳନ ପ୍ରତି ଦୃଷ୍ଟି ଦେଲେ **ଏହି ଭାଷାର ଆଦ୍ୟ ପୀଠ ଓଡ଼ିଶା**ରୁ ଯେ ଭାରତୀୟ ସଂସ୍କୃତି ପ୍ରଥମେ ସେହି ଦେଶଗୁଡ଼ିକୁ ଯାଇଥିଲା, ତାହା ପ୍ରମାଣିତ ହୋଇଯାଏ । ଏବଂ ତାହା ନୌବାଣିଜ୍ୟରେ ଓଡ଼ିଶାର ପ୍ରବର୍ତ୍ତକ

orissamatters.com

ଭୂମିକାକୁ ସ୍ପଷ୍ଟ କରେ ।

ଇତିହାସ ଏହାର ସାକ୍ଷୀ ଯେ, ଓଡ଼ିଶାର ଏହି ଅନନ୍ୟ ନୌ ପରଂପରା ବ୍ରିଟିଶ ଶାସନକାଳରେ କେତେକ କାନକୁହା ବଙ୍ଗାଳୀଙ୍କ ଚକ୍ରାନ୍ତ ହେତୁ ଉଜୁଡି ଯିବା ପର୍ଯ୍ୟନ୍ତ ସାରା ଭାରତରେ ଅତୁଳନୀୟ ହୋଇ ରହିଥିଲା । ସେ ପର୍ଯ୍ୟନ୍ତ ସାରା ଭାରତରେ ଓଡ଼ିଆ ନୌବହର ପରି ସୁନ୍ଦର ଓ ସୁଦୃଢ଼ ନୌବହର କେଉଁଠି ବି ନ ଥିଲା ବୋଲି ୱାଟସନଙ୍କ ରିପୋର୍ଟରେ ସ୍ୱୀକୃତ ହୋଇଛି । ଯଥା-".....the boats were by far the best that I ever saw in any part of India" (E.Watson, 4th Judge, Calcutta Court of Circuit, to W.B.Bayley, Secretary to Government in the Judicial Department, dated 3 May, 1817) ।

ପ୍ରଫେସର ପାଣିଗ୍ରାହୀଙ୍କ ସୂତ୍ରରୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସ୍ଥାନିତ ପ୍ରସ୍ତର ନିର୍ମିତ ପ୍ରାଚୀନ କାରୁକାର୍ଯ୍ୟରେ ଖୋଦିତ ହୋଇ ରହିଛି ଏପରି ଏକ ନୌକା ଯହିଁରେ ଜଳପଥରେ ହସ୍ତୀ ରପ୍ତାନୀ ହେଉଥିବାର ଦୃଶ୍ୟ ପରିଦୃଶ୍ୟମାନ । ଏପରି ଦୃଶ୍ୟ ମଧ୍ୟ ବର୍ଣ୍ଣିତ ହୋଇଛି ୱାଟସନଙ୍କ ଉପରୋକ୍ତ ରିପୋର୍ଟରେ । ଓଡ଼ିଶାର ନୌକାଗୁଡ଼ିକ ବିଶାଳତା ଓ ପରିପାଟିରେ ଭାରତରେ ଅଦ୍ୱିତୀୟ ସ୍ଥାନର ଅଧିକାରୀ ବୋଲି ସୂଚାଇ ସେ କହିଛନ୍ତି ଯେ ଏକାବେଳେ ଅନେକ ହାତୀ ତଥା ଘୋଡ଼ାଗାଡ଼ି ଓ ପାଲିଙ୍କି ବହନ କରି ନେବାକୁ ଏଗୁଡ଼ିକ ସକ୍ଷମ । ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଇ ଏଗୁଡ଼ିକୁ ନିଶ୍ଚୟ ତିଆରି କରାଯାଇଥିବ ଓ ଏଗୁଡ଼ିକର ଯତ୍ନ ନେବାରେ ବି ପ୍ରଚୁର ଅର୍ଥ ବ୍ୟୟ ହେଉଥିବ । ("....they were decked and capable of crossing several elephants, carriages and palanquins together. They must have been built at considerable cost, and kept up at a very great expense." Ibid)

**ନେପଥ୍ୟ ଖଳନାୟକ**

ୱାଟସନଙ୍କ ଏହି ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଏକ ଅନ୍ତର୍ନିହିତ କ୍ଷୋଭରେ ଉପନୀତ ହୋଇ ଇତିହାସକୁ ସ୍ପଷ୍ଟତର କରିଛି । ସେ ଲେଖିଛନ୍ତି, ( ସ୍ୱକୀୟ ବାଣିଜ୍ୟ କାରବାରରୁ ସମୟର ଗଡ୍ଡାଳିକା ପ୍ରବାହରେ ଅପସରି ଆସିଥିଲେ ମଧ୍ୟ ) ଜାଗିର ଜମି ଉପଭୋଗ କରୁଥିବା ହେତୁ ଓଡ଼ିଶାର ନୌବହର ଗୁଡ଼ିକର ପରିଚାଳକମାନେ ସୁଖ ଶାନ୍ତିରେ ଥିଲେ ଓ କାହାର କୌଣସି ଆପତ୍ତି ଓଜର ନ ଥିଲା । କିନ୍ତୁ *ସତେ ଯେମିତି ଏହି ଈର୍ଷଣୀୟ ସ୍ୱଚ୍ଛଳତାପାଇଁ ସେମାନଙ୍କୁ ଦଣ୍ଡିତ କରିବାକୁ କୌଣସି ନେପଥ୍ୟ ଖଳନାୟକ ଗୋଷ୍ଠୀର ଚକ୍ରାନ୍ତରେ ପୁନର୍ଦଖଲ ଆଳରେ ସେମାନଙ୍କ ଜାଗିର ଜମିର ଅଧିକାଂଶ ଭାଗ ବାଜ୍ୟାପ୍ତ କରିଦିଆଯାଇଛି* । ("The ferry men themselves were contented and happy and no complaints whatever were heard from any quar

orissamatters.com

ter. But as if to execute a punishment for this enviable state of things, most of the lands secured by these grants, has under the name of resumption been confiscated."-Ibid)

ଏହି ନେପଥ୍ୟ ଖଳନାୟକମାନେ ଯେ ଥିଲେ ବଙ୍ଗାଳୀ ତାହା ଇଂରେଜ ଅଧିକାରୀମାନେ ବହୁ ସ୍ଥଳରେ ଉଲ୍ଲେଖ କରିଛନ୍ତି । ପରେ ତହିଁ ପ୍ରତି ଦୃଷ୍ଟି ଦେବା । ଏବେ କେବଳ ଏତିକି କହିବା ଯଥେଷ୍ଟ ଯେ, **ମୁସଲମାନମାନେ ଯାଇ ଇଂରେଜମାନେ ଭାରତ ଦଖଲ କରି ଓଡ଼ିଶାକୁ ଭାଗ ଭାଗ କରିଦେବା ପର୍ଯ୍ୟନ୍ତ ସେହି ଇଂରେଜମାନଙ୍କ ସ୍ୱୀକାରୋକ୍ତି ଅନୁସାରେ ସାରା ଭାରତରେ ଓଡ଼ିଆ ଜାତି ସର୍ବୋତ୍ତମ ନୌବହରର ଅଧିକାରୀ ହୋଇ ରହିଥିଲା ଏବଂ ଥିଲା ମଧ୍ୟ ଅତୁଳନୀୟ, ଅନନ୍ୟସାଧାରଣ ଓ ଈର୍ଷଣୀୟ ମର୍ଯ୍ୟାଦାର ଅଧିକାରୀ ।** ଏବଂ ଏଥିପାଇଁ ବଙ୍ଗାଳୀମାନେ ହିଁ ଓଡ଼ିଆମାନଙ୍କୁ ସବୁଠାରୁ ଅଧିକ ଈର୍ଷା କରୁଥିଲେ । ଏହି ଈର୍ଷା ଫଳବତୀ ହେବାର ମାଧ୍ୟମ ସେମାନଙ୍କୁ ମିଳିଯାଇଥିଲା ବିଲାତି ଗୋରାଙ୍କ ଶାସନରେ । ଏହା ଜାଣିବାକୁ ହେଲେ ସେହି ସମୟର ଭାରତକୁ ଫେରିଯିବାକୁ ହେବ ।

ଇତିହାସର ଗଡ୍ଡାଳିକା ପ୍ରବାହ ମଧ୍ୟରେ ଇଂରେଜମାନେ ଭାରତକୁ ଯେତେବେଳେ କାବୁ କଲେ, ସେମାନଙ୍କ ପଦାନତ ହେବାପାଇଁ ସହଜ ଅଞ୍ଚଳଭାବେ ଦେଖାଦେଲା ବଙ୍ଗ । ଏଇଠି ପ୍ରତିଷ୍ଠାହେଲା ଫୋର୍ଟ ଉଇଲିୟମ୍ ଏବଂ ଏଇଠୁ ଚାଲିଲା ଭାରତକୁ ଶୋଷଣ କରିବାର ଇଂରାଜୀ କୌଶଳ । ଏବଂ ସମତାଳରେ ଓଡ଼ିଆ ଜାତି ବିରୁଦ୍ଧରେ ବଙ୍ଗାଳୀଙ୍କ ଷଡ଼ଯନ୍ତ୍ର ।

କଲିକତାରେ ନିଜ ଶାସନଗାଦି ବସାଇଥିବା ଇଂରେଜମାନଙ୍କ ଅଧୀନରେ ଚାକିରୀ କରିଥିବା ବଙ୍ଗାଳୀମାନେ ସୁଯୋଗ ଉଣ୍ଡି ଓଡ଼ିଆମାନଙ୍କ ଭୌମିକ ଓ ସାଂସ୍କୃତିକ ସଂପତ୍ତି ଲୁଟିନେବାପାଇଁ ସମର୍ଥ ହୋଇପାରୁଥିଲେ । ଯାହା ସେମାନେ ଜନ୍ମ ଜନ୍ମାନ୍ତରରେ ହାସଲ କରିବା ସମ୍ଭବ ହୋଇ ନ ଥାନ୍ତା, ବିଲାତିଙ୍କ ପାଖଲୋକୀ ସେମାନଙ୍କୁ ସେଥିପାଇଁ ସୁଯୋଗ ଯୋଗାଇଦେଇଥିଲା । **ସୁଯୋଗ ପାଇ ସେମାନେ ଯେମିତି ଜାଲିଆତି ଦ୍ୱାରା ଓଡ଼ିଆଙ୍କ ଜମିବାଡ଼ି ହାତେଇ ନେଇଥିଲେ, ଠିକ୍ ସେମିତି ଜାଲିଆତି ବଳରେ ଓଡ଼ିଆର ସାହିତ୍ୟ କୃତିକୁ ନିଜର ବୋଲି ଦେଖାଇ ନିଜପାଇଁ ଏକ ସାହିତ୍ୟିକ ବୁନିଆଦି ଦାବି କରିବା ପଥ ପରିଷ୍କାର କରିଥିଲେ ।**

*ଭାରତ ଦଖଲ କଲା ପରେ ଇଂରେଜୀଲୋକେ ଏହି ଦେଶର ଭୌମିକ ଓ ସାଂସ୍କୃତିକ ଇତିହାସ ଜାଣିବା ଓ ନିଜ ଦେଶବାସୀଙ୍କୁ ଜଣାଇବାପାଇଁ ଚେଷ୍ଟା କରିଥିବା ସ୍ୱାଭାବିକ । ସୁତରାଂ ଏହି ପର୍ଯ୍ୟାୟରେ ବଙ୍ଗାଳୀମାନଙ୍କ ଉପରେ ସେମାନଙ୍କ ନିର୍ଭରଶୀଳତା ସେମାନଙ୍କ ଅଜ୍ଞାତରେ ଭାରତର ସାଂସ୍କୃତିକ ଇତିହାସକୁ ବିଶ୍ୱ ସମ୍ମୁଖକୁ ଏପରିଭାବେ ନେଇଗଲା ଯହିଁରେ ଓଡ଼ିଶାର ଶ୍ରୀ ଜୟ ଦେବ ତଥା ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ବଙ୍ଗାଳୀରୂପେ ପ୍ରଚାରିତ ହୋଇଗଲେ ।* ଏତଦ୍ୱାରା ନିଜର ଏକ ଜାଲ୍ ସାଂସ୍କୃତିକ ଐତିହ୍ୟ ସୃଷ୍ଟି କରିବାପାଇଁ ବଙ୍ଗାଳୀମାନେ

orissamatters.com

ସକ୍ଷମ ହୋଇଗଲେ , କିନ୍ତୁ ଭାରତର ସାଂସ୍କୃତିକ ଇତିହାସ ବିକୃତ ହୋଇଗଲା ।

## ଓଡ଼ିଆର ଈର୍ଷଣୀୟ ବୈଶିଷ୍ଟ୍ୟ

ସାଂସ୍କୃତିକ ବୈଶିଷ୍ଟ୍ୟ ପରି ଦେଶପ୍ରେମରେ ବି ଓଡିଆ ଥିଲା ଈର୍ଷଣୀୟ ବୈଶିଷ୍ଟ୍ୟର ଅଧିକାରୀ । ଇତିହାସ ଏହାର ସାକ୍ଷୀ ଯେ, ଓଡିଶା ଥିଲା ବିଲାତ କବଳକୁ ଯିବାରେ ସାରା ଭାରତରେ ଶେଷ ରାଜ୍ୟ । ଅଥଚ ସାରା ଭାରତରେ ଏହାହିଁ ଥିଲା ପ୍ରଥମ ରାଜ୍ୟ ଯାହା ଭାରତ ଭୂଇଁରେ ବିଲାତ ବିରୁଦ୍ଧରେ ସର୍ବ ପ୍ରଥମ ସ୍ୱାଧୀନତା ସଙ୍ଗ୍ରାମ ଆରମ୍ଭ କରିଥିଲା ଏବଂ ଏହାହିଁ ଥିଲା ପ୍ରଥମ ରାଜ୍ୟ ଯାହା ଇଂରେଜୀ ଶାସନ ବିରୁଦ୍ଧରେ ଭାରତର ଜାତୀୟ ସଂଗ୍ରାମ-ଯଜ୍ଞରେ ଦେଇଥିଲା ଶହୀଦର ପ୍ରଥମ ରକ୍ତାଞ୍ଜଳି । ଏହି ପ୍ରଥମ ଶହୀଦ ଥିଲେ ସଚ୍ଚିଦାନନ୍ଦ ପଟ୍ଟନାୟକ ।

(ତା ୧୮ ।୪ ।୧୮୧୯ରେ ସଚ୍ଚିଦାନନ୍ଦଙ୍କୁ ଦିଆଯାଇଥିବା ପ୍ରାଣଦଣ୍ଡ ହେଉଛି ବିଲାତି ଶକ୍ତି ଦ୍ୱାରା ଭାରତରେ ସଂଘଟିତ ହୋଇଥିବା **ପ୍ରଥମ ଜନଆନ୍ଦୋଳନ ପ୍ରେକ୍ଷାପଟରେ ପ୍ରଥମ ଭାରତୀୟ ସହିଦର ପ୍ରାଣଦଣ୍ଡ** । ଅବଶ୍ୟ ୧୮୦୬ରେ ଫାଶୀଦଣ୍ଡ ପାଇଥିବା ଜୟୀ ରାଜଗୁରୁଙ୍କୁ କେହି କେହି ପ୍ରଥମ ସହିଦ ବୋଲି ଦାବିକରନ୍ତି । ମାତ୍ର ୧୮୦୪ରେ ସେ ତୋଳିଥିବା ଅସ୍ତ୍ର କେବଳ ଖୁର୍ଦ୍ଧା ରଜାଙ୍କ ସ୍ୱାର୍ଥ ରକ୍ଷାପାଇଁ ଅଗ୍ରପ୍ରାଧାନ୍ୟ ଦେଇଥିବାବେଳେ ସାଧାରଣ ପ୍ରଜାର ସ୍ୱାର୍ଥ ଥିଲା ୧୮୧୭ ବିପ୍ଳବର ଭିତ୍ତିଭୂମି । ସେଥିପାଇଁ ୧୮୦୪ ନୁହେଁ, ପରନ୍ତୁ ୧୮୧୭ର ବିପ୍ଳବ ହିଁ ବିଲାତ ବିରୁଦ୍ଧରେ ଭାରତର ପ୍ରଥମ ଜନବିପ୍ଳବ । ଏହା *ରାଜ ବିଦ୍ରୋହ* ନୁହେଁ, *ପାଇକ ବିଦ୍ରୋହ* । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ବ୍ରାହ୍ମଣରୁ ପାଣ ପର୍ଯ୍ୟନ୍ତ ସମସ୍ତେ ଥିଲେ ପାଇକ । ନିଜ ନିଜ କୌଳିକ ବୃତ୍ତିରେ ସଦା କାର୍ଯ୍ୟରତ ଥାଇ ଯିଏ ରାଜ୍ୟରକ୍ଷାପାଇଁ ଯେତେବେଳେ ଆବଶ୍ୟକ ଯୁଦ୍ଧକ୍ଷେତ୍ରରେ ଯୋଗ ଦେଉଥିଲା ସେ ଥିଲା ପାଇକ । ସୁତରାଂ *ପାଇକ ବିଦ୍ରୋହ ଥିଲା ବିଦେଶୀ ଗୋରାଙ୍କ ବିରୁଦ୍ଧରେ ଓଡିଆ ଜାତିର ଜାତୀୟ ବିଦ୍ରୋହ ।* ଏହି ବିଦ୍ରୋହ କାଳରେ ବିଲାତିଶକ୍ତି ସହ ହାତ ମିଳାଇଥିବା ଜଣେ ବ୍ୟକ୍ତିଙ୍କୁ ମାରି ପ୍ରାଣଦଣ୍ଡ ପାଇ ଥିବା ସଚ୍ଚିଦାନନ୍ଦ ପଟ୍ଟନାୟକ ସେ ହେତୁ ଯଥାର୍ଥତଃ ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଭାରତର ପ୍ରଥମ ଶହୀଦ ।)

## ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ

କେବଳ ବିଲାତି ପ୍ରଭୁମାନଙ୍କୁ ଖୁସି କରିବା ପାଇଁ ସେତେବେଳର ଅଣଓଡ଼ିଆ ପ୍ରତିବେଦକମାନେ ପାଇକ ବିଦ୍ରୋହ ଭାବେ ନାମିତ କରି ୧୮୧୭ର ଏହି ପ୍ରଥମ ସ୍ୱାଧୀନତା ସଂଗ୍ରାମ ବିଶେଷ ପ୍ରଭାବଶାଳୀ ନ ଥିଲା ବୋଲି ଦର୍ଶାଇବାକୁ ଅବଶ୍ୟ ବହୁ ଚେଷ୍ଟା କରିଛନ୍ତି । ବିଲାତି ଦସ୍ତାବିଜ୍‌କାରମାନେ ଏପରି କରିବା ତ ତତ୍କାଳୀନ ପ୍ରେକ୍ଷାପଟରେ ଅସ୍ୱାଭାବିକ ନ ଥିଲା । କିନ୍ତୁ ଏହା ଥିଲା ଏକ ଅନନ୍ୟସାଧାରଣ ବିପ୍ଳବ । **ସଶସ୍ତ୍ର ଆକ୍ରମଣ ଓ ଅସହଯୋଗ ଆନ୍ଦୋଳନର ଏହା ଥିଲା ଏପରି ଏକ ସମନ୍ୱିତ ପରୀକ୍ଷଣ** ଯାହା ସେତେବେଳକୁ ସର୍ବଶକ୍ତସଂପନ୍ନ

orissamatters.com

ହୋଇସାରିଥିବା ବିଲାତି ଶାସକମାନଙ୍କପାଇଁ ହୃତ୍ କଂପନର କାରଣ ହୋଇଉଠିଥିଲା । ଇଂରେଜୀ ଇତିହାସବିତ୍ ଟୟନବୀ ଲେଖିଛନ୍ତି, "It was not long, however, before we had to encounter a storm which burst with so sudden fury as to threaten our expulsion, if not from the whole of Orissa, at least from the territory of Khurda. This was the rebellion of the paiks, a kind of local militia, to whom the English conquest had brought little, but ruin and oppression." (A sketch of the history of Orissa, G.Toynbee / O.H.R.J. Vol No.1&2)

ଅତଏବ, ଇଂରେଜମାନଙ୍କୁ ହଟାଇ ସେମାନଙ୍କ କବଳରୁ ନିଜ ମାତୃଭୂମିକୁ ସ୍ୱାଧୀନ କରିବାକୁ ଓଡିଶାର ୧୮୧୭ ପ୍ରଜା ବିପ୍ଳବ (ପ୍ରମାଦଗ୍ରସ୍ତ ପରିଭାଷାରେ ପାଇକ ବିଦ୍ରୋହ) ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ୧୮୦୪ ବିପ୍ଳବ ସଂପୂର୍ଣ୍ଣ ସଶସ୍ତ୍ର ଥିଲା । ଇଂରେଜମାନେ ତାକୁ ଅସ୍ତ୍ର ବଳରେ ଅତିକ୍ରମ କରିଯାଇଥିଲେ । କିନ୍ତୁ **୧୮୧୭ର ପ୍ରଜା ବିପ୍ଳବ ଇଂରେଜମାନଙ୍କୁ ପ୍ରଥମ ଥର ପାଇଁ ଅସହଯୋଗ ଆନ୍ଦୋଳନର ସମ୍ମୁଖୀନ କରାଇ ଥିଲା** । ସରଜମିନ୍ ଉପରେ ନିୟନ୍ତ୍ରଣ ଥିବା ଦଳବେହେରା ଓ ଦଳେଇ ଆଦି ଜାଗିରଦାରମାନେ ଇଂରେଜଙ୍କୁ ବିରୋଧ କରି ଏହି ଅସହଯୋଗ ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ସେମାନଙ୍କ ମନୋବଳ ଭାଙ୍ଗିଦେବା ମତଲବରେ ସେମାନଙ୍କ ପାରଂପରିକ ପଦମର୍ଯ୍ୟାଦାର ବିଲୋପୀକରଣ ପାଇଁ ପଦକ୍ଷେପ ନିଆଗଲା । କିନ୍ତୁ ତାକୁ ସେମାନେ ଖାତିର କଲେ ନାହିଁ । ପରିସ୍ଥିତି ଯାହା ବି ହେଉ, ଜମି ବାଡି ଘର ଦ୍ୱାର ସବୁ ବି ଯାଉ, ଇଂରେଜଙ୍କୁ ଖଜଣା ଦେବୁ ନାହିଁ- ଏହି ନିଷ୍ପତ୍ତି ନେଇଥିଲା ଖୁରୁଧା ମାହାଲର ପ୍ରଜା । ଶାସକୀୟ ପ୍ରୌଢ଼ୀ ହେତୁ ଏହି ଅସହଯୋଗ ଆନ୍ଦୋଳନକୁ ସ୍ୱୀକାର ନକରିଥିଲେ ମଧ୍ୟ ଏବଂ ବକ୍ସି ଓ ତାଙ୍କ ସହଯୋଗୀମାନଙ୍କ ମଥାରେ ଦୋଷ ଢାଳିବାକୁ ସର୍ବ ବିଧ କସରତ କରି ଥିଲେ ମଧ୍ୟ, ଖୁରୁଧାର ତଦାନୀନ୍ତନ ଜଏଣ୍ଟ ମାଜିଷ୍ଟ୍ରେଟ ଡବ୍ଲୁ. ଫରେଷ୍ଟର୍ (W.Forrester) କମିଶନର୍ ରୋବର୍ଟ କେର୍ (Robert Ker)ଙ୍କୁ ୯ ।୯ ।୧୮୧୮ତାରିଖରେ ଦେଇଥିବାପତ୍ରରେ ଏହାର ପର୍ଯ୍ୟାପ୍ତ ସୂଚନା ରହିଛି ।

**କାଣି କଉଡିଟିକର ଖଜଣା ଆଦାୟ ହେଇପାରି ନ ଥିବା** ସେ ରିପୋର୍ଟ କରିଛନ୍ତି ("the disturbances having completely put a stop to the collections etc. -para 16 of the report)। ଲୋକେ ଘର ଛାଡି ବରଂ ଜଙ୍ଗଲକୁ ଚାଲିଯାଉଥିଲେ, ଖଜଣା ଦେଉ ନ ଥିଲେ- ଏହା ସ୍ପଷ୍ଟ ଜାଣିହୋଇପଡୁଛି ଏହି ରିପୋର୍ଟରୁ ।

ଦଳବେହେରା ପ୍ରମୁଖ ସରଜମିନ ଜାଗିରଦାରମାନେ ଅସହଯୋଗ ଆନ୍ଦୋଳନରେ ଝାସ ଦେବା ଫଳରେ କାଣି କଉଡ଼ିଏ ଖଜଣା ଆଦାୟର ଆଶା ବି ମଉଳି ପଡିଥିଲା । ସେମାନଙ୍କୁ ଭୟଭୀତ କରାଇବାପାଇଁ ସେମାନଙ୍କ ଜାଗିର ବାଜ୍ୟାପ୍ତିକରଣ କରାଯାଇଥିଲା ।

orissamatters.com

ତା ସତ୍ତ୍ୱେ ସେମାନେ ଅଟଳ ରହିଥିଲେ ଆନ୍ଦୋଳନରେ । ଖଜଣା ଆଦାୟ କରି ନିଜ ଅର୍ଥକୋଷ ଭରିବାପାଇଁ ଇଂରେଜଙ୍କ ଆଶା ଭୁଶୁଡି ପଡୁଥିଲା । ବସ୍ତୁତଃ ଜାଗିରଦାରମାନଙ୍କ ପଦମର୍ଯ୍ୟାଦାରେ ସଙ୍କଟ ସୃଷ୍ଟି କରିବାକୁ ଚେଷ୍ଟା କରି ଇଂରେଜମାନେ ନିଜପାଇଁ ଏକ ଅନନୁଭୂତ ସଙ୍କଟ ସୃଷ୍ଟି କରିଥିଲେ । ଏହି ସଙ୍କଟରୁ ରକ୍ଷା ପାଇବାପାଇଁ ସେମାନଙ୍କୁ ସେମାନଙ୍କ ଜାଗିର ଫେରାଇଦେଇ ଅସହଯୋଗରୁ ନିବୃତ୍ତ କରାଯିବା ସପକ୍ଷରେ ଫୋରେଷ୍ଟର୍ ପରାମର୍ଶ ଦେଇଥିଲେ । ଉପରୋକ୍ତ ପତ୍ରରେ ସେ ଲେଖିଥିଲେ, "It has all along appeared to me extremely desirable that the Dulbeheras and their followers should be induced to return by the hopes of pardon for past and the prospect of a moderate settlement and a liberal consideration of their claim to jageers in future".

## ଅସହଯୋଗ ଆନ୍ଦୋଳନର ସୃଷ୍ଟିସ୍ଥଳ ଓଡ଼ିଶା

ବିଦ୍ରୋହୀ ପାଇକମାନଙ୍କ ଭୟରେ ଲୋକେ ଜଙ୍ଗଲକୁ ଚାଲିଯାଉଥିଲେ ବୋଲି ସେ ଅବଶ୍ୟ ଏହି ରିପୋର୍ଟରେ ଦର୍ଶାଇଛନ୍ତି ଏବଂ ଦଳବେହେରା ପ୍ରମୁଖଙ୍କୁ କ୍ଷମାଦାନ ଆଦି କେତେକ ଶବ୍ଦ ନିଜପାଇଁ ଓ ଅନ୍ୟ ଇଂରେଜଙ୍କ ପାଇଁ ମୁଖରୋଚକ ଶୈଳୀରେ ବ୍ୟବହାର କରିଛନ୍ତି । କିନ୍ତୁ ତାହା ସତ୍ତ୍ୱେ ଏହି ଅସହଯୋଗ ଆନ୍ଦୋଳନର ପ୍ରଭାବ ଇଂରେଜମାନଙ୍କୁ କିପରି ବିବ୍ରତ କରି ପକାଇଥିଲା ତାହା ଏଥିରୁ ସ୍ପଷ୍ଟ ହୋଇ ଯାଉଛି । ସୁତରାଂ ଏହା କହିବା କେବଳ ପୁନର୍କଥନ ହେବ ଯେ, ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୁରୁଧାର ଜନ ବିପ୍ଳବ ପ୍ରଥମ ପର୍ଯ୍ୟାୟରେ (୧୮୧୭ରୁ ୧୮୧୮) ଇଂରେଜ ବିରୁଦ୍ଧରେ ସଶସ୍ତ୍ର ସଙ୍ଘର୍ଷ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ( ୨୫ ମେ ୧୮୨୫ ତାରିଖରେ ତାଙ୍କସହ ସନ୍ଧି କରାଯିବା ପର୍ଯ୍ୟନ୍ତ )ଥିଲା **ଭାରତର ପ୍ରଥମ ଅସହଯୋଗ ଆନ୍ଦୋଳନ** । ଏ ଆନ୍ଦୋଳନ ଥିଲା ଅନମନୀୟ ଏବଂ ଅଦମ୍ୟ । ମିଲିଟାରୀ ବା ପୋଲିସ ଦ୍ୱାରା ଏହାକୁ ଚାପିଦେବା ଥିଲା ଅସମ୍ଭବ ।

## ଓଡ଼ିଆ ମିଜାଜ

ଫୋରେଷ୍ଟର ସ୍ୱୀକାର କରିଥିଲେ, *ବିଦ୍ରୋହ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ କୌଣସି ଜଣେ ହେଲେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କୁ ଗିରଫ୍ କରାଯାଇପାରିନି ଏବଂ ଏହି ଆଶଙ୍କା ଉପୁଜୁଛି କି, ଏ ରାଜ୍ୟର ଯାହା ପ୍ରକୃତି ଏବଂ ଏହାର ଅଧିବାସୀମାନଙ୍କର ଯାହା* ***ମିଜାଜ*** *ତାହା ଏହି ବିଦ୍ରୋହକୁ ସେନା ବାହିନୀ ବା ପୋଲିସ ଦ୍ୱାରା ଚାପି ଦେବା ପଥରେ ସଦା ସର୍ବଦା ଅନ୍ତରାୟ ସୃଷ୍ଟି କରିବ ।* ( "Since the breaking out of the insurrection very few men of any consequence have ever been apprehended and it is to be feared that the nature of the country and *disposition* of the inhabitants will always present formidible

orissamatters.com

obstacle to the supression of these disturbances either by military or police".-Para 18 of the Report) ଓଡିଆର ଏହି **ମିଜାଜ୍** ଥିଲା ଅନନ୍ୟ ଓ ଅନମନୀୟ । ଏବଂ ଏହାହିଁ ଥିଲା ତାର ବୈଶିଷ୍ଟ୍ୟ ।

ସେତେବେଳକୁ ସାରା ଭାରତ ଦଖଲ କରିସାରିଥିବା ଇଂରେଜ ଜାତିର କୌଣସି କାର୍ଯ୍ୟ ନିର୍ବାହୀ ଭାରତର ଅନ୍ୟ କୌଣସି ରାଜ୍ୟବାସୀ ବା ଅନ୍ୟ କୌଣସି ଭାଷାଭାଷୀଙ୍କଠାରେ ଏପରି **ମିଜାଜ୍** (disposition) ଲକ୍ଷ୍ୟ କରିଥିବାର କୌଣସି ସୂଚନା କୌଣସି ଦଲିଲ ଦସ୍ତାବିଜରୁ ମିଳେନି । **ଏହି ଅନନ୍ୟସାଧାରଣ *ମିଜାଜ୍* ହେତୁ ଓଡିଆ ଜାତି ସଶସ୍ତ୍ର ବିଦ୍ରୋହର ସସୀମତା ଯେପରି ଅନୁଭବ କରିପାରିଥିଲା ଠିକ୍ ସେହିପରି ଇଂରେଜ ବିରୁଦ୍ଧରେ *ଅସହଯୋଗ* ପରି ଏକ ଅଶ୍ରୁତପୂର୍ବ ଓ ଅଭୁତପୂର୍ବ ଆନ୍ଦୋଳନ ଆରମ୍ଭ କରି ପାରିଥିଲା ।** ଏହି ଆନ୍ଦୋଳନର ପ୍ରାରମ୍ଭିକ ସ୍ତରରେ ଫୋରେଷ୍ଟର୍ ଏହାର ସୁଦୂର ପ୍ରସାରୀ ପରିଣତି ଅନ୍ଦାଜ କରିପାରିଥିଲେ ଏବଂ ମିଲିଟାରୀ ବା ପୋଲିସ ଦ୍ୱାରା ଏହାର ପରିସମାପ୍ତି ଘଟାଇବା ସମ୍ଭବ ନୁହେଁ ବୋଲି କହିଥିଲେ ।

ବସ୍ତୁତଃ, କୌଣସି ଅସ୍ତ୍ର ବଳରେ କୌଣସି ଶାସକ କୌଣସି ପ୍ରଜାସମାଜଠାରୁ କୌଣସି ପ୍ରଜାର ସହଯୋଗ ହାସଲ କରି ନପାରେ । ସୁତରାଂ ଏହି ଅସହଯୋଗ ଆନ୍ଦୋଳନ ଇଂରେଜଙ୍କ ପାଇଁ ଘୋର ସଙ୍କଟମୟ ହୋଇଉଠିଥିଲା ।

ଏହାର ସୁଦୂର ପ୍ରସାରୀ ପରିଣତି କଳନା କରି ଆନ୍ଦୋଳନ ବନ୍ଦ କରିବାପାଇଁ ଅସ୍ତ୍ର ପରିବର୍ତ୍ତେ ସନ୍ଧି ସ୍ଥାପନ ଉପରେ ଗୁରୁତ୍ୱ ଦେଇଥିଲା ଇଂରେଜ । ଏବଂ ନିଜର ସର୍ବଭୁକ୍ ଆଭିମୁଖ୍ୟ ଉପରେ ଲଗାମ୍ କଷିଥିଲା ।

### *ଭାରତର ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶା ଦେଇଥିବା ଦିଗ୍‌ଦର୍ଶନ*

ଏହି ଆନ୍ଦୋଳନର ଐତିହାସିକ ଭିତ୍ତି ହିଁ ଏହାର ଶହେ ବର୍ଷ ପରେ, ଭାରତର ସ୍ୱାଧୀନତା ସଂଗ୍ରାମକୁ ଦେଇଥିଲା ଏକ ନିର୍ଣ୍ଣାୟକ ଦିଗ୍‌ଦର୍ଶନ । *ଖିଲାଫତ୍ ଆନ୍ଦୋଳନ*ରେ ଏହା ପ୍ରଥମେ ଅନୁରଣିତ ହୋଇଉଠିଥିଲା ।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଓଡିଶାର ବହୁ ମୁସଲମାନ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ଝାସ ଦେଇଥିଲେ ଏବଂ ଅନେକ କାରାରୁଦ୍ଧ ହୋଇଥିବା ବେଳେ କେହି କେହି ଜୀବନ ଦାନ ବି ଦେଇଥିଲେ । ମୀର୍ ହାଇଦର୍ ଅଲ୍ଲୀଙ୍କୁ ଇଂରେଜ ଶାସନକଳ *ପଳାତକ ବିପ୍ଳବୀ* ବୋଲି ଘୋଷଣା କରିଥିବା ଅବସ୍ଥାରେ ତାଙ୍କର ଜୀବନ ହାନି ଘଟିଥିଲା (Vide Commissioner R.Ker's report to W.B.Bayley, Secretary to Govt. in Judicial Department, 14 December 1818) । ସେପରି ସର୍ଦ୍ଦାର ଖାନ୍ ଓ ନାସରୁଲ୍ଲା ଓଗେରଙ୍କ ପ୍ରତି ହୋଇଥିବା ଦଣ୍ଡ ବିଧାନ କାର୍ଯ୍ୟକାରୀ କରିବାକୁ ସ୍ୱୟଂ ବଡଲାଟ୍ ଅଦାଲତକୁ ଅନୁରୋଧ କରିବା ପର୍ଯ୍ୟନ୍ତ କଥା ଯାଇଥିଲା (vide letter of

orissamatters.com

W.B.Bayley, Secretary to Govt. addressed to W.Dorin, Registrar of the Nizamut Adalat.Dt. 01 Jan.1819) ଅତଏବ, ଖୁରୁଧା ପ୍ରଜା ବିପ୍ଳବ ସହ ବହୁ ମୁସଲମାନ କେବଳ ସଂପୃକ୍ତ ଥିଲେ ତା ନୁହେଁ, ଏହାର **ଅସହଯୋଗ ଆନ୍ଦୋଳନ ପର୍ଯ୍ୟାୟ**ର ବୈଶିଷ୍ଟ୍ୟ ମଧ୍ୟ ସେମାନଙ୍କ ମାଧ୍ୟମରେ ଭାରତର ବୃହତ୍ତର ମୁସଲମାନ ବୀରାଦରୀରେ ପ୍ରଚାରିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟର ସଶସ୍ତ୍ର ବିପ୍ଳବକୁ ବର୍ଷକ ଭିତରେ ଆୟତ୍ତ କରିପାରିଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟର **ଅସହଯୋଗ ଆନ୍ଦୋଳନ**କୁ ଇଂରେଜମାନେ କିପରି ସାମ୍ନା କରି ପାରି ନ ଥିଲେ ଓ ୧୮୨୫ ମଇ ମାସରେ ବକ୍ସି **ଜଗବନ୍ଧୁଙ୍କ ସହ ସନ୍ଧି** ସ୍ଥାପନ କରିବାକୁ କିପରି ବାଧ୍ୟ ହୋଇଥିଲେ ତାହା ଏହି ଆନ୍ଦୋଳନରେ ପ୍ରତ୍ୟକ୍ଷ ଭାବେ ଝାସ ଦେଇଥିବା ମୁସଲମାନ ସଂପ୍ରଦାୟ ଉତ୍ତମ ରୂପେ ଅନୁଧ୍ୟାନ କରିଥିଲା । *୧୮୫୭ର ସଶସ୍ତ୍ର ସିପାହି ବିଦ୍ରୋହ ବ୍ୟର୍ଥ ହୋଇଗଲା ପରେ ଓଡିଶା ଦେଇଥିବା ଅସହଯୋଗ ଆନ୍ଦୋଳନର ବୈଶିଷ୍ଟ୍ୟ ପରବର୍ତ୍ତୀ ଆନ୍ଦୋଳନକାରୀମାନଙ୍କ ଅଧିକ ବାସ୍ତବ ମନେ ହୋଇଥିବା ସ୍ୱାଭାବିକ* । ଏହାର ପ୍ରମାଣ ଆମେ ଦେଖୁଁ ପ୍ରାୟ ଶହେ ବର୍ଷ ପରେ, **ଖିଲାଫତ୍ ଆନ୍ଦୋଳନ**ରେ, ପରୋକ୍ଷରେ, ବିଲାତି ଦ୍ରବ୍ୟ ବର୍ଜନ ନିଷ୍ପତ୍ତିରେ ।

**ଖିଲାଫତ କମିଟି ୨୩ ନଭେମ୍ବର ୧୯୧୯ ରାତିରେ ବହୁ ମତରେ ନେଇଥିବା ଏହି ନିଷ୍ପତ୍ତିକୁ ତହିଁ ପର ଦିନ ଅଖିଳ ଭାରତ ଖିଲାଫତ ସମ୍ମିଳନୀରେ ଅଧ୍ୟକ୍ଷତା କଲାବେଳେ ମହାତ୍ମା ଗାନ୍ଧୀ ଯେତେବେଳେ ତଉଲି ତାଉଲି ଦେଖୁଥିଲେ ସେତେବେଳେ ପ୍ରଥମ ଥର ପାଇଁ ତାଙ୍କ ଚେତନାରେ *ଅସହଯୋଗ ଆନ୍ଦୋଳନ*ର ଅବବୋଧ ପ୍ରତିଫଳିତ ହୋଇଥିଲା ।**

ଏହି ଅବବୋଧକୁ କେଉଁ ଶବ୍ଦ ଦ୍ୱାରା ପ୍ରକାଶ କରିହେବ ତାହା ଚିନ୍ତା କରି କରି ଶେଷରେ ସେ **ଅସହଯୋଗ** ଶବ୍ଦଟି ଠିକ କରିଥିଲେ । ତାଙ୍କ ଜୀବନୀର ଶ୍ରେଷ୍ଠ ଲିପିକାର ତଥା ସେଥିପାଇଁ ଗାନ୍ଧୀଜୀଙ୍କ ଦ୍ୱାରା ସର୍ବାନ୍ତଃକରଣରେ ସମର୍ଥିତ ଡି.ଜି.ତେନ୍ଦୁଲକରଙ୍କ ଭାଷାରେ "Gandhi was handicapped for want of suitable Hindi or Urdu words for the new idea. At last he described it by the word 'non-co-operation', an expression that he used for the first time on this occasion".(Mahatma, Vol. 1, p.274) କିନ୍ତୁ ଏହି ଅବବୋଧକୁ ଇଂରେଜ ସରକାର ବିରୁଦ୍ଧରେ ଏକ ରାଜନୈତିକ ଅସ୍ତ୍ରଭାବେ ପ୍ରୟୋଗ କରିବା ପରିକଳ୍ପନା ସେ ନିର୍ଦ୍ଦିଷ୍ଟ କରିଥିଲେ ୧୯୨୦ ମାର୍ଚ୍ଚ ୧୦ରେ ଦେଇଥିବା ଯୁଗାନ୍ତକାରୀ ବିବୃତିରେ ।

ଖିଲାଫତ୍ ଆନ୍ଦୋଳନକାରୀମାନଙ୍କ ନିଷ୍ପତ୍ତିକୁ ପରିପୁଷ୍ଟ କରି ଗାନ୍ଧୀଜୀ ଏହି ବିବୃତିରେ କହିଥିଲେ, "Non-co-operation is, therefore, the only remedy left open to us. It is the clearest remedy, as it is the most effective, when it is absolutely free from all violence". (Ibid,p.284) ୨୮ ମେ ୧୯୨୦ରେ

orissamatters.com

ବମ୍ବେଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ଖିଲାଫତ୍ କମିଟି ବୈଠକରେ ଆଲୋଚନା କରାଯାଇ ଅସହଯୋଗ ପ୍ରଶ୍ନ ଉପରେ ଗାନ୍ଧୀଜୀଙ୍କ ମତକୁ ସଂପୂର୍ଣ୍ଣତଃ ସମର୍ଥନ କରାଗଲା । *କିନ୍ତୁ ଗାନ୍ଧୀଙ୍କ ମତ ଗ୍ରହଣ କରିବା କଂଗ୍ରେସ ପକ୍ଷରେ ସହଜ ନ ଥିଲା ।*

**ଶହେ ବର୍ଷ ତଳେ ଓଡିଶାର ହିନ୍ଦୁ ଓ ମୁସଲମାନମାନେ ଇଂରେଜ ବିରୁଦ୍ଧରେ ପ୍ରୟୋଗ କରିଥିବା *ଅସହଯୋଗ ଆନ୍ଦୋଳନ*ର ପ୍ରଭାବ ଯେ କେତେ ତାହା କଂଗ୍ରେସ ନେତାମାନେ ଆକଳନ କରିପାରି ନଥିଲେ । ଫଳରେ ୩୦ ମେ ୧୯୨୦ରେ ବନାରସରେ ଅନୁଷ୍ଠିତ କଙ୍ଗ୍ରେସ କାର୍ଯ୍ୟକାରୀ କମିଟିରେ *ଅସହଯୋଗ* ଡାକରା ପ୍ରତି କୌଣସି ସମର୍ଥନ ମିଳିଲା ନାହିଁ** । ବର୍ଷ ଶେଷ ଆଡକୁ କଲିକତାରେ କଙ୍ଗ୍ରେସ କମିଟି ବସି ଏହି ପ୍ରଶ୍ନ ଉପରେ ପୁନରାୟ ବିଚାର କରିବ ବୋଲି ନିଷ୍ପତ୍ତି ନିଆହୋଇଥିଲେ ମଧ୍ୟ ଜୁନ ପହିଲାରେ ଆହ୍ଲାବାଦଠାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରୁ ୩୦୦ ପ୍ରଭାବଶାଳୀ ଓ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଏକ ବିଶେଷ ବୈଠକରେ **ଅସହଯୋଗ ନୀତି ଗ୍ରହଣ ନ କରିବାକୁ** ଆନୀ ବେସାନ୍ତ ଓ ତେଜ୍ ବାହାଦୁର ସାପ୍ରୁ ପ୍ରମୁଖ ପଣ୍ଡିତ ମାଲବ୍ୟ ଓ ପଣ୍ଡିତ ମୋତିଲାଲ୍ ନେହରୁ ପ୍ରମୁଖଙ୍କ ଉପସ୍ଥିତିରେ ଗାନ୍ଧୀଜୀଙ୍କୁ ପ୍ରବର୍ତ୍ତାଇଥିବା କେବଳ ଏହା ହିଁ ସ୍ପଷ୍ଟ କରେ ଯେ ଅସହଯୋଗ ଯେ ଏକ ଶକ୍ତିଶାଳୀ ଆନ୍ଦୋଳନ ହୋଇ ପାରେ, ତାହା ସର୍ବୋଚ୍ଚ ପାହ୍ୟାର ବିଲାତି ଶାସକ ବର୍ଗଙ୍କ ସହ ମିଶିପାରୁଥିବା ଲୋକଙ୍କୁ ଜଣାଥିବାବେଳେ ଭାରତର ଅନ୍ୟତ୍ର ଅଗୋଚର ଥିଲା । ଓଡିଶାରେ ଏହାର ପରୀକ୍ଷଣର ସଫଳତା ସଂପର୍କରେ ପ୍ରଥମରୁ ଅବଗତ ଥିବା ମୁସଲମାନ ସମାଜ ବିଲାତି ଦ୍ରବ୍ୟ ବର୍ଜନପାଇଁ ପ୍ରଥମେ ନିଷ୍ପତ୍ତି ନେଇ ଅସହଯୋଗ ଆନ୍ଦୋଳନର ଯେଉଁ ନୂଆ ଅଧ୍ୟାୟ ଆରମ୍ଭ କରୁଥିଲେ ତହିଁରେ ନିଜର ରାଜନୀତିକ ବିଜ୍ଞତା ପ୍ରୟୋଗ କରି ମହାତ୍ମା ଗାନ୍ଧୀ ବିଲାତି ସରକାରକୁ କିପରି ଦୋହଲାଇ ଦେଲେ ତାହା ଇତିହାସର ଏକ ଉଜ୍ଜ୍ୱଳ ଅଧ୍ୟାୟ ହୋଇ ରହିଛି

**ଇତିହାସ ଏହା ହିଁ ଦିନେ ସ୍ୱୀକାର କରିବ ଯେ, ଓଡ଼ିଶା ଭୂଇଁରେ ଇଂରେଜ ଉପରେ ଘଟିଥିବା ୧୮୦୪ର ସଶସ୍ତ୍ର ଆକ୍ରମଣରୁ ଆରମ୍ଭ କରି ଭାରତର ବ୍ୟାପକ ଅଞ୍ଚଳରେ ୧୮୫୭ରେ ଘଟିଥିବା ସଶସ୍ତ୍ର ସିପାହି ବିଦ୍ରୋହର ବ୍ୟର୍ଥତାକୁ ବିଚାରକୁ ନେଇ ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା ଗାନ୍ଧୀଜୀ ସଶସ୍ତ୍ର ସଂଗ୍ରାମକୁ ନିଜ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରି ନ ଥିଲେ ମଧ୍ୟ ଓଡିଶା ସୃଷ୍ଟି କରିଥିବା ଅସହଯୋଗ ଆନ୍ଦୋଳନର ସୂତ୍ରକୁ ଆପଣାଇ ତାହାକୁ ଅହିଂସ ପଦ୍ଧତିରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥିଲେ ଏବଂ ଫଳତଃ ତାହା ହିଁ ହୋଇଉଠିଥିଲା ବିଲାତ ବିରୁଦ୍ଧରେ ସବୁଠାରୁ ଅଧିକ ମାର୍ଜିତ ଓ ସାର୍ଥକ ଆକ୍ରମଣ ।**

ସମସ୍ତଙ୍କ ଅଲକ୍ଷ୍ୟରେ ଏଇଥିପାଇଁ ଗାନ୍ଧୀଜୀଙ୍କ ଅନ୍ତରର ନିଭୃତତମ ସ୍ଥଳରେ ଥିଲା ଓଡିଆମାନଙ୍କପାଇଁ ଅସୀମ ସମ୍ମାନ ଓ ସମର୍ଥନ । **କଂଗ୍ରେସର ଅତି ପ୍ରଭାବଶାଳୀ ନେତାମାନଙ୍କ ବିରୋଧ ସତ୍ତ୍ୱେ ସେ ଓଡିଶାର ସ୍ୱତନ୍ତ୍ର ସତ୍ତାର ପୁନଃ ସଂସ୍ଥାପନ ପାଇଁ ଅକୁଣ୍ଠ ସହଯୋଗ କରିଥିଲେ ।** ଓଡିଆ ଭୂଖଣ୍ଡର ସ୍ୱତନ୍ତ୍ରୀକରଣପାଇଁ ଚାଲିଥିବା ଆନ୍ଦୋଳନକୁ ସମର୍ଥନ

orissamatters.com

କରି ସେ ଭାରତବାସୀଙ୍କୁ କହିଥିଲେ, ***କୌଣସି ଯଥାର୍ଥତା ନଥାଇ ଏପରି ଚାରିଭାଗରେ ଭାଗ ଭାଗ ହୋଇ ରହିଥିଲେ ଏହି ସୂକ୍ଷ୍ମ ବୁଦ୍ଧିସଂପନ୍ନ ମାର୍ଜିତ ଜାତି ଯେଉଁ ସ୍ୱାଭାବିକ ଅଗ୍ରଗତିପାଇଁ ହକ୍‌ଦାର ହୁଏତ ତାହା ସମ୍ଭବ ହେବ ନାହିଁ*** ।("This fine race cannot possibly make the natural advance which is its due, if it is split up into four divisions for no sound reason"-(Young India,18 Feb.1920) ତାଙ୍କ ମତରେ ଓଡ଼ିଆ ଆନ୍ଦୋଳନ ଭାରତରେ ଭାଷାଭିତ୍ତିକ ପ୍ରଦେଶ ଗଠନ ପରି ବୃହତ୍ତର ପ୍ରସଙ୍ଗର ଉଦ୍ରେକ କରିଥିଲା ।("raises the large question of redistribution on linguistic basis"-ibid)

ଉଲ୍ଲେଖନୀୟ ଯେ ବାସ୍ତବତଃ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବାର ବହୁପୂର୍ବରୁ ଗାନ୍ଧୀଜୀଙ୍କ ପ୍ରଭାବରେ ଉତ୍କଳ ସମ୍ମିଳନୀର ଦାବି ପ୍ରତି ସମ୍ମାନ ଦେଇ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ସ୍ୱୀକାର କରିଥିଲା ଏବଂ ଏଥିରେ ଓଡ଼ିଶାର ନେତାମାନେ *ଉତ୍କଳ ପ୍ରଦେଶ କଂଗ୍ରେସର ପ୍ରତିନିଧି* ଭାବେ ପରିଗୃହୀତ ହୋଇଥିଲେ ।

ବିହାର, ବଙ୍ଗଳା, ଆନ୍ଧ୍ର ଓ ମଧ୍ୟପ୍ରଦେଶର ଟାଣୁଆ ନେତାମାନେ ସ୍ୱତନ୍ତ୍ର ଓଡ଼ିଶା ଗଠନ ଉଦ୍ୟମକୁ ପ୍ରତିହତ କରିବାକୁ ଚକ୍ରାନ୍ତ ଚଳାଇ ଥିବା ବେଳେ ଗାନ୍ଧୀଜୀ ଅତି ଦୃଢ ଭାବେ ଓଡ଼ିଆ ଆନ୍ଦୋଳନ ପ୍ରତି ସମର୍ଥନ ଜଣାଇଥିଲେ । ନିଜର ସ୍ୱତନ୍ତ୍ର ପରିଚୟ ଏବଂ ନିଜସ୍ୱ ଭୂମିର ପୁନଃ ସଂସ୍ଥାପନପାଇଁ ଓଡ଼ିଆ ଜାତି ବିଲାତି କର ତଳ ଭାରତରେ ଯେଉଁ ପ୍ରଚଣ୍ଡ ପ୍ରତିବଦ୍ଧତା ଏବଂ ବିପୁଳ ସହନଶୀଳତାର ନିଦର୍ଶନ ସୃଷ୍ଟି କରି ତାର ମାତୃଭୂମିକୁ ଖଣ୍ଡ ବିଖଣ୍ଡିତ କରି ପକାଇଥିବା ଇଂରେଜ ସରକାରକୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନପାଇଁ ବାଧ୍ୟ କରିଥିଲା ତାହା ଥିଲା ଯେପରି ମୌଳିକ ସେପରି ଅନନ୍ୟ । କିନ୍ତୁ ଏହି ଲକ୍ଷ୍ୟ ହାସଲପାଇଁ ଓଡ଼ିଆ ଜାତିର ଚଲାପଥରେ ସବୁଠୁଁ ତୀବ୍ର ବିଷାକ୍ତ କଣ୍ଟାର ଜାଲ ବିଛାଇଥିଲେ ବଙ୍ଗାଳୀମାନେ । କାଳକ୍ରମେ ସେଠିକି ଆସିବା । ପ୍ରଥମେ ଦେଖିବା ଓଡ଼ିଆ ଭୂଖଣ୍ଡକୁ ଖଣ୍ଡ ବିଖଣ୍ଡିତ କରି ପଡ଼ୋଶୀ ପ୍ରଦେଶମାନଙ୍କରେ ମିଶାଇ ଦେବାକୁ ଇଂରେଜ କାହିଁକି ନିଷ୍ପତ୍ତି ନେଇଥିଲା ।

## ଓଡ଼ିଶାର ବିଭାଜନ

ଏକ ସଶସ୍ତ୍ର ବିପ୍ଳବକୁ ଚାପି ଦିଆଯାଇପାରେ ଅସ୍ତ୍ର ବଳରେ, କିନ୍ତୁ ଅସହଯୋଗ ଆନ୍ଦୋଳନକୁ କୌଣସି ଅସ୍ତ୍ର ବଳରେ ଅତିକ୍ରମ କରାଯାଇ ନ ପାରେ । ସାରା ବିଶ୍ୱ ଏହାକୁ ସ୍ୱୀକାର କଲା ଗାନ୍ଧୀଜୀଙ୍କ ନେତୃତ୍ୱରେ ଚାଲିଥିବା ଭାରତୀୟ ସ୍ୱାଧୀନତା ସଂଗ୍ରାମ କାଳରେ; କିନ୍ତୁ ଆରମ୍ଭରୁ ଇଂରେଜ ଶକ୍ତି ଏହାକୁ ଅନୁଭବ କରିଥିଲା ଓଡିଶାରେ । ସେଇଥିପାଇଁ ୧୮୧୭ ବିପ୍ଳବର ଜନନାୟକ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟଙ୍କ ସହ ଯୁଦ୍ଧ ଚଳାଇରଖିବା ପରିବର୍ତ୍ତେ ଏହା ସନ୍ଧି ସ୍ଥାପନ କରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଉପରେ ଏକ କୂଟନୈତିକ ବିଜୟ ହାସଲ କରିଥିଲା । ମାତ୍ର ଓଡ଼ିଆ ଜାତି ପ୍ରତି ଇଂରାଜୀ

orissamatters.com

ପଦାଧିକାରୀମାନଙ୍କ ମନରେ ସୃଷ୍ଟି ହୋଇଥିବା ଭୟ ପୂର୍ବବତ୍ ରହିଥିଲା । ଏଥିପାଇଁ ଦାୟୀ:

## ଓଡ଼ିଆ ଆତ୍ମାଭିମାନ

କୂଟନୈତିକ ବିଜୟ ପରେ ଓଡ଼ିଶା ଉପରେ ଇଂରେଜ ଆଧିପତ୍ୟ ପକ୍କା ହୋଇପାରିଥିଲେ ମଧ୍ୟ ଓଡ଼ିଆ ଜାତିର ପ୍ରଚଣ୍ଡ ଆତ୍ମାଭିମାନ, ଧର୍ମୀୟ ସାନ୍ଦ୍ରତା ଏବଂ ଅକୁତୋଭୟ ଦେଶାତ୍ମବୋଧ ବିଲାତି ଲୋକଙ୍କ ଅବଚେତନରେ ପ୍ରବଳ ଭୀତି ସଞ୍ଚାର କରି ରଖିଥିଲା । ଓଡ଼ିଆ ମିଜାଜ୍ ପ୍ରତି ଇଂରେଜ୍‌ମାନଙ୍କ ମନରେ କିପରି ଭୟ ବସାବାନ୍ଧି ରହିଥିଲା ଏଥି ପୂର୍ବରୁ ତହିଁର ପ୍ରାମାଣିକ ତଥ୍ୟ ଉଲ୍ଲେଖ କରା ଯାଇଛି । ଓଡ଼ିଆ ଜାତିର ଅନ୍ତର୍ନିହିତ ଆଧ୍ୟାତ୍ମିକ ଐକ୍ୟ ବି ଥିଲା ସେମାନଙ୍କ ପାଇଁ ଦୁଶ୍ଚିନ୍ତାର ଅନ୍ୟ ଏକ କାରଣ । ଶ୍ରୀଜଗନ୍ନାଥବୁଦ୍ଧଙ୍କୁ ହିନ୍ଦୁ ଦେବତା ଭାବେ ହିନ୍ଦୁମାନେ ମାନିନେଲାପରେ ଏବଂ ଓଡ଼ିଶାର ହିନ୍ଦୁ ରାଜା ସେହି ଜଗନ୍ନାଥଙ୍କୁ ରାଜ୍ୟର ସର୍ବୋଚ୍ଚ ପ୍ରଭୁ ଓ ନିଜକୁ ତାଙ୍କର କେବଳ ସେବକମାତ୍ର ବୋଲି ଘୋଷଣା କଲାପରେ ଓଡ଼ିଶାର ସବୁ ବୌଦ୍ଧ ହିନ୍ଦୁଭାବେ ପରିଗଣିତ ହେଉଥିଲେ ଏବଂ ଶ୍ରୀଜଗନ୍ନାଥଙ୍କ ଭକ୍ତ ଭାବେ ସେମାନଙ୍କ ସଂଖ୍ୟା ଥିଲା ଶତକଡ଼ା ଶହେ । ଏପରିକି ଉନବିଂଶ ଶତାବ୍ଦୀରେ ମୁସଲମାନ ଓ ଖ୍ରୀଷ୍ଟିଆନ୍‌ମାନଙ୍କ ସଂଖ୍ୟା ବଢ଼ିଥିଲେ ମଧ୍ୟ ୧୯୦୧ର ଜନଗଣନା ଅନୁସାରେ ଓଡ଼ିଶାରେ ହିନ୍ଦୁଙ୍କ ସଂଖ୍ୟାଥିଲା ଶତକଡ଼ା ୯୧ ଏବଂ ଏହା ଥିଲା ଭାରତରେ ସବୁ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ ହିନ୍ଦୁ ଅଧ୍ୟୁଷିତ ରାଜ୍ୟ । ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଏମାନଙ୍କୁ ଏକ ଅନନ୍ୟସାଧାରଣ ଭ୍ରାତୃତ୍ୱବୋଧରେ ସାନ୍ଦ୍ର କରି ରଖିଥିଲା । ଏମାନଙ୍କ ମନୋରାଜ୍ୟରେ ଇଂରେଜମାନେ ଖ୍ରୀଷ୍ଟିୟାନ ଓ ସେହେତୁ ମ୍ଳେଚ୍ଛ ସ୍ଥାନରେ ଥିଲେ । ଏହି ମାନସିକତା ଏତେ ଦୃଢ ଥିଲା ଯେ, ୧୯୨୦ ଖ୍ରୀଷ୍ଟାବ୍ଦରେ ସୁଦ୍ଧା ତାହା ପ୍ରତ୍ୟକ୍ଷ କରିହେଉଥିଲା । ଏହାର ପ୍ରମାଣ ପାଇଁ ଓଡ଼ିଶାର ସବୁଠୁ ସାନ ଗଡଜାତ **ତିଗିରିଆ**ର ତତ୍କାଳୀନ ରାଜା ବନମାଳୀ କ୍ଷତ୍ରିୟ ବୀରବର ଚମ୍ପୂପତି ସିଂହ ମହାପାତ୍ରଙ୍କୁ ଏକ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ ।

## ଓଡ଼ିଆ ମାନସିକତା: ଦୃଷ୍ଟାନ୍ତ-ତିଗିରିଆ

ତିଗିରିଆର ଏହି ପୁଣ୍ୟଶ୍ଳୋକ ରାଜାଙ୍କ ଉପରେ ଏକ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ରଖିଛନ୍ତି ଓଡ଼ିଶାରେ ଆଧୁନିକ ଶିକ୍ଷା ପ୍ରସାରଣର ଅନ୍ୟତମ ଭଗିରଥ ାଁଭରତ ଚନ୍ଦ୍ର ନାୟକ ତାଙ୍କ ପ୍ରଣୀତ ମୋର ପୂର୍ବସ୍ମୃତି କଥା ନାମକ ମହାର୍ଘ ଗ୍ରନ୍ଥରେ । ସେତେବେଳେ ସେ ଥିଲେ ଇଂରେଜ ଶାସକଙ୍କ ପକ୍ଷରୁ ଢେଙ୍କାନାଳରେ ଅବସ୍ଥାପିତ ଏକ ଉଚ୍ଚ ପଦସ୍ଥ ଅଧିକାରୀ । ଆକ୍ଷରିକତଃ ତାହା ଉଦ୍ଧୃତ ହେଲା ନିମ୍ନରେ -

ତିଗିରିଆ ରାଜାଙ୍କ ସମ୍ବନ୍ଧରେ ଗୋଟିଏ ଘଟଣା ମୁଁ ନିଜେ ପ୍ରତ୍ୟକ୍ଷକରି ବିସ୍ମିତ ହୋଇଥିଲି । ପୋଲିଟିକାଲ୍ ଏଜେଣ୍ଟ ରାମ୍‌ସେ ସାହେବ ଢେଙ୍କାନାଳ ପରିଦର୍ଶନରେ ଆସିଥିବା ସମୟରେ ରାଜା ଓ ଯୁବରାଜ ଆସିଥିଲେ । ତିଗିରିଆର ଦେୱାନ୍ ରାଜ-ତହବିଲ୍ ତୋଷରଫ୍ କରିଥିବା ଅପରାଧରେ ଅଭିଯୁକ୍ତ ହୋଇଥିଲେ ଓ ରାଜା ତାଙ୍କ ପ୍ରତି ଦଣ୍ଡବିଧାନ ପରିବର୍ତ୍ତେରେ

orissamatters.com

ତାଙ୍କୁ କ୍ଷମା ଦେଇଥିବା ଯୋଗୁଁ ଯୁବରାଜ ତହିଁରେ ଅସନ୍ତୁଷ୍ଟ ହୋଇ ସେହି ବିଷୟ ପୋଲିଟିକାଲ୍ ଏଜେଣ୍ଟଙ୍କୁ ଜଣାଇଥିଲେ ଏବଂ ସେ ସେହି ସଂପର୍କରେ ଉଭୟଙ୍କୁ ଡକାଇଥିଲେ । ସାହେବଙ୍କ ସହିତ ସାକ୍ଷାତ କରିବା ସକାଶେ ଆସିବା ସମୟରେ ମୁଁ ଚଡ଼ାଇରଗଡ଼ା ବଙ୍ଗଳାରେ ଉପସ୍ଥିତ ଥିଲି ଓ ରାଜା ଯୁବରାଜ ଉଭୟେ ଇଂରେଜୀ ଜାଣୁ ନ ଥିବାରୁ ସାହେବଙ୍କ ଆଦେଶରେ ମୋତେ **ଦୋଭାଷୀ** କାର୍ଯ୍ୟ କରିବାକୁ ହୋଇଥିଲା । ସାହେବ ଏକ ପ୍ରକୋଷ୍ଠ ମଧ୍ୟରୁ ବାହାରି ଆସି ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ତାହାଙ୍କ କରମର୍ଦ୍ଦନ ସକାଶେ ହସ୍ତ ପ୍ରସାରଣ କରିବା ମାତ୍ରେ ରାଜା, **ହାଁ ! ହାଁ ! ସାହେବ! ଆପଣ ମ୍ଲେଚ୍ଛ । ଆପଣଙ୍କୁ ଛୁଇଁଲେ ଆମ୍ଭଙ୍କୁ ସ୍ନାନ ଓ ପଞ୍ଚଗବ୍ୟ ପାନ କରିବାକୁ ହେବ,** କହି ଚାରି ପାଞ୍ଚ ହାତ ପଛଘୁଞ୍ଚା ଦେଲେ । ସାହେବ ଅବାକ୍ ହୋଇ ଦଣ୍ଡାୟମାନ ହୋଇ ମୋ ଆଡକୁ ଚାହିଁଲେ । ମୁଁ ବୁଝାଇଦେଲି,ରାଜା ଅତ୍ୟନ୍ତ ରକ୍ଷଣଶୀଳ, ପୂଜାଦି କରନ୍ତି । ଆପଣ ଖ୍ରୀଷ୍ଟିୟାନ୍ । ସୁତରାଂ ଆପଣଙ୍କୁ ଛୁଇଁବାକୁ ଚାହୁଁ ନାହାନ୍ତି । ସାହେବ ମୃଦୁ ହାସ୍ୟ କରି ବସିଲେ । ତତ୍ପରେ ରାଜାଙ୍କୁ କହିଲେ, ଆପଣଙ୍କ ଦେୱାନ୍ ରାଜତହବିଲ୍ ତୋଷରଫ୍ ରୂପ ଗୁରୁତର ଅପରାଧରେ ଅଭିଯୁକ୍ତ । ତାଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାକୁ ହେବ । ରାଜା କହିଲେ, **ସାହେବ, ଆମ୍ଭଙ୍କୁ ସରକାର ଦେଇଥିବା ସନନ୍ଦ ଅନୁସାରେ ଇଂରେଜ ସରକାରଙ୍କ ସହିତ ଆମ୍ଭର ଯେତିକି ସଂପର୍କ ସେତିକି ରକ୍ଷା ହେଉଛି କି ନାହିଁ ସେତିକି ଦେଖିବା ଆପଣଙ୍କ କର୍ତ୍ତବ୍ୟ । ଆମ୍ଭ ରାଜ୍ୟର ଆଭ୍ୟନ୍ତରୀଣ ଶାସନର କୌଣସି ବିଷୟ ଆପଣଙ୍କ ଅଧିକାରଭୁକ୍ତ ନୁହେଁ । ଆମ୍ଭେ ଆମ୍ଭ ଅପରାଧୀ ଦେୱାନଙ୍କୁ କ୍ଷମା କରିଅଛୁଁ । ଏହା ଆମ୍ଭର ଘରୋଇ ବିଷୟ, ଏଥିରେ ଆପଣ ହସ୍ତକ୍ଷେପ କରିପାରିବେ ନାହିଁ ।** ସାହେବ ହଁ କହି କିଛି ସମୟ ପରେ ରାଜାଙ୍କୁ ବିଦାୟ ଦେଲେ । (ମୋର ପୂର୍ବ ସ୍ମୃତିକଥା, ପୃଷ୍ଠା-୧୨୯ ଓ ୧୩୦)

ଉପରୋକ୍ତ ବିବରଣୀରୁ ତିନୋଟି କଥା ସୁସ୍ପଷ୍ଟ । (୧) ସାରା ଭାରତ ଭୂଖଣ୍ଡ ଉପରେ ନିଜର ଆଧିପତ୍ୟ ବିସ୍ତାର କରିପାରିଥିବା ଇଂରେଜପାଇଁ ଅଦମନୀୟ ଥିଲା ଓଡ଼ିଆର ଆତ୍ମାଭିମାନ; (୨) ଏହି ହେତୁ ତିଗିରିଆପରି କ୍ଷୁଦ୍ରତମ ରାଜ୍ୟର ରାଜା ମଧ୍ୟ ତା ରାଜ୍ୟର ଘରୋଇ ପରିଚାଳନାରେ ଇଂରେଜ କର୍ତ୍ତୃପକ୍ଷଙ୍କ ଅଯଥା ହସ୍ତକ୍ଷେପ ପ୍ରତ୍ୟାଖ୍ୟାନ କରୁଥଲେ ଏବଂ (୩) ଓଡିଆର ଧର୍ମ ଧାରଣା ଇଂରେଜକୁ ମ୍ଲେଚ୍ଛ ଓ ଅସ୍ପୃଶ୍ୟ ତାଲିକାରେ ରଖିଥିଲା । ୧୯୨୦ ଖ୍ରୀଷ୍ଟାବ୍ଦର ସ୍ଥିତି ଯଦି ଏହା ହିଁ, ଏହାର ଶହେ ବର୍ଷ ପୂର୍ବେ, ୧୮୨୫ ମେ ୨୫ରେ ଜନନାୟକ ବକ୍ସି ଜଗବନ୍ଧୁଙ୍କ ସହ ବିଲାତି ବଡ଼ଲାଟଙ୍କ ସନ୍ଧି ସ୍ଥାପନ ବେଳକୁ, ଓଡ଼ିଆ ମିଜାଜ କ'ଣ ଥିବ ତାହା ସହଜେ ଅନୁମେୟ ।

## ଓଡ଼ିଆ ମିଜାଜକୁ ଇଂରେଜର ଭୟ

ଓଡ଼ିଆର ଏହି ମୌଳିକ ମିଜାଜ ପ୍ରତି ଥିଲା ଇଂରେଜମାନଙ୍କର ନାହିଁ ନ ଥିବା ଭୟ । **ଓଡ଼ିଶା ଭିନ୍ନ ଭାରତର ଅନ୍ୟ କେଉଁଠି ସେମାନେ ଏପରି ଭୟର ସମ୍ମୁଖୀନ ହୋଇ ନ**

orissamatters.com

**ଥିଲେ** । ସୁତରାଂ ଏଥିରୁ ନିଷ୍କୃତି ପାଇବାପାଇଁ ସେମାନେ ଉପାୟ ଚିନ୍ତା କରିବାରେ ଲାଗିଥିଲେ ।

ଏହି ପ୍ରକ୍ରିୟାରେ, **ଓଡ଼ିଆ ଭୂଖଣ୍ଡର ବିଖଣ୍ଡିକରଣ ଘଟାଇ, ଓଡ଼ିଆ ଜାତିର ଭାଷା ଓ ସଂସ୍କୃତି ସହ ସଂପର୍କ ନ ଥିବା ଭିନ୍ନ ଭାଷାଭାଷୀ ପ୍ରଦେଶଗୁଡିକରେ ଏହି ବିଖଣ୍ଡିତ ଅଂଶଗୁଡ଼ିକୁ ମିଶାଇଦେଇ, ପ୍ରଶାସନିକ ସୁବିଧା ଆଳରେ ଓଡ଼ିଆମାନଙ୍କ ଐକ୍ୟ ଓ ସଂହତି ଉଜାଡ଼ି ଦେବାକୁ ଚକ୍ରାନ୍ତ ଚାଲିଲା** । ଓଡ଼ିଆ ଭୂଖଣ୍ଡ ଭାଗ ଭାଗ ହୋଇ ମିଶିଗଲା ଭିନ୍ନ ଭାଷାଭାଷୀ ପଡ଼ୋଶୀ ପ୍ରଦେଶଗୁଡ଼ିକରେ ଏବଂ ସେଠିକା ଭାଷାକୁ ରାଜଭାଷାଭାବେ ମାନି ସେହି ଭାଷାରେ ନିଜ ନିଜ ଜମିଜମା ଦଲିଲ କରିବା ବା ଆପତ୍ତି ଓଜର ଜଣାଇବାକୁ ସେ ସେ ରାଜ୍ୟମାନଙ୍କରେ ସାମିଲ କରାଯାଇଥିବା ଓଡ଼ିଆ ଭୂଖଣ୍ଡର ଓଡ଼ିଆମାନଙ୍କୁ ବାଧ୍ୟ କରାଗଲା । ଫଳରେ **ସେମାନେ ସାମିଲ କରାହୋଇଥିବା ଭିନ୍ନ ଭାଷାଭାଷୀ ପ୍ରଦେଶଗୁଡ଼ିକର ପ୍ରତିଦ୍ୱନ୍ଦ୍ୱୀ ଜନସମାଜରେ ସଂଖ୍ୟାନ୍ୟୂନ ହୋଇପଡ଼ିଲେ ଏବଂ ଓଡ଼ିଆ ଜାତିର ସଂଘୀୟ ପରଂପରା ଓ ଗର୍ବୋନ୍ନତ ଐତିହ୍ୟ ଅଚିରେ ଦୋହଲି ଗଲା** ।

ତାର ନୈତିକ ବଳ ଭାଙ୍ଗି ଦେବାପାଇଁ ଇଂରେଜ ଶାସକମାନେ ଏହି ଯେଉଁ ଷଡ଼ଯନ୍ତ୍ର ସୃଷ୍ଟି କରିଥିଲେ ତହିଁର ପ୍ରଚ୍ଛଦପଟରେ ଯେ ଥଲା ସେମାନଙ୍କ ମନରେ ଓଡ଼ିଆମାନଙ୍କପାଇଁ ଥିବା ପ୍ରବଳ ଭୟ, ଏହା ସୁନିଶ୍ଚିତ । With the Rajas and Royats ନାମକ ଗ୍ରନ୍ଥରେ ଭବିଷ୍ୟ ପୀଢ଼ିଙ୍କ ଅବଗତିପାଇଁ ସନ୍ନିହିତ କରିଥିବା ନିଜ ରିପୋର୍ଟରେ ଭିନ୍ନ ଭାଷାଭାଷୀ ପ୍ରଦେଶର ଅନ୍ତର୍ଭୁକ୍ତ ହୋଇ ଓଡ଼ିଆଲୋକେ କିପରି ନିର୍ଯାତିତ ହେଉଥିଲେ ତାର ସବିଶେଷ ଚିତ୍ର ଦେଇ ତହିଁର ପ୍ରତିକାରପାଇଁ ସବୁ ଓଡ଼ିଆଭାଷୀ ଅଞ୍ଚଳକୁ ଏକଶାସନାଧୀନ କରାଯିବା ଆବଶ୍ୟକ ବୋଲି ସାର୍ ଆଣ୍ଡ୍ରୁ ଫ୍ରେଜର୍ ସୁପାରିସ କରିଥିବାର ତଥ୍ୟ ରହିଛି ।

ଫ୍ରେଜରଙ୍କ ଏହି ସୁପାରିସକୁ ତଦାନୀନ୍ତନ ଭାରତ ସଂପର୍କୀୟ ସେକ୍ରେଟାରୀ ସି. ରିଭର୍ ଅଗ୍ରାହ୍ୟ କରି ଦେଇଥିଲେ । ତାଙ୍କ ଯୁକ୍ତି ଥିଲା - ଓଡ଼ିଆମାନେ ଏତେ **ଦୁର୍ଦ୍ଧର୍ଷ** ଯେ ସେମାନଙ୍କୁ ଏକଶାସନାଧୀନ ରଖିଲେ ଅବସ୍ଥା ସମ୍ଭାଳି ହେବ ନାହିଁ ।

## ବିଖଣ୍ଡୀକରଣର ଦୁଃଖଦ ପରିଣତି

ଏହିପରି ଏକ ଐତିହ୍ୟସଂପନ୍ନ ଦୁର୍ଦ୍ଧର୍ଷ ଜାତି ଇଂରେଜ ସହ ହାତ ମିଳାଇଥିବା ପଡ଼ୋଶୀ ପ୍ରଦେଶବାସୀମାନଙ୍କ ହେତୁ କି ଦାରୁଣ ଦୁର୍ବିପାକର ଶିକାର ହୋଇଥିଲା, ତାର ଚିତ୍ର ମିଳେ ଖଡ଼ିଆଳର ତଦାନୀନ୍ତନ ରାଜା ଶ୍ରୀ ବୀର ବିକ୍ରମ ସିଂହଙ୍କ ଲିଖିତ ଓ ଓଡ଼ିଆ ଜନ ଜାଗୃତି ପାଇଁ ପରିବେଶିତ ନାଟକ ଉତ୍କଳ ଦୁର୍ଦ୍ଦଶାରୁ।
ତହିଁରୁ ଗୋଟିଏ ପଦ :-

ସହିବ କେ ଦେଖି ଏ ଉତ୍କଳ !
ଅଙ୍ଗ ପ୍ରତ୍ୟଙ୍ଗ ବିଭଙ୍ଗ ହୋଇଗଲାଣି ଉତ୍ସଙ୍ଗ

orissamatters.com

ଜଣେ ନାହିଁ କହିବାକୁ ପ୍ରବୋଧି ଗିର ।।
ହିନ୍ଦୀ ତେଲେଙ୍ଗା ବଙ୍ଗାଳୀ
ମହାରାଷ୍ଟ୍ରୀ ଆଦି ମିଳି
ବାଣ୍ଟି ନେଲେ ସର୍ବେ ଯେଝା ଇଚ୍ଛା ପ୍ରକାର ;
ଯେତେ ଉତ୍କଳ ସନ୍ତାନ
ହେଉଛନ୍ତି ହୀନମାନ
ଉତ୍କଳ ଦୁର୍ଦ୍ଦଶା କେବେ ହେବ ଅନ୍ତର?

## କାନକୁହାଙ୍କ କରାମତି

ଓଡ଼ିଶାର ଏହି ଦୁର୍ଦ୍ଦଶାକୁ ଅଧିକ ତୀବ୍ର ଓ ଅସହ୍ୟ କରିପକାଇଥିଲେ ଇଂରେଜମାନଙ୍କ କାନକୁହା କେତେକ ବଙ୍ଗାଳୀ । ଯଥା-କୃଷ୍ଣ ସିହ୍ନା ।

କଲିକତାର କୌଣସି ଏକ ଅଜଣା ଗଳିରେ ଥିଲା ଏହାଙ୍କ ଆବାସ । ସେହି ସହରରେ ଇଂରେଜମାନଙ୍କ ମୁଖ୍ୟ ଦପ୍ତର ଥିବାର ସୁଯୋଗ ନେଇ, ସେଠାରେ ଧରାଧରିକରି, ସାମାନ୍ୟ ଇଂରେଜୀ ଜାଣିଥିବା ଏହି ବ୍ୟକ୍ତି ୧୮୦୪ରେ କଲେକ୍ଟର ଗ୍ରୋଏମ୍‌ଙ୍କ ଅଫିସରେ କିରାଣି କାମ କରିବାକୁ କଟକ ଆସିଥିଲେ । ଗ୍ରୋଏମ୍‌ଙ୍କୁ ଓଡ଼ିଆ ଜଣା ନ ଥିଲା କି କୌଣସି ଓଡ଼ିଆଙ୍କୁ ଇଂରାଜୀ ଜଣା ନ ଥିଲା । ମାତ୍ର ପୂର୍ବ ସୂଚିତମତେ ବଙ୍ଗରାଜ୍ୟରେ ଓଡ଼ିଆମାନେ ପୂର୍ବରୁ ନିଜ ଭାଷା ପ୍ରସାରିତ କରିଥିବା ହେତୁ ଓ ବଙ୍ଗାଳୀମାନେ ତୀର୍ଥ ଦର୍ଶନପାଇଁ ବରାବର ଓଡ଼ିଶା ଆସୁଥିବା ହେତୁ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଓଡ଼ିଆ ଭାଷା ଜଣାଥିଲା ଓ ସେମାନଙ୍କ ଭାଷା ଓଡ଼ିଆ ଶିଶୁଙ୍କ ଦରୋଟି ଭାଷା ପରି ହୋଇଥିବା ହେତୁ ଅନେକ ଓଡ଼ିଆ ମଧ୍ୟ ତାହାର ଉଚ୍ଚାରଣକୁ ବୁଝିପାରୁଥିଲେ । ଏହି କାରଣ ହେତୁ କଲେକ୍ଟର ଗ୍ରୋଏମ୍ ବଙ୍ଗାଳୀ କୃଷ୍ଣ ସିହ୍ନାଙ୍କୁ ନିଜର ପେସ୍କାର କରିଦେଲେ । ସିହ୍ନାଏ କାନକୁହା ସାଜି, ଗ୍ରୋଏମ୍‌ଙ୍କୁ ଇଚ୍ଛାମତେ ସନ୍ତୁଷ୍ଟ କରି, ନିଜର ଜଣେ ଭାଇ ଗୌରହରି ସିହ୍ନାଙ୍କୁ ଗଜପତିଙ୍କ ଚାରି ପ୍ରଗଣା - ସିରାଇ, ଲେମ୍ବାଇ, ପୁରୁଷୋତ୍ତମ ରାହାଙ୍ଗ ଓ ଚବିଶକୁଦ-ଯାହାକୁ ଇଂରେଜମାନେ ଛଳ କରି ଅକ୍ତିଆର କରିଥିଲେ ଓ ଯାହାର ମୁକ୍ତିପାଇଁ ଇଂରେଜ ବିରୁଦ୍ଧରେ ୧୮୦୪ରେ ଗଜପତିଙ୍କ ସଂଘର୍ଷ ଘଟିଥିଲା, ତାହାର ତହସିଲଦାର ଭାବେ ମୁକରିର କରାଇଦେଲେ ଓ ବସ୍ତୁତଃ ସେଗୁଡିକର ନେପଥ୍ୟ ମାଲିକ ହେଇଗଲେ । ତହିଁ ପରବର୍ଷ, ୧୮୦୫ରେ, ଚକ୍ରାନ୍ତ କରି ବକ୍ସି ଜଗବନ୍ଧୁଙ୍କ ରୋଡଙ୍ଗ ମାହାଲକୁ ବି ତାଙ୍କଠାରୁ ଛିନ୍ନ କଲେ ଏବଂ ଅବଲୀଳାକ୍ରମେ, ମାତ୍ର ପାଞ୍ଚ ବର୍ଷ ନ ଯାଉଣୁ, ୧୮୦୯-୧୦ରେ ଏହି ପାଞ୍ଚ ପ୍ରଗଣାକୁ ଚଞ୍ଚକତାପୂର୍ବକ ନିଜ ନାମରେ ସ୍ଥାୟୀ ପଟ୍ଟା କରାଇ **କାନକୁହା କିରାଣିରୁ ହୋଇଗଲେ ଜଣେ ବିଶାଳ ଜମିଦାର** । ଇଂରେଜମାନଙ୍କୁ ଆପ୍ୟାୟିତ କରି ବହୁ ବଙ୍ଗାଳୀ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ମାହାଲର ଜମିଦାର ହୋଇଗଲେ ସିହ୍ନାଙ୍କ ପରି ।

orissamatters.com

ଏହି ବଙ୍ଗାଳୀମାନେ କିପରି **ଚକ୍ରାନ୍ତ କରି** ଓଡ଼ିଆ ଲୋକଙ୍କ ଜମିବାଡିର ମାଲିକାନା ଅକ୍ତିଆର କରିଚାଲିଥିଲେ ତହିଁର ପ୍ରତ୍ୟକ୍ଷ ଜ୍ଞାନପ୍ରସୂତ ଚିତ୍ର ମିଳେ କଟକର ତଦାନୀନ୍ତନ କଲେକ୍ଟର ମିଷ୍ଟର ଡବ୍ଲୁ.ଟ୍ରୋୟର୍ ( W.Trower ) କଲିକତାସ୍ଥ ବୋର୍ଡ ଅଫ୍ ରେଭିନ୍ୟୁର ପଦାସୀନ ସଚିବ ଜେ.ପି.ୱାର୍ଡ (J.P.Ward)ଙ୍କୁ ୨୩ ମେ ୧୮୧୭ରେ ପ୍ରଦାନ କରିଥିବା ରିପୋର୍ଟରୁ ।

## ସେମାନଙ୍କ ଜାଲିଆତିର ଆଫିସୀୟ ପ୍ରମାଣ

ଟ୍ରୋୟରଙ୍କ ରିପୋର୍ଟକୁ ଓଡ଼ିଆ ଜାତିର ଜୀବନରେ ଏକ ବ୍ୟଥାଦାୟକ ଅଧ୍ୟାୟର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ବୋଲି କୁହାଯାଇପାରେ । ସେ ଲେଖିଛନ୍ତି, *ମୋର ବିଶ୍ୱାସ, ମୁଁ ହେଉଛି ପ୍ରଥମ ଏବଂ ଏପର୍ଯ୍ୟନ୍ତ ଏକମାତ୍ର ଅଫିସର ଯେ କି ଜିଲ୍ଲାର ଅଭ୍ୟନ୍ତର ବୁଲି ଦେଖିଛି । ମୁଁ ଏହାର ବହୁଳାଂଶ ବୁଲିଛି ଏବଂ ଉଚ୍ଚବର୍ଗରୁ ନୀଚବର୍ଗ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋକଙ୍କ ସହ କଥା ହୋଇଛି । ମୁଁ ଯେତେ ଅନ୍ଦାଜ କରିପାରନ୍ତି ତଦପେକ୍ଷା ପୋଲିସ ଓ ମୁନ୍‌ସିଫମାନଙ୍କ ବିରୁଦ୍ଧରେ ପ୍ରଜାମାନଙ୍କ ଅଭିଯୋଗ ନିଶ୍ଚିତ ଅଧିକ । ଏହି କର୍ମଚାରୀମାନେ ଜୁଲୁମ ଓ ଜାଲିଆତି ବଳରେ ଜିଲ୍ଲାର ମୂଳ ଅଧିବାସୀମାନଙ୍କ ଜମି ଓଗେର ଆତ୍ମସାତ କରିବାକୁ ଏଠି ସର୍ବତ୍ର ସତେ ଯେମିତି ଏକ ନିୟମସିଦ୍ଧ ପଦ୍ଧତିରେ ପରିଣତ କରିସାରିଛନ୍ତି । ଏବଂ ପ୍ରଜାମାନଙ୍କ ରକ୍ଷାକର୍ତ୍ତା ଓ ଅସଦାଚରଣର ପ୍ରତିବିଧାନକାରୀ ଭାବେ ଗୃହୀତ ହେବା ପରିବର୍ତ୍ତେ ଏହି ଲୋକମାନେ ସନ୍ତ୍ରାସ ଓ ମହା ବିପତ୍ତି ଭାବେ ଉଭା ହୋଇଛନ୍ତି ।* ("I believe I am the first and the only officer of the Government that has heitherto visited the interior of the District. I have travelled through the greatest part of it, conversed with all classes of people from the highest to the lowest and certainly the complaints against the Police, and the Moonsifs exceed anything I could have supposed. A regular system of oppression and peculation appears to exist throughout and instead of proving a protection to the country and a preventive against improper conduct, these people are considered the terror and the scourge of the district."- Report of W.Trower, Collector, Cuttack on Revenue Administration in Orissa, dated the 23rd May,1817vide Ms.Vol. 387, Orissa State Archives.)

*କୌଣସି ବ୍ୟକ୍ତିର ମର୍ଜି ବିରୁଦ୍ଧରେ ତାର ଭୂସଂପତ୍ତି ତା' ହାତରୁ ଛଡ଼ାଇନିଆଗଲେ, ଯେ କୌଣସି କାରଣରୁ ତାହା ହୋଇଥାଉ ନା କାହିଁକି, ତା ଭିତରେ କ୍ଷୋଭ ସୃଷ୍ଟି ହେବା*

orissamatters.com

*ସ୍ୱାଭାବିକ । ଏହି ଜିଲ୍ଲାରେ ଏହା ହିଁ ହୋଇଛି ।* ("It is natural to conclude that any man who looses his estate against his will, under whatever circumstances, should feel discontent and as a very great proportion of the original Zamidars of this district are thus situated, it may be said, that to a certain extent the sales of lands which have taken place since the period of our acquisition of the Province, have tended to create discontent."-Ibid)

ଓଡ଼ିଆ ଲୋକଙ୍କ ଭୂସଂପତ୍ତି ବଙ୍ଗାଳୀମାନେ କିପରି ଦୋନମ୍ବରୀ ଉପାୟରେ ଦଖଲ କରିନେଉଥିଲେ ତହିଁର ଉଲ୍ଲେଖ କରି ଦୁଇଟି କାରଣ ହେତୁ ତାହା ଆପତ୍ତିଜନକ ଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । ଟ୍ରୋୟର୍ ଲେଖିଛନ୍ତି, *ମୋର ଅନୁଭୂତି ହେଲା , ଭୂସଂପତ୍ତି ବିକ୍ରି କ୍ଷେତ୍ରରେ ଆପତ୍ତିର ଦୁଇଟି କାରଣ ଅଛି । ପ୍ରଥମଟି ହେଲା ୫୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ରାଜସ୍ୱ ସଂପନ୍ନ ଜମିଦାରୀକୁ କଲିକତାରେ ବିକ୍ରି କରାଯିବା ଓ ଦ୍ୱିତୀୟଟି ହେଲା, କଲେକ୍ଟରଙ୍କ ଅଫିସରେ ବିକ୍ରି କରାଯାଉଥିବା ଭୂସଂପତ୍ତିକୁ ସରକାରଙ୍କ ପଦ ପଦବୀମାନଙ୍କରେ କାର୍ଯ୍ୟରତ ନେଟିଭ୍ ଅଫିସରମାନଙ୍କୁ କିଣିବାକୁ ଅନୁମତି ଦିଆଯିବା ।* ("It appears to me that there are two grounds of complaint respecting sales of land, the first is, the disposing of Estates in Calcutta, the Jumma of which exceed Rs.5000 and the other, permitting native officers of Government holding situations in the District to become purchasers of lands sold at the Collector's Office". -Ibid.)

**ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ସମୟରେ କୌଣସି ଓଡ଼ିଆ ଇଂରେଜଙ୍କ କୌଣସି ଅଫିସରେ ଅଫିସର୍ ନ ଥିଲେ । ନେଟିଭ୍ ଅଫିସର୍ ବୋଲି ସେ ଯେଉଁମାନଙ୍କୁ ଉଲ୍ଲେଖ କରିଛନ୍ତି ସେ ସମସ୍ତେ ଥିଲେ କେବଳ ବଙ୍ଗାଳୀ ।**

ବଙ୍ଗାଳୀମାନେ କିପରି ଚକ୍ରାନ୍ତ କରି ଓଡ଼ିଆ ଜମିଦାରୀଗୁଡ଼ିକୁ କିଣିନେଇପାରୁଥିଲେ ତହିଁର ଏକ ଉଦାହରଣ ସ୍ୱରୂପ ଟ୍ରୋୟର୍ ବଳଭଦ୍ରପୁର ଘଟଣାର ଅବତାରଣା କରିଛନ୍ତି । ଏହି ଜମିଦାରୀର ଜମା ଦାଖଲରେ ସାମାନ୍ୟ ବିଳମ୍ବ ହୋଇଥିବା ହେତୁ ଜମିଦାରଙ୍କୁ ତାର ସୁଧ ପଇଠ କରିବାକୁ କୁହା ହୋଇଥିଲା ଓ ଏହା ସେ କଟକଠାରେ ଦାଖଲ କରିପାରିବେ ବୋଲି କହି ତାଙ୍କଠାରୁ ଏହା ଗ୍ରହଣ କରିବାକୁ ମଧ୍ୟ କଲେକ୍ଟରଙ୍କୁ ଜଣାଇ ଦିଆଯାଇଥିଲା । ମାତ୍ର ଏହି ସୁଧଟଙ୍କା କଲିକତାରେ ପଇଠ ନ ହୋଇଥିବା ଆଳରେ ଜମିଦାରୀଟିକୁ ସେହି କଲିକତାରେ ହିଁ ବିକ୍ରି କରିଦିଆଯାଇଥିଲା ଜଣେ ବଙ୍ଗାଳୀଙ୍କୁ ।

ଦସ୍ତାବିଜଗତ ଗୁରୁତ୍ୱ ଦୃଷ୍ଟିରୁ ଟ୍ରୋୟରଙ୍କ ରିପୋର୍ଟଟିର ଆବଶ୍ୟକୀୟ ଅଂଶ

orissamatters.com

ଦେଖାଯାଉ । ସେ ଲେଖିଛନ୍ତି, ଓଡ଼ିଆ ଜମିଦାରମାନଙ୍କ ମଧ୍ୟରୁ କାହାରି ହେଲେ କୌଣସି ଏଜେଣ୍ଟ୍ କଲିକତାରେ ନ ଥିବାରୁ ସେମାନେ ସେଠାରେ ରାଜସ୍ୱ ବୋର୍ଡ ଦପ୍ତରରେ ବିକ୍ରି କରାହୋଇଯାଉଥିବା ଜମିଦାରୀ କିଣିବା ସମ୍ଭାବନାରୁ ପ୍ରାୟ ସଂପୂର୍ଣ୍ଣତଃ ବଞ୍ଚିତ ହୋଇ ପଡୁଛନ୍ତି। ଅପରପକ୍ଷେ ଯେଉଁ **ବଙ୍ଗାଳୀମାନେ** ସେଠାରେ ସେଗୁଡ଼ିକୁ କିଣି ନେଉଛନ୍ତି, ଅତି ଶସ୍ତା ଦରରେ ତାହା ସେମାନଙ୍କୁ ମିଳିଯାଉଛି । କାରଣ ସରଜମିନ୍ ଠାରୁ ଦୂରରେ ଏହି ବିକ୍ରି କାରବାର ହେଉଥିବା ହେତୁ ତହିଁର ପ୍ରକୃତ ମୂଲ୍ୟ ମଧ୍ୟ ଆକଳନ ହୋଇପାରୁନି । ୧୮୧୨ରେ କଲିକତାଠାରେ ବିକ୍ରିହୋଇଯାଇଥିବା ବଳଭଦ୍ରପୁର ଜମିଦାରୀ କଥା ରାଜସ୍ୱ ପରିଷଦ ସ୍ମରଣ କରିପାରନ୍ତି । ଜମା ଦାଖଲରେ ବିଳମ୍ବ ହେତୁ ସାମାନ୍ୟ କେତେ ଟଙ୍କାର ସୁଧପାଇଁ କଲିକତାରେ ଏହି ଜମିଦାରୀ ବିକ୍ରିହୋଇଯାଇଥିଲା ; ଯଦିଓ ଏହି ସୁଧକୁ ସଂପୃକ୍ତ ଜମିଦାର ଏଠାରେ ମୋ ଅଫିସରେ ଦାଖଲ କରିବାକୁ ପ୍ରଚଳିତ ରୀତିରେ ଚୁକ୍ତି ସଂପାଦନ କରିଥିଲେ । ଏହି କାରଣ ହେତୁ, ତାଙ୍କ ସପକ୍ଷରେ ତାଙ୍କ ଜମିଦାରୀ ବିକ୍ରିର ପୁନର୍ବିଚାର କରିବାକୁ ସୁପାରିସ କରି ମୁଁ ମୋର ୨୫ ଡିସେମ୍ବର ୧୮୧୨ ତାରିଖ ଚିଠିରେ ରାଜସ୍ୱ ପରିଷଦକୁ ଅନୁରୋଧ କରିଥିଲି । ବଳଭଦ୍ରପୁର ଜମିଦାରଙ୍କର କଲିକତାରେ ଯଦି କୌଣସି ଏଜେଣ୍ଟ୍ ବା ବନ୍ଧୁ ଥାଆନ୍ତେ, ତେବେ ଏପରି ଏକ ବହୁମୂଲ୍ୟର ଜମିଦାରୀ ଏପରି ନଗଣ୍ୟ କେତେଟା ଟଙ୍କାପାଇଁ ଏପରି ଭାବେ ବିକ୍ରି ହୋଇଯିବାକୁ ସେମାନେ କେବେହେଲେ ଦେଇ ନ ଥାନ୍ତେ ।

ଘଟଣାବଳୀର ଅଭ୍ରାନ୍ତ ଆକଳନ ପାଇଁ, ଟ୍ରୋୟରଙ୍କ ଭାଷା ବି ପଠନୀୟ । ତାହା ହେଲା-"There are very few Oriya zemidars (scarcely one I believe) who have Agents in Calcutta, that they are infact almost entirely precluded from the possibility of purchasing any of the lands sold at the Office of Board and as the ***Bengalees*** who purchase are generally unacquainted with the actual resource of the Estate advertised and are guided principally by the amount of the Sudder Jumma, the probability is that an Estate of considerable value may be knocked down at the price far below what it would have brought, had it been sold at Cuttack. The Board will perhaps recollect the case of Pradhan Choudhury, propritor of Talook Balbhudderpore which was sold in Calcutta in 1812 for a very trifling sum which was due on account of interest, though he had executed the usual engagements for the payment of the same at this Office, as communicated by me to the Board in a

orissamatters.com

letter under date the 25th December 1812 with a recommendation that they would be pleased to take his case into their favourable consideration. Had Pradhan Choudhury an Agent or any freind in Calcutta, it is not probable they would have allowed a valuable Estate to be sold for a trifling balance." (Ibid.)

ବଙ୍ଗାଳୀମାନଙ୍କ ଜାଲିଆତିର ଭୟାବହତା ସଂପର୍କରେ ସୂଚାଇ ଟ୍ରୋୟର୍ ଲେଖିଛନ୍ତି, *ଏହି ଜିଲ୍ଲାର ବିଭିନ୍ନ ସରକାରୀ ପଦ ପଦବୀରେ ଥିବା ବଙ୍ଗାଳୀମାନଙ୍କୁ ଓଡ଼ିଆମାନଙ୍କ ଜମି/ଜମିଦାରୀ ଉପରେ ହେଉଥିବା ନିଲାମରେ ଅଂଶ ଗ୍ରହଣ କରିବାକୁ ଅନୁମତି ଦେବାର ଭୟାବହତା ସଂପର୍କରେ ବହୁ ପ୍ରମାଣ ମୋ ପାଖରେ ରହିଛି । ୧୮୧୩ ଅକ୍ଟୋବର ପହିଲାରେ ପୂର୍ବତନ କମିଶନରଙ୍କୁ ମୁଁ ଦେଇଥିବା ପତ୍ରରେ ଏହାର ସୂଚନା ସନ୍ନିହିତ ହୋଇଥିଲା, ଯହିଁରେ ମୁଁ ଲେଖିଥିଲି କି ଏହି ବଙ୍ଗାଳୀମାନେ ନିଲାମ ଡାକରାରେ ଓଡ଼ିଆମାନଙ୍କ ଅଂଶ ଗ୍ରହଣରେ କେବଳ ଯେ ବାଧା ଉପୁଜାଉଛନ୍ତି ତା ନୁହେଁ, କୌଣସି ଓଡ଼ିଆ ଜମିଦାରୀର ଯଦି ଦେଣା ଦାଖଲରେ ବିଳମ୍ବ ହୋଇଥାଏ ତେବେ ସେହି ଜମିଦାରୀ କିଣିବାପାଇଁ ମଧ୍ୟ ଓଡ଼ିଆମାନଙ୍କୁ ବାଧା ଦିଆଯାଉଛି ।* ("Of the evil of permitting native officers of Government holding situations in the District to purchase lands at public sale I have had many proofs, and in a letter to the late Commissioner under date the 1st October, 1813 I stated my sentiments on the subjects. Not only does the influence of these people prevent the Oriyas from entering into competition with them in the purchase of lands, but if any of their own Estates are in arears, the Oriyas are deterred from appearing as purchasers."-Ibid.)

ବଙ୍ଗାଳୀମାନଙ୍କ ଏହି ଚକ୍ରାନ୍ତ ଫଳରେ କଟକ ଜିଲ୍ଲାପାଳଙ୍କ ଇଲାକାରେ ଥିବା ୨୩୪୦ଟି ଅଣଗଡ଼ଜାତ ଜମିଦାରୀମଧ୍ୟରୁ ୧୮୦୬ ଡିସେମ୍ବରରୁ ୧୮୧୬ ଡିସେମ୍ବର - ଏହି ୧୦ ବର୍ଷ ଭିତରେ ୧୦୧୧ଟି ଜମିଦାରୀ ଅତି ନଗଣ୍ୟ ମୂଲ୍ୟରେ ବିକ୍ରି ହୋଇଯାଇଥିବା ସୂଚାଇ ଟ୍ରୋୟର୍ ଯାହା ଲେଖିଛନ୍ତି, ତହିଁର ମର୍ମାର୍ଥ ହେଲା, *ଉପରୋକ୍ତ ଜମିଦାରୀଗୁଡ଼ିକ ମଧ୍ୟରୁ ୩୫୦ଟି ବୃହତ୍ ଜମିଦାରୀ ବଙ୍ଗାଳୀମାନେ ହିଁ ନେଇଯାଇଛନ୍ତି । ଏହି ୩୫୦ ବୃହତ୍ ଜମିଦାରୀ ମଧ୍ୟରୁ ୨୩୫ଟି ଜମିଦାରୀକୁ ସରକାରୀ ଦପ୍ତରରେ କାମ କରୁଥିବା ବଙ୍ଗାଳୀମାନେ ନିଜ ନାମରେ ବା ନିଜ ସଂପର୍କୀୟଙ୍କ ନାମରେ କିଣିଛନ୍ତି । ଅବଶ୍ୟ ଏତଦ୍ୱାରା ଏହି ଜିଲ୍ଲାରେ ଏବେ ଯେମିତି ବଙ୍ଗାଳୀମାନଙ୍କ ସଂଖ୍ୟା ଖୁବ୍ ବେଶୀ ପରିମାଣରେ ବଢ଼ିଯାଇଛି ଏବଂ ସେମାନେ*

orissamatters.com

ଯେପରି ସଂପତ୍ତିଶୀଳ ହୋଇଉଠିଛନ୍ତି, ତାହାରି ଫଳରେ ସେମାନଙ୍କ ପାରସ୍ପରିକ ପ୍ରତିଦ୍ୱନ୍ଦ୍ୱିତା ଜମିଦାରୀଗଡ଼ିକର ମୂଲ୍ୟ ବାବଦରେ ରାଜକୋଷକୁ ଯେଉଁ ଆୟ ଯୋଗାଇଛି ତାହା ୧୨୧୬୯୫ ଟଙ୍କାର ସରକାରୀ ଡାକ ସ୍ଥଳରେ ମାତ୍ର ୪୬୨୦୫ ଟଙ୍କା ହୋଇଥିଲେ ମଧ୍ୟ ପୂର୍ବରୁ ସେମାନେ ଚଳାଇଥିବା ନଗ୍ନ ରାହାଜାନି ଅପେକ୍ଷା ଅଧିକ ସହନୀୟ । ତାଙ୍କ ଭାଷାରେ,

"It appears from accompanying statement....that from December 1906 to December 1816, a period of 10 years, the number of Estates sold by public auction, have been 1011 which gives an average of 101 yearly. ......It will be found that out of the above mentioned sales, 350 have been purchased by foreigners the Jumma of whose amounted to 442804 rupees from which it is evident that the principal Estates have gone into their hands. The Board will further remark that of those, 235 have been purchased by persons holding official situations under Government directly in their own names, or indirectly by their relations or dependants and by a reference to the price paid for those Mehals (more particularly during the four or five fist years) they cannot fail to discover strong marks of that undue influence, complained of by me. But as the number of Bengalees have increased in the district and advanced in opulence, greater competition has taken place between themselves and a somewhat fairer market established. The Jumma of the lots marked in the margin was 121695 rupees and the money paid for them at sale 46205 which can be considered as little better than downright rubbery." - Ibid.)

ସେ ଲେଖିଛନ୍ତି, ବଙ୍ଗାଳୀମାନେ ସରକାରୀ ଚାକିରିର ସୁଯୋଗ ନେଇ ଓଡ଼ିଆ ଜମିଦାରୀଗୁଡ଼ିକୁ କେବଳ କିଣି ନେଉଛନ୍ତି ତା ନୁହେଁ, ଦଲାଲୀ କରି ପ୍ରଚୁର ମୁନାଫା ବି ଉଠାଉଛନ୍ତି । ଜଣେ ପୋଲିସ ଦାରୋଗା ଜାଲିଆତି କରି ମାତ୍ର ୨୧ ହଜାର ଟଙ୍କାରେ ଗୋଟାଏ ମାହାଲ କିଣି ସେହି ଏକା ଦିନ ସେହି ଏକା ମାହାଲକୁ ୫୦, ୦୦୦ ଟଙ୍କାରେ କିପରି ବିକିପାରିଥିଲେ ତାହାକୁ ଏକ ଉଦାହରଣ ଭାବେ ଉପସ୍ଥାପିତ କରି ଟ୍ରୋୟର୍ ଲେଖିଛନ୍ତି, ଉପରୋକ୍ତ ଦଶ ବର୍ଷ ମଧ୍ୟରେ ୧୦୭୦୩୯୭ ଟଙ୍କା ମୂଲ୍ୟର ଦଲାଲୀ ସମାହିତ ହୋଇଛି । ଦାରୋଗା ବିକିଥିବା ଏହି ସଂପତ୍ତି ତାଙ୍କ ହାତକୁ ଆସିଥିବା ସରକାରୀ ସଂପତ୍ତିର କାଣିଚାଏ

orissamatters.com

*ମାତ୍ର । ସରକାରୀ ଦପ୍ତରରେ ଥିବା ବଙ୍ଗାଳୀମାନଙ୍କ ଅସାଧୁ ପ୍ରଭାବ ଏ କ୍ଷେତ୍ରରେ ସ୍ପଷ୍ଟ ଦୃଶ୍ୟମାନ* । ("Within the same period as that above mentioned (viz.-10 years) the transfer of property by private contract has amounted to 1070397 rupees and in one day a Police Darogah sold Mehals to the value of 50,000 rupees which he had purchased for 21,000 and this is only a small portion of the landed property of the District that has passed through his hands. Here again the same influence is clearly visible."- Ibid. )

ଏପରି ଅଜସ୍ର ଦୃଷ୍ଟାନ୍ତ ସରକାରୀ ଦସ୍ତାବିଜ୍‌ରୁ ଉଦ୍ଧାର କରାଯାଇପାରେ । ଏସବୁରୁ ଏହା ହିଁ ସ୍ପଷ୍ଟ ପ୍ରମାଣିତ ଯେ, **ବିଲାତି ଗୋରାଙ୍କୁ ହାତେଇ ବଙ୍ଗାଳୀମାନେ ଓଡ଼ିଆମାନଙ୍କ ସଂପତ୍ତି ହଡ଼ପ କରିଚାଲିଥିଲେ ଏବଂ ବୁନିଆଦିହୀନ ବହୁ ବଙ୍ଗାଳୀ ସେମାନଙ୍କ ଜୀବନରେ ପ୍ରଥମ ଥର ଜମିଦାର ବୋଲେଇବାର ସୌଭାଗ୍ୟ ଅର୍ଜନ କରିଥିଲେ । ଫଳରେ ସେମାନଙ୍କ ବହପ ଏତେ ବଢିଗଲା ଯେ, ଓଡ଼ିଆ ଜାତିର ଅସ୍ତିତ୍ୱ ଲୋପ କରିଦେବାପାଇଁ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ, ପରନ୍ତୁ ବଙ୍ଗ ଭାଷାର ଅଂଶ ବିଶେଷ ବୋଲି ଆସ୍ପର୍ଦ୍ଧା ଦେଖେଇବାକୁ ବି ସେମାନେ ପଛେଇଲେ ନାହିଁ ।**

## ଭାରତର ପ୍ରଥମ ଭାଷା ଆନ୍ଦୋଳନ

ବିଲାତି ଗୋରାଙ୍କ ବଟସ୍କର ସାଜି ବଙ୍ଗାଳୀଏ ଓଡ଼ିଆ ଜାତିର ଜମି ଭୂମି ଲୁଣ୍ଠନ କରିବା ବିରୁଦ୍ଧରେ *ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଯେପରି ଭାରତର ପ୍ରଥମ ବିଦେଶୀ-ବିରୋଧୀ ପ୍ରଜା ଆନ୍ଦୋଳନ ସୃଷ୍ଟି ହୋଇଥିଲା, ଠିକ୍ ସେପରି* ***କୁଳଗୌରବ ମଧୁସୂଦନ ଦାସ***ଙ୍କ *ନେତୃତ୍ୱରେ ସୃଷ୍ଟି ହୋଇଥିଲା ଭାରତର ପ୍ରଥମ ଭାଷା ଆନ୍ଦୋଳନ* ଓଡ଼ିଆ ଭାଷା ଉପରେ ବଙ୍ଗାଳୀମାନଙ୍କ ଏହି ପାପିଷ୍ଠ ଆକ୍ଷେପର ପ୍ରତିକ୍ରିୟାରେ ।

**ଘୁମୁସରର ପୁଣ୍ୟଶ୍ଳୋକ ଦୀନବନ୍ଧୁ ପଟ୍ଟନାୟକ ଓଡ଼ିଆ ଭାଷା ଭାଷୀ ଅଞ୍ଚଳଗୁଡିକର ତୁରନ୍ତ ଏକତ୍ରୀକରଣପାଇଁ ସାରା ଓଡ଼ିଆ ଜାତି ଏକାଠି ହେବାକୁ ପ୍ରଥମେ ଡାକରା ଦେଲେ** (ଉତ୍କଳ ଦୀପିକା, ସେପ୍‌ଟେମ୍ବର, ୧୮୭୦) ଏବଂ ଅବଲୀଳାକ୍ରମେ ଏହି ଡାକରା ମଧୁବାବୁଙ୍କ ଉଦ୍ୟମ ହେତୁ ଓଡ଼ିଶା ପୁନର୍ଗଠନ ଆନ୍ଦୋଳନର ରୂପ ନେଲା ।

ଇତିହାସ ଏହାର ସାକ୍ଷୀ ଯେ, ଭାଷାର ଯେଉଁ ପ୍ରାଚୀନ ଲିଖିତ ରୂପ ଓଡ଼ିଶାରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତକରୁ ଅଭିଲିଖିତ ହୋଇ ରହିଛି, ଭାରତର ପୂର୍ବାଞ୍ଚଳରେ ବିଶେଷତଃ ବଙ୍ଗରେ ସେପରି ପ୍ରାଚୀନ ଅଭିଲେଖ ନାହିଁ । *କଳିଙ୍ଗ ଯୁଦ୍ଧ ପରେ ଅଶୋକଙ୍କ ହେତୁ ମଗଧର ପ୍ରସାରିତ ପ୍ରଭାବ ପ୍ରତି ଦୃଷ୍ଟି ଦେଇ ମାଗଧୀ ଅପଭ୍ରଂଶରୁ ଓଡ଼ିଆ, ବଙ୍ଗାଳୀ ଓ ଆସାମୀ ଭାଷାତ୍ରୟ ଉଦ୍ଭବ ହୋଇଥିବା ଦର୍ଶାଇ ଅପର ଦୁଇ ଭାଷା ସହ ଓଡ଼ିଆ ଭାଷାକୁ*

orissamatters.com

*ଏକ-ବନ୍ଧନୀ-ଭୁକ୍ତ କରି ବଙ୍ଗଳା ତୁଳନାରେ ଓଡ଼ିଆ ଭାଷା ପ୍ରାଚୀନତର ନୁହେଁ, ବରଂ ଉଭୟ ଭାଷା ସମକାଳୀନ ବୋଲି ଧାରଣା ଉପୁଜାଇବାକୁ କେତେକ ପ୍ରଚାର ସୁବିଧା ସଂପନ୍ନ ଗବେଷକ ଚେଷ୍ଟା ବି କରିଥିଲେ* । ମାତ୍ର ବ୍ୟାକରଣ ଓ ଉଚ୍ଚାରଣ କ୍ଷେତ୍ରରେ ଏହି ତିନି ଭାଷା ମଧ୍ୟରେ **ପ୍ରାଚୀନତମ ସୌଷ୍ଠବର ଅଧିକାରୀ କେବଳ ଓଡ଼ିଆ ଭାଷା ହିଁ** ହୋଇଥିବା ହେତୁ ଏହାକୁ ଅନ୍ୟ ଦୁଇ ଭାଷା ତୁଳନାରେ ପ୍ରାଚୀନତର ବୋଲି ସ୍ୱୀକାର କରିଛନ୍ତି ଭାଷାତତ୍ତ୍ୱବିତ୍ ଡକ୍ଟର ସୁନୀତି କୁମାର ଚାଟାର୍ଜୀ । ( "Of these three speeches-Oriya, Bengali and Assamees, Oriya has preserved a great many archaic features in both grammar and pronounciation; and it may be said without travesty of linguistic truth that Oriya is the eldest of the three sisters, when we consider the archaic character of the language."-Indian Historical Quarterly, vol.XXIII, 1947,p.337) ଅତଏବ, ଭାଷା କ୍ଷେତ୍ରରେ ଓଡ଼ିଆ ଥିଲା ବଙ୍ଗଳାଠାରୁ ପ୍ରାଚୀନତର ଓ ସମୃଦ୍ଧ । ତା ସତ୍ତ୍ୱେ ବିଲାତି ଗୋରାଙ୍କ ମଦତ୍‌ରେ ମୁହଁ ବଢ଼ି ଯାଇ ଥିବା ବଙ୍ଗାଳୀମାନେ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିବାକୁ ସାହସ କରିଥିଲେ ।

କିନ୍ତୁ ଏହା ଯେ ଏକ ହାସ୍ୟାସ୍ପଦ ଦୁଃସାହସ ତାହା ବିଶ୍ୱମାନ୍ୟ ଭାଷାତତ୍ତ୍ୱବିତ୍‌ମାନଙ୍କ ମତ ଦ୍ୱାରା ସାବ୍ୟସ୍ତ ହୋଇଯାଇଥିଲା । **ସାର୍ ଜର୍ଜ ଗ୍ରୀୟାରସନ୍** ଭାରତୀୟ ଭାଷାସମୂହର ଗଭୀର ଅନୁଧ୍ୟାନ କରି ସେଗୁଡ଼ିକର ବୈଶିଷ୍ଟ୍ୟ ପ୍ରତି ବିଶ୍ୱ ମାନସ ଆକର୍ଷଣ କରିଥିଲେ । ତାଙ୍କର ଅତି ସ୍ପଷ୍ଟ ମତ ହେଲା, ***ଓଡ଼ିଆ ଭାଷା ଏତେ ଉନ୍ନତ ଯେ, ବଙ୍ଗାଳୀ ବା ହିନ୍ଦୀ ବା ତେଲୁଗୁ- କେହି ଏହାର ସମକକ୍ଷ ହେବାକୁ ସ୍ପର୍ଦ୍ଧା ସୁଦ୍ଧା କରି ପାରିବେ ନାହିଁ*** । ("The Oriya language can boast of a rich vocabulary in which respect neither Begali nor Hindi nor Telgu can vie with it.The richness of the vocabulary is the index by which the vastness of a vernacular can be gauged"- Linguistic Survey of India, Vol.IV)

**ଓଡ଼ିଆ ଭାଷାର ଏହି ସର୍ବମାନ୍ୟ ସ୍ଥିତି ହେତୁ ବଙ୍ଗାଳୀମାନଙ୍କ ହୀନମନ୍ୟତା ନିୟତ ତୀବ୍ରତର ହେବାରେ ଲାଗିଥିଲା । ଓଡ଼ିଆ ଭାଷାର ଶକ୍ତି ହ୍ରାସ ଘଟାଇବାପାଇଁ ସେମାନେ ଶାସନକଳରେ ଥିବା ସେମାନଙ୍କ ପ୍ରଭାବର ପ୍ରୟୋଗପାଇଁ ଉଦ୍ୟମ କରିଥିଲେ ।** ୧୮୪୧ ଖ୍ରୀଷ୍ଟାବ୍ଦରେ କଟକ ରେଭିନ୍ୟୁ ବୋର୍ଡ ସରକାରଙ୍କୁ ସୁପାରିସ କଲେ ଯେ, ଯେହେତୁ କୋର୍ଟ କଚେରିମାନଙ୍କରେ କାମ କରୁଥିବା ଅମଲାମାନଙ୍କ ମଧ୍ୟରୁ ଶତକଡା ୯୫ ହେଉଛନ୍ତି ବଙ୍ଗାଳୀ, ସେହେତୁ କୋର୍ଟ କଚେରିରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ କରାଯାଉ । ମିଲ୍‌ସ ସାହେବ ଓଡ଼ିଶାର କମିଶନର୍ ଥିଲେ । ସେ ବିରୋଧ କରିବାରୁ ଏହି ଚକ୍ରାନ୍ତ ପଣ୍ଡ

orissamatters.com

ହୋଇଗଲା । ମାତ୍ର **ତା ପରେ ଆରମ୍ଭ ହେଲା ସେହି ଅତ୍ୟନ୍ତ ଅଶାଳୀନ ଯୁକ୍ତି ଯେ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ ।** ଓଡ଼ିଆ ଭାଷାରେ ଯଥେଷ୍ଟ ପୁସ୍ତକ ନ ଥିବାକୁ ଏହାର ଏକ କାରଣ ଭାବେ ଉପସ୍ଥାପିତ କରାଗଲା ।

ନିଜେ ଜଣେ *ବଙ୍ଗାଳୀ* ହୋଇଥିଲେ ମଧ୍ୟ ଉତ୍କଳଦୀପିକାର ପ୍ରତିଷ୍ଠାତା ତଥା ସଂପାଦକ ପୁଣ୍ୟଶ୍ଲୋକ **ଗୌରୀଶଙ୍କର ରାୟ** ଏହି କୁତ୍ସିତ ଯୁକ୍ତିର ଉପଯୁକ୍ତ ଜବାବ ଦେଇଥିଲେ ତହିଁର ସଂପାଦକୀୟ ପ୍ରତିବେଦନରେ । ସେ ଲେଖିଥିଲେ : ଉତ୍କଳୀୟ କବିମାନେ ଯେ ସକଳ କାବ୍ୟଗ୍ରନ୍ଥ ରଚନା କରି ଯାଇଛନ୍ତି ତାହାର ସହିତ ତୁଳନା ଦେବାପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ ମଧ୍ୟ କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇ ନାହିଁ । ଏକଥା ଯଥାର୍ଥ ଅଟେ ଯେ, କି ସାହିତ୍ୟ, କି ଗଣିତ, କି ଭୂଗୋଳ, କି ପ୍ରାକୃତିକ ବିଦ୍ୟା - ସକଳ ବିଷୟରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶ ହୋଇଅଛି । ମାତ୍ର ଏହି ସକଳ ପୁସ୍ତକ ଅନୁବାଦିତ । ଅପହୃତ । ସ୍ୱାଧୀନ ପୁସ୍ତକ କେତେଖଣ୍ଡ ଅଛି?

ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳୀମାନେ **ବିଦ୍ୟାସୁନ୍ଦର**କୁ ସୁପ୍ରସିଦ୍ଧ ପୁସ୍ତକ ବୋଲି ଗଣନ୍ତି ଏବଂ ଏହି ଗ୍ରନ୍ଥ ରଚନା କରି ସ୍ୱର୍ଗତ ଭରତ ଚନ୍ଦ୍ର ରାୟ ଦେଶରେ ବିଖ୍ୟାତ ହୋଇଛନ୍ତି । କିନ୍ତୁ ଏହି ବିଦ୍ୟାସୁନ୍ଦର ଗ୍ରନ୍ଥଠାରୁ ଓଡ଼ିଆ ସାହିତ୍ୟ କେତେ ସମୃଦ୍ଧ ତାହା ଦର୍ଶାଇ ସେ ଲେଖିଥିଲେ, ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରେ ଓଡ଼ିଶାର ଦୀନକୃଷ୍ଣ ଦାସ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଛନ୍ତି । ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର **ଅତି ଅପକୃଷ୍ଟ** ମନେହୁଏ । କି ରଚନା ଚାତୁର୍ଯ୍ୟ, କି ସ୍ୱଭାବ ବର୍ଣ୍ଣନା, କି ଶ୍ଳେଷ ଓ ଜମକ ରଚନା - ସମସ୍ତ ବିଷୟରେ ଦୀନକୃଷ୍ଣ ବଙ୍ଗଳାର ଭରତ ଚନ୍ଦ୍ରଙ୍କଠାରୁ ଅଧିକ ପରାକାଷ୍ଠା ଲାଭ କରିଛନ୍ତି ।.......... ରସକଲ୍ଲୋଳ ଯେ ସର୍ବ ବିଷୟରେ ବିଦ୍ୟାସୁନ୍ଦରଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହା ସନ୍ଦେହାତୀତ । (ଉତ୍କଳଦୀପିକା, ୧ ।୯ ।୧୮୬୬ ଓ ୨୦ ।୧୦ ।୧୮୬୬)

## ବୁନିଆଦିପାଇଁ ଜାଲିଆତି

ଭାଷା ଓ ସାହିତ୍ୟରେ ଓଡ଼ିଆଠାରୁ **ଅପକୃଷ୍ଟ** ବୋଲି ଏହିପରି ଭାବେ ସାବ୍ୟସ୍ତ ହୋଇଗଲା ପରେ ନିଜ ପାଇଁ ଏକ ପ୍ରାଚୀନ ପରିଚିତି ଖୋଜିବା ବଙ୍ଗାଳୀଙ୍କପକ୍ଷେ ଅପରିହାର୍ଯ୍ୟ ହୋଇପଡ଼ିଥିଲା । ଏବଂ ଏଥିପାଇଁ ସେମାନେ ଯାବତୀୟ ଜାଲିଆତି କରିବାକୁ ପ୍ରସ୍ତୁତ ଥିଲେ । ତଥା କଥିତ ବଙ୍ଗୀୟ ସାହିତ୍ୟ ପରିଷଦ ଦ୍ୱାରା ୧୯୧୬ରେ ପ୍ରକାଶିତ ଜୟଦେବ ଚରିତ ପୁସ୍ତକ ଏହି ଜାଲିଆତି ହେତୁ ହିଁ ସମ୍ଭବ ହୋଇଥିଲା । ଯେଉଁ ପୋଥି ଏହି ପୁସ୍ତକର ଆଦର୍ଶ ପୋଥି ବୋଲି ଏହି ପରିଷଦ ଦାବି କରିଥିଲା ସେ ପୋଥି କେବେ ନ ଥିଲା ଓ ନାହିଁ ବୋଲି ବୀରଭୂମ୍ ବିବରଣ ଦେଇଥିବା ତଥ୍ୟ ପୂର୍ବରୁ ତ ପ୍ରଦତ୍ତ ହୋଇ ସାରିଛି, ତଥାପି କୌଣସି ତଡ଼ିତ୍ ଅବଲୋକନ ପାଇଁ ପୁନଶ୍ଚ ଦିଆଗଲା : *କେଉଁ ଆଦର୍ଶ ପୋଥିରୁ ଏହି ଗ୍ରନ୍ଥ ନକଲ କରାଯାଇଛି, ତାହା ଜଣାଯାଉ ନାହିଁ । ଏ ଗ୍ରନ୍ଥ ଅନ୍ୟ କେଉଁଠି ମଧ୍ୟ ଉପଲବ୍ଧ ନୁହେଁ ।*

orissamatters.com

( কোন আদর্শ পুথি হইতে এই গ্রন্থ নকল করা হয় তাহা জানা যায় নাই । এ গ্রন্থ অন্য কোথা ব পাবয়া যায় নাই ।-বীরভূম বিবরণ, পৃ:২০৯)

ସେହିପରି ଅନୁପଲଭ୍ୟ ଏକ ଶିଳାଲିପିରେ ଏକଦା ଖୋଦିତ ହୋଇଥିବା ଦାବି କରି କୌଣସି କୌଣସି ବଙ୍ଗାଳୀ ଏକ ଶ୍ଳୋକକୁ ଆଳ କରି ତଦନୁଯାୟୀ ଶ୍ରୀ ଜୟଦେବ ଲକ୍ଷ୍ମଣ ସେନଙ୍କ ସଭାକବି ଥିବା ଦର୍ଶାନ୍ତି । ଶ୍ଳୋକଟି ହେଲା-*ଗୋବର୍ଦ୍ଧନଶ୍ଚ ଶରଣୋ ଜୟଦେବ ଉମାପତିଃ । କବିରାଜଶ୍ଚ ରତ୍ନାନି ପଞ୍ଚୈତେ ଲକ୍ଷ୍ମଣସ୍ୟ ଚ ।।* ଏକ ପ୍ରସ୍ତରଖଣ୍ଡରେ ଖୋଦିତ ହୋଇ ଏହି ଶ୍ଳୋକଟି ଲକ୍ଷ୍ମଣ ସେନଙ୍କ ନଦିୟା ରାଜବାଟିରେ କୁଆଡେ ଶୋଭା ପାଉଥିଲା ଓ ତହିଁର ଧ୍ୱଂସସ୍ତୁପ ଭିତରୁ ଗୌଡୀୟ ସନ୍ୟାସୀ ଶ୍ରୀରୂପସନାତନ କୁଆଡେ ଏହାକୁ ପାଇଥିଲେ ବୋଲି ପ୍ରଚାର କରାଯାଇଛି । କିନ୍ତୁ ନିର୍ଲିପ୍ତ ବୁଦ୍ଧିଜୀବୀମାନେ ଜାଣନ୍ତି ଯେ ଏହା ଏକ ଜାଲିଆତି । ରୂପସନାତନ ଯଦି ଏହା ପାଇଥାନ୍ତେ ତେବେ ତାଙ୍କ ନିଜ ଲେଖାରେ ଓ ସମକାଳୀନ କୌଣସି ଗୌଡ଼ୀୟ ବୈଷ୍ଣବ ସାହିତ୍ୟରେ ଏହାର ଉଲ୍ଲେଖ ଦେଖିବାକୁ ମିଳନ୍ତା । କିନ୍ତୁ ଏପରି କିଛି ନାହିଁ । **କାଳେ କାର୍ବନଡେଟିଂ ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ଏହି ତଥା କଥିତ ଶିଳାଲିପିର ବୟସ ନିରୁପଣ କରାଯାଇ ଜାଲିଆତି ଧରା ପଡିଯିବ ସେହି ଭୟରେ ପଥରଟି ହଜିଯାଇଥିବା କୁହା ହେଉଛି ।** ସାଂସ୍କୃତିକ ଶଠତାର ସୀମା କେତେ ଦୂର ଯାଇପାରେ ତାହା ଦେଖିବାପାଇଁ ଏ ଉପାଖ୍ୟାନଟି ଯଥେଷ୍ଟ ।

ସମସ୍ତେ ଜାଣନ୍ତି ଯେ ଗୋଟିଏ ମିଛକୁ ଘୋଡ଼ାଇବାକୁ ଯାଇ ବହୁ ମିଛର ଆଶ୍ରା ନେବାକୁ ପଡେ । ଜୟ ଦେବଙ୍କୁ ବଙ୍ଗାଳୀ ବୋଲି ମିଛ ପ୍ରଚାର କରୁଥିବା ବଙ୍ଗାଳୀମାନେ ଅଜୟକୂଳର କପୋଳକଳ୍ପିତ କେନ୍ଦୁଳିରେ କେବଳ ସୀମିତ ହୋଇ ରହି ନାହାନ୍ତି । ଶେଖ୍ ଶୁଭୋଦୟ ନାମକ ଏକ ପୁସ୍ତକ ଲେଖି ହଳାୟୁଧ ମିଶ୍ର ନାମକ ଜଣେ ବ୍ୟକ୍ତି ଜୟ ଦେବଙ୍କ ବାସସ୍ଥାନ ଥିଲା ନଦିୟା ବୋଲି ଜଣାଇଛନ୍ତି । ଏବଂ ଏଥିରେ ଜୟ ଦେବ ଓ ପଦ୍ମାବତୀଙ୍କୁ ନେଇ ଅଜସ୍ର ମନଗଢ଼ା କିମ୍ବଦନ୍ତୀ ଖଞ୍ଜିଛନ୍ତି ।

ଏହି କପୋଳକଳ୍ପିତ କିମ୍ବଦନ୍ତୀଗୁଡ଼ିକ ସ୍ୱୀୟ ଅନ୍ତର୍ଘାତ ହେତୁ ଏତେ ବିଦୀର୍ଣ୍ଣ ଯେ ତାକୁ ଘାଣ୍ଟିଘୁଣ୍ଟି କେହି ବି ତହିଁରୁ ସାମାନ୍ୟ ବିଶ୍ୱାସଯୋଗ୍ୟତାର କାଣିଚାଏ ପାଇବେ ନାହିଁ । ତାହାର ଅଣୁ ପରମାଣୁ ସବୁ ହିଁ କେବଳ ମିଥ୍ୟା । ଲଜ୍ଜାହୀନ ମିଥ୍ୟା । ତେଣୁ ସେହି କିମ୍ବଦନ୍ତୀଗୁଡ଼ାକୁ ନ ଘାଣ୍ଟି ତହିଁର ଅସଲ ମଞ୍ଜକୁ ଇତିହାସର କଷଟିରେ ପରୀକ୍ଷା କରାଯାଉ । ଏହି ମଞ୍ଜ ହେଲା ନଦିୟାରେ ଜୟ ଦେବଙ୍କ ନିବାସ । ଇତିହାସ ସ୍ୱୀକାର କରେ ଯେ ଚୈତନ୍ୟଙ୍କ ପାଇଁ ଜୟ ଦେବ ଥିଲେ ଆଦର୍ଶ । ଏବଂ ଏହା ଏପରି ସର୍ବଜନବିଦିତ ଥିଲା ଯେ, ଚୈତନ୍ୟଙ୍କ ଅନୁସରିତ ପଥ ଜୟ ଦେବଙ୍କଠାରୁ ଆରମ୍ଭ ହୋଇଥିବା ଯେଉଁମାନେ ବିଶ୍ୱାସ କରନ୍ତି ସେମାନେ ଚୈତନ୍ୟଙ୍କୁ ବୈଷ୍ଣବ କହୁଥିବା ହେତୁ ବୈଷ୍ଣବତତ୍ତ୍ୱର ଆଦି ଆଚାର୍ଯ୍ୟ ଭାବେ ଜୟ ଦେବଙ୍କୁ ବି ମାନନ୍ତି । ତେଣୁ, ନଦିୟାରେ ଯଦି ଜୟ ଦେବଙ୍କ ବାସସ୍ଥାନ ଥିଲା

orissamatters.com

ତେବେ ନଦିୟା ନିବାସୀ ଚୈତନ୍ୟଙ୍କ ଚରିତାମୃତ ବା ତତ୍ତୁଲ୍ୟ କୌଣସି ଗୌଡ଼ୀୟ ବୈଷ୍ଣବ ସାହିତ୍ୟରେ ଜୟ ଦେବଙ୍କ ନଦିୟା ନିବାସ ସଂପର୍କରେ କୌଣସି ଉଲ୍ଲେଖ ନ ରହିଲା କିପରି? ଶେଖ୍‌ଶୁଭୋଦୟ ଉପରେ କୌଣସି ଗୁରୁତ୍ୱ ଦେଉଥିବା କୌଣସି ବଙ୍ଗାଳୀ ଏପର୍ଯ୍ୟନ୍ତ ଏହାର କୌଣସି କାରଣ ଖୋଜି ନାହିଁ । କାରଣ, ଖୋଜିବାକୁ ସାହସ କରି ନାହିଁ । କାରଣ, ଏହି କାରଣଖୋଜା ସାବ୍ୟସ୍ତ କରିଦେବ ଯେ ବନମାଳି ଦାସଙ୍କ ଜୟଦେବ ଚରିତ ପରି ଏହା ବି ଏକ ଦୁରଭିସନ୍ଧିସମ୍ଭୂତ କପୋଳକଳ୍ପିତ ପୁସ୍ତକ, ଯାହା ଓଡିଆ ଜୟ ଦେବଙ୍କୁ ବଙ୍ଗାଳୀ ବୋଲି ଦେଖେଇବାର ଅଶୁଦ୍ଧ ଓ ଅଶିଷ୍ଟ ଅଭିପ୍ରାୟରୁ ହିଁ ପରିସୃଷ୍ଟ ।

## ***ଶ୍ରୀଜଗନ୍ନାଥଙ୍କ ନାମ ଉପରେ ବି ଜାଲିଆତି***

ସାଂସ୍କୃତିକ ହୀନମନ୍ୟତା ଭୋଗୁଥିବା କେତେକ ବଙ୍ଗାଳୀ ଏପରି ଜାଲିଆତିପାଇଁ ଏତେ ବ୍ୟଗ୍ର ଓ କୃତସଂକଳ୍ପ ଯେ ଶ୍ରୀ ଜୟ ଦେବଙ୍କ ଜୀବନୀ ଲେଖା ଆଳରେ **ଶ୍ରୀ ଜଗନ୍ନାଥଙ୍କୁ ବିଶ୍ୱନାଥ** ଭାବେ ଉପସ୍ଥାପିତ କରି ସେହିପରି ଭାବେ ଗ୍ରହଣ କରିବାକୁ ଏକ ପୁସ୍ତକରେ ନିବେଦନ ବି କରାଯାଇଛି । କଲିକତାର *ଦେବ ସାହିତ୍ୟ ମନ୍ଦିର* ନାମକ ଏକ ପ୍ରକାଶନ ସଂସ୍ଥା ନୃପେନ୍ଦ୍ର କୃଷ୍ଣ ଚଟ୍ଟୋପାଧ୍ୟାୟ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ରଚିତ ଚିତ୍ରେ ଜୟଦେବ ଶୀର୍ଷକ ଏକ ପୁସ୍ତକ ପ୍ରକାଶ କରିଛନ୍ତି । ଏଥିରେ ଲେଖା ଅଛି, *ଏକାନ୍ତ ଦୁଃଖେର ବିଷୟ, ବାଂଲାର ଏହି ମହାକବିର ଜୀବନେର କାହିନୀ କାଲେର ଅତଲ ତଲେ ହାରିୟେ ଗିୟେଛେ, ପଡ଼େ ଆଛେ ଶୁଧୁ କତକଗୁଲି କାହିନୀ ଆର କିମ୍ବଦନ୍ତୀ । ତାଇ ଥେକେ ଏଖାନେ ଚେଷ୍ଟା କରେଛି, କଳ୍ପନାୟ ଆର ସତ୍ୟେ ମିଶିୟେ ବାଂଲାର ସେଇ ଅମର କବିର ଜୀବନକେ ଗେଁଥେ ତୁଲତେ* । ( 'একান্ত দুঃখের বিষয়, বাংলার এহি মহাকবির জীবনের কাহিনী কালের অতল তলে হারিয়ে গিয়েছে, পড়ে আছে শুধু কতকগুলি কাহিনী আর কিম্বদন্তী । তাই থেকে এখানে চেষ্টা করেছি, কল্পনায় আর সত্যে মিশিয়ে বাংলার সেই অমর কবির জীবনকে গেঁথে তুলতে। -চিত্রে জয়দেব, পৃ. ৫) ସୁତରାଂ **ଜୟ ଦେବଙ୍କୁ ବଙ୍ଗାଳୀ ବୋଲି କହି ତାହା ପ୍ରମାଣ କରିବାକୁ କଳ୍ପନାର ଆଶ୍ରୟ ନିଆଯାଇଥିବା କଥା ସଂପୃକ୍ତ ଲେଖକ ସ୍ୱୀକାର କରିଛନ୍ତି** । ସେ ଓ ତାଙ୍କ ପରି ବଙ୍ଗାଳୀମାନେ ଜାଣନ୍ତି ଯେ ଶ୍ରୀ ଜୟ ଦେବ ସଂପୂର୍ଣ୍ଣତଃ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ହୋଇଥିବା ହେତୁ ତାଙ୍କର ଓଡ଼ିଆ ପରିଚୟ ଅପସାରଣ କରିବା ଅସମ୍ଭବ । ତେଣୁ ଚଟ୍ଟୋପାଧ୍ୟାୟ ଏହି ପୁସ୍ତକରେ ପ୍ରଥମଥରପାଇଁ ଶ୍ରୀଜଗନ୍ନାଥଙ୍କୁ *ବିଶ୍ୱନାଥ* ଭାବେ ଉପସ୍ଥାପିତ କରିବାକୁ ଅପୋଦ୍ୟମ କରିଛନ୍ତି । **ଏହା ସେ ଇଚ୍ଛାକରି ହିଁ କରିଛନ୍ତି ଓ ଏହି *ବିଶ୍ୱନାଥ* ଶବ୍ଦଟିକୁ ବଙ୍ଗାଳୀ ଜାତି ବିଶେଷରୂପେ ଗ୍ରହଣ କରିବାକୁ ସେ ନିବେଦନ ବି କରିଛନ୍ତି** । ଯଥା- *କବି ଜୟଦେବେର ଜୀବନୀତେ ଆମି ଇଚ୍ଛାକରେଇ କୋନ କୋନ ଜାୟଗାୟ ଜଗନ୍ନାଥକେ ବିଶ୍ୱନାଥ ବଲେ ଉଲ୍ଲେଖ କରେଛି । ଆମାର ଅନୁରୋଧ, ପାଠକବର୍ଗ ଯେନ ବିଶ୍ୱନାଥ ଶବ୍ଦଟିକେ ବିଶେଷରୂପେଇ ଗ୍ରହଣ କରେନ, କାରଣ ଯିନି ଜଗତ-*

orissamatters.com

*ନାଥ, ତିନିଇ ବିଶ୍ୱନାଥ* ।(ପ୍ରାରମ୍ଭ ନିବେଦନ) । ବଙ୍ଗଲିପିରେ ଏହା ଏହିପରି-କবি জয়দেবের জীবনীতে আমি ইচ্ছাকরেই কোন কোন জায়গায় জগন্নাথকে বিশ্বনাথ বলে উল্লেখ করেছি । আমার অনুরোধ, **পাঠকবর্গ যেন বিশ্বনাথ শব্দটিকে বিশেষরূপেই গ্রহণ করেন**, কারণ যিনি জগত-নাথ, তিনিই বিশ্বনাথ ।(প্রারম্ভ নিবেদন,চিত্রে জয়দেব)।

କେବଳ ଚଟ୍ଟୋପାଧ୍ୟାୟ ନୁହନ୍ତି, କେତେକ ବଙ୍ଗାଳୀ ଉଗ୍ର ଆଞ୍ଚଳିକତାର ଅନ୍ଧଗଳିରେ ଏପରି ସାଂସ୍କୃତିକ ରାହାଜାନି ଚଳାଇ ଚାଲିଛନ୍ତି ଯେ ସେମାନେ ବିଭିନ୍ନ ଗଣମାଧ୍ୟମରେ ଏବଂ ଦାପ୍ତରିକ ପ୍ରଣାଳୀରେ ଗୀତଗୋବିନ୍ଦୀୟ ଜୟ ଦେବଙ୍କୁ ବଙ୍ଗଜାତ ବୋଲି ମିଥ୍ୟା ଢେଣ୍ଡରା ପିଟିବାକୁ ଲଜ୍ଜା ଅନୁଭବ କରି ନାହାନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀକୁ ବ୍ୟବହାର କରି Makers of Indian Literature ଶୃଙ୍ଖଳାରେ ପ୍ରସାର କରାଯାଇଥିବା ସୁନୀତି କୁମାର ଚାଟାର୍ଜୀଙ୍କ JAYADEVA ପୁସ୍ତକ ଏହି ଲଜ୍ଜାହୀନ ରାହାଜାନିର ଅନ୍ୟ ଏକ ନମୁନା ।

### ଚାଟାର୍ଜୀଙ୍କ ଚାଲ୍‌ବାଜି

ତରକା ହରିଣ ପରି ଚାଟାର୍ଜୀ ଏହି ପୁସ୍ତକରେ ସତ୍ୟ ସାମ୍ନାରୁ ଖସିଯିବାକୁ ପ୍ରବଳ ଉଦ୍ୟମ କରିଛନ୍ତି । ତାଙ୍କ ଭିତରର ସାହିତ୍ୟ-ଗବେଷକ ସତ୍ତା ତାଙ୍କ ଉଦ୍ଭଟ ଆଞ୍ଚଳିକ ଅଭିସନ୍ଧି ବିରୁଦ୍ଧରେ ବାରମ୍ବାର ବିଦ୍ରୋହ କରିଛି । କିନ୍ତୁ ଆଞ୍ଚଳିକ ଉଦ୍ଭଟତାର ଅରଣ୍ୟ ତାଙ୍କୁ ଅଧିକ ଆକୃଷ୍ଟ କରିଛି । ସେଥିପାଇଁ ସେ ନିଜର ଗବେଷକ-ସତ୍ତାର ସିଦ୍ଧାନ୍ତଗୁଡ଼ିକୁ ଏଡ଼େଇଯିବାପାଇଁ ବ୍ୟଗ୍ରତା ପ୍ରକାଶ କରିଛନ୍ତି ।

ପୂର୍ବରୁ ଉଲ୍ଲେଖ କରା ଯାଇଛି ଯେ, ବଙ୍ଗୀୟ ସାହିତ୍ୟ ପରିଷଦ ଦ୍ୱାରା ୧୯୧୬ରେ ପ୍ରକାଶିତ ଜୟଦେବ ଚରିତ ପୁସ୍ତକକୁ ଆଧାର କରି କେତେକ ବଙ୍ଗାଳୀ ଜୟ ଦେବଙ୍କୁ ବଙ୍ଗଜାତ ବୋଲି ଦାବି କରିବାରେ ଲାଗିଛନ୍ତି । ଏହି ପୁସ୍ତକର ଗ୍ରହଣଯୋଗ୍ୟତା ବଢ଼ାଇବାପାଇଁ ୧୮୦୧ରେ ବନମାଳି ଦାସ ନାମକ ବ୍ୟକ୍ତି ଏହା ରଚନା କରିଥିବା ପ୍ରଚାର କରିଛନ୍ତି । ବୀର୍‌ଭୂମ୍‌ ବିବରଣକୁ ଉଦ୍ଧୃତ କରି ଏହାର ଅସାରତା ପୂର୍ବରୁ ଉଲ୍ଲିଖିତ ହୋଇଛି । ଚାଟାର୍ଜୀଙ୍କ ଗବେଷକ-ସତ୍ତା ଏହି ପୁସ୍ତକ ନିର୍ଭରଯୋଗ୍ୟ ନୁହେଁ ବୋଲି ମଧ୍ୟ ନିର୍ଣ୍ଣୟ ଦେଇଛି । ସେ ସ୍ୱୀକାର କରିଛନ୍ତି ଯେ *ଏହି ପୁସ୍ତକର କୌଣସି ଐତିହାସିକ ମୂଲ୍ୟ ନାହିଁ* । ("The work is of no historical value" - Jayadeva: Suniti Kumar Chatterji: Sahitya Academy, New Delhi: 1973, p.4) ଏହାର କାରଣ ସ୍ୱରୂପ ସେ କହିଛନ୍ତି ଯେ ପ୍ରୋକ୍ତ ବନମାଳି ଦାସ ବହିଟିରେ ଜୟ ଦେବଙ୍କୁ ଦ୍ୱାଦଶ ଶତାବ୍ଦୀରୁ ଖସାଇ ଆଣି ତାଙ୍କ ନିଜ ଶତାବ୍ଦୀରେ ସଂସ୍ଥାପିତ କରିଛନ୍ତି । ("Even the date of Jayadev has been brought down by the poet from the 12th to his own century, when the feudal raja of Burdwan would appear to have been the only big Hindu ruler known to Banamali Das." Ibid) କିନ୍ତୁ

orissamatters.com

ଏହା ସତ୍ତ୍ୱେ ଏପରି ଏକ କପୋଳକଳ୍ପିତ ପୁସ୍ତକର ଉଦ୍ଦେଶ୍ୟ ପ୍ରଣୋଦିତ ପ୍ରଚାରକୁ ଅସିଦ୍ଧ ବୋଲି ସେ କହିପାରି ନାହାନ୍ତି । ଆଞ୍ଚଳିକ ଉଗ୍ରତା ଏଥିରେ ବାଧା ଦେଇଛି ।

ତାଙ୍କ ଗବେଷକ-ସତ୍ତା ତାଙ୍କୁ ସ୍ୱୀକାର କରିବାକୁ ବାଧ୍ୟ କରିଛି ଯେ ଓଡ଼ିଶା ଜୟଦେବଙ୍କୁ ନିଜ ଭୂମିପୁତ୍ର ଭାବେ ଦର୍ଶାଇ ଆସିଛି । ଜୟଦେବ ଓଡ଼ିଶାର ଭୂମିପୁତ୍ର ବୋଲି ସାବ୍ୟସ୍ତ କରି କେଦାରନାଥ ମହାପାତ୍ର ରଖିଥିବା ଶକ୍ତିଶାଳୀ ଯୁକ୍ତିକୁ ପ୍ରମାଣ-ଭିତ୍ତିକ ବୋଲି ସେ ସ୍ୱୀକାର କରିଛନ୍ତି । ସେ ଲେଖିଛନ୍ତି : "In his well-documented book A Descriptive Catalogue of Sanskrit Manuscripts of Orissa, in the Collection of the Orissa State Museum, Bhubaneswar, Vol.II, by Sri Kedarnath Mahapatra, Curetor of the Museum (published by the Orissa sahitya Academy, Bhubaneswar, 1960), there is a long article on Jayadeva and his Gita-Govinda considered from various aspects(pp.XXXVI-LVI). In this learned article, some of the contemporaries of Jayadeva, as much as Jayadeva himself, have been claimed for Orissa on literary and other grounds." -( Ibid, p.6) କିନ୍ତୁ ଶ୍ରୀ ମହାପାତ୍ର ଉପସ୍ଥାପିତ କରିଥିବା କୌଣସି ତଥ୍ୟ ବା ଯୁକ୍ତିକୁ ଖଣ୍ଡନ ନ କରି ବା ତହିଁ ଉପରେ କୌଣସି ପ୍ରତିକ୍ରିୟା ନ ରଖି, **ଚାଟାର୍ଜୀ ଖସି ପଳାଇଛନ୍ତି ଏକ ଭିନ୍ନ ଅରଣ୍ୟକୁ** ଯାହା ଉହାଡ଼ରୁ ଜୟଦେବ ବଙ୍ଗଳାର ବୋଲି କୁହାଟ ଛାଡ଼ିବାକୁ ସେ ସହଜ ମନେ କରିଛନ୍ତି ।

ଏହି ଅରଣ୍ୟ ହେଲା ଶ୍ରୀଧର ଦାସଙ୍କ ସଂପାଦିତ ସଦୁକ୍ତି-କର୍ଣ୍ଣାମୃତ । ବିଭିନ୍ନ ସୂତ୍ରରୁ ବିଭିନ୍ନ ରସୋତୀର୍ଣ୍ଣ ଶ୍ଳୋକ ସଂଗ୍ରହ କରି ନିଜ ପସନ୍ଦ ଅନୁରୂପ ଅଧ୍ୟାୟରେ ସେଗୁଡ଼ିକୁ ସନ୍ନିହିତ କରି ଶ୍ରୀଧର ଦାସ ସମ୍ଭବତଃ ନିଜ ମନୋରଞ୍ଜନ ବା ଅନୁଧ୍ୟାନପାଇଁ ସେଗୁଡ଼ିକୁ ବ୍ୟବହାର କରୁଥିଲେ ଏବଂ ସେଗୁଡ଼ିକର ଶ୍ରୁତିମାଧୁର୍ଯ୍ୟ ହେତୁହିଁ ସଦୁକ୍ତି-କର୍ଣ୍ଣାମୃତ ପରି ଶୀର୍ଷକରେ ସେ ସେଗୁଡ଼ିକୁ ସଜାଡ଼ିଥିଲେ । ଏଥିରେ ସନ୍ନିହିତ ଶ୍ଳୋକ ବା ପଦଗୁଡ଼ିକର ପ୍ରକୃତ ଲେଖକ କିଏ ତାହା ସମଗ୍ରତଃ ତାଙ୍କୁ ଜଣା ନ ଥିଲା ଏବଂ ସେ ମଧ୍ୟ ତାହା ଜାଣିବାକୁ ଚେଷ୍ଟା କରି ନ ଥିଲେ । କାରଣ ଏହି ସଂଗ୍ରହଣରେ ସେ ତହିଁର କୌଣସି ସୂଚନା ବା କୌଣସି ଲେଖକ ପରିଚୟ ଦେଇ ନାହାନ୍ତି । ଯେଉଁଠୁ ଯାହା ଭଲ ଲାଗିଲା ସେଠୁଁ ତାହା ସଂଗ୍ରହ କରି ସେ ଏହି ସଦୁକ୍ତି-କର୍ଣ୍ଣାମୃତରେ ପୂରାଇଛନ୍ତି । *ସୁତରାଂ ଏଥିରେ ସନ୍ନିହିତ ଶ୍ଳୋକଗଡ଼ିକୁ ସେ କୌଣସି ମୂଳ ପୋଥିରୁ ସଂଗ୍ରହ କରିଥିବା ସମ୍ଭାବନା କମ୍ । ବରଂ କୌଣସି କୌଣସି ବିଦଗ୍ଧ ସାହିତ୍ୟ ରସିକଙ୍କଠାରୁ ଯେତେବେଳେ ଯାହା ଶୁଣିଛନ୍ତି ସେତେବେଳେ ତାହା ଟିପି ରଖି ପରେ ସେଗୁଡ଼ିକୁ ଏକତ୍ର କରି ବିଷୟକ୍ରମରେ ସଜାଇଛନ୍ତି;* ଯଥା :- (୧) ଦେବ-ପ୍ରବାହ, ଯାହା

orissamatters.com

ଈଶ୍ୱର ସଂପର୍କୀତ, (୨) ଶୃଙ୍ଗାର-ପ୍ରବାହ, ଯାହା ରତିକ୍ରୀଡା ସଂପର୍କୀତ, (୩) ଚାଟୁ-ପ୍ରବାହ, ଯାହା ତୋଷାମଦୀ ସଂପର୍କୀତ, (୪) ଅପଦେଶ-ପ୍ରବାହ, ଯାହା ଛଳ ସଂପର୍କୀତ ଓ (୫) ଉଚ୍ଚାବଚ-ପ୍ରବାହ, ଯାହା ବିଭିନ୍ନତା ସଂପର୍କୀୟ । ସୁତରାଂ କୌଣସି ସାହିତ୍ୟ ସଭାରେ ବା କୌଣସି ରାଜ ଦରବାରରେ ବା କୌଣସି ରସିକ ଆସରରେ ବା କୌଣସି ଅଧ୍ୟାପନା କକ୍ଷରେ ଅଥବା କୌଣସି ରସାଳ ନିର୍ଜନତାରେ ଆନନ୍ଦ ଆସ୍ୱାଦନପାଇଁ ଏଗୁଡ଼ିକର ବ୍ୟବହାର-ମୂଲ୍ୟ ସେ ବୁଝିଥିଲେ ଓ ସେହିହେତୁ ହିଁ ଏହି ଅଧ୍ୟାୟ ବା ପ୍ରବାହଗଡ଼ିକୁ ସେ ପ୍ରସଙ୍ଗ-ଭିତ୍ତିକ କରିଥିଲେ । ଲକ୍ଷ୍ୟ କରିବାର କଥା, ଏହି ସଂଗୃହୀତ ଶ୍ଳୋକଗୁଡ଼ିକୁ ଶ୍ରୀଧର ଦାସ କେବଳ *ପ୍ରସଙ୍ଗ-ଭିତ୍ତିକ କରିଥିଲେ, ଲେଖକ-ଭିତ୍ତିକ ନୁହେଁ* । କାରଣ, ଲେଖକର କୌଣସି ପ୍ରାସଙ୍ଗିକତା ସେ ହୁଏତ ଅନୁଭବ କରି ନ ଥିଲେ। ତାଙ୍କ ସଂଗୃହୀତ ୨୪୦୦ ଶ୍ଳୋକ ମଧ୍ୟରୁ ୫୦୦ ଶ୍ଳୋକ ବା ଏକପଞ୍ଚମାଂଶର କୌଣସି ଲେଖକ ନାମ ସେ ଆଦୌ ଉଲ୍ଲେଖ କରି ନାହାନ୍ତି । *ବସ୍ତୁତଃ ଲେଖକ ତାଙ୍କ ପାଇଁ ବଡ଼ ନ ଥିଲା, ବଡ଼ ଥିଲା ଲିଖିତ ଶ୍ଳୋକର ବ୍ୟବହାରୋପଯୋଗିତା ବା ଆବେଦନ। ଏପରି ଅବସ୍ଥାରେ ଅନେକ ଶ୍ଳୋକ ମଧ୍ୟ ପ୍ରକୃତ ଲେଖକଙ୍କ ପରିବର୍ତ୍ତେ ସେଗଡ଼ିକୁ ଲେଖି ନ ଥିବା ଲୋକଙ୍କ ନାମରେ ଲିପିବଦ୍ଧ ହୋଇଯାଇଥିବା ସମ୍ଭବ* । ଯେହେତୁ ସଂଗ୍ରହଣଟି ଶ୍ରୀଧର ଦାସଙ୍କ ବ୍ୟକ୍ତିଗତ ଘରୋଇ କାମ ଥିଲା, କୌଣସି ଲେଖକ ମଧ୍ୟ ଜାଣିବାର ବାଟ ନ ଥିଲା ଯେ ସେ ଲେଖିଥିବା ଶ୍ଳୋକ ଅନ୍ୟ ନାମରେ ଓ ସେ ନ ଲେଖିଥିବା ଶ୍ଳୋକ ତାଙ୍କ ନାମରେ ଦାସଙ୍କ ଟିପାଖାତାରେ ଚଢ଼ା ହୋଇଯାଇଛି । କେହି ମଧ୍ୟ ସେ ଜାଣିଥିବା ଲେଖକ ସୂତ୍ର ସଂପର୍କରେ କିଛି କହିବାର ଅବକାଶ ନ ଥିଲା । ସୁତରାଂ ଏପରି ଏକ ସଙ୍କଳନକୁ ଆଶ୍ରା କରି କୌଣସି ଲେଖକର ପରିଚୟ ଘୋଷଣା କରିବା ଅରଣ୍ୟରେ କୁହାଟ ମାରିବା ଭିନ୍ନ କ'ଣ ବା ଆଉ ହୋଇପାରେ?

ସୁନୀତି ଚାଟାର୍ଜୀ ଏହା ହିଁ କରିଛନ୍ତି ।

ଶ୍ରୀ ଜୟ ଦେବଙ୍କ ଓଡ଼ିଆତ୍ୱ ସପକ୍ଷରେ କେଦାରନାଥ ମହାପାତ୍ର ରଖିଥିବା ପ୍ରମାଣଗୁଡ଼ିକୁ ଖଣ୍ଡନ କରିବାକୁ ଆଦୌ ସାହସ ନ କରି ସେ ଏହି ସଦୁକ୍ତି-କର୍ଣ୍ଣାମୃତର ଅରଣ୍ୟ ଭିତରକୁ ଯାଇ ତାଙ୍କ ବଙ୍ଗାଳୀତ୍ୱ ସପକ୍ଷରେ କରିଛନ୍ତି ଏକ **କ୍ଲୀବ ଓ ହାସ୍ୟାସ୍ପଦ ଆସ୍ଫାଳନ** । ଏହି ସଙ୍କଳନର ବିଭିନ୍ନ ପ୍ରବାହରେ ଥିବା ୩୧ଟି ଶ୍ଳୋକର ଏକ ତାଲିକା କରି ତହିଁରୁ ପାଞ୍ଚଟି ଗୀତଗୋବିନ୍ଦରୁ ଆନୀତ ବୋଲି କହି ଅବଶିଷ୍ଟ ୨୬ଟି ଗୀତଗୋବିନ୍ଦ ବହିର୍ଭୂତ ଜୟଦେବକୃତି ବୋଲି ସେ ଦାବି କରିଛନ୍ତି । ଏବଂ ଯେହେତୁ ଏହି ୨୬ଟି ଶ୍ଳୋକମଧ୍ୟରୁ ଅଧିକାଂଶ ଲକ୍ଷ୍ମଣ ସେନଙ୍କ ଯଶଗାନପାଇଁ ଉଦ୍ଦିଷ୍ଟ ସେହେତୁ ଏଗୁଡ଼ିକର ଲେଖକ ନିଶ୍ଚୟ ସେନଙ୍କ ସଭାକବି ଥିବା ଜୟଦେବ ବୋଲି କହିବା ସଙ୍ଗେ ସଙ୍ଗେ ଗୀତଗୋବିନ୍ଦରୁ ଆନୀତ ଦର୍ଶାଯାଇଥିବା ପାଞ୍ଚଟି ଶ୍ଳୋକର ରଚକ ଜୟଦେବ ସେହି ଏକା ବ୍ୟକ୍ତି ହୋଇଥିବା ସ୍ୱାଭାବିକ ବୋଲି ଯୁକ୍ତି କରିଛନ୍ତି ।

orissamatters.com

ଚାଟାର୍ଜୀଙ୍କ ଏହି ବିତଣ୍ଡା ଯୁକ୍ତି ଏହିପରି : "Sridhar dasa could not have mixed up our Jayadeva (who was a well-known person in the court of king Laxmana Sena and from whose Gita Govinda he had also quoted some five verses, among the thirtyone given by him as Jayadeva's) with some other poet bearing the same name. Consequently, on the strength of these five verses from the Gita-Govinda which have been rightly ascribed to Jayadeva by Sridhara dasa, and considering also that Sridhardasa who was a high functionary in the court of king Laxmana sena, it will be quite permissible to assume that the author of all these thrity-one verses quoted by him was none other than Jayadeva, poet of the Gita-govinda." ଗୀତଗୋବିନ୍ଦକାର ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ଜୟଦେବଙ୍କୁ ବଙ୍ଗଜାତ ବୋଲି ଦର୍ଶାଇବାକୁ ସେ କେବଳ **ଏହି ଏକମାତ୍ର ଯୁକ୍ତି** ବାଢ଼ିଛନ୍ତି । କିନ୍ତୁ ଏହି ଯୁକ୍ତି କାହିଁକି ଏକ ବିତଣ୍ଡା ଯୁକ୍ତି ତାହା ପ୍ରଥମେ ଦେଖାଯାଉ । ତାପରେ ଦେଖିବା ଏହା କିପରି ଆତ୍ମଘାତୀ ।

## ବିତଣ୍ଡା ଯୁକ୍ତି

ଚାଟାର୍ଜୀ ତାଙ୍କ ଯୁକ୍ତି ଆରମ୍ଭ କରିଛନ୍ତି ଏହା ହିଁ କହି ଯେ, ଜୟଦେବ ନାମ ସଂପନ୍ନ ଆଉ କେଉଁ ବ୍ୟକ୍ତିଙ୍କୁ *ଆମ ଜୟଦେବ* ବୋଲି ଦର୍ଶାଇବା ଶ୍ରୀଧର ଦାସଙ୍କ ପକ୍ଷେ ସମ୍ଭବ ହୋଇ ନ ଥିବ । ଅତି ଧୂର୍ତ୍ତତାର ସହ *ଆମ ଜୟଦେବ* ପରି ଏକ ଆସ୍ଫାଳନ ରଖିସାରିଲା ପରେ, ଏହି ତଥାକଥିତ *ଆମ ଜୟଦେବ*ଙ୍କର ପରିଚୟ ମଧ୍ୟ ବହୁ ଭାବିଚିନ୍ତି ସେ ବନ୍ଧନୀ ଭିତରେ ଦେଇଛନ୍ତି । ଏଥିରେ ସେ ଲେଖିଛନ୍ତି, ଏହି ଜୟଦେବ ହେଉଛନ୍ତି ସେହି ଜୟଦେବ ଯେ କି ରାଜା ଲକ୍ଷ୍ମଣ ସେନଙ୍କ ଦରବାରରେ ଜଣେ ସୁବିଦିତ ପାରିଷଦ ଥିଲେ ଓ ଯାହାଙ୍କ ଗୀତଗୋବିନ୍ଦରୁ ହିଁ ସେ ଜୟଦେବ ଭଣିତ ଭାବେ ଉପସ୍ଥାପିତ କରିଥିବା ୩୧ଟି ଶ୍ଳୋକରୁ ପ୍ରାୟ ପାଞ୍ଚଟି ଉଦ୍ଧାର କରିଛନ୍ତି । ଏହାଠୁଁ ବଳି ସାଂସ୍କୃତିକ ଶଠତା କ'ଣ ଆଉ ଥାଇପାରେ? କେବଳ ଗୋଟିଏ କାରଣ ହେତୁ ଏହି ଶଠତା ସମ୍ଭବ ହୋଇଛି । ତାହା ହେଲା, ପାଠକ ମନରେ ଲକ୍ଷ୍ମଣ ସେନଙ୍କ ପାରିଷଦ ଜୟଦେବ ଓ ଗୀତଗୋବିନ୍ଦୀୟ ଜୟଦେବ ଏକ ଓ ଅଭିନ୍ନ ବୋଲି ଏକ ଧାରଣା ଜୋର୍‌ଜବର୍‌ଦସ୍ତ ଲଦିଦେବାର କୁତ୍ସିତ ଅଭିସନ୍ଧି ।

ଗୀତଗୋବିନ୍ଦରେ ଗ୍ରଥିତ ପଦାବଳୀଗୁଡ଼ିକର ଲେଖକ ଜୟ ଦେବ କେବେ ବି ଲକ୍ଷ୍ମଣ ସେନଙ୍କ ପାରିଷଦ ନ ଥିଲେ ଓ କୌଣସି ବେମତଲବୀ ନିର୍ଲିପ୍ତ ଇତିହାସବେତ୍ତା କେବେ ବି କେଉଁଠି ତାଙ୍କୁ ଲକ୍ଷ୍ମଣ ସେନଙ୍କ ପାରିଷଦ ବୋଲି କହି ନାହାନ୍ତି । ବରଂ ସୁଦୀର୍ଘ

orissamatters.com

ବିବାଦର ବିଶ୍ଳେଷଣ କରି ପଶ୍ଚିମବଙ୍ଗର ସୁବିଦିତ ଗବେଷକ **ପ୍ରଫେସର ସତ୍ୟକାମ ସେନଗୁପ୍ତା ଲକ୍ଷ୍ମଣ ସେନଙ୍କ ସହ ଜୟ ଦେବଙ୍କୁ ଯୋଡ଼ାଯିବା ଏକ ହାସ୍ୟାସ୍ପଦ ବିଭ୍ରାନ୍ତି ବୋଲି କହିଛନ୍ତି** । "The propaganda that Jay Dev was a court poet of King Laxmansen is absolutely ridiculous as the poet preceded this particular king by at least a century"(http://orissamatters.com/news/index.php/2003/11/13/oriyas-by-birth/) ଯେଉଁ ବଙ୍ଗାଳୀ ବିଦ୍ୱାନମାନେ ପ୍ରାଦେଶିକତା ଦୋଷରେ ଆକ୍ରାନ୍ତ ନୁହନ୍ତି ସେମାନେ ଜୟ ଦେବ ଓଡ଼ିଆ ବୋଲି କିପରି ଘୋଷଣା କରିଛନ୍ତି ତାହା ଆମେ ଧୀରେ ଧୀରେ ଅଧିକ ଦେଖିବା । କିନ୍ତୁ ଚାଟାର୍ଜୀଙ୍କ ବିତଣ୍ଡା ଯୁକ୍ତିର ମୂଳ ପର୍ଯ୍ୟନ୍ତ ଯିବାପାଇଁ ଲକ୍ଷ୍ମଣ ସେନଙ୍କ ପରିଷଦରେ ଜୟ ଦେବ ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ବୋଲି ସେ ରଖିଥିବା ଘୋଷଣା କିପରି ଏକ ଭିତ୍ତିହୀନ ବୟାନବାଜି ତାହା ଭାରତୀୟ ପ୍ରାଚୀନ ବାଙ୍ମୟରୁ ପ୍ରଥମେ ଦେଖିବା । ଏଥିପାଇଁ ଭକ୍ତମାଳା ପରି ସାଂସ୍କୃତିକ ଇତିହାସ ଗ୍ରନ୍ଥରେ *ଚନ୍ଦ୍ର ଦତ୍ତ* କ'ଣ ଲେଖିଛନ୍ତି ତାହା ପୁନର୍ବାର ଦେଖାଯାଉ । ସେ ଲେଖିଛନ୍ତି-

ଜଗନ୍ନାଥପୁରୀପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ ।
କିନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣସଂକୁଳଃ ।।
ତତ୍ରୋତ୍କଳେ ଦ୍ୱିଜୋ ଜାତୋ ଜୟଦେବ ଇତି ଶ୍ରୁତଃ ।
ବିଦ୍ୟାଭ୍ୟାସରତଃ ଶାନ୍ତଃ ପୁରୁଷୋତ୍ତମପୂଜକଃ ।।

x x x x x x x

ନିର୍ମାୟ ଗୀତଗୋବିନ୍ଦଂ ପୁସ୍ତକଂ ପୁରୁଷୋତ୍ତମେ ।
ନିବେଦ୍ୟ କୃତକୃତ୍ୟୋଽଭୂଜ୍ଜୟଦେବ ମହାମନାଃ ।। (ଭକ୍ତମାଳା, ଭେଙ୍କଟେଶ୍ୱର ପ୍ରେସ୍,ବମ୍ବେ: ଏକନୋଚତ୍ୱାରଂଶଃ ସର୍ଗଃ)

ଏହି ଅନତିକ୍ରମଣୀୟ ସାଂସ୍କୃତିକ ଇତିହାସ ଗ୍ରନ୍ଥର ଭାଷାରେ ଗୀତଗୋବିନ୍ଦରେ ଥିବା ଗୀତଗୁଡ଼ିକର ନିର୍ମାଣକାରୀ ଜୟ ଦେବ ଶ୍ରୀଜଗନ୍ନାଥଙ୍କ ପୂଜକ ଥିଲେ । ସେ ଓଡ଼ିଶାରେ ଜନ୍ମ ହୋଇଥିଲେ ଏବଂ ଉତ୍କଳ ଦେଶସ୍ଥ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ପୁରୀ ସହରର ସମୀପବର୍ତ୍ତୀ କିନ୍ଦୁବିଲ୍ୱ ନାମକ ଏକ ସମୁଦ୍ର ତୀରବର୍ତ୍ତୀ ଗ୍ରାମରେ ଜନ୍ମ ଗ୍ରହଣ କରି ସଦା ସର୍ବଦା ବିଦ୍ୟାଭ୍ୟାସରତ ରହି ଗୀତଗୋବିନ୍ଦର ଗୀତଗୁଡ଼ିକୁ ଶ୍ରୀ ଜଗନ୍ନାଥଙ୍କୁ ନିବେଦିତ କରି ନିଜକୁ କୃତାର୍ଥ ମନେ କରିଥିଲେ । ଏହି ସର୍ବମାନ୍ୟ ସାଂସ୍କୃତିକ ଇତିହାସ ଗୀତଗୋବିନ୍ଦୀୟ ଜୟଦେବଙ୍କୁ ଲକ୍ଷ୍ମଣ ସେନଙ୍କ ପାରିଷଦ ଥିବା କଥା ଆଦୌ କହି ନାହିଁ । କାରଣ ସେ କେବେ ବି ଲକ୍ଷ୍ମଣ ସେନଙ୍କ ପାରିଷଦ ନ ଥିଲେ ।

ଚୈତନ୍ୟାବ୍ଦ ୪୩୭ ବା ୧୯୨୨ ଖ୍ରୀଷ୍ଟାବ୍ଦରେ କଲିକତାର ବସୁମତୀ ସାହିତ୍ୟ

orissamatters.com

ମନ୍ଦିର ଦ୍ୱାରା ମୁଦ୍ରିତ, ବୈଷ୍ଣବ କବି କୃଷ୍ଣ ଦାସଙ୍କ ଦ୍ୱାରା ଗ୍ରଥିତ ଅନ୍ୟତମ ସାଂସ୍କୃତିକ ଇତିହାସ ଗ୍ରନ୍ଥ ଶ୍ରୀ ଶ୍ରୀ ଭକ୍ତମାଳା ଏହି ସତ୍ୟର ଉପସ୍ଥାପନା ବଙ୍ଗଳା ଭାଷାରେ ହିଁ କରିଛି । ଯଥା:

କେନ୍ଦୁବିଲ୍ୱ ନାମେ ଗ୍ରାମ ସାଗର ହଇତେ
ଶ୍ରୀମାନ୍ ଜୟଦେବ ଦ୍ୱିଜ ହଇଲ ବିଦିତେ ।।
x x x x x x
ଜୟଦେବ ମହାଶୟ ମହାନ ମାନୁଷ
ଶ୍ରୀପୁରୁଷୋତ୍ତମକ୍ଷେତ୍ରେ ବୃକ୍ଷ ତଳେ ବାସ ।।
ଅଗାଧ ପାଣ୍ଡିତ୍ୟ ହୟ ଅତୁଲ ଭକ୍ତିମାନ୍
ଶ୍ରୀଜଗନ୍ନାଥ ପ୍ରଭୁର କୃପାର ଭାଜନ ।।

ବଙ୍ଗଲିପିରେ ଏହା ଏହିପରି:

(কেন্দুবিল্ব নামে গ্রাম সাগর হইতে
শ্রীমান্ জয়দেব দ্বিজ হইল বিদিতে ॥
x x x x x x
জয়দেব মহাশয় মহান মানুষ
শ্রীপুরুষোত্তমক্ষেত্রে বৃক্ষ তলে বাস ॥
অগাধ পাণ্ডিত্য হয় অতুল ভক্তিমান্
শ্রীজগন্নাথ প্রভুর কৃপার ভাজন ॥)-শ্রী শ্রী ভক্তমালা, দ্বাদশমালা - পৃ.১৩২।

ଗୀତଗୋବିନ୍ଦରେ ଗ୍ରଥିତ **ଦେହି ପଦପଲ୍ଲବମୁଦାରଂ** ପଙ୍‌କ୍ତିର ରଚନା ସ୍ୱୟଂ ଶ୍ରୀକୃଷ୍ଣ କରିଥିବା ପରି କିମ୍ବଦନ୍ତୀର ଅବତାରଣା କରାଯାଇଥିବା ଏହି ପୁସ୍ତକରେ ବୈଷ୍ଣବୀୟ ଭାକ୍ତିକ ଭ୍ରାନ୍ତିର କେତେକ ସହଜ ବୋଧଗମ୍ୟ ଦୃଷ୍ଟାନ୍ତକୁ ବାଦ ଦେଲେ, ଏହି ନିର୍ଦ୍ଦିଷ୍ଟ ଉପାଖ୍ୟାନଟି ବହନ କରିଥିବା ଏକ ଭୌଗୋଳିକ ବାସ୍ତବତା ଅତି ଦୃଢ଼ ଭାବେ ଦୃଷ୍ଟି ଆକର୍ଷଣ କରେ । ତାହା ହେଲା, ଶ୍ରୀ ଜୟ ଦେବଙ୍କ ଘରଠାରୁ ସମୁଦ୍ରର ଦୂରତା ଥିଲା ମାତ୍ର ଅର୍ଦ୍ଧକ୍ରୋଶ । **ପୁସ୍ତକ ରଖିୟା ସାଧୁ ସ୍ନାନ କରିବାରେ /ଗମନ କରିଲା ତବେ ସାଗରେର ନୀରେ // x x x x କ୍ଷଣମାତ୍ର ଦେଖି ପୁନ ସମୁଦ୍ର ଗମନ / ସ୍ନାନ କରି ପୁନ ଅର୍ଦ୍ଧ କ୍ରୋଶ ଆଗମନ//** ('পুস্তক রখিয়া সাধু স্নান করিবারে/গমন করিলা তবে সাগরের নীরে // x x x x ক্ষণমাত্র দেখি পুন সমুদ্র গমন/স্নান করি পুন অর্দ্ধ ক্রোশ আগমন//) ବୈଷ୍ଣବୀୟ ପ୍ରଚାରପ୍ରବଣତା ସତ୍ତ୍ୱେ ଏପରି ତଥ୍ୟନିଷ୍ଠ ଉପସ୍ଥାପନା ରଖିଥିବା ଏହି ଅନବଦ୍ୟ ସାଂସ୍କୃତିକ ଇତିହାସ ଜୟ ଦେବଙ୍କୁ ଲକ୍ଷ୍ମଣ ସେନଙ୍କ ପାରିଷଦ ଭାବେ ଆଦୌ ଉଲ୍ଲେଖ କରି ନାହିଁ । କାରଣ ଗୀତଗୋବିନ୍ଦରେ ଥିବା ଗୀତଗୁଡ଼ିକର ନିର୍ମାତା ଜୟ ଦେବ କସ୍ମିନ୍‌କାଳେ ଲକ୍ଷ୍ମଣ

orissamatters.com

ସେନଙ୍କ ସଭାସଦ୍ ନ ଥିଲେ ।

## ଚାଟର୍ଜୀଙ୍କୁ ଜଣା ନାହିଁ ଜୟ ଦେବ କିଏ !

ଚାଟାର୍ଜୀ ଯଦି ଜାଣିଥାନ୍ତେ ଶ୍ରୀ ଜୟ ଦେବ କିଏ ବୋଲି ତେବେ ହୁଏତ ଚାହିଁଥିଲେ ବି ତାଙ୍କୁ ବଙ୍ଗଜ ବୋଲି କହିବାକୁ ସେ ସାହସ କରିପାରି ନ ଥାନ୍ତେ । ଓଡ଼ିଶାରେ ଥୋଡ଼େ ବ୍ରାହ୍ମଣ୍ୟବାଦୀ ଦୁରଭିସନ୍ଧି ରଖି ଜୟ ଦେବଙ୍କ ମୃତ୍ୟୁ ପରେ ବା ଜୟ ଦେବଙ୍କୁ ମାରି ଦେଲା ପରେ ତାଙ୍କର ଅସଲ ଆଦର୍ଶ ଓ ଆଭିମୁଖ୍ୟକୁ ଧ୍ୱଂସ କରିବାପାଇଁ ତାଙ୍କର ପରିଚୟ ବଦଳାଇ ତାଙ୍କୁ ହିନ୍ଦୁ ବୈଷ୍ଣବ ଭାବେ ସାବ୍ୟସ୍ତ କରିବାକୁ ନାନା କପୋଳକଳ୍ପିତ କିମ୍ବଦନ୍ତୀ ସୃଷ୍ଟି କରିଥିଲେ । ଶ୍ରୀ ଜଗନ୍ନାଥଙ୍କ ବୌଦ୍ଧ ପରିଚୟ ସଂପୂର୍ଣ୍ଣ ଲୋପ କରି ତାଙ୍କୁ ବିଷ୍ଣୁ ବିଗ୍ରହ ଭାବେ ସାବ୍ୟସ୍ତ କରିବା ଥିଲା ସେମାନଙ୍କ ଅଭିସନ୍ଧି । ଏହା କାର୍ଯକାରୀ କରିବା ପାଇଁ ଶ୍ରୀ ଜଗନ୍ନାଥଙ୍କ ସଂପର୍କରେ ଯେପରି ନାନା କିମ୍ବଦନ୍ତୀ ସୃଷ୍ଟି କରାଯାଇଥିଲା, ଶ୍ରୀ ଜୟ ଦେବଙ୍କ ଉପରେ ମଧ୍ୟ ସେପରି ହୋଇଥିଲା । ସେଥିରୁ ଅଧିକାଂଶକୁ ଆପଣାଇ ଜୟ ଦେବଙ୍କୁ ଆତ୍ମସାତ କରିବାକୁ ଚାହୁଁଥିବା ବଙ୍ଗାଳୀମାନେ ଆଉ ଥୋଡ଼େ କିମ୍ବଦନ୍ତୀ ଯୋଡ଼ିଥିଲେ । ସେହି **ବିଭ୍ରାନ୍ତକାରୀ କିମ୍ବଦନ୍ତୀସମୂହକୁ ଆଧାର କରି କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ମାଧ୍ୟମରେ ଚାଟାର୍ଜୀ ସାରସ୍ୱତ ଜଗତକୁ ବାଟବଣା କରିବାକୁ ଚେଷ୍ଟା କରିଛନ୍ତି** । ଜୟ ଦେବ ପ୍ରକୃତରେ ଥିଲେ କିଏ ଓ କ'ଣ ତାହା ସେ ଜାଣନ୍ତି ନାହିଁ ।

ତାଙ୍କ ଆଦର୍ଶ ଓ ଆଭିମୁଖ୍ୟରୁ ତାଙ୍କୁ ଜାଣି ହେବ । ମହାରାଷ୍ଟ୍ରର ସନ୍ଥକବି ମହୀପତି ୧୬୮୪ ଶକାବ୍ଦ (୧୭୬୨ ଖ୍ରୀଷ୍ଟାବ୍ଦ)ରେ ରଚନା କରିଥିବା ଭକ୍ତ ବିଜୟ ନାମକ ପ୍ରସିଦ୍ଧ ଜୀବନୀଗୁଚ୍ଛରେ ଶ୍ରୀ ଜୟ ଦେବଙ୍କ ଉପରେ ଅବତାରଣା ରଖି ତାଙ୍କୁ ଶ୍ରୀକୃଷ୍ଣଙ୍କ ଜୀବନୀ ଲେଖକ ବ୍ୟାସଦେବଙ୍କ ନୂତନ ଅବତାର ବୋଲି ବର୍ଣ୍ଣନା କରିଛନ୍ତି ଏବଂ ଗ୍ରନ୍ଥ ପ୍ରାରମ୍ଭରେ ତାଙ୍କର ବନ୍ଦନା କରିଛନ୍ତି । ତାହା ଏହି ପରି-

ଶ୍ରୀ ଗଣେଶାୟ ନମଃ ।। ଶ୍ରୀ ଗୋପାଳକୃଷ୍ଣାୟ ନମଃ ।।
ଯାବରୀ ବ୍ୟାସାସୀ ସାଂଗେ ରାଜୀବନୟନ
ତ୍ୱାଂ କଥିଲି ପୁରାଣେ ସଂପୂର୍ଣ୍ଣ ।।
ତ୍ୟାଂଚା ଅର୍ଥ ନ କଳେ ଗହନା ।। ଅଜ୍ଞାନଜନାଂ କଳିଯୁଗୀ ।।୧।।
ତୁଂ ଜୟଦେବ ରୂପେଂ ଅବତାର ।।
ଘେଉନି କରୀଂ ଜନାଂଚ ଉଦ୍ଧାର ।।
ଏସେଂ ଏକୁନି ନମସ୍କାର ।। ବ୍ୟାସେଂ ଘତଲା ସାଷ୍ଟାଂଗ ।।୨।।
ଜଗନ୍ନାଥକ୍ଷେତ୍ରା ସମୀପ ଜାଣ
ତିନ୍ଦୁବିଲ୍ୱ ଗ୍ରାମ ନାମାଭିଧାନ ।।
ବ୍ରାହ୍ମଣବଂଶୀଂ ଅବତାର ପୂର୍ଣ୍ଣ

orissamatters.com

ତେଥେଂ ଘେତଲା ଶ୍ରୀ ବ୍ୟାସେଂ ।।୩।।

(କେଦାରନାଥ ମହାପାତ୍ରଙ୍କ ଲିଖିତ ଶ୍ରୀଜୟଦେବ ଓ ଶ୍ରୀ ଗୀତଗୋବିନ୍ଦ-ପୃଷ୍ଠା ୨୨ରେ ଉଦ୍ଧୃତ)

ଯଦିଓ କେଦାରନାଥଙ୍କ ମତ ଯେ *ଗୋସ୍ୱାମୀ ଶ୍ରୀନାଭାଜୀ କୃତ* ଶ୍ରୀ ଭକ୍ତମାଳା *ପାଠରେ ଅନୁପ୍ରାଣିତ ହୋଇ* ମହୀପତି ଏହି ଗ୍ରନ୍ଥ ରଚନା କରିଛନ୍ତି, ମୁଁ ଭାବୁଛି ସେ ନାଭାଜୀଙ୍କଠାରୁ ବହୁ ବାଟ ଆଗେଇଯାଇ ଶ୍ରୀ ଜୟ ଦେବଙ୍କ ମୌଳିକ ମାହାତ୍ମ୍ୟ ଆକଳନ କରିବାକୁ ଚେଷ୍ଟା କରିଛନ୍ତି । ଜୟ ଦେବଙ୍କୁ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ନିକଟସ୍ଥ *ତିନ୍ଦୁବିଲ୍ୱ* ଗ୍ରାମରେ ଜାତ ହୋଇଥିବା ବ୍ୟକ୍ତି ବୋଲି କହିବା ସଙ୍ଗେ ସଙ୍ଗେ ବ୍ୟାସଙ୍କ ଅବତାର ବୋଲି ନିରୂପଣ କରି ହିଁ ସେ ଏହି ବୈଶିଷ୍ଟ୍ୟ ପ୍ରଦର୍ଶନ କରିଛନ୍ତି ।

## ଶ୍ରୀ ଜୟ ଦେବଙ୍କ ବ୍ୟାସୀୟ ବୈଶିଷ୍ଟ୍ୟ

*ମହାଭାରତକାର ବ୍ୟାସଦେବ ପୁରୁଷପ୍ରଧାନ ଯଥେଚ୍ଛାଚାର କବଳରୁ ନାରୀକୁ ମାନବୀୟ ମର୍ଯ୍ୟାଦାର ମହତ୍ତର ସ୍ତରକୁ ନେବାପାଇଁ ପ୍ରଥମ ସଚେତନ ପ୍ରଚେଷ୍ଟା କରିଥିଲେ ।* ରାମାୟଣ ଠାରୁ ମହାଭାରତର ପ୍ରଭେଦ ହିଁ ରହିଛି ଏହିଠାରେ । ଏହି ଉଭୟ ଗ୍ରନ୍ଥକୁ ଐଶ୍ୱରୀୟ ଧର୍ମଗ୍ରନ୍ଥ ତାଲିକାରେ ପକାଇ ଏଗୁଡ଼ିକର ସମାଜତାତ୍ତ୍ୱିକ ଆବେଦନକୁ ଅବୋଧ୍ୟ କରି ରଖିବାର ଯେଉଁ ଉଦ୍ଦେଶ୍ୟମୂଳକ ଉଦ୍ୟମ ଅତୀତରେ ହୋଇଥିଲା ତାହା ଫଳବତୀ ହୋଇ ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଥିଲେ ବି ଯାହା ସତ୍ୟ ତାହା ହିଁ ସତ୍ୟ ।

ଏବଂ ଏହି ସତ୍ୟ ହେଲା, *ପୁରୁଷପ୍ରଧାନ ସମାଜ ସପକ୍ଷରେ ଏକ ସହାୟକ ସାହିତ୍ୟ ଯୋଗାଇବାକୁ ବାଲ୍ମୀକି ରଚନା କରିଥିଲେ ରାମାୟଣ* । ରାମଙ୍କ ଜୀବନର ପ୍ରଥମ ଓ ଶେଷ ନିର୍ଣ୍ଣାୟକ ଘଟଣା ଥିଲା ଦୁଇ ଜଣ ନାରୀଙ୍କ ମୃତ୍ୟୁ । ପ୍ରଥମ ତାଡ଼କା ଓ ଦ୍ୱିତୀୟ ସୀତା । ପ୍ରଥମଟି ହତ୍ୟା ଓ ଦ୍ୱିତୀୟଟି ଆତ୍ମହତ୍ୟା । ବ୍ରାହ୍ମଣଙ୍କ ଯଜ୍ଞାନୁଷ୍ଠାନ ପାଇଁ ନିଜ ଜମି ଛାଡ଼ିବାକୁ ରାଜି ନ ହେବାରୁ ବିଶ୍ୱାମିତ୍ରଙ୍କ ଚକ୍ରାନ୍ତ ସହ ସାମିଲ ହୋଇ ରାମ ଆଦିବାସୀ ନାରୀ ତାଡ଼କାକୁ ଶର ମାରି ହତ୍ୟା କରିଥିଲେ । ବାରମ୍ବାର ତାଙ୍କ ସନ୍ଦେହର ଶରବ୍ୟ ହୋଇ, ସତୀତ୍ୱ ସାବ୍ୟସ୍ତୀକରଣପାଇଁ ଅଗ୍ନି ପରୀକ୍ଷା ଦେଇ ଦେଇ ନିର୍ଯାତିତା ସୀତା କୂଅକୁ ଡ଼େଇଁପଡି ଆତ୍ମହତ୍ୟା କରିଥିଲେ । ଏହାକୁ ଆଧିଦୈବିକ ବୋଲି ଦର୍ଶାଇ ନାନା ଆଖ୍ୟାୟିକାର ସୃଷ୍ଟି ହୋଇଥିଲା ଓ ରାମଙ୍କୁ ମର୍ଯ୍ୟାଦାପୁରୁଷର ମାନ୍ୟତା ଦେଇ ସମାଜରେ ପୁରୁଷପ୍ରାଧାନ୍ୟର ଦୃଢ଼ୀକରଣପାଇଁ ଉଦ୍ୟମ ହୋଇଥିଲା । (http://orissamatters.com/news/index.php/2002/04/11/ram-the-man/)

*ଏହି ପୁରୁଷପ୍ରାଧାନ୍ୟର ପରିସମାପ୍ତିପାଇଁ ପରିବେଶ ସୃଷ୍ଟି କରିବାକୁ ଉଦ୍ୟମ କରିଥିଲେ ଦ୍ୱୈପ୍ୟାୟନ ବ୍ୟାସ ମହାଭାରତରେ* । ସେ କେବେହେଲେ ଭୁଲି ନ ଥିଲେ ଯେ ପୁରୁଷପ୍ରାଧାନ୍ୟର ସୁଯୋଗ ନେଇ ଋଷି ପରାଶର ତାଙ୍କ ଜନ୍ମଦାତ୍ରୀଙ୍କ ଉପରେ ବଳାତ୍କାର

orissamatters.com

କରିଥିଲେ ଓ ତଦ୍ୱାରା ଗର୍ଭବତୀ ହୋଇଥିବା ତାଙ୍କ ଅବିବାହିତା ଜନନୀ ସାମାଜିକ ବାସନ୍ଦର ଶିକାର ହୋଇ ନଦୀ ମଧ୍ୟସ୍ଥ ଏକ ଦ୍ୱୀପରେ ରହି ତାଙ୍କୁ ଜନ୍ମ ଦେଇଥିଲେ । ନିଜ ଜନନୀ ଅଙ୍ଗେ ନିଭାଇଥିବା ଏହି ଲାଞ୍ଛନା ସେ କେବେ ବି ଭୁଲି ନ ଥିଲେ । ସେଥିପାଇଁ *ପୁରୁଷପ୍ରାଧାନ୍ୟର ଯେତେ ସମର୍ଥକ ସେହି ସମସ୍ତଙ୍କୁ ଧ୍ୱଂସ କରାଯିବାର ଦୃଶ୍ୟପଟ ସେ ଭରି ଦେଇଥିଲେ ମହାଭାରତରେ ଏବଂ ଏହାର ସର୍ବତ୍ର ଖଞ୍ଜିଥିଲେ ନାରୀର ମହତ୍ତ୍ୱର ଦୀପ୍ତି* । ମହାଭାରତର ନାୟକ ଶ୍ରୀକୃଷ୍ଣଙ୍କ ପ୍ରତିଟି ପଦକ୍ଷେପ ନାରୀର ମହତ୍ତ୍ୱ ଓ ଅଧିକାର ପ୍ରତିପାଦନପାଇଁ ସତତ ଅଭିପ୍ରେତ ଥିଲା ।

**ଠିକ୍ ଏହି ଏକା ଉଦ୍ଦେଶ୍ୟରେ ଶ୍ରୀ ଜୟ ଦେବ ରଚନା କରିଥିଲେ ଗୀତଗୋବିନ୍ଦରେ ଗ୍ରଥିତ ତାଙ୍କ ପଦାବଳୀ । ଉଗ୍ର ବ୍ରାହ୍ମଣ୍ୟବାଦ ପରିପୁଷ୍ଟ ପୁରୁଷପ୍ରାଧାନ୍ୟକୁ ପ୍ରତିହତ କରି ନାରୀକୁ କାମଭୋଗ୍ୟା ସ୍ଥିତିରୁ କାମୋପାସ୍ୟା ସ୍ତରକୁ ଉନ୍ନୀତ କରିବାପାଇଁ ସେ ତାଙ୍କ ସହଜ ବୋଧଗମ୍ୟ ଲଳିତ କୋମଳ କାନ୍ତ ପଦାବଳୀଗୁଡିକ ମାଧ୍ୟମରେ ସଂପୂର୍ଣ୍ଣ ସଚେତନ ଉଦ୍ୟମ କରିଥିଲେ ।** ଏହି କାମବଜ୍ରଯାନୀ ବୈଶିଷ୍ଟ୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରି ଏକ ଆଲୋଚନା ମୁଁ ରଖିଥିଲି ଦୈନିକ ସମ୍ବାଦର ମଇ ୧୧, ୧୯୯୭ ସଂସ୍କରଣରେ। ଜୟଦେବ ସାଂସ୍କୃତିକ ପରିଷଦ ନାମକ ଏକ ସଂସ୍ଥା ଯାହା ଜୟ ଦେବଙ୍କ ଅସଲ ପରିଚୟକୁ ଇତିହାସଠାରୁ ଲୁଚାଇ ରଖିବାକୁ ସରକାରୀ କଳର ଦୁରୁପଯୋଗ କରୁଛି, ତହିଁର ସଂପାଦକଙ୍କ ମାଧ୍ୟମରେ ମୋ ଆଲୋଚନାର ପ୍ରତିକ୍ରିୟାରେ ଜୟ ଦେବ କାମବଜ୍ରଯାନୀ ବୌଦ୍ଧ ନୁହନ୍ତି ପରନ୍ତୁ ଆଧ୍ୟାତ୍ମବାଦୀ ହିନ୍ଦୁ ବୈଷ୍ଣବ ବୋଲି ଯୁକ୍ତି ରଖିଥିଲା ସମ୍ବାଦରେ ମଇ ୨୫, ୧୯୯୭ରେ। ଫଳରେ *ଗୀତ ଗୋବିନ୍ଦର ଆଧ୍ୟାତ୍ମବାଦ ବିରୋଧୀ ବୈଶିଷ୍ଟ୍ୟ* ଶୀର୍ଷକ ବିଶ୍ଳେଷଣ ମୋତେ ପୁନଶ୍ଚ ରଖିବାକୁ ହୋଇଥିଲା ସମ୍ବାଦର ଜୁନ ୦୮, ୧୯୯୭ ସଂସ୍କରଣରେ। ତା ପରେ ଏହି ସଂସ୍ଥା ନିରବ ହୋଇଯାଇଥିଲା ।

ଯୁକ୍ତିରେ ପରାଭୂତ ହେବା ପରେ **ଏହି ସଂସ୍ଥା ଜନ ସାଧାରଣଙ୍କୁ ବିଭ୍ରାନ୍ତ କରିବା ଉଦ୍ୟମ ଏବେ ରାସ୍ତା ଉପରେ ଚଳାଇଛି** ଓ ରାଜ୍ୟର କ୍ଷମତା ବଳୟ ସହ ସଂପର୍କ ଥିବା ହେତୁ ଜୟ ଦେବଙ୍କ ଉପରେ ଉଦ୍ଦେଶ୍ୟ ପ୍ରଣୋଦିତ ପୁରୁଣା ବ୍ରାହ୍ମଣ୍ୟବାଦୀ କିମ୍ବଦନ୍ତୀଗୁଡିକୁ ଜାହିର କରି ରଖିବାପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ତଥା ସୂଚନା ଓ ଲୋକସଂପର୍କ ବିଭାଗକୁ ଏବଂ ଏପରିକି ଜିଲ୍ଲାପାଳମାନଙ୍କୁ ବି ବ୍ୟବହାର କରୁଛି । ( http://orissamatters.com/news/index.php/2005/05/17/birthplace-of-jayadev/ ) ଯାହା ଦେଖାଯାଉଛି, ଏହି ସଂସ୍ଥା ଶ୍ରୀଜୟ ଦେବଙ୍କ ମୌଳିକତା ଉପରେ ଆଘାତ ହାଣି ଚାଲିଛି । **ଜୟ ଦେବଙ୍କ ମୌଳିକତାର ହନନପାଇଁ ଓଡ଼ିଶା ରାଜ୍ୟ ସରକାର ବ୍ୟବହୃତ ହେବା ପରେ ତାଙ୍କ ସଂପର୍କରେ ଚାଲିଥିବା ଇତିହାସର ବିକୃତିକରଣ ଆହୁରି ପରିବ୍ୟାପ୍ତ ହେବା ଆଶଙ୍କା ବୃଦ୍ଧି ପାଇଛି ।** ତେଣୁ ଯେଉଁମାନେ ଶ୍ରୀଜୟ ଦେବଙ୍କ ସଂପର୍କରେ

orissamatters.com

ପ୍ରକୃତ ତଥ୍ୟ ଜାଣିବାକୁ ଚାହାନ୍ତି ସେମାନେ ତାଙ୍କ ମୌଳିକତା ଉପରେ ଅଗ୍ରପ୍ରାଧାନ୍ୟ ଦେବା ଆବଶ୍ୟକ ।

## ବ୍ରାହ୍ମଣ୍ୟବାଦକୁ ବିରୋଧ ହିଁ ତାଙ୍କ ମୌଳିକତା

ଶ୍ରୀ ଜୟ ଦେବ ବ୍ରାହ୍ମଣ୍ୟବାଦୀ ଚଳଣିର ଘୋର ବିରୋଧୀ ଥିଲେ । ବ୍ରାହ୍ମଣ୍ୟବାଦ ସମାଜରେ ନାରୀକୁ ପୁରୁଷର ସମାସ୍କନ୍ଦ ମର୍ଯ୍ୟାଦା ଦେବାକୁ ଥିଲା ପରାଙ୍‌ମୁଖ । ସେବେ ବି ଯେମିତି ଏବେ ବି ସେମିତି । **ବ୍ରାହ୍ମଣମାନେ ନୁହନ୍ତି, ବ୍ରାହ୍ମଣ୍ୟବାଦୀମାନେ ଏବେ ବି ନାରୀକୁ ନିବୃତ୍ତ କରି ରଖିବାକୁ ଚାହାନ୍ତି ତାର ମୌଳିକ ଅଧିକାରରୁ ।** ନିଜ ଝିଅମାନଙ୍କୁ ଆଧୁନିକ ଶିକ୍ଷା ଦେବାକୁ ଯାଇ ସମ୍ବଲପୁରର ୰ ଭରତଚନ୍ଦ୍ର ନାୟକଙ୍କୁ ବ୍ରାହ୍ମଣ୍ୟବାଦୀମାନଙ୍କ ଦ୍ୱାରା ଯେଉଁ ଦାରୁଣ ଦୁର୍ବିପାକର ସମ୍ମୁଖୀନ ହେବାକୁ ହୋଇଥିଲା ତାହା ସେ ତାଙ୍କ ଆତ୍ମକାହାଣୀ ମୋର ପୂର୍ବ ସ୍ମୃତିକଥାରେ ଲେଖିଯାଇଛନ୍ତି । ଏହାକୁ **ବ୍ରାହ୍ମଣ ବିରୁଦ୍ଧରେ ବ୍ରାହ୍ମଣ୍ୟବାଦର** ଏକ ନମୁନା ବିବାଦ ଭାବେ ଦେଖାଯାଇପାରିବ ।

ବ୍ରାହ୍ମଣ୍ୟବାଦର ଏହି ଯଥେଚ୍ଛାଚାରୀ ସ୍ୱର ଫୁଟି ଉଠିଥିଲା ପୁରୀ ଗୋବର୍ଦ୍ଧନପୀଠର ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କଠାରେ, ୧୯୯୪ରେ । କୌଣସି ମହିଳା ବେଦାଧ୍ୟୟନ କରିପାରିବେ ନାହିଁ ବୋଲି ସେ ହୁକୁମ ଦେଇଥିଲେ । ଶିକ୍ଷିତା ଓ ଶିକ୍ଷାପ୍ରେମୀ ମହିଳାମାନେ ଏହାର ପ୍ରତିବାଦ କଲେ । ଆରମ୍ଭ ହୋଇଗଲା ବ୍ରାହ୍ମଣ୍ୟବାଦୀମାନଙ୍କ ବିତଣ୍ଡା ଯୁକ୍ତି ନିଶ୍ଚଳାନନ୍ଦଙ୍କ ଛତ୍ରଛାୟା ତଳେ । ସେ ହେଉଛନ୍ତି *ହିନ୍ଦୁଧର୍ମର ସୁପ୍ରିମ୍‌କୋର୍ଟ* ଏବଂ ସେ ଯାହାକୁ *ଲାଇସେନ୍‌ସ* ଦେବେ କେବଳ ସେ ହିଁ ବେଦପାଠ କରିପାରିବ ବୋଲି କହି ଏଥିପାଇଁ ତାଙ୍କୁ ସମାଲୋଚନା କରାଗଲେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ କେବଳ ପଥର ବୃଷ୍ଟି ହେବ ବୋଲି ସେ ଧମକ ବି ଦେଲେ । ମୁଁ ତୁରନ୍ତ ତହିଁର ଏକ ଜବାବ ରଖିଲି । ସମ୍ବାଦର ୧ ମାର୍ଚ୍ଚ ୧୯୯୪ ସଂସ୍କରଣରେ ମୋ ନିବନ୍ଧ **'ନିଶ୍ଚଳାନନ୍ଦଙ୍କ ସ୍ୱରୂପ ଓ ସୀମା'** ପ୍ରକାଶ ପାଇଲା ।

ମୋ ଉପରକୁ ପଥର ପକାଇବାକୁ କେହି ତ ସାହସ କଲେନି; କିନ୍ତୁ ଟେଲିଫୋନ୍‌ରେ ଅଶ୍ଳୀଳ ଭାଷାରେ ଗାଳି ଓ ଡାକ ଯୋଗେ ଅଶ୍ଳୀଳ ଭାଷାରେ ପୋଷ୍ଟକାର୍ଡରେ ଲିଖିତ ବେନାମୀ ଚିଠିର ଧାଡ଼ି ଲାଗିରହିଲା ଥୋଡ଼େ ଦିନ ପର୍ଯ୍ୟନ୍ତ । ବ୍ରାହ୍ମଣ୍ୟବାଦୀଙ୍କ ଆଚରଣ ଏହିପରି ଅଶ୍ଳୀଳ । ଅଥଚ ମୋର ଚିରପୂଜ୍ୟ ଶିକ୍ଷାଗୁରୁ ପଣ୍ଡିତ ନାରାୟଣ ଦାଶ ଏହି ଲେଖାଟି ପଢ଼ି ମୋତେ ଆଶୀର୍ବାଦୀ ଅଭିନନ୍ଦନ ଜଣାଇଥିଲେ । ତାହା ସାବ୍ୟସ୍ତ କରିଦେଲା ଯେ **ସବୁ ବ୍ରାହ୍ମଣ ବ୍ରାହ୍ମଣ୍ୟବାଦୀ ନୁହନ୍ତି ଯଦିଓ ବ୍ରାହ୍ମଣ୍ୟବାଦୀମାନେ ବ୍ରାହ୍ମଣମାନଙ୍କୁ ବିରୋଧ କରିଥାନ୍ତି**, ଯାହାର ଦୃଷ୍ଟାନ୍ତ ଭରତ ନାୟକଙ୍କ କ୍ଷେତ୍ରରେ ଆମ ଦୃଷ୍ଟିକୁ ଆସିସାରିଛି ।

## ବ୍ରାହ୍ମଣ୍ୟବାଦୀ କିଏ ?

ବ୍ରାହ୍ମଣ୍ୟବାଦୀ କହିଲେ ବ୍ରାହ୍ମଣଙ୍କୁ ବୁଝାଏ ନାହିଁ । **ବହୁ ଅବ୍ରାହ୍ମଣ ବି ବ୍ରାହ୍ମଣ୍ୟବାଦୀ ।** ଭାରତୀୟ ଜନତା ପାର୍ଟିରେ ଥିବା ଉମା ଭାରତୀ ବ୍ରାହ୍ମଣଙ୍କ ଆଖିରେ ନୀଚ ବର୍ଣ୍ଣ ଅନ୍ତର୍ଗତ

orissamatters.com

ହୋଇଥିଲେ ବି ଏବଂ ନିଜ ଆଖିରେ ନିଜେ ଦଳିତ ସଂପ୍ରଦାୟ ଅନ୍ତର୍ଗତ ହୋଇଥିଲେ ବି ରାଜନୀତିକ ଚରିତ୍ରଚକ୍ରରେ ସେ ଜଣେ ବ୍ରାହ୍ମଣ୍ୟବାଦୀ । ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ପଦରୁ ବାବୁଲାଲ ଗୌରଙ୍କୁ ବିଦାକରି ୨୦୦୫ ନଭେମ୍ବରରେ ତାଙ୍କ ସ୍ଥାନରେ ଶିବରାଜ ସିଂ ଚୌହାନଙ୍କୁ ଅବସ୍ଥାପିତ କରାଇ ଭାରତୀୟ ଜନତା ପାର୍ଟିର ଯେଉଁ ତୁଙ୍ଗ ନେତାମାନେ ଉମାଙ୍କୁ ଏହି ମର୍ଯ୍ୟାଦା ଦିଆଇଦେଲେ ନାହିଁ ସେମାନେ ହୁଏତ ଅଧିକ ଉଭଟ ବ୍ରାହ୍ମଣ୍ୟବାଦୀ; ମାତ୍ର ଦଳିତ କନ୍ୟା ଉମା ଯେ ବ୍ରାହ୍ମଣ୍ୟବାଦୀ ନୁହନ୍ତି ତା ତ ନୁହେଁ ! ଏହି ଦଳରେ ବହୁ ଅବ୍ରାହ୍ମଣ ଅଛନ୍ତି । ମାତ୍ର ବ୍ରାହ୍ମଣ୍ୟବାଦୀ ଦର୍ଶନର ଦୃଢ଼ୀକରଣ ପାଇଁ ସେ ସମସ୍ତେ ହିଁ କାର୍ଯ୍ୟରତ । ତେଣୁ ସେ ସମସ୍ତେ ବ୍ରାହ୍ମଣ ନ ହୋଇ ମଧ୍ୟ ବ୍ରାହ୍ମଣ୍ୟବାଦୀ ।

ଯାଦବମାନେ ଯଦି ଗଉଡ଼ ତେବେ ବିହାରରେ ଜାତିବାଦୀ ରାଜନୀତି କରି ଦୀର୍ଘକାଳ ସେ ରାଜ୍ୟର କ୍ଷମତା ମାଡ଼ିବସିଥିବା ଲାଲୁ ଯାଦବ ଗଉଡ଼ ହୋଇଥିଲେ ବି ବ୍ରାହ୍ମଣ୍ୟବାଦୀ ।

**ଜାତି ବଳ ଉପରେ ଯିଏ ବଳୀୟାନ ସେ ଯେଉଁ ବର୍ଣ୍ଣ ଅନ୍ତର୍ଗତ ହୋଇଥାଉ ନା କାହିଁକି , *ସାମାଜିକ ଐକ୍ୟବାଦର ବିରୋଧୀ* । ଯିଏ ସାମାଜିକ ଐକ୍ୟବାଦର ବିରୋଧୀ ସେ ବର୍ଣ୍ଣବୈଷମ୍ୟବାଦୀ ଓ ସେହେତୁ ବ୍ରାହ୍ମଣ୍ୟବାଦୀ ।**

ଆମ ଓଡ଼ିଶାର ପୁରୀ ଜିଲ୍ଲାରେ ଗାଁଟିଏ ହେଲା ନଁପୁଟ । ୨୦୦୫ ଶିକ୍ଷାବର୍ଷ ଆରମ୍ଭରେ ଏହା ହୋଇଉଠିଥିଲା ଉତପ୍ତ । ଗ୍ରାମବାସୀ ସବର୍ଣ୍ଣଙ୍କ ସେବାରେ ବଂଶାନୁକ୍ରମେ ନିୟୋଜିତ ଥିବା ନୀଚବର୍ଣ୍ଣର ଗୋଟିଏ ଝିଅ ମମତା ନାଏକ ଉଚ୍ଚଶିକ୍ଷା ଅର୍ଜନର ସ୍ୱପ୍ନ ଦେଖିଲା ଓ ସାଇକଲ ଚଢ଼ି କଲେଜକୁ ଗଲା । ନଁପୁଟ ଗ୍ରାମର ଖଣ୍ଡାୟତମାନଙ୍କ ପକ୍ଷେ ଏହା ଥିଲା ଅସହ୍ୟ । ଗୋଟାଏ ହରିଜନ ଝିଅ କଲେଜରେ ପଢ଼ିବ, ତା' ପୁଣି ତାଙ୍କରି ଗାଁ ରାସ୍ତାରେ ସାଇକଲରେ ଯାଇ? ଯେଉଁ ରାସ୍ତାରେ ହରିଜନମାନେ ମୁଣ୍ଡ ନୁଆଁଇ, ଅଣ୍ଟା ଭାଙ୍ଗି ଯୋଡ଼ହସ୍ତହୋଇ ଯିବାକୁ ବାଧ୍ୟ, ସେହି ରାସ୍ତାରେ ସାଇକଲ ଚଢ଼ି ଯିବ ଅଛୁତ ଝିଅ ମମତା ନାଏକ? ଯେଉଁମାନଙ୍କ ପକ୍ଷେ ମମତା ଅସହ୍ୟ ହୋଇଉଠିଥିଲା ସେମାନେ ବ୍ରାହ୍ମଣ ନୁହନ୍ତି । ସେମାନେ ଖଣ୍ଡାୟତ । କିନ୍ତୁ ସେମାନେ ସାମାଜିକ ଐକ୍ୟର ବିରୋଧୀ । ତେଣୁ ସେମାନେ ବ୍ରାହ୍ମଣ ନ ହୋଇ ମଧ୍ୟ ବ୍ରାହ୍ମଣ୍ୟବାଦୀ ।

ଇତର ଜାତିର କେହି ଜ୍ଞାନାର୍ଜନ କରିବା ବ୍ରାହ୍ମଣ୍ୟବାଦୀଙ୍କ ପକ୍ଷେ ଅସହ୍ୟ । ପୁରାଣରେ ଏହାର ଦୃଷ୍ଟାନ୍ତ ନାହିଁ କି? ନିଜ ଉଦ୍ୟମରେ ଅସ୍ତ୍ରଜ୍ଞାନ ଅର୍ଜନ କରିଥିବା ଏକଲବ୍ୟଠାରୁ ତାର ବୃଦ୍ଧାଙ୍ଗୁଳି ଦାନ ମାଗିବା ମୂଳରେ ନିହିତ ଥିଲା ଦ୍ରୋଣାଚାର୍ଯ୍ୟଙ୍କ ବ୍ରାହ୍ମଣ୍ୟବାଦୀ ମନୋବୃତ୍ତି; ବାହ୍ୟ କାରଣ ଯାହା ହୋଇଥାଉନା କାହିଁକି ।

ରାମାୟଣକୁ ଯିବା?

ଚଣ୍ଡାଳମୁନି ଶମ୍ବୁକଙ୍କ ଶିରଚ୍ଛେଦ କରିଥିବା ରାମଚନ୍ଦ୍ର ଜାତିରେ ବ୍ରାହ୍ମଣ ନଥିଲେ; ଥିଲେ କ୍ଷତ୍ରିୟ । ମାତ୍ର ସେ ଥିଲେ ବ୍ରାହ୍ମଣ୍ୟବାଦୀ । କାରଣ ନୀଚବର୍ଣ୍ଣର କୌଣସି ବ୍ୟକ୍ତି

orissamatters.com

ତପଶ୍ଚରଣ କରିପାରିବେ ନାହିଁ ବୋଲି କୁଳଗୁରୁ ବଶିଷ୍ଠଙ୍କ କଥାରେ ପଡି ସେ ଶମ୍ବୁକଙ୍କୁ ସ୍ୱହସ୍ତରେ ହତ୍ୟା କରିଥିଲେ । ଏ କ୍ଷେତ୍ରରେ ବ୍ରାହ୍ମଣ ବଶିଷ୍ଠ ଓ କ୍ଷତ୍ରିୟ ରାମଚନ୍ଦ୍ର ଉଭୟେ ଥିଲେ ବ୍ରାହ୍ମଣ୍ୟବାଦୀ ।

କିନ୍ତୁ ପରୋପକାରୀ ଶଂପାକ ଅତ୍ୟନ୍ତ ଦରିଦ୍ର ହୋଇ ମଧ୍ୟ ଥିଲେ ଏପରି ଜଣେ ବ୍ରାହ୍ମଣ ଯାହାଙ୍କ ପାଦ ପୂଜା କରି ସମ୍ରାଟ ଯୁଦ୍ଧିଷ୍ଠିର ନିଜକୁ ଧନ୍ୟ ମନେକରିଥିଲେ । ମହାଭାରତର ଶାନ୍ତିପର୍ବରେ ତ୍ୟାଗର ମହତ୍ତ୍ୱ ସଂପର୍କରେ ସେ ଶିକ୍ଷା ଦେଇଥିଲେ ଧର୍ମରାଜ ଯୁଧିଷ୍ଠିରଙ୍କୁ ।

## ବ୍ରାହ୍ମଣ ଲକ୍ଷଣ

ପରର ଉପକାର କରିବାକୁ ସର୍ବଦା ପ୍ରସ୍ତୁତ ଥିବା ଲୋକ ଯାହାଙ୍କ ମନରେ ସମଗ୍ର ବିଶ୍ୱପାଇଁ ଶ୍ରଦ୍ଧା ଥାଏ, ଯେହେତୁ ତାଙ୍କ ଦୃଷ୍ଟିରେ ପର ଦେହରେ ମଧ୍ୟ ବ୍ରହ୍ମ ଅଧିଷ୍ଠିତ, ସେ ହେଲେ ବ୍ରାହ୍ମଣ । ଓଡ଼ିଶାର ଅବିସ୍ମରଣୀୟ ଅଧ୍ୟାପକ ଜୟକୃଷ୍ଣ ମିଶ୍ର ଓ ସର୍ବଜନପୂଜିତ ଆଚାର୍ଯ୍ୟ ହରିହର ଏହାର ଏକ ଏକ ଉଦାହରଣ । ପ୍ରାଚୀନ ଭାରତର ଗୁରୁକୁଳ ଆଶ୍ରମ ପରି ତିଗିରିଆର ଗୋପୀନାଥପୁର ଶାସନରେ ମୋ ଜୀବନର ଦିଗ୍‌ଦର୍ଶକ ବୀରକିଶୋର ମିଶ୍ରଙ୍କ ଘରେ ରହି ତାଙ୍କଠାରୁ ଶିକ୍ଷାଲାଭରେ ବିତିଥିଲା ମୋର ବାଲ୍ୟକାଳ । ମୁଁ କେବଳ ନୁହେଁ, ବିଭିନ୍ନ ବର୍ଣ୍ଣର ପିଲା ଆମେ ଏକାଠି ରହି ପଢୁଥିଲୁଁ । ବୀରବାବୁଙ୍କ ବାପା ଏବଂ ବୋଉ ଆମ ସମସ୍ତଙ୍କୁ ଯେଉଁ ସ୍ନେହ ଓ ଆଦର ଦେଇ ନିଜ ପିଲା ପରି ପାଳୁଥିଲେ ତାହା ମନେ ପଡ଼ିଲେ ଏତେ ଦଶନ୍ଧି ପରେ ଆଖିରେ ଭରିଯାଏ କୃତଜ୍ଞ ଅଶ୍ରୁ । ବୀରବାବୁଙ୍କ ସ୍ତ୍ରୀ ଆମ ଭାଉଜ ଓ ଏକାଧାରରେ ମାଆ । ମାନବିକ ମହତ୍ତ୍ୱର ସାକାର ମୂର୍ତ୍ତି । ସେ ହେଲେ ବ୍ରାହ୍ମଣ । ସକଳ ଘଟେ ନାରାୟଣ - ଏହି ସିଦ୍ଧାନ୍ତର ଆଜନ୍ମ ସିଦ୍ଧ ସତ୍ତମ ମଣିଷ । ଏପରି ବ୍ରାହ୍ମଣକୁଳଜାତ ବହୁ ବ୍ୟକ୍ତିଙ୍କୁ ମୁଁ ଜାଣେ ଯେଉଁମାନେ ବ୍ରାହ୍ମଣ୍ୟବାଦର ବହୁ ଉର୍ଦ୍ଧ୍ୱରେ । ମୋ ଭୁବନେଶ୍ୱର ବସାଘରର ସଂଲଗ୍ନ ଘରେ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ମୋର ପଡୋଶୀ ହୋଇ ରହିଥିବା ଡଃ ବସନ୍ତ କୁମାର ଦାଶଙ୍କ ବୋଉ ମାଳମଣି ଦାଶ । ଯେଉଁଦିନ ଏବଂ ଯେତେବେଳେ ଭା.ଜ.ପା., ଆର୍‌.ଏସ୍‌.ଏସ୍‌., ହିନ୍ଦୁ ମହାସଭା ଓ ଶିବ ସେନା ମିଶି ମୁସଲ୍‌ମାନ୍‌ଙ୍କ ବାବ୍ରୀ ମସ୍‌ଜିଦ୍‌ ଭାଙ୍ଗି ଦେଲେ, ବସନ୍ତବାବୁଙ୍କ ଘରେ ବସି ମୁଁ ତାଙ୍କରି ଟି.ଭି.ରେ ସେ ସମ୍ବାଦ ଦେଖୁଥିଲି । ସମଗ୍ର ପରିବାର ସହ ବସନ୍ତବାବୁଙ୍କ ବୋଉ ସେଠି ବସିଥିଲେ । ସେ ଚିତ୍କାର କରିଉଠିଲେ - ତାଙ୍କ ମନ୍ଦିରକୁ ଏମାନେ କାହିଁକି ଭାଙ୍ଗିଲେ? ସେଠି ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ୍‌ ଭଙ୍ଗାଗଲା; ଅଥଚ ଏଠି ଭୁବନେଶ୍ୱରର ୬ ନମ୍ବର ୟୁନିଟ୍‌ର ଭି.ଆର୍‌.୩୧ ନମ୍ବର ଘରେ ଯେଉଁମାନେ ରହୁଥିଲେ, ସେମାନେ ବ୍ରାହ୍ମଣ ଏବଂ ଅତି ନୀତିନିଷ୍ଠ ବ୍ରାହ୍ମଣ ହୋଇଥିଲେ ମଧ୍ୟ, ମୁଁ ଦେଖିଲି, ସେମାନଙ୍କ ମନରେ ଭରିଗଲା ଦୁଃଖର ପ୍ଲାବନ । ଯେ ହେଉଛି ଏପରି ଗୁଣ ଓ ଲକ୍ଷଣର ଅଧିକାରୀ ସେ ହିଁ ବ୍ରାହ୍ମଣ ।

orissamatters.com

## ବର୍ଣ୍ଣବୈଶିଷ୍ଟ୍ୟବାଦୀ ହିଁ ବ୍ରାହ୍ମଣ୍ୟବାଦୀ

ମାତ୍ର ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରି ନିଜର ଅର୍ଥଲିପ୍ସା, କାମଲିପ୍ସା, କ୍ଷମତାଲିପ୍ସା ବା ଯଶଲିପ୍ସା ଚରତାର୍ଥ କରିବାକୁ ଯିଏ ବେଦପୁରାଣର ଦୁରୁପଯୋଗ କରନ୍ତି ଏବଂ ନିଜକୁ ବ୍ରହ୍ମୋଦ୍ଭବ ବୋଲି କହି ବଂଶାନୁକ୍ରମିକ ବର୍ଣ୍ଣବୈଶିଷ୍ଟ୍ୟ ଦାବି କରି ସମାଜର ସଂଖ୍ୟାଗରିଷ୍ଠ ଶ୍ରମଜୀବୀଙ୍କୁ ନୀଚକୁଳର କଳଙ୍କ ତଳେ ପୁରୁଷ ପୁରୁଷ ଧରି ଚାପିରଖି ଅତ୍ୟାଚାର କରନ୍ତି ସିଏ ହେଲେ ବ୍ରାହ୍ମଣ୍ୟବାଦୀ । ଏହି ବ୍ରାହ୍ମଣ୍ୟବାଦୀମାନେ ଶ୍ରମଜୀବୀମାନଙ୍କୁ ଶୂଦ୍ର ବୋଲି କହି, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ – ଏହି ତିନି ବର୍ଣ୍ଣଙ୍କୁ ଦ୍ୱିଜବର୍ଗରେ ରଖି, ଶୂଦ୍ରମାନେ ଏହି ଦ୍ୱିଜବର୍ଗର ବଂଶାନୁକ୍ରମେ ସେବା କରିବାକୁ ବାଧ୍ୟ ବୋଲି ବ୍ୟବସ୍ଥା ଖଞ୍ଜିଛନ୍ତି । ଏହି ବ୍ୟବସ୍ଥା ବଳରେ ଯେଉଁମାନେ ଶ୍ରମଜୀବୀମାନଙ୍କୁ ଦାସ ଜ୍ଞାନ କରନ୍ତି ଏବଂ ସେମାନଙ୍କ ମାନବିକ ଅଧିକାର ଉପରେ ପଦାଘାତ କରନ୍ତି ସେମାନେ ବ୍ରାହ୍ମଣ ହୁଅନ୍ତୁ ବା ନ ହୁଅନ୍ତୁ, ବ୍ରାହ୍ମଣ୍ୟବାଦୀ ।

ସଂପ୍ରତି ପୁରୀ ଜିଲ୍ଲାରେ ଭଣ୍ଡାରି ଜାତିର ଲୋକେ ଖଣ୍ଡାୟତମାନଙ୍କ ଘରକୁ ଆସୁଥିବା ବନ୍ଧୁବାନ୍ଧବମାନଙ୍କ ଗୋଡ ଧୋଇବାକୁ ଏବଂ ସେମାନଙ୍କ ଉଚ୍ଛିଷ୍ଟ ଉଠାଇବାକୁ ମଙ୍ଗୁ ନ ଥିବା ହେତୁ ସେମାନଙ୍କ ଉପରେ ନାହିଁ ନ ଥିବା ଅତ୍ୟାଚାର ଚାଲିଛି । ଖଣ୍ଡାଏତଙ୍କ ମାଡ଼ରେ ଜଣେ ବୟସ୍କ ଭଣ୍ଡାରିର ମୃତ୍ୟୁ ହୋଇଛି ଓ ଏକାଧିକଙ୍କ ହାଡ଼ ଭାଙ୍ଗିଛି । ବ୍ରହ୍ମଗିରି ଥାନାରେ ୧୯ ସେପ୍ଟେମ୍ବର ୨୦୦୫ ତାରିଖର ୧୧୬ (୪) ସଂଖ୍ୟକ ଏତଲାରେ ଏଥିର ତଥ୍ୟ ରହିଛି । ଯେଉଁମାନେ ଏହି ଅତ୍ୟାଚାର କରିଛନ୍ତି ସେମାନେ ବ୍ରାହ୍ମଣ ନୁହନ୍ତି । ସେମାନେ ଖଣ୍ଡାଏତ । କିନ୍ତୁ ବର୍ଣ୍ଣବୈଷମ୍ୟବାଦୀ ଆଚରଣ ହେତୁ ଏତଲାରେ ଅଭିଯୁକ୍ତ ହୋଇଥିବା ସେହି ଖଣ୍ଡାଏତମାନେ ବ୍ରାହ୍ମଣ ନ ହୋଇ ମଧ୍ୟ ବ୍ରାହ୍ମଣ୍ୟବାଦୀ । କିନ୍ତୁ ଏହି ଏତଲାରେ ସବୁଠୁ ଉତ୍କଟ ଅପରାଧର ଉଲ୍ଲେଖ ରହି ନାହିଁ । ନାପିତୁଣୀମାନଙ୍କ ଉପରେ ହୋଇଥିବା ଯୌନ ଅତ୍ୟାଚାରର ଉଲ୍ଲେଖ ନାହିଁ ଏତଲାରେ । ଜଣେ ଅଶିକ୍ଷିତ ଓ ଆକ୍ରାନ୍ତ ନାପିତଠାରୁ ମୌଖିକ ଏତଲା ଗ୍ରହଣ କରି ତାହାକୁ ପୋଲିସ୍ ଦସ୍ତାବିଜ୍‌ରେ ଲିପିବଦ୍ଧ କଲାବେଳେ ସଂପୃକ୍ତ ପୋଲିସ୍ ଅଫିସର୍ ଏହି ଅପରାଧକୁ ଏତଲାର ଅନ୍ତର୍ଭୁକ୍ତ କରି ନାହାନ୍ତି । କାରଣ ସେ ନିଜେ ଜଣେ ବ୍ରାହ୍ମଣ ଓ ବର୍ଣ୍ଣଗତ କାରଣରୁ ନାପିତମାନଙ୍କ ମାନବିକ ଅଧିକାର ପ୍ରତି ବିତସ୍ପୃହ । ଅତଏବ, ବ୍ରହ୍ମଗିରି ଥାନାର ଏହି ପୋଲିସ ଅଫିସର ଏବଂ ପୁରୀ ଜିଲ୍ଲାର ଉପର ଚର୍ଚ୍ଚିତ ଖଣ୍ଡାଏତମାନଙ୍କ ଠାରେ ବ୍ରାହ୍ମଣ୍ୟବାଦର ସବୁ ଲକ୍ଷଣ ରହିଛି । କାରଣ ବ୍ରାହ୍ମଣ ହୁଅନ୍ତୁ ବା ନ ହୁଅନ୍ତୁ, ଯେଉଁମାନେ ବର୍ଣ୍ଣବୈଶିଷ୍ଟ୍ୟବାଦୀ ସେ ସମସ୍ତେ ବ୍ରାହ୍ମଣ୍ୟବାଦୀ ।

## ସେମାନେ ବି ପୁରୁଷପ୍ରାଧାନ୍ୟବାଦୀ

ବ୍ରାହ୍ମଣ୍ୟବାଦର ମୂଳ ଉତ୍ସ ହେଉଛି ପୁରୁଷପ୍ରାଧାନ୍ୟ । ବ୍ରହ୍ମହିଁ ସୃଷ୍ଟିକର୍ତ୍ତା ବୋଲି ଯିଏ ମାନେ ଓ ବ୍ରହ୍ମ ଯେହେତୁ ପୁରୁଷ, ସେହେତୁ ସୃଷ୍ଟି ମଧ୍ୟ ପୁରୁଷ ପ୍ରଧାନ ବୋଲି ଦାବି

orissamatters.com

କରେ ସେ ବ୍ରାହ୍ମଣ୍ୟବାଦୀ । ଭାରତର ଆର୍ଯ୍ୟ ଧର୍ମ ଏହି ଚେତନା ଉପରେ ଆଧାରିତ । ମାତ୍ର ଭାରତର ଆଦିମ ଅଧିବାସୀଙ୍କ ଧର୍ମ ବା ଆଦିମ ଧର୍ମ ଏହାର ବିପରୀତ । ଆଦିବାସୀ ମାଆକୁ ସୃଷ୍ଟିକର୍ତ୍ତ୍ରୀ ବୋଲି ଜାଣେ । ସେ ଜାଣିଛି ଯେ ଭୂଇଁ ଅଛି ବୋଲି ଫସଲ ଫଳୁଛି । ପୃଥିବୀ ଅଛି ବୋଲି ଜୀବ ଜଗତ ଅଛି । ତେଣୁ ସୃଷ୍ଟି ମୂଳରେ ସେ ଦେଖେ ମାଆକୁ, ଦେଖେ ପୃଥିବୀକୁ, ଦେଖେ ପ୍ରକୃତିକୁ । ମାଆ ତନୁରୁ ଜନ୍ମ ନେଉଥିବା ଭାଇ ଭଉଣୀଙ୍କ ଭିତରେ ସେ ଯେମିତି ଆପଣାରବୋଧ ଅନୁଭବ କରେ, ପୃଥିବୀକୁ ଆଶ୍ରା କରି ରହିଥିବା ମଣିଷମାନଙ୍କୁ ବି ସେପରି ଆପଣାର ମନେ କରେ । ସୁତରାଂ ଭାରତର ଆଦିମ ଧର୍ମ ହେଉଛି ସାମାଜିକ ଐକ୍ୟବାଦର ଧର୍ମ । **ପ୍ରକୃତିକୁ ସୃଷ୍ଟିର ଉତ୍ସ ବୋଲି ମାନି ମାତୃରାଧିକାରକୁ ସମ୍ମାନ ଦେଉଥିବା ସାମାଜିକ ଐକ୍ୟବାଦର ବିପରୀତ ହେଉଛି ବ୍ରାହ୍ମଣ୍ୟବାଦ । ସାମାଜିକ ଐକ୍ୟବାଦର ବିରୋଧୀ ହୋଇଥିବା ହେତୁ ବ୍ରାହ୍ମଣ୍ୟବାଦର ସାମାଜିକ ଆଧାର ହେଉଛି ବର୍ଣ୍ଣବୈଷମ୍ୟବାଦ । ବର୍ଣ୍ଣବୈଷମ୍ୟବାଦର ଅବଲମ୍ବନ ହେଉଛି ପୁରୁଷପ୍ରାଧାନ୍ୟ । ଯେଉଁମାନେ ବର୍ଣ୍ଣବୈଷମ୍ୟବାଦକୁ ସମର୍ଥନ କରନ୍ତି ସେମାନେ ପୁରୁଷପ୍ରାଧାନ୍ୟ ଅକ୍ଷୁର୍ଣ୍ଣ ରଖିବାକୁ ନାରୀର ମାନବିକ ମର୍ଯ୍ୟାଦା ଉପରେ ଇଚ୍ଛାକୃତଭାବେ ସଙ୍କଟ ସୃଷ୍ଟି କରନ୍ତି ।** ସାମାଜିକ ଦାସତ୍ୱରୁ ମୁକ୍ତି ପାଇବାପାଇଁ ପୁରୀ ଜିଲ୍ଲାର ଭୁବନପତି ଗାଁ ନିବାସୀ ଭଣ୍ଡାରିମାନେ ଉଦ୍ୟମ କରୁଥିବା ହେତୁ ସେଠାର ଖଣ୍ଡାଏତମାନେ ସେମାନଙ୍କ ଘର ଉପରେ ଆକ୍ରମଣ କରି, ସ୍ତ୍ରୀ ଲୋକମାନଙ୍କୁ କବ୍‌ଜାକୁ ନେଇ, ସେମାନଙ୍କ ମଧ୍ୟରୁ କେତେକଙ୍କ ଉପରେ ପାଶବିକ ଅତ୍ୟାଚାର କରିବା ଏବଂ ଉଲଗ୍ନ କରି ରାସ୍ତାରେ ବୁଲାଇବା (Dalit women paraded naked in Puri village:Times of India, dated 23 September 2005) ମୂଳରେ ଥିବା ମନୋବୃତ୍ତି ପାଣ୍ଡବମାନଙ୍କୁ ଦାସ ବୋଲି ସାବ୍ୟସ୍ତ କରିବାକୁ କୌରବମାନଙ୍କ ଦ୍ୱାରା ଦ୍ରୌପଦୀଙ୍କୁ ବିବସ୍ତ୍ର କରିବା ମନୋବୃତ୍ତିଠାରୁ କ'ଣ କୌଣସି ଗୁଣରେ କମ୍?

## ପରିବର୍ତ୍ତନକାମୀ ଶ୍ରୀ ଜୟଦେବ

ପୁରୁଷପ୍ରାଧାନ୍ୟକୁ ଦୃଢ଼ୀଭୂତ କରି ରଖିବା ପାଇଁ ନାରୀକୁ କାମଭୋଗ୍ୟା କରି ରଖିବା ହେଉଛି ବ୍ରାହ୍ମଣ୍ୟବାଦର ଏକ ମୁଖ୍ୟ କୌଶଳ । ଏହି କୌଶଳ ବିଭିନ୍ନ ବ୍ରାହ୍ମଣ ଶାସ୍ତ୍ରରେ ଶାସ୍ତ୍ରାୟିତ ହୋଇଥିଲା । ଶ୍ରୀ ଜୟଦେବ ଏହାର ବିଲୋପନପାଇଁ ସୃଷ୍ଟି କରିଥିଲେ ମାତୃରାଧିକାରର ଭିନ୍ନ ଏକ ଶାସ୍ତ୍ର ସର୍ବ ଜନ ବୋଧଗମ୍ୟ ସରଳ ସଂସ୍କୃତରେ । କହିହେବ, **ସଂସ୍କୃତାୟିତ ଓଡ଼ିଆରେ** । ଚିନ୍ତାରୁ ଚରିତାର୍ଥୀକରଣ ପର୍ଯ୍ୟନ୍ତ ଅଛିନ୍ନ ସଂହତି ଥିବା ୨୨ ଗୋଟି ପ୍ରବନ୍ଧରେ । **ନାରୀକୁ କାମଭୋଗ୍ୟା ସ୍ଥିତିରୁ କାମୋପାସ୍ୟା ସ୍ଥିତିକୁ ଉନ୍ନୀତ କରାଇବା ଏବଂ ପୁରୁଷର ବଣ୍ୟ ବଳ ତୁଳନାରେ ତାର ମାନବିକ ଅଧିକାରର ମର୍ଯ୍ୟାଦା ଯେ ମହତ୍ତର ତାହା ଦର୍ଶାଇବା ଥିଲା ତାଙ୍କ କାବ୍ୟିକ ଉଦ୍‌ଘୋଷଣ ।** ଏହା ହିଁ ତାଙ୍କର ମୌଳିକତା ।

କାମଲିପ୍ସୁ ପୁରୁଷର ଯଥେଚ୍ଛାଚାର ସମ୍ଭାଳିବାକୁ ବେଦବାଦ ନାରୀକୁ ବାଧ୍ୟ କରୁଥିଲା ।

orissamatters.com

ସାମାଜିକ ଅତ୍ୟାଚାରର ବିଲୋପନପାଇଁ ବୌଦ୍ଧଧର୍ମ ଆହ୍ୱାନ ଦେଇଥିଲା । ଫଳରେ **ପୁରୁଷର ଶକ୍ତିଶାଳୀ ଅତ୍ୟାଚାର କବଳରୁ ନାରୀକୁ ମୁକ୍ତ କରି ଯୌନଚର୍ଯ୍ୟାରେ ତାର ମର୍ଯ୍ୟାଦା ବୃଦ୍ଧିପାଇଁ ଯେଉଁ ସାମାଜିକ ବିପ୍ଲବ ଆରମ୍ଭ ହୋଇଥିଲା-ତାହା ବୌଦ୍ଧାଦର୍ଶକୁ ଆଧାର କରି କାମବଜ୍ରଯାନର ସୂତ୍ରପାତ କରି ଥିଲା । ଶ୍ରୀ ଜୟ ଦେବ ଥିଲେ ଏହି କାମବଜ୍ରଯାନୀ ବୌଦ୍ଧତତ୍ତ୍ୱର ଅନୁଗାମୀ । ମାତ୍ର କାମାଚରଣରେ ନାରୀର ମହତ୍ତ୍ୱ ପ୍ରତିଷ୍ଠାପାଇଁ ସର୍ବଜନବୋଧଗମ୍ୟ କୌଣସି ସାହିତ୍ୟ ଉପଲବ୍ଧ ନ ଥିଲା । ଏହି ଅଭାବ ଦୂର କରିବାକୁ ସେ ଲେଖନୀ ଚାଳନା କରିଥଲେ ।**

ତାଙ୍କ ପ୍ରବନ୍ଧଗୁଡ଼ିକର ପରିକଳ୍ପନା ଓ ସଂଯୋଜନା ପ୍ରତି ଦୃଷ୍ଟିଦେଲେ ଦେଖାଯାଏ ଯେ ସେ ଯୌନ ସଂସର୍ଗ କ୍ଷେତ୍ରରେ ନାରୀକୁ ପୁରୁଷର ସମକକ୍ଷ ଓ ଏପରିକି ପୁରୁଷଠାରୁ ମହତ୍ତର ଭୂମିକାରେ ସଂସ୍ଥାପିତ କରିଛନ୍ତି । **ତାଙ୍କ ନାରୀ କୌଣସି ପୁରୁଷର ପାଶବିକ ଲିପ୍ସାର ଉପାୟହୀନା ଶିକାର ନୁହେଁ; ସେ ବାଞ୍ଛନୀୟା, ସେ ବନ୍ଦନୀୟା, ସେ ପ୍ରିୟପୂଜ୍ୟା ।**

ଏହା ଅନୁଭବ କରିବାପାଇଁ ବ୍ରାହ୍ମଣ୍ୟବାଦ କବଳରେ କିପରି ନାରୀର ମର୍ଯ୍ୟାଦା ସଂହାର ଚାଲିଥିଲା ତାହା ପ୍ରଥମେ ଦେଖାଯିବା ଦରକାର । ଅନୁଧ୍ୟାନପାଇଁ ବୃହଦାରଣ୍ୟକ ଉପନିଷଦର ଷଷ୍ଠ ଅଧ୍ୟାୟର ଚତୁର୍ଥ ବ୍ରାହ୍ମଣ ଅନ୍ତର୍ଗତ ସପ୍ତମ ମନ୍ତ୍ରଟି ପ୍ରତି ଦୃକ୍‌ପାତ କରାଯାଇପାରେ । ମନ୍ତ୍ରଟି ହେଲା:

ସା ଚେଦସ୍ମୈ ନ ଦଦ୍ୟାତ
କାମମେନାମବକ୍ରୀଣୀୟାତ
ସା ଚେଦସ୍ମୈ ନୈବ ଦଦ୍ୟାତ
କାମମେନାଂ ଯଷ୍ଟ୍ୟା ବା ପାଣିନା
ବୋପହତ୍ୟାଭିକ୍ରାମେଦିନ୍ଦ୍ରିୟେଣ
ତେ ଯସସା ଯଶ ଆଦଦ
ଇତ୍ୟାଯଶା ଏବ ଭବତି ।।

ଏହାର ସରଳାର୍ଥ ହେଲା: ସେହି ନାରୀ ଯଦି ଏହି କାମଲିପ୍ସୁ ପୁରୁଷକୁ ଦେହଦାନ ନ କରେ, ତାହେଲେ ତାକୁ ଅଳଙ୍କାରାଦି ଲାଞ୍ଚ ଦେଇ ମନେଇବାକୁ ହେବ ।ଏହା ସତ୍ତ୍ୱେ ଯଦି ସେହି ନାରୀ ଏହି ପୁରୁଷକୁ ଅଙ୍ଗ ଦାନ କରିବାକୁ ମନା କରେ, ତେବେ ଏହି ପୁରୁଷ ସେହି ନାରୀକୁ ଯଷ୍ଟି ପ୍ରହାର କରି ବା ନିଜ ହାତରେ ଯଥେଚ୍ଛା ଆଘାତକରି ତାକୁ କାବୁ କରିବ ଓ ଧର୍ଷଣ କରିବ । ଏବଂ ଏପରି ଧର୍ଷଣ କଲାବେଳେ କହିବ, *ମୁଁ ମୋ ଜନନେନ୍ଦ୍ରିୟର ବିକ୍ରମ ଦ୍ୱାରା ତୋର ମର୍ଯ୍ୟାଦା ହରଣ କରୁଛି* । ଏପରି ପରାମର୍ଶ ଦେଇ ମନ୍ତ୍ରଟି ଘୋଷଣା କରିଛି: ଏତଦ୍ୱାରା ସଙ୍ଗମ ପ୍ରତ୍ୟାଖ୍ୟାନ କରିଥିବା ସେହି ନାରୀର ନିଶ୍ଚୟ ଅପଯଶ ଘଟିବ ।

ବ୍ରାହ୍ମଣ୍ୟବାଦର ମହାରଥୀ ଶଙ୍କରାଚାର୍ଯ୍ୟ ଏହି ମନ୍ତ୍ରର ଭାଷ୍ୟ ରଚନା କରି, ଉପରୋକ୍ତ ଅର୍ଥକୁ ଅଧିକ ପରିପୁଷ୍ଟ କରିଛନ୍ତି ଓ ଆଉ ପାଦେ ଆଗେଇଯାଇ କହିଛନ୍ତି କି ,

orissamatters.com

ସଙ୍ଗମ ପାଇଁ  ଅମଙ୍ଗ ନାରୀକୁ ବଳପ୍ରୟୋଗକରି ଧର୍ଷଣ କରୁଥିବା ବେଳେ କାମମତ୍ତ ପୁରୁଷ ସେହି ନାରୀର ଭଗ ବା ଜନନେନ୍ଦ୍ରିୟକୁ ମଧ୍ୟ କ୍ଷତ ବିକ୍ଷତ କରିପକାଇବା ଦରକାର । କାରଣ ତଦ୍ୱାରା ହିଁ ସେହି ନାରୀ ଦୁର୍ଭଗା ଓ ଯଶହୀନା ହୋଇ ଦଣ୍ଡ ଭୋଗିବ । (ଦୁର୍ଭଗେତି ଖ୍ୟାତା ଅଯଶା ଏବ ଭବତି)

ବୈଦିକ ଧର୍ମ ଆଳରେ ନାରୀକୁ ପୁରୁଷର ବନ୍ୟ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ରହିବାକୁ ଉପରୋକ୍ତ  ମନ୍ତ୍ରରେ ଯେପରି ବାଧ୍ୟ କରାଯାଇଛି, ମଣିଷ ସମାଜର ନୀଚତର ସ୍ତରରେ ତାକୁ ପରିଗଣନା କରିବାକୁ ମଧ୍ୟ ସେପରି ଷଡଯନ୍ତ୍ର ହୋଇଛି ।

**ବୈଦିକ ବ୍ୟବସ୍ଥାର ଏହି ଘୃଣ୍ୟ ଓ ନିଷ୍ଠୁର ପୁରୁଷପ୍ରାଧାନ୍ୟକୁ ପ୍ରତିହତ କରିବାପାଇଁ ଶ୍ରୀ ଜୟ ଦେବ ଉଦ୍ୟମ କରିଥିଲେ ପ୍ରେମାପ୍ଲୁତ ପଦାବଳୀଗୁଡିକ ମାଧ୍ୟମରେ । ତାଙ୍କ ନାୟିକା *ରାଧା* ନାୟକ ହରିଙ୍କର ନିଷ୍ଠୁର କାମାଚାରର ଅସହାୟା ଶିକାର ନ ଥିଲେ, ଥିଲେ ଲଳିତ କୋମଳ କାମ ସାଧନାର ସିଦ୍ଧିଦାତ୍ରୀ ଦେବୀ ।** ଏଠି ରତି ବିମୁଖା ରାଧାଙ୍କୁ ଅଳଙ୍କାରାଦି ଲାଞ୍ଚ ଦେଇ ରାଜି କରାଇବାକୁ ବା ଯଷ୍ଟି ପ୍ରହାର ଦ୍ୱାରା ଭୟଭୀତ କରାଇ ଧର୍ଷଣ କରିବାକୁ ରତିକାମୀ ହରି ଉଦ୍ୟମ କରି ନାହାନ୍ତି । ବରଂ ନିଜ ମସ୍ତକରେ ତାଙ୍କର ସ୍ନିଗ୍ଧ ପ୍ରେମାପ୍ଲୁତ *ପଦ ପଲ୍ଲବକୁ* ଧାରଣ କରି ତାଙ୍କର ମନ ଜୟ କରିବାକୁ ଚେଷ୍ଟା କରିଛନ୍ତି ।

ବ୍ରାହ୍ମଣ୍ୟବାଦୀ କାମାଚାରଠାରୁ ସଂପୂର୍ଣ୍ଣ ଭିନ୍ନ ଏକ କାମ ଚେତନା ସୃଷ୍ଟିପାଇଁ ଜୟ ଦେବ କିପରି ସଚେତନ ଉଦ୍ୟମ କରିଛନ୍ତି ତାହା ଦେଖିବାକୁ ଉପରୋକ୍ତ ବ୍ରାହ୍ମଣର ଆଉ ଗୋଟିଏ ମନ୍ତ୍ର ସହ ଜୟ ଦେବଙ୍କ ରଚନାର ତୁଳନା କରାଯାଉ ।

ମନ୍ତ୍ରଟି ହେଲା:

ସହ ପ୍ରଜାପତିରୀକ୍ଷାଂଚକ୍ରେ ହନ୍ତାସ୍ମୈ ପ୍ରତିଷ୍ଠା କଳ୍ପୟାନୀତି
ସ ସ୍ତ୍ରୀୟଂ ସସୃଜେ, ତାଂ ସୃଷ୍ଟ୍ୱାଧ ଉପାସ୍ତ
ତସ୍ମାତ ସ୍ତ୍ରିୟମଧ ଉପାସୀତ
ସ ଏତଂ ପ୍ରାଞ୍ଚ ଗ୍ରାବାଣମାତ୍ମନ ଏବ
ସମୁଦପାରୟତ୍ତେନୈନାମଭ୍ୟସୃଜତ ।୪୦୯ ।୨

ଅର୍ଥାତ୍, ପ୍ରଜାପତି ପୁରୁଷର ବୀର୍ଯ୍ୟ ସୃଷ୍ଟି କଲା ପରେ ତାର ଆଧାନପାତ୍ର ଭାବେ ନାରୀକୁ ସୃଷ୍ଟି କଲେ ଓ ସେହି ନାରୀକୁ ତଳେ ରଖି ମୈଥୁନକ୍ରିୟା ଦ୍ୱାରା ତାର କଳେବରରେ ନିଷେକ କରିଥିଲେ । ସୁତରାଂ ମୈଥୁନ କାଳରେ ସ୍ତ୍ରୀ ଅଧସ୍ତନ ଅବସ୍ଥାରେ  ରହିବ । ଏହା ହିଁ *ବୈଦିକ   କାମାଚାର* ।

ଶ୍ରୀ ଜୟ ଦେବ ଯେହେତୁ  ପୁରୁଷପ୍ରାଧାନ୍ୟର *ପ୍ରତିକାର* ଚିନ୍ତା କରୁଥିଲେ ସେହେତୁ ସେ ଯୌନଚର୍ଯ୍ୟାରେ ସ୍ତ୍ରୀପ୍ରାଧାନ୍ୟକୁ ଗୁରୁତ୍ୱ ଦେଇ *ବିପରୀତ* କଥା ଲେଖିଲେ । ଯଥା-

ଉରସି ମୁରାରେ ରୁପହିତହାରେ

orissamatters.com

ଘନ ଇବ ତରଳ ବଳାକେ
ତଡିଦିବ ପୀତେ ରତି ବିପରୀତେ
ରାଜସି ସୁକୃତ ବିପାକେ ।।

ମିଳନ-କୁଂଜକୁ ଯିବାପାଇଁ ରାଧାଙ୍କୁ ପ୍ରବର୍ତ୍ତାଇ କୁଟିନୀ ଏଠି କହିଛି: ହରିଙ୍କ ହାର ସୁଶୋଭିତ ଶ୍ୟାମଳବର୍ଣ୍ଣ ବକ୍ଷ ଉପରେ ଆରୋହଣ କରି, ହେ ଗୌରବର୍ଣ୍ଣା ରାଧା, ତମେ ଏପରି ବିପରୀତ ରତି ଆଚରଣ କର ଯେପରି ତାର ଶୋଭା ବକ ପଙ୍‌କ୍ତି ପରିଶୋଭିତ ମେଘରେ ବିଦ୍ୟୁତ୍‌ର ପ୍ରଭାପୁଞ୍ଜପରି ଚମତ୍କାର ମନେହେବ ।(ଏହି ପୁସ୍ତକର ଖସଡା ଅନୁଯାୟୀ ସନ୍ନିହିତ ନବମ ପାହଚର ପଞ୍ଚମ ପଦ)

**କାମ ସାଧନାର ଏହିପରି ଅଜସ୍ର ମୁଦ୍ରାରେ ମହନୀୟ ହୋଇଉଠିଛି ଜୟ ଦେବ କୃତି ଯାହା ପଦେ ପଦେ ରଚିଛି ବୈଦିକ ପୁରୁଷପ୍ରାଧାନ୍ୟର ନିଷ୍ଠୁର ଓ ବନ୍ୟ କାମାଚାରର ଶକ୍ତ ପ୍ରତିବାଦ, ସହଜ ପ୍ରତିକାର ।**

## ସେହେତୁ ବ୍ୟାସାବତାର

ବ୍ୟାସଙ୍କ ମହାଭାରତରେ ଏହା ହିଁ ହୋଇଥିଲା । ଦ୍ରୌପଦୀ ସମେତ ବ୍ୟାସଙ୍କ ସମସ୍ତ ନାୟିକା ପତି ବଲ୍ଲଭା । ପତି ପ୍ରାଣପ୍ରିୟା । ପୁରୁଷର ବରେଣ୍ୟା । ସ୍ନେହାସ୍ପଦା ଅଥଚ ସମ୍ମାନନୀୟା । *ମହାଭାରତରେ ଯେଉଁମାନେ ନାରୀ ନିର୍ଯ୍ୟାତନାକାରୀ ସେମାନଙ୍କୁ ଓ ନାରୀ ନର୍ଯାତନାକାରୀ ନ ହୋଇଥିଲେ ମଧ୍ୟ ଯେଉଁମାନେ ନାରୀର ସମ୍ମାନରକ୍ଷାପାଇଁ ପରାଙ୍‌ମୁଖ ସେ ସମସ୍ତଙ୍କୁ ବ୍ୟାସ ଅତି କଠିନ ଶାସ୍ତି ଦେଇଛନ୍ତି । ଏବଂ ସୃଷ୍ଟିକରିଛନ୍ତି ମାତୃରାଧିକାରର ଏପରି ଅଲଂଘ୍ୟ ଆଦର୍ଶ ଯେ ପାଣ୍ଡବ ପାଞ୍ଚଭାଇ ତାର ନିଦର୍ଶନ ହୋଇ ସର୍ବଜନାଦୃତ ହୋଇଥିବା ବେଳେ , ଭୀଷ୍ମ, ଦ୍ରୋଣ ଓ କର୍ଣ୍ଣଙ୍କ ପରି ବହୁ ସଦ୍‌ଗୁଣର ଅଧିକାରୀଙ୍କୁ ପୁରୁଷପ୍ରାଧାନ୍ୟର ଅନୁବର୍ତ୍ତୀ ହୋଇଥିବା ଦୋଷରେ ପରାଜୟ ଓ ସଂହାର ବରଣ କରିବାକୁ ପଡିଛି ।* ଶ୍ରୀକୃଷ୍ଣଙ୍କୁ ଶାଶ୍ୱତଧର୍ମଗୋପ୍ତା ବୋଲି କୁହାହୋଇଛି ଏଇଥିପାଇଁ ଯେ ସେ ଥିଲେ ମାତୃରାଧିକାରର ସର୍ବଶ୍ରେଷ୍ଠ ଅଧିବକ୍ତା । *ନାରୀକୁ ଭଲ ପାଇବା ଏବଂ ତାର ମର୍ଯ୍ୟାଦାକୁ ଭଲ ପାଇବା* ଥିଲା ତାଙ୍କ ଅନନ୍ୟ ବୈଶିଷ୍ଟ୍ୟ । ଏପରି ଅନନ୍ୟ ଚରିତ୍ରର ସୃଜକ ଓ ପ୍ରଖ୍ୟାପକ ବ୍ୟାସଦେବଙ୍କ ଅବତାର ଭାବେ ଜୟ ଦେବଙ୍କୁ ଉପସ୍ଥାପିତ କରିବା ଦ୍ୱାରା ସନ୍ଥକବି ମହୀପତି ଆମ ସାଂସ୍କୃତିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଆଲୋକିତ କରିଛନ୍ତି ବୋଲି ଯଥାର୍ଥତଃ କୁହାଯାଇପାରେ ।

## ଭକ୍ତବିଜୟର ବିଶେଷ ସୂଚନା

ଏହା ସୁନିଶ୍ଚିତ ଯେ. ତାଙ୍କ ଭକ୍ତ ବିଜୟ ଗ୍ରନ୍ଥରେ ଭକ୍ତିରସ ପ୍ରସ୍ରବଣକାରୀ ବହୁ ଆଧିଦୈବିକ ଗାଥା ଓ କିମ୍ବଦନ୍ତୀକୁ ପ୍ରଶ୍ରୟ ଦେଇଥିଲେ ମଧ୍ୟ, ମହୀପତି ଶ୍ରୀ ଜୟ ଦେବଙ୍କ ସଂପର୍କରେ ଲେଖିବା ପୂର୍ବରୁ ଅତି ଗଭୀର ଭାବେ ତାଙ୍କ ଚରିତ୍ର ଓ ଆଦର୍ଶ ଅନୁଧ୍ୟାନ କରିଥିଲେ । ସେ ତାଙ୍କ ସଂପର୍କରେ କେବଳ କିମ୍ବଦନ୍ତୀ ଭିତରେ ବୁଡି ନ ରହି ବାସ୍ତବ ତଥ୍ୟ

orissamatters.com

ସଂଗ୍ରହ କରିବାକୁ ପରିଶ୍ରମ କରିଥିଲେ ଏବଂ ସେଗୁଡିକୁ ଯଥାରୋନାସ୍ତି ସନ୍ନିହିତ କରିଥିଲେ ନିଜ ଗ୍ରନ୍ଥରେ । ଦେଖାଯାଏ, ସେ ତାଙ୍କୁ ଜଗନ୍ନାଥକ୍ଷେତ୍ର ସମୀପବର୍ତ୍ତୀ ତିନ୍ଦୁବିଲ୍ୱ (କିନ୍ଦୁବିଲ୍ୱ) ଗ୍ରାମରେ ଜନ୍ମ ହୋଇଥିବା ସ୍ୱଷ୍ଟତଃ ଲେଖିଛନ୍ତି । କିନ୍ତୁ ଲକ୍ଷ୍ମଣ ସେନଙ୍କ ରାଜସଭା ସହ ତାଙ୍କର କୌଣସି ସଂପର୍କ ଥିବାର କୌଣସି ସୂଚନା ବି ଦେଇ ନାହାନ୍ତି । ଶ୍ରୀ ଜୟ ଦେବ ଯେହେତୁ ଲକ୍ଷ୍ମଣ ସେନଙ୍କ ରାଜସଭାସହ ଆଦୌ ସଂପର୍କୀଭୂତ ନ ଥିଲେ, ସେହେତୁ ତାଙ୍କ ପ୍ରିୟ କବିଙ୍କ ଜୀବନୀ ପରିବେଷଣ କଲାବେଳେ ଏପରି ମିଥ୍ୟାକଥା ଲେଖିବା ମହୀପତିଙ୍କ ପକ୍ଷେ ସମ୍ଭବ ହୋଇ ନାହିଁ । ଭିନ୍ନଭାବେ କହିଲେ, ବ୍ୟାସଦେବଙ୍କ ଅବତାର ଭାବେ ଜୟ ଦେବଙ୍କୁ ଉପସ୍ଥାପିତ କରିଥିବା ଭକ୍ତ ବିଜୟ ଗ୍ରନ୍ଥରେ ଯାହା ଅଛି ତହିଁରୁ ସାବ୍ୟସ୍ତ ହୋଇଯାଇଛି ଯେ, ଗୀତଗୋବିନ୍ଦକାର ଭାବେ ବିଦିତ ଶ୍ରୀ ଜୟ ଦେବ ଲକ୍ଷ୍ମଣ ସେନଙ୍କ ରାଜସଭାର ସଦସ୍ୟ ନ ଥିଲେ କି କୌଣସି ଭାବେ ଲକ୍ଷ୍ମଣ ସେନଙ୍କ ସହ ସଂପୃକ୍ତ ବି ନ ଥିଲେ ।

ପୁନରୁକ୍ତି ହେଉଥିଲେ ମଧ୍ୟ ପ୍ରାସଙ୍ଗିକତା ଦୃଷ୍ଟିରୁ ବାଚସ୍ପତି ଗୈରୋଲାକୃତ ସଂସ୍କୃତ ସାହିତ୍ୟକା ଇତିହାସରେ ଯେଉଁ ସ୍ୱଷ୍ଟ ନିର୍ଣ୍ଣୟ ଲିପିବଦ୍ଧ ହୋଇଛି ତହିଁର ଅବତାରଣା କରାଯାଇପାରେ । ୧୯୬୦ରେ ପ୍ରକାଶିତ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ହେଲା : ଲକ୍ଷ୍ମଣ ସେନଙ୍କ ସଭାକବିଭାବେ ବିବେଚ୍ୟ ଜୟଦେବ ଭୋଜଦେବ ଓ ବାମାଦେବୀଙ୍କ ପୁତ୍ର ଗୀତଗୋବିନ୍ଦର କବି ଜୟଦେବଙ୍କଠାରୁ ଭିନ୍ନ ଥିଲେ ।(भोजदेब-बामादेबीके पुत्र *गीत-गोबिन्द* के रचयिता से ये भिन्न थे । संस्कृत साहित्यका इतिहास पृष्ठा-९६२)

## ସୁନୀତିଙ୍କ ଡ଼ିଣ୍ଡିମ ସତ୍ୟର ବିପରୀତ

ଅତଏବ, ଗୀତଗୋବିନ୍ଦରେ ସ୍ଥାନୀତ ଗୀତଗୁଡିକର ନିର୍ମାତା ଜୟ ଦେବ ଲକ୍ଷ୍ମଣ ସେନଙ୍କ ପାରିଷଦ ବୋଲି ସୁନୀତି ଚାଟାର୍ଜୀ ଯେଉଁ ଡିଣ୍ଡିମ ପିଟିଛନ୍ତି ତାହା ସହ ସତ୍ୟର କୌଣସି ସଂପର୍କ ନାହିଁ । ସେ ଲକ୍ଷ୍ମଣ ସେନଙ୍କ ସହ ଜୟ ଦେବଙ୍କର ସଂପର୍କ ନ ଥିବା ସଂପର୍କରେ ପୂର୍ବୋଦ୍ଧୃତ କୌଣସି ନିର୍ଣ୍ଣୟର ଖଣ୍ଡନ କରିନାହାନ୍ତି କି ଏପରି କୌଣସି ସଂପର୍କର କୌଣସି ଉଲ୍ଲେଖ ନ ଥିବାର ଯଦି କୌଣସି ଭିନ୍ନ କାରଣ ଥାଏ ତାହା, ପ୍ରମାଣ ତ ଦୂରର କଥା, ଉପସ୍ଥାପିତ ବି କରି ନାହାନ୍ତି । ପରନ୍ତୁ ଇଚ୍ଛାକରି, ମନ୍ଦ ଓ ଅସାଧୁ ଉଦ୍ଦେଶ୍ୟ ରଖି, ଅତି ନୀଚସ୍ତରୀୟ ପ୍ରାଦେଶିକ ମତାନ୍ଧତାର ଆତିଶଯ୍ୟରେ ପ୍ରଭାବିତ ହୋଇ ସେ ଜୟ ଦେବ ଲକ୍ଷ୍ମଣ ସେନଙ୍କ ସଭାସଦ୍ ଥିବାପରି ମିଥ୍ୟା ଓ ବିଭ୍ରାନ୍ତିକର କଥା କହିଛନ୍ତି । ଯଦି ଜୟ ଦେବଙ୍କୁ ସେ ଆଦର୍ଶତଃ ଜାଣିଥାନ୍ତେ ତେବେ ଏଥିପାଇଁ ହୁଏତ ସାହସ କରି ନ ଥାନ୍ତେ ।

## ଆଦର୍ଶ ତ ଦୂର, ରାଗ ଓ ତାଳ ବି ବଙ୍ଗାଳୀଙ୍କୁ ଅଜଣା

ମନରେ ପ୍ରଶ୍ନ ଉଠୁଛି, ଚାଟାର୍ଜୀ କ'ଣ ଏସିଆଟିକ୍ ସୋସାଇଟିର ପ୍ରତିଷ୍ଠାତା ତଥା ଜୟ ଦେବଙ୍କ କୃତିର ଆଦ୍ୟ ଇଂରାଜୀ ଅନୁବାଦକ **ସାର୍ ଉଇଲିୟମ୍ ଜୋନ୍ସ**ଙ୍କ ଗୀତଗୋବିନ୍ଦ ମୁଖବନ୍ଧ ପଢିନାହାନ୍ତି? ପଢିଛନ୍ତି ଏବଂ ବହୁବାର ପଢିଛନ୍ତି । ଏବଂ ଏହାକୁ ଏକ ମୂଳାଧାର

orissamatters.com

ପୁସ୍ତକ ଭାବେ ବି ସ୍ୱୀକାର କରିଛନ୍ତି । ଏହାର କୌଣସି ପ୍ରତିବେଦନକୁ ସେ ଖଣ୍ଡନ କରି ନାହାନ୍ତି । ଅତଏବ ଏଥିରେ ପ୍ରଦତ୍ତ ତଥ୍ୟର ମାନ୍ୟତାକୁ ସେ ମାନିଛନ୍ତି । ଏହି ମୁଖବନ୍ଧରେ ଜୋନ୍ସ ଲେଖିଛନ୍ତି ଯେ ଶ୍ରୀ ଜୟ ଦେବ ନିଜର ଅଷ୍ଟପଦୀଗୁଡିକୁ ନିର୍ଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ରାଗ ଓ ତାଳ ଉପରେ ଆଧାରିତ କରିଥିବା ବେଳେ ବଙ୍ଗରାଜ୍ୟରେ ସେ ସବୁ ରାଗ ଓ ତାଳର ପ୍ରଚଳନ ନଥିଲା ଓ ବଙ୍ଗାଳୀମାନଙ୍କୁ ତାହା ଜଣା ବି ନ ଥିଲା । ସାର୍ ଜୋନ୍ସ୍ ବଙ୍ଗରାଜ୍ୟରେ ଏହି ରାଗ ଓ ତାଳଗୁଡିକର ଯତ୍ପରୋନାସ୍ତି ସନ୍ଧାନ କରିଥିଲେ ଏବଂ ଏହି ନିର୍ଣ୍ଣୟରେ ଉପନୀତ ହୋଇଥିଲେ । (On the musical modes of the Hindus,1784)

ଏପରି ଅବସ୍ଥାରେ ସଂପୂର୍ଣ୍ଣତଃ ରାଗ ଓ ତାଳ ଆଶ୍ରୟୀ କବି ଜୟ ଦେବଙ୍କୁ ବଙ୍ଗାଳୀ ବୋଲି ଚାଟାର୍ଜୀଏ କହିଲେ କେମିତି ? ଯେଉଁ ହୀନମନ୍ୟତା ହେତୁ କେତେକ ବଙ୍ଗାଳୀ ତାଙ୍କୁ ବଙ୍ଗଜ ବୋଲି ଦେଖେଇବାକୁ ପୂର୍ବେ ଅପୋଦ୍ୟମ କରିଥିଲେ ତାହାରି ମଧ୍ୟରେ ଚାଟର୍ଜୀ ଯଦି ନ ଥାନ୍ତି ତେବେ ଏପରି ଦାୟିତ୍ୱହୀନ ଆଚରଣ ସେ କାହିଁକି ପ୍ରଦର୍ଶନ କରିଛନ୍ତି?

ଜୟ ଦେବ ବ୍ୟବହାର କରିଥିବା ରାଗ ଓ ତାଳ ବଙ୍ଗାଳୀଙ୍କୁ ଜଣା ନ ଥିଲା ବା ବଙ୍ଗଳାରେ ପ୍ରଚଳନ ନଥିଲା ବୋଲି **ମିଲ୍ସ୍ ଯେଉଁ ଐତିହାସିକ ତଥ୍ୟ ରଖିଛନ୍ତି ତାହା ଖଣ୍ଡନ କରିବାକୁ ବି ଚାଟାର୍ଜୀ ସାହସ କରି ନାହାନ୍ତି, ଅଥଚ କେନ୍ଦ୍ର ସାହିତ୍ୟ ଏକାଡେମୀକୁ ବ୍ୟବହାର କରି ବିଶ୍ୱବାସୀଙ୍କୁ ବିଭ୍ରାନ୍ତ କରିବାକୁ ଜୟ ଦେବଙ୍କ ଉପରେ ବଙ୍ଗୀୟ ଦାବି ସପକ୍ଷରେ ରଖିଛନ୍ତି ବିତଣ୍ଡା ଯୁକ୍ତି ।**

## ପ୍ରକୃଷ୍ଟ ବଙ୍ଗୀୟ ଗବେଷକଙ୍କ ଦୃଷ୍ଟିରୁ ଚାଟାର୍ଜୀ ପ୍ରମାଦପୂର୍ଣ୍ଣ

ବଙ୍ଗାଳୀମାନଙ୍କ ଭିତରୁ ଯେଉଁମାନେ କୌଣସି ହୀନମନ୍ୟତା ବା ଅନ୍ଧ ପ୍ରାଦେଶିକତା ଦ୍ୱାରା ଆଛନ୍ନ ନୁହନ୍ତି ସେମାନେ ସତ କହିବାକୁ କେବେ ବି କୁଣ୍ଠିତ ହୋଇ ନାହାନ୍ତି । ଯଥା, ଉପରୋଦ୍ଧୃତ ପ୍ରଫେସର ସତ୍ୟକାମ ସେନଗୁପ୍ତା । ଶ୍ରୀ ଜୟ ଦେବ ବ୍ୟବହାର କରିଥିବା ଶବ୍ଦ ଭାଷାତାତ୍ତ୍ୱିକ ଦୃଷ୍ଟିରୁ ବଙ୍ଗଳା ଅପେକ୍ଷା ଓଡ଼ିଆର ଅଧିକ ନିକଟତର ବୋଲି ସେ ଘୋଷଣା କରିଛନ୍ତି । ଅଧିକ ଉଦାହରଣ ବି ଦେଖାଯାଉ । କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଥିବାବେଳେ ଡଃ. ଆଶୁତୋଷ ଭଟାଚାର୍ଯ୍ୟ ବଙ୍ଗଳା ସାପ୍ତାହିକ ଯୁଗବାଣୀରେ ସ୍ପଷ୍ଟ ଘୋଷଣା କରିଛନ୍ତି ଯେ, ଜୟ ଦେବ ଲକ୍ଷ୍ମଣ ସେନଙ୍କ ସଭାକବି ଥିବା ପ୍ରମାଣିତ ହୋଇନାହିଁ । তিনি লক্ষ্মণ সেণের সভাকবি ছিলেন, তা প্রমাণিত হয়না (যুগবাণী, জুন ৭, ১৯৬৭) ବଙ୍ଗଳାର ବିଦଗ୍ଧ ସମାଜରେ ଜୟ ଦେବ ଲକ୍ଷ୍ମଣ ସେନଙ୍କ ସଭାକବି ଥିଲେ ବୋଲି ଏପର୍ଯ୍ୟନ୍ତ ଯେଉଁ ସିଦ୍ଧାନ୍ତ ଗୃହୀତ ହୋଇଥିଲା ତାହା ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଛନ୍ତି । (জয়দেব লক্ষ্মণ সেনের সভাকবি ছিলেন বলে এ যাবৎ যে সিদ্ধান্ত বিদগ্ধ সমাজে গৃহীত হয়েছিল তা' গ্রহণযোগ্য নয় । এয়) ଏହି ବାକ୍ୟଟି ପ୍ରତି ଦୃଷ୍ଟି ଦେଲେ ସ୍ପଷ୍ଟ ହୁଏ ଯେ ପ୍ରଫେସର ଭଟ୍ଟାଚାର୍ଯ୍ୟ ୧୯୬୯ରେ ଏହା ଲେଖିବା ପର୍ଯ୍ୟନ୍ତ ଗୀତିକାର ଜୟ ଦେବଙ୍କୁ ଲକ୍ଷ୍ମଣ ସେନଙ୍କ

orissamatters.com

ସଭାକବି ଭାବେ ଦାବି କରି ଯେତେ *ସିଦ୍ଧାନ୍ତ* ସୃଷ୍ଟି କରା ଯାଇ ଥିଲା ସେ ସବୁଗୁଡିକୁ ଗଭୀର ଭାବେ ଅନୁଧ୍ୟାନ କରିଛନ୍ତି ଓ ସେଗୁଡିକର ସତ୍ୟାସତ୍ୟ ତର୍ଜମା କରି ସେଗୁଡିକ *ଗ୍ରହଣଯୋଗ୍ୟ ନୁହେଁ* ବୋଲି ଚୂଡାନ୍ତ ନିର୍ଣ୍ଣୟରେ ଉପନୀତ ହୋଇଛନ୍ତି ।

ପୂର୍ବରୁ ଦର୍ଶାଯାଇଛି ଯେ, ପ୍ରାଚୀନତ୍ୱ ପ୍ରଦର୍ଶନ ଅଭିସନ୍ଧି ରଖି ବନମାଳି ଦାସ ନାମକ ଜଣେ ଲେଖକଙ୍କ ରଚନା ବୋଲି ଦର୍ଶାଇ ଜୟଦେବ ଚରିତ ଶୀର୍ଷକ ଯେଉଁ ପୁସ୍ତକ ବଳରେ ଅଜୟ ନଦୀ କୂଳର କେନ୍ଦୁଳିରେ ଜୟ ଦେବ ଜନ୍ମ ହୋଇଥିବାର ଧେଣ୍ଡୁରା ପିଟା ଚାଲିଛି, ତାହାର କୌଣସି ପ୍ରାମାଣିକ ଭିତ୍ତି ନାହିଁ ବୋଲି ପୁସ୍ତକଟିର ପ୍ରଖ୍ୟାପକ ଶ୍ରୀ ହରେକୃଷ୍ଣ ମୁଖୋପାଧ୍ୟାୟ ମଧ୍ୟ ସ୍ୱୀକାର କରିଛନ୍ତି । (কোন আদর্শ পুঁথি হইতে এই গ্রন্থ নকল করাহয় তাহা জানাযায় নাই । এ গ্রন্থ অন্য কোথায় পাওয়া যায়নাই. বীরভূম্ বিবরণ পৃ.২০১) । *ଜୟଦେବ କେନ୍ଦୁଳି* ଭାବେ ପ୍ରଚାରିତ ଏକ ମେଳାର ନାମକରଣକୁ ଆଧାର କରି ଚାଲିଥିବା ବିଭ୍ରାନ୍ତି ଦ୍ୱାରା ଯେଉଁ ବଙ୍ଗାଳୀମାନେ ପ୍ରକୃତରେ ସତ୍ୟନିଷ୍ଠ ଗବେଷକ ସେମାନେ ଦିଗ୍‌ଭ୍ରଷ୍ଟ ହୋଇ ନାହାନ୍ତି । ସୁତରାଂ, ପ୍ରଫେସର ଭଟ୍ଟାଚାର୍ଯ୍ୟ ଯୁଗବାଣୀରେ ପୁନଶ୍ଚ ଲେଖିଛନ୍ତି, *ବୀରଭୂମିର କେନ୍ଦୁଲୀରେ ଅନୁଷ୍ଠିତ ବାତ୍ସରିକ ମେଳା ପ୍ରକୃତରେ ବାଉଲ ମେଳା ଓ ଜୟଦେବଙ୍କ ଜନ୍ମ ସହ ଏହାର କୌଣସି ସଂପର୍କ ନାହିଁ* । (বীরভূমের কেন্দুলিতে অনুষ্ঠিত বাৎসরিক মেলা আসলে বাউল মেলা এবং জয়দেবের জন্মের সঙ্গে এর কোন সংপর্ক নেই ।)

ବଙ୍ଗଳାର ପ୍ରଖ୍ୟାତ ଗବେଷକ ଡକ୍ଟର୍ ସୁକୁମାର ସେନଙ୍କ ପ୍ରତିବେଦନରେ ଏହା ଏହିପରି ଉପଲବ୍ଧ : *ଜୟଦେବ ମେଳା ଅନୁଷ୍ଠିତ ହେଉଥିବା ସ୍ଥାନକୁ କେନ୍ଦୁଳି କୁହାଯାଉଥିଲେ ବି ତାହା କୌଣସି ଗ୍ରାମର ମେଳା ନୁହେଁ । ଅଜୟ ତୀରସ୍ଥ ବାଲୁକା ତଟରେ ପୌଷ ସଂକ୍ରାନ୍ତିରେ ହେଉଥିବା ମେଳା-ସ୍ଥାନ ନିକଟରେ ଯେଉଁ ଗ୍ରାମ ଅଛି ତାହାର ନାମ କେନ୍ଦୁଳି ନୁହେଁ । ଏଠାରେ ଯେ କେନ୍ଦୁଳି ଗ୍ରାମ ଥିଲା ତାର କୌଣସି ପ୍ରମାଣ ନାହିଁ । କେବଳ ସ୍ନାନ ମେଳାର ନାମ ଜୟଦେବ କେନ୍ଦୁଳି ବା ଖାଲି କେନ୍ଦୁଳି । ଏକଥା ବି ଅନୁଧ୍ୟାନ ଯୋଗ୍ୟ ଯେ ଏହି ଅଞ୍ଚଳରେ କେନ୍ଦୁଳି ଶବ୍ଦଟି ସାଧାରଣରେ ମେଳା ଅର୍ଥରେ ହିଁ ବେଶୀ ପ୍ରଚଳିତ* ।(জয়দেবের মেলা যেখানে বসিয়া থাকে তাহাকে কেন্দুলি বলিলেও তাহ কান গ্রামের মেলা নয় । অজয়র ধারে বালুতটে পৌষ সংক্রান্তি স্নানের মেলা নিকটে যে গ্রাম আছে, তাহার নাম কেন্দুলি নয় । এখানে কেন্দুলি গ্রাম ছিল বলিয়া কোন প্রমানও নই । শুধু স্নান মেলার নাম'জয়দেব কেন্দুলি' বা শুধু 'কেন্দুলি '। ইহাও অনুধাবন যোগ্য, এই অঞ্চলে 'কেন্দুলি' শব্দটি মেলা অর্থে সাধারণ বিশেষ্য রূপে সমধিক প্রচলিত । বাঙ্গলা সাহিত্যের ইতিহাস, প্রথম খণ্ড-পূর্বার্দ্ধ, ১৯৬৭ সংস্করণ, পৃ:৪১) ଏହି ଯୁକ୍ତିକୁ ପରିପୁଷ୍ଟ କରିବା ପାଇଁ ଡଃ ସେନ ଯେଉଁ ସବୁ କାରଣ ପ୍ରଦାନ କରିଛନ୍ତି ତହିଁରୁ ଗୋଟିଏ ହେଲା ଚୈତନ୍ୟ ଚରିତରେ କେନ୍ଦୁଳିର ନାମୋଲ୍ଲେଖ ନଥିବା । ଶ୍ରୀଚୈତନ୍ୟଚରିତାମୃତର ମଧ୍ୟ ଲୀଳା, ୨ୟ ପରିଚ୍ଛେଦରେ ଅଛି:

orissamatters.com

*ଚଣ୍ଡିଦାସ ବିଦ୍ୟାପତି / ରାୟେର ନାଟକ ଗୀତି / କର୍ଣ୍ଣାମୃତ ଶ୍ରୀଗୀତଗୋବିନ୍ଦ ।*
*ସ୍ୱରୂପ ରାମାନନ୍ଦ ସନେ / ମହାପ୍ରଭୁ ରାତ୍ରିଦିନେ / ଗାୟ ଶୁନେ ପରମ ଆନନ୍ଦ ।।*
(চণ্ডিদাস বিদ্যাপতি / রায়ের নাটক গীতি / কর্ণামৃত শ্রীগীতগোবিন্দ ।
স্বরূপ রামানন্দ সনে / মহাপ্রভু রাত্রিদিনে / গায় শুনে পরম আনন্দ )

ଅର୍ଥାତ୍, ଚଣ୍ଡି ଦାସ ଓ ବିଦ୍ୟାପତିଙ୍କ ପଦାବଳୀ, ରାୟ ରାମାନନ୍ଦ ପଟ୍ଟନାୟକଙ୍କ ଜଗନ୍ନାଥବଲ୍ଲଭ ନାଟକ, ବିଲ୍ୱମଙ୍ଗଳଙ୍କ ଶ୍ରୀକୃଷ୍ଣକର୍ଣ୍ଣାମୃତ, ଏବଂ ଶ୍ରୀ ଜୟ ଦେବଙ୍କ ଶ୍ରୀଗୀତଗୋବିନ୍ଦ ଗାନକରି ଓ ଶୁଣି, ସ୍ୱରୂପ ଓ ରାମାନନ୍ଦ ପଟ୍ଟନାୟକଙ୍କ ସଙ୍ଗେ ଶ୍ରୀଚୈତନ୍ୟ ଦିବାରାତ୍ର ପରମ ଆନନ୍ଦ ଆସ୍ୱାଦନ କରୁଥିଲେ । **ବସ୍ତୁତଃ ଜୟ ଦେବଙ୍କ ପରିସୃଷ୍ଟ ସହଜ ନାୟିକା ଓ ନାୟକ - ରାଧା ଓ ହରି (କୃଷ୍ଣ)ଙ୍କୁ ଅବଲମ୍ବନ କରି ସେ ବୌଦ୍ଧ ସହଜଯାନର ମତାଦର୍ଶକୁ ବୈଷ୍ଣବୀୟ ଶବ୍ଦମଞ୍ଜରୀରେ ସଜ୍ଜିତ କରି ଗଢିତୋଳିଥିଲେ ଏକ ବର୍ଣ୍ଣ ବୈଷମ୍ୟ ବିରୋଧୀ ସଂପ୍ରଦାୟ ଯାହା ବ୍ରାହ୍ମଣ୍ୟବାଦ ବିରୁଦ୍ଧରେ ଏକ ଶକ୍ତ ସଫଳ ବିକଳ୍ପ ଭାବେ ଉଭା ହୋଇଥିଲା । ଫଳରେ ଓଡିଆ ଜାତି ତାଙ୍କୁ ବୁଦ୍ଧ ଅବତାର ବୋଲି ଆଦର କରୁଥିଲା ।**

ସେ ଯାହାହେଉ, ଏକଥା ସର୍ବସମ୍ମତ ଯେ, ଚୈତନ୍ୟଙ୍କ ଉପରେ ଜୟ ଦେବଙ୍କ ପ୍ରଭାବ ଅସୀମ ଥିଲା ଓ ଜୟ ଦେବଙ୍କ ପ୍ରତି ତାଙ୍କର ଅନୁରକ୍ତି ଥିଲା ଅତି ପ୍ରଗାଢ । ଜୟ ଦେବ ଯଦି ବଙ୍ଗଳାର ଅଜୟନଦୀ କୂଳରେ ଥିବା କୌଣସି ଏକ କେନ୍ଦୁଲି ନାମକ ଗ୍ରାମରେ ଜନ୍ମ ହୋଇଥାନ୍ତେ ତେବେ ଚୈତନ୍ୟ ଯେ ଅତ୍ୟନ୍ତ ଶ୍ରଦ୍ଧାର ସହ ସେଠାକୁ ବାରମ୍ବାର ଯାଇଥାନ୍ତେ ଓ ତାହା ତାଙ୍କରି ଜୀବିତାବସ୍ଥାରେ ହିଁ ଗୌଡୀୟ ମତାଦର୍ଶର ଏକ ପରମ ପ୍ରଭାବଶାଳୀ ସ୍ନାୟୁକେନ୍ଦ୍ର ଭାବେ ପରିଗୃହୀତ ହୋଇଥାନ୍ତା। ଏଥିରେ ସନ୍ଦେହର ଅବକାଶ ନାହିଁ। ମାତ୍ର ଏହା କସ୍ମିନକାଳେ ହୋଇ ନାହିଁ । ଅଧିକନ୍ତୁ ଚୈତନ୍ୟଙ୍କ ଅନ୍ତରଙ୍ଗ ସଖା ତଥା ତାଙ୍କ ମତବାଦର ତତ୍ତୁଲ୍ୟ ପ୍ରଚାରକ ନିତ୍ୟାନନ୍ଦଙ୍କ ଜନ୍ମସ୍ଥାନ ଏହି ମେଳା ସ୍ଥାନରୁ ବେଶୀ ଦୂର ନୁହେଁ। ସୁତରାଂ ଚୈତନ୍ୟ ଚରିତରେ କେନ୍ଦୁଲିର ନାମୋଲ୍ଲେଖ ନ ଥିବା ବିସ୍ମୟାବହ ବୋଲି ଡଃ ସେନ ଲିପିବଦ୍ଧ କରିଛନ୍ତି । ପୂର୍ବୋଦ୍ଧୃତ ଗ୍ରନ୍ଥରେ ଥିବା ତାଙ୍କ ନିଜ ଭାଷାରେ:(চৈতন্যের সময়ে জয়দেবের স্মৃতি সম্বলিত এ মেলার কোন উল্লেখ নাই এবং জয়দেবের জন্মস্থান বা বাসস্থান রূপে কেন্দুলির বা অন্য কোন গ্রামের কথাও নাই । নিত্যানন্দে জন্মস্থান এ স্থান হইতে খুব বেশী দূরে নয় ।সুতরাং চৈতন্য চরিতে কেন্দুলির অনুল্লেখ বিস্ময়াবহ ) ଏହା ଲେଖି ସେ ଆହୁରି କହିଛନ୍ତି, *ମେଳା-ସ୍ଥାନ ନିକଟରେ ଯେଉଁ ମନ୍ଦିର ଓ ଦେବସ୍ଥାନ ଅଛି ତାହାର ଇତିହାସ ଆରମ୍ଭ ହୋଇଛି ୧୬୯୪ ଖ୍ରୀଷ୍ଟାବ୍ଦରୁ* । (মেলাস্থানের নিকটে যে মন্দির ও দেবস্থান আছে, তাহার ইতিহাস আরম্ভ হইআছে ১৬৯৪ খ্রীষ্টাব্দ হইতে )

**ଚାଟାର୍ଜୀ ୧୯୭୩ରେ ଜୟ ଦେବଙ୍କୁ ଲକ୍ଷ୍ମଣ ସେଣଙ୍କ ସଭାସଦ୍ ବୋଲି କହିବାକୁ ଆସ୍ପର୍ଦ୍ଧା କରିବା ପୂର୍ବରୁ ଏପରି ବିଭାବନାକୁ ଅସ୍ୱୀକାର କରିଥିବା ସେନ ଓ ଭଟାଚାର୍ଯ୍ୟଙ୍କ**

orissamatters.com

**ପରି ଅନାସକ୍ତ ଓ ସତ୍ୟନିଷ୍ଠ ବଙ୍ଗୀୟ ଗବେଷକଙ୍କ ଉପରୋଦ୍ଧୃତ ନିର୍ଣ୍ଣୟଗୁଡିକୁ ଖଣ୍ଡନ କରିବା ଉଚିତ ଥିଲା । ମାତ୍ର ସେ ତାହା କରି ନାହାନ୍ତି** । ସତେ ଯେମିତି ତାଙ୍କପାଇଁ ସେନ ଓ ଭଟ୍ଟାଚାର୍ଯ୍ୟଙ୍କର କିଛି ଗୁରୁତ୍ୱ ନାହିଁ । ପ୍ରାଦେଶିକ ଉଗ୍ରତା ତାଙ୍କୁ କିପରି ଅନ୍ଧ କରିଦେଇଛି ତାହା କେବେ ଆତ୍ମ ସମୀକ୍ଷା କରିଥିଲେ ସେ ଜାଣି ପାରିଥାନ୍ତେ । କିନ୍ତୁ ନିଜକୁ ସେ ବିତଣ୍ଡା ଯୁକ୍ତିରେ ହିଁ ସୀମିତ ରଖିଦେଲେ ।

ଏହା ସବୁ ବଙ୍ଗାଳୀଙ୍କ ପକ୍ଷେ ଶ୍ଲାଘ୍ୟ ନ ଥିଲା । ନ ହେବା ବି ସ୍ୱାଭାବିକ । **ଅନେକ ବଙ୍ଗାଳୀସଜ୍ଜନ ଅଛନ୍ତି ଯେଉଁମାନେ ଅନ୍ଧ ଆଞ୍ଚଳିକତା ପରିବର୍ତ୍ତେ ସାଂସ୍କୃତିକ ଉତ୍କର୍ଷତାର ଇତିହାସ ପ୍ରତି ପ୍ରତିବଦ୍ଧ**। ସେମାନଙ୍କ ମଧ୍ୟରୁ ପ୍ରଫେସର ସତ୍ୟକାମ ସେନଗୁପ୍ତା ଅନ୍ୟତମ । ଏହି ସତ୍ୟାନୁସନ୍ଧାନୀ ଗବେଷକଙ୍କୁ ତାଙ୍କ କଲିକତା ବାସଭବନରେ ଭେଟିଥିଲେ ଭାରତର ଏକମାତ୍ର ସଂସ୍କୃତି ବିଶ୍ୱବିଦ୍ୟାଳୟ- Utkal University of Culture-ର ତତ୍କାଳୀନ କୁଳପତି ନରେନ୍ଦ୍ର କୁମାର ମିଶ୍ର ଓ Sri Jaya Deva State Museum of Orissa ର ତତ୍ତ୍ୱାବଧାରକ ଚନ୍ଦ୍ରଭାନୁ ପଟେଲ ୨୦୦୩ ସେପ୍ଟେମ୍ବରରେ । *କଲିକତାସ୍ଥ ଗୁରୁସଦୟ ସଂଗ୍ରହାଳୟର ମୁଖ୍ୟ ଆଶୀଷ କୁମାର ଚକ୍ରବର୍ତ୍ତୀ ଏବଂ ସଚିବ ଇନ୍ଦ୍ରାଣୀ ସେନଗୁପ୍ତାଙ୍କ ଉପସ୍ଥିତିରେ ପ୍ରଫେସର ସେନଗୁପ୍ତ ଯାହା କହିଥିଲେ ତାହା ବିଶେଷ ପ୍ରଣିଧାନଯୋଗ୍ୟ* । ସଂକଳିତ ଗୀତଗୋବିନ୍ଦରେ ଜୟଦେବଙ୍କ ନାମ ସହ ଗ୍ରଥିତ ଧୋୟୀଙ୍କ ୨୬ତମ ବଂଶଧର ଭାବେ ନିଜକୁ ଚିହ୍ନିତ କରାଇଥିବା ତ୍ରିଭୁବନ ମୋହନ ସେନବର୍ମା *କୁଳଦର୍ପଣ* ନାମକ ଗ୍ରନ୍ଥରେ ଲକ୍ଷ୍ମଣ ସେନଙ୍କ ସଂପର୍କରେ ଯାହା ଲେଖିଛନ୍ତି ତାହାର ଐତିହାସିକ ମୂଲ୍ୟ ଡଃ ସୁକୁମାର ସେନଙ୍କ ସମେତ ବହୁ ବଙ୍ଗୀୟ ଇତିହାସବେତ୍ତାଙ୍କ ଦ୍ୱାରା ସ୍ୱୀକୃତ ହୋଇଛି । ଏତଦନୁଯାୟୀ, ଅତ୍ୟନ୍ତ ବୃଦ୍ଧାବସ୍ଥାରେ ଲକ୍ଷ୍ମଣ ସେନ ସିଂହାସନାରୁଢ ହୋଇଥିଲେ ବୋଲି ସେ କହିଥିଲେ । ବୃଦ୍ଧାବସ୍ଥାରେ ରାଜଗାଦି ଲାଭର ଏହି ବିବରଣୀ ଅନ୍ୟତ୍ର ବି ରହିଛି । ପ୍ରଫେସର ସେନଗୁପ୍ତାଙ୍କ ନିର୍ଣ୍ଣୟ ଦେଖିବା ପୂର୍ବରୁ ପ୍ରଥମେ ତାହା ଦେଖାଯାଉ ।

ଜୟଦେବଙ୍କୁ ବଙ୍ଗାଳୀ ବୋଲି ପ୍ରତିପାଦିତ କରିବାକୁ ଯତ୍ପରୋନାସ୍ତି ମନଗଢା କାହାଣୀ କିମ୍ବଦନ୍ତୀ ପରିବେଷଣ କରିଥିବା କଲିକତାର ଦେବ ସାହିତ୍ୟ କୁଟୀର ପ୍ରକାଶିତ ନୃପେନ୍ଦ୍ରକୃଷ୍ଣ ଚଟ୍ଟୋପାଧ୍ୟାୟଙ୍କ ସଂପାଦିତ ଚିତ୍ରେ ଜୟଦେବ ନାମକ ଗ୍ରନ୍ଥର ପ୍ରଥମ ପରିଚ୍ଛେଦ (ପୃଷ୍ଠା-୨)ରେ ଉଲ୍ଲେଖ ଅଛି ଯେ ପିତା ବଲ୍ଲାଳ ସେନ ବୃଦ୍ଧ ବୟସରେ ମଧ୍ୟ ଏକ ଚଣ୍ଡାଳ ରମଣୀକୁ ନେଇ କାଳାତିପାତ କରୁଥିବା ହେତୁ ଲକ୍ଷ୍ମଣ ସେନ ଅତ୍ୟନ୍ତ କ୍ଷୁବ୍ଧ ହୋଇ ଗୃହ ତ୍ୟାଗ କରିଥିଲେ । *(ଲକ୍ଷ୍ମଣ ସେନ ଅନୁସନ୍ଧାନ କରେ ଜାନଲେନ, ବୃଦ୍ଧ ପିତା ସେଇ ଚଣ୍ଡାଳ ରମଣୀକେ ନିୟେ ନିର୍ଜନ ଏକ ଉଦ୍ୟାନେ x x x x ଅନ୍ତତଃ ଏଇ ଭାବେଇ ସଂବାଦଟା ତାଁର କାଛେ ଅନୁସନ୍ଧାନେର ଫଲେ ଏଲୋ । x x x ବୃଦ୍ଧ ପିତାର ସେଇ ସଂଗୋପନ ଆଚରଣେ ଯୁବରାଜେର ଅନ୍ତର କ୍ଷୁବ୍ଧ ଓ ବିଦ୍ରୋହୀ ହୟେ ଉଠ୍‌ଲୋ । x x x x ବୃଦ୍ଧ ବଲ୍ଲାଲ ସେଣ*

orissamatters.com

*ପୁତ୍ରେର ଏଇ ଆଚରଣକେ ଔଦ୍ଧତ୍ୟ ହିସାବେ ଦେଖଲେନ । x x x x ଏଇ ନିୟେ ପିତା-ପୁତ୍ରେ ରୀତିମତ ଏକଟା ମନୋମାଲିନ୍ୟେର ସୃଷ୍ଟି ହଲୋ ।x x x x ଲକ୍ଷ୍ମଣ ସେଣ ଅଭିମାନେ କିଛୁ ଦିନେର ଜନ୍ୟ ରାଜପ୍ରାସାଦ ତ୍ୟାଗ କରେ ତାଁର ରାଜ୍ୟେର ଅନ୍ତର୍ଭୁକ୍ତ ବୀରଭୂମ ଜେଲାର କେନ୍ଦୁବିଲ୍ୱ ଗ୍ରାମେ ବସବାସ କରତେ ଲାଗଲେନ )* (লক্ষ্মণ সেন অনুসন্ধান করে জানলেন, বৃদ্ধ পিতা সেই চণ্ডাল রমণীকে নিয়ে নির্জন এক উদ্যানে x x x x অন্ততঃ এই ভাবেই সংবাদটা তাঁর কাছে অনুসন্ধানের ফলে এলো । x x x বৃদ্ধ পিতার সেই সংগোপন আচরণে যুবরাজের অন্তর ক্ষুর্ণ্ণ ও বিদ্রোহী হয়ে উঠলো । x x x x বৃদ্ধ বল্লাল সেণ পুত্রের এই আচরণকে ঔদ্ধত্ত্য হিসাবে দেখলেন। x x x x এই নিয়ে পিতা-পুত্রে রীতিমত একটা মনোমালিন্যের সৃষ্টি হলো । x x x x লক্ষ্মণ সেণ অভিমানে কিছু দিনের জন্য রাজপ্রাসাদ ত্ত্যাগ করে তাঁর রাজ্যের অন্তর্ভুক্ত বীরভূম জেলার কেন্দুবিল্ব গ্রামে বসবাস করতে লাগলেন) ବୀରଭୂମ ଜିଲ୍ଲାରେ କିପରି ଏହି ଗ୍ରାମ ଆଦୌ ନଥିଲା ତାହା ପୂର୍ବେ କୁହାହୋଇଛି ଏବଂ ପରେ ବି ଆମେ ଦେଖିବା । ଅଜୟ ତଟର ଏହି ତଥା କଥିତ କେନ୍ଦୁବିଲ୍ୱ ଗ୍ରାମ କେବଳ କଳ୍ପନା ପ୍ରସୂତ । ଚଟ୍ଟୋପାଧ୍ୟାୟ ନିଜେ ବି ଏହି ପୁସ୍ତକର ପଞ୍ଚମ ପୃଷ୍ଠାରେ ଲେଖିଛନ୍ତି ଯେ ସେ ସତ୍ୟ ସହ କଳ୍ପନାକୁ ମିଶାଇ (କଳ୍ପନାୟ ଆର ସତ୍ୟେ ମିଶିୟେ- কল্পনায় আর সত্ত্যে মিশিয়ে ) ଜୀବନୀଟି ଲେଖିଛନ୍ତି ।

ସତ୍ୟ ଉପରେ କଳ୍ପନାର କୁଜ୍ଝଟିକା ପ୍ରବାହ କରି ସେ ଶ୍ରୀଜୟ ଦେବଙ୍କ ଶ୍ରୀକ୍ଷେତ୍ର ସଂପର୍କକୁ ଜନମାନସରୁ ଅପସାରିତ କରିବାର ଅଶୁଦ୍ଧ ଅଭିପ୍ରାୟରେ ବୀରଭୂମ ଜିଲ୍ଲାର କେନ୍ଦୁବିଲ୍ୱ କଥା ଉଲ୍ଲେଖ କରିଥିବା ଅସ୍ୱାଭାବିକ ବା ଅସମ୍ଭବ ନୁହେଁ । କିନ୍ତୁ ଲକ୍ଷ୍ମଣ ସେନ ତାଙ୍କ ପିତାଙ୍କ ଯୌନ ଯଥେଚ୍ଛାଚାର ହେତୁ ବିରକ୍ତ ହୋଇ ଘର ଛାଡି ପଳାଇଥିବା କଥା ଏଥିରେ ଯାହା କୁହା ହୋଇଛି ତାହା ସତ ହୋଇଥିବା ସମ୍ଭବ । କାରଣ ଅତ୍ୟନ୍ତ ବୃଦ୍ଧ ବୟସ ପର୍ଯ୍ୟନ୍ତ ସେ ରାଜଗାଦିରେ ବସିପାରି ନଥିଲେ ବୋଲି কুলদর্পণରେ କୁହା ହୋଇଛି । ପିତାଙ୍କ ସହ ତୀବ୍ର ମନୋମାଳିନ୍ୟ ତାଙ୍କର ରାଜଗାଦି ପ୍ରାପ୍ତିରେ ବିଳମ୍ବ ଘଟାଇଥିବା ସ୍ୱାଭାବିକ । ସୁତରାଂ *କୁଳଦର୍ପଣ*କୁ ଆଧାର କରି ପ୍ରଫେସର ସେନଗୁପ୍ତା ଲକ୍ଷ୍ମଣ ସେନଙ୍କ ଉପରେ ଯେଉଁ ଆଲୋକପାତ କରିଛନ୍ତି ତାହା ସର୍ବଥା ଗୁରୁତ୍ୱପୂର୍ଣ୍ଣ ।

ସେ କହିଛନ୍ତି ଯେ ବୃଦ୍ଧ ବୟସରେ ସିଂହାସନ ଆରୋହଣ କରିଥିବା ଲକ୍ଷ୍ମଣ ସେନ ଅଚିରେ ୧୨୦୦ ଖ୍ରୀଷ୍ଟାବ୍ଦରେ ବକ୍ତିଆର ଖିଲିଜ୍‌ଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିଲେ ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାଶୀ ନରେଶଙ୍କ ଆଶ୍ରାଧୀନ ହୋଇ ରହିଥିଲେ । ଏପରି ଅବସ୍ଥାରେ ତାଙ୍କ ଅଧୀନରେ ଜୟ ଦେବ ଜଣେ ସଭାକବି ଭାବେ କାଳାତିପାତ କରିଥିବା ଆଦୌ ଗ୍ରହଣଯୋଗ୍ୟ ନୁହେଁ । http://orissamatters.com/news/index.php/

orissamatters.com

2003/09/24/sengupta/ ରେ ଏ ସଂପର୍କୀୟ ବିବରଣୀ ଏହିପରି: "Rejecting the much trumpeted averments on Jay Dev's alleged position of a court poet of Laxman Sen, Prof. Sengupta made it clear that the king occupied the throne in a very elderly age only to be de-throned by Vaktiar Khilij in 1200 A.D. Quoting literary evidence from Kula Darpan authored in Bengali language by Trbhuban Mohan Senbarma, self-proclaimed 26th generation heir of poet Dhoyi, whose name is catenated with Sri Jay Dev in the edited compilation of his songs and published in 1942, Prof. Sengupta pointed out that the said Laxman Sen, on being ousted soon after occupying the throne, had to live till his last day under the shelter of the Raja of Kasi. This exposure on Laxman Sen has been supported by not only Dr. Sukumar Sen, but also by many eminent historians. Hence, Jay Dev being his court poet is a propaganda that can never earn approval of history".

### ଅଜୟ କୂଳରେ କେନ୍ଦୁଳି ହିଁ ନଥିଲା

ପରବର୍ତ୍ତୀ କାଳରେ, ୨୦୦୩ ନଭେମ୍ବର ୧୧ ଓ ୧୨ରେ କଲିକତାର ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର (Eastern Zonal Cultural Center) ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜୟ ଦେବ ଓ ବୁଦ୍ଧଙ୍କ ପ୍ରକୃତ ଜନ୍ମସ୍ଥାନ ନିରୂପଣ ପାଇଁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସଂପାନରେ ଅଭିଭାଷଣ ଦେଇ ପ୍ରଫେସର ସେନଗୁପ୍ତା ଏବଂ ବିଶିଷ୍ଟ ଗବେଷକ ଆଶିଷ କୁମାର ଚକ୍ରବର୍ତ୍ତୀ ସ୍ପଷ୍ଟ କରିଦେଇଥିଲେ ଯେ **ଜୟ ଦେବଙ୍କ ସମୟରେ ଅଜୟନଦୀ କୂଳରେ କେନ୍ଦୁଳି ବୋଲି କୌଣସି ଗ୍ରାମ ହିଁ ନ ଥିଲା** । (In strong disapproval of those who have been trying to link Jaydev's birth-place to a place called Kenduli on the embankment of river Ajay in West Bengal, Prof. Sengupta cited historical documents to show that there was no such village on such an embankment at the time of the poet.-http://orissamatters.com/news/index.php/2003/11/13/oriyas-by-birth/

କଲିକତାଠାରେ ସେ କହିଥିଲେ, *ଅଜୟ ନଦୀ କୂଳରେ ଯେଉଁ ଜାଗାକୁ କେନ୍ଦୁଳି ବୋଲି ଦର୍ଶାଯାଉଛି ତାହା କେବେହେଲେ ଜୟ ଦେବଙ୍କ ଜନ୍ମସ୍ଥାନ ହୋଇ ନ ପାରେ ।*

orissamatters.com

କାରଣ ଏହି ନିର୍ଦ୍ଦିଷ୍ଟ ନଦୀ ବାରମ୍ବାର ତାର ଗତିପଥ ପରିବର୍ତ୍ତନପାଇଁ କୁଖ୍ୟାତ । ଏହାର ଏହି ଘନ ଘନ ପଥ ପରିବର୍ତ୍ତନ ରୋକିବାକୁ ଯୁକ୍ତି କରି ଉପସ୍ଥାପିତ ଏକ ଭିତ୍ତିପତ୍ର ଏସିଆଟିକ୍ ସୋସାଇଟି ୧୯୨୫ ଖ୍ରୀଷ୍ଟାବ୍ଦରେ ପ୍ରକାଶ କରିଥିଲା । ଏଥିରେ ଏହି ନଦୀ କିପରି ମାତ୍ର ତିନି ବର୍ଷରେ ସାତ ଥର ତାର ଗତିପଥ ପରିବର୍ତ୍ତନ କରିଥିଲା ତାହା ଦର୍ଶାଯାଇଥିଲା । ଏହି ଐତିହାସିକ ଦଲିଲ୍‌କୁ ଭିତ୍ତି କରି ପ୍ରଫେସର ସେନଗୁପ୍ତ କହିଥିଲେ, ଯଦି ୮୦୦ ବର୍ଷ ତଳେ ଅଜୟ ନଦୀ ପ୍ରକୃତରେ ଥିଲା ତେବେ ବିଂଶ ଶତାବ୍ଦୀରେ ତା ଦୁଇକୂଳରେ ବନ୍ଧ ବନ୍ଧାଯିବା ପର୍ଯ୍ୟନ୍ତ ତାହା ନିଶ୍ଚୟ ହଜାର ହଜାର ଥର ତାର ଗତିପଥ ବଦଳାଇ ସାରିଥିବ । ତେଣୁ, ଏହି ନଦୀ କୂଳରେ ଯେଉଁ ଜାଗାକୁ କେନ୍ଦୁଳି ବୋଲି ଚିହ୍ନଟ କରାଯାଉଛି, ତାହା ଜୟ ଦେବଙ୍କ ସମୟରେ ଆଦୌ ନ ଥିଲା । ଯଥା- He said, the place now being projected as Kenduli on the bank of river Ajay in the Bengal can never be the birthplace of Jay Dev. This particular river is marked for frequent change of her fluvial path. A report justifying the need to discipline Ajay, published by Asiatic Society in 1925, has shown how within a span of three years, this change had occurred seven times! This being the nature of the river, if at all she had her flowage 800 years ago, she must have changed her path thousands of times, till construction of embankments in both her sides in the 20th century. Hence it cannot be accepted that the place Kenduli shown on the bank of Ajay was in existence during days of the great poet.( http://orissamatters.com/news/index.php/2003/09/24/sengupta/ )

ଏ ଦୃଷ୍ଟିରୁ ଦେଖିଲେ, ଜୟ ଦେବଙ୍କୁ ଅଜୟ ନଦୀ କୂଳର ତଥା କଥିତ କେନ୍ଦୁଳି ସହ ଯୋଡିବା ଭୌଗୋଳିକ ସତ୍ୟର ପରିପନ୍ଥୀ । ଇତିହାସ ମଧ୍ୟ ଜୟ ଦେବଙ୍କ ବଙ୍ଗ ସଂପର୍କକୁ ଅସ୍ୱୀକାର କରେ । *ପ୍ରଫେସର ସେନଗୁପ୍ତଙ୍କ ମତରେ ଜୟ ଦେବ ଲକ୍ଷ୍ମଣ ସେନଙ୍କ ସଭାକବି ବୋଲି ଯେଉଁ ପ୍ରଚାର ଚାଲିଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ । କାରଣ ସେ ଥିଲେ ଲକ୍ଷ୍ମଣ ସେନଙ୍କ ପ୍ରାୟ ଶହେ ବର୍ଷ ପୂର୍ବର କବି ।* (The propaganda that Jaydev was a court poet of King Laxmansen is absolutely ridiculous as the poet preceded this particular king by at least a century. - http://orissamatters.com/news/index.php/2003/11/13/oriyas-by-birth/

orissamatters.com

ଆମେରିକାର କ୍ଲିଭ୍‌ଲାଣ୍ଡ୍ ଷ୍ଟେଟ୍ ୟୁନିଭର୍ସିଟିରେ ଏସିଆନ୍ ଆର୍ଟ ହିଷ୍ଟୋରୀରେ ପ୍ରଫେସର ଥିବା ଡଃ. ଥୋମାସ୍ ଇ. ଡୋନାଲ୍‌ଡସନ୍ ପ୍ରାୟ ଏହି କଥା ହିଁ କହିଛନ୍ତି ।

ବିଶ୍ୱ ସଭ୍ୟତାକୁ ଓଡିଶାର ଅବଦାନ ସଂପର୍କରେ ବହୁ ଉପାଦେୟ ନିବନ୍ଧ ଓ ପୁସ୍ତକ ରଚନା କରିଛନ୍ତି ଡୋନାଲ୍‌ଡସନ୍ । ତନ୍ମଧ୍ୟରେ ରହିଛି Hindu Temple Arts of Orissa in three volumes (Leiden 1985-87), Kamadeva's Plea-sure Guarden-Orissa (Delhi,1987), Sculptural Masterpieces from Orissa: Style and Iconography (New Delhi, 1998), Ornaments of Orissa (Delhi,1998), The Iconography of Vaisnava Images in Orissa (New Delhi, 2001), Iconography of Buddhist Sculpture of Orissa in two volumes (New Delhi, 2001), and Tantra and Sakta Art of Orissa in three volumes (New Delhi, 2002). ଇତ୍ୟାଦି ।

ଜୟ ଦେବଙ୍କ ସଂପର୍କରେ ଏଭଳି ଜଣେ କୃତବିଦ୍ୟ ବିଶାରଦଙ୍କ ଉକ୍ତି ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି ସେ ଜଣେ ସଂପୂର୍ଣ୍ଣ ଅଲିପ୍ତ ବ୍ୟକ୍ତି । ସେ ଓଡିଆ ନୁହନ୍ତି କି ବଙ୍ଗାଳୀ ନୁହନ୍ତି କି ଭାରତୀୟ ବି ନୁହନ୍ତି । ତେଣୁ ଜୟ ଦେବଙ୍କ ବ୍ୟାପାରରେ ତାଙ୍କ ମତ କୌଣସି ପକ୍ଷପାତ ଦୋଷଦୃଷ୍ଟ ହେବାର କୌଣସି କାରଣ ହିଁ ନାହିଁ । ତେଣୁ ତାଙ୍କ ମତ ବିଶେଷ ପ୍ରଣିଧାନଯୋଗ୍ୟ । ସେ କହିଛନ୍ତି : ଜୟଦେବଙ୍କୁ ଲକ୍ଷ୍ମଣ ସେନଙ୍କ ସମସାମୟିକ ବୋଲି ବଙ୍ଗାଳୀମାନେ ଯେଉଁ ଦାବି କରୁଛନ୍ତି ସେ ସେପରି ଆଦୌ ନ ଥିଲେ । ସୁତରାଂ ତାଙ୍କୁ ତାଙ୍କ ସଭାକବି ବୋଲି କହିବା ଅତ୍ୟନ୍ତ ହାସ୍ୟକର । The poet was not at all a contemporary of Bengal's King Laxman Sen as claimed by the Bengalis and hence it is quite absurd to say that he was his court poet. - http://orissamatters.com/news/index.php/2003/02/16/donaldson/

ଅତଏବ କେବଳ ଭୌଗୋଳିକ ତତ୍ତ୍ୱ ନୁହେଁ, ଇତିହାସ ତତ୍ତ୍ୱ ମଧ୍ୟ ଲକ୍ଷ୍ମଣ ସେନଙ୍କ ସହ ଗୀତଗୋବିନ୍ଦ ଶୀର୍ଷକରେ ଉପଲବ୍ଧ ଅଷ୍ଟପଦୀଗୁଡିକର ଗୀତିକାର ଜୟ ଦେବଙ୍କର କୌଣସି ସଂପର୍କ ଥିବା ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରୁଛି । ସାଂସ୍କୃତିକ ତତ୍ତ୍ୱ ମଧ୍ୟ ଏପରି କୌଣସି ସଂପର୍କକୁ ଗ୍ରହଣ କରୁ ନାହିଁ । ବଙ୍ଗଳାର ଅଜୟ ନଦୀ କୂଳରେ ଯେଉଁଠି ଜୟ ଦେବ କେନ୍ଦୁଳି ମେଳା ବସୁଛି ତାହା କିପରି କେନ୍ଦୁଳି ନୁହେଁ ପୂର୍ବରୁ ତହିଁର ପ୍ରାମାଣିକ ଆଲୋଚନା ସରିଛି । ମେଳାଟି ତେବେ କି ମେଳା ? ଏହା ସ୍ପଷ୍ଟ କରିଦେଇଛନ୍ତି ଡଃ ଆଶୁତୋଷ ଭଟ୍ଟାଚାର୍ଯ୍ୟ । ସେ କହିଛନ୍ତି, ଏହା ପ୍ରକୃତରେ ବାଉଲ ମେଳା ଓ ଜୟ ଦେବଙ୍କ ଜନ୍ମ ସହ ଏହାର କୌଣସି ସଂପର୍କ ନାହିଁ । (বীরভূমের কেন্দলিতে অনুষ্ঠিত বাত্সরিক

orissamatters.com

মেলা আসলে বাউল মেলা এবং জয়দেবের জন্মের সঙ্গে এর কোন সংপর্ক নেই। - বঙ্গলা সাপ্তাহিক যুগবাণী-জুন ৭, ১৯৬৭) ଉଲ୍ଲେଖନୀୟ ଯେ ଡଃ ଭଟ୍ଟାଚାର୍ଯ୍ୟ ତାଙ୍କର ଏହି ମତ ୧୯୬୯ ଖ୍ରୀଷ୍ଟାବ୍ଦର *ବିଷୁବ ମିଳନ* ମଞ୍ଚରେ କଟକଠାରେ ପ୍ରଥମେ ଉପସ୍ଥାପିତ କରିଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଆୟୋଜିତ ହୋଇଆସୁଥିବା ଏହି ସୁପ୍ରସିଦ୍ଧ ସାହିତ୍ୟ ମେଳାରେ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ସେ କହିଥିଲେ, *ମୁଁ ଏଠାକୁ ଆସି ଆପଣଙ୍କ ସମ୍ମୁଖରେ ଭାଷଣ ଦେଉଛି ବୋଲି ଏହା କହୁନାହିଁ । ଜଣେ ଗବେଷକ ହିସାବରେ ମୁଁ ଦୃଢତାର ସହିତ କହୁଛି ଯେ x x x x ବଙ୍ଗଳାର କେନ୍ଦୁଳିରେ ଯେଉଁ ମେଳା ହୁଏ, ତାହା ଜୟ ଦେବଙ୍କ ପାଇଁ ନୁହେଁ; ବାଉଲ ସଂପ୍ରଦାୟର ସେହି ମେଳା ସହିତ ଜୟ ଦେବ ନାମର କୌଣସି ସଂପର୍କ ନାହିଁ* । (ପ୍ରଜାତନ୍ତ୍ର, ୧୫ ଏପ୍ରିଲ ୧୯୬୯) ଅତଏବ ଅଜୟ ନଦୀ କୂଳର ସେହି ମେଳା ସହ ଜୟ ଦେବଙ୍କର କୌଣସି ସଂପର୍କ ନାହିଁ । ଡଃ ଭଟ୍ଟାଚାର୍ଯ୍ୟ ୧୯୬୯ ଏପ୍ରିଲରେ କଟକର ସୁବିଖ୍ୟାତ ସାରସ୍ୱତ ସମାବେଶ ବିଷୁବ ମିଳନରେ ଏହି ଯେଉଁ ଗବେଷଣାଲବ୍ଧ ତଥ୍ୟ ଉପସ୍ଥାପିତ କରିଥିଲେ ତାହାକୁ ଜୁନ ମାସରେ ବଙ୍ଗ ଲିପିରେ ବଙ୍ଗଳା ସାପ୍ତାହିକ ଯୁଗବାଣୀରେ ପ୍ରକାଶିତ କରାଇ ସମସ୍ତ ବଙ୍ଗଭାଷାଭାଷୀମାନଙ୍କୁ ଅବଗତ ବି କରାଇଥିଲେ । **କୌଣସି ବଙ୍ଗୀୟ ବିଦ୍ୱାନ ଏପର୍ଯ୍ୟନ୍ତ ଡଃ ଭଟ୍ଟାଚାର୍ଯ୍ୟଙ୍କ ଏହି ନିରୂପଣକୁ ଖଣ୍ଡନ କରି ନାହାନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀର ଦୁରୁପଯୋଗ କରି ବିଶ୍ୱବାସୀଙ୍କୁ ପ୍ରତାରିତ କରିବାକୁ ଚେଷ୍ଟା କରିଥିବା ସୁନୀତି ଚାଟାର୍ଜୀ ମଧ୍ୟ ନୁହନ୍ତି ।**

ବିଦେଶୀ ଗବେଷକ ( ଓ ସେହେତୁ ସଂପୂର୍ଣ୍ଣ ନିରପେକ୍ଷ ) ପ୍ରଫେସର ଡୋନାଲ୍‌ଡସନ୍ ଡଃ ଭଟ୍ଟାଚାର୍ଯ୍ୟଙ୍କ ପରି ସତ୍ୟର ଅବତାରଣା କରିଛନ୍ତି ତାଙ୍କ ପୂର୍ବୋଦ୍ଧୃତ ବୟାନରେ । ସେ କହିଛନ୍ତି, **ଲକ୍ଷ୍ମଣ ସେନଙ୍କ ସଭାସଦ୍ ହେବା ତ ଦୂରର କଥା, ଜୟ ଦେବ ବଙ୍ଗାଳୀମାନଙ୍କ ଜ୍ଞାନଗୋଚରରେ ମଧ୍ୟ ନ ଥିଲେ** । ଚୈତନ୍ୟଙ୍କ ଅନୁସରଣ କରି ଓଡିଶା ଯାଇଥିବା ବଙ୍ଗାଳୀମାନେ ଚୈତନ୍ୟଙ୍କ ଆଧ୍ୟାତ୍ମିକ ଜିଜ୍ଞାସାର ପୂର୍ତ୍ତିସ୍ଥଳୀ ପୁରୀରେ ଗୀତଗୋବିନ୍ଦ ପ୍ରତି ସେମାନଙ୍କ ପ୍ରଭୁଙ୍କ ପ୍ରବଳ ଅନୁରକ୍ତି ଲକ୍ଷ୍ୟ କରି ବଙ୍ଗରାଜ୍ୟରେ ଜୟ ଦେବଙ୍କ ଯଶ ପ୍ରଚାର କରିଥିଲେ । ପରେ **ଯେତେବେଳେ ଓଡିଶା ବିଲାତି ଶାସନାଧୀନ ହୋଇଗଲା ଏବଂ ପ୍ରଶାସନିକ କାରଣରୁ ତା ଉପରେ ପ୍ରଭାବ ବିସ୍ତାରପାଇଁ ବଙ୍ଗାଳୀମାନେ ସୁବିଧା ପାଇଗଲେ, ଆଞ୍ଚଳିକ ଅସୂୟାରେ ଅନ୍ଧ ହୋଇ ସେମାନଙ୍କ ଭିତରୁ କେତେକ ସେତେବେଳେ ଓଡିଶାର ଏହି ମହାନ କବିଙ୍କୁ ଆତ୍ମସାତ କରିବାକୁ ଚେଷ୍ଟା କରିଥିଲେ** । (The Bengalis had no knowledge of Sri Jaya Deva till a section of them following Sri Chaitanya came in contact with his love songs at Puri where the later had found his final quest-point on philosophy. The said protagonists of Goudiya sect, charmed as they were by their Master's rever-

orissamatters.com

ence for Sri Jaya Deva, spread his fame in Bengal. And, later, when Orissa lost her freedom to British power that clubbed her administration to Bengal, in an urge of chauvinism, attempts were made to appropriate this splendid son of Orissa by a section of Bengalis.(Dr. Thomas E. Donaldson, Professor in Asian Art History at the Cleveland State University of America, while addressing a seminar on 'Sri Gopinath and Jaya Deva' organized by the Utkal University of Culture at Soochana Bhawan, Bhubaneswar.) http://orissamatters.com/news/index.php/2003/02/16/donaldson/

ଏହି ସମସ୍ତ କାରଣରୁ ବିଚାର କଲେ, ଶ୍ରୀ ଜୟ ଦେବଙ୍କୁ ଲକ୍ଷ୍ମଣ ସେନଙ୍କ ପାରିଷଦ ବୋଲି କହି ଖାସ୍ ସେହି ଦୃଷ୍ଟିରୁ ସେ ବଙ୍ଗାଳୀ ବୋଲି ସୁନୀତି କୁମାର ଚାଟାର୍ଜୀ ଯେଉଁ ଯୁକ୍ତି ରଖିଛନ୍ତି ତାହା କେବଳ ଏକ ବିତଣ୍ଡା ଯୁକ୍ତି ।

### ଚାଟାର୍ଜୀଙ୍କ ଯୁକ୍ତି କେବଳ ବିତଣ୍ଡା ନୁହେଁ, ଆତ୍ମଘାତୀ ବି

ଏହି ଯୁକ୍ତି କାହିଁକି ଆତ୍ମଘାତୀ ତାହା ଏବେ ପ୍ରଣିଧେୟ । ସେ ଲେଖିଛନ୍ତି: *ସଦୁକ୍ତି କର୍ଣ୍ଣାମୃତ*ରେ ଜୟଦେବଙ୍କ ଲିଖିତ ୩୧ଟି ଶ୍ଲୋକ ଅଛି । ତନ୍ମଧ୍ୟରେ କେତେକ ବୀରରସ ବ୍ୟଞ୍ଜକ ଓ ଶିବଭକ୍ତିକୈନ୍ଦ୍ରିକ ହୋଇଥିବା ବେଳେ ୧୯ଟି ଲକ୍ଷ୍ମଣ ସେନଙ୍କ ପ୍ରଶସ୍ତିବାଚକ ଓ ଅବଶିଷ୍ଟ ପାଞ୍ଚଟି ଗୀତଗୋବିନ୍ଦରୁ ଉଦ୍ଧୃତ । ଏହା କହି ଜୟଦେବ କେବଳ ପ୍ରେମଗୀତ ଲେଖକ ନୁହନ୍ତି ପରନ୍ତୁ ସାହିତ୍ୟର ବିଭିନ୍ନ ବିଭାଗରେ ପ୍ରବେଶ ଓ ପାରଦର୍ଶିତା ଥିବା ଜଣେ ଲେଖକ ବୋଲି ପ୍ରମାଣ କରିବାକୁ ସେ ଚେଷ୍ଟା କରିଛନ୍ତି । ସେ କହିଛନ୍ତି, ସଦୁକ୍ତି କର୍ଣ୍ଣାମୃତରେ ସ୍ଥାନୀତ ୩୧ଟି ଶ୍ଲୋକରୁ ଯେହେତୁ ୧୯ଟି ଲକ୍ଷ୍ମଣ ସେନଙ୍କ ପ୍ରଶସ୍ତିବାଚକ ସେହେତୁ ତହିଁର ଲେଖକ ନିଶ୍ଚୟ ଲକ୍ଷ୍ମଣ ସେନଙ୍କ ସଭାସଦ୍ ଥିଲେ । ଏହି ସଦୁକ୍ତି କର୍ଣ୍ଣାମୃତର ସଂକଳକ ଶ୍ରୀଧର ଦାସ ଯେହେତୁ ଲକ୍ଷ୍ମଣ ସେନଙ୍କ ଦରବାରରେ ଜଣେ ଉଚ୍ଚ ପଦାଧିକାରୀ ("A high functionary in the court of king Laxmana Sena") ଥିଲେ, ସେହେତୁ ସେ ଏହି ଜୟଦେବଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବା ସ୍ୱାଭାବିକ ବୋଲି ସେ କହିଛନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ କହିଛନ୍ତି, ଏହି ଶ୍ରୀଧର ଦାସ ଯେହେତୁ ଜୟ ଦେବଙ୍କ ଗୀତଗୋବିନ୍ଦରୁ ପାଞ୍ଚଟି ଶ୍ଲୋକ ସଦୁକ୍ତି କର୍ଣ୍ଣାମୃତରେ ରଖିଛନ୍ତି ସେହେତୁ ଅନ୍ୟ ଶ୍ଲୋକଗୁଡିକର ଲେଖକ ନିଶ୍ଚୟ ଗୀତଗୋବିନ୍ଦୀୟ ଜୟ ଦେବ ହୋଇଥିବେ । ଅତଏବ, ଲକ୍ଷ୍ମଣ ସେନଙ୍କ ସଭାସଦ୍ ଜୟଦେବ ଓ ଗୀତଗୋବିନ୍ଦକାର ଜୟ ଦେବ ଜଣେ ହିଁ ବ୍ୟକ୍ତି ବୋଲି ଆସ୍ଫାଳନ କରିଛନ୍ତି ଚାଟର୍ଜୀ ।

ସଦୁକ୍ତି କର୍ଣ୍ଣାମୃତର କିପରି କୌଣସି ପ୍ରାମାଣିକ ମର୍ଯ୍ୟାଦା ନାହିଁ ତାହା ଏଥି ପୂର୍ବରୁ

orissamatters.com

ଆଲୋଚିତ ହୋଇସାରିଛି । **କେବଳ ଯୁକ୍ତିପାଇଁ ଯଦି ବି ଏଥିରେ କିଛି ଗୁରୁତ୍ୱ ଦିଆଯାଏ, ତେବେ ଚାଟର୍ଜୀଙ୍କ ଯୁକ୍ତି ତାସ୍‌ର ଘର ପରି ଭୁଶୁଡି ପଡୁଛି ।** ଗୀତଗୋବିନ୍ଦରୁ ପାଞ୍ଚଟି ଶ୍ଲୋକ ଏଥିରେ ସନ୍ନିହିତ ହୋଇଛି ବୋଲି ଚାଟର୍ଜୀ କହିଛନ୍ତି । କିନ୍ତୁ ସେ ସମସ୍ତଙ୍କୁ ଅଜ୍ଞ ବୋଲି ବିଚାରି ଏହି ମିଥ୍ୟା କଥା କହିଛନ୍ତି । ସଦୁକ୍ତି କର୍ଣ୍ଣାମୃତରେ ଗ୍ରଥିତ ଥିବା ଯେଉଁ ପାଞ୍ଚଟି ଶ୍ଲୋକକୁ ସେ ଗୀତଗୋବିନ୍ଦରୁ ଉଦ୍ଧୃତ ବୋଲି କହିଛନ୍ତି ସେଗୁଡିକ ଶ୍ରୀ ଜୟ ଦେବଙ୍କ ଲେଖା ନୁହେଁ ।

ଏହି ଶ୍ଲୋକଗୁଡିକ ହେଲା :

୧-ଜୟଶ୍ରୀବିନ୍ୟସ୍ତୈର୍ମହିତ ଇବ ମନ୍ଦାରକୁସୁମୈଃ
ସ୍ୱୟଂ ସିନ୍ଦୁରେଣ ଦ୍ୱିପରଣମୁଦା ମୁଦ୍ରିତ ଇବ ।
ଭୁଜାପୀଡକ୍ରୀଡାହତକୁବଳୟାପୀଡ଼କରିଣଃ
ଯ ପ୍ରକୀର୍ଣ୍ଣାସୃଗ୍‌ବିନ୍ଦୁର୍ଜୟତି ଭୁଜଦଣ୍ଡୋ ମୁରଜିତଃ ।।
୨-ଅଙ୍ଗେଷ୍ୱାଭରଣଂ କରୋତି ବହୁଶଃ ପତ୍ରେଽପି ସଞ୍ଚାରିଣି
ପ୍ରାପ୍ତଂ ତ୍ୱାଂ ପରିଶଙ୍କତେ ବିତନୁତେ ଶଯ୍ୟାଂ ଚିରଂ ଧ୍ୟାୟତ ।
ଇତ୍ୟାକଳ୍ପ ବିକଳ୍ପତଳ୍ପ ରଚନା ସଂକଳ୍ପଲୀଳାଶତ-
ବ୍ୟାସକ୍ତାପି ବିନା ତ୍ୱୟା ବରତନୁର୍ନୈଷା ନିଶାଂ ନେଷ୍ୟତି ।।
୩-ଉନ୍ମିଳିତପୁଲକାଙ୍କୁରେଣନିବିଡାଶ୍ଳେଶେନିମେଷେଣଚ
କ୍ରୀଡାକୂତବିଲୋକନୋଽଧରସୁଧାପାନେ କଥାନର୍ମଭିଃ ।
ଆନନ୍ଦାଧିଗମେନ ମନ୍ମଥକଳାଯୁଦ୍ଧେଽପିଯସ୍ମିନ୍ନଭୁ-
ଦୁଦ୍‌ଭୁତଃ ସ ତୟୋର୍ବଭୁବସୁରତାରମ୍ଭଃ ପ୍ରିୟଂଭାବୁକଃ ।।
୪-ମାରାଙ୍କେ ରତିକେଳିସଂକୁଳରଣାରମ୍ଭେ ତୟା ସାହସ-
ପ୍ରାୟଂ କାନ୍ତଜୟାୟ କିଞ୍ଚିଦୁପରି ପ୍ରାରମ୍ଭି ଯତ୍ସଂଭ୍ରମାତ୍ ।
ନିଷ୍ପନ୍ଦା ଜଘନସ୍ଥଳୀ ଶିଥିଳିତା ଦୋର୍ବିଲ୍ଲିରୁତ୍କମ୍ପିତଂ
ବକ୍ଷୋ ମିଳିତମକ୍ଷିପୌରୁଷରସଃ ସ୍ତ୍ରୀଣାଂ କୁତଃ ସିଧ୍ୟତି ।।
୫-ତସ୍ୟାଃ ପାଟଳପାଣିଜାଙ୍କିତମୁରୋ ନିଦ୍ରାକଷାୟେ ଦୃଶୌ
ନିର୍ଦ୍ଧୌତାଧରଶୋଣିମା ବିଲୁଳିତାଃ ସ୍ରସ୍ତସ୍ରଜୋ ମୂର୍ଦ୍ଧଜା ।
କାଞ୍ଚୀଦାମଦରଶ୍ଳଥାଞ୍ଚଳମିତିପ୍ରାତର୍ନିଖାତୈର୍ଦ୍ଦୃଶୋ-
ରେଭିଃ କାମଶରୈସ୍ତଦଦ୍ଭୁତମଭୂତ୍ପତ୍ୟୁର୍ମନଃକୀଳିତମ୍ ।।

**ଏହି ପାଞ୍ଚଟି ଯାକ ପଦ ଭିତରେ କେଉଁଠି ହେଲେ ଶ୍ରୀ ଜୟ ଦେବଙ୍କ *ମଧୁର-କୋମଳକାନ୍ତ-ପଦାବଳୀ* ରହିଛି ? ଆଦୌ ନାହିଁ ।** ଏଥିରୁ କୌଣସି ଗୋଟିଏ ମଧ୍ୟ ଜୟ ଦେବଙ୍କ ଲେଖା ନୁହେଁ କି ଗୀତଗୋବିନ୍ଦରେ ସଂକଳିତ ହୋଇଥିବା ଗୀତ ନୁହେଁ । ଶ୍ରୀ ଜୟ

orissamatters.com

ଦେବ ପ୍ରକୃତରେ କ'ଣ ଲେଖିଥିଲେ ଓ କାହିଁକି ଲେଖିଥିଲେ ତାହା ତାଙ୍କ ପ୍ରସ୍ତାବନାରେ ରହିଛି । ଯଥା-

ଯଦି ହରିସ୍ମରଣେ ସରସଂ ମନୋ
ଯଦି ବିଳାସକଳାସୁ କୁତୁହଳମ୍ ।
ମଧୁର-କୋମଳକାନ୍ତ-ପଦାବଳୀଂ
ଶୃଣୁ ତଦା ଜୟ ଦେବ ସରସ୍ୱତୀମ୍ ।।

ଅତଏବ ହରିଙ୍କ ସ୍ମରଣରେ ଅର୍ଥାତ୍ ହେରୁକ ରୂପୀ ବୁଦ୍ଧଙ୍କ ପଛା ଚିନ୍ତାକରି ସରସମନା ହେଉଥିବା ଲୋକଙ୍କ ବିଳାସକଳା ଜିଜ୍ଞାସା ପରିପୂର୍ଣ୍ଣ କରି କାମବଜ୍ରଯାନର ଅଭିପ୍ରେତ ମୈଥୁନାଶ୍ରୟୀ ଦର୍ଶନର ପରିପୁଷ୍ଟିକରଣପାଇଁ ଶ୍ରୀ ଜୟ ଦେବ କାମକଳାତ୍ମକ କୋମଳ କାନ୍ତ ପଦାବଳୀଗୁଡିକୁ ରଚନା କରିବାକୁ ମନସ୍ଥ କରିଥିଲେ ଏବଂ ତଦ୍ ଭିନ୍ନ ସେ ଅନ୍ୟ କିଛି ବି ଲେଖି ନ ଥିଲେ । **ବୌଦ୍ଧ ସହଜଯାନର ଏହି ସହାୟକ ସାହିତ୍ୟ ସହାୟତାରେ ନାରୀକୁ କାମଭୋଗ୍ୟା ସ୍ଥିତିରୁ କାମୋପାସ୍ୟା ସ୍ଥିତିକୁ ଉନ୍ନୀତ କରିବା ଥିଲା ତାଙ୍କ ଅଭିପ୍ରାୟ ଏବଂ ଏଥିପାଇଁ ସେ ତାଙ୍କ ଲଳିତ ଓ ସୁବୋଧ୍ୟ ପଦାବଳୀଗୁଡିକ ଲେଖିଥିଲେ ଏବଂ ୨୨ଟି ଯାକ ପଦାବଳୀକୁ ଅଷ୍ଟପଦୀ ଭାବେ ହିଁ ଗ୍ରଥିତ କରିଥିଲେ ।** ଏଥି ସହ ଗ୍ରଥିତ କରିଥିଲେ ପ୍ରସ୍ତାବନା, ମଙ୍ଗଳାଚରଣ ଓ ସମର୍ପଣ । ତେଣୁ ଚାଟାର୍ଜୀ ଉଲ୍ଲେଖ କରିଥିବା ଉପରୋକ୍ତ କ୍ଲୀଷ୍ଟ ଓ ଅପ୍ରାସଙ୍ଗିକ ଶ୍ଲୋକଗୁଡିକୁ ସେ ଲେଖିଥିବା ଅସମ୍ଭବ ।

ପରେ ଆମେ ଦେଖିବା କିପରି ଯଦ୍ଚ୍ଛା ପ୍ରକ୍ଷିପ୍ତ ଶ୍ଲୋକରାଶିଦ୍ୱାରା ଶ୍ରୀ ଜୟ ଦେବଙ୍କ ପ୍ରକୃତ ଅଭିପ୍ରାୟକୁ ନିଷ୍ପ୍ରଭ କରିପକାଇବାକୁ ଷଡଯନ୍ତ୍ର ହୋଇଛି । ଯଦି ଏବେ କେବଳ ଯୁକ୍ତି ଅନୁରୋଧରେ ଧରି ନିଆଯାଏ ଯେ ଚାଟର୍ଜୀ ଥୋଇଥିବା ଶ୍ଲୋକଗୁଡିକୁ ଜୟ ଦେବ ହିଁ ଲେଖିଥିଲେ, ତେବେ ସୁଦ୍ଧା ଏଗୁଡିକୁ ଜୟ ଦେବଙ୍କ ସ୍ମରଣୀୟ କୃତି ଭାବେ ନିଆଯାଇପାରିବନାହିଁ । ଯେ କୌଣସି ଇତର କବି ଏଗୁଡିକୁ ଲେଖିପାରେ ଏବଂ ଏହିପରି ବହୁ ଇତର ଶ୍ଲୋକ ସଂସ୍କୃତ ବାଙ୍ମୟରେ ଭର୍ତ୍ତି ହୋଇ ରହିଛି । **ଶ୍ରୀ ଜୟ ଦେବ ସ୍ମରଣୀୟ ହୋଇ ରହିଛନ୍ତି କେବଳ ତାଙ୍କ ଅନନ୍ୟସାଧାରଣ *ମଧୁର କୋମଳ କାନ୍ତ ପଦାବଳୀ* ବା *ଅଷ୍ଟପଦୀ*ଗୁଡିକ ପାଇଁ । ଶ୍ରୀଧର ଦାସ ଯଦି ଚାଟର୍ଜୀଙ୍କ କହିବା ଅନୁସାରେ ଶ୍ରୀ ଜୟ ଦେବଙ୍କ ସହକର୍ମୀ ( ଲକ୍ଷ୍ମଣ ସେନଙ୍କ ଛାମୁରେ ସହ-ପାରିଷଦ ) ଥିଲେ ଓ ତାଙ୍କୁ ବ୍ୟକ୍ତିଗତଭାବେ ଜାଣିଥିଲେ, ତେବେ ଟିପାଖାତା *ସଦୁକ୍ତି କର୍ଣ୍ଣାମୃତ*ରେ ସେ ଜୟ ଦେବଙ୍କ ଅଷ୍ଟପଦୀଗୁଡିକରୁ କୌଣସି ପଦ ନ ଟିପି ଚାଟର୍ଜୀ ଥୋଇଥିବା ଗୁରୁତ୍ୱହୀନ ଶ୍ଲୋକଗୁଡିକୁ ଟିପିଥିଲେ କାହିଁକି?**

**ସାମାନ୍ୟ ମଥା ଖେଳାଇଲେ ଜାଣିହେବ ଯେ, ଶ୍ରୀଧର ଦାସେ ଏପରି କରିଥିଲେ ଯେହେତୁ ସେ ଗୀତଗୋବିନ୍ଦର ଗୀତିକାର ଶ୍ରୀ ଜୟ ଦେବଙ୍କୁ ଆଦୌ ଜାଣି ନ ଥିଲେ କି ତାଙ୍କ ପଦାବଳୀଗୁଡିକ *ସଦୁକ୍ତି କର୍ଣ୍ଣାମୃତ* ଟିପା ହେବାଯାଏଁ ସେନଙ୍କ ରାଜ୍ୟରେ ପହଞ୍ଚି ନ ଥିଲା ।**

orissamatters.com

## ବଙ୍ଗରେ ରାଧା ନ ଥିଲେ, ନ ଥିଲେ ବି କୃଷ୍ଣ

ପ୍ରଫେସର ସତ୍ୟକାମ ସେନଗୁପ୍ତ ଯଥାର୍ଥତଃ କହିଛନ୍ତି ଯେ, ଲକ୍ଷ୍ମଣ ସେନଙ୍କ ବେଳେ ଗୀତଗୋବିନ୍ଦ ତ ବହୁତ ଦୂର, ରାଧାକୃଷ୍ଣ ପେମକଥା ବି ବଙ୍ଗ ରାଜ୍ୟରେ ପହଞ୍ଚି ନ ଥିଲା । ତାଙ୍କ ମତରେ, **ରାଧାକୃଷ୍ଣ ପ୍ରେମକଥା ଚୈତନ୍ୟଙ୍କ ଓଡିଶା ରହଣି ପରେ ହିଁ ବଙ୍ଗ ରାଜ୍ୟକୁ ଯାଇଛି । ପ୍ରତ୍ନତାତ୍ତ୍ୱିକ ବିଶ୍ଳେଷଣ ମଧ୍ୟ ଏହି କଥା ସାବ୍ୟସ୍ତ କରେ** । ଭାରତର ଅନ୍ୟତମ ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିତ୍ ରାଖାଲ ଚନ୍ଦ୍ର ବାନାର୍ଜୀ ଗଭୀର ଗବେଷଣା ପରେ ଯେଉଁ ତଥ୍ୟ ଦେଇଛନ୍ତି ତାହା ଏହିପରି : *ପ୍ରାଚ୍ୟ କଳାକୃଷ୍ଟିରେ ରାଧାକୃଷ୍ଣ ଯୁଗଳମୂର୍ତ୍ତିର ଦାରୁଣ ଅଭାବ ଯେ ପରିଲକ୍ଷିତ ହୋଇଛି କେବଳ ତା ନୁହେଁ, ବଙ୍ଗ ବା ବିହାରର କୌଣସି ସ୍ଥାନରୁ ପଞ୍ଚଦଶ ଶତାବ୍ଦୀ ପୂର୍ବର କୌଣସି କୃଷ୍ଣ ମୂର୍ତ୍ତି ସୁଦ୍ଧା ଦୃଷ୍ଟି ଗୋଚର ହୋଇ ନାହିଁ । ଯାହା ଦେଖାଯାଏ, ଚୈତନ୍ୟଙ୍କ ଅଭ୍ୟୁତ୍ଥାନପରେ ହିଁ ରାଧାକୃଷ୍ଣ ତତ୍ତ୍ୱ ଭାରତର ଉତ୍ତରପୂର୍ବ ରାଜ୍ୟଗୁଡିକରେ ପ୍ରସାରିତ ହୋଇଛି* । ("Not only do we find a very great scarcity of combined images of Krishna and Radha in the Eastern School, but no image of Krishna by himself earlier than the fifteenth century has been discovered anywhere in Bengal and Bihar. The popularity of Radha Krishna cult in the North-Eastern provinces of India appears to date from the advent from the great reformer Chaitanya".- Eastern Indian School of Medieval Sculpture, Chapter VI, p.127/ Archaelogical Survey of India, New Imperial Series, Vol.XLVII, 1933)

କିନ୍ତୁ ରାଧାକୃଷ୍ଣ ଯୁଗଳମୂର୍ତ୍ତି ଉପାସନାକୁ ଗୁରୁତ୍ୱ ଦେଉଥିବା ଗୌଡ଼ୀୟ ବୈଷ୍ଣବମାନଙ୍କ ବିଭିନ୍ନ ଧର୍ମଶାସ୍ତ୍ର ଷୋଡ଼ଶ ଶତାବ୍ଦୀ ମଧ୍ୟଭାଗ ସୁଦ୍ଧା ଏହାର ପ୍ରସାର ମଧ୍ୟ କିପରି ଘଟି ନ ଥିଲା ତହିଁର ସଙ୍କେତ ଦିଏ । ଉଦାହରଣ ସ୍ୱରୂପ **ହରି ଭକ୍ତି ବିଳାସ** ଦ୍ରଷ୍ଟବ୍ୟ । ଗୌଡ଼ୀୟ ବୈଷ୍ଣବତତ୍ତ୍ୱର ଅନ୍ୟତମ ଦିଗ୍‌ଗଜଭାବେ ସମ୍ମାନିତ ଗୋସ୍ୱାମୀ ଗୋପାଳ ଭଟ୍ଟ ୧୫୪୩ ଖ୍ରୀଷ୍ଟାବ୍ଦରେ ବୃନ୍ଦାବନ ଧାମରେ ଏହା ସଂକଳିତ କରିଥିଲେ । **ଏଥିରେ ମୂର୍ତ୍ତିବିଧାନ ଅଧ୍ୟାୟରେ ଲକ୍ଷ୍ମୀ-ନାରାୟଣ, ରକ୍ମିଣୀ-କୃଷ୍ଣ ଇତ୍ୟାଦି ମୂର୍ତ୍ତି ନିର୍ମାଣ ପାଇଁ ବ୍ୟବସ୍ଥା ଥିବାବେଳେ ରାଧା-କୃଷ୍ଣ ମୂର୍ତ୍ତିର ନାମୋଲ୍ଲେଖ ହିଁ ନାହିଁ** । ଯଦି ଶ୍ରୀ ଜୟ ଦେବ ଓ ତାଙ୍କ ଗୀତଗୋବିନ୍ଦ ସନ୍ନିହିତ ରାଧା ଓ ତାଙ୍କ ନାୟକ କୃଷ୍ଣ ଏତେବେଳକୁ ସୁଦ୍ଧା ବୃନ୍ଦାବନରେ ପହଞ୍ଚିପାରିଥାନ୍ତେ ତେବେ ହରିଭକ୍ତିବିଳାସ ଗ୍ରନ୍ଥରେ ସେମାନଙ୍କ ମୂର୍ତ୍ତି ଗଠନ କଥା ନିଶ୍ଚୟ ରହିଥାନ୍ତା ।

ଯାହା ଦେଖାଯାଉଛି, **୧୫୪୩ କ'ଣ , ୧୭୧୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମଧ୍ୟ ଗୌଡୀୟ ବୈଷ୍ଣବ ଧର୍ମର ଏହି ପ୍ରସିଦ୍ଧ କେନ୍ଦ୍ରରେ ଶ୍ରୀ ଜୟଦେବଙ୍କ ରାଧା ପହଞ୍ଚି ନ ଥିଲେ ।** କାରଣ

orissamatters.com

ଏବର୍ଷ *କବିରାଜ କୃଷ୍ଣଦାସ ଗୋସ୍ୱାମୀଙ୍କ* ଦ୍ୱାରା ବୃନ୍ଦାବନ ଧାମରେ ହିଁ ରଚିତ ଶ୍ରୀଚୈତନ୍ୟଚରିତାମୃତରେ ସେଠାରେ ପୂଜାପାଉଥିବା ମଦନଗୋପାଳ ତଥା ଗୋବିନ୍ଦଙ୍କ ପ୍ରତିମା ସହ ରାଧାଙ୍କର କୌଣସି ପ୍ରତିମା ପୂଜାପାଉଥିବାର କୌଣସି ସୂଚନା ସୁଦ୍ଧା ନାହିଁ । ଅପରପକ୍ଷେ, ସେଠାରେ **ଗୋବିନ୍ଦ ବା ମଦନଗୋପାଳଙ୍କ ସହ ରାଧା ପ୍ରଥମେ ପୂଜା ପାଉନଥିଲେ** ବୋଲି ବୈଷ୍ଣବଗ୍ରନ୍ଥ ଭକ୍ତିରତ୍ନାକର ସ୍ପଷ୍ଟତଃ ଘୋଷଣା କରିଛି । ଯଥା :

ଶ୍ରୀଗୋବିନ୍ଦ ଯେ ସମୟ ପ୍ରକଟ ହୋଇଲା / ସେ ସମୟ ଶ୍ରୀମତୀ ରାଧିକା ନାଇ ଛିଲା // ଛିଲେନ ଶ୍ରୀମଦନମୋହନ ପ୍ରଭୁ ଏଛେ / ସଂକ୍ଷେପେ କହିୟେ ଶ୍ରୀ ଯୁକ୍ତ ହୈଲ କୈଛେ // ( শ্রীগোবিন্দ যে সময় প্রকট হোইলা / সে সময় শ্রীমতী রাধিকা নাই ছিলা // ছিলেন শ্রীমদনমোহন প্রভু এছে / সংক্ষেপে কহিয়ে শ্রী যুক্ত হৈল কৈছে // )

## ରାଧା ଓଡ଼ିଶାର ସୃଷ୍ଟି

ଇତିହାସବେତ୍ତା ଅମରନାଥ ରାୟଙ୍କ ନିର୍ଣ୍ଣୟରୁ ଯାହା ଜଣାପଡେ, *ଓଡିଶାର ଜଣେ ରାଜା ବହୁକାଳ ପରେ ବୃନ୍ଦାବନରେ ଏକ ବିଗ୍ରହ ପାର୍ଶ୍ୱରେ ପ୍ରଥମ ରାଧା ମୂର୍ତ୍ତି ସ୍ଥାପନ କଲା ପରେ କାଳକ୍ରମେ ଅନ୍ୟ ବିଗ୍ରହମାନଙ୍କ ସହ ରାଧା ଆରାଧନା ପ୍ରଚଳିତ ହୋଇଥିଲା* । ("The deities installed by the Goswamins at Vrundabana were single images of Krushna; that long after their times a Chief of Orissa sent to Vrundabana the first Sri murti which was installed by the side of one of the deities and the omission in case of others was made good gradually".-Indian Culture, Vol.V, No.2) ଅତଏବ, ଉତ୍ତର ଭାରତରେ (ଓ ଅନ୍ୟତ୍ର) ଏକ ଆରାଧ୍ୟା ଦେବୀ ଭାବେ ରାଧା ନାମର ପ୍ରସାରଣ କେବଳ ଓଡିଶାରୁ । http://orissamatters.com/news/index.php/2002/10/11/radha/

ଓଡ଼ିଶାର **ମହୋଦଧି ସଭ୍ୟତା** ସାଗର ବକ୍ଷକୁ ଲେଉଟି ଚାଲିଥିବା ଜଳତରଙ୍ଗର ନିରବଚ୍ଛିନ୍ନତାରେ ଜୀବନତତ୍ତ୍ୱର ଯେଉଁ ଶେଷହୀନ ସ୍ୱରୂପ ଅନୁଭବ କରିଥିଲା ତାକୁ ଆଧାର କରି ଶ୍ରୀ ଜୟ ଦେବ କିପରି **ନୀଳାଭ ସାଗରକୁ ଶେଷ ଲକ୍ଷ୍ୟ *ହେରୁକ (ହରି)* ଭାବେ** ଓ ବେଳାଭୂମିରେ ଲୀଳାକରି ସେହି ଶେଷ ଲକ୍ଷ୍ୟସ୍ଥଳରେ ବିଲୀନ ହୋଇଯିବାକୁ ଉଛନ୍ନ ହେଉଥିବା **ଜଳରାଶିର ଶୁଭ୍ର ଫେନିଳ ଲେଉଟ *ଧାରାକୁ ରାଧା* ଭାବେ** କଳ୍ପନା କରି ହରି ଓ ରାଧାଙ୍କ ପ୍ରେମର **ସାଙ୍କେତିକତା** ଭିତରେ ବଜ୍ରଯାନୀ ନିର୍ଣ୍ଣୟକୁ ଯୋଗାଇ ଦେଇଥିଲେ ଏକ ଶକ୍ତିଶାଳୀ ସାହିତ୍ୟ ନିଜ ପ୍ରବନ୍ଧିତ ଅଷ୍ଟପଦୀଗୁଡିକ ମାଧ୍ୟମରେ ତହିଁର ସୂଚନା ପୂର୍ବରୁ ଦିଆ ସରିଛି । ଭକ୍ତିରତ୍ନାକର ସ୍ପଷ୍ଟ କରିଦେଇଛି ଯେ **ଶ୍ରୀ ଜୟ ଦେବଙ୍କ ରାଧା ଓଡିଶାରେ ସୃଷ୍ଟି ହୋଇ ଓଡିଶା ନରେଶଙ୍କ ହେତୁ ଓଡିଶା ବାହାରେ ବିଶେଷତଃ ବୃନ୍ଦାବନରେ ପହଞ୍ଚିଥିଲେ ।**

orissamatters.com

ଏହାହିଁ ଇତିହାସର ସ୍ୱୀକୃତି । **ଏତଦ୍ଦୃଷ୍ଟେ ରାଧାଙ୍କ ସଂପର୍କରେ ବଙ୍ଗାଳୀମାନେ ମୌଳିକତଃ ଅଜ୍ଞ ଥିଲେ ଏବଂ ଏହା ସୁନିଶ୍ଚିତ ଯେ ରାଧାଙ୍କ ପ୍ରେମତତ୍ତ୍ୱର ପ୍ରଥମ କାବ୍ୟାୟନକାରୀ ଶ୍ରୀ ଜୟ ଦେବଙ୍କ ସଂପର୍କରେ ତାଙ୍କ ଜୀବିତାବସ୍ଥାରେ ବଙ୍ଗ ରାଜ୍ୟ ଓ ବଙ୍ଗାଳୀ ଜାତି ମଧ୍ୟ ସଂପୂର୍ଣ୍ଣ ଅଜ୍ଞ ଥିଲା ।** ସୁତରାଂ ଲକ୍ଷ୍ମଣ ସେନଙ୍କ ରାଜସଭାରେ ସେ ଜଣେ ସଭାସଦ୍ ଥିବା ଘୋଷଣା କରି ସୁନୀତି କୁମାର ଚାଟାର୍ଜୀ ତାଙ୍କୁ ବଙ୍ଗଜାତ ବୋଲି ଦର୍ଶାଇବାକୁ ଯେତେ ଯୁକ୍ତି ବାଢିଛନ୍ତି ସେ ସମସ୍ତ ଯେ ସଂପୂର୍ଣ୍ଣ ନିରାଧାର ଓ କେବଳ ଅପକଳ୍ପନାର ଆତସବାଜି ଖେଳ ତାହା ନିଃସନ୍ଦେହ କୁହାଯାଇପାରେ ।

### *ଇତିହାସର ଘୋଷଣା : ଶ୍ରୀ ଜୟ ଦେବ ଥିଲେ ଓଡ଼ିଆ*

ପୁଣ୍ୟଶ୍ଳୋକ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, କେଦାରନାଥ ମହାପାତ୍ର, ଭଗବାନ ପତି, ନୀଳମଣି ମିଶ୍ର, ଭଗବାନ ପଣ୍ଡା ପ୍ରମୁଖ ପ୍ରଖ୍ୟାତ ସାରସ୍ୱତ-ଇତିହାସ-ବେତ୍ତା ଶ୍ରୀ ଜୟ ଦେବଙ୍କ ଓଡିଆତ୍ୱ ଅକାଟ୍ୟ ଶୈଳୀରେ ପ୍ରତିପାଦିତ କରିଛନ୍ତି । କିନ୍ତୁ ଏମାନେ ସମସ୍ତେ ଓଡିଆ । କାଳେ ଓଡିଆ ଜାତୀୟତାର ଆତିଶଯ୍ୟ ଏମାନଙ୍କୁ ପ୍ରଭାବିତ କରିଥିବ ଏପରି କୌଣସି ଆଶଙ୍କା କାହା ମନକୁ ସ୍ପର୍ଶ ନ କରୁ, ଏଇଥିପାଇଁ ଶ୍ରୀ ଜୟ ଦେବଙ୍କ ଓଡିଆତ୍ୱ ସଂପର୍କରେ ଏମାନଙ୍କ ନିର୍ଦ୍ଧାରଣକୁ ନ ଯାଇ, ମୁଁ କେବଳ **ଅଣଓଡିଆମାନଙ୍କ ଅନାସକ୍ତ ନିରୂପଣର** ନିର୍ଯ୍ୟାସ ରଖିବି । ଏପରି କେତେକ ନିରପେକ୍ଷ ମତ ଉପରେ ଉଦ୍ଧୃତ ହୋଇସାରିଛି । ତହିଁର ପୁନରୁଲ୍ଲେଖ ନକରି **ଏବେ ଆମେ ଦେଖିବା ସତ୍ୟନିଷ୍ଠ ବଙ୍ଗାଳୀ ବିଦ୍ୱାନମାନେ କ'ଣ କହିଛନ୍ତି ।**

ଜୟଦେବ ଛିଲେନ ଓଡିଆ (জয়দেব ছিলেন ওডিআ)-ଏହା କହିଛନ୍ତି କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ ଅଧ୍ୟାପକ ଡଃ ଆଶୁତୋଷ ଭଟ୍ଟାଚାର୍ଯ୍ୟ, ବଙ୍ଗଳା ଭାଷାର ଜନପ୍ରିୟ ସାପ୍ତାହିକ ପତ୍ରିକା ଯୁଗବାଣୀର ଜୁନ ୯ , ୧୯୬୯ ସଂସ୍କରଣରେ ।

ଡଃ ସୁକୁମାର ସେନ ଲେଖିଛନ୍ତି, ଉଡିଷ୍ୟାୟ ପୁରୀର୍ ଅନତିଦୂରେ ପ୍ରାଚୀନଦୀର ଧାରେ କେନ୍ଦୁବିଲ୍ୱ ଗ୍ରାମ ଆଛେ x x x ମନେ ହଇତେ ପାରେ ଯେ ଗୀତଗୋବିନ୍ଦର ଗାଢ ଆଦିରସ ଉଡିଷ୍ୟାର ମନ୍ଦିରେର ଏକ ଧରଣେର ସ୍ଥାପତ୍ୟ ଶିଳ୍ପେରଇ ପ୍ରତିଫଳନ, ସୁତରାଂ ଜୟଦେବ ଉଡିଷ୍ୟା ନିବାସୀଇ ହଇବେନ । (উডিষ্যায় পুরীর অনতিদূরে প্রাচীনদীর ধারে কেন্দুবিল্ব গ্রাম আছে xxx মনে হইতে পারে যে গীতগোবিন্দর গাঢ আদিরস উডিষ্যার মন্দিরের এক ধরণের স্থাপত্য শিল্পেরই প্রতিফলন, সুতরাং জয়দেব উডিষ্যা নিবাসীই হইবেন। বাঙ্গলা সাহিত্যের ইতিহাস, প্রথম খণ্ড-পউর্বার্ধ্ধ, ১৯৬৭)

ଉତ୍କଳୀୟେନ ଜୟଦେବେନ (उत्कळीयेन जयदेबेन) ବୋଲି ଲେଖାଥିବା ଏକ ପ୍ରାଚୀନ ପୋଥି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୋଡଲିନ ଗ୍ରନ୍ଥାଗାରରେ ରହିଛି, ଯାହା ଶ୍ରୀ ଜୟ ଦେବଙ୍କ ଓଡିଆତ୍ୱର ଏକ ସାରସ୍ୱତ ପ୍ରମାଣ । ଅଧ୍ୟାପିକା ଡଃ ସାବିତ୍ରୀ ରାଉତ ସେଠାର ଓରିଏଣ୍ଟାଲ ଇନ୍‌ଷ୍ଟିଚ୍ୟୁଟରେ ଅଧ୍ୟାପକ ଟିକ୍‌ରୋର୍‌ଙ୍କ ସହ ଗବେଷଣାରତ ଥିବାବେଳେ

orissamatters.com

ଏହି ପୋଥି ତାଙ୍କ ଦୃଷ୍ଟିକୁ ଆସିଥିଲା । ବଙ୍ଗଳା ଭାଷାର ପ୍ରସିଦ୍ଧ ଦୈନିକ ସମ୍ବାଦପତ୍ର ଯୁଗାନ୍ତର ୧୯୬୦ ନଭେମ୍ବର ୧୩ ତାରଖ ସଂସ୍କରଣର ପ୍ରଥମ ପୃଷ୍ଠାରେ ଏହି ଖବର ଦେଇ ପ୍ରତିବେଦନର ପ୍ରାରମ୍ଭରେ ଲେଖିଥିଲା, କବି ଜୟ ଦେବ ଉଡିଷ୍ୟାୟ ଜନ୍ମେଛିଲେନ । (କବି ଜୟ ଦେବ ଉଡିଷ୍ୟାୟ ଜନ୍ମେଛିଲେନ)

*ଭାରତୀୟ ଭାଷା ପରିଷଦ* ପକ୍ଷରୁ ପ୍ରକାଶିତ ସଦର୍ଭଭାରତୀ ପତ୍ରିକାର ଅଗ୍ରଲେଖରେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନା ସଂସ୍କୃତିତତ୍ତ୍ୱଜ୍ଞା ଡଃ ଶ୍ରୀମତୀ କପିଳା ବାତ୍ସାୟନ ଲେଖିଛନ୍ତି, ଓଡ଼ିଶା ଜୟ ଦେବଙ୍କ ନିବାସ ସ୍ଥାନ ବା ଜନ୍ମ ସ୍ଥାନ ଭାବେ ମାନ୍ୟ । (उडीसा जयदेबका निबास स्थान या जन्मस्थान माना गया है )

*ଉତ୍ତରଭାରତକୀ ସନ୍ଥ ପରଂପରା* (उत्तरभारतकी सन्थ परम्परा) ଗ୍ରନ୍ଥରେ ହିନ୍ଦୀ ସାରସ୍ୱତ ଜଗତର ବିଶିଷ୍ଟ ଗବେଷକ ଡଃ ପର୍ଶୁରାମ ଚତୁର୍ବେଦୀ ଲେଖିଛନ୍ତି, ଜୟ ଦେବଙ୍କ ଜନ୍ମସ୍ଥାନ ବସ୍ତୁତଃ ଓଡ଼ିଶାରେ । ସେଠାରେ ପୁରୀ ନିକଟସ୍ଥ ପ୍ରାଚୀ ନାମକ କୌଣସି ନଦୀକୂଳରେ କେନ୍ଦୁଳୀଶାସନ ନାମକ ଗ୍ରାମରେ ତାଙ୍କର ଜନ୍ମ । ତାଙ୍କର ଓଡ଼ିଆତ୍ୱର ଅନ୍ୟ ଏକ ପ୍ରମାଣ ହେଲା ଏହା ହିଁ ଯେ, ସେଠିକା ଲୋକ କବିଙ୍କ ସହ ଅଧିକ ପରିଚିତ । x x x ଓଡିଶା ପ୍ରଦେଶଟି ବୈଷ୍ଣବ ସଂପ୍ରଦାୟ ପରି ବୌଦ୍ଧ ବଜ୍ରଯାନ ଏବଂ ସହଜଯାନ ସଂପ୍ରଦାୟର ଏକ ପ୍ରସିଦ୍ଧ କେନ୍ଦ୍ର ଥିଲା ଓ ଜୟ ଦେବଙ୍କୁ ସହଜଯାନ ସଂପ୍ରଦାୟ ଦ୍ୱାରା ପ୍ରଭାବିତ ବୋଲି କୁହାଯାଏ । ଅତଏବ, ଜୟ ଦେବ ଓଡିଶା ପ୍ରଦେଶର ମୂଳ ନିବାସୀ ହୋଇଥିବା ସମ୍ଭବ । (इनका जन्मस्थान बास्तब में केन्दुलि शासन गाओं में है, यो उडीया प्रान्त में पुरीके निकट किसी प्राचीनदी पर अबस्थित है । इनके उडीआ होनेका प्रमाण इस बातसे भि दीखलाया जाता है कि, वहाँके लोग इस कबिसे अधिक परिचित जान पडते हैं । उडीशा प्रान्त बैष्णब सम्प्रदाय की भाँति बौद्धोंके बज्र यान एबं सहज यान सम्प्रदयोंका भी एक प्रसिद्ध केन्द्र रह चुका है और जय देब को सहजयान सम्प्रदाय द्बारा प्रभाबित भी कहते हैं । अतएब सम्भब है कि जय देब उडीसा प्रान्त के मूल निबासी हों )

ଭୁବନେଶ୍ୱରରେ ଥିବା ଶ୍ରୀ ଜୟ ଦେବ ଓଡିଶା ରାଜ୍ୟ ସଂଗ୍ରହାଳୟରେ କ୧୩୩୩୨ କ୍ରମାଙ୍କରେ ସଂରକ୍ଷିତ ମହାରାଷ୍ଟ୍ରୀୟ ବିଦ୍ୱାନ ହରିଦାସ ହୀରାଚାନ୍ଦଙ୍କ ସଂପାଦିତ ଗୀତଗୋବିନ୍ଦରେ ସେ ରଖିଥିବା ମୁଖବନ୍ଧ ମଧ୍ୟ ଓଡ଼ିଶାକୁ ହିଁ କବିଙ୍କ ଜନ୍ମସ୍ଥାନ ଭାବେ ଦର୍ଶାଇଛି । ଉଭୟ ମରାଠି ଓ ଇଂରାଜୀରେ ସେ ଏହି ମୁଖବନ୍ଧ ଲେଖିଛନ୍ତି । ଏଥିରେ ଅଛି ଶ୍ରୀଜଗନ୍ନାଥ କ୍ଷେତ୍ର ପାସେଂ କେନ୍ଦୁବିଲ୍ୱ ନାମେ ଗ୍ରାମମାଂ କାନ୍ୟକୁବ୍ଜ ଜାତିନା ଭୋଜଦେବ ନାମେ ବ୍ରାହ୍ମଣ ହତା । ତେନୀ ରାଧା ନାମେ ସ୍ତ୍ରୀ ହତୀ । ତେଥି ଶ୍ରୀଜୟଦେବ କବି ଉତ୍ପନ୍ନ ଥୟା । ମରାଠୀ ଭାଷାରେ ଏକଥା କହି ଇଂରାଜୀ ଭାଷାରେ ବି ଏହି କଥା ସେ ବିଶ୍ୱବାସୀଙ୍କୁ

orissamatters.com

ଜଣାଇଛନ୍ତି । ଯଥା-xxxx near Jagannath there lived in Village named Kenduvilva, Bhoja Deva, a Brahmin of Kanyakubja family. He had a wife named Radha from whom Jaya Deva, the king of poets took birth.

ବରଦାଚାରୀ ସଂସ୍କୃତ ସାହିତ୍ୟର ଇତିହାସ ଗ୍ରଥିତ କରିବାକୁ ଯାଇ ଲେଖିଛନ୍ତି, ଜୟଦେବ ୧୨ଟି ପ୍ରବନ୍ଧରେ ଗୀତଗୋବିନ୍ଦ ରଚନା କରିଥିଲେ । ଓଡିଶାର କେନ୍ଦୁବିଲ୍ୱ ଗ୍ରାମ ତାଙ୍କ ଜନ୍ମ ସ୍ଥାନ । ("He is the author of lyric Gita Govinda in twelve cantos. He was born in Kenduvilva, a place in Orissa.")

କିନ୍ତୁ ପ୍ରସିଦ୍ଧ ସାହିତ୍ୟ ଗବେଷକ ଡଃ. ଭି. ରାଘବନ ଶ୍ରୀକ୍ଷେତ୍ର ପୁରୀଠାରେ ଅବସ୍ଥିତ ସଂସ୍କୃତ ମହାବିଦ୍ୟାଳୟରେ ଏହାର ଚର୍ଚ୍ଚା କରି ଯେଉଁ ଶୈଳୀରେ ନିଜ ନିର୍ଣ୍ଣୟ ରଖିଛନ୍ତି ତାହା ଅନନ୍ୟ । ଏପରି କ'ଣ କେହି ଭକ୍ତ ଅଛନ୍ତି ଯେ ଏହି ଦେଶ (ଓଡ଼ିଶା)ରେ ପ୍ରତିଷ୍ଠିତ ଜଗନ୍ନାଥଙ୍କୁ ଦର୍ଶନ ନ କରନ୍ତି? ଏପରି କ'ଣ କେହି ସାହିତ୍ୟିକ ଅଛନ୍ତି ଯେ ଏ ରାଜ୍ୟରେ ପ୍ରସ୍ତୁତ ସାହିତ୍ୟଦର୍ପଣ ଅଧ୍ୟୟନ ନ କରନ୍ତି? ଏପରି କ'ଣ କେହି ଗାୟକ ଅଛନ୍ତି ଯେ ଏ ରାଜ୍ୟରେ ପ୍ରସୂତ ଗୀତଗୋବିନ୍ଦ ଗାନ ନ କରନ୍ତି? (କୋ ବା ଭକ୍ତ ଏତଦ୍ଦେଶପ୍ରତିଷ୍ଠିତଂ ଜଗନ୍ନାଥଂ ନ ପଶ୍ୟତି ? କୋ ବା ସାହିତ୍ୟିକ ଏତଦ୍ଦେଶପ୍ରସ୍ତୁତଂ ସାହିତ୍ୟଦର୍ପଣଂ ନାଧୀତେ ? କୋ ବା ଗାୟକଃ ଏତଦ୍ଦେଶପ୍ରସୂତଂ ଗୀତଗୋବିନ୍ଦଂ ନ ଗାୟତି ?)(ପଣ୍ଡିତ ନୀଳମଣି ମିଶ୍ର, ମୁଖବନ୍ଧ ପୃଷ୍ଠା-ଛ, କେଦାରନାଥ ମହାପାତ୍ରଙ୍କ ଶ୍ରୀ ଜୟଦେବ ଓ ଗୀତଗୋବିନ୍ଦ, ସଂଶୋଧିତ ସଂସ୍କରଣ, ୧୯୯୭)

**ରାଘବନ୍‌ଙ୍କ ଏହି ପ୍ରଶ୍ନ ଶ୍ରୀ ଜୟଦେବଙ୍କ ଓଡିଆତ୍ୱକୁ ପ୍ରଶ୍ନାତୀତ କରିଦେଇଛି ।**

*ଏ ସବୁ ଦୃଷ୍ଟିରୁ ଦେଖିଲେ ସମସ୍ତ ସତ୍ୟନିଷ୍ଠ, ନିର୍ଲିପ୍ତ ଓ ନିରପେକ୍ଷ ଗବେଷକ ଗୀତଗୋବିନ୍ଦର ଗୀତିକାର ଶ୍ରୀ ଜୟଦେବଙ୍କୁ ଓଡିଆ ବୋଲି ନିର୍ଣ୍ଣୟ କରିଛନ୍ତି ।*

**ତାଙ୍କୁ ବଙ୍ଗାଳୀ ବୋଲି ସୁନୀତି ଚାଟର୍ଜୀଙ୍କ ପରି ଯେଉଁ କେତେକ ବ୍ୟକ୍ତି ପ୍ରଚାର ଚଳାଇଛନ୍ତି ସେମାନେ ସଂପୂର୍ଣ୍ଣ କପୋଳକଳ୍ପିତ ଓ ଭିତ୍ତିହୀନ ଯୁକ୍ତି ବଳରେ ସାଂସ୍କୃତିକ ରାହାଜାନି ହିଁ କେବଳ ଚଳାଇଛନ୍ତି ।**

ଏହି ବ୍ୟକ୍ତିମାନଙ୍କ ଆଚରଣକୁ ***ସାଂସ୍କୃତିକ ଅସାଧୁତା*** ପର୍ଯ୍ୟାୟରେ ରଖିଛନ୍ତି ଭାରତୀୟ କୃଷ୍ଟିର ଆଧୁନିକ ବିଦେଶୀ ଗବେଷକମାନଙ୍କ ମଧ୍ୟରେ ଗରିଷ୍ଠ ମନ୍ୟ ଡଃ ଥୋମାସ ଇ. ଡୋନାଲ୍‌ଡ୍‌ସନ୍ । ଆମେରିକାସ୍ଥ କ୍ଲିଭ୍‌ଲ୍ୟାଣ୍ଡ୍ ଷ୍ଟେଟ୍ ୟୁନିଭର୍ସିଟିରେ ଏସିଆର କଳାକୃତି ଇତିହାସ ପଢାଉଥିବା ଏହି ବିଖ୍ୟାତ ପ୍ରଫେସର ଗୀତଗୋବିନ୍ଦ ପ୍ରସିଦ୍ଧିସଂପନ୍ନ କବି ଜୟଦେବଙ୍କୁ ବଙ୍ଗାଳୀ ବୋଲି ଦର୍ଶାଇବାକୁ ହୋଇଥିବା ଓ ହେଉଥିବା ସମସ୍ତ ଚେଷ୍ଟା ମୂଳରେ ସାଂସ୍କୃତିକ ଅସାଧୁତା ନିହିତ ବୋଲି କହିଛନ୍ତି ।Sri Jaya Deva was an Oriya by

orissamatters.com

birth and every attempt to link him to Bengal by a section of the Bengalees must be construed as an act of cultural dishonesty.(Supra) ତାଙ୍କ ମତରେ ଶ୍ରୀ ଜୟ ଦେବଙ୍କୁ ବଙ୍ଗାଳୀ ବୋଲି ସାବ୍ୟସ୍ତ କରିବାକୁ ଯେଉଁ ସମସ୍ତ ଯୁକ୍ତିର ଅବତାରଣା କରାଯାଉଛି ସେଗୁଡିକ ଏତେ ନିରାଧାର ଓ ଦୁର୍ବଳ ଯେ ସାଂସ୍କୃତିକ ଇତିହାସର କୌଣସି ସତ୍ୟନିଷ୍ଠ ଛାତ୍ର ତହିଁ ଉପରେ ଗୁରୁତ୍ୱ ଦେଇ ନ ପାରେ । ବିଦେଶୀ ଶକ୍ତି କବଳରେ ଓଡିଶାର ପ୍ରଭାବ ପାଂଶୁଳ ହୋଇଗଲା ପରେ ଏହି କବିଙ୍କ ନାମକୁ ଅସାଧୁ ଉପାୟରେ ଲକ୍ଷ୍ମଣ ସେନଙ୍କ ସହ ଯୋଡି ଏହାଙ୍କୁ ବଙ୍ଗାଳୀ ଭାବେ ଉପସ୍ଥାପିତ କରିବାକୁ ଅପଚେଷ୍ଟା ହୋଇଛି । ଯଦି ଊନବିଂଶ ଶତାବ୍ଦୀରେ ଓଡ଼ିଶା ବିଦେଶୀ ଶକ୍ତି କବଳରେ ପଡି ପ୍ରଶାସନିକ ସ୍ତରରେ ଅସୁବିଧାଜନକ ଅବସ୍ଥାକୁ ଖସିଯାଇ ନ ଥାନ୍ତା, ତେବେ ବଙ୍ଗାଳୀମାନେ ଏପରି ଅସାଧୁତା ଅବଲମ୍ବନପାଇଁ ସାହସ କରିପାରି ନ ଥାନ୍ତେ । ଯିଏ ଯାହା କହନ୍ତୁ, ପ୍ରତ୍ୟେକଟି ନିର୍ଭରଯୋଗ୍ୟ ପ୍ରତ୍ନତାତ୍ତ୍ୱିକ ତଥା ସାହିତ୍ୟିକ ଅଭିଲେଖ ଏହା ହିଁ ସାବ୍ୟସ୍ତ କରୁଛି ଯେ ଶ୍ରୀ ଜୟ ଦେବ ଥିଲେ ଓଡିଶା ମାଟିର ସନ୍ତାନ ଓ ଜନ୍ମତଃ ଥିଲେ ଓଡିଆ । (Addressing a seminar on Sri Gopinath and Jaya Deva organized by the Utkal University of Culture at Soochana Bhawan here on 14 February 2003, this scholar par excellence totally agreed with Orissa's position as the motherland of Sri Jaya Deva and made it abundantly clear that the poet was not at all a contemporary of Bengals King Laxman Sen as claimed by the Bengalis and hence it is quite absurd to say that he was his court poet. In fact, the evidences paraded by the Bengalee community in support of its claim on Sri Jaya Deva are so feeble and flimsy that a serious student of literature and cultural history cannot put any premium on them, he said. Stating that the poet's name has been mischievously linked with Laxman Sen only after decadence of Orissa's political influence under a foreign power, Prof. Donaldson felt that this cultural dishonesty might not have received any encouragement had Orissa of the 19th century not been in a disadvantage administratively and had her voice not been rendered feeble under the foreign yoke. But, whatever whosoever may say, every credible piece of

orissamatters.com

archaeological and literary records makes it doubtlessly clear that Sri Jaya Deva was born in Orissa and by birth belonged to the race of the Oriyas.) - http://orissamatters.com/news/index.php/2003/02/16/ donaldson/

## ଉଇଲିୟମ୍ ଜୋନ୍ସ୍ଙ୍କ ଭୂମିକା

ତେବେ ବଙ୍ଗରାଜ୍ୟର ଅଜୟ ନଦୀ କୂଳରେ ଚାଲିଥିବା ବାର୍ଷିକ *ଜୟଦେବ କେନ୍ଦୁଲୀ* ମେଳାର ଯେଉଁ ସୂଚନା ସାର୍ ଉଇଲିୟମ୍ ଜୋନ୍ସ୍ ସ୍ୱୀୟ ଅନୂଦିତ ଗୀତଗୋବିନ୍ଦର ମୁଖବନ୍ଧରେ ରଖିଛନ୍ତି ତାର ତାତ୍ପର୍ଯ୍ୟ କ'ଣ? ଏହି ତାତ୍ପର୍ଯ୍ୟ ଏପର୍ଯ୍ୟନ୍ତ ନିର୍ଣ୍ଣିତ ହୋଇ ନ ଥିବା ହେତୁ ଏକ ପରିହାର୍ଯ୍ୟ ବିତଣ୍ଡା ତିଷ୍ଠି ରହିଛି । ତେଣୁ ତହିଁ ପ୍ରତି ଆମେ ଏବେ ଦୃଷ୍ଟି ଦେବା ।

କଲିକତାରେ ବିଲାତି ଲୋକେ ପ୍ରତିଷ୍ଠା କରିଥିବା ପ୍ରଧାନ ବିଚାରାଳୟରେ ବିଚାରପତି ଥିବା ଏହି ବିଦଗ୍ଧ ସଂସ୍କୃତଜ୍ଞ ୧୭୮୪ରେ ସେଠାରେ *ଏସିଆଟିକ୍ ସୋସାଇଟି* ସ୍ଥାପନ କରିଥିଲେ ଓ ତାର ପ୍ରତିଷ୍ଠାତା ଅଧ୍ୟକ୍ଷ ଭାବେ ଏକ ଦଶନ୍ଧି କାଳ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ସମୟରେ ଗୀତଗୋବିନ୍ଦ ପ୍ରତି ତାଙ୍କ ଧ୍ୟାନ ଆକର୍ଷିତ ହୋଇଥିଲା । ସେ ଦେଖିଲେ ଯେ ଶ୍ରୀ ଜୟ ଦେବ ତାଙ୍କ ରଚିତ ପ୍ରତି ପ୍ରବନ୍ଧରେ ରାଗ ଓ ତାଳର ସୂଚନା ଦେଇଛନ୍ତି । ଏଗୁଡିକ କ'ଣ ଓ କିପରି ପ୍ରଯୁଜ୍ୟ? ଏହା ଜାଣିବା ପାଇଁ ସେ ବଙ୍ଗଳା ଓ ବିହାରର ବିଶେଷତଃ ଗୌଡ ଓ ମଗଧ ଅଞ୍ଚଳର ପଣ୍ଡିତବର୍ଗ ଓ ରାଜନ୍ୟମଣ୍ଡଳି ସହ ବାରମ୍ବାର ଆଲୋଚନା କଲେ । କିନ୍ତୁ ସଫଳକାମ ହେଲେ ନାହିଁ ।

ଏହି ଉଭୟ ପ୍ରଦେଶରେ ଏହି ସବୁ ରାଗ ଓ ତାଳର ପ୍ରଚଳନ ନ ଥିଲା ।

ସେ ନେପାଳ ଓ କାଶ୍ମୀରର ପଣ୍ଡିତମାନଙ୍କ ସହ ବି ଆଲୋଚନା କଲେ । ମାତ୍ର ସେସବୁ ଅଞ୍ଚଳରେ ପ୍ରାଚୀନ ସଙ୍ଗୀତର ଆଦୌ ପ୍ରଚଳନ ନ ଥିଲା ବୋଲି ଜାଣିଲେ ।

**ଅତଏବ, ବଙ୍ଗ ଓ ବିହାର ସମେତ ସମଗ୍ର ଉତ୍ତର ଭାରତରେ ଗୀତଗୋବିନ୍ଦର ରାଗ ଓ ତାଳଗୁଡିକର କୌଣସି ପ୍ରଚଳନ ନ ଥିଲା ।**

କିନ୍ତୁ ନେପାଳ ଓ କାଶ୍ମୀର ପଣ୍ଡିତ ଓ ରାଜାମାନେ ତାଙ୍କୁ କହିଥିଲେ ଯେ ଏଗୁଡିକର ବ୍ୟବହାର ବିଧି ଶ୍ରୀ ଜୟ ଦେବ ଜନ୍ମ ହୋଇଥିବା କୌଣସି ଦକ୍ଷିଣୀ ରାଜ୍ୟରେ ହିଁ ଉପଲବ୍ଧ ହୋଇପାରେ । "Although the Sanskrit books have preserved the theory of such misical compositions, the practice of it seems almost wholly left (as the Pandits and Rajas confess) in Gaur and Magadha of the provinces of Bengal and Bihar. When I first

orissamatters.com

read the songs of Jayadeva who has pre-fixed each of them, the name of the mode, in which it was anciently sung, I had hope of procuring the original music, but the Pandits of the South referred me to those of the West and the Brahmins of the west would have sent me to those of the south, while they, I mean those of Nepal and Cashmir, declared that they had no ancient music but imagined that the notes to the Gitagovinda must exist, if anywhere, in one of the southern provinces, where the poet was born". (Sir William Jones, On the Musical Modes of the Hindus (1784), published in Asiatic Researches (1799), Vol.III, pp.83-84)

ତେଣୁ ଶ୍ରୀ ଜୟ ଦେବ କେଉଁ ରାଜ୍ୟରେ ଜନ୍ମ ହୋଇଥିଲେ ତାହା ଜାଣିବାକୁ ସାର୍ ଜୋନ୍‌ସ୍ ଚେଷ୍ଟା କଲେ । **ସେ ଯେଉଁମାନଙ୍କୁ ପଚରାଉଚରା କଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଧାରଣା ଥିଲା ଯେ ଶ୍ରୀ ଜୟ ଦେବ କଳିଙ୍ଗରେ ହିଁ ଜନ୍ମ ହୋଇଥିଲେ ।** ("Jayadeva, who florished, it is said before Kalidasa, was born as he tells himself in Kenduli, which many believe to be in Kalinga".- Gitagovinda or the Songs of Jayadeva, Asiatic Researches, Vol.III, 1799) ମାତ୍ର ଯେହେତୁ ବର୍ଦ୍ଧମାନରେ ଏକା ନାମର ଏକ ସ୍ଥାନ ଅଛି, ସେହେତୁ ଏହାର ଅଧିବାସୀମାନେ ଭାରତର ଏହି ଲଳିତତମ କବିଙ୍କୁ ନିଜ ରାଜ୍ୟଜାତ ବୋଲି ଦାବି କରନ୍ତି ଓ ତାଙ୍କ ସ୍ମୃତିରେ ଏକ ବାତ୍ସରିକ ମେଳା ପାଳନ କରି ସାରା ରାତି ତାଙ୍କ ନାଟକାଭିନୀତ କରି ତାଙ୍କ ସୁନ୍ଦର ଗୀତଗୁଡ଼ିକ ଗାଆନ୍ତି ବୋଲି ବି ସେ ସୂଚାଇଛନ୍ତି । ("but since there is a town of similar name in Burdwan, the natives of it insist that the finest lyrical poet if India was their countryman and celebrate in honour of him an annual jubilee, passing a whole night in representing his drama and in singing his beautiful songs"-Ibid.)

**ସାର୍ ଜୋନ୍‌ସ୍‌ଙ୍କ ଏହି ପ୍ରତିବେଦନର ପର୍ଯ୍ୟାପ୍ତ ଗୁରୁତ୍ୱ ରହିଛି । ପ୍ରଥମତଃ ସେ ସ୍ପଷ୍ଟ କରିଦେଇଛନ୍ତି ଯେ ଶ୍ରୀ ଜୟ ଦେବ ଯେଉଁ ରାଗ ଓ ତାଳ ମାଧ୍ୟମରେ ତାଙ୍କ ଗୀତଗୁଡ଼ିକ ଗେୟ ବୋଲି ଉଲ୍ଲେଖ କରିଛନ୍ତି ସେଗୁଡ଼ିକ ବଙ୍ଗରାଜ୍ୟରେ ପ୍ରଚଳିତ ନ ଥିଲା ଓ ବଙ୍ଗାଳୀଙ୍କୁ ଜଣା ବି ନଥିଲା । ଦ୍ୱିତିୟତଃ ସେ ସ୍ୱୀକାର କରିଛନ୍ତି ଯେ ଶ୍ରୀ ଜୟ ଦେବଙ୍କ ଜନ୍ମ କେଉଁଠି**

orissamatters.com

**ବୋଲି ସେ ଯେତେ ଲୋକଙ୍କୁ ପଚାରିଲେ (ସ୍ୱାଭାବିକ ଭାବେ ମୁଖ୍ୟତଃ ବଙ୍ଗରେ) ସେମାନଙ୍କ ମଧ୍ୟରୁ ଅନେକ ବିଶ୍ୱାସ କରୁଥିଲେ ଯେ ତାଙ୍କ ଜନ୍ମସ୍ଥାନ ଥିଲା କଳିଙ୍ଗ ।**

କେବଳ ବଙ୍ଗ ନୁହେଁ, ବିହାର ସମେତ ନେପାଳରୁ କାଶ୍ମୀର ପର୍ଯ୍ୟନ୍ତ ସମଗ୍ର ଉତ୍ତର ଭାରତରେ ଜୟଦେବ ବ୍ୟବହାର କରିଥିବା *ରାଗ ଓ ତାଳ* ସଂପର୍କରେ ସେ ଅନୁସନ୍ଧାନ କରିଛନ୍ତି ଓ ଦେଖିଛନ୍ତି ଯେ ବଙ୍ଗପରି ଏହି ରାଜ୍ୟଗୁଡିକରେ ମଧ୍ୟ ଏହି ରାଗ ଓ ତାଳ ଗୁଡିକର ନାମଗନ୍ଧ ନ ଥିଲା ।

ଅଥଚ ସମଗ୍ର ଉତ୍ତରଭାରତରୁ ଏବଂ ବିଶେଷ କରି ତାଙ୍କ କର୍ମସ୍ଥଳୀ ବଙ୍ଗଳାରୁ ତାଙ୍କୁ ଅଧିକାଂଶ ଲୋକ ଦେଇଥିବା ସୂଚନାରୁ ସ୍ପଷ୍ଟ ହୋଇଯାଇଛି ଯେ କଳିଙ୍ଗରେ ହିଁ ଅର୍ଥାତ୍ ଓଡିଶାରେ ହିଁ କବିଙ୍କ ଜନ୍ମ । ସେ ଯଦି ଓଡିଶାକୁ ଆସିପାରିଥାନ୍ତେ ତେବେ ଓଡିଶା ଯେ କବିଙ୍କ ଜନ୍ମମାଟି ତାହାର ସମସ୍ତ ପ୍ରମାଣ ସେ ପାଇପାରିଥାନ୍ତେ ଓ ବର୍ଦ୍ଧମାନର ତଥାକଥିତ କେନ୍ଦୁଳୀ ମେଳାର ଅସଲ କାରଣ ମଧ୍ୟ ସେ ଜାଣିପାରିଥାନ୍ତେ ।

କିନ୍ତୁ ତାଙ୍କପାଇଁ ଓଡ଼ିଶା ଭିତରକୁ ଆସି ଶ୍ରୀ ଜୟ ଦେବଙ୍କ ଜନ୍ମସ୍ଥଳୀରେ ପହଞ୍ଚିବା ଥିଲା ଅସମ୍ଭବ । କାରଣ **ବଙ୍ଗାଳୀ ଜାତି ଯେମିତି ଇଂରେଜୀ ଆଧିପତ୍ୟକୁ ମାନିନେଇଥିଲା ଓଡ଼ିଆ ଜାତି ସେପରି ମାନି ନେଇ ନ ଥିଲା । ପରନ୍ତୁ ଓଡ଼ିଶା ହିଁ ଥିଲା ସେହି ମାଟି ଯାହା ଇଂରେଜ୍‌ମାନଙ୍କ ଅନୁପ୍ରବେଶକୁ ବିରୋଧ କରୁଥିଲା** । ଏବଂ ଏହି ବିରୋଧ କେତେ ତୀବ୍ର ଓ ଶାଣିତ ଥିଲା ତହିଁର କିଛି ଆଭିଲେଖିକ ତଥ୍ୟ ଉପରେ ଉପସ୍ଥାପିତ ହୋଇଛି ।

*ଏହି ଐତିହାସିକ କାରଣରୁ ଶ୍ରୀ ଜୟ ଦେବଙ୍କୁ ବିଶ୍ୱ ସମ୍ମୁଖରେ ଇଂରାଜୀ ଭାଷାରେ ପ୍ରଥମେ ରଖିଥିବା ସାର୍ ଉଇଲିୟମ୍ ଜୋନ୍‌ସ୍ ତାଙ୍କ ଜନ୍ମସ୍ଥାନ ଓଡିଶା ବୋଲି ଦୃଢ଼ତାର ସହ କହିପାରିଲେ ନାହିଁ ।* **ଅଥଚ ବର୍ଦ୍ଧମାନର *କେନ୍ଦୁଳୀ ଜୟଦେବ ମେଳାର* ଅସଲ ତାତ୍ପର୍ଯ୍ୟ ନ ଜାଣି ଏକ ଅଜ୍ଞ ଜନରବକୁ ଜୟ ଦେବଙ୍କ ଜନ୍ମସ୍ଥଳୀ ପ୍ରେକ୍ଷାପଟରେ ଉଲ୍ଲେଖ କରି ବିଭ୍ରାନ୍ତିର ଏକ ନୂଆ ଉପାଦାନ ସୃଷ୍ଟି କରିଦେଲେ ।**

ଏହି ବିଭ୍ରାନ୍ତିର ଅନ୍ତ ପାଇଁ ଆମକୁ ସେହି *କେନ୍ଦୁଳୀ ଜୟଦେବ ମେଳାର* ମୂଳ ପର୍ଯ୍ୟନ୍ତ ଯିବାକୁ ହେବ ।

## ମେଳାର ମୂଳ ଓ ରାଧାବିନୋଦ

ଶ୍ରୀ ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ ପ୍ରତିବେଦିତ ବୀରଭୂମ ବିବରଣରୁ ଜଣାଯାଏ, ବର୍ଦ୍ଧମାନର ମହାରାଜା ଅଜୟ ନଦୀ କୂଳରେ ଶ୍ରୀ ରାଧାବିନୋଦଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରି ଥିଲେ । ଏବଂ ଏହି ମନ୍ଦିର ପାଖରେ ନିମ୍ବାର୍କ ସଂପ୍ରଦାୟର ଶ୍ରୀ ରାଧାରମଣ ଦେବ ନାମକ ଜଣେ ମହନ୍ତ ଏକ ମଠ ସ୍ଥାପନ କରିଥିଲେ । ଏହି ମନ୍ଦିରରେ ଏକ ଶିଳାଲିପି ଥିଲା ଯହିଁରେ ୧୬୧୪ ଶକ ଅଙ୍କିତ ଥିଲା । ଶିଳାଲିପିଟି ହଜିଯାଇଛି । (মন্দিরে একখানি শিলালিপি ছিল, যাঁহারা দেখিয়াছিলেন তাঁহারা বলেন শিলালিপিতে ১৬১৪ শক অঙ্কিত

orissamatters.com

ଛିଲ । ଶିଲାଲିପି ଖାନି ହାରାଇୟା ଗିୟାଛେ - ବୀରଭୂମ ବିବରଣ, ପୃ-୨୨୬) ଶିଳାଲିପିଟି ମନ୍ଦିରରୁ ହଜିଗଲା କିପରି? ଏହା ଯଦି ମନ୍ଦିରରେ ଥିଲା ତେବେ ତ ଏହା ନିଶ୍ଚୟ ମନ୍ଦିର ଗାତ୍ରରେ ଖୋଦିତ ବା ଦୃଢ ଭାବେ ସଂସ୍ଥିତ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବ । ଏହାକୁ ସେଠାରୁ ବାହାର କଲା କିଏ ଏବଂ କିଏ ବା ଅପସାରିତ କଲା ? ଏବଂ କେବେ? ଏଥିରେ ପ୍ରକୃତରେ କ'ଣ ଲେଖା ଥିଲା? ଯେଉଁମାନେ ଦେଖିଥିଲେ ସେମାନେ ଯଦି ୧୬୧୪ ଶକ ଅଙ୍କିତ ଥିଲା ବୋଲି ମନେ ରଖିପାରିଲେ, ଏଥିରେ ଅନ୍ୟ କ'ଣ ଲେଖା ହୋଇଥିଲା ମନେ ନ ରଖିଲେ କିପରି? ସାଧାରଣ ମଣିଷ ପକ୍ଷେ ସଂଖ୍ୟା ଅପେକ୍ଷା ଭାଷା ବା ବିଷୟ ମନେ ରଖିବା ସହଜତର । ସୁତରାଂ ଶିଳାଲିପିଟିକୁ ଦେଖିଥିବା ଲୋକେ *ବୀରଭୂମ ବିବରଣ* ଗ୍ରଥିତ ହେବା ପର୍ଯ୍ୟନ୍ତ ଏତେ ଦୀର୍ଘ କାଳ ଧରି ଯଦି ସଂଖ୍ୟାଟି ମନେ ରଖିପାରିଲେ, ତହିଁର ପାଠ ମନେ ନ ରହିଲା କାହିଁକି?

ଏହି ଅସମାହିତ ପ୍ରଶ୍ନ ଶିଳାଲିପିଟି ସଂପର୍କରେ ପ୍ରଥମେ ସୂଚନା ଦେଇଥିବା ବ୍ୟକ୍ତିଙ୍କ ଭୂମିକା ଉପରେ ସନ୍ଦେହ ସୃଷ୍ଟିକରେ । ମନେହୁଏ, ଶିଳାଲିପିଟି ଯଦି ପ୍ରକୃତରେ ଥିଲା ତେବେ ଶ୍ରୀ ଜୟଦେବଙ୍କ ସଂପର୍କରେ ତହିଁରେ ଏପରି କିଛି ଖୋଦିତ ହୋଇ ଥିଲା ଯାହା ତାଙ୍କୁ ଓଡ଼ିଆ ବୋଲି ସାବ୍ୟସ୍ତ କରିଥାନ୍ତା ଓ ବଙ୍ଗଜ ବୋଲି ଦାବି କରୁଥିବା ଲୋକଙ୍କ ପକ୍ଷେ ଅସୁବିଧାଜନକ ହୋଇଥାନ୍ତା । ତେଣୁ ତାହାକୁ ଇଚ୍ଛାକରି ଅପସାରିତ କରାଯାଇଛି ଏବଂ ଜନସ୍ମୃତିର ଦୁହା ଦେଇ ଏକ ବିଭ୍ରାନ୍ତିକର ଶକାବ୍ଦର ଅବତାରଣା କରାଯାଇଛି ।

ମାଦଳା ପାଞ୍ଜିରୁ ଆମେ ଦେଖୁଁ ପୁରୀର ମାର୍କଣ୍ଡେଶ୍ୱର ପୁଷ୍କରିଣୀର ପଙ୍କୋଦ୍ଧାର କରି ବର୍ଦ୍ଧମାନ ରାଜା ହରେକୃଷ୍ଣ ସିଂହ କୀର୍ତ୍ତିଚନ୍ଦ୍ର ତାର ପାବଚ୍ଛଶ୍ରେଣୀ ନିର୍ମାଣ କରିଥିଲେ । (ବର୍ଦ୍ଧମାନ କୀର୍ତ୍ତିଚନ୍ଦ୍ରମା ମାର୍କଣ୍ଡରେ ପଥର ବନ୍ଧାଇଲେ-ପ୍ରାଚୀ ସଂସ୍କରଣ, ପୃ.୮୦) । ଏହି ପୁଷ୍କରିଣୀ ଘାଟରେ ଥିବା ଶ୍ରୀକୃଷ୍ଣ ମନ୍ଦିରରେ ଖୋଦିତ ଶିଳାଲେଖ ପାଠରୁ ଏହି କାର୍ଯ୍ୟର ସମୟ ଓ ସ୍ରଷ୍ଟାଙ୍କ ବିବରଣୀ ମିଳେ ।

ପାଠଟି ହେଲା, ଶୁଭମସ୍ତୁ ଶକାବ୍ଦ ୧୬୬୩ ଶ୍ରୀକୃଷ୍ଣ ଶକାବ୍ଦୋଽଗ୍ନିରସର୍ତ୍ତୁଗ୍ରରଶ୍ମିରବ୍ଦେ ବ୍ୟଧାପୟତ୍ ମାର୍କଣ୍ଡେୟହ୍ରଦାତ୍ ପଙ୍କୋଦ୍ଧାରଂ ସୋପାନମଣ୍ଡପୋ ହରେକୃଷ୍ଣସିଂହେନ କୀର୍ତ୍ତିଚନ୍ଦ୍ରନୃପେଣ ଚ ।

ପଣ୍ଡିତ କେଦାରନାଥ ମହାପାତ୍ର ଏହାର ଅବତାରଣା କରି ଜଣାଇଛନ୍ତି, ବର୍ଦ୍ଧମାନ ରାଜା ହରେକୃଷ୍ଣ ସିଂହ କୀର୍ତ୍ତିଚନ୍ଦ୍ର ଅଗ୍ନି (୩) ରସ (୬) ଋତୁ (୬) ଓ ଉଗ୍ରରଶ୍ମି (୧) ଅର୍ଥାତ୍ ୧୬୬୩ ଶକାବ୍ଦରେ ମାର୍କଣ୍ଡେୟ ହ୍ରଦରୁ ପଙ୍କୋଦ୍ଧାର ପୂର୍ବକ ଏହାର ଚତୁର୍ଦ୍ଦିଗରେ ପ୍ରସ୍ତର ସୋପାନଶ୍ରେଣୀ ନିର୍ମାଣ କରିଥିଲେ ଏବଂ ଏହାର ଘାଟରେ ଏକ ମଣ୍ଡପ ତୋଳାଇ ସେଥିରେ ଶ୍ରୀକୃଷ୍ଣ (ରାଧାବିନୋଦ) ମୂର୍ତ୍ତି ସ୍ଥାପନ କରିଥିଲେ- (ଶ୍ରୀ ଜୟଦେବ ଓ ଗୀତଗୋବିନ୍ଦ, ସଂଶୋଧିତ ସଂସ୍କରଣ,୧୯୯୭, ପୃ.୩୧ ) ।

orissamatters.com

ପଣ୍ଡିତ ମହାପାତ୍ର ବର୍ଦ୍ଧମାନ ମନ୍ଦିରର ଅନୁପଲଭ୍ୟ ଶିଳାଲେଖର ଅପ୍ରତିଷ୍ଠିତ ୧୬୧୪ ଶକାବ୍ଦ ଉପରେ ବୀରଭୂମ୍ ବିବରଣର ଗୁରୁତ୍ୱାରୋପକୁ ପ୍ରତ୍ୟାଖ୍ୟାନ କରି ମାର୍କଣ୍ଡେଶ୍ୱର ଶିଳାଲେଖ ଓ ମାଦଳାପାଞ୍ଜିର ଐତିହାସିକ ତଥା ଉପଲଭ୍ୟ ଉପାଦାନ ଉପରେ ନିର୍ଭର କରି ଲେଖିଛନ୍ତି କି ୧୬୬୩ ଶକାବ୍ଦ ବା ୧୭୪୧ ଖ୍ରୀଷ୍ଟାବ୍ଦରେ ବର୍ଦ୍ଧମାନ ରାଜା କୀର୍ତ୍ତିଚନ୍ଦ୍ର ମାର୍କଣ୍ଡେଶ୍ୱର ପୁଷ୍କରିଣୀ ନିକଟରେ ନିର୍ମିତ ଏକ ମଣ୍ଡପରେ ରାଧାବିନୋଦଙ୍କ ବିଗ୍ରହ ପ୍ରତିଷ୍ଠା କରିଥିବାରୁ ଏହି ୧୭୪୧ ଖ୍ରୀଷ୍ଟାବ୍ଦର ପାଖାପାଖି କୌଣସି ବର୍ଷ ସେ ତାଙ୍କ ଜମିଦାରୀର ଅନ୍ତର୍ଭୁକ୍ତ ଭୂଖଣ୍ଡରେ ପ୍ରବାହିତ ଅଜୟ ନଦୀ କୂଳରେ ଏହି ଦେବତାଙ୍କର ମନ୍ଦିର ପ୍ରତିଷ୍ଠା କରି ତାଙ୍କ ସମ୍ମୁଖରେ ଶ୍ରୀଗୀତଗୋବିନ୍ଦର ପାଠ ପାଇଁ ବ୍ୟବସ୍ଥା କରିଥିବା ସମ୍ଭବ । ଏଥିରେ ଭିନ୍ନମତ ହେବାର କୌଣସି କାରଣ ନାହିଁ ।

**କିନ୍ତୁ ଏଠାରେ ଜୟ ଦେବ ମେଳା ସଂପର୍କରେ ସେ ଯାହା ଲେଖିଛନ୍ତି ତାହା ସଠିକ ହୋଇ ନ ପାରେ** । ସେ ଲେଖିଛନ୍ତି, ନିମ୍ବାର୍କ ସଂପ୍ରଦାୟ ସନ୍ଥ ପରଂପରାରେ ଶ୍ରୀ ଜୟ ଦେବ ସ୍ଥାନ ପାଇଥିବାରୁ ଏବଂ ତତ୍‌କୃତ ଶ୍ରୀଗୀତଗୋବିନ୍ଦର ବିଶେଷ ଲୋକପ୍ରିୟତା ଥିବାରୁ ଜୟ ଦେବଙ୍କ ନାମରେ ଏଠାରେ ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ଏକ ବାର୍ଷିକ ମେଳା ଅନୁଷ୍ଠିତ ହେଲା । ମଠର ପ୍ରତିଷ୍ଠାତା ଶ୍ରୀ ଜୟ ଦେବଙ୍କ ସଂପ୍ରଦାୟ ଭୁକ୍ତ ହୋଇଥିବାରୁ ଏହି ମେଳାର ନାମ ଅଷ୍ଟାଦଶ ଶତାବ୍ଦୀର ଶେଷ ବେଳକୁ ହୋଇଗଲା ଜୟଦେବ ମେଳା । କିନ୍ତୁ ଏହା ଶ୍ରୀ ମହାପାତ୍ରଙ୍କର **ଏକ ଅସତର୍କ ଭୁଲ** ବୋଲି ମନେହୁଏ । ଶ୍ରୀ ଜୟ ଦେବଙ୍କୁ ବୈଷ୍ଣବ ବୋଲି ପଣ୍ଡିତ ମହାପାତ୍ର ମୂଳରୁ ଗ୍ରହଣ କରିନେଇଥିବାରୁ ଏହି ଭୁଲ ସମ୍ଭବିଛି ।

## ବୌଦ୍ଧ ଜୟ ଦେବଙ୍କୁ ବୈଷ୍ଣବ ସଜାଇବା ଚେଷ୍ଟା

ଶ୍ରୀ ଜୟ ଦେବ ବୈଷ୍ଣବ ନ ଥିଲେ । ସେ ଥିଲେ ଜଣେ ସହଜଯାନ ପନ୍ଥୀ ବୌଦ୍ଧ କାମ ସାଧକ ।-(ସୁଭାଷ ଚନ୍ଦ୍ର ପଟ୍ଟନାୟକ, ସମ୍ବାଦ,୧୧ ।୦୫ ।୧୯୯୭) । ପୂର୍ବୋଦ୍ଧୃତ ଉତ୍ତର ଭାରତର ସନ୍ଥ ପରଂପରା ଗ୍ରନ୍ଥ ଅନୁସାରେ ମଧ୍ୟ ସେ ସହଜଯାନୀ ପ୍ରଭାବର ଅନ୍ତର୍ଗତ ।ଯଥା- जय देब को सहजयान सम्प्रदाय द्वारा प्रभाबित भी कहते हैं :उत्तर भारतकी सन्थ परम्परा । ତେଣୁ ବୌଦ୍ଧ ବଜ୍ରଯାନ / ସହଜଯାନକୁ ଏକ ସହାୟକ ସାହିତ୍ୟ ସେ ତାଙ୍କ ଅବିନଶ୍ୱର ଅଷ୍ଟପଦୀଗୁଡିକ ମାଧ୍ୟମରେ ଯୋଗାଇ ଦେଇଥିଲେ । **ବ୍ରାହ୍ମଣ୍ୟବାଦ ପକ୍ଷେ ଏହାର ପ୍ରଭାବ କ୍ଷୁର୍ଣ୍ଣ କରିବା ଅସମ୍ଭବ ଥିଲା । ସୁତରାଂ ଏହାକୁ ବୈଷ୍ଣବ ସାହିତ୍ୟର ମାନ୍ୟତା ଦେଇ ଏହାର ପ୍ରୟୋଗାତ୍ମକ ଆଭିମୁଖ୍ୟରେ ହସ୍ତକ୍ଷେପ କରିଥିଲେ କ୍ଷମତାଶୀଳ ବୌଦ୍ଧବିରୋଧୀମାନେ ।**

ସେ ସର୍ବାଧିକ ବାର (୮୪ରୁ ୫୨ ବାର) ହରି ନାମ ଉଲ୍ଲେଖ କରିଥିବା ଏବଂ ସମସ୍ତ ସମ୍ଭ୍ରମର ସହ ଏହି ନାମ ନେଇ ବାରମ୍ବାର ନିଜର ପ୍ରଣତି ଅର୍ପଣ କରିଥିବା ବେଳେ ଏହା ବୁଦ୍ଧଙ୍କ ହେରୁକ / ହରି ନାମର ରୂପାନ୍ତର ହୋଇଥିବା ହେତୁ ତହିଁ ଉପରେ କୌଣସି ଗୁରୁତ୍ୱ ନ ଦେଇ ସେ କେବଳ ଥରେ ମାତ୍ର ସାଙ୍କେତିକ ଭାବେ ବ୍ୟବହାର କରିଥିବା କୃଷ୍ଣ

orissamatters.com

ଶବ୍ଦକୁ ପୁଞ୍ଜିକରି ବ୍ୟାସଙ୍କ ନାମରେ ଭଣିତ ଭାଗବତର ନାୟକ କୃଷ୍ଣଙ୍କ ସହ ଜୟ ଦେବଙ୍କ ରାଧାକୁ ଯୋଡି ରାଧାକୃଷ୍ଣ ପ୍ରେମର ବୈଷ୍ଣବୀୟ ପରିପ୍ରଚାର ସୃଷ୍ଟି କରିଥିଲେ ଏହି ବୌଦ୍ଧବିରୋଧୀମାନେ । ଏହି କ୍ରମରେ ଏହିମାନଙ୍କ ଦ୍ୱାରା ବୈଷ୍ଣବ ସନ୍ଥ ଭାବେ ଜୟ ଦେବଙ୍କର ଏକ ନୂତନ ପରିଚୟ ସୃଷ୍ଟି କରା ହୋଇଥିଲା ଓ ଏହି ପରିଚୟ ଅସଲ ବୋଲି ଦର୍ଶାଇବାକୁ ନାନା କିମ୍ବଦନ୍ତୀ ଓ ଅସତ୍ୟ ପ୍ରଚାରର ଆଶ୍ରା ନିଆଯାଇଥିଲା । ପରେ ଏହା ଉପରକୁ ପୁନଶ୍ଚ ଆସିହେବ ।

## ତା ସତ୍ତ୍ୱେ ଜୟଦେବ କେନ୍ଦୁଲି ନୁହେଁ, କେନ୍ଦୁଲି ଜୟ ଦେବ

ଏବେ କେବଳ ଏତିକି କୁହାଯାଇପାରେ ଯେ, ବର୍ଦ୍ଧମାନ ରାଜା ହରେକୃଷ୍ଣ ସିଂହ କୀର୍ତ୍ତିଚନ୍ଦ୍ର ବୌଦ୍ଧ ସହଜଯାନର ସମର୍ଥକ ଥିଲେ । ଉଗ୍ର ବ୍ରାହ୍ମଣ୍ୟବାଦ ହେତୁ ତାଙ୍କ ରାଜ୍ୟରେ ନାରୀ ଏକ ଭୋଗ୍ୟବସ୍ତୁରେ ପରିଣତ ହୋଇଥିଲା । ସେ ତାହାର ପରିବର୍ତ୍ତନ ଚାହୁଁଥିଲେ ।

ଶ୍ରୀ ଜୟ ଦେବଙ୍କୁ ବଙ୍ଗଜ ବୋଲି ଦର୍ଶାଇବାକୁ ଚେଷ୍ଟା କରି ନାନା ମିଥ୍ୟା ଆଖ୍ୟାୟିକାର ଅବତାରଣା କରିଥିବା ନୃପେନ୍ଦ୍ରକୃଷ୍ଣ ଚଟ୍ଟୋପାଧ୍ୟାୟଙ୍କ ପ୍ରତିବେଦନରୁ ମିଥ୍ୟା ଓ ମନଗଢା କାହାଣୀଗୁଡିକୁ ବାଦ୍‌ଦେଲାପରେ ବଙ୍ଗଳାର ଯେଉଁ ସାମାଜିକ ଚିତ୍ର ଆଖିରେ ପଡେ ତାହା ତାକୁ ଏକ ପାଶବିକ ଯୌନତାର ରାଜ୍ୟ ଭାବେ ଉପସ୍ଥାପିତ କରେ । ଯଥା- *ମନୁଷ୍ୟର ଅଳସ ମନ ଏକମାତ୍ର ଯୌନ ତୃପ୍ତି ମାଧ୍ୟମରେ ଜୀବନ ବୈଚିତ୍ର୍ୟର ସ୍ୱାଦ ସେତେବେଳେ ଉପଭୋଗ କରି ଚାଲିଥାଏ । ଧର୍ମ ବିକୃତ ହୋଇ ସମାଜରେ ଏହି କାମ-ଲିପ୍ସାର ସହାୟକ ହୋଇଉଠିଥାଏ । x x x ସଂକ୍ରାମକ ବ୍ୟାଧି ପରି ଏଇ ଚରିତ୍ରହୀନତା ଏବଂ ଯୌନ-ଲିପ୍ସା ସମାଜକୁ ଶୋଷି ବସିଥାଏ।-* (মানুষের অলস মন তখন একমাত্র যৌন-তৃপ্তির মধ্যে জীবনের বিচিত্রতার স্বাদ উপভোগ করতে চলেছে । ধর্ম্মও বিকৃত হয়ে সমাজের এই কাম-লিপ্সার সহায়ক হয়ে উঠেছে । x x x সংক্রামক ব্যাধির মতন এই চরিত্রহীনতা আর যৌন-লিপ্সা সমাজকে পেয়ে বসেছে।-ଚିତ୍ରେ ଜୟଦେବ, ପୃ.୨)

ପୂର୍ବରୁ ଆମେ ଦେଖିଛେଁ, ଉଗ୍ର ପୁରୁଷପ୍ରାଧାନ୍ୟର ଯେଉଁ ଉଭଟତା ସୃଷ୍ଟି କରିଥିଲା ବ୍ରାହ୍ମଣ୍ୟବାଦ, ତା କବଳରେ କିପରି ସଢ଼ିଯାଇଥିଲା ସ୍ତ୍ରୀର ଆତ୍ମସମ୍ମାନ , ନାରୀର ବ୍ୟକ୍ତିତ୍ୱ । ସ୍ତ୍ରୀ ହୋଇଯାଇଥିଲା ପୁରୁଷର ବନ୍ୟ ଆଧିପତ୍ୟର ଅଧସ୍ତନ । ଏପରି ଏକ ଅବସ୍ଥା କୀର୍ତ୍ତିଚନ୍ଦ୍ରଙ୍କ ପକ୍ଷେ ଅସହ୍ୟ ଥିଲା । ତେଣୁ ଶ୍ରୀ ଜୟ ଦେବଙ୍କ ପଦାଙ୍କ ଅନୁସରଣ କରି ସେ କାମକଳାର ନାୟିକା ରାଧା ଓ ତାଙ୍କ ନାୟକଙ୍କ ପ୍ରେମମୟ ଜୀବନାଦର୍ଶ ମାଧ୍ୟମରେ ଜନସମାଜରୁ ପୁରୁଷପ୍ରଧାନ ଯୌନ ଯଥେଚ୍ଛାଚାରର ବିଲୋପନ ପାଇଁ ଉଦ୍ୟମ କରିଥିଲେ ।

ତନ୍ତ୍ରତୀର୍ଥ ମାର୍କଣ୍ଡ ପୁଷ୍କରିଣୀର ଜୀର୍ଣ୍ଣୋଦ୍ଧାର କରି ସେ ସେଠାରେ ଏହି ସହଜ ନାୟିକା ଓ ନାୟକଙ୍କ ପାଇଁ ଏକ ମନ୍ଦିର କରି ତହିଁରେ ରାଧାବିନୋଦଙ୍କ ବିଗ୍ରହ ପ୍ରତିଷ୍ଠା କରିବା ତାଙ୍କର ଏହି ମତାଦର୍ଶର ପ୍ରମାଣ ଭାବେ ବିବେଚ୍ୟ । ପ୍ରାଚୀନ ଉତ୍କଳରେ ଜଗବନ୍ଧୁ

orissamatters.com

ସିଂହ ପୁରୀର ଯେଉଁ ପ୍ରଧାନ ପଞ୍ଚତୀର୍ଥର ନାମୋଲ୍ଲେଖ କରିଛନ୍ତି ସେଗୁଡିକ ହେଲେ-ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ, ମହୋଦଧି, ଶ୍ୱେତଗଙ୍ଗା ଓ ରୋହିଣୀକୁଣ୍ଡ । ଏମାନଙ୍କ ମଧ୍ୟରେ କେବଳ ମାର୍କଣ୍ଡ ହେଉଛି ସେହି ତୀର୍ଥ ଯେଉଁଠି ବୌଦ୍ଧତନ୍ତ୍ରରେ ସିଦ୍ଧିଦାୟିନୀ ସପ୍ତମାତୃକା ସଂପୂଜିତା । ବଜ୍ରଯାନ ଯେ ସପ୍ତ ମାତୃକାଙ୍କୁ ଅବଲମ୍ବନ କରି ଓଡିଶାରେ ବିସ୍ତୀର୍ଣ୍ଣ ହୋଇପାରିଥିଲା ତାର ଅନ୍ୟତମ ଦୃଷ୍ଟାନ୍ତ ହେଉଛି ଭଦ୍ରକର ଅନ୍ନପାଳ ନିକଟସ୍ଥ *ଲାଙ୍ଗୁଡି* ଗ୍ରାମର ଏକ ପୁଷ୍କରିଣୀ ତଟରେ ସପ୍ତ ମାତୃକା ମନ୍ଦିରର ଅବସ୍ଥିତି । ପୁରୀ ମାର୍କଣ୍ଡ ତୀର୍ଥର ବୈଶିଷ୍ଟ୍ୟ ହେଉଛି ସପ୍ତ ମାତୃକା ଅଧିଷ୍ଠାନ । ସମସ୍ତ ବୌଦ୍ଧ ପୀଠକୁ ଶୈବ ପୀଠରେ ରୂପାନ୍ତରିତ କରିବାପାଇଁ ଯେଉଁ ଚକ୍ରାନ୍ତ ହୋଇଥିଲା ତା ଫଳରେ ମାର୍କଣ୍ଡ ତୀର୍ଥର ସପ୍ତ ମାତୃକା ଆସ୍ଥାନକୁ ହୀନପ୍ରଭ କରି ସେଠାରେ ଗଢାଯାଇଥିଲା ମାର୍କଣ୍ଡେଶ୍ୱର ମନ୍ଦିର ଓ ମାର୍କଣ୍ଡ ମୁନି ସେଠାରେ ଶିବଙ୍କୁ ତପସ୍ୟା କରି ମୃତ୍ୟୁ ଉପରେ ଜୟଲାଭ କରିଥିଲେ ବୋଲି କିମ୍ବଦନ୍ତୀ ବି ପ୍ରଚାର ହୋଇଥିଲା । ବ୍ରାହ୍ମଣ୍ୟବାଦର ଏହି କୁତ୍ସିତ ଚକ୍ରାନ୍ତ ପ୍ରତିହତ କରି ବର୍ଣ୍ଣବୈଷମ୍ୟ ବିରୋଧୀ ବୌଦ୍ଧ ଦର୍ଶନର ପୁନଃ ପ୍ରସାରଣ ପାଇଁ ଶ୍ରୀ ଜୟ ଦେବ ଯେଉଁ ଲଳିତ ବିପ୍ଳବ ଆରମ୍ଭ କରିଥିଲେ ତାହା ରାଧା ଓ ହରି ପରି ସାଂକେତିକ ନାମ ମାଧ୍ୟମରେ ସଂପ୍ରସାରିତ ହେବାକୁ ଯୋଜନା ଥିଲେ ମଧ୍ୟ ବ୍ରାହ୍ମଣ୍ୟବାଦୀଙ୍କୁ ପ୍ରତାରିତ କରିବା ଉଦ୍ଦେଶ୍ୟରେ ସେମାନଙ୍କ ମାନ୍ୟତାପ୍ରାପ୍ତ ବିଷ୍ଣୁ ମନ୍ଦିରର ଛତ୍ର ତଳେ ସଂପାଦିତ ହେଉଥିଲା । ଠିକ୍ ଏହି କାରଣରୁ ବର୍ଦ୍ଧମାନ ନରେଶ ହରେକୃଷ୍ଣ ସିଂହ କୀର୍ତ୍ତିଚନ୍ଦ୍ର ପୁରୀର ଏହି ନିର୍ଦ୍ଦିଷ୍ଟ ତୀର୍ଥ ମାର୍କଣ୍ଡର ଜୀର୍ଣ୍ଣ ସଂସ୍କାର କରି ସେଠାରେ ସ୍ଥାପନ କରିଥିଲେ ରାଧାବିନୋଦ ମନ୍ଦିର ।

ବ୍ରାହ୍ମଣ୍ୟବାଦୀମାନେ ସଜାଇଥିବା **ରାଧାକୃଷ୍ଣ ପରିବର୍ତ୍ତେ ରାଧାବିନୋଦ** ନାମ ଉପରେ ସେ ରଖିଥିବା ଗୁରୁତ୍ୱ ପ୍ରତି ଆଖି ବୁଜିଦେଇ ହେବନି । **ସେ ରାଧାଙ୍କ ସହ କୃଷ୍ଣ ବା ଗୋବିନ୍ଦ ନାମ ଯୋଡ଼ି ନାହାନ୍ତି । ବିନୋଦ ଶବ୍ଦ ପ୍ରୟୋଗ କରି ରାଧାଙ୍କ ପ୍ରାଧାନ୍ୟ ହିଁ ପ୍ରଦର୍ଶିତ କରିଛନ୍ତି ।**

**ଏଠି ରାଧାବିନୋଦ ଅର୍ଥ ରାଧାର ଆମୋଦ ବା ରାଧାର ସନ୍ତୋଷ ବା ରାଧାର ବିହାର । ରାଧା ହିଁ ମୁଖ୍ୟ । ଏହା ହିଁ ଜୟ ଦେବ ତତ୍ତ୍ୱ । ନାରୀପ୍ରଧାନ ମୈଥୁନତତ୍ତ୍ୱ । ପୁରୁଷପ୍ରଧାନ ବା ବିଷ୍ଣୁକୈନ୍ଦ୍ରିକ ନୁହେଁ । ତେଣୁ ବୈଷ୍ଣବାନୁରୂପ ନୁହେଁ । ରାଧାବିନୋଦ ନାମ ସର୍ବତୋଭାବେ କୃଷ୍ଣଙ୍କର ବୋଲି ଗ୍ରହଣ କରି ପୂଜ୍ୟ କେଦାରନାଥ ଏ କ୍ଷେତ୍ରରେ ବୌଦ୍ଧପ୍ରଭାବର ଆବଶ୍ୟକୀୟ ଆକଳନ କରିପାରି ନାହାନ୍ତି ।** କିନ୍ତୁ ଏହା ହିଁ ସ୍ୱୀକାର୍ଯ୍ୟ ଯେ, ଏହି ମନ୍ଦିରର ଆଧାର ଥିଲା ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀଗୁଡିକର ଅନ୍ତର୍ନିହିତ ତତ୍ତ୍ୱ । ଏବଂ ଠିକ୍ ଏହି କାରଣରୁହିଁ ସେ ନିଜ ଅଧୀନସ୍ଥ ବର୍ଦ୍ଧମାନର ଅଜୟ ନଈ କୂଳରେ ରାଧା ବିନୋଦ ମନ୍ଦିର ସ୍ଥାପନ କରି ନିଜ ପ୍ରିୟ ଦାର୍ଶନିକ ଶ୍ରୀ ଜୟ ଦେବଙ୍କ ଆଦର୍ଶ ପ୍ରେମବାର୍ତ୍ତାର ପରିପ୍ରସାର ପାଇଁ ଜୟ ଦେବ ମେଳା ଆରମ୍ଭ କରିଥିଲେ । ଯେହେତୁ ତାଙ୍କ ନିଜ ରାଜ୍ୟରେ ପୂର୍ବସୂଚୀତ

orissamatters.com

*ପିୟୂଷବର୍ଷ* ଜୟଦେବ ଜନସ୍ମୃତିରେ ଥିଲେ, ସେହେତୁ ସେ ହୁଏତ ତାଙ୍କଠାରୁ ଆମ ଜୟଦେବଙ୍କ ଭିନ୍ନତା ପ୍ରଦର୍ଶନ କରିବା ପାଇଁ ତାଙ୍କୁ *କେନ୍ଦୁଳି ଜୟଦେବ* ବୋଲି ଚିହ୍ନଟ କରାଇଥିବେ । କଥାଟି ଏହି ପରି : ଦି ଜଣ ସୁଭାଷ ଚନ୍ଦ୍ର ପଟ୍ଟନାୟକ ଯଦି ଗୋଟିଏ ସ୍ଥାନରେ ଏକାଠି ହୁଅନ୍ତି ଓ ସେମାନଙ୍କ ଭିତରୁ ମୁଁ କେଉଁ ସୁଭାଷ ଚନ୍ଦ୍ର ପଟ୍ଟନାୟକ ବୋଲି ଯଦି କେହି ଜାଣିବାକୁ ଚାହେଁ, ଉତ୍ତରଟି ହେବ - *ତିଗିରିଆ ସୁଭାଷ ଚନ୍ଦ୍ର ପଟ୍ଟନାୟକ;* କାରଣ ମୋ ଜନ୍ମସ୍ଥାନ ହେଲା ତିଗିରିଆ । ଏହା ଏକ ସ୍ୱୀକୃତ ପଦ୍ଧତି । ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ ଗ୍ରନ୍ଥରେ (ପୃ.୫୫) ସ୍ଥାନିତ ଓ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ସଂରକ୍ଷିତ ଥିବା ଚିଟୋଉ ଭିତ୍ତିକ ଏକ ଅନନ୍ୟ ପରୀକ୍ଷାମୂଳକ ଚଉତିଶାର ଲେଖକ *ତିଗିରିଆ ମାନଧାତା* ଭାବେହିଁ ପରିଚିତ । ବସ୍ତୁତଃ ପରିଚୟ ଜାଣିବା ପାଇଁ ଜନ୍ମସ୍ଥାନ ବେଶୀ କାମରେ ଲାଗେ । ଏହି କାରଣରୁ, **ତାଙ୍କ ରାଜ୍ୟରେ ଯେହେତୁ ପିଉଷବର୍ଷୀ ଉପାଧିଧାରୀ ଜଣେ ଭିନ୍ନ ଜୟଦେବଙ୍କ ଅସ୍ତିତ୍ୱ ପୂର୍ବରୁ ରହିଥିଲା ସେହେତୁ ବର୍ଦ୍ଧମାନ ରାଜା ଆରମ୍ଭ କରିଥିବା ମେଳା ସେହି ଜୟ ଦେବଙ୍କ ନାମରେ ଅନୁଷ୍ଠିତ ହେଉ ନାହିଁ ବୋଲି ସ୍ପଷ୍ଟ କରିଦେବାକୁ ସେ ନିଶ୍ଚୟ ଏହାର ନାମ ରଖିଥବେ *କେନ୍ଦୁଳି ଜୟଦେବ ମେଳା*** । ଜୟ ଦେବଙ୍କ ନାମାନୁସାରେ ସେ କହିବା ଉଚିତ ଥିଲା *କେନ୍ଦୁବିଲ୍ୱ ଜୟ ଦେବ ମେଳା* । ମାତ୍ର ବଙ୍ଗାଳୀଙ୍କ ଓଠରେ କେନ୍ଦୁବିଲ୍ୱ ଶବ୍ଦଟି ସମେଇ ନ ଥାନ୍ତା । ସେମାନଙ୍କ ଉଚ୍ଚାରଣ ଅଭ୍ୟାସ ଦୃଷ୍ଟିରୁ *କେନ୍ଦୁବିଲ୍ୱ ଜୟ ଦେବ ମେଳା* ଅପେକ୍ଷା *କେନ୍ଦୁଳି ଜୟଦେବ ମେଳା* ଅଧିକ ସୁବିଧାଜନକ । କେବଳ ଏଇଥିପାଇଁ ମେଳାଟିର ନାମ ରହିଥିବ *କେନ୍ଦୁଳି ଜୟ ଦେବ ମେଳା* । କାଳକ୍ରମେ ତାହା *କେନ୍ଦୁଳି ମେଳା* ଭାବେ କଥିତ ହୋଇଥିବ । ଡଃ ସୁକୁମାର ସେନ, ଡଃ ଆଶୁତୋଷ ଭଟ୍ଟାଚାର୍ଯ୍ୟ, ଡଃ ସତ୍ୟକାମ ସେନଗୁପ୍ତ ପ୍ରଭୃତିଙ୍କ ପରି ସତ୍ୟନିଷ୍ଠ ବଙ୍ଗୀୟ ଗବେଷକମାନେ ବଙ୍ଗରାଜ୍ୟର ଅଜୟ ନଦୀ କୂଳରେ କିପରି କେବେ କୌଣସି କେନ୍ଦୁଳି ନାମକ ସ୍ଥାନ ନ ଥିଲା ବୋଲି ସାବ୍ୟସ୍ତ କରିଛନ୍ତି ତହିଁର ଆବଶ୍ୟକୀୟ ସୂଚନା ଏଥିପୂର୍ବରୁ ଦିଆସରିଛି । ସୁତରାଂ ସେଇଠି କେନ୍ଦୁଳି ନ ଥାଇ ବି ଥିଲା ବୋଲି ଯେ କେତେକ ମନେ କରୁଛନ୍ତି ତାହା ଏହି କାରଣରୁ ସମ୍ଭବ ହୋଇଥିବ ।

ଏହାରି ସୁଯୋଗ ନେଇ ଜୟଦେବଙ୍କ ଉପରେ ଜାଲିଆତି କରିବାକୁ ବଦ୍ଧପରିକରଥିବା କତିପୟ ବଙ୍ଗାଳୀ ସେହି ମେଳା ସ୍ଥାନକୁ କେନ୍ଦୁଳି ଓ ତାହା ଜୟଦେବଙ୍କ ଜନ୍ମସ୍ଥାନ ବୋଲି ଦୁହା ଉଠାଇବାକୁ ସକ୍ଷମ ହୋଇଛନ୍ତି ।

### ***ବଙ୍ଗାଳୀ ଦାବୀଦାରଙ୍କୁ ଓଡ଼ିଶା ବ୍ରାହ୍ମଣ୍ୟବାଦୀଙ୍କ ସହାୟତା***

କିନ୍ତୁ ଜୟ ଦେବଙ୍କୁ ବୈଷ୍ଣବ ଭାବେ ଦର୍ଶାଇବାକୁ ଓଡିଶାରେ ଯେଉଁ ଇଚ୍ଛାକୃତ ଷଡଯନ୍ତ୍ର ହୋଇଥିଲା ଯୋହାକୁ ଅଧିକ ବଳବତ୍ତର କରାଇବାକୁ ଓଡିଶାର ବ୍ରାହ୍ମଣ୍ୟବାଦୀମାନେ ଏବେ ପୁନଃ ଉଦ୍ୟମ ଆରମ୍ଭ କରିଛନ୍ତି - (http://orissamatters.com/news/index.php/2005/05/17/birthplace-of-jayadev/), ତାଙ୍କ ନିଜସ୍ୱ ଦର୍ଶନ

orissamatters.com

ସଂପର୍କରେ କୌଣସି ଜ୍ଞାନ ନଥିବା ହେତୁ, ସେହି ଷଡ଼ଯନ୍ତ୍ରରୁ ଉଦ୍ଭୁତ ଅପପ୍ରଚାରକୁ ଆପଣାଇ ଏହି ବଙ୍ଗାଳୀମାନେ ଜୟ ଦେବଙ୍କୁ ବୈଷ୍ଣବ ଭାବେ ଉପସ୍ଥାପିତ କରିଚାଲିଛନ୍ତି ।

ଜୟ ଦେବଙ୍କ କାମବଜ୍ରଯାନୀୟ ପଦାବଳୀଗୁଡ଼ିକର ଜନପ୍ରିୟତା ହେତୁ ସେଗୁଡ଼ିକରେ ହସ୍ତକ୍ଷେପ କରିବାକୁ ସାହସ କରି ନ ପାରି ଓଡ଼ିଶାର ବର୍ଣ୍ଣବୈଷମ୍ୟବାଦୀମାନେ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାପାଇଁ ତହିଁରେ ଯଦୃଚ୍ଛା ଶ୍ଳୋକାବଳୀ ପ୍ରକ୍ଷିପ୍ତ କରି ତାହାକୁ ବୈଷ୍ଣବ ସାହିତ୍ୟ ଭାବେ ପ୍ରତିପାଦିତ କରିବାକୁ ଉଦ୍ୟମ କରିଥିଲେ । **ଏତଦ୍ୱାରା ଜୟ ଦେବଙ୍କ ମହୋଦଧି-ପ୍ରଭାବ-ପ୍ରସୁତ ମୌଳିକ ଓଡ଼ିଆ ଅବବୋଧ ହୋଇଉଠିଥିଲା ଆଛୁଆଳ ଗ୍ରସ୍ତ ଓ ଏହା ବଙ୍ଗାଳୀ ଦାବୀଦାରମାନଙ୍କୁ ବେଶ୍ ସୁହାଇଥିଲା ।** ତାଙ୍କ ପଦାବଳୀଗୁଡିକ ଯଦି କାମବଜ୍ରଯାନୀ ବୌଦ୍ଧ ଚେତନାର ସହାୟକ ହୋଇ ନ ଥାନ୍ତା, ତେବେ ହୁଏତ ତହିଁ ଉପରେ ଓଡ଼ିଶାର ବ୍ରାହ୍ମଣ୍ୟବାଦୀମାନଙ୍କ ପକ୍ଷରୁ ଏପରି ଆକ୍ରମଣ ହୋଇନଥାନ୍ତା ।

**କ୍ଷମତା ଗାଦିରୁ ପ୍ରଥମ ଆକ୍ରମଣ କରିଥିଲେ ବ୍ରାହ୍ମଣ୍ୟବାଦୀ ଗଜପତି ପୁରୁଷୋତ୍ତମ ଦେବ ।** ସେ ଥିଲେ ଲୋକବାଦୀ ଗଜପତି କପିଳେନ୍ଦ୍ର ଦେବଙ୍କ ଏକ ରକ୍ଷିତା ବ୍ରାହ୍ମଣୀର ଅଙ୍ଗଜ ଏବଂ ସେହେତୁ ରାଜଗାଦି ଆରୋହଣ ପାଇଁ ତାଙ୍କର କୌଣସି ଯୋଗ୍ୟତା ନ ଥିଲା । କିନ୍ତୁ ଜୟ ଦେବଙ୍କ ପ୍ରଭାବ ଅପସାରଣପାଇଁ ଓଡ଼ିଶାର ବ୍ରାହ୍ମଣ୍ୟବାଦୀମାନେ ଚକ୍ରାନ୍ତ କରି ତାଙ୍କୁ ରାଜଗାଦୀ ଦିଆଇଥିଲେ । ଆଗକୁ ଯିବା ପୂର୍ବରୁ କପିଳେନ୍ଦ୍ରଙ୍କୁ ମୁଁ କାହିଁକି ଲୋକବାଦୀ ବୋଲି କହୁଛି ତାହା ସ୍ପଷ୍ଟ କରିଦେବା ଉଚିତ ।

## *ବ୍ରାହ୍ମଣ୍ୟବାଦୀ କାଳପାଶରେ ଲୋକବାଦୀ କପିଳେନ୍ଦ୍ର*

ଲୋକାୟତ୍ତ ସମାଜ ବ୍ୟବସ୍ଥାର ସର୍ବଶ୍ରେଷ୍ଠ ସଂସ୍ଥାପକ ଥିଲେ ବୁଦ୍ଧ ଦେବ ଯେ କି ଥିଲେ ସୂର୍ଯ୍ୟଗୋତ୍ରୀୟ । ପରିବ୍ରଜଣକାଳରେ ବିମ୍ବିସାରଙ୍କୁ ନିଜର ପରିଚୟ ଦେଇ ସେ କହିଥିଲେ-

ଆଦିଚ୍ଚାନାମାଗୋତ୍ତେନ ସାକିୟାନାମାଜାତିୟା
ତହ୍ମାକୁଳା ପବ୍ବଜିତୋଽହ୍ମି ନ କାମେ ଅଭିପତ୍‌ଥୟମ୍ । **(ସୁତ୍ତନିପାତ)**

ଯେହେତୁ ଆଦିତ୍ୟ ଗୋତ୍ରର ସେ ସର୍ବଶ୍ରେଷ୍ଠ ମଣିଷ ଥିଲେ, ତାଙ୍କୁ ସ୍ୱୟଂ ଆଦିତ୍ୟ ବା ସୂର୍ଯ୍ୟରୂପେ ବିଚାରକରାଯାଉଥିଲା । **ସେ ହିଁ କୋଣାର୍କରେ ସୂର୍ଯ୍ୟ ରୂପେ ପୂଜା ପାଉଥିଲେ ।** ବ୍ରାହ୍ମଣ୍ୟବାଦ ପରିକଳ୍ପିତ *ଦୈବାୟତ୍ତ* ସମାଜ ବ୍ୟବସ୍ଥାର ପ୍ରତିକାର ନିହିତ ଥିଲା ବୁଦ୍ଧ ପ୍ରଚୋଦିତ *ଲୋକାୟତ୍ତ* ବ୍ୟବସ୍ଥାରେ ।

**କପିଳେନ୍ଦ୍ର ନିଜକୁ ସୂର୍ଯ୍ୟ ଗୋତ୍ରୀୟ ବୋଲି କେବଳ ଚିହ୍ନିତ କରାଇଥିଲେ ତା ନୁହେଁ, ବୁଦ୍ଧ ପ୍ରଚୋଦିତ ଲୋକାୟତ୍ତ ବ୍ୟବସ୍ଥାକୁ ମଧ୍ୟ ଅଗ୍ରାଧିକାର ଦେଇଥିଲେ ।** ଶ୍ରୀ ଜଗନ୍ନାଥ ବୁଦ୍ଧଙ୍କୁ ଓଡ଼ିଶା ସାମ୍ରାଜ୍ୟର ପ୍ରକୃତ *ମାଲିକ* ଓ ନିଜକୁ ତାଙ୍କର *ରାଉତ* ଭାବେ ଘୋଷଣା କରି ତହିଁର ସୁରକ୍ଷା ଓ ସଂପ୍ରସାରଣର ଦାୟିତ୍ୱ *ରାଜା ପ୍ରଜା ନିର୍ବିଶେଷରେ* ସବୁ ଓଡ଼ିଆଙ୍କର ବୋଲି

orissamatters.com

ସେ ହିଁ ପ୍ରଥମେ କହିଥିଲେ । ପୂର୍ବରୁ କ୍ଷମତା ଉପଭୋଗ କରି ଆସିଥିବା ବ୍ରାହ୍ମଣ ଅମାତ୍ୟମାନଙ୍କୁ ଗୁରୁତ୍ୱ ନ ଦେଇ ନିଜ ପିଲାଦିନ ସାଙ୍ଗ କାଶିଆକୁ ମନ୍ତ୍ରୀ ପଦରେ ଅଧିଷ୍ଠିତ କରିଥିଲେ । **ଶାସନକାର୍ଯ୍ୟ ସଂସ୍କୃତରେ ପରିଚାଳିତ ନ ହୋଇ ମାତୃଭାଷା ଓଡ଼ିଆରେ ଚାଲିବା ବାଧ୍ୟତାମୂଳକ** କରିଥିଲେ । ଓଡ଼ିଶାର ମାଟି ଓ ମାତୃଭାଷା ପ୍ରତି ତାଙ୍କର ପ୍ରଗାଢ ସମ୍ମାନ ଓ ଅନୁରକ୍ତି ହେତୁ ଓଡ଼ିଶାରେ ନବଯୁଗର ଅଭ୍ୟୁଦୟ ଘଟିଥିଲା ।

ତହିଁରେ ଉଦ୍‌ବୁଦ୍ଧ ହୋଇ ସାରଳା ଦାସ ରଚନା କରିଥିଲେ *ଭାରତର ପ୍ରଥମ ଭାଷା ମହାପୁରାଣ* - ସାରଳାମହାଭାରତ ନାମରେ ଯାହା ଏବେ ବି ଆଞ୍ଚଳିକ ଭାଷା ଗ୍ରହଣରେ ସ୍ୱଚ୍ଛତା, ସାବଲୀଳତା, ବ୍ୟାପ୍ତି ଓ ବିଦ୍‌ବତ୍ତାରେ ଅତୁଳନୀୟ ହୋଇ ରହିଛି । ଶାସନ ସଂସ୍କାର ଓ ସାହିତ୍ୟ କ୍ଷେତ୍ରରେ ଏପରି ଅନନ୍ୟ ଅବଦାନ ସାଙ୍ଗକୁ ସେ ଓଡିଶାକୁ ଦେଇଥିଲେ *ଓଡିଆ ଜାତୀୟତା* । **ସମଗ୍ର ଓଡିଆ ଜାତି ଗୋଟିଏ ଜାତି; ତେଣୁ ଜାତି ଭେଦର ପ୍ରଶ୍ନ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଥିଲେ ।** ଏବଂ, ଏହି ଭିତ୍ତି ଉପରେ ସେ ଓଡିଆ ସେନାର ପୁନର୍ବିନ୍ୟାସ କରିଥିଲେ । ସେହି **ସେନା ବାହିନୀରେ ବର୍ଣ୍ଣ ବୈଶିଷ୍ଟ୍ୟର ସ୍ଥାନ ନଥିଲା;** ଥିଲା କେବଳ ବୀରତ୍ୱର, ଦେଶପ୍ରେମର । ତେଣୁ ବ୍ରାହ୍ମଣରୁ ପାଣ ପର୍ଯ୍ୟନ୍ତ ସବୁ ଜାତିର ଲୋକେ ସୈନ୍ୟ ବାହିନୀରେ ସମାନ ପଦମର୍ଯ୍ୟାଦା ଓ ବୀରତ୍ୱ ବ୍ୟଞ୍ଜକ ଉପାଧିର ଅଧିକାରୀ ହୋଇପାରିଥିଲେ । (He enlisted the support of the people by making Orissa a strong military State in which the protection and extension of the kingdom came to be a joint responsibility of the ruler and the ruled. Militarism penetrated into all ranks of people irrespective of their castes and all castes bore military titles which are numeraous in Orissa even today.-K.C.Panigrahi, History of Orissa, p.206)

ନିଜ ମାଟିର ସର୍ବଶ୍ରେଷ୍ଠ ସନ୍ତାନ ବୁଦ୍ଧ ଦେବଙ୍କ ଉତ୍ତର ପୀଢ଼ିର ମଣିଷ ଭାବେ ସେ ନିଜକୁ ସୂର୍ଯ୍ୟଗୋତ୍ରୀୟ ବୋଲି କେବଳ ପରିଚିତ କରାଇ ଥିଲେ, ତା ନୁହେଁ, ବୌଦ୍ଧବାଦର ଅନୁସରଣ କରି ସେ **ବ୍ରାହ୍ମଣ୍ୟବାଦୀ ବର୍ଣ୍ଣବୈଷମ୍ୟର ମୂଳୋତ୍ପାଟନ** କରିଥିଲେ । ଶ୍ରୀ ଜଗନ୍ନାଥ ବୁଦ୍ଧଙ୍କ ସାମ୍ରାଜ୍ୟରେ **ଜାତିଭେଦ ରହିବା ଅସମ୍ଭବ** ବୋଲି ସେ ସ୍ପଷ୍ଟ କରିଦେଇଥିଲେ । ଆଚଣ୍ଡାଳବ୍ରାହ୍ମଣ ସମସ୍ତଙ୍କୁ ସେ ଦେଇଥିଲେ ଦେଶସେବାର ସମାନ ସୁଯୋଗ ସହ ମହାପ୍ରସାଦ ସେବନର ସମାନ ଅଧିକାର । ତଦାନୀନ୍ତନ ଭାରତରେ ଲୋକାୟତ ସମାଜର ଏପରି ଭବ୍ୟ ଅଭ୍ୟୁଦୟ ଅନ୍ୟ କେଉଁଠି ଘଟି ନଥିଲା ।

କିନ୍ତୁ **ଏହା ହିଁ ତାଙ୍କପ୍ରତି ବ୍ରାହ୍ମଣ୍ୟବାଦୀମାନଙ୍କ ବୈରତା ବୃଦ୍ଧି ଘଟାଇଥିଲା ।** ଜରାଗ୍ରସ୍ତ ହେବା ପରେ ସେ ସେମାନଙ୍କ ସୁଚତୁର ଓ ସଂଘବଦ୍ଧ ଚକ୍ରାନ୍ତର ଶିକାର ହେଇଥିଲେ ।

orissamatters.com

ଖ୍ରୀ:୧୪୬୪ରେ ପୁରୀ ଶ୍ରୀମନ୍ଦିରରେ ଉତ୍କୀର୍ଣ୍ଣ ହୋଇଥିବା ଏକ ଶିଳାଲେଖରୁ ଜଣାପଡେ ଯେ ତାଙ୍କର ସେବକ ଓ ସୈନ୍ୟମାନେ ତାଙ୍କ ପାଖରେ ଆଉ ନଥିଲେ ।

**ସେପରି ଏକ *ବିଷର୍ଣ୍ଣ* ଅବସ୍ଥାରେ ତାଙ୍କ ପ୍ରିୟ ଜ୍ୟେଷ୍ଠପୁତ୍ର ଏବଂ ସର୍ବଥା ଅନୁଗାମୀ ହମ୍ବୀରଙ୍କୁ ନିଜର ଉତ୍ତରାଧିକାରୀ ଭାବେ ମନୋନୀତ କରିବାକୁ ମଧ୍ୟ ସେ ସକ୍ଷମ ହୋଇ ନ ଥିଲେ । ସମ୍ଭବତଃ ଗୃହବନ୍ଦୀ ଅବସ୍ଥାରେ ଥାଇ ରକ୍ଷିତାପୁତ୍ର ମଙ୍ଗୁଳା ରାଏଙ୍କୁ ରାଜଗାଦୀ ଅର୍ପଣ କରିବାକୁ ସେ ବାଧ୍ୟ ହୋଇଥିଲେ ବର୍ଷେ ଖଣ୍ଡେ ପରେ, ୧୪୬୫-୬୬ରେ ।**

ଏହି ଘଟଣା ଘଟିଥିଲା **ରାଜଧାନୀଠାରୁ ବହୁ ଦୂରରେ, କୃଷ୍ଣା ନଦୀର କୂଳରେ ।** କପିଳେନ୍ଦ୍ର ଦେବଙ୍କ ପ୍ରିୟ **ଓଡ଼ିଆ ଜାତିର ଅଜଣାରେ** ଏହି ଘଟଣା ଘଟିଥିଲା । କହିବାକୁ ହେଲେ ଓଡ଼ିଆ ଜାତିକୁ ଏହି ଘଟଣା ସଂପର୍କରେ ଅନ୍ଧକାରରେ ରଖାଯାଇଥିଲା । ଏହା ଥିଲା ଲୋକବାଦୀ ସମ୍ରାଟ କପିଳେନ୍ଦ୍ରଙ୍କ ବିରୁଦ୍ଧରେ ଏବଂ ତାଙ୍କ ଏକାନ୍ତ ଅନୁଗାମୀ ପୁତ୍ର ହମ୍ବୀରଙ୍କ ବିରୁଦ୍ଧରେ ଏକ ବ୍ରାହ୍ମଣ୍ୟବାଦୀ ଚକ୍ରାନ୍ତ । ହମ୍ବିର ସମ୍ଭବତଃ ଆତ୍ମଗୋପନ କରି **ମେଳକ** ଉପନିବେଶ ଗଢ଼ିଥିଲେ ।

କାଳେ ଓଡିଆ ଜାତି ବିରୋଧ କରିବ, ସେଥିପାଇଁ *ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ* ହେତୁ ସମ୍ରାଟ ସ୍ୱୟଂ ମଙ୍ଗୁଳାଙ୍କୁ କ୍ଷମତା ଅର୍ପଣ କରିଛନ୍ତି ବୋଲି ମଙ୍ଗୁଳାଙ୍କ ସହ ହାତ ମିଳାଇଥିବା *ବ୍ରାହ୍ମଣମାନେ* ପ୍ରଚାର କରିଥିଲେ ଓ *ଶ୍ରୀ ଜଗନ୍ନାଥ ମଙ୍ଗୁଳାଙ୍କୁ ପୁତ୍ର ଜ୍ଞାନ* କରି ତାଙ୍କୁ ତାଙ୍କ ନିଜ ନାମ *ପୁରୁଷୋତ୍ତମ* ପ୍ରଦାନ କରିଛନ୍ତି ବୋଲି ବି ଡିଣ୍ଡିମ ପିଟିଥିଲେ । ମଙ୍ଗୁଳା ରାଏ ଏହିପରି ଶୈଳୀରେ ହୋଇଯାଇଥିଲେ ସମ୍ରାଟ ପୁରୁଷୋତ୍ତମ ଦେବ ।

ପରବର୍ତ୍ତୀ କାଳରେ *ମାଣିକ ନାମକ ଏକ ଗଉଡୁଣୀକୁ ବ୍ୟବହାର କରି ଏହି* ପୁରୁଷୋତ୍ତମ ଦେବଙ୍କୁ କାଞ୍ଚୀ ଯୁଦ୍ଧରେ ସାହାଯ୍ୟ କରିବାକୁ *ଶ୍ରୀ ଜଗନ୍ନାଥ ଭାଇ ବଳରାମଙ୍କୁ ସାଙ୍ଗରେ ଧରି ଯାଇଥିବାର ପ୍ରଚାର କରାଯାଇ ହମ୍ବୀରଙ୍କ ସ୍ଥାନରେ ଏହାଙ୍କର ରାଜଗାଦି ପ୍ରାପ୍ତି ଶ୍ରୀଜଗନ୍ନାଥଙ୍କ ଦ୍ୱାରା ସଂପୂର୍ଣ୍ଣ ଅନୁମୋଦିତ ହୋଇଥିବାର ଧାରଣା ସୃଷ୍ଟି କରାଯାଇଥିଲା* । ଏହା ଉପରେ ସବିଶେଷ ଆଲୋକପାତ କରି ନ ଥିଲେ ମଧ୍ୟ ପ୍ରଫେସର୍ ପାଣିଗ୍ରାହୀ ଏହି ଷଡଯନ୍ତ୍ରର ସୂଚନା ଦେଇଛନ୍ତି । ତାଙ୍କ ଭାଷାରେ, Hamvira who occupied a pre-eminent position among the sons of his father by virtue of his out-standing abilities and the war-like qualities, which were the pre-requisite qualification for rulership during this age, should have become the successor of his father. But his claim to the throne seems to have been set aside through machinations at the capital" (K.C.Panigrahi: History of Orissa, p.208)

ଅତଏବ **ଓଡିଶାରେ ବ୍ରାହ୍ମଣ୍ୟବାଦର ପ୍ରଭାବହାନୀ ଘଟାଇଥିବା କପିଳେନ୍ଦ୍ର ଦେବଙ୍କୁ**

orissamatters.com

**ଜୀବନର ଶେଷ ଭାଗରେ ଏପରି ରହସ୍ୟଜନକ ଅବସ୍ଥାରେ ଅସ୍ତମିତ ହେବାକୁ ହୋଇଥିଲା ।** ଏବଂ ରାଜ୍ୟର କ୍ଷମତା ଚାଲିଯାଇଥିଲା ମଙ୍ଗୁଳା ରାଏଙ୍କ ହାତକୁ ଯିଏ କି ପୁରୁଷୋତ୍ତମ ଦେବ ଭାବେ ନିଜକୁ ଅଧିଷ୍ଠିତ କରି **ସାରା ରାଜ୍ୟରେ ବ୍ରାହ୍ମଣ୍ୟବାଦର ପୁନଃ ସଶକ୍ତିକରଣ** କରିଥିଲେ ।

## ଗଜପତି ପୁରୁଷୋତ୍ତମ ଦେବଙ୍କ କୁତ୍ସିତ ଭୂମିକା

ବ୍ରାହ୍ମଣ୍ୟବାଦ ପକ୍ଷରେ ଅସହ୍ୟ ଥିଲା ଶ୍ରୀ ଜଗନ୍ନାଥଙ୍କ ସମୀପରେ ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀଗୁଡିକର ନିତ୍ୟ ପଠନ; କାରଣ ବୈଷ୍ଣବୀୟ ଶୈଳୀରେ *ଗୀତ ଗୋବିନ୍ଦ* ଭାବେ ସଂପାଦିତ ହୋଇ ତଦ୍ରୂପ ପାଠ ହେଉଥିଲେ ମଧ୍ୟ ତହିଁ ଭିତରେ  ବୌଦ୍ଧ କାମବଜ୍ରଯାନର ବାର୍ତ୍ତାହିଁ ସଂପ୍ରସାରିତ ହେଉଥିଲା । ଅପର ପକ୍ଷେ, ଶ୍ରୀ ବୁଦ୍ଧଦେବଙ୍କୁ  ଜଗନ୍ନାଥ ଭାବେ ପ୍ରତିଷ୍ଠା କରିଥିବା ଇନ୍ଦ୍ରଭୂତିଙ୍କୁ ଇନ୍ଦ୍ରଦ୍ୟୁମ୍ନରେ ରୂପାନ୍ତରିତ କରି ଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟବାଦୀମାନେ ବିଷ୍ଣୁଭାବେ ଉପସ୍ଥାପିତ କରିବାକୁ ଯେତେ କିମ୍ବଦନ୍ତୀ ପ୍ରଚାର କଲେ ମଧ୍ୟ ଶ୍ରୀଜୟ ଦେବଙ୍କ ଦଶାବତାର ସ୍ତୁତିରେ ସେ ବୁଦ୍ଧ ଭାବେ ପ୍ରକୀର୍ତ୍ତିତ ହେଉଥିବା ହେତୁ ତାଙ୍କର ବୌଦ୍ଧ ପରିଚୟ ଅକ୍ଷୁର୍ଣ୍ଣ ରହୁଥିଲା । ବ୍ରାହ୍ମଣ୍ୟବାଦ ପକ୍ଷେ ଏହା ମଧ୍ୟ ଥିଲା ଅସହ୍ୟ । ସୁତରାଂ ଶ୍ରୀମନ୍ଦିରରେ ଜୟ ଦେବଙ୍କ ପଦାବଳୀ ପଠନ ବନ୍ଦ କରିଦେବାକୁ ପୁରୁଷୋତ୍ତମ ଦେବ ପଦକ୍ଷେପ ନେଇଥିଲେ ।

ଅଭିନବ ଗୀତ ଗୋବିନ୍ଦ ଶୀର୍ଷକ, ନିଜ ନାମରେ ଭଣିତ ଏକ ଗ୍ରନ୍ଥକୁ ସେ ଜୟଦେବଙ୍କ ପ୍ରବନ୍ଧାବଳୀ ବଦଳରେ ପ୍ରଚଳିତ କରାଇଲେ । **ଏଥିରେ ଯେଉଁ ଦଶାବତାର ସ୍ତୁତି ଖଞ୍ଜା ଯାଇଥିଲା ତାହା ଯେ ଜଗନ୍ନାଥଙ୍କ ବୌଦ୍ଧ ପରିଚୟକୁ ସଂପୂର୍ଣ୍ଣ ଲୋପ କରିବାକୁ ଉଦ୍ଦିଷ୍ଟ ଥିଲା ତାହା ସୁସ୍ପଷ୍ଟ । କାରଣ ଏଥିରେ ଅନ୍ୟ ସବୁ  ଅବତାରଗୁଡିକୁ ତଦ୍ରୂପ ରଖାଯାଇଥିବା ବେଳେ କେବଳ ବୁଦ୍ଧଙ୍କୁ ବାଦ ଦିଆଯାଇ ତାଙ୍କ ସ୍ଥାନରେ କଂସ ବିନାଶକ ଶ୍ରୀକୃଷ୍ଣଙ୍କୁ ସ୍ଥାନିତ କରାଯାଇଥିଲା ।**

ଶ୍ରୀ ଜଗନ୍ନାଥ ବୁଦ୍ଧ ନୁହନ୍ତି, ପରନ୍ତୁ ସେ ଶ୍ରୀକୃଷ୍ଣ ବୋଲି ଜାହିର କରିବାକୁ ଏହି କୌଶଳ ଅବଲମ୍ବନ କରିଥିଲେ ବ୍ରାହ୍ମଣ୍ୟବାଦୀମାନେ । କିନ୍ତୁ ଏତଦ୍ୱାରା  ଶ୍ରୀ ଜଗନ୍ନାଥ ଯେ ନିଶ୍ଚୟ ବୁଦ୍ଧ ତାହା ଯେପରି  ସାବ୍ୟସ୍ତ ହେଲା, ଶ୍ରୀ ଜୟଦେବ ଯେ ବୌଦ୍ଧ ଥିଲେ ଏବଂ ତାଙ୍କ କୃତି ଯେ ସର୍ବଥା ସହଜଯାନୀ ବୌଦ୍ଧ ସାହିତ୍ୟ ଥିଲା ତାହା ମଧ୍ୟ  ତଦ୍ରୂପ ସାବ୍ୟସ୍ତ ହୋଇଯାଇଛି ।

ଜୟ ଦେବଙ୍କ ବୌଦ୍ଧ ପରିଚୟ ବିରୁଦ୍ଧରେ ଏହା ଯେ ଏକ ବ୍ରାହ୍ମଣ୍ୟବାଦୀ ଚକ୍ରାନ୍ତ ଥିଲା ତାହା କେଦାରନାଥ ମହାପାତ୍ରଙ୍କ ଏକ ଆବିଷ୍କାରରୁ ସ୍ପଷ୍ଟ ହୋଇଯାଇଛି । **ଅଭିନବ ଗୀତଗୋବିନ୍ଦ ଗଜପତି ପୁରୁଷୋତ୍ତମ ଦେବଙ୍କ ରଚନା ଭାବେ ଜନ ସମ୍ମୁଖରେ ରଖା ହୋଇଥିଲେ ମଧ୍ୟ, ମହାପାତ୍ରଙ୍କ ନିର୍ଣ୍ଣୟ ଅନୁସାରେ, ଏହି ଗ୍ରନ୍ଥର ଅସଲ ଲେଖକ ଥିଲେ ଦିବାକର ମିଶ୍ର ନାମକ ଜଣେ ବ୍ରାହ୍ମଣ** ଯାହାଙ୍କୁ  କବିଚନ୍ଦ୍ର  ରାୟ ଉପାଧିରେ ଭୂଷିତ କରାଯାଇଥିଲା । (A Descriptive Catalogue of Sanskrit manuscripts of

orissamatters.com

Orissa: Orissa sahitya Academy, 1960, p.LI)

**ଅତଏବ ବ୍ରାହ୍ମଣ୍ୟବାଦୀମାନେ ନିଜେ ବହି ଲେଖି ତାକୁ ଗଜପତି ପୁରୁଷୋତ୍ତମ ଦେବଙ୍କ ନାମରେ ଭଣିତ ବୋଲି ଦର୍ଶାଇ, କ୍ଷମତା ବଳରେ ତାହାକୁ ଶ୍ରୀମନ୍ଦିରରେ ପ୍ରଚଳିତ କରାଇ ସେଠାରୁ ଜୟଦେବଙ୍କ ଅଷ୍ଟପଦୀଗୁଡିକୁ ଉତ୍‌ଖାତ କରିଦେଇଥିଲେ ।**

ଜୟଦେବ ବୌଦ୍ଧ ହୋଇ ଥିବାରୁ ବ୍ରାହ୍ମଣ୍ୟବାଦୀ ଗଜପତି ପୁରୁଷୋତ୍ତମ ଅନ୍ୟ ବ୍ରାହ୍ମଣମାନଙ୍କ ସହ ମିଶି ଏହା କରିଥିଲେ । କିନ୍ତୁ ଶ୍ରୀ ଜଗନ୍ନାଥ ବୁଦ୍ଧଙ୍କ ଅନୁଗାମୀମାନଙ୍କ ଦୃଷ୍ଟିରୁ ଏହି କୁତ୍ସିତ ଷଡଯନ୍ତ୍ର ଲୁଚି ରହିପାରିଲା ନାହିଁ । ଏପରି ଶକ୍ତିଶାଳୀ ପ୍ରତିବାଦ ଉଠିଲା ଯେ, ପୁରୁଷୋତ୍ତମ ଦେବ ବାଧ୍ୟ ହେଲେ ନିଜ ପଦକ୍ଷେପ ପ୍ରତ୍ୟାହାର କରିବାକୁ । ଏହା କଲାବେଳେ ଠାକୁରଙ୍କ ସ୍ୱପ୍ନାଦେଶର ଦ୍ୱାହି ଦେଇ ମୁଖରକ୍ଷାପାଇଁ ସେ ସମର୍ଥ ହୋଇଥିଲେ ମଧ୍ୟ ପ୍ରତ୍ୟାହୃତ ଅଭିନବ ଗୀତ ଗୋବିନ୍ଦର ଥୋଡାଏ ଶ୍ଳୋକ ଜୟ ଦେବଙ୍କ ରଚନା ଉପରେ ପ୍ରକ୍ଷିପ୍ତ କରାଗଲା ସେହି ଠାକୁରଙ୍କ ନାମରେ ।

ଏକ **ଚତୁର ଦୁରଭିସନ୍ଧି** ରଖି ବ୍ରାହ୍ମଣମାନେ ଏହାକୁ ଗ୍ରହଣ କରିଗଲେ । କାରଣ, ଏତଦ୍ଦ୍ୱାରା *ଅଭିନବ ଗୀତ ଗୋବିନ୍ଦ* ପୂର୍ବରୁ *ଗୀତ ଗୋବିନ୍ଦ* ଶୀର୍ଷକରେ ସଂପାଦିତ ହେବା କାଳରେ **ଯେତେସବୁ ଶ୍ଳୋକ ପ୍ରକ୍ଷିପ୍ତ କରାଯାଇ ଜୟ ଦେବଙ୍କ ପ୍ରବନ୍ଧଗୁଡିକୁ ବୈଷ୍ଣବୀୟ ରୂପ ଦିଆଯାଇଥିଲା ସେ ସବୁଗୁଡ଼ିକ ଜଗନ୍ନାଥଙ୍କ ଆଦେଶ ଆଳରେ ବଳବତ୍ତର ହୋଇ ରହିଗଲା । ଏବଂ ସେଗୁଡ଼ିକ କାଏମ ହୋଇଯିବା ଫଳରେ ଶ୍ରୀ ଜଗନ୍ନାଥଙ୍କ ବୁଦ୍ଧ ପରିଚୟକୁ ପାଂଶୁଳ କରାଯାଇ ତାଙ୍କୁ ହିନ୍ଦୁ ବିଷ୍ଣୁଙ୍କ ସମାର୍ଥବାଚକ କୃଷ୍ଣନାମରେ ପ୍ରତିଷ୍ଠିତ କରିବା ସହଜତର ହୋଇଗଲା ।** ଗଜପତି ପୁରୁଷୋତ୍ତମ ଦେବ ଶ୍ରୀଗୋପାଳାର୍ଚ୍ଚନା ପଦ୍ଧତି ପ୍ରଣୟନ କରି ତଦନୁସାରେ ଜଗନ୍ନାଥଙ୍କୁ କୃଷ୍ଣ ଭାବେ ପୂଜା କରିବା ବ୍ୟବସ୍ଥା ବଳବତ୍ତର କରାଇଥିଲେ । ଏହା ପରେ ଆମେ ଦେଖୁଁ କାଳ କବଳରେ ଜୟ ଦେବଙ୍କ ବୌଦ୍ଧ ପରିଚୟରେ ସଙ୍କଟ ଆସିଗଲା ।

## ଓଡ଼ିଶା ରାଜନୀତିରେ ଜୟ ଦେବ ବନାମ ଗଜପତି ପୁରୁଷୋତ୍ତମ

ଶ୍ରୀ ଜୟ ଦେବଙ୍କ ବୌଦ୍ଧ ପରିଚୟ ଓଡ଼ିଶା ରାଜନୀତିକୁ ପ୍ରଭାବିତ ତ କରି ଚାଲିଥିଲା । ମାତ୍ର ପୁରୁଷୋତ୍ତମ ଦେବ ଗଜପତି ଗାଦି ଅକ୍ତିଆର କଲା ପରଠାରୁ ତାଙ୍କୁ କେନ୍ଦ୍ର କରି ଓଡ଼ିଶା ରାଜନୀତି ହୋଇଉଠିଥିଲା ଅତ୍ୟନ୍ତ ଉତପ୍ତ ।

ବସ୍ତୁତଃ ଶ୍ରୀ ଜୟ ଦେବଙ୍କୁ ବୌଦ୍ଧ ନୁହଁ, ବୈଷ୍ଣବ ଭାବରେ ଉପସ୍ଥାପିତ କରାଇ ଜନ ମାନସରୁ ବୌଦ୍ଧ ପ୍ରଭାବର ଦୂରୀକରଣପାଇଁ ବ୍ରାହ୍ମଣ୍ୟବାଦ ଯେଉଁ ଅନବରତ ଷଡଯନ୍ତ୍ର ଚଳାଇଥିଲା ତାହା ସଂପୂର୍ଣ୍ଣ ସଫଳ ହୋଇପାରୁନଥିଲା । କାରଣ ଓଡିଆ ଲୋକେ କେବଳ ଅଷ୍ଟପଦୀ ଗୁଡିକ ହିଁ ପଢୁଥିଲେ । ମୋ ପିଲା ଦିନେ, ମାଇନର ସ୍କୁଲ୍‌ରେ ପଢୁଥିବା ଅବସ୍ଥାରେ ଆମେ ପଦ୍ୟାବୃତ୍ତି ପ୍ରତିଯୋଗିତାରେ *ଲଳିତଲବଙ୍ଗଲତା*, *ଚନ୍ଦନଚର୍ଚ୍ଚିତନୀଳକଳେବର*, *ରତିସୁଖସାରେ ଗତମଭିସାରେ* ଇତ୍ୟାଦି ପଦାବୃତ୍ତି କରୁଥିଲୁଁ । ଅର୍ଥ ନ ବୁଝି ବି । ପ୍ରତିଦିନ

orissamatters.com

ସନ୍ଧ୍ୟାରେ ତ ବାପାଙ୍କ ସହ ମିଶି ଠାକୁରଘରେ *ପ୍ରଳୟ ପୟୋଧି ଜଳେ* ଓ *ଶ୍ରିତ କମଳାକୁଚମଣ୍ଡଳ* ଗୀତ ଦୁଇଟିକୁ ଗାନ କରିବାକୁ ପଡୁଥିଲା । ଆମର ଗୋଟିଏ ବହୁ ବାନ୍ଧବ ପରିବାର ହୋଇଥିବାରୁ ଓ ମୋ ବାପା ଅତ୍ୟନ୍ତ ବନ୍ଧୁବତ୍ସଳ ହୋଇଥିବାରୁ ବନ୍ଧୁବାନ୍ଧବମାନେ ଯେପରି ଆମ ଘରକୁ ଆସୁଥିଲେ, ଛୁଟି ହେଲେ ମୁଁ ବି ସେପରି ସେମାନଙ୍କ ଘରକୁ ଯାଉଥିଲି । ଏହି ଆତଯାତ ବେଳେ ଦେଖୁଥିଲି ଯେ ଜୟ ଦେବଙ୍କ ଗୀତଗୁଡିକ କେବଳ ଆମ ଘରେ ବା ଆମ ଗାଁରେ ନୁହଁ, ସେ ସବୁଠି ସମସ୍ତଙ୍କ ଘରେ ବି ବୋଲା ହେଉଥିଲା । ଅର୍ଦ୍ଧଶତାବ୍ଦୀରୁ ଅଧିକ ଅତିବାହିତ ହୋଇଗଲାଣି । ସ୍ମୃତିପଟରୁ ସେକଥା ଲିଭିନି । ବୟସ ବଢିବା ପରେ ଯେତେବେଳେ ଗୀତ ଗୋବିନ୍ଦ ସମଗ୍ରତଃ ପଢିଲି, ତହିଁରେ ଥିବା କ୍ଲିଷ୍ଟ ଶ୍ଳୋକଗୁଡିକ ଦୃଷ୍ଟିକୁ ଆସିଲା । ଅତଏବ, କ୍ଲିଷ୍ଟ ଶ୍ଳୋକଗୁଡିକ ଥିଲା, କିନ୍ତୁ ଲୋକେ ସେଗୁଡିକୁ ପଢୁ ନ ଥିଲେ ।

ପୁରୁଷୋତ୍ତମ ଦେବଙ୍କ ବେଳେ ଅବସ୍ଥା ତତୋଧିକ ଥିବ । ଅଷ୍ଟପଦୀଗୁଡିକୁ ପ୍ରକ୍ଷିପ୍ତ ଶ୍ଳୋକରାଶି ଦ୍ୱାରା ବିସ୍ତାରିତ କରାଯାଇ ସେଗୁଡିକୁ ବୈଷ୍ଣବ ସାହିତ୍ୟ ଭାବେ ପ୍ରଚଳିତ କରାଇବାକୁ *ଗୀତ ଗୋବିନ୍ଦ* ପରି ବୈଷ୍ଣବୀୟ ଶୀର୍ଷକରେ ସଂପାଦିତ କରାଯାଇଥିଲେ ମଧ୍ୟ ଲୋକେ ସେହି ପ୍ରକ୍ଷିପ୍ତାଂଶକୁ ଗ୍ରହଣ କରି ନଥିବେ । ତେଣୁ ଏହା ହିଁ ସୁନିଶ୍ଚିତ ଯେ *ମୂଳୁଁ ମାରିଲେ ଯିବ ସରି* ପଦ୍ଧତି ଅନୁସରଣ କରି ବ୍ରାହ୍ମଣ୍ୟବାଦୀମାନେ ଶ୍ରୀମନ୍ଦିର ଚଳଣିରୁ ସେହି ପ୍ରକ୍ଷିପ୍ତାଂଶ ସମେତ ଜୟଦେବଙ୍କ କୃତିକୁ ସଂପୂର୍ଣ୍ଣ ବିଦା କରିଦେଇ ତା ସ୍ଥାନରେ ଗଜପତିଙ୍କ ଲେଖା ବୋଲି ଦର୍ଶାଯାଇଥିବା ଅଭିନବ ଗୀତ ଗୋବିନ୍ଦର ପ୍ରବର୍ତ୍ତନ କରିଥିଲେ । ଯେହେତୁ ଜନସାଧାରଣ ଏହାକୁ ଗ୍ରହଣ କଲେ ନାହିଁ, ସେହେତୁ ଏକ ନୂଆ କୌଶଳ ପ୍ରୟୋଗ କରାଗଲା । ବିଦ୍ରୋହ ହେତୁ ଏହି ଚକ୍ରାନ୍ତ ପଣ୍ଡ ହୋଇଗଲା ପରେ ଗଜପତି ପୁରୁଷୋତ୍ତମ ଦେବ ସ୍ୱରଚିତ ବା ସ୍ୱନାମରେ ରଚିତ ଶ୍ଳୋକାବଳୀଗୁଡିକୁ *ଠାକୁରଙ୍କ ସ୍ୱପ୍ନାଦେଶ ଆଳରେ* ଜୟ ଦେବଙ୍କ ପଦାବଳୀ ଉପରେ ପ୍ରକ୍ଷିପ୍ତ କରାଇ ପ୍ରଚଳିତ କରାଇଦେଇ ପାରିଲେ ।

## ପ୍ରତିକ୍ରିୟା

କିନ୍ତୁ ଜନସାଧରଣ ଏହାକୁ ମଧ୍ୟ ବରଦାସ୍ତ କଲେ ନାହିଁ । ଜନ ପ୍ରତିବାଦ ଏପରି ନିରବଛିନ୍ନ ଓ ତୀବ୍ର ଥିଲା ଯେ, ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ସିଂହାସନ ଆରୋହଣ କଲା ପରେ ୧୪୯୯ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମଙ୍କ ଦ୍ୱାରା ପ୍ରକ୍ଷିପ୍ତ କରାହୋଇଥିବା ଶ୍ଳୋକଗୁଡିକର ସର୍ବମାନ୍ୟତା ଉତ୍‌ଖାତ କରି ଶ୍ରୀ ଜଗନ୍ନାଥଙ୍କ ସମୀପରେ କେବଳ ଶ୍ରୀଜୟ ଦେବଙ୍କ କୃତି ହିଁ ପଢାଯାଇପାରିବ ବୋଲି ଘୋଷଣା କରିଥିଲେ । (Even this interpolation was objected to by the devotees of the Lord. So, Prataparudra Deva, the son and successor of Gajapati Purusottama Deva proclaimed by an inscription in 1499 A.D. that only the Gita Govinda by Sri Jayadev would be recited before

orissamatters.com

the Lord.[Preface to *A Descriptive Catalogue of Sanskrit Manuscripts of Orissa* by Kedarnath Mohapatra, p.LI.]) ବ୍ରାହ୍ମଣ୍ୟବାଦୀ ଚକ୍ରାନ୍ତ ବିରୁଦ୍ଧରେ ଏହା ଥିଲା ଓଡିଶାର ଜନସାଧାରଣଙ୍କର ଏକ ସ୍ପଷ୍ଟ ବିଜୟ । ଏବଂ ଏହା ମଧ୍ୟ ଥିଲା ବୌଦ୍ଧ ଜୟଦେବଙ୍କ ପ୍ରତି ଓଡିଆ ଜାତିର ଅଖଣ୍ଡ ଅନୁରକ୍ତିର ରୂପାନ୍ତର ।

## ବିଭ୍ରାନ୍ତି ସୃଷ୍ଟିପାଇଁ ଚେଷ୍ଟା

ବ୍ରାହ୍ମଣ୍ୟବାଦୀମାନେ ହିଁ ଅତୀତରେ ଶ୍ରୀ ଜୟ ଦେବଙ୍କୁ ବୈଷ୍ଣବ ଭାବେ ଚିତ୍ରିତ କରିଥିଲେ ତାଙ୍କ ପୁରୁଷପ୍ରାଧାନ୍ୟ ବିରୋଧୀ ଆଭିମୁଖ୍ୟରୁ ସାଧାରଣ ମଣିଷର ଦୃଷ୍ଟି ଦୂରେଇଦେବାପାଇଁ । ଏବେ ମଧ୍ୟ ମୁଖ୍ୟ ଶାସନ ସଚିବ ଅଜିତ କୁମାର ତ୍ରିପାଠୀଙ୍କ ସମେତ ଆଧୁନିକ ବ୍ରାହ୍ମଣ୍ୟବାଦୀମାନେ ତାହା ହିଁ କରିଚାଲିଛନ୍ତି ।

**ତାଙ୍କୁ ବର୍ଣ୍ଣରେ ବ୍ରାହ୍ମଣ ଓ ଆଦର୍ଶରେ ବ୍ରାହ୍ମଣ୍ୟଧର୍ମାବଲମ୍ବୀ ବୋଲି ସାବ୍ୟସ୍ତ କରିବାକୁ ଭୁବନେଶ୍ୱର ଉପକଣ୍ଠରେ କେନ୍ଦୁଳି ନାମକ ଏକ ବ୍ରାହ୍ମଣ ଶାସନରେ ସେ ଜନ୍ମ ହୋଇଥିଲେ ବୋଲି ପ୍ରଚାର ଜୋରଦାର କରାଯାଉଛି ଏବଂ ପ୍ରଶାସନିକ କ୍ଷମତା ପ୍ରୟୋଗଦ୍ୱାରା ରାଜକୋଷରୁ ପ୍ରଚୁର ଅର୍ଥ ବ୍ୟୟକରାଯାଇ ସେହି ଅଞ୍ଚଳବାସୀ ଜନ ସାଧାରଣଙ୍କ ମନରେ ଭାବପ୍ରବଣତା ସୃଷ୍ଟି କରାଯାଇ ଏହି ଅସତ୍ୟକୁ ସତ୍ୟ ଭାବେ ଜାରି କରାହେଉଛି ।** http://orissamatters.com/news/index.php/2005/05/17/birthplace-of-jayadev/ ରେ ଏହି ଦୁରଭିସନ୍ଧିର ଚର୍ଚ୍ଚାହେବା ପରେ ଭବିଷ୍ୟପୀଢିଠାରୁ ଏହି ଜାଲିଆତିକୁ ଲୁଚାଇରଖିବାକୁ ଚକ୍ରାନ୍ତ କରାଯାଇ **ରେଭିନ୍ୟୁ ମ୍ୟାପ ଓ ରେକର୍ଡରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି ୨୦୦୫ର ନଭେମ୍ବର ମାସରେ ।** ଜୟ ଦେବଙ୍କ ଜନ୍ମସ୍ଥାନ ନେଇ ରେକର୍ଡରେ ତ୍ରୁଟି ସୁଧୁରିଲା- ଏହି ଶିରୋନାମା ଥିବା ପ୍ରତିବେଦନରେ କୁହାଯାଇଛି, ଶ୍ରୀ ଜୟ ଦେବଙ୍କ ଜନ୍ମସ୍ଥାନ ନେଇ ରାଜସ୍ୱ ରେକର୍ଡରେ ସ୍ଥାନ ପାଇଥିବା ଭୁଲ ତଥ୍ୟକୁ ସରକାର ଶେଷରେ ସଂଶୋଧନ କରି ନେଇଛନ୍ତି । ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜୟଦେବ ପଞ୍ଚାୟତର କେନ୍ଦୁବିଲ୍ୱ ଗ୍ରାମରେ ଜୟ ଦେବ ଜନ୍ମଗ୍ରହଣ କରିଥିଲେ । ମାତ୍ର ରେଭିନ୍ୟୁ ମ୍ୟାପ ଓ ରେକର୍ଡରେ ଏହା ଉପରସାହି ବୋଲି ନାମିତ କରାଯାଇଥିଲା (ସମ୍ବାଦ, ୯ ନଭେମ୍ବର ୨୦୦୫, ପୃ.୩) । ଅତଏବ ଜୟ ଦେବଙ୍କୁ ଭୁବନେଶ୍ୱର ଉପକଣ୍ଠର କେନ୍ଦୁଳି ନାମକ ଶାସନ ଗାଆଁରେ ଜନ୍ମିତ ଜଣେ ବ୍ରାହ୍ମଣ ବୋଲି ସାବ୍ୟସ୍ତ କରିବାକୁ ଯେଉଁ ବ୍ୟକ୍ତିମାନେ ଚେଷ୍ଟା ଚଳାଇଛନ୍ତି ସେମାନେ ପ୍ରଶାସନିକ କ୍ଷମତାରେ ଥିବା ହେତୁ ସେମାନଙ୍କୁ ସୁହାଇବା ପରି ରାଜସ୍ୱ ରେକର୍ଡ ବି ସଂଶୋଧନ କରିନେଇଛନ୍ତି । ଜୟ ଦେବ ପ୍ରକୃତରେ କେଉଁଠି ଜନ୍ମ ହୋଇଥିବା ସମ୍ଭବ ତାହା ପ୍ରାଚୀନ ସାହିତ୍ୟିକ ସୂତ୍ରରୁ ଏଥିପୂର୍ବରୁ ଆମେ ଆଲୋଚନା କରିଛେଁ । ପରେ ବି କରିବା । ଏବେ ଦେଖିବା, ସେ ବ୍ରାହ୍ମଣ ଥିଲେ କି?

**ନା, ସେ ହୁଏତ ବ୍ରାହ୍ମଣ ନ ଥିଲେ ।**

orissamatters.com

## ଜୟ ଦେବଙ୍କ ଜାତି

ମୋର ମନେହୁଏ ସେ ବ୍ରାହ୍ମଣ ନ ଥିଲେ । ଓଡିଶାରେ ବ୍ରାହ୍ମଣମାନେ *ଦେବ* ସଂଜ୍ଞକ ନୁହନ୍ତି । ତାଙ୍କ ଜନ୍ମସ୍ଥାନ ବୋଲି ଯେଉଁ କେନ୍ଦୁଳି ଶାସନର ଉପସ୍ଥାପନା କରାଯାଉଛି ସେଠାରେ ଏହି ସଂଜ୍ଞକ କୌଣସି ବ୍ରାହ୍ମଣ ନାହାନ୍ତି । ଯେଉଁ ଅଞ୍ଚଳରେ ତାଙ୍କ ଜନ୍ମସ୍ଥାନ *କେନ୍ଦୁବିଲ୍ୱ* ଥିବା ସମ୍ଭବ ସେଠାରେ ମଧ୍ୟ *ଦେବ* ସଂଜ୍ଞାଧାରୀ କୌଣସି ବ୍ୟକ୍ତି ଅତୀତରେ ବା ବର୍ତ୍ତମାନ ବ୍ରାହ୍ମଣକୁଳରେ ଥିବାର କୌଣସି ପ୍ରମାଣ ମିଳୁନି । ସୁତରାଂ ଜୟ ଦେବଙ୍କୁ ଯେଉଁଠାରେ ଜନ୍ମିତ ବା ଜନ୍ମ ହୋଇଥାଇପାରନ୍ତି ବୋଲି କୁହାଯାଏ ବା କୁହାଯାଇପାରେ ସେଠାରେ **ବ୍ରାହ୍ମଣମାନଙ୍କ ସଂଜ୍ଞା *ଦେବ* ନୁହେଁ । ତେଣୁ ସେ ବ୍ରାହ୍ମଣ ନୁହନ୍ତି ।** ନିଜ ମତବାଦପାଇଁ ତାଙ୍କୁ ତୋଷରପାତ କରିବାକୁ ଓଡିଶାର ବ୍ରାହ୍ମଣ୍ୟବାଦୀମାନେ ଚକ୍ରାନ୍ତ କରି ସେ ବ୍ରାହ୍ମଣ ଓ ତାଙ୍କ ରଚନା ହିନ୍ଦୁବୈଷ୍ଣବୀୟ ବୋଲି ଯେଉଁ ଅପପ୍ରଚାର କରିଥିଲେ ତଦ୍ୱାରା ପ୍ରଭାବିତ ହୋଇ ଜୟ ଦେବଙ୍କ ବହୁ ପରର ଜଣେ ଅଧେ ଲେଖକ ତାଙ୍କୁ ବ୍ରାହ୍ମଣ ବୋଲି ହୁଏତ ଲେଖିଛନ୍ତି । **ଯେଉଁମାନେ ତାଙ୍କୁ ଦ୍ୱିଜ ବୋଲି ଲେଖିଛନ୍ତି ସେମାନେ ତାଙ୍କୁ ବ୍ରାହ୍ମଣ ବୋଲି ଲେଖି ନାହାନ୍ତି । କାରଣ ଦ୍ୱିଜ କେବଳ ବ୍ରାହ୍ମଣ ନୁହେଁ । ବ୍ରାହ୍ମଣଙ୍କ ସମେତ କ୍ଷତ୍ରିୟ ଏବଂ ବୈଶ୍ୟ – ଏ ତିନି ବର୍ଣ୍ଣର ସମସ୍ତେ ହିଁ ଦ୍ୱିଜ ।** ଅତଏବ କେହି ଯଦି ତାଙ୍କୁ ଦ୍ୱିଜ ବୋଲି କହିଥାଏ ତଦ୍ୱାରା ସେ କହି ନାହିଁ ଯେ ସେ ବ୍ରାହ୍ମଣ ।

ସେ ତେବେ ଜାତିରେ କ'ଣ ହୋଇଥାଇପାରନ୍ତି? ମୋର ମନେହୁଏ **ସେ ହୁଏତ ଜାତିରେ କରଣ ହୋଇଥାଇପାରନ୍ତି । କାରଣ ଓଡିଶାରେ କରଣମାନେ ମୁଖ୍ୟତଃ ପଟ୍ଟନାୟକ ଓ ଦେବ ସଂଜ୍ଞା ଧାରଣ କରିଥାନ୍ତି ।** ଭୋଇବଂଶର ପ୍ରତିଷ୍ଠାତା ସମ୍ରାଟ ରାମଚନ୍ଦ୍ର ଦେବ ଥିଲେ ଜାତିରେ କରଣ । ("The family of Bhois to which Ramachandra Deva belonged, was originally a Karana family"-History of Orissa, Dr.K.C.Panigrahi, p.126) ସେ ଥିଲେ ଜନାର୍ଦ୍ଦନ ବିଦ୍ୟାଧର ପଟ୍ଟନାୟକଙ୍କ ପୁତ୍ର । ଅନନ୍ତ ପଟ୍ଟନାୟକଙ୍କ ଭାଇ ମୁକୁନ୍ଦ ପଟ୍ଟନାୟକ ସମ୍ରାଟ ହୋଇଥିବା ହେତୁ *ଦେବ* ସଂଜ୍ଞା ଧାରଣ କରି ଗଜପତି *ମୁକୁନ୍ଦ ଦେବ* ଭାବେ ବିଦିତ ହୋଇଥିଲେ (ଖୁରୁଧା ଇତିହାସ, କେଦାରନାଥ ମହାପାତ୍ର, ପୃ.୧୧୯) । ଆଠଗଡର ରାଜାମାନେ ଥିଲେ *ଶ୍ରୀକରଣ ବେବର୍ତ୍ତା ପଟ୍ଟନାୟକ* । ("The family of the Chief of Athgarh State belongs to the Karana caste of Orissa, and its recognised title is Sri Karana Bewarta Pattanayak" - Orissa Feudatory States, L.E.B.Cobden-Ramsay,p.110) କିନ୍ତୁ ସେମାନେ ବିଦିତ ହେଉଥିଲେ *ଦେବ* ଭାବେ । ଗଡଜାତ ମିଶ୍ରଣ ବେଳକୁ ଆଠଗଡର ରାଜା ଥିଲେ *ଶ୍ରୀ କରଣ ବେବର୍ତ୍ତା ପଟ୍ଟନାୟକ ରାଧାନାଥ ଦେବ* । ଅତଏବ ଓଡିଶାର ପ୍ରାଚୀନ କରଣ ପରିବାରମାନଙ୍କରେ *ପଟ୍ଟନାୟକ* ଓ *ଦେବ* – ଉଭୟ

orissamatters.com

ସଂଜ୍ଞା ପ୍ରଚଳିତ ଥିଲା । ଶ୍ରୀ ଜୟ ଦେବ ହୁଏତ ଏହିପରି ଜଣେ *ଦେବ* ସଂଜ୍ଞକ ବ୍ୟକ୍ତି ଥିଲେ । ଯଦି ଏହାହିଁ ହୋଇଥାଏ ତେବେ ସେ ହୁଏତ ଥିଲେ ଜନ୍ମତଃ କରଣ ।

**ପଣ୍ଡିତ କେଦାରନାଥ ମହାପାତ୍ର *ଦେବ*କୁ ଶ୍ରୀ ଜୟ ଦେବଙ୍କ କୁଳ ସଂଜ୍ଞା ମାନ୍ୟତା ଦେଇଛନ୍ତି;** ମାତ୍ର ତାଙ୍କୁ ବ୍ରାହ୍ମଣ ଭାବେ ଗ୍ରହଣ କରିବାକୁ ତାଙ୍କ ମନ ପ୍ରଥମରୁ ପ୍ରଭାବିତ ହୋଇପଡିଥିବାରୁ *ଅନ୍ୟ ବିରୁଦ୍ଧ ପ୍ରମାଣ ପାଇବା ପର୍ଯ୍ୟନ୍ତ ଦେବ ଶବ୍ଦକୁ ଶ୍ରୀ ଭୋଜ ଦେବ ଓ ତତ୍‌ପୁତ୍ର ପ୍ରସିଦ୍ଧ ଶ୍ରୀ ଜୟ ଦେବଙ୍କ ବ୍ରାହ୍ମଣ ବାଚକ କୁଳ ସଂଜ୍ଞା ରୂପେ ଗ୍ରହଣ କରିବା ସମୀଚୀନ* ବୋଲି ମତ ଦେଇଛନ୍ତି (ଶ୍ରୀ ଜୟଦେବ ଓ ଗୀତଗୋବିନ୍ଦ,ପୃ.୪୩) । ପଣ୍ଡିତ ମହାପାତ୍ର ଯେ ଜୟ ଦେବଙ୍କ ଜାତି ସଂପର୍କରେ ଭ୍ରମାତ୍ମକ ବ୍ୟାଖ୍ୟା କରିଛନ୍ତି ତାହା ତାଙ୍କୁ ପାଠକଲେ ହିଁ ଜାଣିହୁଏ । ସେ ନିଜ ରଚନାରେ ନିଜ ପରିଚୟ ଦେଇଛନ୍ତି । ମାତା ବାମା ଦେବୀ, ପିତା ଭୋଜ ଦେବ, ଗାଁ କେନ୍ଦୁବିଲ୍ୱ ଓ ବନ୍ଧୁ ପରାଶର ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ କେଉଁଠି ହେଲେ ସେ ନିଜର ବର୍ଣ୍ଣ ପରିଚୟ ଦେଇ ନାହାନ୍ତି ।

**ଏଥିରୁ ଏହାହିଁ ସ୍ପଷ୍ଟ ହୁଏ ଯେ ସେ ବର୍ଣ୍ଣପ୍ରୌଢ଼ିର ବିରୋଧୀ ଥିଲେ । ବର୍ଣ୍ଣ ବ୍ୟବସ୍ଥାର ସେ ସମର୍ଥକ ନ ଥିଲେ । କାରଣ ସେ ଥିଲେ ବୌଦ୍ଧ । ନିଜ ଜାତିର ଭିତ୍ତି ଉପରେ ନିଜ ପରିଚୟ ରଖିଥିଲେ ସେ ବ୍ରାହ୍ମଣ୍ୟବାଦକୁ ହିଁ ପରିପୁଷ୍ଟ କରିଥାନ୍ତେ । ତାହା ସେ କରି ନାହାନ୍ତି ।**

ତଥାପି ଯଦି ସାମାଜିକ ବିକାଶଧାରାର ଅଧ୍ୟୟନପାଇଁ ତାଙ୍କ ଜାତି ଖୋଜାଯାଏ, ତେବେ **ସେ କରଣ ହୋଇଥିବାର ସମ୍ଭାବନା ଅଧିକ । କାରଣ କରଣମାନେ ବର୍ଣ୍ଣବୈଶିଷ୍ଟ୍ୟବାଦର ବିରୋଧୀ** । ସେମାନେ ବର୍ଣ୍ଣଗତ ବିବାଦରେ ନ ଥାନ୍ତି । ସେମାନଙ୍କ ସାମାଜିକ ଦୃଷ୍ଟିଭଙ୍ଗୀ ହେଲା, ଯିଏ ଯେଉଁ ଜାତିର ହୋଇଥାଉ ପଛେ, ସବୁ ମଣିଷ ସମାନ ।

## *କରଣ ଏକ ଜାତି ନୁହେଁ, ଜାତିବାଦ ବିରୋଧୀ ଏକ ଜନମଞ୍ଚ*

ମହାନଦୀର ଯେପରି ଭେଦଭାବ ନାହିଁ କରଣମାନଙ୍କର ସେପରି ଭେଦଭାବ ନାହିଁ । ସେଥିପାଇଁ ଓଡିଶାରେ ଗୋଟିଏ ସର୍ବଜନବିଦିତ ଢଗ ଅଛି । ତାହା ହେଲା - *ମହାନ୍ତି ମହାନଦୀ* । ସେମାନେ ବ୍ରାହ୍ମଣ ନୁହନ୍ତି କି କ୍ଷତ୍ରିୟ ନୁହନ୍ତି କି ବୈଶ୍ୟ ନୁହନ୍ତି । ଚାତୁର୍ବର୍ଣ୍ୟ ବ୍ୟବସ୍ଥାର ବର୍ଗୀକରଣ କରାଯାଇ ଯେତେବେଳେ ଏହି ତିନି ବର୍ଗଙ୍କୁ ଦ୍ୱିଜ ବର୍ଗ ଓ ଅବଶିଷ୍ଟ ସମସ୍ତଙ୍କୁ ଅର୍ଥାତ୍ ସମଗ୍ର ଶ୍ରମଜୀବୀ ସଂପ୍ରଦାୟକୁ *ଦାସ* ବର୍ଗରେ ରଖାଗଲା, ସେତେବେଳେ କରଣମାନେ ନିଜର ବୈପ୍ଳବିକ ଆଭିମୁଖ୍ୟ ସ୍ପଷ୍ଟ କରି *ଦାସ* ସଂଜ୍ଞା ଧାରଣ କରିବାକୁ ଆଗେଇ ଆସିଥିଲେ । ବହୁଦିନ ପର୍ଯ୍ୟନ୍ତ ଏ ପରଂପରା ଚଳିଥିଲା । ଉଦାହରଣ ସ୍ୱରୂପ ବିଚିତ୍ର ଭାରତର କବି ବିଶ୍ୱମ୍ବର ଦାସ । ସେ ଥିଲେ ନୀଳାମ୍ବର ଭ୍ରମରବରରାୟଙ୍କ ପୌତ୍ର ଏବଂ ହଳଧର ପଟ୍ଟନାୟକଙ୍କ ପୁତ୍ର । ତଥାପି ସେ ନିଜକୁ ପରିଚିତ କରାଇଥିଲେ *ଦାସ* ସଂଜ୍ଞାରେ । ସେହିପରି ସ୍ୱକୀୟ ସାହିତ୍ୟକୃତି ବ୍ରଜବିହାର ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା କୃପାସିନ୍ଧୁ ଦାସ ଥିଲେ ଭାଗିରଥୀ ଖରସୁଧା ପଟ୍ଟନାୟକଙ୍କ ପୁତ୍ର । **କରଣମାନେ ବର୍ଣ୍ଣବୈଶିଷ୍ଟ୍ୟବାଦକୁ ବିରୋଧ କରି**

orissamatters.com

**ନିଜକୁ ଶୁଦ୍ର ଭାବେ ଚିହ୍ନଟ କରାଇବା ପଛରେ କି ପ୍ରଚଣ୍ଡ ବୈପ୍ଳବିକ ଆଦର୍ଶ ନିହିତ ଥିଲା ତାହା ଦେଖିଲେ ବିସ୍ମିତ ହେବାକୁ ପଡେ ।** ଶ୍ରୀ ଜଗନ୍ନାଥଙ୍କୁ ବର୍ଣ୍ଣବୈଷମ୍ୟହୀନ ଶୈଳୀରେ ପୁନଃ ପ୍ରତିଷ୍ଠା କରି ସେଠାରେ ସର୍ବବର୍ଣ୍ଣସମନ୍ୱୟୀ ଆଦର୍ଶ ବଳବତ୍ତର କରିଥିବା ହେତୁ **ଦ୍ୱୀତିୟ ଇନ୍ଦ୍ରଦ୍ୟୁମ୍ନ ଭାବେ ଖ୍ୟାତି ଅର୍ଜନ କରିଥିବା ଗଜପତି ରାମଚନ୍ଦ୍ର ଦେବ ଓ ତାଙ୍କ ଉତ୍ତରାଧିକାରୀମାନେ ଜାତିରେ କରଣ ହୋଇଥିଲେ ମଧ୍ୟ ଶୁଦ୍ର-ନୃପତି ଭାବେ ନିଜ ନିଜକୁ ପ୍ରଚାରିତ କରାଉଥିଲେ ।** ("The family of the Bhois to which Ramachandra Deva belonged, was originally a Karana family, and the rulers of the Bhoi dynasty have been described in the contemporary Srijang Stone Inscription as Sudra-nripatis".History of Orissa, K.C.Panigrahi, p.126) ଅତଏବ ରାଜେନ୍ଦ୍ରାସନରେ ଥାଆନ୍ତୁ କି ସାଧାରଣ ନାଗରିକ ସ୍ଥିତିରେ, କରଣମାନେ ଜାତିବାଦର ଘୋର ବିରୋଧୀ ଥିଲେ ।

**ଜାତି ନାମରେ ସମାଜକୁ ଭାଗ ଭାଗ କରି ଶ୍ରମଜୀବିମାନଙ୍କୁ କେବଳ ସେବକ ଭାବେ ରଖିବା ଥିଲା ବ୍ରାହ୍ମଣ୍ୟବାଦର ଅଭିସନ୍ଧି ।**

ଏହା କାର୍ଯ୍ୟକାରୀ କରିବାପାଇଁ ବ୍ରହ୍ମାଙ୍କ ଅଙ୍ଗର ବିଭିନ୍ନ ଭାଗର ପ୍ରତିନିଧି ଭାବେ ବିଭିନ୍ନ ବର୍ଣ୍ଣକୁ ନିର୍ଦ୍ଧାରିତ ଦାୟିତ୍ୱ ସଂପାଦନ କରିବାକୁ ହେବ ବୋଲି ବ୍ରାହ୍ମଣ୍ୟବାଦ ବ୍ୟବସ୍ଥା ଖଞ୍ଜିଥିଲା । ଏହାକୁ କୁହାହେଉଥିଲା ବର୍ଣ୍ଣାଶ୍ରମ ଧର୍ମ ।

ଏତଦନୁଯାୟୀ ବ୍ରାହ୍ମଣର ଧର୍ମ ଥିଲା ଭଗବାନଙ୍କ ସହ ସଂପର୍କ ସ୍ଥାପନ, କ୍ଷତ୍ରିୟର ଧର୍ମ ଥିଲା ରାଜ୍ୟ ଶାସନ, ବୈଶ୍ୟର ଧର୍ମ ଥିଲା ସଂପତ୍ତି ଅର୍ଜନ ଓ ଶୁଦ୍ରର ଧର୍ମ ଥିଲା ଉପରୋକ୍ତ ତିନିବର୍ଣ୍ଣର *ପ୍ରଭୁ*ମାନଙ୍କ ସ୍ୱାର୍ଥ ରକ୍ଷାର୍ଥେ ଶ୍ରମଦାନ ଏବଂ ସମତାଳରେ କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ରଙ୍କର ମିଳିତ ଧର୍ମ ଥିଲା *ବର୍ଣ୍ଣଶ୍ରେଷ୍ଠ* ବ୍ରାହ୍ମଣର ଇଚ୍ଛାନୁସାରେ ତାର ସମସ୍ତ ଆବଶ୍ୟକତାର ପରିପୂରଣ ।

**ଏହା ହିଁ ଥିଲା ବର୍ଣ୍ଣାନୁସାରେ ମାନବର *ସ୍ୱଧର୍ମ* ।** ଯେଉଁ ବ୍ୟକ୍ତି ସ୍ୱଧର୍ମ ପାଳନ କରୁ ନ ଥିଲା ଯଥା ଶୁଦ୍ର ଯଦି ଶ୍ରମ ଦାନ ଛାଡ଼ି ତପଷ୍ଚାରଣ କରୁ ଥିଲା ତେବେ ସେ ବ୍ରାହ୍ମଧର୍ମ ଅର୍ଥାତ୍ ପରଧର୍ମରେ ଅନୁପ୍ରବେଶ କରିଥିବା ହେତୁ *କଠିନ ଦଣ୍ଡର* ସମ୍ମୁଖୀନ ହେଉଥିଲା । ***ଶୁଦ୍ରକୁଳଜାତ ଶମ୍ବୁକ ତପସ୍ୟା ଦ୍ୱାରା*** **ଭଗବାନଙ୍କ ସହ ସଂପର୍କ ସ୍ଥାପନ ପାଇଁ ଉଦ୍ୟମ କରି *ପରଧର୍ମରେ ଅନୁପ୍ରବେଶ* କରିଥିବା ହେତୁ ରାମଙ୍କ ମାଧ୍ୟମରେ ବଶିଷ୍ଠ ତାଙ୍କର *ଶିରଚ୍ଛେଦ* କରାଇଥିଲେ ଏବଂ ଏହା କରିଥିବା ହେତୁ ରାମ *ମର୍ଯ୍ୟାଦା ପୁରୁଷୋତ୍ତମ* ବୋଲାଇଥିଲେ ।**

ଅତଏବ ବ୍ରହ୍ମାଙ୍କ କାୟାର ଏକ ଏକ ଅଙ୍ଗର ପ୍ରତିନିଧି ବୋଲି ଦର୍ଶାଇ ଭାରତର ମଣିଷକୁ ଚାରିଭାଗ କରି ଦିଆହୋଇଥିଲା । **ଧର୍ମ ନାମରେ ସାମାଜିକ ଐକ୍ୟ ଏପରି ପ୍ରତିହତ ହେବାରେ ଲାଗିଥିବା ହେତୁ କରଣମାନେ ତହିଁର ପ୍ରତିବାଦ କରୁଥିଲେ** ଏବଂ ବ୍ରହ୍ମାଙ୍କ ଅଙ୍ଗ

orissamatters.com

ଭିତ୍ତିରେ ବିଭାଜିତ ଏହି ଚାତୁର୍ବର୍ଣ୍ଣ୍ୟ ବ୍ୟବସ୍ଥାରୁ ଦୂରେଇ ରହି ନିଜକୁ ତଥାକଥିତ ସୃଷ୍ଟିକର୍ତ୍ତାଙ୍କ ସମଗ୍ର କାୟାର ପ୍ରତିନିଧି ବୋଲି ଦାବି କରିଥିଲେ । ସେଥିପାଇଁ ସେମାନେ **କାୟସ୍ଥ** ଭାବେ ପରିଚିତ ଥିଲେ ଏବଂ ଯେ କୌଣସି ବର୍ଣ୍ଣର ବ୍ୟକ୍ତି କାୟସ୍ଥ ହୋଇପାରେ ବୋଲି ଘୋଷଣା କରିଥିଲେ ।

*ମହାନ୍ତି-ମହାନଦୀ* ଦୁହା ଭିତରେ ଓଡିଶାର କାୟସ୍ଥମାନେ କିପରି ସର୍ବବର୍ଣ୍ଣସମନ୍ୱୟୀ ଥିଲେ ତହିଁର ସୂଚନା ପୂର୍ବରୁ ଦିଆ ସରିଛି ।

ଓଡିଶାର କାୟସ୍ଥମାନେ କରଣ ଭାବେ ସୁବିଦିତ । *କର୍ତ୍ତୃବାଦ*କୁ ପ୍ରତ୍ୟାଖ୍ୟାନ କରି *କାରଣବାଦ*କୁ ଗ୍ରହଣ କରିଥିବା ହେତୁ ଏମାନେ ନିଜକୁ *କରଣ* ବୋଲି କହୁଥିଲେ । *କର୍ତ୍ତା*ଙ୍କ ହେତୁ ସୃଷ୍ଟି ପ୍ରକ୍ରିୟା ଚାଲିଛି ବୋଲି ଏମାନେ ମାନୁନଥିଲେ । ଏମାନଙ୍କ ଯୁକ୍ତି ଥିଲା *କାରଣ* ଥିବା ହେତୁ ସୃଷ୍ଟି ପ୍ରକ୍ରିୟା ଚାଲିଛି । ଦୈନନ୍ଦିନ ଜୀବନରେ ଆମେ କ'ଣ ଦେଖୁଁ? କର୍ତ୍ତା ଥିବା ହେତୁ କୌଣସି କାମ ହୁଏନି । କାରଣ ଥିବା ହେତୁ କର୍ତ୍ତା କାମ କରେ ।

କର୍ତ୍ତାଙ୍କୁ କେନ୍ଦ୍ରକରି ସିନା ବର୍ଣ୍ଣ ବିଭେଦ, କାରଣକୁ ନେଇ କୁଆଡୁ ଆସିବ?

ତେଣୁ କର୍ତ୍ତୃବାଦ ବର୍ଣ୍ଣବୈଷମ୍ୟବାଦକୁ ସୃଷ୍ଟି କରିଥିବା ବେଳେ କାରଣବାଦ ସାମାଜିକ ଐକ୍ୟବାଦକୁ ପରିପୁଷ୍ଟ କରିଛି । ପ୍ରଥମଟି ସମାଜରେ ବ୍ରାହ୍ମଣ ବର୍ଣ୍ଣର କର୍ତ୍ତୃତ୍ୱ ବିସ୍ତାର ପାଇଁ ଉଦ୍ଦିଷ୍ଟ । ଦ୍ୱିତୀୟଟି ଏହି ବିସ୍ତାରକୁ ବ୍ୟର୍ଥ କରି ସାମାଜିକ ସଂହତି ବୃଦ୍ଧି ପାଇଁ ଉଦ୍ଦିଷ୍ଟ ।

ପ୍ରଥମଟି ସମାଜକୁ *ଦୈବାୟତ୍ତ* ଦର୍ଶାଇବାକୁ ଚାହେଁ, ଦ୍ୱିତୀୟଟି ଚାହେଁ ଏହା ହେଉ *ଲୋକାୟତ୍ତ* ।

ଏହି ପ୍ରଭେଦକୁ ବୁଝିବାପାଇଁ ଦୁଇଟି ପରସ୍ପର ବିରୋଧୀ ବୟାନ ଅନୁଧ୍ୟେୟ । ପ୍ରଥମଟି ହେଲା-

ଦୈବାୟତ୍ତଂ ଜଗତ୍ସର୍ବଂ ମନ୍ତ୍ରାଧୀନଂ ତତ୍ ଦୈବତମ୍ ।
ତତ୍ ମନ୍ତ୍ରଂ ବ୍ରାହ୍ମଣାଧୀନା ତସ୍ମାତ୍ ବ୍ରାହ୍ମଣ ଦୈବତମ୍ ।।

ଅର୍ଥାତ୍ ଜଗତରେ ଯାହା କିଛି ଅଛି ସେ ସମସ୍ତ ଦୈବାଧୀନ, ଦୈବ ମନ୍ତ୍ରାଧୀନ, ମନ୍ତ୍ର ବ୍ରାହ୍ମଣାଧୀନ । ତେଣୁ ବ୍ରାହ୍ମଣହିଁ ଦୈବତ ବା ଦେବତା । ସବୁ ବର୍ଣ୍ଣ ଭିତରେ ନିଜକୁ ଶ୍ରେଷ୍ଠ ବୋଲି ଦର୍ଶାଇବାକୁ ବ୍ରାହ୍ମଣମାନେ ଏହିପରି ଶବ୍ଦଜାଲ ସୃଷ୍ଟି କରିଥିଲେ । ବେଦକୁ ଦୈବସୃଷ୍ଟ ବୋଲି କହି ସେହି ବେଦ ଅଧ୍ୟୟନର ଅଧିକାର କେବଳ ବ୍ରାହ୍ମଣର ଅଛି ବୋଲି ଘୋଷଣା କରି ସେମାନେ ସମାଜର ଅନ୍ୟ ବର୍ଗଙ୍କୁ ଶୋଷଣ କରୁଥିଲେ ଓ ସାମାଜିକ ଐକ୍ୟର ଅନ୍ତରାୟ ହୋଇ ରହିଥିଲେ । *କର୍ତ୍ତୃବାଦ* ଏଥିପାଇଁ ପରିସର ଯୋଗାଇ ଦେଇଥିଲା । ଏହା ବିରୁଦ୍ଧରେ *କାରଣବାଦ* ବା ପ୍ରଗତିର ସ୍ୱର କ'ଣ ଥିଲା ତାହା ଜାଣିବାପାଇଁ ଦ୍ୱିତୀୟ ବୟାନଟି ସହାୟକ ହୋଇପାରେ ।

ଏହା ହେଲା-

orissamatters.com

ବେଦଂ ପ୍ରାମାଣ୍ୟମ୍ କସ୍ୟଚିତ୍ କର୍ତ୍ତୃବାଦଃ
ସ୍ନାନେ ଧର୍ମେଚ୍ଛା ଜାତିବାଦାବଲେପଃ
ସନ୍ତାପାରମ୍ଭଃ ପାପହାନାୟଚେତି
ଧ୍ୱସ୍ତପ୍ରଜ୍ଞାନାଂ ପଞ୍ଚଲିଙ୍ଗାନିଜାଡ୍ୟେ । । (ସୂତ୍ର-ରାହୁଳ ସଂକ୍ରିତାୟନ, ବୁଦ୍ଧିଷ୍ଟ ଡ଼ାଏଲେଟିକ୍ସ୍, [Buddhist Dialetics] ପିପୁଲ୍ସ୍ ପବ୍ଲିଶିଙ୍ଗ୍ ହାଉସ୍, ନୂଆଦିଲ୍ଲୀ,୧୯୭୮)

ଏତଦନୁଯାୟୀ ବେଦକୁ ସକଳ ଜ୍ଞାନର ଆଧାର ବୋଲି ମାନିବା, ଅଦୃଶ୍ୟ କୌଣସି କର୍ତ୍ତାଙ୍କୁ ସ୍ୱୀକାର କରିବା, ଧର୍ମ ଅର୍ଜିବା ବିଶ୍ୱାସରେ ତୀର୍ଥ ଘାଟରେ ସ୍ନାନ କରିବାକୁ ଇଚ୍ଛା କରିବା, ଜାତିବାଦରେ ଲିପ୍ତ ହେବା ଓ ପାପ ହାନି ହେବ ବୋଲି ବିଶ୍ୱାସ କରି ଓଷା ଉପବାସ କରିବା- ଏହି ପାଞ୍ଚଟି ହେଉଛି ବୁଦ୍ଧି ଧ୍ୱଂସ ହୋଇଯାଇଥିବା ଲୋକର ଲକ୍ଷଣ ।

ଲୋକାୟତ୍ତ ସମାଜ ଉପରେ ଗୁରୁତ୍ୱ ଦେଉଥିବା କରଣମାନଙ୍କ ଚିନ୍ତାଧାରା ବ୍ରାହ୍ମଣ୍ୟ ଧର୍ମଧାରାର କିପରି ତୀବ୍ର ବିରୋଧୀ ଥିଲା ଏବଂ ସେମାନେ କିପରି ଜାତିବାଦକୁ ବିରୋଧ କରୁଥିଲେ ଏଥିରୁ ତାହା ସହଜେ ଅନୁଭବ୍ୟ । ଅପରପକ୍ଷେ ଏହି ଚିନ୍ତାଧାରା ଥିଲା ବୌଦ୍ଧ ସହଜଯାନର ନିଜସ୍ୱ । ସହଜଯାନର ସ୍ଥାପୟତ୍ରୀ ଓଡିଶାର ମହିୟସୀ ଦାର୍ଶନିକା ଲକ୍ଷ୍ମୀଙ୍କରା ତାଙ୍କ ଅଦ୍ୱୟସିଦ୍ଧିରେ କହିଛନ୍ତି:

ନ ନଷ୍ଟକଳ୍ପନାଂ କୁର୍ଯ୍ୟାତ୍ ନୋପବାସଂ ନ ଚ କ୍ରିୟାମ୍ ।
ସ୍ନାନଂ ଶୌଚଂ ନ ଚୈବାତ୍ର ଗ୍ରାମଧର୍ମ ବିବର୍ଜନମ୍ । ।
ନ ଚାପି ବନ୍ଦୟେତ୍ ଦେବାନ୍ କାଷ୍ଠ-ପାଷାଣ-ମୃଣ୍ମୟାନ୍
ପୂଜାମସ୍ୟୈବ କାୟସ୍ୟ କୁର୍ଯ୍ୟାନ୍ନିତ୍ୟମ୍ ସମାହିତଃ । ।
ସର୍ବବର୍ଣ୍ଣାସମୁଦ୍ଭୂତ ଜୁଗୁପ୍ସା ନୈବ ଯୋଷିତଃ
ସୈବ ଭଗବତୀ ପ୍ରଜ୍ଞା ସମ୍ବୃତା ରୂପମାଶ୍ରିତା । ।

ଅର୍ଥାତ୍ ଭୁଲ ଭାବନା ପରିହାର କରିବା ଉଚିତ, ଉପବାସ, ତୀର୍ଥସ୍ନାନ, ଶୌଚ ଓ ଗ୍ରାମଧର୍ମ ବର୍ଜନ କରିବା ଉଚିତ, କାଷ୍ଠ, ପାଷାଣ ବା ମୃଣ୍ମୟ ନିର୍ମିତ ଦେବ ବିଗ୍ରହର ପୂଜା ନ କରି ମଣିଷ ତାର ଏହି ଶରୀରର ଯତ୍ନ ନେବା ଉଚିତ ଏବଂ ସ୍ତ୍ରୀମାନଙ୍କୁ ଜାତିବର୍ଣ୍ଣ କାରଣରୁ ଘୃଣା ନ କରିବା ଉଚିତ । ସବୁ ବର୍ଣ୍ଣ ସମୁଦ୍ଭୂତ ନାରୀ ଭଗବତୀ ପ୍ରଜ୍ଞାଙ୍କ ସ୍ୱରୂପ ।

**ଏହି ନିର୍ଣ୍ଣୟ ଉପରେ ନିର୍ଭର କରି ସହଜଯାନ ଦର୍ଶନ ନାରୀପ୍ରଧାନ ସୃଷ୍ଟିତତ୍ତ୍ୱର ପରିପୁଷ୍ଟିକରଣ ଘଟାଇଛି । ଏବଂ ସୁଦୃଢ ହୋଇଉଠିଛି ନାରୀପ୍ରଧାନ ମୈଥୁନବାଦ ଯାହା ମଧ୍ୟରେ ଉତ୍ତର ମିଳିଛି ଜୀବନ-ଜିଜ୍ଞାସାର ।** କହିବା ବାହୁଲ୍ୟ ଯେ, ଏହି ଦର୍ଶନର ଅନୁବର୍ତ୍ତୀ ମାନେ ନାରୀର ମହତ୍ତ୍ୱକୁ ସମ୍ମାନ ଦେଇ ନିଜ ନିଜକୁ *ଶ୍ରୀକରଣ* ଭାବେ ଉପସ୍ଥାପିତ କରିଛନ୍ତି ଓ ଜାତିବୌଶିଷ୍ଟ୍ୟବାଦର ଘୋର ପ୍ରତିରୋଧ କରିଛନ୍ତି ।

ତେଣୁ ସମାଜରୁ ତାର ମୂଳ ମାତୃପ୍ରଧାନ ଚଳଣୀକୁ ଉତ୍‌ଖାତ କରି ପୁରୁଷପ୍ରାଧାନ୍ୟ

orissamatters.com

ଜାରୀ କରିବାକୁ ବୈଦିକ ବ୍ରାହ୍ମଣ୍ୟବାଦ ଯେଉଁ ଉଦ୍ୟମ ଚଳାଇଥିଲା ତାହା କଠିନ ଆହ୍ୱାନର ସମ୍ମୁଖୀନ ହୋଇଛି ।

ଏହି ଆହ୍ୱାନ କିପରି ଦାର୍ଶନ୍ୟ-ସାମାଜିକ ଆହବରେ ପରିଣତ ହୋଇଛି ତାହା ପରେ ଦେଖିବା । ମାତ୍ର ଏବ ପାଇଁ ଏତିକି ଜାଣିବା ଯଥେଷ୍ଟ ଯେ **ରାଧାକୁ ସୃଷ୍ଟିକରି ଏବଂ ତାର ରତିଚକ୍ରର ଉପସ୍ଥାପନ କରି ଶ୍ରୀ ଜୟ ଦେବ ଉତ୍ତରକାଳରେ ବ୍ରାହ୍ମଣ୍ୟବାଦ ବିରୁଦ୍ଧରେ ସହଜଯାନକୁ ସବଳ କରିଛନ୍ତି ।**

## *ନାରୀ ନିର୍ଯ୍ୟାତନାର ନିରାକରଣ ପାଇଁ କରଣ*

ବ୍ରାହ୍ମଣ୍ୟବାଦର ଯୌନ ଯୋଜନାରେ ନାରୀର ମାନବିକ ମହତ୍ୱ ପ୍ରତି କୌଣସି ସମ୍ମାନ ନ ଥିବା ତଥା ତାକୁ କେବଳ ସନ୍ତାନ ଉତ୍ପାଦନର ଏକ ମାଧ୍ୟମ ଭାବେ ବିବେଚନା କରାଯିବା କଥା ପୂର୍ବରୁ ଉଲ୍ଲେଖ କରାଯାଇଛି । କିନ୍ତୁ ଏହାର ବିପରୀତ ରୀତି ରହିଛି ଶ୍ରୀ ଜୟ ଦେବଙ୍କ ରଚନାରେ ।

**ବ୍ରାହ୍ମଣ୍ୟବାଦ ରମଣୀ-ଗଞ୍ଜନକାରୀ ହୋଇଥିବାବେଳେ ଜୟ ଦେବ ରମଣୀ-ରଞ୍ଜନକାରୀ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ।** ଏହି ରମଣୀ-ରଞ୍ଜନକାରୀ ଆଭିମୁଖ୍ୟ କେବଳ କରଣମାନଙ୍କ କୁଳଚରିତ୍ର ଅନୁରୂପ । ସେଥିପାଇଁ ଶ୍ରୀ ସିଂହ ବାଜପେୟୀ କରଣମାନଙ୍କ ପରିଚୟ ଦେଇ ସେମାନଙ୍କୁ ସଂଗୀତଶାସ୍ତ୍ରବେତ୍ତା ଭାବେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ କାମିନିକେଳିକୁଶଳଃ କଥାକଥନପାରଗଃ ବୋଲି ବର୍ଣ୍ଣନା କରିଛନ୍ତି । (ଉତ୍କଳଦୀପିକା, ପୃ.୨୮) । ସେ କରଣମାନଙ୍କ ସଂପର୍କରେ ପୁନଶ୍ଚ କହିଛନ୍ତି ଯେ ସେମାନେ ଛଳଶ୍ଳେଷବିଶେଷଜ୍ଞଶ୍ଚତୁରୋକ୍ତିବିଶାରଦଃ (ଏପ୍ସ) । **ଶ୍ରୀ ଜୟ ଦେବଙ୍କଠାରେ ଏହି ସମସ୍ତ କରଣ ଲକ୍ଷଣ ପୂର୍ଣ୍ଣତଃ ପ୍ରକଟିତ ହୋଇଛି ।**

ବୌଦ୍ଧ କାମବଜ୍ରଯାନର ସଂପ୍ରସାରଣପାଇଁ ସେ ତାଙ୍କ ଅଷ୍ଟପଦୀଗୁଡ଼ିକୁ ରଚନା କରିଥିଲେ ମଧ୍ୟ ଛଳଶ୍ଳେଷ ଓ ଚତୁରୋକ୍ତି ହେତୁ ତାହା ବୌଦ୍ଧମତବାଦର ପ୍ରବଳ ବିରୋଧୀ ବ୍ରାହ୍ମଣ୍ୟବାଦୀମାନଙ୍କ ଦ୍ୱାରା ସ୍ପଷ୍ଟତଃ ପ୍ରତ୍ୟାଖ୍ୟାତ ହୋଇପାରି ନାହିଁ ଓ ସେମାନେ ମଧ୍ୟ ତାକୁ ଆପଣାଇନେବାକୁ ପରାଙ୍ମୁଖ ହୋଇ ନାହାନ୍ତି ।

କିନ୍ତୁ ତହିଁର ଅନ୍ତର୍ନିହିତ ବୌଦ୍ଧ ଆବେଦନ ଜଣାଗଲା ପରେ ନିଜକୁ ସୁହାଇବା ଶୈଳୀରେ ତହିଁରେ ପର୍ଯ୍ୟାପ୍ତ ପ୍ରକ୍ଷିପ୍ତୀକରଣ କରିଛନ୍ତି ଓ ବୈଷ୍ଣବୀୟ ଶୈଳୀରେ ତହିଁର ସଂପାଦନା ବି କରିଛନ୍ତି ।

ଏସବୁ ଅନୁଧ୍ୟାନ କଲେ ମନେହୁଏ ଜୟ ଦେବ ହୁଏତ ଜନ୍ମତଃ କରଣ ହୋଇଥାଇପାରନ୍ତି । ତାଙ୍କୁ ବ୍ରାହ୍ମଣ୍ୟବାଦପାଇଁ ଆତ୍ମସାତ୍ କରିବାକୁ ଚେଷ୍ଟା କରାଯାଇ ତାଙ୍କ ପ୍ରତି ଘୋର ଅନ୍ୟାୟ ହୋଇଛି ଏବଂ ହୋଇଚାଲିଛି । କେବଳ ଜାତି ନୁହେଁ, ତାଙ୍କ ଜନ୍ମସ୍ଥାନ ଉପରେ ବି ଚାଲିଛି ଜାଲିଆତି ଆମରି ଏଇ ଓଡ଼ିଶାରେ!

orissamatters.com

## ଜନ୍ମସ୍ଥାନ ସଂପର୍କରେ ମିଥ୍ୟା ପ୍ରଚାର ଓଡ଼ିଶାରେ ବି

ଘୋର ପରିତାପର କଥା ଯେ ତାଙ୍କ ଜନ୍ମସ୍ଥାନ ସଂପର୍କରେ କେତେକ ଅଭିସନ୍ଧିସଂପନ୍ନ ବଙ୍ଗାଳୀ ଯେପରି ମିଥ୍ୟା ପ୍ରଚାର କରିବାରେ ଲାଗିଛନ୍ତି ଓ ନିଜ ମିଥ୍ୟାକୁ ସତ ଭାବେ ଥୋଇବାକୁ ଅଜସ୍ର ମିଥ୍ୟା କିମ୍ବଦନ୍ତୀ ତିଆରି କରିଛନ୍ତି ଓ ମିଥ୍ୟା କିମ୍ବଦନ୍ତୀର ଆଶ୍ରୟ ନେଇ ଚାଲିଛନ୍ତି, **କେତେକ ଓଡ଼ିଆ ମଧ୍ୟ ଠିକ୍ ସେହିପରି କରିଛନ୍ତି ଓ କରୁଛନ୍ତି ।** ଭୁବନେଶ୍ୱର ଉପକଣ୍ଠର କେନ୍ଦୁଳି ଗାଁ ତାଙ୍କ ଜନ୍ମସ୍ଥାନ ନ ହୋଇଥିଲେ ମଧ୍ୟ ତାହା ହିଁ କୁହାହୋଇଚାଲିଛି ।

ପୂର୍ବରୁ ଆମେ ଆଲୋଚନା କରିଛୁଁ । ପୁନର୍ବାର ବି ବିହାୟସ ଦୃଷ୍ଟିପାତ ହେଉ । ପୂର୍ବେ ଯେତେବେଳେ ତାଙ୍କ ଜନ୍ମସ୍ଥାନକୁ ନେଇ କୌଣସି ବିବାଦ ନ ଥିଲା ସେତେବେଳେ **ସମସ୍ତେ ଜାଣିଥିଲେ ଯେ ତାଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ ଓଡିଶାର ମହୋଦଧି କୂଳରେ ଶ୍ରୀ ଜଗନ୍ନାଥଙ୍କ ବିଜେସ୍ଥଳୀ ପୁରୀ ଉପକଣ୍ଠରେ ହିଁ ଅବସ୍ଥିତ ଥିଲା ।** ମିଥିଳା ନିବାସୀ ଚନ୍ଦ୍ରଦତ୍ତ ଭକ୍ତମାଳା ଗ୍ରନ୍ଥରେ ଲେଖିଥିଲେ, ଜୟ ଦେବଙ୍କ ଗ୍ରାମ କିନ୍ଦୁବିଲ୍ୱ ଜଗନ୍ନାଥ ଥିବା ପୁରୀ ସହରର ପ୍ରାନ୍ତଭାଗରେ ଅବସ୍ଥିତ ଥିଲା (ଜଗନ୍ନାଥପୁରୀ ପ୍ରାନ୍ତେ) । ମହାରାଷ୍ଟ୍ରର ବିଦ୍ୱାନ ମହୀପତି କିନ୍ଦୁବିଲ୍ୱକୁ ତିନ୍ଦୁବିଲ୍ୱ ବୋଲି କହିଥିଲେ ମଧ୍ୟ ତାହା ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଧାମ ପୁରୀ ଉପକଣ୍ଠସ୍ଥ ବୋଲି ଉଲ୍ଲେଖ କରିଛନ୍ତି (ଜଗନ୍ନାଥକ୍ଷେତ୍ରା ସମୀପ ଜାଣ / ତିନ୍ଦୁବିଲ୍ୱ ଗ୍ରାମ ନାମାଭିଧାନ) । କେନ୍ଦୁବିଲ୍ୱ ଗ୍ରାମ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରକୁ ଲାଗି ଅବସ୍ଥିତ ବୋଲି ଲେଖିଛନ୍ତି ମହାରାଷ୍ଟ୍ରର ଅନ୍ୟତମ ବିଦ୍ୱାନ ହରିଦାସ ହିରାଚାନ୍ଦ (ଶ୍ରୀଜଗନ୍ନାଥ କ୍ଷେତ୍ର ପାସେଂ କେନ୍ଦୁବିଲ୍ୱ ନାମେ ଗ୍ରାମମାଂ......) । ଇତ୍ୟାଦି । **ଯାହା ଜଗନ୍ନାଥପୁରୀ ପ୍ରାନ୍ତେ ବା ଜଗନ୍ନାଥକ୍ଷେତ୍ରା ସମୀପ ବା ଜଗନ୍ନାଥ କ୍ଷେତ୍ର ପାସେଂ ତାହା ଭୁବନେଶ୍ୱର ପ୍ରାନ୍ତରେ ବା ଲିଙ୍ଗରାଜ କ୍ଷେତ୍ର ପାର୍ଶ୍ୱରେ କିପରି ବା କାହିଁକି ହେବ?** ଭୁବନେଶ୍ୱର ଉପକଣ୍ଠରେ ଥିବା ଏକ ବ୍ରାହ୍ମଣ ଶାସନ **ଯାହାକୁ କେନ୍ଦୁଳି ଶାସନ ଭାବେ ଚିହ୍ନଟ କରାଯାଇ ଏବଂ ୨୦୦୫ ନଭେମ୍ବରରେ ରାଜସ୍ୱ ରେକର୍ଡପତ୍ର ସଂଶୋଧନ କରାଯାଇ ଜୟ ଦେବଙ୍କ ଜନ୍ମସ୍ଥାନ ଭାବେ ଦର୍ଶାଯାଉଛି ତାହା ଯେ କସ୍ମିନ କାଳେ ତାଙ୍କ ଜନ୍ମସ୍ଥାନ ନୁହେଁ ଏଥିରେ ସନ୍ଦେହର ଅବକାଶ ନାହିଁ ।**

**ତାଙ୍କ ଜନ୍ମସ୍ଥାନ କେନ୍ଦୁଳି ନ ଥିଲା, ଥିଲା କେନ୍ଦୁବିଲ୍ୱ । ଏବଂ ଏହା ଥିଲା ସମୁଦ୍ରକୂଳରେ ।** ତାଙ୍କରି ଭାଷାରେ ସମୁଦ୍ରସମ୍ଭବ ।

ଯେଉଁ ବୈଷ୍ଣବମାନଙ୍କ ହେତୁ ବଙ୍ଗାଳୀମାନେ ଜୟ ଦେବଙ୍କ ସଂପର୍କରେ ଅବଗତ ହେଲା ପରେ ତାଙ୍କୁ ନିଜପାଇଁ ଆତ୍ମସାତ୍ କରିବାକୁ ବହୁ ଅପୋଦ୍ୟମ କରିଛନ୍ତି ସେହି ବୈଷ୍ଣବମାନଙ୍କ ମଧ୍ୟରୁ କୃଷ୍ଣ ଦାସଙ୍କ ରଚିତ ଶ୍ରୀ ଶ୍ରୀ ଭକ୍ତମାଳାର ପ୍ରତିବେଦନ ହେଲା- କେନ୍ଦୁବିଲ୍ୱ ନାମେ ଗ୍ରାମ ସାଗର ହଇତେ ଅର୍ଥାତ୍ ସାଗର ସଂଲଗ୍ନ ଥିଲା କେନ୍ଦୁବିଲ୍ୱ ଗ୍ରାମ । କେବଳ ଏତିକି ନୁହେଁ, ଏହି ସାଗର ଥିଲା ଜୟ ଦେବଙ୍କ ବାସସ୍ଥାନଠାରୁ ମାତ୍ର ମାଇଲିଏ ଦୂର । ପୁସ୍ତକ ରଖିୟା ସାଧୁ ସ୍ନାନ କରିବାରେ । ଗମନ କରିଲା ତବେ ସାଗରେର ନୀରେ । ।

orissamatters.com

x x x x x x x x କ୍ଷଣମାତ୍ର ଦେଖି ପୁନ ସମୁଦ୍ର ଗମନ । ସ୍ନାନ କରି ପୁନ ଅର୍ଦ୍ଧକ୍ରୋଶ ଆଗମନ ।। ( পুস্তক রখিয়া সাধু স্নান করিবারে। গমন করিলা তবে সাগরের নীরে॥ xxxxxxxx ক্ষণমাত্র দেখি পুন সমুদ্র গমন। স্নান করি পুন অর্দ্ধক্রোশ আগমন॥) ଅତଏବ ଅର୍ଦ୍ଧକ୍ରୋଶ ବା ଏକ ମାଇଲ୍ ଥିଲା ସମୁଦ୍ରର ଦୂରତା ତାଙ୍କ ଘରଠାରୁ । ଦେହି ପଦପଲ୍ଲବମୁଦାରମ୍ ପଙ୍କ୍ତିର ରଚନା ସ୍ୱୟଂ ଶ୍ରୀକୃଷ୍ଣ କରିଥିବା ପରି ଭାକ୍ତିକ ଭ୍ରାନ୍ତି ଉତ୍ପାଦକ ଏକ କିମ୍ବଦନ୍ତୀ ସହ ଏହି ବର୍ଣ୍ଣନା ଜଡିତ ହୋଇଥିଲେ ମଧ୍ୟ ଯେଉଁ **ଭୌଗୋଳିକ ବାସ୍ତବତା** ଏହା ଉପସ୍ଥାପନ କରେ ତାହା ହେଲା, ଶ୍ରୀ ଜୟ ଦେବଙ୍କ ଘରଠାରୁ ସମୁଦ୍ରର ଦୂରତା ଥିଲା ମାତ୍ର ଅର୍ଦ୍ଧକ୍ରୋଶ ବା ମାଇଲିଏ । **ଅତଏବ ଏହା ନିଃସନ୍ଦେହ ଯେ ସମୁଦ୍ରପାଖରେ କେନ୍ଦୁବିଲ୍ୱର ଅବସ୍ଥିତି । ଏହା ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ କେନ୍ଦୁଳି ଗାଁ ନୁହେଁ ।**

## ଶ୍ରୀ ଜୟ ଦେବଙ୍କ ପ୍ରକୃତ ଜନ୍ମସ୍ଥାନ ପୁରୀ ପାଖରେ

ପୁରୀ ଉପକଣ୍ଠରେ ସମୁଦ୍ରକୂଳରେ ଯେଉଁଠି **ବିଲ୍ୱେଶ୍ୱର** ମହାଦେବ ଅଛନ୍ତି ସେହିଠାରେ ସମ୍ଭବତଃ ଥିଲା କେନ୍ଦୁବିଲ୍ୱ ଗ୍ରାମ । କେନ୍ଦୁବିଲ୍ୱ ଗ୍ରାମରେ ଥିବା ହେତୁ ଏହି ଦିଅଁଙ୍କ ନାମ ବିଲ୍ୱେଶ୍ୱର ହୋଇଥିବା ସମ୍ଭବ। **ଯେହେତୁ ଜୟ ଦେବ ଅସଲରେ ଥିଲେ ବୌଦ୍ଧ ସେହେତୁ ସମ୍ଭବତଃ ବୌଦ୍ଧବିରୋଧୀ ବ୍ରାହ୍ମଣ୍ୟବାଦୀମାନେ ତାହାକୁ ଧ୍ୱଂସ କରିଦେଇଛନ୍ତି ଓ ଶୈବକ୍ଷେତ୍ର ଭାବେ ଦର୍ଶାଇବାକୁ ସେଠାରେ ସ୍ଥାପନ କରିଛନ୍ତି ବ୍ରାହ୍ମଣ୍ୟ ଦିଅଁ ବିଲ୍ୱେଶ୍ୱର ।** ବୌଦ୍ଧକୀର୍ତ୍ତିରାଜିକୁ ଧ୍ୱଂସକରି ସେଗୁଡ଼ିକୁ ଶୈବ କ୍ଷେତ୍ରରେ ରୂପାନ୍ତରିତ କରିବା ଘଟନା ଓଡିଶାରେ ବ୍ରାହ୍ମଣ୍ୟବାଦୀମାନଙ୍କ ପକ୍ଷେ ଏକ ନିଶାବତ୍ ଥିଲା ବୋଲି ଇତିହାସ ସ୍ୱୀକାର କରେ । ତେଣୁ **କେନ୍ଦୁବିଲ୍ୱର ନାମ ନିଶ୍ଚିହ୍ନକରି ସେଠାରୁ ବୌଦ୍ଧ ସାଧୁ ଶ୍ରୀ ଜୟ ଦେବଙ୍କ ଜନ୍ମ ସ୍ମୃତି ଲୋପ କରାଇବାକୁ ସେମାନେ ଚେଷ୍ଟା କରିଥିବା ଓ ବିଲ୍ୱେଶ୍ୱର ମହାଦେବଙ୍କ ସ୍ଥାପନା ଦ୍ୱାରା ତାକୁ ଶୈବ ଧର୍ମ ସହ ଜଡିତ ଏକ ସ୍ଥାନ ବୋଲି ଦର୍ଶାଇଥିବା ଅସମ୍ଭବ ନୁହେଁ ।**

ବୁଦ୍ଧଙ୍କ ସମୟରେ ତାଙ୍କ ମତବାଦର ଏକ ପ୍ରସିଦ୍ଧ ଚର୍ଚ୍ଚାସ୍ଥଳ ଥିଲା *ଉରୁବିଲ୍ୱ* । ବୌଦ୍ଧ ଚେତନା ସହ ତାର ସଂପୃକ୍ତିର ଭିତ୍ତି ଉପରେ କେନ୍ଦୁବିଲ୍ୱ ହୁଏତ ଏପରି ନାମ ଆହରଣ କରିଥିବ । ବସ୍ତୁତଃ ଶ୍ରୀଗୀତଗୋବିନ୍ଦମହାକାବ୍ୟମ୍ ସଂପାଦନା କାଳରେ ସାହିତ୍ୟାଚାର୍ଯ୍ୟ ଡଃ. ଭଗବାନ ପଣ୍ଡା ଉରୁବିଲ୍ୱ ଓ କେନ୍ଦୁବିଲ୍ୱ ମଧ୍ୟରେ ଥିବା ନାମକରଣ ଶୈଳୀର ସାମଞ୍ଜସ୍ୟ ଉପରୁ ଆଖି ଫେରାଇ ନେଇପାରି ନାହାନ୍ତି ।(*ମୁଖବନ୍ଧ-ପୃ.୧୯*) । ମାତ୍ର ତାଙ୍କୁ ବୈଷ୍ଣବ ଭାବେ ବିଶ୍ୱାସ କରିବା ପରିବେଶରୁ ଦୂରେଇ ଆସି ସେହି ଦୂରତାରୁ ଜୟ ଦେବଙ୍କ ଉପରେ ନିର୍ଲିପ୍ତ ଦୃଷ୍ଟିପାତ କରିବାକୁ ସେ ଯେହେତୁ ପସନ୍ଦ କରପାରି ନାହାନ୍ତି ସେହେତୁ ଜଗବନ୍ଧୁ ସିଂହଙ୍କ ମୂଳ ଭୁଲ୍‌ର ଦୁଆ ଉପରେ ଠିଆହୋଇ କେନ୍ଦୁବିଲ୍ୱ ଥିଲା ବର୍ତ୍ତମାନର କେନ୍ଦୁଳି ଗାଁ ବୋଲି ଉଲ୍ଲେଖ କରିଛନ୍ତି । କେତେକ ବ୍ରାହ୍ମଣ୍ୟବାଦୀ ଆଇ.ଏ.ଏସ୍. ଅଫିସରଙ୍କ କାରସାଦି ହେତୁ ଏହି ଭୁଲ୍ ଏବେ ମଜବୁତ ହେବାରେ ଲାଗିଛି ।

orissamatters.com

## କେନ୍ଦୁଳି କେନ୍ଦୁବିଲ୍ୱ ନୁହେଁ

କିନ୍ତୁ କେନ୍ଦୁଳି କେନ୍ଦୁବିଲ୍ୱ ନୁହେଁ । ଏ ଦୁଇଟି ଦୁଇ ଭିନ୍ନ ଭିନ୍ନ ଶବ୍ଦ, ଦୁଇ ଭିନ୍ନ ଭିନ୍ନ ନାମ ।

ବଙ୍ଗାଳୀଙ୍କ ତୁଣ୍ଡରେ *କେନ୍ଦୁବିଲ୍ୱ* ଶବ୍ଦଟି ସମେଇବା କଠିନ । ତେଣୁ ସେମାନେ ତାର ଅପଭ୍ରଂଶ ଭାବେ *କେନ୍ଦୁଲି*କୁ ନେଇପାରନ୍ତି; ଓଡ଼ିଆଏ ନୁହନ୍ତି ।

ତେଣୁ ଓଡ଼ିଶାରେ କେନ୍ଦୁଳିକୁ କେନ୍ଦୁବିଲ୍ୱର ଅପଭ୍ରଂଶ ବୋଲି ଯେଉଁ ଯୁକ୍ତି ହେଉଛି ତାହା ନିରାଧାର । ପ୍ରଥମତଃ କେନ୍ଦୁଳି ଯଦି ଏକ ପ୍ରାଚୀନ ଶାସନ ଓ ବିଜ୍ଞ ବ୍ରାହ୍ମଣମାନଙ୍କ ଗାଁ ତେବେ କେନ୍ଦୁବିଲ୍ୱ ଶବ୍ଦଟି ସେମାନଙ୍କ ଉଚ୍ଚାରଣପାଇଁ କଠିନ ହୋଇ ନ ଥିବ କି କୌଣସି ଅପଭ୍ରଂଶର ଆବଶ୍ୟକତା ଦେଖାଦେଇ ନ ଥିବ । ତେଣୁ କାହିଁକି ସେମାନେ *ବିଲ୍ୱ*କୁ *ଳି* ବୋଲି କହିଥିବେ? *କେନ୍ଦୁ* ଶବ୍ଦ ଉଚ୍ଚାରଣରେ ଯଦି ଅସୁବିଧା ନାହିଁ ଏବଂ *ବିଲ୍ୱେଶ୍ୱର* ଶବ୍ଦର ଉଚ୍ଚାରଣରେ ଯଦି ଅସୁବିଧା ନାହିଁ, ତେବେ *କେନ୍ଦୁବିଲ୍ୱ* କାହିଁକି ଉଚ୍ଚାରଣପାଇଁ ଅସୁବିଧାଜନକ ହେବ ଯେ ତାକୁ *କେନ୍ଦୁଳି* ବୋଲି କହିବାକୁ ପଡିଥିବ?

ଧରାଯାଉ, କଥାରେ କଥାରେ କୁହା ହୋଇଥିବ *କେନ୍ଦୁଳି*, ରାଜସ୍ୱ ବିଭାଗର ଦଲିଲ୍ ଦସ୍ତାବିଜ୍‌ରେ *କେନ୍ଦୁବିଲ୍ୱ*କୁ *କେନ୍ଦୁବିଲ୍ୱ* ବୋଲି ଲେଖିବାରେ କ'ଣ ଅସୁବିଧା ହୋଇଥିବ ଯେ *କେନ୍ଦୁବିଲ୍ୱ* ସ୍ଥାନରେ *କେନ୍ଦୁଳି* ଲେଖା ହୋଇଥିବ?

ଆପଣ ଯଦି ଏହି ମୌଳିକ ପ୍ରଶ୍ନଗୁଡିକର ଉତ୍ତର ଖୋଜିବେ, ଏହି ସତ୍ୟ ନିଶ୍ଚୟ ଦେଖିହେବ ଯେ **କେନ୍ଦୁଳି କେନ୍ଦୁବିଲ୍ୱ ନୁହେଁ** ।

*ଶ୍ରୀ ଜୟ ଦେବ ଜନ୍ମ ହୋଇଥିଲେ କେନ୍ଦୁବିଲ୍ୱରେ* । **ତେଣୁ କେନ୍ଦୁଳି ତାଙ୍କ ଜନ୍ମସ୍ଥାନ ନୁହେଁ ।** *ଦ୍ୱିତିୟତଃ, କେନ୍ଦୁବିଲ୍ୱ ଗ୍ରାମ ପୁରୀସହରର ପ୍ରାନ୍ତଦେଶରେ ସମୁଦ୍ରକୂଳରେ ଅବସ୍ଥିତ ଥିଲା । କେନ୍ଦୁଳି ଭୁବନେଶ୍ୱର ସନ୍ନିକଟରେ ସମୁଦ୍ରଠାରୁ ବହୁ ଦୂରରେ ଅବସ୍ଥିତ* । **ସୁତରାଂ କେନ୍ଦୁଳି କେନ୍ଦୁବିଲ୍ୱ ନୁହେଁ କି ଶ୍ରୀ ଜୟ ଦେବଙ୍କ ଜନ୍ମସ୍ଥାନ ନୁହେଁ । ତାଙ୍କ ଅସଲ ଜନ୍ମସ୍ଥାନ ନିଶ୍ଚୟ ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଅଳ୍ପଦୂରରେ ସମୁଦ୍ରକୂଳରେ ଥିବା ବିଲ୍ୱେଶ୍ୱର ନିକଟରେ ବିଲୁପ୍ତ କେନ୍ଦୁବିଲ୍ୱ ।**

## କୂର୍ମପାଟକପୁର

କୋଣାର୍କଠାରୁ ପୁରୀ ପର୍ଯ୍ୟନ୍ତ ସମଗ୍ର ଭୂଭାଗ କୂର୍ମପାଟକପୁର ଭାବେ ପରିଚିତ ଥିଲା । **ଏହି ବିଲୁପ୍ତ କେନ୍ଦୁବିଲ୍ୱ ଥିଲା କୂର୍ମପାଟକପୁରର ଅନ୍ତର୍ଗତ ।** ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରେ ଗଙ୍ଗ ସମ୍ରାଟ ରାଘବ ଦେବ (୧୧୫୮ ଖ୍ରୀଷ୍ଟାବ୍ଦରୁ ୧୧୭୦)ଙ୍କ କାଳର ଏକ ଶିଳାଲେଖରେ ଉଲ୍ଲେଖ ଅଛି, ଗଙ୍ଗସାମ୍ରାଜ୍ୟର କୋମୀ ନାୟକ ନାମକ ପଦାଧିକାରୀ କୂର୍ମପାଟକପୁରର ସାଧୁପ୍ରଧାନ ଜୟ ଦେବଙ୍କ ସହ ଏହି ମନ୍ଦିରକୁ ଆସି ଏଠାରେ ଅଖଣ୍ଡଦୀପ ପ୍ରଜ୍ୱଳନପାଇଁ ଖର୍ଚ୍ଚ ବାବତ୍ ଏକ ଗ୍ରାମ ଦାନ କରିଥିଲେ ।

orissamatters.com

ପଣ୍ଡିତ ଏସ୍. ଏନ୍. ରାଜଗୁରୁ ଏହି ଶିଳାଲେଖର ପାଠ କରି ଉଲ୍ଲିଖିତ ସାଧୁପ୍ରଧାନ ଜୟ ଦେବଙ୍କୁ ଗୀତଗୋବିନ୍ଦୀୟ ଜୟ ଦେବ ବୋଲି ନିର୍ଣ୍ଣୟ କରିଛନ୍ତି । ଏବଂ ୧୧୬୨ ଖ୍ରୀଷ୍ଟାବ୍ଦରେ ଏହା ଘଟିଥିବା ନିରୂପଣ କରିଛନ୍ତି । (Orissa Historical Research Journal,Vol.4, No.4, p.179-182 / Inscriptions of Orissa, Vol.III, Part II, p.294) କିନ୍ତୁ ଆମ ଓଡିଆ ଗବେଷକମାନେ ଶ୍ରୀ ଜୟ ଦେବଙ୍କ ସଂପର୍କରେ ମନ ମୁକ୍ତ ନ ରଖି ତାଙ୍କୁ ବୈଷ୍ଣବ ବୋଲି ଧରିନେଇଥିବା ହେତୁ ଏହି *କୂର୍ମପାଟକପୁରକୁ* *ଶ୍ରୀକୂର୍ମମ୍* ବୋଲି ଠଉରାଇଛନ୍ତି ଓ ଜୟ ଦେବ ଆନ୍ଧ୍ରବାସୀ ବୈଷ୍ଣବାଚାର୍ଯ୍ୟ ନିମ୍ବାର୍କଙ୍କ ଶିଷ୍ୟ ବୋଲି ଧରିନେଇ ସେ ସେହି *କୂର୍ମକ୍ଷେତ୍ରରେ* କୋମୀ ନାୟକଙ୍କ ସହ ଆସିଥିବା ବେଳେ ଅବସ୍ଥାନ କରୁଥିବା ସମ୍ଭବ ବୋଲି ମତ ଦେଇଛନ୍ତି । ଯଥା- "A question may be asked why did SriJayadeva stay at Kurmapatakapura? The answer is very simple. Sri Kurmam came to prominence as a notable centre of vaishnav faith and movement in the Kalinga country from the beginning of the twelfth century. X X X X X So it was quite natural for a famous Vaisnav saint Sri Jayadeva, a follower of sage Nimbarka of the Andhra country to stay for some time in this centre of Vaisnavism during the course of his return journey from south to Bhubaneswar in his native kingdom". (SRIGITAGOVINDAMAHAKAVYAM, ed.Dr. Bhagavan Panda, introduction, p.41-42) ଏହିସବୁ ଠଉରାଣ ଅତ୍ୟନ୍ତ ପ୍ରମାଦପୂର୍ଣ୍ଣ ।

## ସଂପ୍ରଦାୟ ସଂପର୍କରେ ଅସତ୍ୟ ପ୍ରଚାର

ଶ୍ରୀ ଜୟ ଦେବ ଆନ୍ଧ୍ରବାସୀ ନିମ୍ବାର୍କଙ୍କ ଅନୁଗାମୀ ବା ଶିଷ୍ୟ ନ ଥିଲେ । **ସେ ନିମ୍ବାର୍କଙ୍କ ପ୍ରଭାବରେ ପଡି *ଗୀତଗୋବିନ୍ଦ* ରଚନା କରିଥିଲେ ବୋଲି ଯେଉଁମାନେ କହନ୍ତି ସେମାନେ ଜାଣନ୍ତି ବା ଜାଣନ୍ତି ନାହିଁ ଯେ ତଦ୍ଦ୍ୱାରା ସେମାନେ ଓଡ଼ିଶାର ଲଳିତ-ବିପ୍ଳବୀ ଓ ମାନବବାଦୀ ଏହି ସର୍ବଶ୍ରେଷ୍ଠ କବିଙ୍କପାଇଁ ଘୋର ଅନ୍ୟାୟ କରିଚାଲିଛନ୍ତି ।** ସେମାନେ ଶ୍ରୀ ଜୟ ଦେବ ନିମ୍ବାର୍କଙ୍କ ଶିଷ୍ୟ ଥିଲେ ବୋଲି କେଉଁଠୁ ଜାଣିଲେ?

ଯଦି ପ୍ରଶ୍ନ ହୁଏ - କେଉଁଠୁ ସେମାନେ ଶ୍ରୀ ଜୟ ଦେବଙ୍କ ପିତାଙ୍କ ନାମ ଭୋଜ ଦେବ ବୋଲି ଜାଣିଲେ? ଉତ୍ତର ମିଳିବ - ଜୟ ଦେବ ନିଜେ ଏହା କହିଛନ୍ତି (ଶ୍ରୀ ଭୋଜ ଦେବ ପ୍ରଭବସ୍ୟ) । ଯଦି ପ୍ରଶ୍ନ ହୁଏ - ତାଙ୍କ ମାତାଙ୍କ ନାମ ବାମା ଦେବୀ ବୋଲି କିପରି ଜାଣିହେଲା? ଉତ୍ତର ମିଳିବ ଜୟ ଦେବ ନିଜେ ଏହା କହିଛନ୍ତି (ବାମାଦେବୀସୁତ ଶ୍ରୀ ଜୟ ଦେବ) । ଯଦି ପ୍ରଶ୍ନ ହେବ - ତାଙ୍କ ବନ୍ଧୁ ପରାଶର ବୋଲି କେଉଁଠୁ ଜଣା ପଡିଲା? ଉତ୍ତର

orissamatters.com

ମିଳିବ - ଜୟ ଦେବ ନିଜେ ସୂଚାଇଛନ୍ତି (ପରାଶରାଦି ପ୍ରିୟବର୍ଗ)। ଯଦି ପ୍ରଶ୍ନ ହେବ - କେନ୍ଦୁବିଲ୍ୱ ତାଙ୍କ ଜନ୍ମମାଟି ବୋଲି କେଉଁଠୁ ଜାଣିହେଲା? ଉତ୍ତର ମିଳିବ - ତାଙ୍କ ନିଜ ଲେଖାରୁ (କେନ୍ଦୁବିଲ୍ୱସମୁଦ୍ରସମ୍ଭବ)।

**ଯଦି ନିମ୍ବାର୍କ ତାଙ୍କ ଗୁରୁ ଏବଂ ଏପରି ଗୁରୁ ଯେ ସେ ତାଙ୍କରି ପ୍ରଭାବରେ ହିଁ ଲେଖନୀ ଧରିଥିଲେ, ତେବେ ତାହା ନିଶ୍ଚୟ ସେ ଉଲ୍ଲେଖ କରିଥାନ୍ତେ ନିଜ ଲେଖାରେ। ସେ ଏପରି ଆଦୌ କରି ନାହାନ୍ତି।**

**ସୁତରାଂ ସେ ନିମ୍ବାର୍କଙ୍କ ଶିଷ୍ୟ ବା ଅନୁଗାମୀ ନଥିଲେ।**

*ବରଂ ଏହା ହିଁ ସମ୍ଭବ ଯେ ଶ୍ରୀ ଜୟ ଦେବଙ୍କ ବୌଦ୍ଧ ପରିଚୟକୁ ଧ୍ୱଂସ କରି ତାଙ୍କୁ ହିନ୍ଦୁଧର୍ମପାଇଁ ଆତ୍ମସାତ୍ କରିବାକୁ ଯେଉଁ ଷଡଯନ୍ତ୍ର ହୋଇଥିଲା ତଦନୁଯାୟୀ ନିମ୍ବାର୍କ ଶ୍ରୀକ୍ଷେତ୍ର ପୁରୀକୁ ଆସି ଜୟ ଦେବ ସୃଷ୍ଟିକରିଥିବା ରାଧାଙ୍କ ସହ କୃଷ୍ଣ ନାମ ଲଗାଇ ସାଧାରଣ ଜନମାନସରେ ତାଙ୍କୁ ବୈଷ୍ଣବ ଭାବେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିଥିଲେ।* ଓଡିଶାର ତଦାନୀନ୍ତନ ବ୍ରାହ୍ମଣ୍ୟବାଦୀ ରାଜଶକ୍ତି ଏଥିରେ ସହଯୋଗ କରି ନିମ୍ବାର୍କଙ୍କ ବିଶ୍ୱାସଯୋଗ୍ୟତା ବଢାଇଥିଲା। ଶ୍ରୀ ଜୟ ଦେବଙ୍କୁ ବୌଦ୍ଧରୁ ବୈଷ୍ଣବ କରାଇବାର ସେହି ଉଦ୍ୟମ କାଳରେ **ପୁରୀରେ ନିମ୍ବାର୍କଙ୍କ ସମେତ ବହୁ ହିନ୍ଦୁ ଧର୍ମାଧିକାରୀ ଏକତ୍ର ହୋଇ ସକ୍ରିୟତାର ସହ ଏହି ଷଡଯନ୍ତ୍ରକୁ ସାହାଯ୍ୟ କରିଥିଲେ।** ଅତଏବ, ଜୟ ଦେବ ନିମ୍ବାର୍କଙ୍କ ଶିଷ୍ୟ ଥିଲେ ବୋଲି କହିବା ଯେପରି ଭ୍ରମାତ୍ମକ, ସେ ନିମ୍ବାର୍କଙ୍କ କର୍ମକ୍ଷେତ୍ର ଶ୍ରୀକୂର୍ମମ୍‌ରେ ନିବାସ କରୁଥିଲେ ବୋଲି କହିବା ତତୋଧିକ ଭ୍ରମାତ୍ମକ।

## କୂର୍ମପାଟକପୁରର ପ୍ରକୃତ ପରିଚୟ

ତେବେ ସାଧୁପ୍ରଧାନ ଶ୍ରୀ ଜୟ ଦେବ କୂର୍ମପାଟକପୁରର ବୋଲି ଲିଙ୍ଗରାଜ ମନ୍ଦିର ଶିଳାଲେଖରେ ଯାହା ଲେଖା ଅଛି ତହିଁର ତାତ୍ପର୍ଯ୍ୟ କ'ଣ? କେଉଁଠି ଏହି କୂର୍ମପାଟକପୁର?

କୋଣାର୍କଠାରୁ ମାତ୍ର ଆଠ କିଲୋମିଟର ଦୂରରେ **କୁରୁମ** ଗାଁରୁ ବୌଦ୍ଧସ୍ତୁପର ଜୀର୍ଣ୍ଣୋଦ୍ଧାର ହେବା ପରେ ଆଉ ଜାଣିବାକୁ ବାକି ନାହିଁ ଯେ ଏହା ହିଁ ଥିଲା ସେହି କୂର୍ମପାଟକପୁରର ସ୍ନାୟୁକେନ୍ଦ୍ର। ରାଜଗୁରୁ ନିଜ ବ୍ୟାଖ୍ୟା ଉପସ୍ଥାପନ କରିବା ପୂର୍ବରୁ କୁରୁମ ବୌଦ୍ଧସ୍ତୁପ ଯଦି ଆବିଷ୍କୃତ ହୋଇପାରିଥାନ୍ତା ତେବେ ସମ୍ଭବତଃ କୂର୍ମପାଟକପୁର ଭାବେ *ଶ୍ରୀକୂର୍ମମ୍‌ର* ଅବତାରଣା ସେ କେବେ ବି କରି ନ ଥାନ୍ତେ।

ଆଜି ଯେମିତି ଓଡିଶା ଉପକୂଳକୁ ସାମୁଦ୍ରିକ କଇଁଛମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଆସିବାରେ ଲାଗିଛନ୍ତି ଅଣ୍ଡା ଦେବାପାଇଁ ସେତେବେଳେ ମଧ୍ୟ ସେହିପରି ନିଶ୍ଚୟ ଆସୁଥିଲେ ଏବଂ ଆଜିର ଗହୀରମଥା ପରି ସେତେବେଳେ ଯେଉଁଠି ସେମାନେ ବେଶୀ ପରିମାଣରେ ଏକାଠି ହେଉଥିଲେ ତାହାର ନାମ ଆମ ପୂର୍ବ ପୁରୁଷେ ନିଶ୍ଚୟ ରଖିଥିଲେ କୂର୍ମପୁର ଯାହା ଅସ୍ତରଙ୍ଗଠାରୁ ପୁରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଥିବା ହେତୁ କୂର୍ମପାଟକପୁର ଭାବେ ବିଦିତ ହୋଇଥିଲା।

orissamatters.com

ଏହି କୂର୍ମପାଟକପୁରର ଅଧିବାସୀ ଥିଲେ ଶ୍ରୀ ଜୟ ଦେବ ।

**ବୃହତପ୍ରସ୍ଥର ବୁଦ୍ଧନାଥ**

ପଶ୍ଚିମରେ ହୀରା(ହେରୁକ)ପୁରର ଚଉଷଠି ଯୋଗିନୀ ସ୍ଥଳଠାରୁ ପୂର୍ବତଟରେ କୋଣାର୍କକୁ ଦୁଇ ବାହୁ ଭାବେ ନେଇ କାକଟପୁରରୁ ପୁରୀ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ହୋଇଉଠିଥିଲା ବୌଦ୍ଧତନ୍ତ୍ରର ପରମ ପାବନ ପୀଠ । ବୌଦ୍ଧତନ୍ତ୍ରପୀଠ ଗାରେଡିପାଞ୍ଚଣରୁ ମିଳିଥିବା ଏକ ପ୍ରସ୍ତର ଖଣ୍ଡରେ ବୃହତ୍ ପ୍ରସ୍ଥ ଧବେଣ ବୋଲି ଖୋଦେଇ ହୋଇଥିବା ଉଲ୍ଲେଖଯୋଗ୍ୟ । କୂର୍ମପାଟକପୁରର ଯେଉଁ ବର୍ଣ୍ଣନା ଉପରେ ଦିଆ ଯାଇଛି ତାର ଦୈର୍ଘ୍ୟ ଦେବୀନଦୀ ତୀରରୁ ପୁରୀ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିବା ବେଳେ ପ୍ରସ୍ଥ ସମୁଦ୍ର ବେଳାରୁ ହୀରାପୁର ଇଲାକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଏବଂ ଏହିଠାରେ ହିଁ ଏହି ଭୂଖଣ୍ଡର ପ୍ରସ୍ଥ ବୃହତ, କାରଣ ପୁରୀ ପଟେ ଏହା କ୍ରମ ସଙ୍କୁଚିତ ।

ଏହି *ବୃହତ୍ ପ୍ରସ୍ଥର* ଧବ ବା ପ୍ରଭୁ ଭାବେ ବୁଦ୍ଧଙ୍କୁ ହିଁ ବିଚାର କରାଯାଉଥିଲା ।

ବ୍ରାହ୍ମଣ୍ୟବାଦୀମାନେ ସେଠାର ବୌଦ୍ଧସ୍ତୁପକୁ ଭାଙ୍ଗି ତାହାକୁ ଏକ ଶୈବପୀଠ ଭାବେ ଦର୍ଶାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ବୁଦ୍ଧଙ୍କ ନାମ ବିସର୍ଜନ କରିବାକୁ ସାହସ କରିପାରି ନାହାନ୍ତି । ତେଣୁ ନାମ ରଖିଛନ୍ତି **ବୁଦ୍ଧନାଥ** ।

ସେହି ଗାଁରେ ଜନ୍ମହୋଇ ଇଣ୍ଡିୟାନ୍ ସିଭିଲ୍ ସର୍ଭିସ୍‌ରେ ଯୋଗ ଦେଇଥିବା ପ୍ରଥମ ଓଡିଆ ନୀଳମଣି ସେନାପତି ମୁଖ୍ୟ ସଂପାଦକ ଥାଇ ଓଡ଼ିଶା ସରକାର ଯେଉଁସବୁ ଜିଲ୍ଲା ଗେଜେଟିୟର ପ୍ରକାଶ କରିଛନ୍ତି ତହିଁର ପୁରୀ ଖଣ୍ଡରେ ସ୍ପଷ୍ଟ ଭାବେ ଏହାର ସୂଚନା ମିଳେ । ଯଥା- "The indications are that there was a shrine of Buddhist cult before the present dilapidated temple was built and Vrihat Pastha was either the name of this village or this village was included in a region known as Vrihat Prastha. The temple of Buddhanath is an old dilapidated monument with nicely carved images on the outer walls of the temple. As the name suggests, the place was perhaps once a seat of Tantric cult".(Orissa District Gazetteers, Puri, p. 672)

**ବ୍ରାହ୍ମଣ୍ୟବାଦୀ ଜାଲିଆତି ବନାମ ବୌଦ୍ଧତନ୍ତ୍ର**

ତମାମ୍ ଅଞ୍ଚଳରେ ଏହିପରି ଘଟିଛି । ଚଉଷଠି ଯୋଗୀନୀ ମନ୍ଦିର ଭାବେ ଜଣାଶୁଣା ହୀରାପୁରର ଚଉଷଠି କାମକଳା ସ୍ତୁପକୁ ବ୍ରାହ୍ମଣ୍ୟତନ୍ତ୍ରର ଏକ ପୀଠ ଭାବେ ଦର୍ଶାହୋଇଛି । ("According to scholars the temple of Sixtyfour Yoginis at Hirapur was a centre of Brahminical Tantric religion" Ibid. p.673)

orissamatters.com

**ତନ୍ତ୍ରକୁ ବ୍ରାହ୍ମଣ୍ୟ କହିବା ଏକ ବିଭ୍ରାନ୍ତି । କାରଣ ବ୍ରାହ୍ମଣ୍ୟଧର୍ମ ଓ ତନ୍ତ୍ର ଆଦର୍ଶତଃ ବିପରୀତ ।**

ବ୍ରହ୍ମ ବା ପୁରୁଷ ନୁହେଁ, ପରନ୍ତୁ ପ୍ରକୃତି ବା ମାତୃ ତନୁ ହିଁ ସୃଷ୍ଟି କରିଥାଏ ବୋଲି ଆଦିମ ଅଧିବାସୀ ପୋଷଣ କରିଆସିଥିବା ଅନୁଭୂତ ବିଶ୍ୱାସକୁ ବିଧିବଦ୍ଧ କରିଥିବା ପଦ୍ଧତି ହେଉଛି ତନ୍ତ୍ର ।

ଆଦିମ ଅଧିବାସୀର ପ୍ରାକୃତିକ ବିଶ୍ୱାସକୁ ଏକ ଦର୍ଶନରେ ରୂପାନ୍ତରିତ କରିଥିଲା ବୌଦ୍ଧ ଧର୍ମ ଏବଂ ଏହି ଦର୍ଶନର ପ୍ରୟୋଗ ପଦ୍ଧତି ପ୍ରଦାନ କରି ବଜ୍ରଯାନ ମାତୃତନୁର ସୃଜନଶକ୍ତିକୁ ତତ୍ତ୍ୱଭିତ୍ତିକ କରିଥିଲା ।

## ବୁଦ୍ଧତ୍ୱଂ ଯୋଷିତ୍ ଯୋନି ସମାଶ୍ରିତମ୍

ଯେହେତୁ ମାତୃତନୁର ସୃଜନଶକ୍ତି ସକ୍ରିୟ ହୋଇଥାଏ ତାର ଜନନେନ୍ଦ୍ରିୟ ସହାୟତାରେ ଏବଂ ଯେହେତୁ ଜନନୀ ଜଠରରୁ ଜନ୍ମ ନେଉଥିବା ପ୍ରତ୍ୟେକ ମାନବ ସନ୍ତାନ ତାଙ୍କ ନିଜ ପରି ଜ୍ଞାନୀ, ଗୁଣୀ, ମାନୀ, ମାନବବାଦୀ ଓ ବିଶ୍ୱପ୍ରେମୀ ହେଉ ବୋଲି ବୁଦ୍ଧ ଚାହୁଁଥିଲେ ଏବଂ ପ୍ରତ୍ୟେକଙ୍କ ବୁଦ୍ଧତ୍ୱ ପ୍ରାପ୍ତି ଯେହେତୁ ଥିଲା ବୌଦ୍ଧଧର୍ମର ଶେଷ ଅଭିଳାଷ, ସେହେତୁ ବୁଦ୍ଧତ୍ୱ ସହ ତନ୍ତ୍ର ସଂଯୁକ୍ତ କରିଥିଲା ସ୍ତ୍ରୀର ଜନନେନ୍ଦ୍ରିୟକୁ । ସେଥିପାଇଁ ସ୍ୱୀକାର କରାଯାଇଛି, ବୁଦ୍ଧତ୍ୱଂ ଯୋଷିତ୍ ଯୋନି ସମାଶ୍ରିତମ୍।

**ଏହି ପଦେ କଥା ଭିତରେ ନିହିତ ଅଛି ପୃଥିବୀର ସର୍ବଶ୍ରେଷ୍ଠ ମାନବବାଦୀ ଦର୍ଶନ । ଜନନୀ ଜଠରରୁ ଜନ୍ମ ହେଉଥିବା ପ୍ରତ୍ୟେକ ମଣିଷ ବୁଦ୍ଧ ହୋଇପାରନ୍ତି ଏହା ହିଁ ଏହି ଦର୍ଶନର ନିର୍ଣ୍ଣୟ ।**

ଜଠରରେ ସନ୍ତାନ ଧାରଣ ଜନନୀର ଜନନେନ୍ଦ୍ରିୟ ହେତୁ ହିଁ ହୋଇଥାଏ । ସେହେତୁ ଏହି ଦର୍ଶନର ଅଧିବକ୍ତା ବା ଅନୁଗାମୀମାନଙ୍କ ପାଇଁ **ନାରୀର ଜନନେନ୍ଦ୍ରିୟ ହିଁ ଜୀବନତତ୍ତ୍ୱର ଆଧାର, ଜୀବନ ଜିଜ୍ଞାସାର ଉତ୍ତର । ତନ୍ତ୍ରରେ ସେହେତୁ ଯୋନି ପୂଜା । ତନ୍ତ୍ର ସେହେତୁ ଯୋନିମୟ ।**

**ଯୋନି ଅନୁକୃତିରେ ପରିଯୋଜିତ ତ୍ରିଭୁଜ ହେଉଛି ତନ୍ତ୍ରର ଯନ୍ତ୍ର । ଏକ ଏବଂ ଅନେକ ଯନ୍ତ୍ରର ସାନ୍ଦ୍ର ସମାବେଶରେ ସାମାଜିକ ଐକ୍ୟର ପରିସ୍ଫୁଟନ । ବୌଦ୍ଧମତରେ ସାମାଜିକ ଐକ୍ୟର ଅଭେଦ୍ୟତା ହିଁ ଧର୍ମ (ଧାରୟତି ଇତି ଧର୍ମ - ଯାହା ସମାଜର ସମସ୍ତଙ୍କୁ ସମସମ୍ମାନର ସହ ଧରିରଖେ) । ଏହି ଧର୍ମ ଉପରେ ନିର୍ଭର କରେ ସଭ୍ୟତାର ଅନ୍ତହୀନ ଅଗ୍ରଗତି । ଅଗ୍ରଗତି ଯଦି ଅନ୍ତହୀନ ହୁଏ ତେବେ ତାର ଗତିପଥ ଚକ୍ରାକୃତି ହେବାକୁ ହିଁ ବାଧ୍ୟ । ଏହି କାରଣରୁ ଚକ୍ର ସୃଷ୍ଟିର ଏବଂ ପ୍ରଗତିର ପ୍ରତୀକ । ଏହି କାରଣରୁ ଧର୍ମଚକ୍ରର ପରିକଳ୍ପନା ଏବଂ ପ୍ରବର୍ତ୍ତନ । ଏହି କାରଣରୁ ତନ୍ତ୍ରର ସମସ୍ତ ତ୍ରିଭୁଜ ଚକ୍ରସ୍ଥ । ସୂର୍ଯ୍ୟରୂପୀ ବୁଦ୍ଧଙ୍କ କୋଣାର୍କ ମନ୍ଦିର ଚକ୍ରଚାଳିତ ରଥର ରୂପ ନେଇଥିବାର କାରଣ ମଧ୍ୟ ହେଉଛି ଏହା ହିଁ । ଏହି କାରଣରୁ ବୁଦ୍ଧ**

orissamatters.com

**ଜଗନ୍ନାଥଙ୍କ ମନ୍ଦିର ଶ୍ରୀ ମନ୍ଦିର (ସ୍ୱୀମନ୍ଦିର) ଏବଂ ତାର ଚୂଡାରେ ଚକ୍ର (ନୀଳଚକ୍ର) ।**

ଏହି କାରଣ କିନ୍ତୁ ବ୍ରାହ୍ମଣ୍ୟବାଦପାଇଁ ଅସହ୍ୟ । ସୁତରାଂ ହୀରାପୁରର ଚଉଷଠି ଯୋଗିନୀ ପୀଠକୁ ବ୍ରାହ୍ମଣ୍ୟତନ୍ତ୍ରର ଏକ ପୀଠଭାବେ ଯେ ପ୍ରଚାର କରାଯାଉଛି ତାହା ବୌଦ୍ଧକେନ୍ଦ୍ରକୁ ହିନ୍ଦୁସ୍ଥଳୀରେ ପରିଣତ କରିବାର ଷଡଯନ୍ତ୍ରରୁ ଉଦ୍ଭୂତ ।

ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥ ଗ୍ରନ୍ଥରେ ଗବେଷକ ରାଜେନ୍ଦ୍ର କୁମାର ମହାନ୍ତି ଲେଖିଛନ୍ତି ଯେ ହିନ୍ଦୁତନ୍ତ୍ରମାନଙ୍କରେ ଯେଉଁ ଚଉଷଠି ଯୋଗିନୀଙ୍କ ଚର୍ଚ୍ଚା କରାଯାଇଛି ତା ସହ ଓଡିଶାର ଯୋଗିନୀଙ୍କ ମୂର୍ତ୍ତିର ସାମଞ୍ଜସ୍ୟ ନାହିଁ । ତେଣୁ ଏହି ଚଉଷଠି ମାତୃକା ସ୍ୱତନ୍ତ୍ର । ତାଙ୍କ ମତରେ ତନ୍ତ୍ର ସାଧନାର ପ୍ରଥମ ସୂତ୍ରପାତ ଓଡ଼ିଶାରେ ହିଁ ଘଟିଥିଲା । ତେଣୁ ବଜ୍ରଯାନୀମାନେ ଓଡ଼ିଶାକୁ ପ୍ରଥମପୀଠ ରୂପେ ସ୍ୱୀକାର କରିଛନ୍ତି । ପ୍ରତ୍ୟେକ ତନ୍ତ୍ର ଚଉଷଠି ପର୍ଯ୍ୟାୟଭୁକ୍ତ । ଏହି ଚଉଷଠି ସଂଖ୍ୟକ ସଂଖ୍ୟା ହେଉଛି ବର୍ଣ୍ଣମାଳା । ଏହି ବର୍ଣ୍ଣମାଳାକୁ ମାତୃକା ବିଜ୍ଞାନ କୁହାଯାଏ । ବର୍ଣ୍ଣମାଳା ମଧ୍ୟରେ ଶବ୍ଦ ଧ୍ୱନି ଆଦି ଲୁକ୍କାୟିତ ଭାବେ ଥାଏ । ତେଣୁ ମାତୃକାମାନଙ୍କ ମଧ୍ୟ ଦେଇ ନ ଗଲେ ତନ୍ତ୍ରର ପ୍ରକୃତ ରୂପ ବୁଝାପଡେ ନାହିଁ । ମାତୃକା ବିଜ୍ଞାନ ପୃଥିବୀର ଯେ କୌଣସି ଭାଷାର ବର୍ଣ୍ଣମାଳା ସମ୍ବନ୍ଧେ ପ୍ରଯୁଜ୍ୟ, ଏହା ଲେଖିବା ନିଷ୍ପ୍ରୟୋଜନ । ଶବ୍ଦ ଧ୍ୱନି ନାଦ ବିଜ୍ଞାନର ଅନ୍ତର୍ଗତ ଓ ନାଦ ବିଜ୍ଞାନ ମାତୃକା ଜ୍ଞାନର ଅନ୍ତର୍ଗତ ବୋଲି ଦର୍ଶାଇ, ଶ୍ରୀ ମହାନ୍ତି ପୁନଶ୍ଚ କହିଛନ୍ତି, ମାତୃକାମାନଙ୍କ ମଧ୍ୟରେ ଯେଉଁଭଳି ଭାବେ ସପ୍ତମାତୃକାର ଉପାସନା ସର୍ବତ୍ର ଦେଖିବାକୁ ମିଳେ, ସେହିଭଳି ଚଉଷଠି ମାତୃକାଙ୍କ ଉପାସନା ସର୍ବତ୍ର ଦେଖିବାକୁ ମିଳେ ନାହିଁ ।

**ବସ୍ତୁତଃ ବୌଦ୍ଧତନ୍ତ୍ରରେ ମାତୃକା ବିଜ୍ଞାନହିଁ ସୃଜନିକା ବିଜ୍ଞାନ ଓ ସୃଜନିକା ବିଜ୍ଞାନହିଁ ମୈଥୁନ ବିଜ୍ଞାନ । ଜୀବନ ମୈଥୁନ ସମ୍ଭୂତ । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱାନୁଭୂତିରେ ଜୀବନ ସ୍ଫୁର୍ତ୍ତିନାର ଅନାହତ ଧାରା ହୃଦୟର ସ୍ପନ୍ଦନେ ସ୍ପନ୍ଦନେ ଉତ୍‌ଫୁଲ୍ଲ ।**

ତେଣୁ, ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ କାହ୍ନୁପାଦ ଯେ କି ଚୌରାଅଶୀ ସିଦ୍ଧସାଧକଙ୍କ ମଧ୍ୟରେ ଅନ୍ୟତମ ସେ ଏହି ଚଉଷଠିକୁ ହୃଦୟର ଚଉଷଠି ପାଖୁଡା ପଦ୍ମ ବୋଲି ଧାରଣା କରିଛନ୍ତି । ସେହିଭଳି ଅନ୍ୟତମ ସିଦ୍ଧସାଧକ କୃଷ୍ଣପାଦ ମଧ୍ୟ ଚଉଷଠି ପାଖୁଡା ପଦ୍ମ କଥା କହିଛନ୍ତି । ଏହି ସିଦ୍ଧାଚାର୍ଯ୍ୟମାନେ ସହଜ ସାଧନାରେ ଆପଣାକୁ ହଜାଇଦେଇ ସିଦ୍ଧି ଲାଭ କରିଥିଲେ ।

ମାତୃକା ବିଜ୍ଞାନ ତାନ୍ତ୍ରିକ ମହା ବିଜ୍ଞାନର ଅନ୍ତର୍ଗତ । ତନ୍ତ୍ରଶାସ୍ତ୍ରରେ ରହସ୍ୟ ମାର୍ଗରେ ପ୍ରବିଷ୍ଟ ହୋଇ ଅଗ୍ରସର ହେବାକୁ ହେଲେ ମାତୃକା ବିଜ୍ଞାନ ପ୍ରତି ପଦରେ ଆବଶ୍ୟକ ହୋଇଥାଏ । ମାତୃକା ଅର୍ଥ ବର୍ଣ୍ଣମାଳା । ବର୍ଣ୍ଣମାଳାର ସଂଖ୍ୟା ପଚାଶ ବା ଚଉଷଠି । ପୂର୍ବେ ଓଡ଼ିଶାରେ ଏହାର ନିଗୁଢ଼ ଆଲୋଚନା ହେଉଥିଲା । ତେଣୁ ଓଡ଼ିଶାର ଦୁଇଟି ସ୍ଥାନରେ ସେହି ବର୍ଣ୍ଣମାଳା ସଂଖ୍ୟା ଅନୁଯାୟୀ ଚଉଷଠି ଯୋଗିନୀ ମୂର୍ତ୍ତି ପୂଜା ପାଉଥିଲେ ।

orissamatters.com

ଏହି ତଥ୍ୟ ଏହାହିଁ ସାବ୍ୟସ୍ତ କରୁଛି ଯେ ହୀରାପୁରର ଚଉଷଠି ଯୋଗିନୀ ପୀଠ ଯୋନି ରୂପେ ପରିକଳ୍ପିତ ଏକ ବୌଦ୍ଧତନ୍ତ୍ର ପୀଠ ଯାହାକୁ ହିନ୍ଦୁ ଧର୍ମାନ୍ତର୍ଗତ କରିବାପାଇଁ ବ୍ରାହ୍ମଣ୍ୟତନ୍ତ୍ର ପରି ଏକ ବିପରୀତ ବିଭାବନା ସହ ଯୋଡିବାର ଅପଚେଷ୍ଟା କରାଯାଇଛି ।

ଏଥିର ମଧ୍ୟସ୍ଥଳରେ ଶିବଲିଙ୍ଗ ଥିବା ଯାହା କୁହାଯାଇଛି ("Probably an image of Siva was the original icon of this covered structure, but no image is to be found there now"-Orissa District gazetteers, Puri,p.673) ତାହା ଏହି ଅପଚେଷ୍ଟାରୁ ଉଦ୍ଭୁତ । ଏହି ଗେଜେଟିୟର ସମତାଳରେ ସ୍ୱୀକାର କରିଛି ଯେ ଏହି ପୀଠର ମଧ୍ୟ ଚତ୍ୱରରେ, ଯେଉଁଠି ଶିବ ଥିବା କଥା ଏହା କହିଛି , ତାହା କେତେବର୍ଷ ତଳେ ମରାମତି ହୋଇଥିଲା ("repaired a few years back")। ଏହି ମରାମତି ବେଳେ ନିଶ୍ଚୟ ସେଠାରୁ କେନ୍ଦ୍ର ବିଗ୍ରହଙ୍କୁ ଅପସାରିତ କରାଯାଇଛି । ଏହି କେନ୍ଦ୍ର ବିଗ୍ରହ ଶିବ ନ ଥିଲେ - ଯାହା ବ୍ରାହ୍ମଣ୍ୟବାଦ ଆମକୁ ବିଶ୍ୱାସ ଦିଆଉଛି, କିନ୍ତୁ ଥିଲେ ଏକ ଦେବୀ ପ୍ରତିମା । ଆଦିକବି ସାରଳା ଦାସ ଦେବୀ ଦୁର୍ଗାଙ୍କୁ କେନ୍ଦ୍ର କରି ଚଉଷଠି ଯୋଗିନୀ ଘେରି ରହିଥିବା କଥା କହିଛନ୍ତି । କେନ୍ଦ୍ର ବିଗ୍ରହ ଭାବେ ଶିବଙ୍କୁ ଚିହ୍ନାଇବାକୁ ଚେଷ୍ଟା କରିଥିବା ପ୍ରୋକ୍ତ ଗେଜେଟିୟର ଏକଥା ମଧ୍ୟ ସ୍ୱୀକାର କରିଛି ଯେ ଯୋଗିନୀମାନେ ଦୁର୍ଗାଙ୍କ ସହଚରୀ ଏବଂ ତାଙ୍କରି ହିଁ ଅଂଶ ବିଶେଷ ("The Yoginis are attendants on Durga, and in a sense, are considered to be various forms of the God-dess herself") । ସୁତରାଂ ଏହା ନିଃସନ୍ଦେହ ଯେ ହୀରାପୁର ଥିଲା ବୌଦ୍ଧତନ୍ତ୍ରର ଏକ ବିଶେଷ ପୀଠ ।

**ଶ୍ରୀ ଜୟ ଦେବଙ୍କୁ ବୈଷ୍ଣବ ସଜାଇ ତାଙ୍କ ସାହିତ୍ୟକୁ ବ୍ରାହ୍ମଣ୍ୟବାଦ ଅକ୍ତିଆର କରିବାକୁ ଚେଷ୍ଟା କରିଥିବା ପରି ଏହି ବୌଦ୍ଧ ତନ୍ତ୍ରପୀଠକୁ ବ୍ରାହ୍ମଣ୍ୟତନ୍ତ୍ରପୀଠ ଭାବେ ଦର୍ଶାଇବାର ଚେଷ୍ଟା କରାଯାଇଛି ।**

ଏହି ସତ୍ୟ ହୃଦୟଙ୍ଗମ କରିପାରିଲେ ଏହା ସ୍ପଷ୍ଟ ହୋଇଯାଏ ଯେ ହୀରାପୁରରୁ ସମୁଦ୍ର ବେଳା ପର୍ଯ୍ୟନ୍ତ ପ୍ରସ୍ଥ ଓ ଦେବୀନଦୀ ତୀରରୁ ପୁରୀ ପର୍ଯ୍ୟନ୍ତ ଦୈର୍ଘ୍ୟ ସଂପନ୍ନ ସମଗ୍ର ଅଞ୍ଚଳ ଥିଲା କୂର୍ମ ମଣ୍ଡଳ । ଏବଂ ଏହି କୂର୍ମ ମଣ୍ଡଳ ଥିଲା ବୌଦ୍ଧ କାମ ବଜ୍ରଯାନ ବା ସହଜଯାନ ପ୍ରଚୋଦିତ ମୈଥୁନତତ୍ତ୍ୱର ପ୍ରୟୋଗଶାଳା । କୋଣାର୍କ ସ୍ତୁପ (ବୁଦ୍ଧଙ୍କ ଗୋତ୍ରାନୁଯାୟୀ ସୂର୍ଯ୍ୟ ମନ୍ଦିର) ବହନ କରିଥିବା ମୈଥୁନ ମୂର୍ତ୍ତିଗୁଡିକ ଏହି ତତ୍ତ୍ୱର ପ୍ରଜ୍ଞାପନ । ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଏହା ହିଁ ହୋଇଛି । ପି. ବନ୍ଦୋପାଧ୍ୟାୟଙ୍କ *ରଚନାବଳୀ* ଗ୍ରନ୍ଥରୁ ପୁରୀ ମନ୍ଦିରର ଏହି ବୈଶିଷ୍ଟ୍ୟ ସଂପର୍କରେ ଏକ ଅନୂଦିତ ଉଦ୍ଧୃତି ରଖିଛନ୍ତି ପ୍ରଥିତଯଶା ଡି.ପି.ଚଟ୍ଟୋପାଧ୍ୟାୟ ସ୍ୱୀୟ ସୁବିଖ୍ୟାତ ନିବନ୍ଧ *ଲୋକାୟତ*ରେ । ତାହା ଅବିକଳ ଉଦ୍ଧୃତ ହେଲା-

"Among the Buddhist Tantrikas there originated a sect called

orissamatters.com

Kamavajrayana, based on the view that the birth of the human being and that of the universe followed the same principle.....The texts of this school are so full of obscene details as can hardly be published for the general readers. According to this sect, the universe is created by KAMA exactly as human beings are........Their ritual practice aim at establishing a harmony between cosmic lust and human lust. They were, therefore, continually indulging in KAMA SADHANA......They exhibited this lust on the temples and monasteries.....I am of opinion that the temple of Jagannath (Puri) was originally built under the influence of these Kamavajrayanis. The place of the Goddess Vimala (in the Puri temple) was sacred to them.....It was in this Sri-Mandira (another name of the Puri temple) that the harmony was achieved between cosmic creation and the creation of the human body. In all these obscene scluptures, every male is a Buddhist monk of the Kamavajrayana school and every female is a devadasi or female votary. The whole temple was built on the principles of the Kamavajrayani Buddhists".)(Lokayata,p.336)

ଗୁରୁଦେବ ବୁଦ୍ଧ ମାତୃପ୍ରଧାନ ଗଣରାଜ୍ୟଗୁଡିକର ମୌଳିକତା ଉପରେ ଯେଉଁ ଗୁରୁତ୍ୱାରୋପ କରିଥିଲେ ତାହା ଜୀବନତତ୍ତ୍ୱର ଅନୁଶୀଳନ ଓ ସାମାଜିକ ସୈଖ୍ୟପାଇଁ ଦିନେ ଯେ ଯୋନିଜନିତ ବିଭାବନାର ଆଶ୍ରୟ ନେବ ସେକଥା ଅଦାଜ କରିହୋଇ ନ ଥିଲା । ମାତ୍ର ବ୍ରାହ୍ମଣ୍ୟବାଦୀମାନଙ୍କ ଷଡଯନ୍ତ୍ର ହେତୁ ସାଧାରଣ ମଣିଷର ସାମାଜିକ ଐକ୍ୟ ଏପରି ଆକ୍ରାନ୍ତ ହୋଇଉଠିଲା ଯେ ତାର ପ୍ରତିକାର ପାଇଁ ଏପରି ଦାର୍ଶନିକ ଉପଚାର ଅପରିହାର୍ଯ୍ୟ ମନେହେଲା । ସବଳ କବଳରୁ ଦୁର୍ବଳକୁ ରକ୍ଷା କରିବାପାଇଁ ଏହି ଉପଚାର ସୃଷ୍ଟି କରିଥିଲା ଓଡ଼ିଶା (ତଦାନୀନ୍ତନ ଉଡ୍ଡୀୟାନ) ।

## ଏକ ଅଦେଖା ଦିଗ

ଏ ଦୃଷ୍ଟିରୁ ଏହାକୁ ରାଜନୀତିକ କ୍ରମବିକାଶର ଏକ ପର୍ଯ୍ୟାୟରେ ରଖାଯାଇପାରେ । ବୁଦ୍ଧ ଯେହେତୁ ନିରୀଶ୍ୱରବାଦୀ ଥିଲେ ସେହେତୁ ସେ ପ୍ରଦାନ କରିଥିବା ଧର୍ମକୁ ଆଧ୍ୟାତ୍ମିକ ଧର୍ମ ବୋଲି କୁହାଯାଇପାରିବ ନାହିଁ । ତାହା ଥିଲା ସଂପୂର୍ଣ୍ଣତଃ ରାଜନୀତିକ ଧର୍ମ । ରାଜନୀତିକ କାରଣରୁ ବି ମାତୃରାଧିକାର ଏହାର ପୃଷ୍ଠପୋଷତା ଲାଭ କରିଥିଲା । ମାତ୍ର

orissamatters.com

ବଜ୍ରଯାନ ବୁଦ୍ଧଙ୍କୁ ଜଗନ୍ନାଥ କରିବା ଏବଂ ତାଙ୍କ ବିଗ୍ରହରେ ମାତୃତନ୍ତ୍ରକୁ ସ୍ୱୀକାର କରି ଆଦିବାସୀର ଆଦିତନ୍ତ୍ର ବୌଦ୍ଧତନ୍ତ୍ରରେ ରୂପାୟିତ ହୋଇଯିବା ଆଦୌ ରାଜନୀତିକ ନ ଥିଲା, ଥିଲା ଆଧ୍ୟାତ୍ମ୍ୟ-ସାମାଜିକ । କ୍ରମେ ଏହା ଏକ ସାମାଜିକ ବିପ୍ଳବର ରୂପ ନେଇ ରାଜନୀତିକ କ୍ଷମତା ବଳୟ ପାଇଁ ସୃଷ୍ଟି କରିଥିଲା ବିପଦ ଏବଂ ସନ୍ତ୍ରସ୍ତ ରାଜନ୍ୟଶକ୍ତିର ଶରବ୍ୟ ହୋଇଥିଲା । **ଏହି ଅଭୂତପୂର୍ବ ଓ ଅନନ୍ୟ ସାଧାରଣ ଘଟଣା ପ୍ରତି ଇତିହାସ ଏପର୍ଯ୍ୟନ୍ତ ଦୃଷ୍ଟିପାତ କରି ନାହିଁ ।** ପରେ ଆମେ ଏଥି ଉପରକୁ ଆସିବା ।

ଏବେ କେବଳ ଏତିକି କୁହାଯାଇପାରେ ଯେ, **ବଜ୍ରଯାନ ପ୍ରସୂତ ବୌଦ୍ଧତନ୍ତ୍ର ବୌଦ୍ଧଚେତନା ସହ ମାତୃଶକ୍ତିର ସମନ୍ୱୟଭିତ୍ତିକ ହୋଇଥିବା ହେତୁ ଏକ ବିଧିବଦ୍ଧ ଉପଧର୍ମଭାବେ ଉଭା ହେବା ଫଳରେ ବ୍ରାହ୍ମଣ୍ୟଧର୍ମର ବର୍ଣ୍ଣବୈଷମ୍ୟ ଦ୍ୱାରା ନିର୍ଯ୍ୟାତିତ ହୋଇଚାଲିଥିବା ଓଡ଼ିଶାର ସଂଖ୍ୟାଗରିଷ୍ଠ ଜନତା ଏହି ଉପଧର୍ମ ମାଧ୍ୟମରେ ଖୋଜିଥିଲେ ମୁକ୍ତିର ମାର୍ଗ ।** ଏହି ମାର୍ଗକୁ ସୁଗମ କରିବା ପାଇଁ ଶ୍ରୀ ଜୟ ଦେବ ସୃଷ୍ଟି କରିଥିଲେ ତାଙ୍କ ମହାର୍ହ ସାହିତ୍ୟ ଯାହା ମୈଥୁନତତ୍ତ୍ୱାଧାର ଶ୍ରୀଜଗନ୍ନାଥଙ୍କ **ବାଇଶି ପାହଚ** ଭାବେ ଓଡ଼ିଆ ଜାତି ଦ୍ୱାରା ପରିଗୃହୀତ ହୋଇଥିଲା । ମହୋଦଧି ସଭ୍ୟତା ପରିପୁଷ୍ଟ କୂର୍ମପାଟକପୁରର ଅବଦାନ ଥିଲା ଏଥିପାଇଁ ସର୍ବାଧିକ ।

ତାତ୍ତ୍ୱିକ ପ୍ରବାହ ଦୃଷ୍ଟିରୁ ଦେଖିଲେ ଶ୍ରୀ ଜୟ ଦେବ ଏହି କୂର୍ମପାଟକପୁରର ଅଧିବାସୀ ଏବଂ ଏହାର ପ୍ରଚୋଦିତ ଦର୍ଶନର ଅନୁବର୍ତ୍ତୀ ଥିଲେ । ଲିଙ୍ଗରାଜ ମନ୍ଦିର ଗାତ୍ରରେ କୂର୍ମପାଟକପୁରବାସୀ ସାଧୁପ୍ରବର ଜୟ ଦେବ ଭାବେ ଏହି ଶ୍ରୀ ଜୟ ଦେବଙ୍କ ନାମୋଲ୍ଲେଖ ହେଇଥିବା ଗ୍ରହଣଯୋଗ୍ୟ । **ତାଙ୍କୁ ସେ କାଳର ଶ୍ରୀକୂର୍ମମ୍ ନାମକ ଆନ୍ଧ୍ର ଅନ୍ତର୍ଗତ ସ୍ଥାନରେ ବାସ କରୁଥିବା ବ୍ୟକ୍ତି ବୋଲି ଅନ୍ଦାଜ କରି ରାଜଗୁରୁ ଭୁଲ କରିଛନ୍ତି ଓ ନିମ୍ବାର୍କଙ୍କ ସହ ତାଙ୍କୁ ଯୋଡ଼ି ଇତିହାସକୁ ତାର ସଠିକ ସ୍ୱରୂପ ପ୍ରକାଶପାଇଁ ବାଧା ଦେଇଛନ୍ତି ।** ଏଥର ଦେଖିବା ତାଙ୍କ ସ୍ୱକୀୟ ସାହିତ୍ୟ ତାଙ୍କର କି ପରିଚୟ ଦେଉଛି ।

ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀ ମଧ୍ୟରେ ହିଁ ରହିଛି ତାଙ୍କ **ପ୍ରକୃତ ପରିଚୟ ।**

***ପଦ୍ମାବତୀଚରଣଚାରଣଚକ୍ରବର୍ତ୍ତୀ***

ପଦ୍ମ ଏବଂ ଚକ୍ର - ଏହାରି ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି ଶ୍ରୀ ଜୟ ଦେବଙ୍କ ପରିଚୟ ।

ପ୍ରଥମେ ତାଙ୍କ ସାହିତ୍ୟର ସ୍ୱରୂପ ଅନୁଧ୍ୟାନ କଲେ ଏଠିକି ଆସି ହେବ ।

ପୂର୍ବରୁ କୁହା ହୋଇଛି ଯେ **ସେ ଗୀତ ଗୋବିନ୍ଦ ନାମକ କୌଣସି କାବ୍ୟ ବା ମହାକାବ୍ୟ ରଚନା କରି ନ ଥିଲେ । ବୈଦିକ ପୁରୁଷପ୍ରାଧାନ୍ୟର ପ୍ରତିକାର ପାଇଁ ମାତୃରାଧିକାରମର୍ମୀ ଜୀବନ ଦର୍ଶନର କୋମଳ ବିଭବ ପରିବେଷଣ କରିବାକୁ ସେ ୨୨ଟି ଅଷ୍ଟପଦୀ-ପଦାବଳୀ ହିଁ ରଚନା କରିଥିଲେ ।** ଏଗୁଡିକ ଏତେ ଜନପ୍ରିୟ ଥିଲା ଯେ, ଭିନ୍ନ

orissamatters.com

ପରିପ୍ରେକ୍ଷୀରେ ରଚିତ ଏକାଦଶପଦୀ ଦଶାବତାର ସ୍ତୁତିଟି ବି ଓଡିଆ ଜାତି ଆଖିରେ ଅଷ୍ଟପଦୀ ହୋଇ ରହିଗଲା ।

ପ୍ରଶ୍ନ ହୋଇପାରେ: ଶ୍ରୀ ଜୟଦେବ କେବଳ ଅଷ୍ଟପଦୀ ରଚନାରେ ମନୋନିବେଶ କରିଥିଲେ କାହିଁକି? ଏହାର ସଂକ୍ଷିପ୍ତ ଓ ସ୍ପଷ୍ଟ ଉତ୍ତର ହେଲା- ବୌଦ୍ଧ ତନ୍ତ୍ର ସହ ସଂପର୍କ ତାଙ୍କୁ ଏଥିପାଇଁ ପ୍ରଚୋଦିତ କରିଥିଲା ।

ସେ ନିଜକୁ **ପଦ୍ମାବତୀ ଚରଣ ଚାରଣ ଚକ୍ରବର୍ତ୍ତୀ** ଭାବେ ବିଦିତ କରାଇଛନ୍ତି । ତାଙ୍କୁ ବିଷ୍ଣୁସେବକ ବୋଲି ପ୍ରଚାର ଚଳାଇଥିବା ଲୋକେ ପଦ୍ମାବତୀଙ୍କୁ ତାଙ୍କ ସ୍ତ୍ରୀ ବୋଲି କହି ନାନା କପୋଳକଳ୍ପିତ କିମ୍ବଦନ୍ତୀ ଦ୍ୱାରା ଏହି ଅତୁଳନୀୟ ଦାର୍ଶନିକଙ୍କ ମୌଳିକ ମହତ୍ୱକୁ ଲୋକଚକ୍ଷୁରୁ ଦୂରେଇ ରଖିବାକୁ ଉଦ୍ୟମ ଚଳାଇ ଚାଲିଛନ୍ତି । କିନ୍ତୁ ସରଳ ସତ୍ୟ ହେଲା ଏହା ହିଁ ଯେ ସେ ବିଷ୍ଣୁପୂଜକ ନ ଥିଲେ; ଥିଲେ ବୌଦ୍ଧ । ବୁଦ୍ଧାନୁରକ୍ତ ଥାଇ, କାମବଜ୍ରଯାନର ଜଣେ ନୀତିନିଷ୍ଠ ସାଧକ ଭାବେ ହିଁ ସେ ନିଜର ଏହି ପରିଚୟ ଦେଇଛନ୍ତି ।

ମୈଥୁନରୁ ଜୀବନର ଧାରା ବିକଶିତ ହୋଇଥାଏ ବୋଲି ସ୍ୱୀକାର କରି ବୌଦ୍ଧ ବଜ୍ରଯାନ ନାରୀତନୁକୁ ଏହି ବିକାଶର ଉତ୍ସ ଭାବେ ସମ୍ମାନ ଦେଇଥିଲା । ତନୁ ତତ୍ତ୍ୱର ବିଶ୍ଳେଷଣରୁ ସୃଷ୍ଟି ହୋଇଥିବା ଆଦିବାସୀର ଆଦି ତନ୍ତ୍ର ଏହା ଦ୍ୱାରା ଏକ ବିଧିବଦ୍ଧ ଦର୍ଶନର ମର୍ଯାଦା ଲାଭ କରିଥିଲା ।

ଏହି ତନ୍ତ୍ରର ଆଦିଶକ୍ତି ଭାବେ ଉଭାହୋଇଥିଲେ ତନୁତତ୍ତ୍ୱର ରୂପକଳ୍ପ ପଦ୍ମାବତୀ । ତାହାଙ୍କ ଅଷ୍ଟଦଳ ପଦ୍ମ ବୁଦ୍ଧଙ୍କ ନିର୍ଦ୍ଦେଶିତ ଅଷ୍ଟମାର୍ଗର ପ୍ରତୀକାତ୍ମିକ ହୋଇଥିବାବେଳେ, ଏହା ତନ୍ତ୍ରର ଅଷ୍ଟ ମହାଶକ୍ତିଙ୍କ ଦ୍ୱାରା ସୁରକ୍ଷିତ । ଏହି ମହାଶକ୍ତିମାନେ ପ୍ରତ୍ୟେକ ଅଷ୍ଟ ଯୋଗିନୀ ପରିବୃତା ।

ଆଠ ଅଷ୍ଟାଁ ଚଉଷଠି ଯୋଗିନୀଙ୍କୁ ନେଇ ଜୟ ଦେବଙ୍କ ଜନ୍ମାଞ୍ଚଳ କୁର୍ମ ମଣ୍ଡଳ ଅନ୍ତର୍ଗତ ହୀରାପୁରର ଚଉଷଠି ଯୋଗିନୀ ମନ୍ଦିର କିପରି ବୌଦ୍ଧତନ୍ତ୍ରର ଏକ ପାବନପୀଠ ତାହା ଆଗରୁ ଆଲୋଚିତ ହୋଇଛି । ଏହି ପୀଠ ଯୋନି ଅନୁକୃତିରେ ନିର୍ମିତ । ଯୋନି ହିଁ ଜୀବନର ମୂଳଉତ୍ସ ବୋଲି ବୌଦ୍ଧତନ୍ତ୍ର ବିଶ୍ୱାସ କରେ । ତେଣୁ ହୀରାପୁରର ଉପରୋକ୍ତ *ଯୋନି ମନ୍ଦିର*ରେ ଚଉଷଠି ଯୋଗିନୀଙ୍କ ସ୍ଥିତି ।

ସିଦ୍ଧ ସାଧକ କାହ୍ନୁପାଦ ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟରେ ଦେଇଥିବା ସଙ୍କେତ ଅନୁଯାୟୀ, ଏହି ଚଉଷଠି ଯୋଗିନୀ ହେଉଛନ୍ତି ଚଉଷଠିଦଳ ପଦ୍ମ । ବୌଦ୍ଧ ତନ୍ତ୍ରରେ *ପଦ୍ମ*ର ଅର୍ଥ ଯୋନି ବା ସ୍ତ୍ରୀର ଜନନେନ୍ଦ୍ରିୟ । ପୁଂଜନନେନ୍ଦ୍ରିୟର ନାମ ବଜ୍ର । ସ୍ତ୍ରୀନ୍ଦ୍ରିୟଂଚ ଯଥା ପଦ୍ମଂ ବଜ୍ରଂ ପୁଂସେନ୍ଦ୍ରିୟଂ ତଥା । ଅର୍ଥାତ୍ ସ୍ତ୍ରୀର ଜନନେନ୍ଦ୍ରିୟ ଯେପରି ପଦ୍ମ, ପୁରୁଷର ଜନନେନ୍ଦ୍ରିୟ ସେପରି ବଜ୍ର । ଜୀବନର ରୂପାୟନ ଯେଉଁ ତେଜୋଧାତୁ ବା ଶୁକ୍ର ହେତୁ ହୋଇଥାଏ ତାହା ଏହି ପଦ୍ମ ଓ ବଜ୍ରର ଘର୍ଷଣରୁ ଉତ୍ପନ୍ନ ହୋଇଥାଏ । ଏହି ଅନୁଭୂତିରୁ ପ୍ରାଞ୍ଜଳ ହୋଇଥାଏ *ବୋଧିଚିତ୍ତ* ।

orissamatters.com

ସହଜଯାନର ଦାର୍ଶନିକ ସାହିତ୍ୟ ଏହାହିଁ କହେ । ତତ୍ର ସହଜେ ବୋଧିଚିତ୍ତଂ ଜାୟତେ ଶୁକ୍ରମୁତ୍ପଦ୍ୟତେ । ବଜ୍ରପଦ୍ମସଂଘର୍ଷେଣ ତେଜୋଧାତୁରୁତ୍ପଦ୍ୟତେ ।। ବଜ୍ରସହ ପଦ୍ମର ସଂଘର୍ଷଣର ଏହି ଯେଉଁ ଚିତ୍ରୋପସ୍ଥାପନା, ତହିଁରୁ ଏହାହିଁ ସୁସ୍ପଷ୍ଟ ଯେ କାମବଜ୍ରଯାନ ଦୃଷ୍ଟିରେ **ପଦ୍ମ ହିଁ ସକ୍ରିୟ, ପଦ୍ମ ହିଁ ମୂଳ, ପଦ୍ମ ହିଁ ମୁଖ୍ୟ** । ଏହିହେତୁ ବୌଦ୍ଧତନ୍ତ୍ରର ଆଦିଶକ୍ତି ହେଉଛନ୍ତି *ପଦ୍ମାବତୀ* । ଏହି ପଦ୍ମାବତୀଙ୍କ ଚରଣଚାରଣକାରୀ ଭାବେ ଶ୍ରୀଜୟଦେବ ନିଜକୁ ଉପସ୍ଥାପିତ କରିଥିବାବେଳେ ତନ୍ତ୍ର ସାଧକ ହୋଇଥିବା ହେତୁ ସାଧନ ଚକ୍ରର ଅନୁବର୍ତ୍ତୀ ଭାବେ ବି ଆପଣାକୁ *ଚକ୍ରବର୍ତ୍ତୀ* ବୋଲି ବିଘୋଷିତ କରିଛନ୍ତି । **ସୁତରାଂ ସେ ପଦ୍ମାବତୀ ଚରଣଚାରଣଚକ୍ରବର୍ତ୍ତୀ ।**

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, *ତନ୍ତ୍ର*ର ସାଧନ ସୂତ୍ର ହେଉଛି *ଚକ୍ର* । ଚକ୍ର ହେଉଛି *ବୌଦ୍ଧାଦର୍ଶର ଶୃଙ୍ଖଳା* । ତାହା ହେଉଛି *ପଦ୍ମପ୍ରଭାବର ସଂପୂର୍ଣ୍ଣତାର ପ୍ରତୀକ* । **ଏହି ଚକ୍ରର ପୂର୍ଣ୍ଣ ପ୍ରଭାବକୁ ଶ୍ରୀ ଜୟଦେବ ମାନୁଥିବା ହେତୁ ଏବଂ ଏହି ଚକ୍ରରେ ସଦା ବର୍ତ୍ତମାନ ବା ଲିପ୍ତ ଥିବା ହେତୁ ସେ *ଚକ୍ରବର୍ତ୍ତୀ* ।**

ବୌଦ୍ଧ ଦର୍ଶନରେ ଚକ୍ରର ସ୍ଥାନ ଅନନ୍ୟ । **ଚକ୍ର ପ୍ରଗତିର ପ୍ରତୀକ** । ପ୍ରଗତିର ପଶ୍ଚାତ୍‌ଗତି ନ ଥାଏ । ସେଥିପାଇଁ ବୁଦ୍ଧଦେବଙ୍କ ଜନ୍ମସ୍ଥାନ ସହ ଜଡ଼ିତ ଭୁବନେଶ୍ୱରରେ ତାଙ୍କରି ସ୍ମୃତିରେ ପ୍ରତିବର୍ଷ ଅଶୋକାଷ୍ଟମୀରେ ପାଳିତ ରଥଯାତ୍ରାକୁ *ଅଣବାହୁଡ଼ା* ରଥଯାତ୍ରା ବୋଲି କୁହାଯାଏ । ସମୟର ଅନାହତ ଅଗ୍ରଗତିକୁ ସେ ଦେଇଥିବା ଦାର୍ଶନିକ ପରିଚୟକୁ କୁହାଯାଏ *କାଳଚକ୍ରବାଦ* । ସ୍ଥିତି ପରିବର୍ତ୍ତନ ସତ୍ତ୍ୱେ ଅନାହତ ପ୍ରଗତି ହିଁ ସମୟ ଓ ସୃଷ୍ଟିର ଧର୍ମ ବୋଲି ସେ କରିଥିବା ସତ୍ୟ ସ୍ଥାପନ ହିଁ *ଧର୍ମଚକ୍ର ପ୍ରବର୍ତ୍ତନ* । ସୁତରାଂ ବୌଦ୍ଧଧର୍ମର ସଙ୍କେତ ହେଉଛି ଚକ୍ର । *ପ୍ରତ୍ୟେକ ନିଷ୍ଠାବାନ ବୌଦ୍ଧ ସାଧକ ଚକ୍ରର ଅନୁବର୍ତ୍ତୀ ଓ ସେହେତୁ ଚକ୍ରବର୍ତ୍ତୀ* । ବୌଦ୍ଧ ଶାସ୍ତ୍ର ଭାଷାରେ -

ରାଜହମସ୍ମି ସେଲାତି ଧମ୍ମରାଜା ଅନୁତ୍ତରି
ଧମ୍ମେନ ଚକ୍କବତ୍ତେମି ଚକ୍କଂ ଅପ୍ପତିବତିୟମ୍ ।(ସୁତ୍ତନିପାତ) ।

ଅତଏବ, ନିଜକୁ **ପଦ୍ମାବତୀଚରଣଚାରଣଚକ୍ରବର୍ତ୍ତୀ** ବୋଲି ଦର୍ଶାଇ ଶ୍ରୀ ଜୟଦେବ ଏହି ସରଳ ସତ୍ୟହିଁ ପ୍ରକଟ କରିଛନ୍ତି ଯେ, ସେ ବୌଦ୍ଧତନ୍ତ୍ରର ଜଣେ ନୀତିନିଷ୍ଠ ସାଧକ ଏବଂ ମୈଥୁନ-ତତ୍ତ୍ୱର ଅନୁଗାମୀ । ଏହି ତତ୍ତ୍ୱକୁ ଏକ ସହାୟକ ସାହିତ୍ୟ ଦେବାପାଇଁ ସେ ଅଷ୍ଟପଦୀଗୁଡ଼ିକ ରଚନା କରିଥିଲେ ।

### ଅଷ୍ଟପଦୀ ଉଦ୍ଭୁତ ବୌଦ୍ଧତନ୍ତ୍ରରୁ

ଅଷ୍ଟପଦୀ ରଚନାପାଇଁ ତାଙ୍କୁ ତନ୍ତ୍ରର ଅଷ୍ଟବୈଶିଷ୍ଟ୍ୟ ହିଁ ପ୍ରଭାବିତ କରିଥିଲା । ଏହି ଅଷ୍ଟବୈଶିଷ୍ଟ୍ୟ ପଦ୍ମାବତୀଙ୍କ *ଅଷ୍ଟଦଳ ପଦ୍ମ*, ତହିଁର *ଅଷ୍ଟ ମହାଶକ୍ତି* ଓ ପ୍ରତି ମହାଶକ୍ତିର *ଅଷ୍ଟ ଯୋଗିନୀ*ରେ କେବଳ ସୀମିତ ନୁହେଁ; ତନ୍ତ୍ରସାଧନାର ମୂଳ ସୂତ୍ର ବା *ବୀଜମନ୍ତ୍ର* ଗୁଡ଼ିକରେ ବି ଏହା ପ୍ରତିବିମ୍ବିତ । ସଂଖ୍ୟାରେ ଏଗୁଡ଼ିକ ଅଷ୍ଟବିଧ; ଯଥା-

orissamatters.com

ବୀଜମନ୍ତ୍ରାଷ୍ଟୟଃ ପୂର୍ବ ତତୋଽଷ୍ଟେ ପରିକୀର୍ତ୍ତୀତା
ଗୁରୁବୀଜଂ ଶକ୍ତିବୀଜଂ ରମାବୀଜଂ ତତୋ ଭବେତ୍
କାମବୀଜଂ ଯୋଗବୀଜଂ ତେଜୋବୀଜମଥପରମ୍
ଶାନ୍ତିବୀଜଂ ଚ ରକ୍ଷାଂ ଚ ପ୍ରୋକ୍ତାଚୈଷାଂ ପ୍ରଧାନତା ।

ଏହି ବୀଜମନ୍ତ୍ରଗୁଡିକର *ନାଦ* ଯଥାକ୍ରମେ - **ଐଁ, ହ୍ରୀଂ, ଶ୍ରୀଂ, କ୍ଲିଂ, କ୍ଲୀଂ, ଟ୍ରୀଂ, ସ୍ତ୍ରୀଂ** ଓ **ହ୍ଲୀଂ** । ଆଦିଶକ୍ତି ପଦ୍ମାବତୀଙ୍କ ବୀଜନାଦ **ଓଁ** । ଏଠାରେ ପହଞ୍ଚିବାପାଇଁ ଏହି *ଅଷ୍ଟ ବୀଜନାଦ*ର ଆଶ୍ରୟ ଅପରିହାର୍ଯ୍ୟ ।

ପ୍ରତିଟି ବୀଜନାଦ ଏକ ଏକ ମହାଶକ୍ତିଙ୍କପାଇଁ ଅଭିପ୍ରେତ । *ପ୍ରତିଟି ମହାଶକ୍ତି ନାରୀତନ୍ତ୍ରର ସୃଜନଶୀଳ ମହତ୍ତ୍ୱର ଏକ ଏକ ରୂପକଳ୍ପ* । କିନ୍ତୁ ଏହି ସୃଜନଶୀଳତା ସାକାର ହେବାପାଇଁ ଅପେକ୍ଷା ରଖେ *ମୈଥୁନ*ର । **ସେଥିପାଇଁ ସୃଷ୍ଟିକାରିଣୀ ଆଦିଶକ୍ତି ନିଜେ ମୈଥୁନର ମାଧ୍ୟମ ସୃଷ୍ଟିକରି ତହିଁ ସହ ନିଜେ ମୈଥୁନରତା ହୋଇ ସମଗ୍ର ସର୍ଜନା ଭିଆଇଥିବା ଶାସ୍ତ୍ରସିଦ୍ଧ ।** ପରବର୍ତ୍ତୀକାଳର ରଚନା ହୋଇଥିଲେ ମଧ୍ୟ, ଏହି ସିଦ୍ଧାନ୍ତର ଅବ୍ୟାହତ ଧାରା ପରିଦୃଷ୍ଟ ହୁଏ ପ୍ରେମଭକ୍ତି ବ୍ରହ୍ମଗୀତାରେ:

ଯଥା-

ଓଁକାର ନାମ ତାକୁ ଦେଇ । ଦେବୀ ବସିଲେ ତହିଁ ଯାଇ ।।
ତେବେ ସେ ନିଶ୍ଚଳ ନୋହିଲା । ପୁଣିହିଁ ଟଳମଳ ହେଲା ।।
ଦେବୀ ବୋଇଲେ ତାହା ଜାଣି । ତୁ ବଜ୍ରକୀଳା ହୁଅ ପୁଣି ।।
ତୋତେ ମୁଁ ଦେଉଅଛି ବର । ବଜ୍ର ଯେ ହେଉ ତୋ ଶରୀର ।।
ସେ ବଜ୍ରକୀଳା ବୋଲେ ଶୁଣି । ବର ତୁ ଯେବେ ଦେଲୁ ପୁଣି ।।
ତୁ ଆଦିମାତା ଶକ୍ତି ହେବୁ । ମୋତେ ତୁ ଲିଙ୍ଗ ଯେ କରିବୁ ।।
ତୋ ଅଙ୍ଗେ ଭେଦି ମୁହିଁ ଥିବି । ସକଳ ସୃଷ୍ଟି ମୁଁ କରିବି ।।

ତନ୍ତ୍ରମତରେ ଓଁ ହେଉଛି ମୈଥୁନର ରୂପକଳ୍ପ । ଏହାର ଉପରିଭାଗ ନାସୀ ଅର୍ଦ୍ଧମାତ୍ରା ସହ ଯେ ସଂଯୁକ୍ତ ହୋଇଥାଏ ତାହା ହିଁ ଅବିଚ୍ଛିନ୍ନ ମୈଥୁନ । ସୃଷ୍ଟିକାରିଣୀ *ଆଦିମାତା* ସୃଜନକାମୀ ହୋଇ ନିଜ ଅଙ୍ଗରୁ ଏକ ଅଂଶ ବାହାର କରି ତହିଁ ସହ ଆତ୍ମରମଣ ରଚିବାରୁ ଯେହେତୁ ତାହା ଗଠନତାନ୍ତ୍ରିକ କାରଣରୁ ଦୃଢ ହୋଇ ନ ପାରି ଟଳମଳ ହେଲା ସେହେତୁ ତାହାକୁ *ଓଁ ପରିବର୍ତ୍ତେ ବଜ୍ରକୀଳା ବା ଲିଙ୍ଗରେ ରୂପାନ୍ତରିତ କରି* ତା ସହ ମିଳିତ ହୋଇ ସୃଷ୍ଟି ଭିଆଇଥିବା ଉପରୋକ୍ତ ଉଦ୍ଧୃତିରୁ ଉପଲବ୍ଧ । ଏହାହିଁ ମୈଥୁନର ଆଦିରୂପ । ଏବଂ ଏହାହିଁ କାମବଜ୍ରଯାନ ଦର୍ଶନର ଭିତ୍ତିଭୂମିର ଏକ ସ୍ମାରକୀ ।

ମୈଥୁନଂ ପରମଂ ତତ୍ତ୍ୱଂ ସୃଷ୍ଟିସ୍ଥିତ୍ୟନ୍ତକାରଣମ୍ ।
ମୈଥୁନାତ୍ ଜାୟତେ ସିଦ୍ଧିଃ ବ୍ରହ୍ମଜ୍ଞାନଂ ସୁଦୁର୍ଲ୍ଲଭମ୍ ।।

orissamatters.com

ଅର୍ଥାତ୍, ସୃଷ୍ଟି ଓ ତହିଁର ସ୍ଥିତି ଓ ବିଲୟ ମୈଥୁନାଶ୍ରୟୀ ହୋଇଥିବାବେଳେ ବ୍ରହ୍ମଜ୍ଞାନ ବା ଜୀବନ ଜିଜ୍ଞାସାରେ ସିଦ୍ଧି ଅର୍ଜନ ମଧ୍ୟ ମୈଥୁନକୈନ୍ଦ୍ରୀକ । ସୁତରାଂ ବୌଦ୍ଧ ତନ୍ତ୍ର ମୈଥୁନ ଉପରେ ଏପରି ଗୁରୁତ୍ୱ ଦିଏ ଯେ କୁହାଯାଏ : ବୁଦ୍ଧତ୍ୱଂ ଯୋଷିଦ୍‌ଯୋନି ସମାଶ୍ରିତମ୍ । ଯୋଷା ବା ନାରୀର ଯୋନିରୁ ଜୀବନର ଉଦ୍ଗମ; ତେଣୁ ତହିଁର ସମାଶ୍ରୟରେହିଁ ବୁଦ୍ଧତ୍ୱର ଉପଲବ୍ଧି; ଜୀବନଜିଜ୍ଞାସାର ବିସ୍ତାର ଓ ପରିପୂର୍ତ୍ତି ।

ଏଠି ବ୍ରହ୍ମଜ୍ଞାନ ବା ଜୀବନ ଜିଜ୍ଞାସା ଅର୍ଥ ଖାଦ୍ୟ ଅର୍ଜନ ବା ଅନ୍ନ ଉତ୍ପାଦନ ସଂକ୍ରାନ୍ତୀୟ ଜ୍ଞାନ । ବ୍ରାହ୍ମଣ୍ୟ ଶାସ୍ତ୍ର ସୃଷ୍ଟିକର୍ତ୍ତା ଭାବେ ବ୍ରହ୍ମଙ୍କୁ ଉପସ୍ଥାପିତ କରିଥିବା ବେଳେ ଜୀବ ଜଗତର ସୃଷ୍ଟି ଅନ୍ନରୁ ସମ୍ଭବିଛି (ଅନ୍ନାତ୍ ଭବନ୍ତି ଭୂତାନି-ଶ୍ରୀମଦ୍ ଭଗବତ ଗୀତା, ୩ୟ ଅଧ୍ୟାୟ, ଶ୍ଳୋକ-୧୪) ବୋଲି ବ୍ୟାସ ଉଲ୍ଲେଖ କରିଛନ୍ତି ମହାଭାରତରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଦେଇଥିବା ତତ୍ତ୍ୱଶିକ୍ଷା ଛଳରେ । ଏଦୃଷ୍ଟିରୁ ବ୍ରହ୍ମହିଁ ଅନ୍ନ । ନିରୁକ୍ତରେ ଯାସ୍କ ବି ବ୍ରହ୍ମ ଶବ୍ଦର ଏହି ବ୍ୟାଖ୍ୟା କରିଛନ୍ତି । ବ୍ରହ୍ମହିଁ ଅନ୍ନ ବୋଲି କହିବାକୁ ଯାଇ ସେ ତୈତ୍ତିରିୟ ଉପନିଷଦରୁ ପ୍ରମାଣ ଉଦ୍ଧାର କରିଛନ୍ତି । ଏହି ଉପନିଷଦର ଏକ ସୂଚନାଯୋଗ୍ୟ ଶ୍ଳୋକର ଇଂରାଜୀ ଅନୁବାଦ ରାଧାକ୍ରିଷ୍ଣନ୍‌ଙ୍କ ଲେଖାରୁ ଦେଖାଯାଉ-

"From food, verily, are produced whatsoever creatures dwell on earth. Moreover, by food alone they live. And then also into it they pass at the end. Food, verily, is the eldest born of beings. Therefore it is called the healing herb for all. From food are beings born. When born they grow up by food. It is eaten and eats things. Therefore it is called food". Taittiriya Upanishad, ii.2, Principal Upanisads, Tr. Radhakrisnan, London, 1953)

*ଏତଦ୍ଦୃଷ୍ଟିରୁ ଉପରୋଦ୍ଧୃତ ଶ୍ଳୋକର ବ୍ରହ୍ମଜ୍ଞାନ ଶବ୍ଦକୁ ଶସ୍ୟ ଉତ୍ପାଦନ ଜ୍ଞାନ ଅର୍ଥରେ ହିଁ ନେବାକୁ ହେବ ।* ପର୍ଜନ୍ୟ ବା ମେଘ ସହ ପୃଥିବୀ ମୈଥୁନ ରତ ହେଲେ ସେ ଗ୍ରହଣ କରିଥିବା ବୀଜ ବୃକ୍ଷରେ ରୂପାନ୍ତରିତ ହୋଇ ଫସଲ ଉତ୍ପନ୍ନ ହେବା ପରି ନାରୀ ତନୁ ପୁରୁଷ ସହ ମୈଥୁନରତ ହୋଇ ଉତ୍ପନ୍ନ କରିଥାଏ ମାନବ ସନ୍ତାନ; **ସୁତରାଂ ବେଦର ବ୍ରହ୍ମା ନୁହନ୍ତି, ପୃଥିବୀର ନାରୀ ହିଁ ଜନ ସମାଜର ସୃଷ୍ଟିର ଉତ୍ସ** ଏବଂ ଏହି ପ୍ରଜନନକାରୀ *ମୈଥୁନ* **ନାରୀକୈନ୍ଦ୍ରିକ** ଓ ଏହି କ୍ରମରେ *ସୃଷ୍ଟି* **ପ୍ରକୃତିକୈନ୍ଦ୍ରିକ** - ଏହି ବୈପ୍ଳବିକ ବିଶ୍ଳେଷଣ ବ୍ରାହ୍ମଣ୍ୟବାଦୀ ପୁରୁଷପ୍ରଧାନ୍ୟର ଏକ ଶକ୍ତ ପ୍ରତିବିଧାନ ଭାବେ ଉଭା ହୋଇଥିଲା । ଏହା ଥିଲା **କୃଷିକୈନ୍ଦ୍ରିକ** କୁହୁକର କରାମତି ।

ଏହି କରାମତି ବଳରେ ମୈଥୁନାଭିଳାଷୀ ନାରୀ ଭାରତୀୟ ବାଙ୍ମୟରେ ଉଭା ହୋଇଥିଲା **ନାୟିକା** ଭାବେ । ସ୍ୱକିୟା, ପରକିୟା ଓ ସାମାନ୍ୟା - ଏହି ତ୍ରିବିଧ ଭାବେବ

orissamatters.com

ନାୟିକାର ବର୍ଗୀକରଣ କରାଯାଇଥିବାବେଳେ ପ୍ରତି ବର୍ଗର ନାୟିକା ଅଷ୍ଟବିଧ ପ୍ରକାରଭେଦରେ ଚିହ୍ନିତ; ଯଥା: ଖଣ୍ଡିତା, ବିପ୍ରଲବ୍ଧା, ସ୍ୱାଧୀନଭର୍ତ୍ତୃକା, ବାସକସଜ୍ଜା, କଳହାନ୍ତରିତା, ପ୍ରୋଷିତଭର୍ତ୍ତୃକା, ବିରହୋତ୍କଣ୍ଠିତା ଓ ଅଭିସାରିକା । ଉଲ୍ଲେଖନୀୟ ଯେ, ଆଠ ପ୍ରକାର ଫୁଲ ସଂଯୋଗରେ ଦେବୀଙ୍କୁ ପୂଜାକଲେ ମୈଥୁନ ନିବେଦନ ସଂପୂର୍ଣ୍ଣ ହେବା ସ୍ୱୀକାର କରାଯାଇଛି । ଏଥିରୁ ଚାରି ଲିଙ୍ଗ-ପୁଷ୍ପ ଓ ଚାରି ଯୋନି-ପୁଷ୍ପ ; ଯଥା-

ଚଂପକଂ କରବୀରଞ୍ଚ ଧସ୍ତୁରଂ ମୌତମାପଜମ୍ ।
ଲିଙ୍ଗପୁଷ୍ପମିତି ଖ୍ୟାତଂ ପ୍ରସୂନାମର୍ପଣେ ଶୁଭମ୍ ।।
ବକପୁଷ୍ପଂ ମରୁବକଂ ବିଷ୍ଣୁକ୍ରାନ୍ତା ଚ ଦ୍ରୋଣକମ୍ ।
ଯୋନିପୁଷ୍ପଂ ସୁବିଖ୍ୟାତମମ୍ବା ପୂଜନ କର୍ମଣି ।।
(କୈଳାସ ତନ୍ତ୍ର-୯/୧୦, ସୂତ୍ର-ରାଜେନ୍ଦ୍ର କୁମାର ମହାନ୍ତି, ତନ୍ତ୍ରଶିରୋମଣି ଶ୍ରୀ ଜଗନ୍ନାଥ)

ମୈଥୁନ ସହ *ଆଠ* ସଂଖ୍ୟାର ସଂପର୍କ ଏପରି ସାନ୍ଦ୍ର ହୋଇଥିବାବେଳେ , ଆରାଧ୍ୟା ପଦ୍ମାବତୀଙ୍କ *ଅଷ୍ଟଦଳପଦ୍ମ*, ତହିଁର *ଅଷ୍ଟ ମହାଶକ୍ତି*, ପ୍ରତି ମହାଶକ୍ତିଙ୍କ *ଅଷ୍ଟ ଯୋଗିନୀ*, ଯୋଗିନୀ ମନ୍ଦିରର ମୈଥୁନତତ୍ତ୍ୱ, *ମୈଥୁନାକାଙ୍କ୍ଷୀ ନାୟିକାର ଅଷ୍ଟବିଧ ପ୍ରକାରଭେଦ* ସମେତ ବୁଦ୍ଧଙ୍କ ନିର୍ଦ୍ଦେଶିତ *ଅଷ୍ଟମାର୍ଗ*, *ଅଷ୍ଟ ଶୃଙ୍ଖଳା* ବୌଦ୍ଧ ତନ୍ତ୍ରରେ ଏକନିଷ୍ଠ ଶ୍ରୀ ଜୟଦେବଙ୍କୁ *ଅଷ୍ଟ* ସଂଖ୍ୟାର ଚମତ୍କାରିତା ପ୍ରତି ଆକର୍ଷିତ କରିଥିବା ସ୍ୱାଭାବିକ । ଏହି ଚମତ୍କାରିତାର ଅନ୍ୟ ଏକ ପ୍ରସ୍ଫୁଟନ ମଧ୍ୟ ଘଟିଛି *ମୈଥୁନର ଅଷ୍ଟ ସୋପାନରେ* । ଏହି *ଅଷ୍ଟବିଧ ସୋପାନ* ହେଲା :-

ସ୍ମରଣଂ କୀର୍ତ୍ତନଂ କେଳିଃ ପ୍ରେକ୍ଷଣଂ ଗୁହ୍ୟଭାଷଣମ୍ ।
ସଂକଳ୍ପୋଽଧ୍ୟବସାୟଶ୍ଚ କ୍ରିୟାନିଷ୍ପତ୍ତିରେବ ଚ ।।

ସ୍ମରଣରୁ କ୍ରିୟାନିଷ୍ପତ୍ତି ପର୍ଯ୍ୟନ୍ତ ମୈଥୁନର ଅଷ୍ଟବିଧ ଅଗ୍ରଗତିର ଧାରା ଉପରେ ହିଁ ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀଗୁଡିକ ସାମଗ୍ରିକଭାବେ ଆଧାରିତ । ସୁତରାଂ ଏହା ହିଁ ଅକ୍ଳେଶରେ କୁହାଯାଇପାରେ ଯେ **ଅଷ୍ଟ ସଂଖ୍ୟାର ଚମତ୍କାରିତା ହେତୁ କେବଳ ଅଷ୍ଟପଦୀ ରଚନା କରି ସେ ବୌଦ୍ଧ ତନ୍ତ୍ରର ମୈଥୁନାଶ୍ରୟୀ ଦର୍ଶନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକଟିତ କରିଥିଲେ** ଏବଂ ତହିଁର ପୁଷ୍ଟିକରଣପାଇଁ ପ୍ରଚାର ବି କରାଇଥିଲେ । *ତାଙ୍କ ହେତୁ ମୈଥୁନତତ୍ତ୍ୱ ଏପରି ସାବଲୀଳ ଓ ଶକ୍ତ ହୋଇଉଠିଥିଲା* ଯେ, ବୌଦ୍ଧତନ୍ତ୍ରର ସାଧକମାନେ *ତାଙ୍କ ଜନ୍ମାଞ୍ଚଳ କୂର୍ମପାଟକପୁରର ପ୍ରତୀକ ରୂପେ ଦୁଇପାପୁଲିରେ କୂର୍ମ ମୁଦ୍ରା* ସୃଷ୍ଟିକରି ତହିଁରେ ତ୍ରିବାର ପୁଷ୍ପାଞ୍ଜଳି ପ୍ରଦାନ କଲେ ତାହା *ମୈଥୁନ-ସମ୍ଭବା ପୂଜା* ହେଲା ବୋଲି ଧରିନିଆଯାଉଥିଲା । ଯଥା-

କରକଚ୍ଛପିକାଂ କୃତ୍ୱା ଦଦ୍ୟାତ୍ ପୁଷ୍ପାଞ୍ଜଳି ତ୍ରୟମ୍ ।
କଥିତା ଦେବ ଦେବେଶି ପୂଜା ମୈଥୁନ-ସମ୍ଭବା ।। (ଭୈରବ ସଂହିତା)

ପ୍ରଣିଧାନ ଯୋଗ୍ୟ ଯେ ଯେହେତୁ ମୈଥୁନତତ୍ତ୍ୱର ସର୍ବଶ୍ରେଷ୍ଠ କବି ଶ୍ରୀ ଜୟ ଦେବ କୂର୍ମପାଟକପୁରର ସମୁଦ୍ର ସଂଲଗ୍ନ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମ ହୋଇଥିଲେ ଓ କୂର୍ମପାଟକପୁର

orissamatters.com

ହିଁ ମୈଥୁନତତ୍ତ୍ୱର ପ୍ରୟୋଗଶାଳା ଭାବେ ଉଭା ହୋଇଥିଲା ସେହେତୁ କୂର୍ମ ବା କଛପକୁ ମୈଥୁନର ସଙ୍କେତ ଭାବେ ତନ୍ତ୍ର ସାଧକମାନେ ମାନୁଥିଲେ ।

ପ୍ରଶ୍ନ ହୋଇପାରେ ଶ୍ରୀ ଜୟ ଦେବ ଯଦି ବୌଦ୍ଧତନ୍ତ୍ରର ଅନୁବର୍ତ୍ତୀ ଦାର୍ଶନିକ ଥିଲେ ଏବଂ ତହିଁର ସହାୟକ ସାହିତ୍ୟ ଭାବେ ଅଷ୍ଟପଦୀଗୁଡ଼ିକୁ ଲେଖିଥିଲେ, ତେବେ ସେଗୁଡ଼ିକରେ ନାୟକ ନାମ ବୈଷ୍ଣବୀୟ କରିଥିଲେ କାହିଁକି?

## ବୌଦ୍ଧବାଦର ସୁରକ୍ଷା ପାଇଁ ବୈଷ୍ଣବୀୟ ମୁଖା

ଏଥିର ଉତ୍ତର ଖୋଜିବା ପୂର୍ବରୁ ଆମେ ଦେଖିବା ପ୍ରକୃତରେ ତାହା ଘଟିଥିଲା କି? **ଘଟି ନଥିଲା ।** କାରଣ **ଶ୍ରୀ ଜୟ ଦେବ ତାଙ୍କ ଅଷ୍ଟପଦୀଗୁଡିକୁ ନାୟିକା ପ୍ରଧାନ କରିଛନ୍ତି, ନାୟକ ପ୍ରଧାନ କରିନାହାନ୍ତି** । ରାଧାଙ୍କ ମନରେ ଯୌନ ସଙ୍କଳ୍ପ ସଞ୍ଚରଣପାଇଁ କୁଟ୍ଟିନୀର ଉଦ୍ୟମରୁ ଆରମ୍ଭ କରି ସଙ୍ଗମ ଶେଷରେ ତାଙ୍କୁ ପୁନର୍ବାର ଶୃଙ୍ଗାର ସାଜରେ ସଜାଇଦେବାକୁ ରାଧା ହରିଙ୍କୁ ଆହ୍ୱାନ ଦେବା ପର୍ଯ୍ୟନ୍ତ **ବାଇଶିଟିଯାକ ଅଷ୍ଟପଦୀ ନାୟିକାକୈନ୍ଦ୍ରିକ** । ପୂର୍ବରୁ କୁହା ହୋଇଛି ଯେ, ଶ୍ରୀ ଜୟ ଦେବ ନିଜେ ଲେଖିଛନ୍ତି ବୋଲି ଯେଉଁ ପଦଗୁଡିକୁ ଚହ୍ନଟ କରାଯିବା ସଙ୍ଗତ ସେଗୁଡିକରେ ୮୪ ଥର ନାୟକ ନାମ ଆସିଛି । ତନ୍ମଧ୍ୟରୁ ୫୨ ଥର କେବଳ ଗୋଟିଏ ନାମ ଆସିଛି; ତାହା ହେଲା *ହରି* । **ହରି ବୈଷ୍ଣବୀୟ ନୁହଁ, ବରଂ ଏକ ବୌଦ୍ଧ ନାମ ।** ବ୍ରହ୍ମାଙ୍କ କଟାମୁଣ୍ଡ ହାତରେ ଧରି ବ୍ରାହ୍ମଣ୍ୟବାଦ ବିରୁଦ୍ଧରେ ବୁଦ୍ଧଙ୍କ ବିରକ୍ତିର ପ୍ରତିକାତ୍ମକ ରୂପ ନେଇଥିବା ବଜ୍ରଯାନର ଆରାଧ୍ୟ *ହେରୁକ* ବା *ହୈରୁକଙ୍କ* ନାମାପଭ୍ରଂଶ କିପରି *ହରି* ତାହା ପୂର୍ବରୁ ଆଲୋଚିତ ହୋଇଛି । *ହରି* ପୁଣି *ସୂର୍ଯ୍ୟଙ୍କ* ନାମ ଯେଉଁ ନାମରେ ବୁଦ୍ଧ ନିଜ ପରିଚୟ ରଖିଛନ୍ତି - ଆଦିଚ୍ଚାନାମା ଗୋତେନ.... (ସୁତ୍ତନିପାତ) । ସେହି ହେତୁ ହେରୁକଙ୍କୁ କୁରୁମ ଅଞ୍ଚଳର ଲୋକେ ଏବେ ବି *ଧର୍ମ ଦେବତା* ବୋଲି ସମ୍ବୋଧନ କରନ୍ତି । 'Kuruma: A lesser known Buddhist site of Orissa' ଶୀର୍ଷକ ନିବନ୍ଧରେ ଗବେଷକ ସନ୍ତୋଷ କୁମାର ରଥ ଏହାର ସୂଚନା ରଖିଛନ୍ତି ଏହିପରି: "There is a tank called 'Dharma Pokhari (Tank of Dharma) at one end of the village. Prior to excavation, a stone slab containing a beutiful figure of Buddha was lying on the bank of this tank. Later on, this image was replaced and enshrined in a newly built shade. Besides the Buddha image, other two images were found near the tank as they were placed by the side of the said image. One of these figures is identified with HERUKA. Local people call this image as 'Dharma' (the Sun God)."( Orissa Review, April 2005, 79-80) ଅତଏବ **ଯେ ହେରୁକ ସେ ହିଁ ବୁଦ୍ଧ, ସେ ହିଁ ସୂର୍ଯ୍ୟ ବା ଧର୍ମ ଦେବତା, ସେ ହିଁ**

orissamatters.com

**ହରି । ଶ୍ରୀ ଜୟ ଦେବ ୮୪ ଥରରୁ ୫୨ ଥର କେବଳ ତାଙ୍କରି ନାମ ନେଇଛନ୍ତି ଓ ତାଙ୍କରି ଜୟଜୟକାର କରି ଦଶାବତାର ସ୍ତୁତିରେ ତାଙ୍କୁ ହିଁ ବୁଦ୍ଧ ଭାବେ ଚିହ୍ନିତ କରିଛନ୍ତି ।** ଅନ୍ୟ ଯେଉଁ ନାମଗୁଡିକ ନେଇଛନ୍ତି ସେଗୁଡିକ ହରି ସଂଖ୍ୟା ତୁଳନାରେ ନିହାତି ନଗଣ୍ୟ । ଯଥା- ମଧୁରିପୁ (୭ ଥର), ମାଧବ (୫ଥର), କେଶବ (୪ଥର), ବନମାଳୀ (୪ଥର), ମଧୁସୂଦନ(୩ଥର), ମୁରାରି (୨ଥର) ଏବଂ କେବଳ ଥରେ ଲେଖାଏଁ ଯଦୁନନ୍ଦନ, ନାରାୟଣ, ମଧୁମଥନ, ମଧୁବୈରୀ, କୃଷ୍ଣ, ହଳଧରସୋଦର, କେଶୀମଥନ ଓ ବାସୁଦେବ । ଏହି ନାମଗୁଡିକ ମଧ୍ୟରୁ ନାରାୟଣ ପୌରାଣିକ ଅର୍ଥରେ ନର ବା ମଣିଷର ଭାଇ ହୋଇଥିବା ବେଳେ ବ୍ୟବହାରିକ ଅର୍ଥରେ *ନର ସମାଜର ସାମାଜିକ ଐକ୍ୟର* ଏକ ପ୍ରତୀକ ନାମ; ବାସୁଦେବ, ହଳଧରସୋଦର, ଯଦୁନନ୍ଦନ, ବନମାଳୀ ଓ କୃଷ୍ଣ ବ୍ୟାସଦେବଙ୍କ ଦ୍ୱାରା ପରିସୃଷ୍ଟ *ମାତୃରାଧିକାରର ପ୍ରଧାନ ପୃଷ୍ଠପୋଷକ ନାୟକଙ୍କ ନାମ ଯେ କି ସହଜ ନାୟକ ଭାବେ ବେଶୀ ପରିଚିତ;* କେଶବ ଓ କେଶୀମଥନ ନାମ ଦୁଇଟି *କେଶୀ ଦୈତ୍ୟକୁ ହତ୍ୟା କରିଥିବା ହେତୁ* ଶ୍ରୀକୃଷ୍ଣ ଅର୍ଜନ କରିଥିବା ନାମ । ଏହି ଦୈତ୍ୟ *ପୁରୁଷପ୍ରାଧାନ୍ୟର ପ୍ରଚୋଦକ* କଂସର ଥିଲା ଶକ୍ତ ସମର୍ଥକ । କଂସର ସ୍ୱାର୍ଥ ରକ୍ଷା ପାଇଁ ଏହି ଦୈତ୍ୟ ମାତୃରାଧିକାରର ପୃଷ୍ଠପୋଷକ ଶ୍ରୀକୃଷ୍ଣଙ୍କୁ ମାରିବାକୁ ଆସିଥିଲା, ନିଜେ ମରିଥିଲା । ମୁରାରି ମଧ୍ୟ ଭୌମାସୁରର ମୁଖ୍ୟ ସହାୟକ *ମୁର ନାମକ ଦୈତ୍ୟକୁ ସଂହାର କରିଥିବା ହେତୁ* ଶ୍ରୀକୃଷ୍ଣ ଅର୍ଜନ କରିଥିବା ଏକ ନାମ । ଭୌମାସୁର ଥିଲା ଏକ *ଜଘନ୍ୟ ନାରୀଦ୍ରୋହୀ* । ତ୍ୱଷ୍ଟାଙ୍କ ଝିଅ କଶେରୁଙ୍କୁ ମୂର୍ଚ୍ଛିତ କରାଇ ସେ ଅପହରଣ କରିଥିଲା; ଏହି ପରି ଷୋଳ ସହସ୍ର କୁମାରୀଙ୍କୁ ଅପହରଣ କରି ମଣିପର୍ବତର ଔଦକା ନାମକ ସ୍ଥାନରେ ବନ୍ଦୀ କରି ରଖିଥିଲା । ମହାଭାରତର ସଭାପର୍ବରେ ଏଥିର ସବିଶେଷ ବର୍ଣ୍ଣନା ରହିଛି । ଏହି ନାରୀ ନିର୍ଯ୍ୟାତନା କେନ୍ଦ୍ରର ଚତୁର୍ପାର୍ଶ୍ୱରେ ମୁର ଦୈତ୍ୟ ତୀକ୍ଷ୍ଣଧାର ଛୁରୀକା ସଂପନ୍ନ ଛ ହଜାର ଫାଶ ଖଞ୍ଜି ନାରୀ ସମାଜ ଉପରେ ଚାଲିଥିବା ଅତ୍ୟାଚାରକୁ ଯୋଗାଇଥିଲା ଏକ ଦୁର୍ଭେଦ୍ୟ ସାଞ୍ଜୁ । ମାତୃରାଧିକାରର ଅଧିବକ୍ତା ଓ ପ୍ରଚୋଦକ ଶ୍ରୀକୃଷ୍ଣ ଏହି ମୁର ଦୈତ୍ୟକୁ ହତ୍ୟାକରି ସେହି ବନ୍ଦିନୀ କନ୍ୟାମାନଙ୍କୁ ମୁକ୍ତ କରିଥିଲେ ଓ ସେହେତୁ *ମୁରାରି* ଭାବେ ଖ୍ୟାତ ହୋଇଥିଲେ । *ମାଧବ* ନାମ ମଧ୍ୟ ମତୃରାଧିକାର ଦ୍ୟୋତକ; *ମା'ର ଯିଏ ଧବ ସିଏ ମାଧବ: ଏଠି ମା ମୁଖ୍ୟ, ଧବ ଗୌଣ* । **ଏହି ସମସ୍ତ ନାମ ବ୍ୟାସ ଦେବ ସୃଷ୍ଟି କରିଥିବା ସହଜ ନାୟକ ଶ୍ରୀକୃଷ୍ଣଙ୍କ ନାମ । ତେଣୁ ଏହି ସବୁ ନାମ ନେଇ ଶ୍ରୀ ଜୟ ଦେବ ମାତୃରାଧିକାରର ଆଭିମୁଖ୍ୟ ପରିପୁଷ୍ଟିକରଣପାଇଁ ପ୍ରଚେଷ୍ଟା କରିଛନ୍ତି ଏବଂ ପରୋକ୍ଷରେ ବୌଦ୍ଧ ପ୍ରେରଣାର ପ୍ରସାର ଘଟାଇଛନ୍ତି ।** ପୁରୁଷପ୍ରାଧାନ୍ୟ ପ୍ରଜ୍ଞାପକ ବିଷ୍ଣୁଙ୍କ ନାମ ସେ ଥରେ ହେଲେ ନ ନେଇଥିଲେ ମଧ୍ୟ ବିଷ୍ଣୁଙ୍କ କାନ ମଳିରୁ ଉଦ୍ଭୂତ ହୋଇ ବିଷ୍ଣୁ ଭାବେ ନିଜକୁ ପ୍ରତିଷ୍ଠା କରିଥିବା ମଧୁ ନାମକ ଅସୁରକୁ ହତ୍ୟା କରିଥିବା କାରଣରୁ ବିଷ୍ଣୁ ଯେଉଁ ମଧୁରିପୁ, ମଧୁବୈରୀ, ମଧୁମଥନ ଓ ମଧୁସୂଦନ ନାମ ଅର୍ଜନ କରିଥିଲେ ସେତିକି ମାତ୍ର *ଅତି ସୀମିତ*

orissamatters.com

ଭାବେ ବ୍ୟବହାର କରିଛନ୍ତି ଶ୍ରୀ ଜୟଦେବ । ସୁତରାଂ ସେ ଯେ ବୈଷ୍ଣବ ନ ଥିଲେ, ଥିଲେ ବୌଦ୍ଧ - ଏହା ତାର ଏକ ଉତ୍କୃଷ୍ଟ ପ୍ରମାଣ । କିନ୍ତୁ ତଥାପି ବି ପ୍ରଶ୍ନ ଉଠିପାରେ - ଯେତେ *ସୀମିତ ହେଉ ପଛେ, ବିଷ୍ଣୁଙ୍କ ନାମ ସେ ବ୍ୟବହାର କରିଛନ୍ତି କାହିଁକି? ଏହା* ଏଇଥିପାଇଁ ଯେ, ଓଡ଼ିଶାକୁ ଦଖଲ କରିନେଇଥିବା *ବୌଦ୍ଧବିରୋଧୀମାନଙ୍କୁ ଫାଙ୍କିମାରି ବୌଦ୍ଧବାଦର ସୁରକ୍ଷାପାଇଁ ଏହି କୌଶଳ ଥିଲା ସର୍ବୋତ୍ତମ ।*

## ବୁଦ୍ଧବାଦୀ ଭୌମ ନାରୀପ୍ରାଧାନ୍ୟର ଅବକ୍ଷୟ

ଭୌମ ସାମ୍ରାଜ୍ୟରେ ବୌଦ୍ଧତନ୍ତ୍ର ବା କାମବଜ୍ରଯାନ ଓଡ଼ିଶାରେ ଲୌକିକ ଧର୍ମରେ ପରିଣତ ହୋଇଯାଇଥିଲା । ବ୍ରାହ୍ମଣ୍ୟବାଦୀ ହିନ୍ଦୁମାନେ ସଙ୍କୁଚିତ ହୋଇପଡ଼ିଥିଲେ । ପୁରୁଷପ୍ରାଧାନ୍ୟ ଖର୍ବ ହୋଇଥିଲା ଓ ନାରୀପ୍ରାଧାନ୍ୟ ଦୃଢ଼ୀଭୁତ ହୋଇଥିଲା । ନାରୀପ୍ରାଧାନ୍ୟର ଅନ୍ୟତମ ଦୃଷ୍ଟାନ୍ତ ଥିଲେ ଭୌମ ସାମ୍ରାଜ୍ଞୀ ପୃଥ୍ୱୀ ମହାଦେବୀ ଓରଫ ତ୍ରିଭୁବନ ମହାଦେବୀ-୨ । ଏହାଙ୍କ ପିତା ସ୍ୱଭାବତୁଙ୍ଗ ଉପାଧିଧାରୀ ଜନ୍ମେଜୟ-୧ ଓଡିଶାରେ ଭୌମୋତ୍ତର କାଳରେ ସୋମବଂଶୀ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ସମ୍ବଲପୁର-ସୋନପୁର-ବଲାଙ୍ଗୀର ଅଞ୍ଚଳରେ ସ୍ଥାପନ କରିଥିବା କୋଶଳ ରାଜ୍ୟ ଯେ ମହୋଦଧି ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ତହିଁ ମୂଳରେ ମହୋଦଧି ଅଞ୍ଚଳରେ ସଙ୍କୁଚିତ ହୋଇ ରହିଥିବା ବ୍ରାହ୍ମଣ୍ୟବାଦୀ ଶକ୍ତିମାନଙ୍କ ପ୍ରଚ୍ଛନ୍ନ ସହଯୋଗ ରହିଥିବା ଅବଶ୍ୟମ୍ଭାବୀ । ପୃଥ୍ୱୀ ମହାଦେବୀଙ୍କ ସ୍ୱାମୀ ଶୁଭକରଦେବ-୪ ନିଃସନ୍ତାନ ଅବସ୍ଥାରେ ଜୀବନ ତ୍ୟାଗ କଲା ପରେ ସିଂହାସନପାଇଁ ସେ ଓ ତାଙ୍କ ଦେବରଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା । ଜନ୍ମେଜୟ-୧ ନିଜ ଦୁହିତା ପୃଥ୍ୱୀ ମହାଦେବୀଙ୍କୁ ସହାୟତା ଦେଇ ସିଂହାସନରେ ଅଧିଷ୍ଠିତା କରିଥିଲେ ଏବଂ ସେହି ସୁଯୋଗରେ ଭୌମ ସାମ୍ରାଜ୍ୟର ପ୍ରଶାସନରେ ମଧ୍ୟ ନିଜର ପ୍ରଭାବ ବିସ୍ତାର କରିଥିଲେ । ଅବଲୀଳାକ୍ରମେ ମହୋଦଧି ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାକୁ ନିଜ ନିୟନ୍ତ୍ରଣକୁ ନେଇ ସେ ପରବର୍ତ୍ତୀ କାଳରେ ତାଙ୍କ ପୁତ୍ର ଯଯାତି-୧ଙ୍କ ଦ୍ୱାରା ଭୌମ- ଭୂଖଣ୍ଡ ଦଖଲର ପଥ ପରିଷ୍କାର କରି ଦେଇଥିଲେ (K. C. Panigrahi, History of Orissa, p.102-03) ଏବଂ ଏହିପରି ଭାବେ ବୁଦ୍ଧବାଦୀ ଭୌମ ନାରୀପ୍ରାଧାନ୍ୟର ଅବକ୍ଷୟ ଆରମ୍ଭ ହୋଇଥିଲା ଓ ଆରମ୍ଭ ହୋଇଥିଲା ବୌଦ୍ଧବିରୋଧୀ ସୋମବଂଶର ଅଭ୍ୟୁତ୍ଥାନ । ଭୌମକାରମାନେ ନିଜ ବଂଶଲତାରେ ପୃଥ୍ୱୀ ମହାଦେବୀଙ୍କ ନାମ ରଖିନାହାନ୍ତି ବୋଲି ମେଜର୍ ଡଃ କୁମୁଦିନୀ ବରାଇ (Role of Women in the History of Orissa, p.78) ଯାହା ଲେଖିଛନ୍ତି ତାହା ଶ୍ରେଣୀଶତ୍ରୁ ସୋମବଂଶୀଙ୍କ ସହ ସଂପର୍କ ହେତୁ ଉପୁଜିଥିବା ବିରକ୍ତି କାରଣରୁ ହୁଏତ ହୋଇଥିବ ।

## ସୋମବଂଶୀଙ୍କ ବ୍ରାହ୍ମଣ ଆମଦାନୀ ଓ ବୌଦ୍ଧ ହନନ

ଖ୍ରୀ.ଅ. ୯୩୧ ବେଳକୁ ସୋମବଂଶୀ ସାମ୍ରାଜ୍ୟ ସ୍ଥାପିତ ହୋଇଥିଲା ବୋଲି ଗ୍ରହଣ କରାଗଲେ ମଧ୍ୟ ଓଡ଼ିଶାରେ ଏକ ଭିନ୍ନ ସାଂସ୍କୃତିକ ସାମ୍ରାଜ୍ୟ ପ୍ରବର୍ତ୍ତନର ପ୍ରତିଜ୍ଞା ଧରି ଏହା

orissamatters.com

ଆସିଥିଲା । ଭୌମକାରମାନେ ମାତୃପ୍ରାଧାନ୍ୟ ଭିତ୍ତିକ ବୌଦ୍ଧବଜ୍ରଯାନ ସଂସ୍କୃତିର ଅନୁବର୍ତ୍ତୀ ଥିଲେ । ଏମାନଙ୍କ ସମୟରେ ବୌଦ୍ଧତନ୍ତ୍ରର ପ୍ରଭାବ ତୁଙ୍ଗ ସ୍ତରରେ ପହଞ୍ଚିଥିଲା । *ସୋମବଂଶୀମାନଙ୍କ ମାଧ୍ୟମରେ ବ୍ରାହ୍ମଣ୍ୟବାଦ ତହିଁର ମୂଳୋତ୍ପାଟନ ଚାହୁଁଥିଲା* । ବସ୍ତୁତଃ ଏହି ସୋମବଂଶୀମାନଙ୍କ ସହାୟତାରେ ଓଡ଼ିଶାରେ ବର୍ଣ୍ଣବୈଶିଷ୍ଟ୍ୟବାଦୀ ବ୍ରାହ୍ମଣମାନଙ୍କ ସଂଖ୍ୟା ଓ ଶକ୍ତି ପ୍ରବଳଭାବେ ବଢ଼ିଥିଲା । ଡଃ ବିଜୟ କୁମାର ରଥଙ୍କ ସୂଚନା (Cultural History of Orissa, p.65) ଅନୁସାରେ ଯଯାତି କେଶରୀ-୧ ଓ ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ସୂଚନା (ଓଡିଶାର ଇତିହାସ, ପ୍ରଥମ ଭାଗ, ପୃ.୫୪୮) ଅନୁସାରେ ଯଯାତି-୨ *କାନ୍ୟକୁବ୍ଜରୁ* ବହୁ (କିମ୍ବଦନ୍ତୀ ଅନୁସାରେ ଦଶସହସ୍ର) ବେଦାଧ୍ୟାୟୀ ବ୍ରାହ୍ମଣଙ୍କୁ ଆଣି ବୈତରଣୀ ନଦୀ କୂଳରେ ଦଶାଶ୍ୱମେଧ ଯଜ୍ଞ କରିଥିଲେ ।

ଅତଏବ ଏହି ସୋମବଂଶୀମାନଙ୍କ ସାହାଯ୍ୟରେ ବ୍ରାହ୍ମଣ୍ୟବାଦ ଓଡ଼ିଶାକୁ ଗ୍ରାସ କରିବାକୁ ଚାହୁଁଥିଲା । ଏଥିରେ ଅନ୍ତରାୟ ଥିଲେ ବୌଦ୍ଧ, ବିଶେଷତଃ, ବଜ୍ରଯାନ ଓ ସହଜଯାନର ସାଧକମାନେ । ସୁତରାଂ ସେମାନଙ୍କୁ ହତ୍ୟାକରି ନିଶ୍ଚିହ୍ନ କରିଦେବାକୁ ସୋମବଂଶୀମାନେ ଉଦ୍ୟମ କରିଥିଲେ । କବି ଈଶ୍ୱର ଦାସଙ୍କ ଚୈତନ୍ୟ ଭାଗବତ(୧୪୮ ଅଧ୍ୟାୟ)ରେ ଏହି ପୈଶାଚିକ କାଣ୍ଡର ବର୍ଣ୍ଣନା ରହିଛି ଏହିପରି -

ସାତଶ ବାଆନ ବଉଧ । କେଶରୀ ରଜା ସଙ୍ଗେ ବାଦ । ।୬୧ । ।
ସାତ ପାଟେଣ ମୃତ୍ୟୁ ହୋଇ । ଛଅଶ ବଉଧ ମରଇ । ।୬୨ । ।
ଅପରେ ସତଷଠି ପୁଣ । ବଉଧ ମାରେ ନୃପ ରାଣ । ।୬୩ । ।
ବାକି ବଉଧ ଚଉରାଶୀ । ଗୋପ୍ୟେ ଭଜନ୍ତି ହୃଷିକେଶୀ । ।୬୪ । ।
ଯେମନ୍ତେ ଚୌରାଶୀ ବଉଧ । ଯେକ ସ୍ୱରୂପେ ନାହିଁ ଭେଦ । ।୬୫ । ।

ଅର୍ଥାତ୍ ସାତ ପାଟରେ ୭୫୨ ବୌଦ୍ଧ ସାଧକ ଥିଲେ । କେଶରୀ ରଜା ସେମାନଙ୍କ ମଧ୍ୟରୁ ପ୍ରଥମ ଦଫାରେ ୬୦୦ ସିଦ୍ଧଙ୍କୁ ହତ୍ୟା କରି ଦ୍ୱିତୀୟ ଦଫାରେ ୬୭ ଜଣଙ୍କୁ ବଧ କଲେ । ଅବଶିଷ୍ଟ ୮୫ ବୌଦ୍ଧାଚାର୍ଯ୍ୟ ଆତ୍ମଗୋପନ କରି ହୃଷିକେଶ (ଆକ୍ଷରିକ ଅର୍ଥରେ ଜିତେନ୍ଦ୍ରିୟ ବୁଦ୍ଧ ଓ ବାହ୍ୟାର୍ଥରେ ଶ୍ରୀଜଗନ୍ନାଥ)ଙ୍କୁ ଭଜୁଥିଲେ । ସଂଖ୍ୟାରେ ୮୫ ହୋଇଥିଲେ ବି ଏମାନଙ୍କୁ **ଚଉରାଶି ବୌଦ୍ଧ** ବୋଲି ଯେ ବର୍ଣ୍ଣନା କରାଯାଇଛି ତାହା ସ୍ପଷ୍ଟ କରେ ଯେ ସଂଖ୍ୟା ନିର୍ବିଶେଷରେ ଚଉରାଶି ପୀଠର ବୌଦ୍ଧାଚାର୍ଯ୍ୟମାନଙ୍କୁ ସାକ୍ଷାତ୍ ବୁଦ୍ଧ ସ୍ୱରୂପ ଚଉରାଶି ବୌଦ୍ଧ ବା **ଚୌରାଅଶୀ ସିଦ୍ଧାଚାର୍ଯ୍ୟ** ବୋଲି ବିଚାର କରାଯାଉଥିଲା ।

ଏହି ଚୌରାଅଶୀ ସିଦ୍ଧାଚାର୍ଯ୍ୟଙ୍କ ସଂପର୍କରେ ଆଗରୁ ମୁଁ ସୂଚାଇଛି ଯେ, ଏମାନେ ସମସ୍ତେ ଥିଲେ ନିମାପଡା ନିକଟସ୍ଥ ଚୌରାଶୀ ଗ୍ରାମ (ତତ୍କାଳୀନ ବୌଦ୍ଧାଶ୍ରମ) ନିବାସୀ । ଏହି ସ୍ଥାନ କୂର୍ମପାଟକପୁର ଅନ୍ତର୍ଗତ ବୋଲି ମୁଁ ସୂଚାଇଛି । **ଏହି କୂର୍ମପାଟକପୁର ହିଁ ଚୈତନ୍ୟ ଭାଗବତ ଭାଷାରେ ସାତପାଟ** । ପ୍ରସ୍ଥରେ କୁରୁମରୁ ହୀରାପୁର ଓ ଦୈର୍ଘ୍ୟରେ ଦେବୀନଦୀ

orissamatters.com

ତୀରରୁ ପୁରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି କୂର୍ମପାଟକପୁରରେ ବସ୍ତୁତଃ ଥିଲା କାମବଜ୍ରଯାନର ପ୍ରୟୋଗଶାଳା । ଏହା ଅନ୍ତର୍ଗତ *ବୃହତ୍‌ପ୍ରଷ୍ଠ* ସଂପର୍କରେ ପୂର୍ବରୁ ଆଲୋଚନା ହୋଇଛି । ଏହା ଭିତରେ ଥିଲେ ସାତଟି ମୁଖ୍ୟ ବୌଦ୍ଧ ସାଧନ କେନ୍ଦ୍ର ।  ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ଅନୁମାନ କରାଯାଇପାରେ ଯେ ଏଗୁଡ଼ିକ ଥିଲେ **ତୁରିନ୍ତରା, ଗାରେଡ଼ିପାଞ୍ଚଣ, ହୀରାପୁର, ଚୌରାଶୀ, କାକଟପୁର, କୁରୁମ ଓ କେନ୍ଦୁବିଲ୍ୱ** । ଏହି ସାତ ପାଟରେ କେଶରୀ ରଜାଙ୍କ ପୈଶାଚିକ ଆକ୍ରମଣର ଶିକାର ହୋଇ ୬୭୭ ଜଣ ବୌଦ୍ଧ ସନ୍ଥ ମୃତ୍ୟୁ ବରଣ କଲା ପରେ **ଚୌରାଅଶୀ ପୀଠର ଅବଶିଷ୍ଟ ସିଦ୍ଧାଚାର୍ଯ୍ୟ ହୁଏତ ସୁଦୂର ନେପାଳକୁ ଯାଇ ସେଠାରେ ଅତ୍ମଗୋପନ କରିଥିଲେ । ନେପାଳ ସହ ବୁଦ୍ଧଜଗନ୍ନାଥଙ୍କ ସାନ୍ଦ୍ର ଓ ସୁଗଭୀର ସଂପର୍କର ଅଜଣା ରହସ୍ୟ ହେଉଛି ସମ୍ଭବତଃ ଏହା ହିଁ । ତେଣୁ ନିଃସନ୍ଦେହ ଭାବେ ଚୌରାଶୀ ସିଦ୍ଧାଚାର୍ଯ୍ୟ ନିଛକ ଓଡ଼ିଆ ।**  ମାତୃଭାଷା ଓଡ଼ିଆର ପ୍ରାଚୀନ ଅକ୍ଷର ଓ ଶବ୍ଦ ବ୍ୟବହାର କରି ସେମାନେ ବୌଦ୍ଧ ଦୋହାଗୁଡିକ ଲେଖିଥିଲେ । ଓଡ଼ିଆର ମୌଳିକତା ରକ୍ଷା କରିବାକୁ ସତତ ଉଦ୍ୟମରତ ବୌଦ୍ଧମାନଙ୍କୁ ହତ୍ୟା କରିଚାଲିଥିଲେ ବହିରାଗତ ସୋମବଂଶୀମାନେ ଓଡ଼ିଶାରେ ବ୍ରାହ୍ମଣ୍ୟ ଶାସନ ପ୍ରବର୍ତ୍ତନ କରିବା ଲକ୍ଷ୍ୟରେ । ମାତ୍ର ବୌଦ୍ଧ ବଜ୍ରଯାନ ଏପରି ଲୌକିକ ଥିଲା ଯେ ତାର ମୂଳୋତ୍ପାଟନ ସମ୍ଭବ ନ ଥିଲା । ସୁତରାଂ ସୋମବଂଶୀମାନେ ତନ୍ତ୍ରକୁ ଅପଣାଇ ତାକୁ ଶୈବତନ୍ତ୍ରର ସଂଜ୍ଞାଦେଇ ସେହି ଶୈବତନ୍ତ୍ର ମାଧ୍ୟମରେ ବୌଦ୍ଧତନ୍ତ୍ରର ଏକ ସାମାଜିକ ଓ ସାଂସ୍କୃତିକ କାୟା ପରିବର୍ତ୍ତନ କରିବାକୁ ଉଦ୍ୟମ କରିଥିଲେ । ଭୁବନେଶ୍ୱରଠାରେ ଥିବା ଭାସ୍କରେଶ୍ୱର ମନ୍ଦିରର ବିଶାଳ ଶିବଲିଙ୍ଗ ଯେ ମୌଳିକତଃ ଏକ ବୌଦ୍ଧସ୍ତମ୍ଭ ଥିଲା ତାହା ବିଶ୍ୱାସ କରାଯାଇପାରେ । ଶ୍ରୀ ପାଣିଗ୍ରାହୀ ଏହି ଅଭିମତ (History of Orissa,pp.312-13) ରଖି ଓଡ଼ିଶାରେ ବୌଦ୍ଧଧର୍ମର ବିଲୋପିକରଣପାଇଁ  ଯେଉଁ  ପ୍ରଖର ଉଦ୍ୟମ ହୋଇଚାଲିଥିଲା ଏହାକୁ ତହିଁର ଏକ ମୂକ ସାକ୍ଷୀ ବୋଲି ଦର୍ଶାଇଛନ୍ତି ।

**ବୌଦ୍ଧଧର୍ମର ପ୍ରସବସ୍ଥଳ ହୋଇଥିବା ହେତୁ ଓଡିଶାରୁ ବୌଦ୍ଧମତାବଲମ୍ବୀମାନଙ୍କୁ ମୂଳପୋଛ କରିବାପାଇଁ ବ୍ରାହ୍ମଣ୍ୟବାଦୀମାନେ ଯାବତୀୟ ପାଶବିକ ପଦକ୍ଷେପ ନେଇଚାଲିଥିଲେ ।** ଏବଂ ହିନ୍ଦୁ ଧର୍ମର ତ୍ରିବଳ –  ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମଧ୍ୟରୁ ଶିବ ସଂହାରକର୍ତ୍ତା ହୋଇଥିବା ହେତୁ **ଶିବଙ୍କ ନାମରେ ଶୈବ ମତବାଦ ପ୍ରବର୍ତ୍ତନ କରି ସେହି ଶାଖା ସାହାଯ୍ୟରେ ବୌଦ୍ଧହନନ ଚଳାଇଥିଲେ** ଓ ତାହାକୁ ଧର୍ମୀୟ ମର୍ଯ୍ୟାଦା ଦେଉଥିଲେ । ସପ୍ତମ ଶତାବ୍ଦୀର ଶଶାଙ୍କ ଥିଲେ ଏହିପରି ଜଣେ ଉତ୍କଟ ବୌଦ୍ଧବିରୋଧି ଶୈବ ଯେ କି ବହୁ ବିଖ୍ୟାତ ବୌଦ୍ଧକୀର୍ତ୍ତି ଚୂର୍‌ମାର୍ କରିଦେଇଥିଲେ ବୋଲି Yuan Chwangଙ୍କ ବିବରଣୀରୁ ଜଣାପଡେ । ଉଲ୍ଲେଖନୀୟ ଯେ ଏହି ଶତାବ୍ଦୀରେ ଶୈବଧର୍ମର **ପାଶୁପତ** ଗୋଷ୍ଠୀ ସକ୍ରିୟ ହୋଇଉଠିଥିଲା । **ଶିବଙ୍କର ଶତ୍ରୁନିସୂଦନକାରୀ ଅସ୍ତ୍ରକୁ କୁହାଯାଏ ପାଶୁପତ । ଅତଏବ ଯେଉଁ ଶୈବମାନେ ନିଜକୁ ପାଶୁପତ ବୋଲି ଆଖ୍ୟାୟିତ କରୁଥିଲେ ସେମାନେ ନିଜର ଧର୍ମୀୟ ଶତ୍ରୁ ବୌଦ୍ଧମାନଙ୍କୁ ସଂହାର କରିବା**

orissamatters.com

**ପ୍ରତିଜ୍ଞା ହେତୁ ହିଁ ଯେ ନିଜ ନିଜର ସେପରି ପରିଚୟ ସୃଷ୍ଟି କରାଇଥିଲେ ତାହା କହିବା ଅନାବଶ୍ୟକ ।** ସ୍ୱଭାବତଃ ସରଳ, ଅଭ୍ୟାସତଃ ଜ୍ଞାନଲିପ୍ସୁ, ଆଚରଣତଃ ଅହିଂସ ବୌଦ୍ଧ ସାଧକମାନଙ୍କୁ ଏହି ପାଶୁପତ ଶୈବମାନେ ନିର୍ଯାତିତ ଓ ହତ୍ୟା କରୁଥିଲେ ।

ଏକାମ୍ର ପୁରାଣରେ ଉଲ୍ଲିଖିତ ଏକ ବର୍ଣ୍ଣନାରୁ ପାଶୁପତ ଶୈବମାନେ କିପରି ନିଷ୍ଠୁର ଭାବେ ବୌଦ୍ଧହନନ ଚଳାଇଥିଲେ ତହିଁର ସୂଚନା ମିଳେ । ତାହା ହେଲା ଯମ ଯେ କି ଯମେଶ୍ୱର ମନ୍ଦିର ସ୍ଥାପନ କରିଥିଲେ ସେ ସେହି ମନ୍ଦିର ନିକଟରେ ବାସ କରୁଥିବା ଜଣେ ପାଶୁପତାଚାର୍ଯ୍ୟଙ୍କୁ ଏକ ସୁରମ୍ୟ ମଠ ପ୍ରଦାନ କରିଥିଲେ । **ଯମ ହେଉଛନ୍ତି ମୃତ୍ୟୁଦାତା । ବୌଦ୍ଧହନନ ସହ ଏହି ଯମଙ୍କୁ ସଂଯୁକ୍ତ କରି, ପାଶୁପତ ଶୈବମାନଙ୍କ ନିଷ୍ଠୁରତାର ଆକଳନ କରାଯାଇ ପାରିବ ।** କୁରୁମ ଗ୍ରାମରୁ ଆବିଷ୍କୃତ ବୌଦ୍ଧକୀର୍ତ୍ତିର ଧ୍ୱଂସାବଶେଷରୁ ହେରୁକ ଓ ଧର୍ମ ପରି ବୁଦ୍ଧମୂର୍ତ୍ତି ସାଙ୍ଗକୁ ଏପରି ଏକ ମୂର୍ତ୍ତି ବି ବାହାରିଛି ଯାହା ସ୍ଥାନୀୟ ବିଶ୍ୱାସରେ ଯମଙ୍କର । ଓଡ୍ରଦେଶରେ କୁରୁମ ସ୍ତୁପ ଥିବାର ଯେଉଁ ଉଲ୍ଲେଖ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀରେ ସଂରକ୍ଷିତ ଥିବା ୧୦୧୫ ଖ୍ରୀଷ୍ଟାବ୍ଦର ୧୬୪୩ ସଂଖ୍ୟକ ସଚିତ୍ର ପୋଥିରେ ଦେଖିବାକୁ ମିଳେ ତାହା ଏହି କୁରୁମ ସହ ଚିହ୍ନିତ ହୋଇପାରେ ବୋଲି ମତ ଦେଇଛନ୍ତି କୋଣାର୍କ ପୁସ୍ତକର ରଚନାକାରୀ ଦେବଳା ମିତ୍ର । ଏଥିରୁ ଅନୁମାନ କରାଯାଇପାରେ ଯେ ଯେଉଁ **ପାଶୁପତ ଶୈବମାନେ ବୌଦ୍ଧସ୍ତୁପ ଧ୍ୱଂସ କରୁଥିଲେ ସେମାନେ ମଧ୍ୟ ଯମ ଭାବେ ପରିଗଣିତ ହେଉଥିଲେ । କୁରୁମସ୍ତୁପ ତଥା କୋଣାର୍କ ସେହିମାନେ ହିଁ ଧ୍ୱଂସ କରିଛନ୍ତି ଓ ଶ୍ରୀ ଜୟ ଦେବଙ୍କ ଜନ୍ମସ୍ଥାନ ସମୁଦ୍ର ସଂଲଗ୍ନ କେନ୍ଦୁବିଲ୍ୱକୁ ଧ୍ୱଂସ କରି ସେଠାରେ ବିଲ୍ୱେଶ୍ୱର ମନ୍ଦିର ଭିଆଇଛନ୍ତି ।** ସେ ଯାହାହେଉ, ଏହି ପାଶୁପତଶୈବମାନଙ୍କୁ ପୃଷ୍ଠପୋଷକତା ଯୋଗାଉଥିବା ବ୍ୟକ୍ତି ଯେ ନିଜକୁ ଯମ ଭାବେ ଜାହିର କରିପାରୁଥିଲେ ତାହା ହିଁ ପ୍ରଣିଧାନଯୋଗ୍ୟ ।

ତା ସତ୍ତ୍ୱେ ଓଡ଼ିଶାର ଜନଗଣ ବୌଦ୍ଧମାର୍ଗ ପରିତ୍ୟାଗ କରି ନ ଥିଲେ । ଅଷ୍ଟମ ଶତାବ୍ଦୀରେ, ଖ୍ରୀ.ଅ.୭୩୬ ଭୌମ ଶାସନ ଆରମ୍ଭ ବେଳକୁ ପାଶୁପତ ଶୈବମାନଙ୍କ ପ୍ରଭାବ ପ୍ରବଳ ଥିଲେ ମଧ୍ୟ ଅଚିରେ ବୌଦ୍ଧ-ଶୈବ-ସମନ୍ୱୟର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା । ଭୁବନେଶ୍ୱରର ମନ୍ଦିର ଗାତ୍ରମାନଙ୍କରେ *ଧର୍ମ-ପ୍ରବର୍ତ୍ତନ-ମୁଦ୍ରା*ରେ ପଦ୍ମାସୀନ ଲକୁଲୀଶ ବିଗ୍ରହର ବହୁଳତା ହିଁ ଏହାର ସୂଚନା ଦିଏ ।

## *ବୌଦ୍ଧତନ୍ତ୍ରର ଫଲ୍‌ଗୁ ଧାରା ତଥାପି ଥିଲା ଅବ୍ୟାହତ*

ପ୍ରଥମତଃ ଭୌମକାରମାନେ ଅତି ଦକ୍ଷତାର ସହିତ ଶୈବତତ୍ତ୍ୱ ସହ ଲୋକାୟତିକ ଓ କାପାଳିକ ଇତ୍ୟାଦି ବିଭିନ୍ନ ମତର ସମନ୍ୱୟ ଘଟାଇ ମାତୃପ୍ରାଧାନ୍ୟ-ବ୍ରତୀ ଶାକ୍ତ ମତାଦର୍ଶର ବିକାଶ ଘଟାଇଥିଲେ । ବିନ୍ଦୁ ସାଗରର ଚତୁର୍ପାର୍ଶ୍ୱରେ ପ୍ରତିଷ୍ଠିତ ଚାରିଗୋଟି ଶାକ୍ତ ମନ୍ଦିର ଏହାର ପ୍ରମାଣ । ମାତ୍ର ଏ ସବୁଥିର ଅନ୍ତର୍ନିହିତ ଫଲ୍‌ଗୁଧାରା ଭାବେ ଯେ ବୌଦ୍ଧତନ୍ତ୍ର ଅପ୍ରତିହତ ଥିଲା ତାହା ବୁଝାପଡେ ଭୁବନେଶ୍ୱରର ବୈତାଳ ଓ ଶିଶିରେଶ୍ୱର ମନ୍ଦିରରୁ । ଚାମୁଣ୍ଡା ପ୍ରଥମଟିର

orissamatters.com

ଅଧିଷ୍ଠାତ୍ରୀ ହୋଇଥିବା ବେଳେ ତହିଁରେ ଲକୁଳୀଶ, ବୀରଭଦ୍ର, ଭୈରବ ଓ ଅମୋଘସିଦ୍ଧି ଇତ୍ୟାଦି ବିଗ୍ରହଙ୍କ ଉପସ୍ଥିତି ଅନ୍ୟ ମତଧାରା ସହ ବୌଦ୍ଧବଜ୍ରଯାନର ଜୈତ୍ରମିଳନର ଦୃଶ୍ୟପଟ ସ୍ପଷ୍ଟ କରେ । ଦ୍ୱିତୀୟ ମନ୍ଦିରଟି ଶିବଙ୍କପାଇଁ ଅଭିପ୍ରେତ ହୋଇଥିଲେ ମଧ୍ୟ ତହିଁର ଗାତ୍ରରେ ବୌଦ୍ଧତନ୍ତ୍ରର ଅମୋଘସିଦ୍ଧି, ଅବଲୋକିତେଶ୍ୱର ପ୍ରଭୃତିଙ୍କୁ ଦେଖିବାକୁ ମିଳେ । ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧ ନିସୂଦନରେ ଲିପ୍ତ ଥିବା ଶୈବପ୍ରାଧାନ୍ୟକୁ ଅତି ଚତୁରତାର ସହ ତନ୍ତ୍ର-ସମନ୍ୱିତ କରି, ଅବଶେଷରେ ତାନ୍ତ୍ରିକ ଜୀବନ-ଧାରାକୁ ହିଁ ଅଗ୍ରପ୍ରାଧାନ୍ୟ ଦେଇଥିବା ଭୌମକାରମାନେ ବୌଦ୍ଧବଜ୍ରଯାନର ଅନୁରକ୍ତ ଥିବା ଇତିହାସ ବିଦିତ ।

ଏହି ବଂଶର ପ୍ରଥିତଯଶା ସାମ୍ରାଜ୍ଞୀ ତ୍ରିଭୁବନ ଦେବୀ (ପ୍ରଥମ)ଙ୍କୁ କରଦ-ଶାସନମୁଖ୍ୟମାନେ ସମ୍ମିଳିତ ଭାବେ ସିଂହାସନପାଇଁ ମନୋନିତ କରିଥିବା ଢେଙ୍କାନାଳ ଅଭିଲେଖରୁ ସ୍ପଷ୍ଟ ଜଣାପଡେ । (History of Orissa, K.C.Panigrahi, p.82) । ଓଡ଼ିଶା ଇତିହାସରେ ଏକ ଅବିସ୍ମରଣୀୟ ଅଧ୍ୟାୟର ଅଧିଷ୍ଠାତ୍ରୀ ଭାବେ ଚିର ସ୍ମରଣୀୟା ଏହି ସାମ୍ରାଜ୍ଞୀଙ୍କୁ କରଦ ଶାସନମୁଖ୍ୟମାନେ ନିର୍ବାଚିତ କରିଥିବା ଆକସ୍ମିକ ନ ଥିଲା । ପରନ୍ତୁ ଥିଲା ଭୌମକାରମାନଙ୍କ ଜୀବନାଦର୍ଶରେ ବୌଦ୍ଧତନ୍ତ୍ରାନୁମତ ମାତୃପ୍ରାଧାନ୍ୟର ଏକ ବିଜ୍ଞ ରୂପ । ୮୪୬ ଖ୍ରୀଷ୍ଟାବ୍ଦ ବେଳକୁ ସିଂହାସନାରୁଢ଼ା ହୋଇଥିବା ଏହି ସାମ୍ରାଜ୍ଞୀଙ୍କ ଅଣନାତି ଚତୁର୍ଥ ଶୁଭାକର ଦେବ ୮୮୧ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ମଧ୍ୟ ସ୍ୱଳ୍ପକାଳ ପରେ ନିଃସନ୍ତାନ ଅବସ୍ଥାରେ ତାଙ୍କର ଅକାଳ ମୃତ୍ୟୁ ଘଟିବାରୁ ରାଜଗାଦି ପାଇଁ ପୁରୁଷ ସଦସ୍ୟମାନଙ୍କ ଦାବୀ ପ୍ରତି ଅବଜ୍ଞା ପ୍ରଦର୍ଶନ କରି ଶୁଭକର ଦେବଙ୍କ ବିଧବା ରାଣୀ ପୃଥ୍ୱୀ ମହାଦେବୀ ୮୯୪ ଖ୍ରୀଷ୍ଟାବ୍ଦରେ କ୍ଷମତା ଧାରଣ କରିଥିଲେ ଓ ନିଜକୁ ଦ୍ୱିତୀୟ ତ୍ରିଭୁବନମହାଦେବୀ ଭାବେ ନାମିତ କରିଥିଲେ । ଉଲ୍ଲେଖନୀୟ ଯେ ପ୍ରଥମ ତ୍ରିଭୁବନ ମହାଦେବୀ ସିଂହାସନ ଆରୋହଣ କଲାବେଳେ ତାଙ୍କୁ ସେଥିପାଇଁ ନିର୍ବାଚିତ କରିଥିବା କରଦ ଶାସନମୁଖ୍ୟମାନେ ତଦ୍ଦ୍ୱାରା ଦେବୀ ଗୋସ୍ୱାମିନୀଙ୍କ ପରଂପରା ପ୍ରତି ସମ୍ମାନ ଦେଇଥିବା ସୂଚାଇଦେଇଥିଲେ । ଏହି ଦେବୀ ଗୋସ୍ୱାମିନୀଙ୍କ ସବିଶେଷ ପରିଚୟ ଏପର୍ଯ୍ୟନ୍ତ ବାସ୍ତବତଃ ଆବିଷ୍କୃତ ନ ହୋଇଥିଲେ ମଧ୍ୟ ଏହାଙ୍କୁ ମାତୃଶକ୍ତିର ରୂପକଳ୍ପ ଭାବେ ନିଆଯାଇପାରେ । ବୌଦ୍ଧତନ୍ତ୍ର ସମସ୍ତ ଶକ୍ତିର ଅଧିକାରିଣୀ ଭାବେ ମାତୃଶକ୍ତିକୁ ହିଁ ଗ୍ରହଣ କରିଛି । ଭୌମ ସାମ୍ରାଜ୍ୟରେ ପୃଥ୍ୱୀ ମହାଦେବୀଙ୍କ ପରେ ମଧ୍ୟ ଏହି ମାତୃପ୍ରାଧାନ୍ୟ ବହୁବାର ପ୍ରତିଫଳିତ ହୋଇଥିଲା । ଉଦାହରଣ ସ୍ୱରୂପ ତାଙ୍କ ଦେବର ତୃତୀୟ ଶିବକର ଦେବଙ୍କ ଦ୍ୱିତୀୟ ପୁତ୍ର ପଞ୍ଚମ ଶୁଭକର ଦେବଙ୍କ ପତ୍ନୀ ଗୌରୀ ମହାଦେବୀ ସିଂହାସନ ଆରୋହଣ କରିଥିଲେ । ଗୌରୀଙ୍କ ପରେ ତଦୀୟା କନ୍ୟା ଦଣ୍ଡୀ ମହାଦେବୀ ୯୧୬ ଖ୍ରୀଷ୍ଟାବ୍ଦରେ ସାମ୍ରାଜ୍ଞୀ ହୋଇଥିବା ବେଳେ ତାଙ୍କ ପରେ ତାଙ୍କ ବିମାତା (ପଞ୍ଚମ ଶୁଭକର ଦେବଙ୍କ ପ୍ରଥମ ପତ୍ନୀ) ବକୁଳ ମହାଦେବୀ ଭୌମ ସାମ୍ରାଜ୍ୟର ଶାସନ ଭାର ସମ୍ଭାଳିଥିଲେ । ବକୁଳଙ୍କ ପରେ ତାଙ୍କ ବଡ ଯାଆ ଅର୍ଥାତ୍ ତୃତୀୟ ଶାନ୍ତିକର

orissamatters.com

ଦେବଙ୍କ ଧର୍ମପତ୍ନୀ ଧର୍ମ ମହାଦେବୀ ସିଂହାସନ ଆରୋହଣ କରିଥିଲେ । ଏହି ଧର୍ମ ମହାଦେବୀ ହିଁ ଥିଲେ ଭୌମ ସାମ୍ରାଜ୍ୟର ଶେଷ ସାମ୍ରାଜ୍ଞୀ ।

ଜଣେ ମହିଳା ଶାସନକର୍ତ୍ତ୍ରୀ ହେବା ଏବଂ ତାଙ୍କ ପରେ କୌଣସି ପରବର୍ତ୍ତୀ ପୁରୁଷ ବଂଶଧରଙ୍କ ହାତକୁ ସିଂହାସନ ନ ଯାଇ ପୂର୍ବବର୍ତ୍ତୀ ପୀଢ଼ିର ଅନ୍ୟ ଜଣେ ମହିଳାଙ୍କୁ ରାଜ୍ୟଭାର ଅର୍ପିତ ହେବା ଏବଂ ପୁନଶ୍ଚ ତାଙ୍କ ପରେ ତାଙ୍କଠାରୁ ପ୍ରାଚୀନତର ଅନ୍ୟ ଜଣେ ମହିଳା ସିଂହାସନ ଦଖଲ କରିବା ଘଟଣାରୁ ଏହାହିଁ ଅକ୍ଳେଶ ଅନୁମେୟ ଯେ ଭୌମ ସାମ୍ରାଜ୍ୟର ଶେଷ ଭାଗରେ ଓଡ଼ିଶାରେ ମାତୃପ୍ରାଧାନ୍ୟ ପ୍ରତି ବାଧା ଉପୁଜୁଥିଲା ଓ ସେଥିପାଇଁ ମାତୃପ୍ରାଧାନ୍ୟ ଅନୁବର୍ତ୍ତୀ ଭୌମମାନେ ବାରମ୍ବାର ସାମ୍ରାଜ୍ଞୀମାନଙ୍କ ହାତରେ ହିଁ ସିଂହାସନ ଅର୍ପଣ କରି ନିଜ ପରଂପରା ଓ ଜୀବନାଦର୍ଶ ଅକ୍ଷୁର୍ଣ୍ଣ ରଖିବାକୁ ଉଦ୍ୟମ କରିଥିଲେ ।

ଭୌମ ସାମ୍ରାଜ୍ୟ ଯେ ବ୍ରାହ୍ମଣ୍ୟବାଦୀମାନଙ୍କ ସହ ଦାର୍ଶନିକ ମତଭେଦ ହେତୁ କ୍ରମାଗତ ସଂଘର୍ଷର ସମ୍ମୁଖୀନ ହେଉଥିଲା ତାହା ଅନ୍ଦାଜ କରିହେଉଛି ଇତିହାସର ଗତିଧାରାରୁ । କେତେକଙ୍କ ମତରେ ଭୌମ ସାମ୍ରାଜ୍ୟର ଅଧିପତିମାନେ ମୌଳିକତଃ ବୁଦ୍ଧାନୁଗତ ହୋଇଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଶୈବ ଧର୍ମର ବିକାଶ ପଥରେ ସେମାନେ ଅନ୍ତରାୟ ହୋଇ ନ ଥିଲେ । ବୁଦ୍ଧାନୁଗତ ସମ୍ରାଟ ଶୁଭକର ଦେବ-୧ଙ୍କ ପତ୍ନୀ ମାଧବୀ ଦେବୀ ମାଧବେଶ୍ୱର ଶିବଙ୍କ ମନ୍ଦିର ନିର୍ମାଣ କରାଇ ସେଠାରେ ପୂଜାର୍ଚ୍ଚନାପାଇଁ ଜଣେ ଶୈବାଚାର୍ଯ୍ୟଙ୍କୁ ନିଯୁକ୍ତ କରିଥିବା ବେଳେ ଶୁଭକର ଦେବ-୪ ଏହି ବଂଶର ପ୍ରଥମ ଶୈବମତ ସମର୍ଥକ ସମ୍ରାଟ ଭାବେ *ପରମ ମାହେଶ୍ୱର* ଉପାଧି ଧାରଣ କରିଥିଲେ ।(Sidelines on History and Culture of Orissa, Ed.M.N.Das, pp.339-40) ଏହି ତଥ୍ୟ ମୋର ଉପରୋକ୍ତ ମତକୁ ସମର୍ଥନ କରେ । ଏବଂ ଏଥିରୁ ଏହା ହିଁ ସ୍ପଷ୍ଟ ହୁଏ ଯେ ଆଦର୍ଶଗତ ଅନ୍ତର୍ଦ୍ୱନ୍ଦ୍ୱର ସଂଘାତରେ କ୍ରମେ ଦୋଦୁଲ୍ୟମାନ ହୋଇଉଠୁଥିବା ଭୌମ ସାମ୍ରାଜ୍ୟ ନିଜର ମାତୃରାଧିକାର ଦ୍ୟୋତକ ବୌଦ୍ଧ ବୈଶିଷ୍ଟ୍ୟ ସାମ୍ରଜ୍ଞୀ ଧର୍ମ ମହାଦେବୀଙ୍କ ପର୍ଯ୍ୟନ୍ତ ଚଳାଇ ରଖିଥିଲା । ଏହା ପରେ ଏଥିରେ ଅନ୍ତର୍ବିବାଦ ସଞ୍ଚାର କରାଇଥିବା ସୋମବଂଶୀମାନେ ଏହି ସାମ୍ରାଜ୍ୟକୁ ଦଖଲ କରିନେଇଥିଲେ ।

ପାଖାପାଖି ୯୪୫ ଖ୍ରୀଷ୍ଟାବ୍ଦ ବେଳକୁ ଭୌମ ସାମ୍ରାଜ୍ୟ ଉପରେ ସୋମବଂଶୀଙ୍କ ଅଧିକାର ସଂପୂର୍ଣ୍ଣ ହୋଇଯାଇଥିଲା । ଭୌମ ଯୁଗରେ ବିସ୍ତୃତି ଲାଭ କରିଥିବା ବୌଦ୍ଧ ବଜ୍ରଯାନ ଶୈବତନ୍ତ୍ରର ପ୍ରବାହ ଭିତରେ ଆପାତତଃ ଅତୁଟ ଥିବା ବେଳେ ସୋମବଂଶୀ ଶାସନରେ ଶିବଲିଙ୍ଗର ଉପାସନା ପ୍ରାଧାନ୍ୟ ଅର୍ଜନ କରିଥିବା ଉଲ୍ଲେଖନୀୟ । ଘୋର ବୌଦ୍ଧବିରୋଧୀ ପାଶୁପତଶୈବମାନେ ସୋମବଂଶୀ ସାମ୍ରାଜ୍ୟରେ ସକ୍ରିୟ ଥିଲେ । (B.K.Rath, Cultural History of Orissa, p.163) ଫଳରେ ବୌଦ୍ଧମାନେ, ବିଶେଷତଃ , ବଜ୍ରଯାନର ଅନୁବର୍ତ୍ତୀମାନେ ଅତ୍ୟନ୍ତ ସତର୍କ ଚତୁରତାର ସହ *ଶକ୍ତି* ସଲଗ୍ନ *ଲିଙ୍ଗ* ପୂଜା ମାଧ୍ୟମରେ ନିଜ

orissamatters.com

ଜୀବନାଦର୍ଶର ସାର୍ବଜନୀନ ପ୍ରତିଫଳନ ଘଟାଇଥିଲେ । ବଜ୍ରଯାନ ବୁଦ୍ଧଙ୍କର ତିନି ପାରଂପରିକ ସତ୍ତାର ଭିତ୍ତି ଉପରେ ବଜ୍ରସତ୍ତ୍ୱର ନିର୍ଯାସ ଭାବେ ଯେଉଁ *ଚତୁର୍ଥ ସତ୍ତା*ର ନିରୂପଣ କରିଥିଲା ତାହା ହିଁ ଥିଲା *ଆନନ୍ଦ* ସ୍ୱରୂପ *ବଜ୍ର* ଯହିଁର ପ୍ରତୀକ ଥିଲା *ଲିଙ୍ଗ* । *ଶକ୍ତି* ସ୍ୱରୂପିଣୀ ତାରା ବା ଭଗବତୀଙ୍କ ସହ ଏହି *ଲିଙ୍ଗ* ରୂପୀ ନିତ୍ୟ ତଥାଗତଙ୍କ ନିରବଚ୍ଛିନ୍ନ ମିଳନ ପ୍ରେକ୍ଷାପଟରେ ବଜ୍ରଯାନ ଦେଇ ଚାଲି ଥିଲା କାମନାର ପରିପୂର୍ତ୍ତି ଦ୍ୱାରା କାମନା ବିନାଶର ଦିଗ୍‌ଦର୍ଶନ । (Encyclopaedia of Religions and Ethics, Vol.XII, p.186) ଏବଂ ଏହିଥିରେ ହିଁ ଥିଲା ଶକ୍ତି ବା ମାତୃଶକ୍ତିର ଚିରନ୍ତନୀ ସର୍ଜନାତ୍ମିକ ବୈଶିଷ୍ଟ୍ୟର ଆଭାସ ।

**ଭୌମକାରମାନଙ୍କ ଶାସନ ସମୟରେ ଶାକ୍ତ ଦର୍ଶନ ଓଡିଶାରେ ଯେ ଅତ୍ୟନ୍ତ ଜନପ୍ରିୟ ହୋଇଉଠିଥିଲା ତାର ମୂଳ କାରଣ ଥିଲା ସେମାନଙ୍କ ମାତୃପ୍ରଧାନ ସାମାଜିକ ଶୈଳୀ ଓ କାମବଜ୍ରଯାନୀୟ ଜୀବନଚର୍ଯ୍ୟା** । ବସ୍ତୁତଃ ଏହି କାଳରେ ତଥାଗତଙ୍କ ଶକ୍ତି ସ୍ୱରୂପିଣୀ ତାରା ଓଡିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ରୂପେ ପୂଜାପାଇବା ଆରମ୍ଭ କରିଥିଲେ ।ଯଥା- ବାଣପୁରରେ ଖଦିରବଣୀ ତାରା, ବାଣେଶ୍ୱରନାସୀର ପ୍ରଜ୍ଞାପାରମିତା, ରତ୍ନଗିରିର ତାରା ହାରିତୀ, ଖିଚିଂର ତାରା, ପ୍ରାଚୀ ଅବବାହିକାର ତୁରିନ୍ତାରା ଇତ୍ୟାଦି । ଅଷ୍ଟବାହୁସଂପନ୍ନା ମହିଷମର୍ଦ୍ଦିନୀ ଦୁର୍ଗା ଏହି ସମୟରେ ଜନପ୍ରିୟ ହୋଇଉଠିଥିବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । କଟକର କୁଣ୍ଡେଶ୍ୱର ଓ ଭୁବନେଶ୍ୱରର ବୈତାଳ ମନ୍ଦିରରେ ଥିବା ଅଷ୍ଟଭୁଜା ଦୁର୍ଗାଙ୍କୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ । ମାନବ ଶରୀର ସତ୍ତ୍ୱେ ଏକ ମହିଷର ମସ୍ତକ ଧାରଣ କରିଥିବା ଦାନବକୁ ଦମନ କରୁଥିବା ଏହି *ଅଷ୍ଟଭୁଜା ଦୁର୍ଗା* ବସ୍ତୁତଃ ପାଶବିକ ପ୍ରବୃତ୍ତି ଉପରେ ବୁଦ୍ଧ ଦେବଙ୍କ ପ୍ରଦର୍ଶିତ *ଅଷ୍ଟମାର୍ଗ* ମାଧ୍ୟମରେ ବିଜୟ ହାସଲ କରିବାର ପ୍ରତୀକ ଭାବେ ବିବେଚ୍ୟ । ଭିନ୍ନ ଭାବେ କହିଲେ, **ମାତୃପ୍ରଧାନ ଭୌମକାରମାନେ ଏହିପରି ଶାକ୍ତ ଶୈଳୀରେ ବୌଦ୍ଧଦର୍ଶନର କ୍ରିୟାଶୀଳତା ଅକ୍ଷୁଣ୍ଣ ରଖିଥିଲେ । ଅପରପକ୍ଷେ ବ୍ରାହ୍ମଣ୍ୟଧର୍ମର ପୁରୁଷପ୍ରଧାନ ସମାଜ ବ୍ୟବସ୍ଥା ଯେଉଁ ସବୁ ଦେବମାନଙ୍କୁ ସୃଷ୍ଟି କରିଥିଲା ଭୌମକାରମାନେ ସେମାନଙ୍କୁ ଶକ୍ତିନିର୍ଭରଶୀଳ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ । ଏପରିକି ବ୍ରାହ୍ମଣ୍ୟବାଦର ପ୍ରଚଣ୍ଡ ସଂରକ୍ଷକ ପର୍ଶୁରାମଙ୍କ ରକ୍ଷାକବଚ ଭାବେ ସପ୍ତମାତୃକାଙ୍କୁ ସ୍ଥାନୀତ କରିଥିଲେ ।** ପର୍ଶୁରାମେଶ୍ୱର ମନ୍ଦିରର ଉତ୍ତରପଟ କାନ୍ଥରେ ଥିବା ଓଡ଼ିଶାର ପ୍ରାଚୀନତମ ସପ୍ତମାତୃକା ମୂର୍ତ୍ତିମାଳା ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର ବୋଲି କେ.ସି.ପାଣିଗ୍ରାହୀ (Archaeological Remains at Bhubaneswar,p.135) ନିରୂପଣ କରିଥିଲେ ମଧ୍ୟ ତାହା ଅଷ୍ଟମ ଶତାବ୍ଦୀର ଭୌମ କୀର୍ତ୍ତି ହୋଇଥିବା ଅଧିକ ବିଶ୍ୱାସଯୋଗ୍ୟ । କାରଣ ପୁରୁଷପ୍ରାଧାନ୍ୟର ପ୍ରମୂର୍ତ୍ତ ଉଦ୍‌ଘୋଷଣ ଭାବେ ଯେଉଁ ପର୍ଶୁରାମଙ୍କୁ ବିଚାର କରାଯାଏ, ଯେ କି ପୁରୁଷପ୍ରାଧାନ୍ୟର ଉତ୍କର୍ଷତା ପ୍ରତିପାଦନ ପାଇଁ ନିଜ ଜନ୍ମଦାତ୍ରୀ ଜନନୀର ଶିରଚ୍ଛେଦ କରିଥିବା କିମ୍ବଦନ୍ତୀ ଏ ଯାଏଁ ଜୀବିତ, ସେହି ପର୍ଶୁରାମଙ୍କ ସଂପୃକ୍ତି ଥିବା ମନ୍ଦିର ଗାତ୍ରରେ ମାତୃପ୍ରାଧାନ୍ୟର ଜୟଘୋଷକାରୀ ସପ୍ତମାତୃକା ସ୍ଥାନିତ କରି ମାତୃଶକ୍ତିର

orissamatters.com

ମାନ୍ୟତା ଏବଂ ସାମାଜିକ ଜୀବନ ଜିଜ୍ଞାସାରେ ବଜ୍ରଯାନୀୟ ପ୍ରଭାବ ପ୍ରତି ଭୌମକାରମାନେ ହିଁ ନିଜର ଅଙ୍ଗୀକାରବଦ୍ଧତା ପ୍ରକଟିତ କରିଥିବା ଅଧିକ ସମ୍ଭବ ।

ବସ୍ତୁତଃ ଭୌମକାରମାନେ ସାମ୍ରାଜ୍ୟାଧିପତି ହୋଇ ପାରିଥିବା ସତ୍ତ୍ୱେ ଦାର୍ଶନିକ ସ୍ତରରେ ବ୍ରାହ୍ମଣ୍ୟବାଦର ପ୍ରତିରୋଧକାରୀ ଥିଲେ । ବ୍ରାହ୍ମଣ୍ୟବାଦ *ବୀଜ ପ୍ରଧାନ* ସମାଜତତ୍ତ୍ୱର ବାହକ ହୋଇଥିବା ବେଳେ ଭୌମକାରମାନେ ଥିଲେ *କ୍ଷେତ୍ର ପ୍ରଧାନ* ସମାଜର ସମର୍ଥକ । ଏହି ସମାଜ କୃଷିକୈନ୍ଦ୍ରିକ ମାତୁରାଧିକାରକୁ ଆଧାର କରି ଚାଲିଥିଲା । ମାତୃଶକ୍ତିର ସ୍ଥୁଳରୂପ ଥିଲା ଯେପରି ନାରୀ, ସେପରି ଥିଲା କ୍ଷେତ୍ର ବା ଭୂମି । ନାରୀ ଯେପରି ମଣିଷ ସୃଷ୍ଟି କରେ ଭୂମି ସେପରି ଫସଲ ସୃଷ୍ଟି କରେ । ମଣିଷ ସମେତ ସମସ୍ତ ଇତର ପ୍ରାଣୀ ଯେପରି ଭୂମିଷ୍ଠ ହୁଅନ୍ତି ସେପରି ଭୂଲୀନ ହୁଅନ୍ତି । ଭୂମି ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଆଧାର । ଭୂମି ଅଜା, ଅବିନଶ୍ୱର । ଭୂମି ସତ୍ୟ, ଭୂମି ଶାଶ୍ୱତ । ଭୂମିକୁ ଆଶ୍ରୟ କରି ଯେପରି ସୃଷ୍ଟି ହୁଏ, ଭୂମିକୁ ମାଧ୍ୟମ କରି ସେପରି ସୃଷ୍ଟି ବି ନାଶ ଯାଏ । ଜୀବନ ଜିଜ୍ଞାସାର ସବୁ ଉତ୍ତର ଉପଲବ୍ଧ ହୁଏ ଭୂମିରୁ । ଯେଉଁମାନେ ଏହି ଭୂମିତତ୍ତ୍ୱ ପ୍ରଚୋଦିତ କରୁଥିଲେ, ଭୂମିର ମହତ୍ତ୍ୱ ସାବ୍ୟସ୍ତ କରୁଥିଲେ, ସେହିମାନେ ବିଦିତ ହୋଇଥିଲେ ଭୌମକାର ଭାବେ । ଏବଂ, ସେହେତୁ, ଆଦର୍ଶତଃ ସେମାନେ ଥିଲେ ବ୍ରାହ୍ମଣ୍ୟବାଦର ଘୋର ପ୍ରତିରୋଧକାରୀ, ସ୍ୱଭାବତଃ ଥିଲେ ବୌଦ୍ଧ ବଜ୍ରଯାନର ଅନୁବର୍ତ୍ତୀ ।

ବୌଦ୍ଧ ବଜ୍ରଯାନ ଓଡ଼ିଶାର କୃଷିଜୀବୀ ଜନସମାଜର ଆଦର୍ଶଗତ ନିୟାମକ ହୋଇଥିବା ହେତୁ ଭୌମ ସାମ୍ରାଜ୍ୟରେ ଓଡିଆ କୃଷକର ନିଜସ୍ୱ ଭାଷାରୁ ଅନେକ ଶବ୍ଦ ପ୍ରଶାସନିକ ସ୍ତରରେ ବ୍ୟବହୃତ ହେଉଥିଲା । ଶୁଭକର ଦେବଙ୍କ ହିନ୍ଦୋଳ ଉଦ୍‌ଘୋଷଣ ଓ ଶିବକର ଦେବଙ୍କ ତାଳଚେର ଉଦ୍‌ଘୋଷଣରେ ଥିବା ଯୋତ, ଗୋହୀରି, ଖଟ, ବାଘ, ଖେତ, ବିଲ, ପୋଲ ଇତ୍ୟାଦି ଓଡ଼ିଆ ଶବ୍ଦଗୁଡ଼ିକୁ (Dr.Amiya Kumar Mohanty, State and Government in Ancient Orissa, p.295) ତହିଁର ଦୃଷ୍ଟାନ୍ତ ଭାବେ ନିଆଯାଇପାରେ । ପୃଥ୍ୱୀ ମହାଦେବୀଙ୍କ ବଉଦ ଉଦ୍‌ଘୋଷଣରୁ ସ୍ପଷ୍ଟ ହୋଇଯାଇଛି ଯେ ଭୌମ ସମ୍ରାଟ ଶୁଭକର ଦେବ-୧ ଅନେକ ବୌଦ୍ଧ ବିହାର ଓ ନ୍ୟାସସ୍ଥଳ ନିର୍ମାଣ କରିଥିଲେ । (Epigraphia Indica Vol. xxix, p.210) । ଯେହେତୁ ବୌଦ୍ଧ ଦର୍ଶନ ଥିଲା କୃଷିକୈନ୍ଦ୍ରିକ ସମାଜର ବାସ୍ତବାଭିମୁଖୀ ଜୀବନଚର୍ଯାର ଦାର୍ଶନିକ ନାମ, ସେହେତୁ ଭୌମକାରମାନେ ସ୍ୱଭାବତଃ ଏହି ଦର୍ଶନର ଅନୁଗାମୀ ଥିଲେ ଏବଂ ଏପରି ରହି, ଏହି ଦର୍ଶନକୁ ସେମାନେ ଏପରି ସର୍ବବ୍ୟାପୀ କରାଇପାରିଥିଲେ ଯେ, ବ୍ରାହ୍ମଣ୍ୟବାଦର ବାହକ ଭୂମିକା ନେଇ ଓଡିଶାର ଶାସନ ରଜ୍ଜୁ ହାତକୁ ନେଇଥିବା ସୋମବଂଶୀମାନେ ମଧ୍ୟ ଏହି ଦର୍ଶନର ବିଲୋପନ କରିପାରି ନ ଥିଲେ । ଡଃ ବିଜୟ କୁମାର ରଥ (Cultural History of Orissa, p.159) ସୋମବଂଶୀମାନଙ୍କ ଧର୍ମନିରପେକ୍ଷତା ହେତୁ, ବ୍ରାହ୍ମଣ୍ୟବାଦ ପ୍ରତି ସେମାନଙ୍କ ଅନୁରକ୍ତି ସତ୍ତ୍ୱେ, ବୌଦ୍ଧମାନେ ସେମାନଙ୍କ ଦର୍ଶନତତ୍ତ୍ୱର ସ୍ୱଚ୍ଛନ୍ଦ ପ୍ରଚାର କରିପାରୁଥିଲେ ବୋଲି ଯାହା କହିଛନ୍ତି ତାହା ଗ୍ରହଣୀୟ

orissamatters.com

ନୁହେଁ । ବୌଦ୍ଧମତାବଲମ୍ବୀମାନଙ୍କ ଉପରେ ଯଥେଚ୍ଛା ଅତ୍ୟାଚାର ଚଳାଇଥିବା ପାଶୁପତ ଶୈବମାନଙ୍କ ଆଚରଣ ଅବ୍ୟାହତ ଥିବାର ଚିତ୍ର ତାଙ୍କରି ପୁସ୍ତକରୁ ବି ମିଳେ (ଏସ୍ଥ, ପୃ.୧୬୩) । ଏଥିରୁ ଏହା ହିଁ ସାବ୍ୟସ୍ତ ହୁଏ ଯେ, **ବୌଦ୍ଧମାନଙ୍କୁ ପରାଭବ ଦେବା ବ୍ୟାପାରରେ ରାଜ୍ୟ ଶାସନ ହସ୍ତକ୍ଷେପ କରୁ ନ ଥିଲା** । ଅତଏବ ସୋମବଂଶୀ ଶାସନ ଧର୍ମ ନିରପେକ୍ଷ ନ ଥିଲା । ସେମାନଙ୍କ ଅଧୀନରେ ହିନ୍ଦୁ ଶୈବବାଦ ରାଷ୍ଟ୍ରଧର୍ମ ଭାବେ ବିକଶିତ ହୋଇଥିଲା । ବୁଦ୍ଧଙ୍କ ଜନ୍ମାଞ୍ଚଳ (TheReal Birthplace of Buddha, Chakradhar Mohapatra) ଭୁବନେଶ୍ୱର ରୂପାନ୍ତରିତ ହୋଇଯାଇଥିଲା ଶୈବପୀଠରେ । ମୁକ୍ତେଶ୍ୱର, ଇନ୍ଦ୍ରେଶ୍ୱର, ବ୍ରହ୍ମେଶ୍ୱର ଓ ଲିଙ୍ଗେଶ୍ୱର ବା ଲିଙ୍ଗରାଜ ମନ୍ଦିର ସାଙ୍ଗକୁ ଶହ ଶହ ଶିବ ମନ୍ଦିର ଭୁବନେଶ୍ୱରରେ ସ୍ଥାପନକରାଯାଇଥିବା ବେଳେ **ବୁଦ୍ଧଙ୍କ ନିଜ ଗାଁ କପିଳବାସ୍ତୁରେ କପିଳେଶ୍ୱର ମନ୍ଦିର ବି ଗଢା ହୋଇଥିଲା ଯହିଁରୁ କେତେକରେ ବୌଦ୍ଧସ୍ତମ୍ଭକୁ ଭାଙ୍ଗି ଶିବଲିଙ୍ଗ କରାଯାଇଥିଲା ଓ ବୌଦ୍ଧ ବଜ୍ରଯାନ ପ୍ରବର୍ତ୍ତିତ ମୈଥୁନ ତତ୍ତ୍ୱକୁ ଶୈବାୟିତ କରି ବଜ୍ରଯାନର ସମର୍ଥକମାନଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟିପାଇଁ ଉଦ୍ୟମ ହୋଇଥିଲା** । ଏବଂ ସମତାଳରେ ପାଶୁପତ ଶୈବମାନଙ୍କୁ ସ୍ୱାଛନ୍ଦ୍ୟ ଯୋଗାଇଦେଇ ବୌଦ୍ଧମାନଙ୍କ ଉପରେ ବ୍ରାହ୍ମଣ୍ୟବାଦୀମାନେ ଚଳାଇଥିବା ଅତ୍ୟାଚାର ପ୍ରତି ରାଷ୍ଟ୍ରଶକ୍ତି ଆଖି ବୁଜିଦେଉଥିଲା ।

କୁର୍ମପାଟକପୁରର ୭୫୨ ବୌଦ୍ଧଙ୍କୁ ସେମାନେ କିପରି ହତ୍ୟାକରି ଛିନ୍ନଛତ୍ର କରିଦେଇଥିଲେ ଏବଂ ସେହିମାନଙ୍କ ହେତୁ କିପରି ଚୌରାଅଶୀ ସିଦ୍ଧାଚାର୍ଯ୍ୟ ସ୍ୱଧାମ ଛାଡି ଆତ୍ମଗୋପନ କରିଥିଲେ ତାହାର ସୂଚନା ଏଥିପୂର୍ବରୁ ମୁଁ ଦେଇ ସାରିଛି ।

ଡଃ ରଥଙ୍କ ଭାଷାରେ ସୋମବଂଶୀ ରାଜାମାନେ ଅଧିକାଂଶତଃ ଥିଲେ ବ୍ରାହ୍ମଣ୍ୟବାଦୀ । (Cultural History of Orissa, p. 159) । ଇନ୍ଦ୍ରଭୁତି ଓ ଚୌରାଅଶୀ ସିଦ୍ଧାଚାର୍ଯ୍ୟଙ୍କ ସଂପୂଜିତ ବୁଦ୍ଧଜଗନ୍ନାଥଙ୍କୁ ମୂଳ ପୂଜାସ୍ଥଳରୁ ଉତ୍‌ଖାତ କରି ପୁରୀରେ ଏକ ନୂଆ ମନ୍ଦିର ତୋଳି ସେଠି ବ୍ରାହ୍ମଣ୍ୟବାଦୀଙ୍କୁ ସୁହାଇବା ଶୈଳୀରେ ହିନ୍ଦୁ ବିଗ୍ରହ ଭାବେ ସଂସ୍ଥିତ କରିବାକୁ ଏମାନେ ଚେଷ୍ଟା କରିଥିବା ଇତିହାସ ପରୋକ୍ଷରେ ସ୍ୱୀକାର କରିଛି । ଅଥଚ ଶେଷରେ ସେହି ବ୍ରାହ୍ମଣ୍ୟବାଦୀମାନଙ୍କ ଚକ୍ରାନ୍ତ ଫଳରେ ଓଡିଶାରୁ ସୋମବଂଶୀ ଶାସନର ଅବସାନ ଘଟିଥିଲା । କାରଣ ପାଶୁପତ ଶୈବମାନଙ୍କୁ ବୌଦ୍ଧମାନଙ୍କ ଉପରେ ଅତ୍ୟାଚାର କରିବାରୁ ନିବୃତ୍ତ କରୁ ନ ଥିଲେ ମଧ୍ୟ ବୌଦ୍ଧଧର୍ମର ବିଲୋପିକରଣପାଇଁ ସୋମବଂଶୀମାନେ ସମର୍ଥ ହୋଇ ନ ଥିଲେ ।

## ଅବ୍ରାହ୍ମଣ ଓଡ଼ିଆର ଘରେ ଘରେ ବୁଦ୍ଧ

ଏଥିପାଇଁ ସେମାନେ ସମର୍ଥ ନ ହେବା ଅସ୍ୱାଭାବିକ ମଧ୍ୟ ନ ଥିଲା । ବଜ୍ରଯାନର ସୂକ୍ଷ୍ମଧାରା ଓଡ଼ିଶାର କୃଷିଜୀବୀ ଜନଜାତିଗଡ଼ିକ ମଧ୍ୟରେ ଅବ୍ୟାହତ ରହିଥିଲା । ସୋମବଂଶୀଙ୍କ ଅଧୀନରେ ରାଷ୍ଟ୍ରଶକ୍ତି ବୌଦ୍ଧ ନିର୍ଯାତନାରେ ଯେତେ ଯେତେ ବ୍ୟବହୃତ ହେଉଥିଲା **ଓଡ଼ିଶାର ଅବ୍ରାହ୍ମଣ ପ୍ରଜା ନିଜ ନିଜ ଭିତରେ ନିଜ ନିଜ ଶୈଳୀରେ ସେତେ ସେତେ**

orissamatters.com

**ସଂଗୋପନରେ ବୁଦ୍ଧାନୁସରଣ ଅକ୍ଷୁଣ୍ଣ ରଖୁଥିଲେ । ପ୍ରତ୍ୟେକ ବ୍ରାହ୍ମଣେତର ଓଡ଼ିଆ ଘରଣୀ ତାର ହାଣ୍ଡିଶାଳର ଉତ୍ତର-ପୂର୍ବ କୋଣରେ ବୌଦ୍ଧସ୍ତୁପ ଅନୁକୃତିରେ ମାଟିର ଏକ ଏକ ସ୍ତୁପ ନିର୍ମାଣ କରି ସାନ୍ଧ୍ୟ ଆଳତି ଦେଉଥିଲା । ବଡ଼ବଡୁଆ (ଓଡ଼ିଶାର ସବୁଠୁ ବଡ଼ ଦାର୍ଶନିକ ବୁଦ୍ଧ) ଏହି ମାଟିସ୍ତୁପ ଭିତରେ ପ୍ରତି ନିରୋଳା ଓଡିଆ ଘରେ ସଂଗୋପନରେ ଅଥଚ ସଚେତନ ସ୍ତରରେ ପୂଜା ପାଉଥିଲେ ।** ଏବେ ଏହି ଚେତନା ସ୍ତର କାଳର କ୍ଷୟକାରୀ ପ୍ରଭାବରେ ଭୁଶୁଡିଯାଇଛି । ତଥାପି ମଧ୍ୟ ବଡ଼ବଡୁଆ ପୂଜା ପାଉଛନ୍ତି ବ୍ରାହ୍ମଣେତର ଗ୍ରାମ୍ୟ ଓଡ଼ିଆର ହାଣ୍ଡିଶାଳରେ, **ରଙ୍ଗମାଟିଲେପା ମାଟିସ୍ତୁପ**ରେ । ପ୍ରତ୍ୟହ, ନିୟମିତ । ତାଙ୍କରି ଅନୁମତି ନେଇ ଅବ୍ରାହ୍ମଣ ଓଡ଼ିଆ ଘରେ ଏବେ ବି ଅନୁଷ୍ଠିତ ହେଉଛି ବିବାହ ଉତ୍ସବ । **ଘରକୁ ନୂଆ ବୋହୁ ଆସିଲେ ସେଇଠି ଯାଇ ପ୍ରଥମେ ଜାଳୁଛି ଦୀପ, ଅର୍ପଣ କରୁଛି ତଣ୍ଡୁଳାଞ୍ଜଳି । ଅର୍ପଣ କରୁଛି ସଂସାରୀ ଜୀବନର ପ୍ରଥମ ଭିକ୍ଷା ।** ଓଡ଼ିଶାର ନିଜସ୍ୱ ଦର୍ଶନ - ବୌଦ୍ଧ ଦର୍ଶନ - ଏହିପରି ଭାବେ ଏବେ ବି ପ୍ରତି ନିରୋଳା ଓଡ଼ିଆ ଘରେ, ଅଜ୍ଞାତରେ ହେଉପଛେ , ଅନୁସୃତ ହୋଇଚାଲିଛି । କିନ୍ତୁ ସେବେ ସଜ୍ଞାନରେ ଏହା ହେଉଥିଲା ।

**ଓଡ଼ିଶାର ପୁର ପଲ୍ଲୀରେ ବ୍ରାହ୍ମଣେତର ସମସ୍ତ ଓଡ଼ିଆଙ୍କ ପରିବାରରେ ବୁଦ୍ଧ ଏହିପରି ଭାବେ ସଂପୂଜିତ ହୋଇଚାଲିଥିବା ହେତୁ ବୌଦ୍ଧ ବିରୋଧୀ ସୋମବଂଶୀମାନେ ବ୍ରାହ୍ମଣ୍ୟବାଦକୁ ଆଶାନୁରୂପ ସାହାଯ୍ୟ କରିପାରିଲେନି । ସୁତରାଂ ସେମାନଙ୍କ କ୍ଷମତାରୁ ତଡ଼ି କୌଣସି ଉଗ୍ର ବ୍ରାହ୍ମଣ୍ୟବାଦୀ ଶକ୍ତିକୁ ଓଡ଼ିଶାର ସିଂହାସନ ଦିଆଇବାପାଇଁ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିଲା ।** ଏହି ଷଡ଼ଯନ୍ତ୍ର ହେତୁ ସୋମବଂଶୀ ଶାସକଙ୍କ ସେନାପତି ବାସୁଦେବ ରଥ ନିଜ ସମ୍ରାଟଙ୍କ ପ୍ରତି ବିଶ୍ୱାସଘାତକତା କରି ଘୋର ବୌଦ୍ଧବିରୋଧୀ ଚୋଡ଼ଗଙ୍ଗ ଦେବଙ୍କୁ ନିମନ୍ତ୍ରଣ କରିଆଣି ଓଡ଼ିଶାର ସିଂହାସନ ଦଖଲ କରିବାରେ ସହାୟତା ଦେଇଥିଲେ । ଗଙ୍ଗବଂଶର ରାଜୁତିରେ ବୌଦ୍ଧ ଜୀବନାଦର୍ଶ ବିଶେଷତଃ ମାତୃରାଧିକାରର ଅନୁବର୍ତ୍ତୀ ବଜ୍ରଯାନ ଦର୍ଶନ ଉତ୍କଟ ଓ ଉଗ୍ର ରାଜରୋଷର ସମ୍ମୁଖୀନ ହୋଇଥିଲା ।

## ବ୍ରାହ୍ମଣ୍ୟବାଦର ନୂଆ କୌଶଳ

ଚୋଡ଼ଗଙ୍ଗ ଦେବ ବ୍ରାହ୍ମଣ୍ୟବାଦର ଦୃଢ଼ ସମର୍ଥକ ଥିଲେ । ଓଡ଼ିଶାରୁ ବୌଦ୍ଧଧର୍ମର ବିଲୋପ ପାଇଁ ସେ ସକ୍ରିୟ ଉଦ୍ୟମ କରିଥିଲେ । ଅଶୋକଙ୍କ ଅନୁଶାସନ ଖୋଦିତ ଥିବା ବୌଦ୍ଧପୀଠ ଧଉଳିର ଚତୁର୍ପାର୍ଶ୍ୱରେ ଗଙ୍ଗେଶ୍ୱରପୁର, କୌଶଲ୍ୟାପୁର, କଲ୍ୟାଣପୁର, ପୂର୍ବ ଶାସନ ଓ ଉତ୍ତର ଶାସନ ନାମକ ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ । ଏପରିକି ଜୈନ ଧର୍ମର ପୀଠ ଭାବେ ବିଦିତ କୁମାର ପର୍ବତକୁ ଖଣ୍ଡଗିରି ଓ ଉଦୟଗିରି ଭାବେ ନାମିତ କରି ତହିଁର ଜୈନ ମର୍ଯ୍ୟାଦାକୁ ସଙ୍କୁଚିତ କରିବାକୁ ଚେଷ୍ଟା କରିଥିଲେ । ଓଡ଼ିଶାର ଅନ୍ୟ ସମସ୍ତ ବୌଦ୍ଧ ଓ ଜୈନ ପୀଠଗୁଡ଼ିକର ଭାଗ୍ୟରେ ମଧ୍ୟ ଏହିପରି ହସ୍ତକ୍ଷେପ ଘଟିଥିଲା । ଓଡ଼ିଶାର ମୁଖ୍ୟ ଧର୍ମ ଭାବେ ସୁପ୍ରତିଷ୍ଠିତ ବୌଦ୍ଧ ଧର୍ମ ଗଙ୍ଗ ରାଜୁତିରେ ଉଜୁଡ଼ି ଯାଇଥିଲା । ଏପରିକି ପ୍ରଥମେ

orissamatters.com

*ପରମ ମାହେଶ୍ୱର* ଭାବେ ପରିଚିତ ଚୋଡ଼ ଗଙ୍ଗ ଦେବ ନିଜକୁ ପରବର୍ତ୍ତୀକାଳରେ *ପରମ ବୈଷ୍ଣବ* ଭାବେ ବିଦିତ କରାଇ ଶୈବ ଧର୍ମର ମଧ୍ୟ ଅବକ୍ଷୟ ଘଟାଇଥିଲେ ଓ ଖ୍ରୀ.ଅ. ୧୧୧୮ରୁ ୧୧୪୭ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ନବୀକରଣ ଦ୍ୱାରା ବୈଷ୍ଣବଧର୍ମର ଏକ ନବ ଉନ୍ମେଷ ଘଟାଇଥିଲେ ।

ଗଙ୍ଗମାନେ ଅତି ତୀବ୍ର ବ୍ରାହ୍ମଣ୍ୟବାଦୀ ହିନ୍ଦୁ ଥିଲେ । କିମ୍ବଦନ୍ତୀର ଆଶ୍ରୟ ନେଇ କୁହାଯାଇପାରେ ଯେ ସେମାନେ ବୌଦ୍ଧମାନଙ୍କୁ ପ୍ରବଳ ନିର୍ଯାତନା ବି ଦେଉଥିଲେ । **ଷୋଡଶ ଶତାବ୍ଦୀର ଶେଷ ପ୍ରାନ୍ତରେ ଈଶ୍ୱର ଦାସଙ୍କ ଦ୍ୱାରା ରଚିତ ଚୈତନ୍ୟ ଭାଗବତରେ ଲିପିବଦ୍ଧ ଏକ କିମ୍ବଦନ୍ତୀରୁ ଜଣାଯାଏ ବ୍ରାହ୍ମଣମାନଙ୍କ ସହ ହାତ ମିଳାଇ ଅନଙ୍ଗ ଭୀମ ଦେବ ୩୨ ଜଣ ବୌଦ୍ଧଧର୍ମାବଲମ୍ବୀଙ୍କୁ ହତ୍ୟା କରିଥିଲେ** । ତାଙ୍କର ଅନ୍ୟତମ ଭ୍ରାତା ଭାବେ ବିଦିତ ମଦନ ମହାଦେବ ମଧ୍ୟ ବୌଦ୍ଧମାନଙ୍କ ଉପରେ ଅନୁରୂପ ଅତ୍ୟାଚାର ଚଳାଇଥିବା ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି । ଏଥିରୁ ଦେଖାଯାଏ ଚୋଡ଼ଗଙ୍ଗଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନୂଆ ପର୍ଯ୍ୟାୟର ବୌଦ୍ଧ ନିର୍ଯ୍ୟାତନା ତାଙ୍କ ଉତ୍ତରାଧିକାରୀମାନଙ୍କ ସମୟରେ ମଧ୍ୟ ଅତୁଟ ରହିଥିଲା ।

**ବସ୍ତୁତଃ ଏହି ଭୟଙ୍କର ବୌଦ୍ଧବିରୋଧୀ ରାଜଶକ୍ତିର ଅଭ୍ୟୁତ୍‌ଥାନ ଓଡ଼ିଶାରେ ଘଟିଥିଲା ବ୍ରାହ୍ମଣ୍ୟବାଦୀ ଷଡ଼ଯନ୍ତ୍ରରୁ** । ସୋମବଂଶର ଶେଷ ସମ୍ରାଟ କର୍ଣ୍ଣ ଦେବଙ୍କ ସେନାପତି ବା ବାହିନୀପତି ଥିବା ବାସୁଦେବ ରଥ ଓଡ଼ିଶା ଆକ୍ରମଣ ପାଇଁ ଚୋଡ଼ଗଙ୍ଗଙ୍କୁ ନିମନ୍ତ୍ରଣ କରିଥିଲେ । ମାଦଳାପାଞ୍ଜି ଭାଷାରେ ଚୋଡ଼ଗଙ୍ଗ ନଟ ବେଶରେ ଆସି କଟକ ମାଡ଼ିବସି ରାଜା ହୋଇଲା । ବିଶ୍ୱାସଘାତକ ସେନାପତି ବାସୁଦେବ ରଥ ଓ ଚୋଡ଼ଗଙ୍ଗ ମିଶି ସୋମବଂଶୀମାନଙ୍କୁ ସବଂଶେ ସଂହାର କରିଥିଲେ । (History of Orissa, K.C.Panigrahi, p.111)

ଗଙ୍ଗମାନଙ୍କ ଘାତକ ଆକ୍ରମଣରେ ବୌଦ୍ଧପୀଠଗୁଡ଼ିକ ଭାଙ୍ଗି ଛାରଖାର ହୋଇଯାଇଥିଲା, ହିସାବ ଅଲଭ୍ୟ ବହୁ ବୌଦ୍ଧଶ୍ରମଣଙ୍କୁ ହତ୍ୟା କରାଯାଇଥିଲା ଏବଂ **ବୁଦ୍ଧ ଜଗନ୍ନାଥଙ୍କୁ ବିଷ୍ଣୁରେ ରୂପାନ୍ତରିତ କରାଯାଇଥିଲା** । ଶ୍ରୀଜଗନ୍ନାଥଙ୍କ ବୌଦ୍ଧ ପରିଚୟକୁ ଲୋପ କରିବାପାଇଁ ଏବଂ ତାଙ୍କୁ ହିନ୍ଦୁଧର୍ମର ଦିଅଁ ଭାବେ ସାବ୍ୟସ୍ତ କରିବା ପାଇଁ **ପୁରୀଧାମରେ ହିନ୍ଦୁଧର୍ମର ବହୁ ପ୍ରଭାବଶାଳୀ ପ୍ରଚାରକଙ୍କୁ ସମବେତ କରାଯାଇ ହିନ୍ଦୁ ମୌଳବାଦକୁ ମଜବୁତ କରାଯାଇଥିଲା ।**

ବସ୍ତୁତଃ ଗଙ୍ଗରାଜୁତି ହିଁ ବୌଦ୍ଧମାନଙ୍କ ମଧ୍ୟରେ ଏପରି ଭୀତି ସଞ୍ଚାର କରିଥିଲା ଯେ ଓଡ଼ିଶାରେ ସାର୍ବଜନୀନ ବୌଦ୍ଧମତାନୁଶୀଳନର ଅବସାନ ଘଟିଥିଲା । ଏହିପରି ଏକ ତୀବ୍ର ବୌଦ୍ଧବିରୋଧୀ ଶାସନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ସାଂସ୍କୃତିକ ନଭରେ ଉଦିତ ହୋଇଥିଲେ ଶ୍ରୀ ଜୟ ଦେବ । ଏବଂ, ଅତ୍ୟନ୍ତ ସତର୍କ ଶବ୍ଦ ସଂପାତ କରି ନିଜ ଲଳିତ କୋମଳ ପଦାବଳୀଗୁଡ଼ିକ ମାଧ୍ୟମରେ ପୁରୁଷପ୍ରଧାନ ଜୀବନଚର୍ଯ୍ୟା ପରିବର୍ତ୍ତେ ନାରୀପ୍ରଧାନ

orissamatters.com

ଜୀବନଚର୍ଯ୍ୟାର ଜୈତ୍ରଧ୍ୱନୀ ଦ୍ୱାରା ବ୍ରାହ୍ମଣ୍ୟବାଦର ମଞ୍ଚ ଦୋହଲାଇ ଦେଇଥିଲେ ।

## ସହଜଯାନ ସପକ୍ଷରେ ଜୟ ଦେବଙ୍କ ସହଜ କୌଶଳ

ଶ୍ରୀ ଜୟ ଦେବ ଥିଲେ ଗଙ୍ଗ ସମ୍ରାଟ ଚୋଡ଼ ଗଙ୍ଗ ଦେବଙ୍କ ପୁତ୍ର କାମାର୍ଣ୍ଣବ ଦେବ (ଖ୍ରୀ:ଅ: ୧୧୪୭ରୁ ୧୧୫୬) ଓ ରାଘବ ଦେବ (ଖ୍ରୀ. ୧୧୫୬ରୁ ୧୧୭୦) - ଉଭୟଙ୍କ ସମସାମୟିକ । ପଣ୍ଡିତ ଉଦୟନ ଆଚାର୍ଯ୍ୟ ଖ୍ରୀ. ଅ. ୧୧୭୦ରେ 'ଭାବ ବିନୋଦିନୀ ଟୀକା' ରଚନା କରିବାର ବହୁ ପୂର୍ବରୁ ସେ ନିଜର ରଚନା ସମାପ୍ତ କରିଥିଲେ । ଏତଦ୍ଦୃଷ୍ଟିରୁ ତାଙ୍କ ରଚନା କାଳକୁ ଖ୍ରୀ.ଅ. ୧୧୫୦ରୁ ୧୧୭୦ ମଧ୍ୟରେ ଚିହ୍ନିତ କରିଛନ୍ତି ଡଃ ଭଗବାନ ପଣ୍ଡା (Sri Gitagovinda Mahakavyam, Ed.Dr.Bhagavan Panda,p.31 ) । ସୁତରାଂ **ବୌଦ୍ଧ କାମବଜ୍ରଯାନର ପୁନଃ ଜାଗୃତି ପାଇଁ ସେ ଯେତେବେଳେ ଲେଖନୀ ଚାଳନା କଲେ ସେତେବେଳେ ତାଙ୍କୁ ଅତି ସତର୍କତାର ସହ ନିଜର ଅସଲ ଉଦ୍ଦେଶ୍ୟକୁ ସଂଗୋପିତ ରଖି ହିନ୍ଦୁ ବ୍ରାହ୍ମଣ୍ୟବାଦପାଇଁ ଗ୍ରହଣଯୋଗ୍ୟ ହେବା ପରି କେତେକ ନାମ ସଂଯୁକ୍ତ କରିବାକୁ ପଡିଥିବା ସ୍ୱାଭାବିକ** । ଯେଉଁ ସ୍ୱଳ୍ପ ବିଷ୍ଣୁ ନାମ ତାଙ୍କ ଗୀତରେ ରହିଛି ତାହା ଏହି କାରଣରୁହିଁ ରହିଛି ।

ଶ୍ରୀ ଜୟ ଦେବ ଯଦି ଏହି ସତର୍କତା ଅବଲମ୍ବନ କରି ନ ଥାନ୍ତେ, ସେ ହୁଏତ ତାଙ୍କ ଗୀତଗଡ଼ିକୁ କେବେ ବି ସଂପୂର୍ଣ୍ଣ କରିପାରି ନ ଥାନ୍ତେ । ତାଙ୍କ ଗୀତଗୁଡ଼ିକ ଯଦି ସଂପୂର୍ଣ୍ଣ ହୋଇପାରି ନ ଥାନ୍ତା ତେବେ ବୌଦ୍ଧ କାମବଜ୍ରଯାନ ଏପରି ଏକ ଶକ୍ତିଶାଳୀ ସହାୟକ ସାହିତ୍ୟ କେବେ ବି ପାଇପାରି ନ ଥାନ୍ତା । **କାମ ବଜ୍ରଯାନ ଯଦି ଏପରି ସାହିତ୍ୟିକ ସାହାଯ୍ୟ ପାଇ ନ ଥାନ୍ତା ଚୋଡ଼ଗଙ୍ଗଙ୍କ ମାତ୍ର କେତେ ପୀଢ଼ିପରର ଉତ୍ତରାଧିକାରୀ ନରସିଂହ ଦେବ ବୌଦ୍ଧମତର ବର୍ଣ୍ଣବୈଷମ୍ୟବିରୋଧୀଶକ୍ତିହିଁ ଆକ୍ରମଣକାରୀ ମୁସଲ୍‌ମାନଙ୍କ କବଳରୁ ଓଡ଼ିଶାକୁ ରକ୍ଷା କରିପାରେ ବୋଲି କେବେ ବି ଅନୁଭବ କରିପାରିନଥାନ୍ତେ କି ନିଜେ ଲାଙ୍ଗୁଡି ପନ୍ଥା ଆଦରି ନେଇ କାମବଜ୍ରଯାନ ପ୍ରଚୋଦିତ ମୈଥୁନାଦର୍ଶ ଦ୍ୟୋତକ କୋଣାର୍କ ମନ୍ଦିର ନିର୍ମାଣ କରି ନ ଥାନ୍ତେ ।**

ବୌଦ୍ଧନିସୂଦକ ଗଙ୍ଗବଂଶର ନରସିଂହ ଦେବ କୃଷି କୁହୁକ ବା ମୈଥୁନତତ୍ତ୍ୱର ଶିଳ୍ପାୟିତ ଇସ୍ତାହାର କୋଣାର୍କ ମନ୍ଦିର ନିର୍ମାଣ କରି ସାବ୍ୟସ୍ତ କରି ଦେଇଛନ୍ତି କି ତାଙ୍କ ପୂର୍ବ ପୁରୁଷ ରାଘବ ଦେବଙ୍କ ସମୟର କବି ଶ୍ରୀ ଜୟ ଦେବ ଥିଲେ ଆଦର୍ଶତଃ ତଥା ଉଦ୍ଦେଶ୍ୟତଃ ଜଣେ ନିରୋଳା କାମବଜ୍ରଯାନୀ ବୌଦ୍ଧ ।

## ପୁନଶ୍ଚ ଷଡ଼ଯନ୍ତ୍ର; ଖଳନାୟକ ନରହରି ତୀର୍ଥ

କିନ୍ତୁ ବ୍ରାହ୍ମଣ୍ୟବାଦ ଏହି ନରସିଂହ ଦେବଙ୍କ ଉପରେ ପ୍ରତିଶୋଧ ନେବାକୁ ଅପେକ୍ଷାକରି ରହିଥିଲା । ଇତିହାସ ବକ୍ଷରୁ ଏହାଙ୍କ କୃତିତ୍ୱର ଶ୍ରେଷ୍ଠ ସ୍ୱାକ୍ଷର ଅପସାରିଦେବାକୁ ଆରମ୍ଭହୋଇଥିଲା ଷଡ଼ଯନ୍ତ୍ର । ଚୋଡ଼ ଗଙ୍ଗଦେବଙ୍କ ବେଳୁ ଆରମ୍ଭହୋଇଥିବା ମାଦଳାପାଞ୍ଜିରେ ଏହି ମହାନ୍ ଦେଶପ୍ରେମୀ ମହାବୀରଙ୍କ ବଙ୍ଗବିଜୟର ଉଲ୍ଲେଖ ନ ଥିବା ଏହାର ସୂଚନାଦିଏ ।

orissamatters.com

ଯେହେତୁ ସେ ଗଙ୍ଗକୁଳରେ ଜନ୍ମହୋଇ ମଧ୍ୟ ବୌଦ୍ଧକାମବଜ୍ରଯାନ ଗ୍ରହଣ କରିଥିଲେ ଏବଂ ବୁଦ୍ଧ (କୋଣକମଣ)ଙ୍କ ପାଇଁ କୋଣାର୍କ ମନ୍ଦିର ସ୍ଥାପନ କରିଥିଲେ, ସେହେତୁ ଦୁରଭିସନ୍ଧି ରଖି ତାଙ୍କର ବଙ୍ଗ ବିଜୟ ବିବରଣୀକୁ ମାଦଳାପାଞ୍ଜିରେ ସ୍ଥାନିତ କରାଯାଇ ନ ଥିଲା । ତାଙ୍କ ହେତୁ ବୃଦ୍ଧିପାଇଥିବା ବୌଦ୍ଧ ପ୍ରଭାବର ସଂକୋଚନପାଇଁ ଦ୍ୱୈତବାଦୀ ମାଧବାଚାର୍ଯ୍ୟଙ୍କ ପଟ୍ଟଶିଷ୍ୟ ନରହରି ତୀର୍ଥଙ୍କୁ ବ୍ୟବହାର କରାଯାଇଥିଲା । ଲାଙ୍ଗୁଳା ନରସିଂହ ଯେହେତୁ ଶ୍ରୀ ଜୟ ଦେବଙ୍କ ରାଧାତତ୍ତ୍ୱକୁ ଆପଣାଇ ସହଜଯାନୀ ଦର୍ଶନର ଅନୁଗାମୀ ହୋଇଥିଲେ, ସେହେତୁ **ରାଧାତତ୍ତ୍ୱର ବିପରୀତ ସୀତାତତ୍ତ୍ୱ**ର ପ୍ରଚାରପାଇଁ ନରହରି ତୀର୍ଥ ଉଦ୍ୟମ କରିଥିଲେ । ଉଲ୍ଲେଖନୀୟ ଯେ ଲାଙ୍ଗୁଳା ନରସିଂହଙ୍କ ପରେ କ୍ଷମତାରୂଢ଼ ହୋଇଥିବା ତାଙ୍କ ପୁତ୍ର ଭାନୁଦେବ-୧ଙ୍କ ଶାସନକାଳରେ କେବଳ ଏହି ନରହରି ତୀର୍ଥ ହିଁ ହୋଇଉଠିଥିଲେ ଓଡ଼ିଶାର ସର୍ବମୟ ବ୍ୟକ୍ତି ଏବଂ ସମ୍ଭବତଃ କୋଣାର୍କର ଧ୍ୱଂସାୟନ ଏ ହିଁ ଆରମ୍ଭ କରିଥିଲେ ।

ଭାନୁଦେବ-୧ କ୍ଷମତା ଗ୍ରହଣ କଲା ପରେ ପରେ ସାରା ଓଡ଼ିଶାରେ ସେ ନିଜର ପ୍ରଭାବ ବିସ୍ତାର କରିପାରିଥିବା ଦେଖିଲେ ସ୍ପଷ୍ଟ ହୁଏ ଯେ, ଲାଙ୍ଗୁଳା ନରସିଂହଙ୍କ ହେତୁ ସଙ୍କୁଚିତ ହୋଇପଡ଼ିଥିବା ବ୍ରାହ୍ମଣ୍ୟବାଦୀମାନେ ତାଙ୍କ ତିରୋଧାନ ପରେ ପରେ ସକ୍ରିୟ ହୋଇଉଠିଥିଲେ ଓ ଭାନୁଦେବ-୧ଙ୍କୁ ବୌଦ୍ଧ ପ୍ରଭାବରୁ ମୁକ୍ତକରି ତାଙ୍କ ପୂର୍ବଜମାନଙ୍କ ବ୍ରାହ୍ମଣ୍ୟବାଦୀ ରାସ୍ତାକୁ ଫେରାଇନେବାକୁ ନରହରି ତୀର୍ଥଙ୍କ ଉପଯୋଗ କରିଥିଲେ ।

ରାମ କିପରି ପୁରୁଷପ୍ରାଧାନ୍ୟର ସଂସ୍ଥାପକ ଥିଲେ ଓ ଶମ୍ବୁକଙ୍କୁ ହତ୍ୟାକରି ବର୍ଣ୍ଣବୈଶିଷ୍ଟ୍ୟବାଦର ସୁଦୃଢ଼ୀକରଣ କରିଥିଲେ ତାହା ଆଗରୁ ଆଲୋଚିତ ହୋଇଛି ।

**ଏହି ନରହରି ତୀର୍ଥ ରାମ ଓ ସୀତାଙ୍କ ପୂଜା କରୁଥିଲେ ଓ ସୀତାଙ୍କ ପାତିବ୍ରତ୍ୟ ଉପରେ ଗୁରୁତ୍ୱଦେଇ ସେହି ଆଳରେ ରାଧାଙ୍କ ସହଜଯାନୀ ଚରିତ୍ର ବିରୁଦ୍ଧରେ ଓଡ଼ିଶା ଲୋକଙ୍କୁ ବୁଝାଇ, ସେମାନଙ୍କୁ ରାଧାତତ୍ତ୍ୱ ବିରୁଦ୍ଧରେ ଯିବାକୁ ପ୍ରବର୍ତ୍ତାଇଥିଲେ । ରାଧାତତ୍ତ୍ୱ ଯେହେତୁ ସହଜ ଭକ୍ତିତତ୍ତ୍ୱ ଥିଲା ସେହେତୁ ତାହା ବର୍ଣ୍ଣବୈଷମ୍ୟବାଦର ବିରୋଧୀ ତତ୍ତ୍ୱ ଥିଲା । ନରହରି ତୀର୍ଥ ତାହାର ଉତ୍‌ଖାତ କରି, ସୀତାରାମ ଦୁହା ତୋଳି, ଓଡ଼ିଶାରେ ବ୍ରାହ୍ମଣ୍ୟ-ବୈଷ୍ଣବବାଦର ପ୍ରତିଷ୍ଠା କରିଥିଲେ** ଏବଂ ଜୟ ଦେବଙ୍କ ହରି ହିଁ ରାମ ବୋଲି ଦର୍ଶାଇ ହରେରାମ ହରେରାମ ରାମ ରାମ ହରେ ହରେ - ଏହି ଦୁହାକୁ ମହାମନ୍ତ୍ର ଭାବେ ପ୍ରଚାର କରିଥିଲେ । ବର୍ଣ୍ଣବୈଷମ୍ୟବାଦବିରୋଧୀ ଜୟ ଦେବଙ୍କ *ହରି* ନରହରି ତୀର୍ଥଙ୍କ *ରାମ*ରେ ପରିଣତ ହୋଇ ଓଡ଼ିଶାରେ ପୁନର୍ବାର ବ୍ରାହ୍ମଣ୍ୟବାଦ ବଳଶାଳୀ ହୋଇଉଠିଥିଲା । ଏବଂ ସେ ମଧ୍ୟ ଓଡ଼ିଶାର ଏକ ରାଜ୍ୟପାଳ ଆସନରେ ଆସୀନ ହୋଇପାରିଥିଲେ ।

ଏହାର ପରିଣତି ଏହା ହିଁ ହୋଇଥିଲା ଯେ ଓଡ଼ିଆ ସମାଜ ପୁନର୍ବାର ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ସାମାଜିକ ଐକ୍ୟ ହରାଇ ବସୁଥିଲା ଓ ମୁସଲ୍‌ମାନ୍ ଶକ୍ତି ପାଖରେ ନିଜକୁ ଦୁର୍ବଳ ଅନୁଭବ କରୁଥିଲା ।

orissamatters.com

## କ୍ରମାଗତ ସଂଘର୍ଷ: ନାୟକ ରାୟ ରାମାନନ୍ଦ ପଟ୍ଟନାୟକ

ଏହାର ପ୍ରତିବିଧାନପାଇଁ ଓଡ଼ିଶାର ସାମାଜିକ-ଐକ୍ୟପନ୍ଥୀମାନେ ଗଙ୍ଗ ରାଜୁତିର ପରିବର୍ତ୍ତନ ଚାହୁଁଥିଲେ । ଏବଂ ସେମାନଙ୍କ ନେତୃତ୍ୱ ନେଇଥିଲେ କପିଳେନ୍ଦ୍ର ଦେବ, ଯାହାଙ୍କୁ ଲୋକବାଦୀ ଗଜପତି ଭାବେ ପୂର୍ବରୁ ମୁଁ ଚିହ୍ନିତ କରିଛି । ସେ ବର୍ଣ୍ଣବୈଷମ୍ୟବାଦର ମୂଳୋତ୍ପାଟନପାଇଁ ଶ୍ରୀ ଜଗନ୍ନାଥଙ୍କ ବୌଦ୍ଧ ମହିମାର ଦୃଢ଼ୀକରଣ କରିଥିଲେ ଓ ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଜଗନ୍ନାଥଙ୍କ ପ୍ରସାଦ ପାଇବାକୁ ସମାନ ଅଧିକାରୀ ହେବେ ତଥା ସେନାବାହିନୀରେ ବର୍ଣ୍ଣାନୁସାରେ ନୁହଁ, ପରନ୍ତୁ ଯୋଗ୍ୟତାନୁସାରେ ଉଚ୍ଚ ପଦ ମିଳିବାର ବ୍ୟବସ୍ଥା କରିଥିଲେ । ଫଳରେ ସେ ପୁନଶ୍ଚ ଓଡ଼ିଶାକୁ ବହିଃ ଶତ୍ରୁ ବିରୁଦ୍ଧରେ ଜାଗ୍ରତ କରାଇପାରିଥିଲେ । ଓ ରାଜ୍ୟଲୋଲୁପୀ ମୁସଲ୍‌ମାନ୍‌ମାନେ ତାଙ୍କ ଦ୍ୱାରା ବାରମ୍ବାର ପରାଭୂତ ହୋଇଥିଲେ । **ଓଡ଼ିଶା ଏକାଧାରରେ ଆକ୍ରମଣକାରୀ ମୁସଲ୍‌ମାନ୍ ଓ ଅନ୍ତରୀଣଉତ୍ପାତକାରୀ ବ୍ରହ୍ମଣ୍ୟବାଦ - ଉଭୟ ବିପଦରୁ ନିରାପଦ ହୋଇଉଠିଥିଲା ।** ମାତ୍ର ଏହି ମହା ଦେଶପ୍ରେମୀଙ୍କୁ ତାଙ୍କ ବାର୍ଦ୍ଧକ୍ୟରେ କିପରି ଷଡ଼ଯନ୍ତ୍ରର ଶିକାର ହେବାକୁ ପଡ଼ିଥିଲା ଓ ବ୍ରାହ୍ମଣମାନେ କିପରି କୃଷ୍ଣା ନଦୀ କୂଳରେ ବ୍ରାହ୍ମଣୀ ଦାସୀ ପେଟରୁ ବାହାରିଥିବା ମଙ୍ଗୁଳା ରାଏଙ୍କୁ ରାଜା କରାଇ, ପୁରୁଷୋତ୍ତମ ଦେବ ଭାବେ କ୍ଷମତା ଧାରଣରେ ସାହାଯ୍ୟ କରିଥିଲେ ଓ ସେ କିପରି ଜୟଦେବଙ୍କ ଅଷ୍ଟପଦୀଗୁଡ଼ିକୁ ବନ୍ଦ କରି ଶ୍ରୀମନ୍ଦିରରେ ନିଜ ନାମରେ ଭଣିତ ଅଭିନବ ଗୀତଗୋବିନ୍ଦ ପ୍ରଚଳନ କରାଇଥିଲେ ଓ ତାହା ପ୍ରତ୍ୟାହାର କରିବାକୁ ବାଧ୍ୟ ହେଲା ବେଳେ କିପରି ତହିଁରେ ପ୍ରକ୍ଷିପ୍ତ ଶ୍ଳୋକାବଳି ଖଞ୍ଜି ତାହାକୁ ବ୍ରାହ୍ମଣ୍ୟ-ବୈଷ୍ଣବବାଦର ସାହିତ୍ୟ ଭାବେ ପ୍ରଚାରିତ କରାଇଥିଲେ ତାହା ପୂର୍ବରୁ କୁହାହୋଇଛି । ଫଳରେ **ପୁରୁଷୋତ୍ତମଙ୍କ ହେତୁ ଓଡ଼ିଶାର ସାମାଜିକ ଐକ୍ୟ ପୁନର୍ବାର ବିପନ୍ନ ହୋଇଉଠିଥିଲା ଓ ଓଡ଼ିଶା ଉପରେ ମୁସଲ୍‌ମାନ୍ ଆକ୍ରମଣ ବଢ଼ିଥିଲା ।**

ଦୂରଦ୍ରଷ୍ଟା ରାଷ୍ଟ୍ରନୀତିଜ୍ଞ ରାୟ ରାମାନନ୍ଦ ପଟ୍ଟନାୟକ ଏହି ଅଧୋପତନର ପ୍ରତିବିଧାନ ପାଇଁ ଉପାୟ ବାହାର କରିଥିଲେ । **ବର୍ଣ୍ଣବୈଷମ୍ୟବାଦର ବିଲୋପନ ଦ୍ୱାରା ଓଡ଼ିଆ ସମାଜ ପୁଣିଥରେ ଐକ୍ୟବଦ୍ଧ ହୋଇଯାଇ ପାରିବ ଏବଂ ତାହା ହେଲେ ମୁସଲ୍‌ମାନ ଶକ୍ତି ଓଡ଼ିଶା ଭିତରୁ ସହାୟକ ସଂଗ୍ରହ କରିପାରିବନି କି ଓଡ଼ିଶାକୁ କବଳିତ କରିପାରିବନି - ଏହା ଥିଲା ରାମାନନ୍ଦ ପଟ୍ଟନାୟକଙ୍କ ନିରୂପଣ ।** ଗଜପତି ପ୍ରତାପରୁଦ୍ର ଦେବଙ୍କୁ ସେ ବୁଝାଇଥିଲେ କି, ଭାରତରେ ବିଦେଶାଗତ ସ୍ୱଳ୍ପ ସଂଖ୍ୟକ ମୁସଲମାନ ଭାରତ ଭିତରୁ ଭାରତର ମୂଳ ବାସିନ୍ଦାଙ୍କ ସମର୍ଥନ ନପାଇଥିଲେ କେବେ ହେଲେ ସେମାନଙ୍କ ପକ୍ଷେ ଏ ଦେଶର ଏତେ ବିପୁଳ ଅଞ୍ଚଳର ଅଧିପତି ହେବା ସମ୍ଭବ ହୋଇ ନଥାନ୍ତା । ତାଙ୍କର ସ୍ପଷ୍ଟ ହୃଦ୍‌ବୋଧ ହୋଇଥିଲା କି, ହିନ୍ଦୁ ଧର୍ମରେ ବ୍ରାହ୍ମଣ୍ୟବାଦ ପ୍ରଭାବରେ ଉପୁଜିଥିବା ପ୍ରବଳ ବର୍ଣ୍ଣ ବୈଷମ୍ୟରେ ଅତିଷ୍ଠ ହୋଇ ସଂଖ୍ୟାଧିକ ସାଧାରଣ ମଣିଷ ବ୍ରାହ୍ମଣ୍ୟବାଦର ପୃଷ୍ଠପୋଷକ ରାଜ୍ୟାଧିପତିମାନଙ୍କ ପ୍ରତି ବୀତସ୍ପୃହ ହୋଇ ଉଠିଥିଲେ ଏବଂ ଯେହେତୁ ମୁସଲମାନ ଧର୍ମରେ ବର୍ଣ୍ଣ ବୈଷମ୍ୟ

orissamatters.com

ନଥିଲା ସେହେତୁ ସେମାନେ ଏହି ନୂତନ ଧର୍ମ ପ୍ରତି ଆକର୍ଷିତ ହେଉଥିଲେ । ଫଳରେ ଭାରତରେ ମୁସଲମାନ ଧର୍ମାବଲମ୍ବୀମାନଙ୍କ ସଂଖ୍ୟା ଓ ପ୍ରଭାବ ବଢିବାରେ ଲାଗିଥିଲା ଏବଂ ସମତାଳରେ ମୁସଲମାନ ସେନାନୀ ଶକ୍ତିଶାଳୀ ହେବାରେ ଲାଗିଥିଲା । **ଏହି ଆକଳନ ରାମାନନ୍ଦ ପଟ୍ଟନାୟକଙ୍କୁ ବ୍ରାହ୍ମଣ୍ୟବାଦର ପରିପନ୍ଥୀ ତତ୍ତ୍ୱର ପ୍ରୟୋଗପାଇଁ ପ୍ରବର୍ତ୍ତାଇଥିବା ସୁନିଶ୍ଚିତ । ଏହି ତତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ସେ ପ୍ରତାପରୁଦ୍ର ଦେବଙ୍କୁ ଶ୍ରୀମନ୍ଦିରରେ ଶ୍ରୀ ଜୟ ଦେବଙ୍କ କାମବଜ୍ରଯାନୀ ଅଷ୍ଟପଦୀଗୁଡିକ ଭିନ୍ନ ଅନ୍ୟ କିଛି ବୋଲା ହେବା ଉପରେ ନିଷେଧାଦେଶ ଜାରି ପାଇଁ ଜନଦାବୀ ମାନି ନେବାକୁ ପରାମର୍ଶ ଦେଇଥିଲେ ଓ ସମତାଳରେ କାମବଜ୍ରଯାନର ନାୟିକା ରାଧାଙ୍କ ପ୍ରଭାବ ବୃଦ୍ଧି ଘଟାଇବାକୁ ଉଦ୍ୟମ ବି କରିଥିଲେ ।** ତାଙ୍କର ଏହି ଉଦ୍ୟମ ସାର୍ଥକ ହୋଇଥିଲା ଶ୍ରୀଚୈତନ୍ୟଙ୍କ ମାଧ୍ୟମରେ । ନଦିଆରେ କାଜି ସହ କଜିଆ କରି ତାକୁ ପରାଭୁତ କରିଥିବା ଭାବପ୍ରବଣ ଭକ୍ତ ଚୈତନ୍ୟ ଏଥିପାଇଁ ତାଙ୍କୁ ନୂଆ ସମ୍ଭାବନାର ସାକାର ବିଗ୍ରହ ପରି ଦିଶିଥିଲେ । ରାମାନନ୍ଦଙ୍କ ଠାରୁ ଶ୍ରୀ ଜୟ ଦେବ ପ୍ରବର୍ତ୍ତିତ ରାଧାକୃଷ୍ଣ ପ୍ରେମତତ୍ତ୍ୱ ଗ୍ରହଣ କରି ତହିଁର ପରିପ୍ରଚାର ପାଇଁ ସେ ଏପରି ଏକ ଆନ୍ଦୋଳନ ଗଢି ତୋଳିଥିଲେ ଯାହା ଥିଲା ବ୍ରାହ୍ମଣ୍ୟବାଦଜନିତ ଜାତିବିଦ୍ୱେଷର ଘୋର ପରିପନ୍ଥୀ । ତେଣୁ ବ୍ରାହ୍ମଣ୍ୟବାଦର ପରିପୋଷଣକାରୀ ଓଡ଼ିଆ ବୈଷ୍ଣବମାନଙ୍କଠାରୁ ତାଙ୍କୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ହୋଇଥିଲା । କିନ୍ତୁ ରାମାନନ୍ଦ ପଟ୍ଟନାୟକଙ୍କ ହେତୁ ଗଜପତି ପ୍ରତାପରୁଦ୍ରଙ୍କ ପୂର୍ଣ୍ଣ ସମର୍ଥନ ଅର୍ଜନ କରିବାରୁ ଓଡ଼ିଆ ବୈଷ୍ଣବମାନେ ତାଙ୍କୁ ଅଟକାଇପାରି ନ ଥିଲେ ।

ଶ୍ରୀ ଚୈତନ୍ୟ ଯେତେବେଳେ ଶ୍ରୀ ଜୟ ଦେବଙ୍କ ଗୀତକୁ ଆଧାର କରି ରାଧାକୃଷ୍ଣ ପ୍ରେମତତ୍ତ୍ୱର ବିସ୍ତାର ଘଟାଇ ଓଡ଼ିଶାରେ ବର୍ଣ୍ଣବୈଷମ୍ୟବାଦୀ ବ୍ରାହ୍ମଣ୍ୟ ବ୍ୟବସ୍ଥାକୁ ହୀନପ୍ରଭ କରିଦେଲେ, **ଓଡ଼ିଶାର ଜନସାଧାରଣ ସେଥିରେ ଏତେ ଉଲ୍ଲସିତ ହୋଇଥିଲେ ଯେ, ସେମାନଙ୍କ ସାମାଜିକ ସଂହତି ଉଜାଡ଼ି ଦେଇଥିବା ବ୍ରାହ୍ମଣ୍ୟବାଦର ମହାରଥୀ ଶଙ୍କରାଚାର୍ଯ୍ୟ ତଥା ପୁରୀରେ ତାଙ୍କ ପ୍ରତିଷ୍ଠିତ ମଠର ପ୍ରଥମ ମହନ୍ତ ପଦ୍ମପାଦଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଶ୍ରୀଜଗନ୍ନାଥଙ୍କ ରତ୍ନ ସିଂହାସନରୁ ନିକାଳି ବାହାରକୁ ଫୋପାଡ଼ି ଭାଙ୍ଗି ଦେଇଥିଲେ ।** ପଣ୍ଡିତ କେଦାରନାଥ ମହାପାତ୍ର ଘଟଣାଟିକୁ ବୈଷ୍ଣବମାନଙ୍କ ଅସହିଷ୍ଣୁତାର ପରିଚାୟକ ବୋଲି ଦର୍ଶାଇ ଥିଲେ ମଧ୍ୟ ଏହାର ଐତିହାସିକ ସତ୍ୟତାକୁ ଏହିପରି ଭାବେ ପରିବେଷଣ କରିଛନ୍ତି - ବୈଷ୍ଣବ ମହନ୍ତମାନଙ୍କ ପ୍ରଭାବରେ ରତ୍ନସିଂହାସନରୁ ଶ୍ରୀ ଶଙ୍କର ଓ ପଦ୍ମପାଦଙ୍କ ବିଗ୍ରହ ଦ୍ୱୟ ଅପସାରିତ ହୋଇ ପ୍ରଥମେ ଦକ୍ଷିଣ ଘରେ ରକ୍ଷିତହେଲେ । ପରେ ବୈଷ୍ଣବମାନେ ପ୍ରତିମାଦୁଇଟିକୁ ଭାଙ୍ଗି ଦେଲେ । (ଖୁରୁଧା ଇତିହାସ, ପୃ.୨୮) । ଶ୍ରୀ ଜଗନ୍ନାଥଙ୍କ ବୌଦ୍ଧ ପରିଚୟକୁ ଲୋପ କରିଦେବାପାଇଁ କ୍ଷମତା ବଳରେ ବଳୀୟାନ ବ୍ରାହ୍ମଣ୍ୟବାଦୀମାନେ କି ଜଘନ୍ୟ ଷଡ଼ଯନ୍ତ୍ର କରିଥିଲେ ତାହା ଶଙ୍କର ଓ ପୁରୀରେ ସେ ପ୍ରତିଷ୍ଠା କରିଥିବା ମଠର ପ୍ରଥମ ମହନ୍ତ ପଦ୍ମପାଦଙ୍କ ଦୁଇ ବିଗ୍ରହ ଜଗନ୍ନାଥଙ୍କ ରତ୍ନ ସିଂହାସନରେ ସଂସ୍ଥିତ ହୋଇ ପୂଜା ପାଇବାରୁ ଯେତିକି ସାବ୍ୟସ୍ତ ହୁଏ, ଶ୍ରୀ

orissamatters.com

ଜୟ ଦେବଙ୍କ ଗୀତ ପ୍ରଭାବରେ ସଶକ୍ତିକୃତ ବୈଷ୍ଣବମାନଙ୍କ ନେତୃତ୍ୱରେ ଓଡ଼ିଆ ଜାତି ଦ୍ୱାରା ସେହି ଉଗ୍ର ଓ ଉଦ୍ଭଟ ଦୁଇ ବ୍ରାହ୍ମଣ୍ୟବାଦୀଙ୍କ ପ୍ରତିମୂର୍ତ୍ତିକୁ ଫିଙ୍ଗି ଭାଙ୍ଗି ଦିଆଯାଇଥିବା ଘଟଣା ଶ୍ରୀ ଜୟ ଦେବଙ୍କ ବୌଦ୍ଧ ପରିଚୟକୁ ସେତିକି ପ୍ରଶ୍ନାତୀତ କରେ ।

କେବଳ ଏତିକି ନୁହଁ, ଶ୍ରୀ ଜୟ ଦେବଙ୍କ ରାଧାକୈନ୍ଦ୍ରିକ ବୌଦ୍ଧତତ୍ତ୍ୱକୁ ଜନସାଧାରଣଙ୍କ ମଧ୍ୟରେ ପୁନର୍ବାର ପ୍ରସାରିତ କରିଥିବା ହେତୁ ଓଡ଼ିଶାର ଲୋକେ ଶ୍ରୀଚୈତନ୍ୟଙ୍କୁ ବୁଦ୍ଧଜଗନ୍ନାଥଙ୍କ ଅବତାର ବୋଲି ବିଚାରୁଥିଲେ । ଶୂନ୍ୟ ସଂହିତା ଭାଷାରେ ଶ୍ରୀ ଜଗନ୍ନାଥଙ୍କ ଘୋଷଣା -

ବୋଇଲେ ଅଚ୍ୟୁତ ତୁମ୍ଭେ ଶୁଣ ଆମ୍ଭ ବାଣୀ
କଳିଯୁଗେ ବୁଦ୍ଧରୂପେ ପ୍ରକାଶିବୁଁ ପୁଣି ।
x x x x x x x x x x x x x x x x
ଆମ୍ଭ କଳା ପୁଣି ଯାଏ ନଦିଆ ଦୀପରେ
ଚୈତନ୍ୟ ରୂପେ ପ୍ରକାଶ ହୋଇବୁଁ ଯେଠାରେ ।

ଅତଏବ, ଓଡ଼ିଆ ଆଖିରେ ଯିଏ ଜଗନ୍ନାଥ ସିଏ ବୁଦ୍ଧ ଏବଂ ଚୈତନ୍ୟ ସେହି ବୁଦ୍ଧଙ୍କର ଏକ ରୂପ । ବଙ୍ଗାଳୀ ଗବେଷକମାନେ ମଧ୍ୟ ଏହି କଥାକୁ ସ୍ୱୀକାର କରିଛନ୍ତି । ସେମାନଙ୍କ ମତରେ ଚୈତନ୍ୟପନ୍ଥୀ ବା ସହଜିଆ ବୈଷ୍ଣବମାନେ ନିଜେ ସଠିକ ଭାବେ କହି ନ ପାରୁଥିଲେ ମଧ୍ୟ ବୌଦ୍ଧ କାମବଜ୍ରଯାନ ହିଁ ସେମାନଙ୍କ ଦର୍ଶନର ଆଧାର । ଯଥା- "The Sahajias would by no means confess that they were Buddhists, nor refer to any Buddhist text which would make it easier to trace the doctrines to their genuine origin. In theories themselves and in their practices, many Buddhist rites and views have left their indelible marks...... The modern Sahajias themselves do not know that they closely follow the Buddhist tenets, their ancestors concealed the fact when they were admit ted to the Vaisnav order, while following them still in their rituals; and at the present stage it is the duty of a historian and scholar to thrash out the grains from the chaff and find out the true Buddhist elements in their views and practices".(D.C.Sen, Chaitanya and His Age, p.351) କହିବା ନିଷ୍ପ୍ରୟୋଜନ ଯେ ଚୈତନ୍ୟ ଅର୍ଜନ କରିଥିବା ବୌଦ୍ଧ ସ୍ୱୀକୃତି ଶ୍ରୀ ଜୟ ଦେବଙ୍କ ରାଧାତତ୍ତ୍ୱର ଅବଲମ୍ବନରୁ ହିଁ ମିଳିଥିଲା ।

ଲକ୍ଷ୍ୟ କରିବାର କଥା, ବୈଷ୍ଣବ ଶବ୍ଦର ସୃଷ୍ଟି ବିଷ୍ଣୁଭକ୍ତିରୁ । ଯେଉଁମାନେ ବିଷ୍ଣୁଭକ୍ତ

orissamatters.com

ସେମାନେ ବୈଷ୍ଣବ । ବ୍ରାହ୍ମଣ୍ୟବାଦୀମାନେ ମଧ୍ୟ ବିଷ୍ଣୁଭକ୍ତ । କିନ୍ତୁ ସେମାନେ ବୈଷ୍ଣବ ନୁହନ୍ତି । ବ୍ରାହ୍ମଣ୍ୟବାଦୀମାନେ ବୁଦ୍ଧ ବିରୋଧୀ । ଅଥଚ ବୈଷ୍ଣବଶ୍ରେଷ୍ଠ ଶ୍ରୀଚୈତନ୍ୟଙ୍କୁ ବୁଦ୍ଧଙ୍କ ଅବତାର ଓ ତାଙ୍କ ଅନୁଗତମାନଙ୍କୁ ପରୋକ୍ଷ ବୌଦ୍ଧ ଭାବେ ବିଚାର କରାଯାଏ । **ଉଭୟ ଗୋଷ୍ଠୀ ଯଦି ବିଷ୍ଣୁଭକ୍ତ, ପ୍ରଭେଦ କେଉଁଠି ରହିଲା ଯେ, ଗୋଟିଏ ବ୍ରାହ୍ମଣ୍ୟବାଦୀ ହେଲେ ଅନ୍ୟଟି ବୌଦ୍ଧ? ପ୍ରଭେଦ କେବଳ ଗୋଟିଏ କଥାରେ । ତାହା ହେଲା ବର୍ଣ୍ଣବାଦ ।** ବ୍ରାହ୍ମଣ୍ୟବାଦୀମାନେ ବର୍ଣ୍ଣବୈଷମ୍ୟବାଦୀ, ବୈଷ୍ଣବମାନେ ବର୍ଣ୍ଣବୈଷମ୍ୟର ବିରୋଧୀ । ଓଡ଼ିଆରେ ଏକ ଢଗ ଅଛି; ବାର ଜାତି ତେର ଗୋଲା , ବୈଷ୍ଣବ ହେଲେ ସବୁ ଗଲା ।  ଅର୍ଥାତ୍ ବୈଷ୍ଣବମାନେ ଜାତି ମାନନ୍ତି ନାହିଁ । ବ୍ରାହ୍ମଣ୍ୟବାଦୀମାନେ ଜାତିଭେଦ ସୃଷ୍ଟି କରି  ନିଜର ସ୍ୱାର୍ଥରକ୍ଷାପାଇଁ ସାମାଜିକ ଐକ୍ୟ ଉଜାଡ଼ି ଦିଅନ୍ତି ଏବଂ ବ୍ରାହ୍ମଣଙ୍କୁ ଦେବତା ମର୍ଯ୍ୟାଦା ଦେଇ ସେହିମାନଙ୍କ ସହ ହାତ ମିଳାଇ ଶ୍ରମଜୀବୀ ମଣିଷକୁ ଶୂଦ୍ରଶ୍ରେଣୀରେ ରଖି ଶୋଷଣ ଚଳାନ୍ତି । **ବୁଦ୍ଧ କାୟମନୋବାକ୍ୟରେ ବ୍ରାହ୍ମଣ୍ୟବାଦକୁ ବିରୋଧ କରୁଥିଲେ ଓ ଏହି ଶୂଦ୍ରମାନଙ୍କୁ ବୌଦ୍ଧ କରିଥିଲେ ।** ସେଥିପାଇଁ ତାଙ୍କ ପରେ ବୌଦ୍ଧଧର୍ମର ତୁଙ୍ଗ ନିୟାମକ ହୋଇପାରିଥିବା ବ୍ୟକ୍ତି ଥିଲେ ଏକଦା ତାଙ୍କର ବାରିକ ଥିବା ଉପାଳି ଯେ କି ଗୋପା ଓ ରାହୁଳଙ୍କ ସହ ବୁଦ୍ଧଙ୍କ ଆଦର୍ଶ ଗ୍ରହଣ କରି ତାଙ୍କର ଅନୁଗାମୀ ହୋଇ ପାରିଥିଲେ  । ଅନ୍ୟ ପ୍ରମୁଖ ଅନୁଗାମୀମାନଙ୍କ ମଧ୍ୟରେ ଥିଲେ କୈବର୍ତ୍ତ ପୁତ୍ର ସତି, ଜଣେ ବ୍ରାହ୍ମଣ ନାରୀଠାରୁ ଶୂଦ୍ର ଔରସରେ ଜନ୍ମ ହୋଇଥିବା ପାନ୍ଥକ, ଗଉଡ ଜାତିର ନନ୍ଦ, ଶୂଦ୍ର କନ୍ୟା ପୁନା ଓ ପୁନ୍ନିକା, ତନ୍ତୀ କୁଳରେ ଜନ୍ମ ହୋଇ ତନ୍ତୀକୁ ବିବାହ କରିଥିବା ସୁମଙ୍ଗଳମାତା, କମାର କନ୍ୟା ଶୁଭା ଇତ୍ୟାଦି । ବୁଦ୍ଧଙ୍କ ଏହି ବ୍ରାହ୍ମଣ୍ୟବାଦ ବିରୋଧୀ ଆଭିମୁଖ୍ୟର ପ୍ରୟୋଗଶାଳା ଭାବେ ବଜ୍ରଯାନ ପ୍ରଭାବରେ ଯେଉଁ କୂର୍ମକ୍ଷେତ୍ର ବା କୁରମ ବୌଦ୍ଧସ୍ତୁପ ଗଢ଼ିଉଠିଥିଲା, ତାହାରି  ପ୍ରଭାବଭୁକ୍ତ ବୁଢେଇ-ଗାରେଡ଼ିପାଞ୍ଚଣରୁ ସାଗରତୀର ଓ ଦେବୀ ନଦୀ ତୀରରୁ  ପୁରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ସମଗ୍ର ଅଞ୍ଚଳ କୂର୍ମପାଟକପୁର ଭାବେ ବିଖ୍ୟାତ ହୋଇଥିଲା । ଓଡ଼ିଆ ଭାଷାରେ ପାଟକ ଶବ୍ଦର ଅର୍ଥ ଶୂଦ୍ରମାନଙ୍କର ବିଭିନ୍ନ ଉପଜାତି (ବାବା ବୈଦ୍ୟନାଥ ପାଢ଼ୀ କୃତ ବୃହତ୍ ଓଡ଼ିଆ ଅଭିଧାନ) । ଅର୍ଥାତ୍ କୁରୁମ ଆଦର୍ଶ ବା ବୌଦ୍ଧଦର୍ଶନ ଶୂଦ୍ର ସଂପ୍ରଦାୟର ବିଭିନ୍ନ ଉପଜାତିର ଲୋକମାନଙ୍କୁ ଧର୍ମାଚରଣର ଅଧିକାର ଦେଇ ଯେଉଁ ଅଞ୍ଚଳରେ ବିକଶି ଉଠିଥିଲା ତାହାଥିଲା କୂର୍ମପାଟକପୁର । **ସେଥିପାଇଁ ଏହି କୂର୍ମପାଟକପୁର ଅନ୍ତର୍ଗତ ଚୌରାଶୀ ଗାଁର ଶବର, ଡମ ଆଦି ଶୂଦ୍ରଶ୍ରେଣୀର ବିଭିନ୍ନ ଉପଜାତିର ଲୋକେ ବୌଦ୍ଧଧର୍ମ ଅବଲମ୍ବନ କରି ଚୌରାଅଶୀ ସିଦ୍ଧ ଭାବେ ସୁଖ୍ୟାତି ଅର୍ଜନ କରିଥିଲେ । ଏହି ଅଞ୍ଚଳର ସମୁଦ୍ରସଂଲଗ୍ନ ଗ୍ରାମ - ସଂପ୍ରତି ଅବର୍ତ୍ତମାନ - କେନ୍ଦୁବିଲ୍ୱର ସାଧୁପ୍ରବର ଜୟ ଦେବ ବୌଦ୍ଧକାମବଜ୍ରଯାନର ସହାୟକ ସାହିତ୍ୟ ଭାବେ ନିଜ ଅଷ୍ଟପଦୀଗୁଡ଼ିକୁ ରଚନାକରି ଜାତିଭେଦ କବଳରୁ ଓଡ଼ିଶାକୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ ।** ସେ ପ୍ରବର୍ତ୍ତନ କରିଥିବା ରାଧାତତ୍ତ୍ୱକୁ ଆପଣାଇ  ଚୈତନ୍ୟ ଯେହେତୁ ଜାତିବାଦ ବିରୋଧୀ ଏକ ମହାନ୍ ସାଂସ୍କୃତ୍ୟ-ସାମାଜିକ ବିପ୍ଲବ

orissamatters.com

ସୃଷ୍ଟି କରିପାରିଥିଲେ ଏବଂ ତଦ୍ୱାରା ବ୍ରାହ୍ମଣ୍ୟବାଦ ସୃଷ୍ଟି କରୁଥିବା ଜାତିବୈଶିଷ୍ଟ୍ୟତତ୍ତ୍ୱ ଯେହେତୁ ଘୋର ଅନ୍ତରାୟର ସମ୍ମୁଖୀନ ହୋଇଥିଲା ସେହେତୁ ଓଡ଼ିଶାର ଲୋକେ ଚୈତନ୍ୟଙ୍କୁ ମଧ୍ୟ ବୁଦ୍ଧାବତାର ବୋଲି ଗ୍ରହଣ କରିଥିଲେ । **ଜାତିବାଦୀମାନେ ଓଡ଼ିଆବୈଷ୍ଣବ ଭାବେ ନିଜ ନିଜକୁ ପରିଚିତ କରାଇ ଚୈତନ୍ୟପନ୍ଥୀ ଗୌଡୀୟବୈଷ୍ଣବଙ୍କୁ ବିରୋଧ କରିଚାଲିଲେ ।**

## ଅତିବଡ଼ୀଙ୍କ ଅଦେଖା ରୂପ

ରାୟ ରାମାନନ୍ଦ ପଟ୍ଟନାୟକ ଯେଉଁ ବ୍ରାହ୍ମଣ୍ୟବାଦର ଅବସାନ ପାଇଁ ଚୈତନ୍ୟଙ୍କୁ ବିନିଯୋଗ କରିବାକୁ ଚାହିଁଥିଲେ ତାହା ସାହିତ୍ୟ ମାଧ୍ୟମରେ କିପରି ନିଜକୁ ଦୃଢ଼ୀଭୂତ କରିବାରେ ଲାଗିଥିଲା ତାହା ଜାଣିବାପାଇଁ ବିଷ୍ଣୁଭକ୍ତ ତଥା ବ୍ରାହ୍ମଣଶ୍ରେଷ୍ଠ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତରୁ କିଛି ଦେଖାଯାଉ । **ଜାତିଆଣ ବାଛବିଚାର, ବର୍ଣ୍ଣବୈଶିଷ୍ଟ୍ୟବାଦ ଓ ବ୍ରାହ୍ମଣର ପୂଜ୍ୟପାଦ ସ୍ଥିତି ସୁଦୃଢ଼ୀକରଣ ପାଇଁ ଏଥିରେ ଯେଉଁ ଚକ୍ରାନ୍ତ ରହିଛି ତାହା ଅନନ୍ୟ ।** ଉଦାହରଣ ସ୍ୱରୂପ-

ଗୋପୀଏ ଥିଲେ ନିଜ ପୁରେ । ନାଦ ଶୁଣିଲେ ଯେଝା ଘରେ । ।୨୦ । ।
ଦଣ୍ଡେ ଶୁଣିଲେ ସ୍ଥିର କରି । ବେଣୁ ଡାକଇ ନାମ ଧରି । ।୨୧ । ।
ଶୁଣି ହୋଇଲେ ଛନ ଛନ । ବ୍ୟାପାରେ ନଲାଗିଲା ମନ । ।୨୨ । ।
କର ଚରଣ ନ ଚଳଇ । ମଦନେ କଂପୁ ଅଛି ଦେହି । ।୨୩ । ।
x x x x x x x x
ଏମନ୍ତେ ହୋଇଲେ ବାହାର । ମଦନେ କଂପଇ ଶରୀର । ।୪୩ । ।

(ଦଶମ ସ୍କନ୍ଧ-ତ୍ରିଂଶ ଅଧ୍ୟାୟ)

ଅର୍ଥାତ୍ ଗଉଡ଼ଘର ସ୍ତ୍ରୀଲୋକଙ୍କୁ ଯୌନୋଦ୍ଦୀପକ ଶୈଳୀରେ ବଂଶୀ ବଜାଇ କୃଷ୍ଣ ଡାକ ପକାଇଲେ । ଏଥିରେ ମନ ଛନଛନ ହେଲା ଓ କାମୋତ୍ତେଜନାରେ ଦେହ କଂପିଲା । ଗଉଡୁଣୀମାନେ କୃଷ୍ଣଙ୍କ ସହ ରତି କାମନା କରି ଘରୁ ବାହାରି ପଡ଼ିଲେ । ଏକଥା ଦେଖି ସେମାନଙ୍କୁ ସେମାନଙ୍କ ସ୍ୱାମୀ, ପୁତ୍ର, ଶ୍ୱଶୁର, ଖୁଡୁତା, ଭାଇ, ଭଣଜା, ବନ୍ଧୁବାନ୍ଧବ ଇତ୍ୟାଦି ବାଧା ଦେବାକୁ ଚେଷ୍ଟା କଲେ । ଯଥା-

କାହାର ସ୍ୱାମୀ ବଳବନ୍ତ । ଆଗରେ ଓଗାଳିଲା ପଥ । ।୭୮ । ।
କାହାର ପୁତ୍ର ଗୋଡ଼ାଇଲା । ଶ୍ୱଶୁର ଖୁଡୁତା ମଉଳା । ।୭୯ । ।
ଭାଇ ଭଣଜା ଇଷ୍ଟ ମିତ୍ର । ଆଗରୁ ଓଗାଳିଲେ ପଥ । ।୮୦ । ।
ବୋଲନ୍ତି ଗେପୀଙ୍କି ଅନାଇ । ଏକଥା ଉଚିତ ନୁହଁଇ । ।୮୧ । । (ଏପ୍ସ)

ପୁନଶ୍ଚ କେଉଁ ଗଉଡୁଣୀର ସ୍ୱାମୀ ଏପରି ଭୁଲ କାମ କରିବାରୁ ପତ୍ନୀକୁ ନିବୃତ୍ତ କରି ନପାରିବାରୁ ତାହାକୁ ଧରି ନେଇ ଘରେ ପୁରାଇ ନିର୍ଘାତ ମାଡ ବି ଦେଲା ଏବଂ ବାନ୍ଧିକରି ରଖିଲା । ଜଗନ୍ନାଥ ଦାସଙ୍କ ଭାଷାରେ-

orissamatters.com

ଏକ ଗୋପିକା କ୍ଷୀଣଦେହୀ । ଗହଳେ ନପାରିଲା ଯାଇ ।।୮୮ ।।
ତାହାର ସ୍ୱାମୀ କର ଧରି । ଘରେ ଆଣିଲା ନିଜ ନାରୀ ।।୮୯ ।।
ଗମ୍ଭୀରୀ ଭିତରେ ବାନ୍ଧିଲା । ଅନେକ ମାତହିଁ ମାଇଲା ।।୯୦ ।।
ଦ୍ୱାରେ କବାଟ ଦେଲା କିଳି । ବିକଳେ କାନ୍ଦଇ ଗୁଆଳୀ ।।୯୧ ।। (ଏଯ୍ନ)

ଯେଉଁ ଗଉଡୁଣୀମାନେ କାହାରି ବାରଣ ନ ମାନି କୃଷ୍ଣଙ୍କ ପାଖରେ ପହଞ୍ଚିଲେ ସେମାନଙ୍କ ସହ ଉନ୍ମତ୍ତ ମୈଥୁନରେ ମଜ୍ଜିଯାଇଥିଲେ କୃଷ୍ଣ । ଯଥା-

ରତି ପଣ୍ଡିତ ବଳବନ୍ତ । ତୋଷିଲେ ଗୋପୀଙ୍କର ଚିତ୍ତ ।।୨୭୪ ।।
କୃଷ୍ଣ ରମଣ ରସ ପାଇ । ଜ୍ଞାନ ହାରିଲେ ସର୍ବ ଗୋଇ ।।୨୭୫ ।।
ସବୁରି ଦେହେ ନଖ କ୍ଷତ । ସବୁ କୁଚରେ ପଦ୍ମହସ୍ତ ।।୨୭୬ ।। (ଏଯ୍ନ)

ଅତଏବ ଜଗନ୍ନାଥ ଦାସ ଯେଉଁ ଭାଗବତ ପରିବେଷଣ କରିଛନ୍ତି ତାହାର ଉଦ୍‌ଘୋଷଣ ହେଲା, କୃଷ୍ଣ ଗଉଡୁଣୀମାନଙ୍କୁ ସମ୍ମୋହିତ କରି ସେମାନଙ୍କ ସହ ଯୌନକ୍ରୀଡ଼ାରେ ମାତୁଥିଲେ । ପରିକ୍ଷିତ ଏପରି ଅନୈତିକ ମୈଥୁନକୁ ନାପସନ୍ଦ କରିବାରୁ ଶୁକ କହିଥିଲେ,

ଶୁଣ ରାଜନ ଭାଗବତ । ଏ ବଡ଼ଲୋକଙ୍କର ମତ ।।୯୪ ।।
ଏହାଙ୍କ କର୍ମ ବିପରୀତ । ଯେଣୁ ଏ ତେଜେ ବଳବନ୍ତ ।।୯୫ ।। (ଏଯ୍ନ, ଚତୁସ୍ତ୍ରିଂଶ ଅଧ୍ୟାୟ)

ଏଥିରୁ ଏହା ସ୍ପଷ୍ଟ ଯେ, ଏହା ଥିଲା ସଂପୂର୍ଣ୍ଣତଃ ଅନୈତିକ ଦୈହିକ ସଙ୍ଗମର କଥା ଯାହା କେବଳ ବଳୁଆ ହୋଇଥିବା ହେତୁ କୃଷ୍ଣ କାହାକୁ ଖାତିର ନ କରି କରିଥିଲେ । ବ୍ରାହ୍ମଣଶ୍ରେଷ୍ଠ ଜଗନ୍ନାଥ ଦାସ ଏକଥା ଯେତେବେଳେ ଗୋପୀମାନଙ୍କ କ୍ଷେତ୍ରରେ ପ୍ରକାଶ କରିଛନ୍ତି ସେତେବେଳେ ଏହାର ବିପରୀତ କଥା କହିଛନ୍ତି ବ୍ରାହ୍ମଣୀମାନଙ୍କ କ୍ଷେତ୍ରରେ । ଉଦାହରଣତଃ, କୃଷ୍ଣଙ୍କ ସହ ସଙ୍ଗମପାଇଁ ବ୍ରାହ୍ମଣୀମାନେ ବାହାରିଛନ୍ତି । ବ୍ରାହ୍ମଣମାନେ ସେମାନଙ୍କୁ ତହିଁରୁ ନିବୃତ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଯଥା-

ବିପ୍ରେ ଯେ ଯଜ୍ଞଶାଳେ ଥିଲେ । ଗୋଡ଼ାଇ ଆଗେ ଓଗାଳିଲେ ।।୬୬ ।।
ବୋଲନ୍ତି କୋପଭର ହୋଇ । ତମ୍ଭଙ୍କୁ କେହୁ କଲା ବାଇ ।।୬୭ ।।
ଗୋପାଳେ ବନେ ବେଣୁ ବାଇ । ବୁଲନ୍ତି ଗାଈଙ୍କି ଚରାଇ ।।୬୮ ।।
ତାଙ୍କ ନିକଟେ ତୁମ୍ଭେ ଗଲେ । ଆଉ କି ଥିବା ଜାତି-କୁଳେ ।।୬୯ ।।(ଦଶମ ସ୍କନ୍ଧ, ଚତୁର୍ବିଂଶ ଅଧ୍ୟାୟ) କିନ୍ତୁ ଏହା ଶୁଣିବାକୁ ବ୍ରାହ୍ମଣୀ ଆଉ ପ୍ରସ୍ତୁତ ନ ଥିଲେ । ଯୌନ ଲିପ୍ସା ସେମାନଙ୍କୁ କବଳିତ କରିଥିଲା । ଜଗନ୍ନାଥ ଦାସ କହୁଛନ୍ତି-

ବ୍ରାହ୍ମଣୀ ନଶୁଣିଲେ ତାହା । କୃଷ୍ଣରେ ବଳିଛି ଉତ୍ସାହା ।।୭୧ ।।
ଗହଳେ ଗଲେ ପେଲାପେଲି । ସ୍ୱାମୀଙ୍କି ପକାଇଲେ ଠେଲି ।।୭୨ ।। (ଏଯ୍ନ)

ଏଥିରେ ଉତ୍‌କ୍ଷିପ୍ତ ହୋଇ କୌଣସି ଜଣେ ବ୍ରାହ୍ମଣ ତା ସ୍ତ୍ରୀକୁ ଘରକୁ ଟାଣିନେଇ ଘର ଭିତରେ ବାନ୍ଧି ଏପରି ବାଡେଇଲା ଯେ ସେ ମରିଗଲା । ଯଥା-

orissamatters.com

ଏକ ବ୍ରାହ୍ମଣୀ କ୍ଷୀଣଦେହୀ । ଗହଳେ ନପାରିଲା ଯାଇ । ।୭୬ । ।
x x x x x x x x x x xx
ତାହାର ସ୍ୱାମୀ ଧରି କରେ । ନେଇ ବାନ୍ଧିଲା ନିଜ ଘରେ । ।୮୦ । ।
ମାଡ ମାଇଲା ରୋଷ ଭରେ । ରୋଳେ ବାନ୍ଧିଲା ଧାଡିକାରେ । ।୮୧ । ।
ଦ୍ୱାର କବାଟ ଆଣ୍ଟେ କିଳି । ଯଜ୍ଞଶାଳାରେ ଯାଇ ମିଳି । ।୮୨ । । (ଏପ୍ନ)

କାମାତିଶଯ୍ୟରେ କଂପି କଂପି ବ୍ରାହ୍ମଣୀଏ ପହଞ୍ଚିଲେ କୃଷ୍ଣଙ୍କ ପାଖରେ ତାଙ୍କଠାରୁ ମୈଥୁନ କାମନା କରି । ସେମାନେ ଜାଣନ୍ତି ଯେ ଏହା ଏକ ଦଣ୍ଡନୀୟ ଅପରାଧ । ଯଥା-

ପରପୁରୁଷ କୋଳ କଲେ । ବିପ୍ରେ ଦଣ୍ଡିବେ ଘରେ ଗଲେ । ।୧୦୨ । । (ଏପ୍ନ)

ମାତ୍ର କୃଷ୍ଣଙ୍କ ସହ ସଙ୍ଗମପାଇଁ ସେମାନେ ଏତେ ବ୍ୟଗ୍ର ଯେ ଦଣ୍ଡ ଭୟ ସେମାନଙ୍କୁ ନିରସ୍ତ କରିପାରିଲାନି ।  କନ୍ଦର୍ପବାଣରେ ସେମାନେ କଂପି ଉଠିଲେ । ଯଥା-

କଣ୍ଠ-କୁଣ୍ଠିତ ରସଭର । ଅଧର କଂପେ ଥରହର । ।୧୦୪ । ।
ପୁଣ ପୁଲକଭରେ କୁଚ । ଜାନୁ କଂପଇ ଘନଘଞ୍ଚ । ।୧୦୫ । ।
ପଡ଼ିଲେ ପଞ୍ଚଶରେ ଘାରି । କୃଷ୍ଣଙ୍କୁ ଦେଖି ବିପ୍ରନାରୀ । ।୧୦୬ । । (ଏପ୍ନ)

କିନ୍ତୁ ଗଉଡୁଣୀମାନଙ୍କୁ କୃଷ୍ଣ ସମ୍ଭୋଗ କରିଥିବା ବେଳେ ବ୍ରାହ୍ମଣୀମାନଙ୍କୁ ସେହି ଏକା ଅବସ୍ଥାରେ ପାଇ ସୁଦ୍ଧା ସେମାନଙ୍କୁ *ମା* ବୋଲି ସମ୍ବୋଧନ କରି ସେମାନଙ୍କ ପାଦତଳେ ପଡି ସେମାନଙ୍କୁ ନିଜ ନିଜ ସ୍ୱାମୀମାନଙ୍କପାଇଁ ବିଶ୍ୱସ୍ତ ହୋଇରହିବାକୁ ପରାମର୍ଶ ଦେଇ ଫେରାଇ ଦେଇଛନ୍ତି । ଯଥା-

ଆସ ଗୋ ବିପ୍ରନାରୀଗଣ । ନମଇଁ ତୁମ୍ଭର ଚରଣ । ।୧୧୭ । ।
ତୁମ୍ଭ ଚରଣରେଣୁ ଶିରେ । ଘେନି ସଂସାରୁ ପ୍ରାଣୀ ତରେ । ।୧୧୮ । ।
x x x x x xx x x x x x
ବେଗେ ଘରକୁ ଯାଅ  ଆଇ । ପୂର୍ଣ୍ଣ ଆହୁତି ବେଳ ହୋଇ । ।୧୨୬ । ।
ତୁମ୍ଭଙ୍କୁ ଘେନି ବିପ୍ରବରେ । ପୁଣ୍ୟ ସାଧିବେ ନିଜ ଘରେ । ।୧୨୭ । । (ଏପ୍ନ)

କ'ଣ ଏଥିରୁ ଦେଖାଯାଉଛି? ନାୟକ ଜଣେ; ସେ ହେଲେ କୃଷ୍ଣ । ନାୟିକା ଦ୍ୱିବିଧ; ଗୋଟିଏ ଗଉଡୁଣୀ, ଆରଟି ବ୍ରାହ୍ମଣୀ । ଦୃଶ୍ୟପଟ ଏକା । ସେହି ଏକା ନାୟକଙ୍କ ସହ ସଙ୍ଗମ ପାଇଁ ବ୍ୟଗ୍ର ଉଭୟବିଧ ନାୟିକା । ଉଭୟ ନାୟିକାଙ୍କ ହୃଦୟରେ ପରକୀୟା ରତିର କାମନା । କିନ୍ତୁ ଗଉଡୁଣୀଙ୍କ ସହ କୃଷ୍ଣ ମୈଥୁନରତ ହୋଇଥିବା ବେଳେ ବ୍ରାହ୍ମଣୀଙ୍କୁ ସମ୍ଭୋଗ କରିବାକୁ ସେ ସାହସ କରିପାରୁନାହାନ୍ତି । କାରଣ ସେମାନେ ନିଜ ଘରେ କେବଳ ନିଜ ନିଜ ସ୍ୱାମୀ ବିପ୍ରବରମାନଙ୍କୁ ପ୍ରାପ୍ୟା । ଏହା କହି କୃଷ୍ଣ ସେମାନଙ୍କୁ ସସମ୍ମାନେ ଘରକୁ ଫେରାଇଦେଉଛନ୍ତି ଓ ସେମାନଙ୍କ ପାଦତଳେ ପଡ଼ି, ସେମାନଙ୍କ ଚରଣଧୂଳି ମୁଣ୍ଡରେ ମାରିଲେ ପ୍ରାଣୀ ମୋକ୍ଷଲାଭ କରିପାରିବ ବୋଲି ଘୋଷଣା କରୁଛନ୍ତି । ଏହାକୁ ଆମେ କ'ଣ ବୋଲି କହିବା?

orissamatters.com

ଗଉଡ଼ଙ୍କ ସ୍ତ୍ରୀମାନେ ଉପଭୋଗ୍ୟା ଓ ବ୍ରାହ୍ମଣଙ୍କ ସ୍ତ୍ରୀମାନେ ପଦପୂଜ୍ୟା ବୋଲି ଦର୍ଶାଇ, ସମାଜର ସମସ୍ତେ ବ୍ରାହ୍ମଣଙ୍କ ପାଦତଳେ ପଡ଼ି ସେମାନଙ୍କ ଚରଣଧୂଳି ନେଇପାରିଲେ ସଂସାରରୁ ତରି ଯାଇହେବ ବୋଲି ସାଧାରଣ ଲୋକ ମନରେ ବିଶ୍ୱାସ ସୃଷ୍ଟି କରି ବର୍ଣ୍ଣବୈଶିଷ୍ଟ୍ୟବାଦର ପ୍ରତିଷ୍ଠା ପାଇଁ ଏହା ଯଦି ଲୌକିକ ଭାଷା ସାହିତ୍ୟର ଦୁରୁପଯୋଗ ନହେଁ ତେବେ କ'ଣ?

ସ୍ପଷ୍ଟତଃ କହିଲେ, ଏହା ହେଉଛି ଓଡ଼ିଆ ଜାତିର ମାତୃଭାଷାରେ ଭାଗବତ ପ୍ରଚାର ଆଳରେ ଅତିବଡ଼ୀ ଜଗନ୍ନାଥ ଦାସ ବଳବତ୍ତର କରିବାକୁ ଚାହିଁଥିବା ଜାତିଆଣ ବାଛବିଚାରର ନମୁନା ଏବଂ ବ୍ରାହ୍ମଣବୈଶିଷ୍ଟ୍ୟବାଦର ଇସ୍ତାହାର ।

## ଚୈତନ୍ୟଙ୍କ ମାଧ୍ୟମରେ ରାୟ ରାମାନନ୍ଦଙ୍କ ପ୍ରତିକାର ଉଦ୍ୟମ

ରାୟ ରାମାନନ୍ଦ ପଟ୍ଟନାୟକ ଏହି ସାମାଜିକ ବାଛବିଚାରର ବିଲୋପନ ପାଇଁ ଉଦ୍ୟମ କରିଥିଲେ । ଲାଙ୍ଗୁଳା ନରସିଂହ ଦେବଙ୍କ ପରି ସେ ମଧ୍ୟ ହୃଦୟଙ୍ଗମ କରିଥିଲେ ଯେ ଏହି ଜାତିଭିତ୍ତିକ ସାମାଜିକ ବାଛବିଚାରର ଯଦି ଶୀଘ୍ର ସମାପ୍ତି ଘଟା ନ ଯାଏ ତେବେ ଏହାର ଶିକାର ହେଉଥିବା ଓଡ଼ିଶାର ସଂଖ୍ୟା ଗରିଷ୍ଠ ଲୋକ ମୁସଲମାନ ହୋଇଯିବେ ଓ ଏହା ତାର ସାର୍ବଭୌମତ୍ୱ ହରାଇବ । ତେଣୁ ପୁନର୍ବାର ସହଜିଆ ବୌଦ୍ଧବାଦର ପରିପ୍ରସାରପାଇଁ ସେ ଉପାୟ ଚିନ୍ତା କରିବାରେ ଲାଗିଥିଲେ ଓ ସେତେବେଳକୁ ଓଡ଼ିଶାରେ ପ୍ରବଳ ପ୍ରଭାବଶାଳୀ ଥିବା ବ୍ରାହ୍ମଣ୍ୟବାଦୀ ଶକ୍ତିକୁ ପ୍ରତାରିତ କରି ସହଜିଆ ବୌଦ୍ଧବାଦର ଶକ୍ତି ବୃଦ୍ଧିପାଇଁ ଶ୍ରୀ ଜୟ ଦେବଙ୍କ ପରିସୃଷ୍ଟ ରାଧାର ରତିଚକ୍ରଗାଥାକୁ ନୂଆ ନୂଆ ଶୈଳୀରେ ଲୋକଙ୍କ ପାଖେ ପହଞ୍ଚାଇବାକୁ ଚେଷ୍ଟା କରୁଥିଲେ । କାରଣ **ସହଜିଆ ବୌଦ୍ଧବାଦ ହେଲା ସହଜଭକ୍ତିବାଦ । ଭକ୍ତି ଏପରି ଏକ ରସ ଯାହା ପ୍ରେମ ପରି ଜାତିଭେଦ ମାନେନା । ତେଣୁ ଜାତିଭେଦ ବିରୁଦ୍ଧରେ ସହଜ ଭକ୍ତିବାଦର ସୁଦୃଢ଼ୀକରଣ ଏକମାତ୍ର ଉପାୟ ଭାବେ ଅନୁଭବ କରିଥିଲେ ରାମାନନ୍ଦ ପଟ୍ଟନାୟକ ଏବଂ ଏହାର ପ୍ରସାରପାଇଁ ବୁଦ୍ଧି ପ୍ରୟୋଗ କରୁଥିଲେ ।** ଗଜପତି ପ୍ରତାପରୁଦ୍ର ଦେବ ନିଜର ଏହି ଏକାନ୍ତ ଲଗ୍ନକ ଅମାତ୍ୟଙ୍କ ଉପରେ ନିର୍ଭରଶୀଳ ଥିବା ହେତୁ ଏହି ବୁଦ୍ଧିପ୍ରୟୋଗ ତାଙ୍କପାଇଁ ଦୁଷ୍କର ହେଉନଥିଲା । ଏହି ସମୟରେ ପୁରୀକୁ ଆସିଲେ ଭକ୍ତିତନ୍ମୟ ଶ୍ରୀଚୈତନ୍ୟ । ଦୂରଦ୍ରଷ୍ଟା ଦେଶପ୍ରେମୀ ରାମାନନ୍ଦ ପଟ୍ଟନାୟକ ଏହି ଚୈତନ୍ୟଙ୍କ ଭକ୍ତିତନ୍ମୟତା ଲକ୍ଷ୍ୟ କରି ଓଡ଼ିଶାରୁ କ୍ଷତିକାରକ ଜାତିବାଦର ପ୍ରତିକାର ପାଇଁ ତାଙ୍କ ଭକ୍ତିମତ୍ତାର ସୁଯୋଗ ନେଇଥିଲେ ଏବଂ ତାଙ୍କୁ ଜୟ ଦେବଙ୍କ ପରିସୃଷ୍ଟ ରାଧାତତ୍ତ୍ୱ ସହ ଅନୁବନ୍ଧିତ କରାଇ ମାତୃରାଧିକାରମର୍ମୀ ସହଜ ଭକ୍ତିମାର୍ଗ ମାଧ୍ୟମରେ ଭକ୍ତିଯୋଗରେ ସିଦ୍ଧିମିଳିବ ବୋଲି ବୁଝାଇଥିଲେ । **ବ୍ରାହ୍ମଣ୍ୟବାଦ ପୁରୁଷପ୍ରାଧାନ୍ୟମର୍ମୀ ହୋଇଥିବା ହେତୁ ତହିଁର ପ୍ରତିବିଧାନ କେବଳ ମାତୃପ୍ରାଧାନ୍ୟରେ ନିହିତ ବୋଲି ଦୃଢ଼ ନିଶ୍ଚିତ ଥିଲେ ରାମାନନ୍ଦ । ସୁତରାଂ ଶ୍ରୀ ଜୟ ଦେବଙ୍କ ରାଧାତତ୍ତ୍ୱକୁ ଆପଣାଇ ଯେଉଁ ପୁରୁଷ ନିଜକୁ ରାଧାଭାବେ ଅନୁଭବ କରିବ ତାକୁ କୃଷ୍ଣକୃପା ସହଜେ ମିଳିବ ବୋଲି**

orissamatters.com

**ସେ ପରାମର୍ଶ ଦେଉଥିଲେ ।** କୃଷ୍ଣ ନାମ ବ୍ୟବହାର ଦ୍ୱାରା ବ୍ରାହ୍ମଣ୍ୟବାଦୀମାନେ ପ୍ରତାରିତ ହେବେ ଓ ଏହି ନୂତନ ଉଦ୍ୟମକୁ ଖୋଲାଖୋଲି ବିରୋଧ କରିପାରିବେ ନାହିଁ ବୋଲି ତାଙ୍କର ବିଶ୍ୱାସ ଥିଲା ।

କହିବା ନିଷ୍ପ୍ରୟୋଜନ ଯେ ମାତୃରାଧିକାରର ମହାପୁରାଣ ମହାଭାରତ କୃଷ୍ଣଙ୍କୁ ସହଜ ନାୟକ ଭାବେ ଏବଂ ମାତୃରାଧିକାରର ଶ୍ରେଷ୍ଠତମ ପୃଷ୍ଠପୋଷକ ଭାବେ ଉପସ୍ଥାପିତ କରିଛି । ତେଣୁ **ଜୟ ଦେବଙ୍କୁ ଆଧାର କରି ରାଧାକୃଷ୍ଣ ନାଦ ମାଧ୍ୟମରେ ନରହରି ତୀର୍ଥ ବଳବତ୍ତର କରିଥିବା ରାମ ନାଦର ବିକଳ୍ପ ପ୍ରସାର କରିହେବ ଓ ବ୍ରାହ୍ମଣ୍ୟବାଦବିରୋଧୀ ମାତୃରାଧିକାରର ଏକ ସର୍ବଜନସ୍ପର୍ଶୀ ପୁନର୍ଜାଗରଣ ସମ୍ଭବ ହେବ ଓ ତଦ୍ୱାରା ପୁରୁଷପ୍ରାଧାନ୍ୟ ସଂକୁଚିତ ହୋଇ ବ୍ରାହ୍ମଣ୍ୟବାଦ ସୃଷ୍ଟି କରୁଥିବା ଜାତିଭେଦ ଦୂର ହେବ ବୋଲି ସୁନିଶ୍ଚିତ ଥିଲେ ରାମାନନ୍ଦ ।**

ଚୈତନ୍ୟଙ୍କ ସ୍ୱଭାବ ସୁଲଭ ଭକ୍ତିତନ୍ମୟତା ଏହି ସାମାଜିକ ବିପ୍ଲବପାଇଁ ଅତ୍ୟନ୍ତ ସହାୟକ ହେବ ବୋଲି ସେ ଅନୁମାନ କଲେ । ତେଣୁ ତାଙ୍କୁ ଏହି ତତ୍ତ୍ୱ ଦେଇ, ଏକ ନୂଆ ଶୈଳୀରେ ପୁରୁଣା ବୌଦ୍ଧତନ୍ତ୍ରର ଚଳଣିକୁ ସେ ଆବଶ୍ୟକୀୟ ପରିମାର୍ଜନା ସହିତ ପୁନଃ ସକ୍ରିୟ କରିଥିଲେ । ସବ୍ ଶିଖାଇଲା ମୋରେ ରାୟ ରାମାନନ୍ଦ ବୋଲି ଚୈତନ୍ୟ କେବଳ ଘୋଷଣା କରିଥିଲେ ତା ନୁହେଁ, ସେ ମଧ୍ୟ ରାଧାସୁଲଭ ଚଳଣି ଚରିତ୍ରାୟିତ କରିଥିଲେ । ନଦିଆରେ ଥିବା ବେଳେ ତାଙ୍କ ଚଳଣିରେ ପୁରୁଷପ୍ରୌଢ଼ି ଭରି ହୋଇ ରହିଥିବା ବେଳେ ଓଡ଼ିଶାକୁ ଆସିବା ପରେ ତାଙ୍କ ଆଚରଣରେ ଯେଉଁ ନାୟିକାଭାବ ପରିଦୃଷ୍ଟ ହେଲା ତାହା ନିଃସନ୍ଦେହ ଥିଲା ରାମାନନ୍ଦ ପଟ୍ଟନାୟକଙ୍କ ଅବଦାନ । ମାତ୍ର ଏହାର ତାତ୍ତ୍ୱିକ ଉପାଦାନ ନିହିତ ଥିଲା ବୌଦ୍ଧତନ୍ତ୍ରରେ - ବାମା ଭୁତ୍ୱା ଯଜେତ୍ ପରମ୍ - ବାମା ସୁଲଭ ଚଳଣିରେ ପରମାନନ୍ଦ ପ୍ରାପ୍ତି । ଏଥିପାଇଁ ମଧ୍ୟ ଚୈତନ୍ୟଙ୍କଠାରେ ଉତ୍ସୁକତା ଥିବା ଲକ୍ଷ୍ୟ କରି ରାୟ ରାମାନନ୍ଦ ତାଙ୍କୁ ଏହି ନୂତନ ଭକ୍ତି ବିପ୍ଳବର କେନ୍ଦ୍ରରେ ରଖିଥିଲେ ଓ ତାଙ୍କର ଏହି ଆଧ୍ୟାତ୍ମିକ ମାନ୍ୟତାକୁ ପ୍ରଶ୍ନାତୀତ କରିବାକୁ ସେ ଗଜପତି ପ୍ରତାପରୁଦ୍ରଙ୍କୁ ପ୍ରବର୍ତ୍ତାଇଥିଲେ । ପ୍ରତାପରୁଦ୍ରଙ୍କ ପୃଷ୍ଠପୋଷକତା ପାଇ ଶ୍ରୀଚୈତନ୍ୟ ଓଡ଼ିଶାରେ ଯେଉଁ ଭକ୍ତିପ୍ଲାବନ ସୃଷ୍ଟି କରିପାରିଥିଲେ ତାହା ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ସାମାଜିକ ସ୍ୱୀକୃତି ଦିଆଇବାକୁ ଅଭିପ୍ରେତ ଥିଲା । ଏହା ଥିଲା ଭକ୍ତି ଓ ବିଶ୍ୱାସର ଏକ ମହା ବିପ୍ଳବ ଯହିଁରୁ ବ୍ରାହ୍ମଣ୍ୟବାଦ-ନିପୀଡ଼ିତ ସାରା ଓଡ଼ିଶାର ଲୋକେ ପାଇଥିଲେ ମୁକ୍ତିର ଏକ ନୂଆ ମାର୍ଗ ।

*ଏହି ମାର୍ଗ ପ୍ରଦାନ କରିଥିବା ଚୈତନ୍ୟ ଯେହେତୁ ଶ୍ରୀ ଜୟ ଦେବ ସୃଷ୍ଟି କରିଥିବା ରାଧାତତ୍ତ୍ୱ ଉପରେ ନିର୍ଭର କରି ହିଁ ନିଜ ଦାର୍ଶନିକ ଚିନ୍ତାର ବିକାଶ ଘଟାଇଥିଲେ ସେହେତୁ ଜୟ ଦେବଙ୍କୁ ବୌଦ୍ଧ ବୋଲି ଜାଣିଥିବା ଲୋକଙ୍କ ଆଖିରେ ସେ ଥିଲେ ବୌଦ୍ଧତତ୍ତ୍ୱର ଜୀବନ୍ତ ରୂପ ।*

orissamatters.com

## ବ୍ରାହ୍ମଣ୍ୟବାଦର ନୂଆ ଅସ୍ତ୍ର: ପ୍ରକ୍ଷିପ୍ତୀକରଣ

ପୂର୍ବରୁ କୁହା ହୋଇଛି ଯେ, ସହଜଯାନୀ ଜୀବନଜିଜ୍ଞାସାରେ ମହୋଦଧି ବକ୍ଷକୁ (ହେରୁକରୂପୀ ବୁଦ୍ଧଙ୍କ ପାଖକୁ) ସତତ ଫେରିଚାଲୁଥିବା ଜଳର ଧାରା (ମଣିଷର ଚେତନା ବା ବୁଦ୍ଧି) ଜୟ ଦେବଙ୍କ ଲେଖନୀରେ ରାଧା (ଧାରାର ନେଉଟ ରୂପ ରାଧା) ଭାବେ ପ୍ରକୀର୍ତ୍ତିତ ହୋଇ ତାଙ୍କ ଅଷ୍ଟପଦୀଗୁଡ଼ିକର ମୂଳ ଆଧାର ହୋଇଥିଲା । **ବୁଦ୍ଧଙ୍କ ସହ ବୁଦ୍ଧିର ଏହି ମିଳନେଚ୍ଛା କୃଷିକୁହୁକ ଅନୁବର୍ତ୍ତୀ ସାଧାରଣ ମଣିଷର ମନ ସ୍ପର୍ଶକଲାପରି ମୈଥୁନବାଦୀ ଶୈଳୀରେ ବର୍ଣ୍ଣିତ ହୋଇଥିଲା ଜୟ ଦେବ ଲେଖନୀରେ** । ରାଜାନୁଗ୍ରହପ୍ରାପ୍ତ ଉଗ୍ର ବ୍ରାହ୍ମଣ୍ୟବାଦକୁ ପ୍ରତାରିତ କରିବାପାଇଁ ଚୌରାଶୀ ସିଦ୍ଧ ଯେପରି ପ୍ରତ୍ନ ଓଡ଼ିଆରେ ଗହନ ଅର୍ଥ ଥିବା ବା ଅର୍ଥରେ ସନ୍ଧିଥିବା ସନ୍ଧା ବା ସାନ୍ଧ୍ୟ ଭାଷାରେ ଦୋହା ରଚନା କରିଥିଲେ, ଶ୍ରୀ ଜୟ ଦେବ ମଧ୍ୟ ସଂସ୍କୃତାୟିତ ଓଡ଼ିଆରେ ସେହିପରି ଗହନ ଅର୍ଥସଂପନ୍ନ ରାଧାତତ୍ତ୍ୱର ଅବତାରଣ କରିଥିଲେ ଅଷ୍ଟପଦୀଗୁଡ଼ିକ ସାହାଯ୍ୟରେ ଏବଂ ତଦ୍ଦ୍ୱାରା ଦେଇଥିଲେ ବୌଦ୍ଧ ସହଜଯାନକୁ ଏକ ନୂତନ ଶାସ୍ତ୍ର , ଏକ ନୂତନ ସହାୟକ ସାହିତ୍ୟ ।

ସେଥିପାଇଁ **ଯେଉଁ ବ୍ରାହ୍ମଣ୍ୟବାଦୀମାନେ ବୌଦ୍ଧତତ୍ତ୍ୱକୁ ସହ୍ୟ କରିପାରୁ ନଥିଲେ, ଅଥଚ ଶ୍ରୀ ଜୟ ଦେବଙ୍କ ଲୋକପ୍ରିୟତା କମାଇପାରୁନଥିଲେ, ସେମାନେ ତାଙ୍କ ରଚନାଗୁଡ଼ିକୁ ବୌଦ୍ଧ ସାହିତ୍ୟରୁ ହିନ୍ଦୁ ସାହିତ୍ୟକୁ ପରିବର୍ତ୍ତିତ କରିବା ପରି କୌଶଳ ପ୍ରୟୋଗ କରିଥିଲେ । ଏହି କୌଶଳର ସଫଳତା ସମ୍ଭବ ଥିଲା କେବଳ ପ୍ରକ୍ଷିପ୍ତୀକରଣ ଦ୍ୱାରା ।** ଏଥିପାଇଁ ସେମାନେ ଜୟ ଦେବଙ୍କ ରସାଳ ରଚନାର ଯଦୃଚ୍ଛା ସଂପାଦନା କରିଥିଲେ ।

କବିଙ୍କ ଘନିଷ୍ଠ ବନ୍ଧୁ ପରାଶର ପ୍ରଭୃତି ଏହି ଅଷ୍ଟପଦୀଗୁଡ଼ିକୁ ଏକତ୍ର କରି ତହିଁର ପ୍ରଥମ ଓ ନିଷ୍ପାପ ସଂପାଦନା ହୁଏତ କରିଥିବେ । ସେତେବେଳେ ସମ୍ଭବତଃ ପ୍ରସଙ୍ଗ ପ୍ରାଞ୍ଜଳୀକରଣପାଇଁ ତହିଁରେ ଆଉ କେତେଗୁଡ଼ିଏ ଶ୍ଲୋକ ସେହିମାନେହିଁ ସଂଯୋଜନା କରିଥାଇପାରନ୍ତି ।

କିନ୍ତୁ ପରବର୍ତ୍ତୀ କାଳରେ ଶ୍ରୀ ଜୟଦେବଙ୍କ ମତାଦର୍ଶର ବିଲୋପୀକରଣପାଇଁ ବ୍ୟଗ୍ର ବ୍ୟକ୍ତିମାନେ ନିଜ ନିଜ ଦୁରଭିସନ୍ଧି କାର୍ଯ୍ୟକାରୀ କରିବାପାଇଁ ଯେତେବେଳେ ସାନି ସଂପାଦନ କରିଛନ୍ତି, ସେତେବେଳେ ବୌଦ୍ଧ କାମବଜ୍ରଯାନର ଏହି ଅନୁପମ ସହାୟକ ସାହିତ୍ୟକୁ ବିକୃତ କରାଇ, ଶ୍ରୀଗୀତଗୋବିନ୍ଦ ଭାବେ ତହିଁର ନାମକରଣ କରି ତାଙ୍କର ବୌଦ୍ଧ ପରିଚୟର ପରିସମାପ୍ତି ଘଟାଇ ବିଷ୍ଣୁସେବକଭାବେ ତାଙ୍କର ଏକ ନୂତନ ପରିଚୟ ସୃଷ୍ଟି କରାଇଛନ୍ତି । **ଯେଉଁ ବ୍ୟକ୍ତି ତାଙ୍କ ଅଷ୍ଟପଦୀଗୁଡିକରେ ଥରକପାଇଁ ମଧ୍ୟ ଗୋବିନ୍ଦ ଶବ୍ଦ ଉଲ୍ଲେଖ କରିନାହାନ୍ତି, ସେ ନିଜ ରଚନାର ନାମ *ଶ୍ରୀ ଗୀତ ଗୋବିନ୍ଦ* ରଖିଥିବା ଗ୍ରହଣ ଯୋଗ୍ୟ ନୁହେଁ** । ଅତଏବ, ଶ୍ରୀଗୀତଗୋବିନ୍ଦ ଭାବେ ଏବେ ଯାହା ଉପଲବ୍ଧ, ତହିଁରେ ଶ୍ରୀ ଜୟ ଦେବଙ୍କ ରଚିତ ୨୨ଟି ଅଷ୍ଟପଦୀ, ପରାଶର ପ୍ରଭୃତିଙ୍କ ପ୍ରାସଙ୍ଗିକ ସଂଯୋଜନା ଓ ବୌଦ୍ଧ ବିରୋଧୀମାନଙ୍କ

orissamatters.com

ଅଭିସନ୍ଧିସଂପନ୍ନ ପ୍ରକ୍ଷିପ୍ତ ଶ୍ଳୋକାବଳୀ ମିଶିକରି ରହିଛି ।

ଲକ୍ଷ୍ୟ କରିବାର କଥା, ଅଷ୍ଟପଦୀଗୁଡ଼ିକୁ ପ୍ରବନ୍ଧ ଭାବେ ହିଁ ଚିହ୍ନିତ କରିଛନ୍ତି ସ୍ୱୟଂ ଶ୍ରୀ ଜୟ ଦେବ । ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକ ଏହି ପ୍ରବନ୍ଧଗୁଡ଼ିକଠାରୁ ଭିନ୍ନ । ପ୍ରତି ପ୍ରବନ୍ଧର ଶେଷ ପଦରେ ଭଣିତା ସ୍ଥାନିତ କରି ତହିଁରେ ଶ୍ରୀ ଜୟ ଦେବ ନିଜ ନାମ ସଂଯୁକ୍ତ କରିଥିବା ବେଳେ ପ୍ରବନ୍ଧର ପୂର୍ବ ଓ ପରବର୍ତ୍ତୀ ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକରେ ଭଣିତିର କୌଣସି ସୂଚନା ଉପଲବ୍ଧ ହୁଏ ନାହିଁ । ସୁତରାଂ ସ୍ୱାତନ୍ତ୍ର୍ୟସଂପନ୍ନ ପ୍ରବନ୍ଧଗୁଡିକଠାରୁ ଏଗୁଡିକ ସଂପୂର୍ଣ୍ଣ ଭିନ୍ନ ।

ସଂପାଦକମାନଙ୍କ ଦ୍ୱାରା ପ୍ରକ୍ଷିପ୍ତ ହୋଇଥିବା ଶ୍ଳୋକାବଳୀରୁ ଶ୍ରୀ ଜୟଦେବଙ୍କ ପଦାବଳୀଗୁଡ଼ିକ ଯେ ଭିନ୍ନ ତାର ବହୁବିଧ ଲକ୍ଷଣ ଆଖିରେ ପଡ଼େ । ଏକଥା ସୁନିଶ୍ଚିତ ଯେ , ଯେଉଁ ଶୈଳୀରେ ଏଗୁଡ଼ିକ ସଂପାଦିତ ହୋଇଛି ତାହା ଅତ୍ୟନ୍ତ ପ୍ରଭାବଶାଳୀ । ବୌଦ୍ଧ କାମବଜ୍ରଯାନର ଏହି ଶକ୍ତିଶାଳୀ ସହାୟକ ସାହିତ୍ୟର ଦାର୍ଶନିକ ଘଟାନ୍ତର ଘଟାଇବାକୁ ବ୍ରହ୍ମଣ୍ୟବାଦୀମାନଙ୍କ ଚକ୍ରାନ୍ତ ହେତୁ ଏହାକୁ ଶ୍ରୀଗୀତଗୋବିନ୍ଦ ପରି ଏକ ବୈଷ୍ଣବୀୟ ନାମ ପ୍ରଦାନ କରାଯାଇଛି କେବଳ ନୁହେଁ, ପ୍ରକୃତ ଓ ପ୍ରକ୍ଷିପ୍ତ - ସମସ୍ତ ପଦ ବିଭବକୁ ଏକତ୍ର ରଖି ତାହାକୁ ୧୨ ଗୋଟି ସର୍ଗରେ ବିଭକ୍ତ କରି, ପ୍ରତି ସର୍ଗକୁ ବୈଷ୍ଣବୀୟ ଶିରୋନାମାରେ ସଜ୍ଜିତ କରାଯାଇଛି । ପୂର୍ବରୁ ଯଦି *ପରାଶରାଦି ପ୍ରିୟବର୍ଗ* ଏହାକୁ ସଂପାଦନ କରିଥିବେ ଓ ଅଷ୍ଟପଦୀଗୁଡ଼ିକର ପ୍ରେକ୍ଷାପଟ ସ୍ପଷ୍ଟ କରିବାପାଇଁ ଆବଶ୍ୟକୀୟ ପ୍ରକ୍ଷିପ୍ତ ଶ୍ଳୋକାବଳୀ ଦ୍ୱାରା ପରିପୁଷ୍ଟ କରିଥିବେ, ତେବେ ଏହାହିଁ କୁହାଯାଇପାରେ ଯେ, ତହିଁରେ ବ୍ରାହ୍ମଣ୍ୟବାଦୀ ହସ୍ତକ୍ଷେପ ପରେ ଦ୍ୱିତୀୟ ଥର ପାଇଁ ତହିଁର ଆନୁଷ୍ଠାନିକ ସଂପାଦନା ହୋଇ ବର୍ତ୍ତମାନ ଉପଲବ୍ଧ ହେଉଥିବା ଶ୍ରୀଗୀତଗୋବିନ୍ଦର ରୂପସଜ୍ଜା ଚୂଡ଼ାନ୍ତ ହୋଇଥିବ ।

ଏବଂ ଏହା ହିଁ ହୋଇଛି । ଫଳରେ ଉପର୍ଯ୍ୟୁପରି ସଂପାଦନା ହେତୁ ପ୍ରକ୍ଷିପ୍ତ ଶ୍ଳୋକଗଡ଼ିକରେ ସ୍ଥିତିଗତ ତାରତମ୍ୟ ଦେଖାଯାଉଛି । ଏପରିକି, ପ୍ରକ୍ଷିପ୍ତ ଶ୍ଳୋକଗୁଡିକ ମଧ୍ୟରୁ କେତେକ ଶ୍ଳୋକ କେଉଁ କେଉଁ ସଂସ୍କରଣରେ ଆଦୌ ମଧ୍ୟ ନାହିଁ ।

ଶ୍ରୀ ଜୟ ଦେବଙ୍କ ମତାଦର୍ଶ ସଂପର୍କରେ ଭ୍ରମାତ୍ମକ ମତ ପରିପୋଷଣ କରିଥିଲେ ମଧ୍ୟ ତାଙ୍କୁ ଓଡ଼ିଶାର ଭୂମିପୁତ୍ର ଭାବେ ସାବ୍ୟସ୍ତ କରିବାରେ ସାର୍ଥକ ଭୂମିକା ନିର୍ବାହ କରିଥିବା ପୁଣ୍ୟଶ୍ଳୋକ ପଣ୍ଡିତ କେଦାରନାଥ ମହାପାତ୍ର ପ୍ରକ୍ଷିପ୍ତ କରାହୋଇଥିବା ଶ୍ଳୋକଗଡ଼ିକର ଏକ ଏଷଣାପୁଷ୍ଟ ତାଲିକା ରଖିଛନ୍ତି ଶ୍ରୀ ଜୟଦେବ ଓ ଗୀତଗୋବିନ୍ଦ ଶୀର୍ଷକ ସ୍ୱୀୟ ଅମୂଲ୍ୟ ଗ୍ରନ୍ଥରେ । ସର୍ବାଙ୍ଗସୁନ୍ଦରୀ (ସ), ଟିପ୍ପଣିକା (ଟି), ରସମଞ୍ଜରୀ (ର), ଧରଣୀଧର (ଧ) ଓ ଅର୍ଥଗୋବିନ୍ଦ (ଅ) ଟୀକା ଗୁଡ଼ିକର ତୁଳନାତ୍ମକ ଅଧ୍ୟୟନ କରି ସର୍ଗାନୁକ୍ରମେ ଏଗୁଡ଼ିକ ମଧ୍ୟରେ ଥିବା ଅସାମଞ୍ଜସ୍ୟ ନିରୂପଣ କରି ତଦନୁଯାୟୀ ପ୍ରକ୍ଷିପ୍ତ ଶ୍ଳୋକାବଳୀର ଏକ ତାଲିକା ପ୍ରଦାନ କରିଛନ୍ତି । ତାହାକୁ ଏହି ପ୍ରେକ୍ଷାପଟରେ ଏଠାରେ ଉଲ୍ଲେଖ କରାଯାଇପାରେ । ଏଗୁଡ଼ିକ ହେଲା-

ପ୍ରଥମ ସର୍ଗ-(ଶେଷ ଶ୍ଳୋକ)

orissamatters.com

ରାସୋଲ୍ଲାସଭରେଣ ବିଭ୍ରମଭୃତାମାଭୀରବାମଭ୍ରୁବାମ୍
ଅଭ୍ୟର୍ଣ୍ଣେ ପରିରଭ୍ୟ ନିର୍ଭରମୁରଃ ପ୍ରେମାନ୍ଧୟା ରାଧୟା ।
ସାଧୁ ତ୍ୱଦ୍‌ବଦନଂ ସୁଧାମୟିମିତି ବ୍ୟାହୃତ୍ୟ ଗୀତସ୍ତୁତି-
ବ୍ୟାଜାଦୁଦ୍‌ଭଟଚୁମ୍ବିତଃସ୍ମିତମନୋହାରୀ ହରିଃ ପାତୁ ବଃ ।।
(ଏହା ସ, ର, ଧ ଓ ଅ ରେ ପରିତ୍ୟକ୍ତ ।)

ଦ୍ୱିତୀୟ ସର୍ଗ-(ଶେଷ ଶ୍ଳୋକ)

ସାକୂତ-ସ୍ମିତମାକୁଳାକୁଳ-ଗଳଦ୍ଧମ୍ମିଲ୍ଲମୁଲ୍ଲାସିତ-
ଭ୍ରୂବଲ୍ଲୀକମଳୀକ-ଦର୍ଶିତଭୁଜାମୂଳାର୍ଦ୍ଧଦୃଷ୍ଟସ୍ତନମ୍ ।
ଗୋପୀନାଂ ନିଭୃତଂ ନିରୀକ୍ଷ୍ୟ ଗମିତାକାଙ୍କ୍ଷଶ୍ଚିରଂ ଚିନ୍ତୟ-
ନ୍ନନ୍ତର୍ମୁଗ୍ଧମନୋହରଂ ହରତୁ ବଃ କ୍ଳେଶଂ ନବଃ କେଶବଃ ।।
(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)

ତୃତୀୟ ସର୍ଗ-(ଶେଷ ଶ୍ଳୋକ)

ତିର୍ଯ୍ୟକ୍‌କଣ୍ଠବିଲୋଳମୌଳିତରଳୋତ୍ତଂସସ୍ୟ ବଂଶୋଚ୍ଚରଦ୍-
ଗୀତସ୍ଥାନକୃତାବଧାନଲଳନା ଲକ୍ଷୈର୍ନ ସଂଲକ୍ଷିତାଃ ।
ସଂମୁଗ୍ଧେ ମଧୁସୂଦନସ୍ୟ ମଧୁରେ ରାଧାମୁଖେନ୍ଦୌ ମୃଦୁ-
ସ୍ୟନ୍ଦଂ କନ୍ଦଳିତଶ୍ଚିରଂ ଦଧତୁ ବଃ କ୍ଷେମଂ କଟାକ୍ଷୋର୍ମୟଃ ।।
(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)

ଚତୁର୍ଥ ସର୍ଗ-(ଶେଷ ଶ୍ଳୋକ)

ବୃଷ୍ଟିବ୍ୟାକୁଳଗୋକୁଳାବନରସାଦୁଦ୍ଧୃତ୍ୟ ଗୋବର୍ଦ୍ଧନମ୍
ବିଭ୍ରଦ୍‌ବଲ୍ଲବବଲ୍ଲଭାଭିରଧିକା ନନ୍ଦାଚ୍ଚିରଂ ଚୁମ୍ବିତଃ ।
ଦର୍ପେଣୈବ ତଦର୍ପିତାଧରତଟୀସିନ୍ଦୁରମୁଦ୍ରାଙ୍କିତୋ
ବହୁର୍ଗୋପତନୋସ୍ତନୋତୁ ଭବତାଂ ଶ୍ରେୟାଂସି କଂସଦ୍ୱିଷଃ ।।
(ଏହା ସ, ର, ଧ, ଅ ରେ ପରିତ୍ୟକ୍ତ ।)

ପଞ୍ଚମ ସର୍ଗ-(ଶେଷ ଶ୍ଳୋକ)

ରାଧା ମୁଗ୍ଧ ମୁଖାରବିନ୍ଦ ମଧୁପୈସ୍ତ୍ରୈଲୋକ୍ୟମୌଳିସ୍ଥଳି
ନେପଥ୍ୟୋଚିତନୀଳରତ୍ନମବନୀଭାରାବତାରାନ୍ତକଃ ।
ସ୍ୱଚ୍ଛନ୍ଦଃବ୍ରଜସୁନ୍ଦରୀ ବନମନସ୍ତୋଷପ୍ରଦୋଷୋଦୟଃ
କଂସଧ୍ୱଂସନ ଧୂମକେତୁରବତ୍ ତ୍ୱାଂ ଦେବକୀନନ୍ଦନଃ ।।
(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)

ଷଷ୍ଠ ସର୍ଗ-(ଶେଷ ଶ୍ଳୋକ)

orissamatters.com

କିଂବିଶ୍ରାମ୍ୟସି କୃଷ୍ଣଭୋଗିଭବନେ ଭାଣ୍ଡୀରଭୂମୀରୁହି
ଭ୍ରାତର୍ଯାସି ନ ଦୃଷ୍ଟିଗୋଚରମିତଃ ସାନନ୍ଦନନ୍ଦାସ୍ପଦମ୍ ।
ରାଧାୟା ବଚନଂ ତଦଧ୍ୱଗମୁଖାନ୍ନନ୍ଦାନ୍ତିକେଗୋପତୋ
ଗୋବିନ୍ଦସ୍ୟ ଜୟନ୍ତି ସାୟମତିଥି-ପ୍ରାଶସ୍ତ୍ୟଗର୍ଭା ଗିରଃ ।।

(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)

ସପ୍ତମ ସର୍ଗ-(ଶେଷ ଶ୍ଳୋକ)

ପ୍ରାତର୍ନୀଳନିଚୋଳମଚ୍ୟୁତମୁରଃସମ୍ବୀତ ପୀତାଂଶୁକମ୍
ରାଧାୟାଶ୍ଚକିତଂ ବିଲୋକ୍ୟ ହସତି ସ୍ୱୈରଂ ସଖୀମଣ୍ଡଳେ ।
ବ୍ରୀଡାଚଞ୍ଚଳମଞ୍ଚଳଂ ନୟନୟୋରାଧାୟ ରାଧାବନେ
ସ୍ମେରସ୍ମେରମୁଖୋଽୟମସ୍ତୁ ଜଗଦାନନ୍ଦାୟ ନନ୍ଦାତ୍ମଜଃ ।।

(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)

ଅଷ୍ଟମ ସର୍ଗ-(ଶେଷ ଶ୍ଳୋକ)

ଅନ୍ତର୍ମୋହନମୌଳିଘୂର୍ଣ୍ଣନଚଳନ୍ମନ୍ଦାରବିସ୍ରଂସନ
ସ୍ତବ୍ଧାକର୍ଷଣଦୃଷ୍ଟି ହର୍ଷଣ ମହାମନ୍ତ୍ରଃ କୁରଙ୍ଗୀଦୃଶାମ୍ ।
ଦୃପ୍ୟଦ୍ଦାନବଦୂୟମାନଦିବିଷଦ୍ଦୁର୍ବାରଦୁଃଖାପଦାମ୍
ଭ୍ରଂଶଃ କଂସରିପୋର୍ବ୍ୟପୋହୟତୁ ବଃ ଶ୍ରେୟାଂସି ବଂଶୀରବଃ ।।

(ଏହା ସ, ଟି, ର,ଧ, ଅ ରେ ପରିତ୍ୟକ୍ତ)

ନବମ ସର୍ଗ-(ଶେଷ ଶ୍ଳୋକ)

ସାନ୍ଦ୍ରାନନ୍ଦପୁରନ୍ଦରାଦି ଦିବିଷଦ୍ବୃନ୍ଦୈରମନ୍ଦାଦରା-
ଦାନମ୍ରୈର୍ମୁକୁଟେନ୍ଦ୍ରନୀଳମଣିଭିଃସନ୍ଦର୍ଶିତୋନ୍ଦିନ୍ଦିରମ୍ ।
ସ୍ୱଚ୍ଛନ୍ଦଂ ମକରନ୍ଦସୁନ୍ଦରଗଳନ୍ମନ୍ଦାକିନୀମେଦୁରଂ
ଶ୍ରୀଗୋବିନ୍ଦପଦାରବିନ୍ଦମଶୁଭସ୍କନ୍ଦାୟବନ୍ଦାମହେ ।।

(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)

ଦଶମ ସର୍ଗ-(ଶେଷ ଶ୍ଳୋକ)

ପ୍ରୀତିଂ ବସ୍ତନୁତାଂ ହରିଃ କୁବଳୟାପୀଡେନ ସାର୍ଦ୍ଧଂ ରଣେ
ରାଧାପୀନପୟୋଧରସ୍ମରଣକୃତ୍କୁମ୍ଭେନ ସମ୍ଭେଦବାନ୍ ।
ଯତ୍ର ସ୍ୱିଦ୍ୟତିମୀଳତି କ୍ଷଣମଥ କ୍ଷିପ୍ତେ ଦ୍ୱିପେ ତତ୍କ୍ଷଣାତ୍
କଂସସ୍ୟାଲମଭୂଜ୍ଜିତଂ ଜିତମିତି ବ୍ୟାମୋହକୋଳାହଳଃ ।।

(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)

ଏକାଦଶ ସର୍ଗ-(ଶେଷ ଶ୍ଳୋକ)

orissamatters.com

ଜୟଶ୍ରୀବିନ୍ୟସ୍ତୈର୍ମହିତ ଇବ ମନ୍ଦାରକୁସୁମୈଃ
ସ୍ୱୟଂ ସିନ୍ଦୂରେଣ ଦ୍ୱିପରଣମୁଦା ମୁଦ୍ରିତ ଇବ ।
ଭୁଜାପୀଡକ୍ରୀଡାହତକୁବଳୟାପୀଢକରିଣଃ
ପ୍ରକୀର୍ଣ୍ଣାସୃଗବିନ୍ଦୁର୍ଜୟତି ଭୁଜଦଣ୍ଡୋ ମୁରଜିତଃ ।।
(ଏହା ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)
ରାଣାକୁମ୍ଭ କୃତ ରସିକପ୍ରିୟା ଟିକାରେ ଭଜନ୍ତ୍ୟାସ୍ତଲ୍ପାନ୍ତଂ ଶ୍ଳୋକ ପରେ ଉପଲବ୍ଧ ନିମ୍ନୋକ୍ତ ଶ୍ଳୋକ-
ସାନନ୍ଦଂ ନନ୍ଦସୂନୁର୍ଦିଶତୁମିତପରଂ ସଂମଦଂ ମନ୍ଦମନ୍ଦଂ
ରାଧାମାଧାୟ ବଦ୍ଧ୍ୱୋର୍ବିବରମନୁଦୃଢଂ ପୀଡୟନ୍ ପ୍ରୀତିଯୋଗାତ୍ ।
ତୁଙ୍ଗୌ ତସ୍ୟା ଉରୋଜାବତନୁବରତନୋ ନିର୍ଗତୌ ମାସ୍ମଭୂତାଂ
ପୃଷ୍ଠଂ ନିର୍ଭିଦ୍ୟ ତସ୍ମାଦ୍‌ବହିରିତି ବଳିତଗ୍ରୀବମାଲୋକୟନ୍ ବଃ ।।
ରସିକପ୍ରିୟା ଟୀକାରେ ଜୟଶ୍ରୀବିନ୍ୟସ୍ତୈ ଶ୍ଳୋକ ପରେ ପରିଦୃଷ୍ଟ ନିମ୍ନୋକ୍ତ ଶ୍ଳୋକ-
ସୌନ୍ଦର୍ଯୈ୍ୟକନିଧେରନଙ୍ଗଲଳନା-ଲାବଣ୍ୟ-ଲୀଳା-ଜୁଷୋ
ରାଧାୟା ହୃଦି ପଲ୍ୱଳେ ମନସିଜ କ୍ରୀଡୈକରଙ୍ଗସ୍ଥଳେ
ରମ୍ୟୋରଜ-ସରୋଜ-ଖେଳନ ରସିତ୍ୱାଦାତ୍ମନଃ ଖ୍ୟାପୟନ୍
ଧ୍ୟାତୁର୍ମାନସ ରାଜହଂସନିଭତାଂ ଦେୟାନ୍ମୁ କୁନ୍ଦୋ ମୁଦମ୍ ।।
(ଏହି ଉଭୟ ଶ୍ଳୋକ ସ, ଟି, ର, ଧ, ଅ ରେ ପରିତ୍ୟକ୍ତ ।)
ଦ୍ୱାଦଶ ସର୍ଗ-
(୧)ମୀଳଦ୍‌ଦୃଷ୍ଟିମିଳତ୍‌କପୋଳପୁଲକଂ ଶୀତ୍କାରଧାରାବଶା- (ଈଷନ୍ମୀଳିତଦୃଷ୍ଟି)
ଦବ୍ୟକ୍ତାକୁଳକେଳିକାକୁବିକସଦ୍‌ଦନ୍ତାଂଶୁଧୌତାଧରମ୍ ।
ଶ୍ୱାସୋନ୍ନଦ୍ଧପୟୋଧରୋପରି ପରିଷ୍ୱଙ୍ଗୀ କୁରଙ୍ଗୀଦୃଶୋ
ହର୍ଷୋତ୍କର୍ଷବିମୁକ୍ତିନିଃସହତନୋର୍ଧନ୍ୟୋ ଧୟତ୍ୟାନନମ୍ ।।
(୨)ବ୍ୟାଲୋଳକେଶପାଶସ୍ତରଳିତମଳକୈଃସ୍ୱେଦଲୋଲୌକପୋଲୌ (ବ୍ୟାକୋଶ)
କ୍ଲିଷ୍ଟା ଦଷ୍ଟାଧରଶ୍ରୀଃ କୁଚକଳସରୁଚା ହାରିତା ହାରୟଷ୍ଟିଃ
କାଞ୍ଚୀ କାଞ୍ଚିଦ୍‌ଗତାଶାଂ ସ୍ତନଜଘନପଦଂ ପାଣିନାଛାଦ୍ୟ ସଦ୍ୟଃ
ପଶ୍ୟନ୍ତୀ ସତ୍ରପା ମାଂ ତଦପି ବିଲୁଳିତସ୍ରଗ୍‌ଧରେୟଂ ଧିନୋତି ।।
(୩) ପର୍ଯ୍ୟଙ୍କୀକୃତନାଗନାୟକଫଣାଶ୍ରେଣୀମଣିନାଂ ଗଣେ
ସଂକ୍ରାନ୍ତପ୍ରତିବିମ୍ବସଂବଳନୟା ବିଭ୍ରଦ୍‌ବିଭୁପ୍ରକ୍ରିୟାମ୍ ।
ପାଦାମ୍ଭୋରୁହଧାରିବାରିଧିସୁତାମକ୍ଷଣାଂ ଦିଦୃକ୍ଷୁଃ ଶତୈଃ
କାୟବ୍ୟୂହମିବାଚରନ୍ନୁପଚିତୀଭୂତୋ ହରିଃ ପାତୁ ବଃ ।।

orissamatters.com

(୪)ତ୍ୱାମପ୍ରାପ୍ୟ ମୟିସ୍ୱୟଂବରାପରାଂ କ୍ଷୀରୋଦତୀରୋଦରେ
ଶଙ୍କେ ସୁନ୍ଦରି । କାଳକୁଟମପିବନ୍ମୁଢୋ ମୃଡାନୀପତିଃ ।
ଇତ୍‌ଥଂ ପୂର୍ବକଥାଭିରନ୍ୟମନସୋ ବିକ୍ଷିପ୍ୟ ବାମାଞ୍ଚଳଂ
ରାଧାୟାସ୍ତନକୋରକୋପରିମିଳନ୍ନେତ୍ରୋ ହରିଃ ପାତପବଃ ।।
(୫)ସାଧ୍ୱୀ ମାଧ୍ୱୀକଚିନ୍ତା ନ ଭବତି ଭବତଃ ଶର୍କରେ କର୍କରାସି
ଦ୍ରାକ୍ଷେ ଦ୍ରକ୍ଷ୍ୟନ୍ତି କେ ତ୍ୱାମମୃତ ମୃତମସି କ୍ଷୀରନୀରଂରସସ୍ତେ ।
ମାକନ୍ଦଂ କ୍ରନ୍ଦ କାନ୍ତାଧର ଧରଣିତଳଂ ଗଚ୍ଛ ଯଚ୍ଛନ୍ତି ଯାବ-
ଦ୍‌ଭାବଂ ଶୃଙ୍ଗାରସାରସ୍ୱତମିହ ଜୟଦେବସ୍ୟ ବିଷ୍ୱଗ୍‌ବଚାଂସି ।।
(୬)ଶ୍ରୀ ଭୋଜଦେବପ୍ରଭବସ୍ୟ ବାମାଦେବୀସୁତ ଶ୍ରୀଜୟଦେବକସ୍ୟ
ପରାଶରାଦିପ୍ରିୟବନ୍ଧୁକଣ୍ଠେ ଶ୍ରୀଗୀତଗୋବିନ୍ଦକବିତ୍ୱମସ୍ତୁ ।
(୭)ରାଣାକୁମ୍ଭଙ୍କ ରସିକପ୍ରିୟା ଟୀକା ଶେଷରେ ନିମ୍ନୋକ୍ତ ଶ୍ଳୋକ ମିଳେ-
ଇତ୍‌ଥଂକେଳିବତୀ ବିହୃତ୍ୟ ଯମୁନାକୂଳେ ସମଂ ରାଧୟା
ତଦ୍ରୋମାବଳି-ମୌକ୍ତିକାବଳି ଯୁଗେ ବେଣୀଭ୍ରମଂ ବିଭ୍ରତି ।
ତତ୍ରାହ୍ଲାଦିକୁଚପ୍ରୟାଗଫଳୟୋର୍ଲିପ୍ସାବତୋର୍ହସ୍ତୟୋ-
ର୍ବ୍ୟାପାରାଃ ପୁରୁଷୋତ୍ତମସ୍ୟ ଦଦତୁ ସ୍ଫିତାଂ ମୁଦଂ ସଂପଦମ୍‌ ।।

ଦ୍ୱାଦଶ ସର୍ଗର ଏ ସାତୋଟି ଶ୍ଳୋକର ବ୍ୟାଖ୍ୟା *ଶ୍ରୀ ମାନଙ୍କ କୃତ ଟିପ୍ପଣିକା* ଓ *ଧରଣୀଧରଙ୍କ ପଦ୍ୟାନୁବାଦ*ରେ ମିଳେ ନାହିଁ । *ଅର୍ଥଗୋବିନ୍ଦ*ରେ କେବଳ *ସାଧ୍ୱୀମାଧ୍ୱୀକଚିନ୍ତା* ଶ୍ଳୋକର ଅର୍ଥ ଦିଆଯାଇଛି । କବିରାଜ ନାରାୟଣ ଦାସ ଏଥି ମଧ୍ୟରୁ *ଶ୍ରୀ ଭୋଜଦେବପ୍ରଭବସ୍ୟ* ଶ୍ଳୋକଟିକୁ ଗ୍ରହଣ କଲେ ମଧ୍ୟ ଏହାର ବ୍ୟାଖ୍ୟା କରିନାହାନ୍ତି ।

ଶଙ୍କର ମିଶ୍ର ଏଥିରୁ ଚାରୋଟିକୁ ବାଦ ଦେଇଛନ୍ତି । ପୁନଶ୍ଚ ଚତୁର୍ଥ ସର୍ଗର *ସା ରୋମାଞ୍ଚତି* ଓ ଦଶମ ସର୍ଗର *ଶଶିମୁଖି ତବ ଭାତି* ଏହି ଦୁଇଟି ଶ୍ଳୋକ *ସର୍ବାଙ୍ଗ ସୁନ୍ଦରୀ* ଓ *ରସିକପ୍ରିୟା*ରେ ମିଳୁଥିଲେ ମଧ୍ୟ *ଅର୍ଥଗୋବିନ୍ଦ*ରେ ମିଳୁନାହିଁ । ଯଥା-

ସା ରୋମାଞ୍ଚତି ଶୀତ୍କାରୋତି ବିଳପତ୍ୟୁତ୍କ-ତେ ତାମ୍ୟତି
ଧ୍ୟାୟତ୍ୟୁଦ୍‌ଭ୍ରମତି ପ୍ରମୀଳତି ପତତ୍ୟୁଦ୍‌ଯାତି ମୂର୍ଚ୍ଛତ୍ୟପି ।
ଏତାବତ୍ୟତନୁଜ୍ୱରେ ବରତନୁର୍ଜୀବେନ୍ନ କିନ୍ତେ ରସାତ୍‌
ସ୍ୱର୍ବୈଦ୍ୟପ୍ରତିମ ପ୍ରସୀଦତି ଯଦି ତ୍ୟକ୍ତୋଽନ୍ୟଥା ହସ୍ତକଃ ।। (ଚତୁର୍ଥ ସର୍ଗ)

ଧରଣୀଧର ମଧ୍ୟ ଏହି ଶ୍ଳୋକର ଅନୁବାଦ ଦେଇନାହାନ୍ତି ।

ବଜରୀ ଦାସଙ୍କ ଦ୍ୱାରା ପରିତ୍ୟକ୍ତ ଦଶମ ସର୍ଗର ଶ୍ଳୋକଟି ହେଲା-

ଶଶିମୁଖି ତବ ଭାତି ଭଙ୍ଗୁର-ଭ୍ରୂ
ର୍ଯୁବଜନ ମୋହ-କରାଳ-କାଳସର୍ପୀ ।

orissamatters.com

ତଦୁଦିତ ଭୟ ଭଞ୍ଜନାୟ ଯୂନାଂ
ତ୍ୱଧର-ସୀଧୁ-ସୁଧୈବ ସିଦ୍ଧମନ୍ତ୍ରଃ । ।(ଦଶମ ସର୍ଗ)

ଏହି ଶ୍ଳୋକଟି ବଜରୀ ଦାସ ପରିତ୍ୟାଗ କରିଥିଲେ ମଧ୍ୟ ଧରଣୀଧର ଏହାର ଅନୁବାଦ କରିଛନ୍ତି । ଉତ୍କଳୀୟ ପଣ୍ଡିତ ଧନଞ୍ଜୟ ସ୍ୱ *ସର୍ବାଙ୍ଗସୁନ୍ଦରୀ ଟୀକା*ରେ ସମୁଦାୟ ୭୫ଟି ଶ୍ଳୋକର ବ୍ୟାଖ୍ୟା ପ୍ରଦାନ କରିଛନ୍ତି ।

ବଙ୍ଗଳାର ଟୀକାକାର ବୃହସ୍ପତି ରାୟମୁକୁଟ କୃତ ଟୀକାରେ ଦ୍ୱାଦଶ ସର୍ଗର ଯଦ୍ ଗାନ୍ଧର୍ବ କଳାସୁ ଶ୍ଳୋକ ପରେ ନିମ୍ନୋକ୍ତ ଶ୍ଳୋକଟି ରହିଅଛି-

ଜୟଶ୍ରୀକାନ୍ତସ୍ୟ ପ୍ରସରତର-ସାରସ୍ୱତବତ
ସ୍ଫୁରଦ୍‌ବୃନ୍ଦେ ଗୋବର୍ଦ୍ଧନଚରଣରେଣୁପ୍ରଣୟିନଃ ।
ଇୟଂ ମେ ବୈଦଗ୍ଧୀ ସୁରତରଳ-ବାଳାଧର-ସୁଧା
ରସସ୍ୟନ୍ଦ-ସ୍ୱାଦୁର୍ଜୟତି ଜୟଦେବସ୍ୟ କବିତା । ।

(ଶ୍ରୀ ଜୟଦେବ ଓ ଗୀତଗୋବିନ୍ଦ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର:ସଂଶୋଧିତ ସଂସ୍କରଣ,୧୯୯୭: ପୃ-୩୪୪ରୁ ୩୪୯)

ଶ୍ରୀ ଜୟ ଦେବଙ୍କ ସାରସ୍ୱତ କୃତି ଉପରେ ଉଦ୍ଦେଶ୍ୟ ପ୍ରଣୋଦିତ ବ୍ୟକ୍ତିମାନଙ୍କ ଦ୍ୱାରା କିପରି ଯଦୃଚ୍ଛା ହସ୍ତକ୍ଷେପ ହୋଇଛି ଏବଂ ସେମାନେ ନିଜ ନିଜ ଦୁରଭିସନ୍ଧି ଚରିତାର୍ଥ କରିବା ପାଇଁ କିପରି ନିଜେ ଶ୍ଳୋକ ଲେଖି ସେଗୁଡ଼ିକୁ ଜୟ ଦେବଙ୍କ ରଚନା ଭାବେ ଚଳାଇ ସାଧାରଣ ପାଠକକୁ ବିଭ୍ରାନ୍ତ କରିଛନ୍ତି ତହିଁର ପ୍ରମାଣ ଭାବେ ଶ୍ରୀ ଜୟ ଦେବଙ୍କ ଗଭୀର ଅନୁରକ୍ତ ✓ ପଣ୍ଡିତ କେଦାରନାଥ ମହାପାତ୍ର ଚିହ୍ନଟ କରିଥିବା ଉପରୋକ୍ତ ଶ୍ଳୋକଗୁଡିକ ବିବେଚ୍ୟ ।

କିନ୍ତୁ ✓ ମହାପାତ୍ର ଚିହ୍ନିତ କରିଥିବା ଏହି ଶ୍ଳୋକଗୁଡ଼ିକ ପ୍ରକ୍ଷିପ୍ତିକରଣର ଶେଷ ପରିଚୟ ନୁହନ୍ତି । ଶ୍ରୀ ଜୟ ଦେବଙ୍କ ବିଳାସକଳା ପରିସ୍ଫୁଟକ ଅଷ୍ଟପଦୀଗୁଡ଼ିକୁ ଉପରୁ ଓ ତଳୁ ଚିପି ଧରିଛନ୍ତି ଯେତେ ଶ୍ଳୋକ ସେ ସବୁଗୁଡ଼ିକହିଁ ପ୍ରକ୍ଷିପ୍ତ । **ଶ୍ରୀ ଜୟ ଦେବ ବିଳାସରସର ଯେଉଁ ବର୍ଣ୍ଣନା ସୁବୋଧ୍ୟ, କୋମଳ ଓ କାନ୍ତ ପଦାବଳୀ ମାଧ୍ୟମରେ କରିଛନ୍ତି ତାକୁ ବୁଝାଇବାପାଇଁ ଦୁର୍ବୋଧ୍ୟ, କଠିନ ଓ କ୍ଲିଷ୍ଟ ଶ୍ଳୋକ ରଚନାର କି ଆବଶ୍ୟକତା ଥିଲା ଯେ ସେ ସେଗୁଡିକ ଲେଖିଥାନ୍ତେ? ତହିଁର ଆବଶ୍ୟକତା ନ ଥିଲା ଓ ତାହା ସେ କରି ବି ନ ଥିଲେ ।** ଯେଉଁମାନେ ଏହି ଅତୁଳନୀୟ ସହଜଯାନୀ ବୌଦ୍ଧ ସାହିତ୍ୟକୁ ବୈଷ୍ଣବ ସାହିତ୍ୟରେ ରୂପାନ୍ତରିତ କରିବାକୁ ଚାହିଁଥିଲେ, ସେହିମାନେ ଏପରି କ୍ଲୀଷ୍ଟ ଶ୍ଳୋକାବଳୀ ଲେଖି ସେଗୁଡ଼ିକୁ ବୈଷ୍ଣବୀୟ ଶୀର୍ଷକରେ ସଂପାଦିତ କରି ଶ୍ରୀ ଜୟ ଦେବଙ୍କ ମୂଳ ଲେଖାକୁ ଏପରି ପିଞ୍ଜରାବଦ୍ଧ କରିପକାଇଥିଲେ ।

ସୁତରାଂ ଏହା ହିଁ କୁହାଯିବା ଯଥାର୍ଥ ଯେ କେଦାରନାଥ ଚିହ୍ନଟ କରିଥିବା ଶ୍ଳୋକଗୁଡ଼ିକ

orissamatters.com

କେବଳ ନୁହେଁ, ଜୟ ଦେବଙ୍କ ଅଷ୍ଟପଦୀ ପ୍ରବନ୍ଧଗୁଡ଼ିକୁ ଉପରୁ ଓ ତଳୁ ଚାପି ରଖିଛନ୍ତି ଯେତେ ଶ୍ଳୋକ ସେ ସବୁଗୁଡ଼ିକ ହିଁ ପ୍ରକ୍ଷିପ୍ତ ।

ସମ୍ଭବତଃ ଦୁଇଟି କାରଣ ହେତୁ କେଦାରନାଥ ଏହି ସତ୍ୟ ନିରୂପଣ କରିପାରି ନାହାନ୍ତି । ପ୍ରଥମତଃ, ସେ ହିନ୍ଦୁ ଧର୍ମରେ ଅଟଳ ନିଷ୍ଠା ସଂପନ୍ନ ଜଣେ ଗଭୀର ଈଶ୍ୱର ବିଶ୍ୱାସୀ ବ୍ୟକ୍ତି ଥିଲେ ଓ ସବୁ ସରଳବିଶ୍ୱାସୀ ହିନ୍ଦୁଙ୍କ ପରି ଅଭ୍ୟାସବଶତଃ *ଗୀତଗୋବିନ୍ଦ*କୁ ଏକ ପ୍ରଶ୍ନାତୀତ ବୈଷ୍ଣବ ଶାସ୍ତ୍ରର ମର୍ଯ୍ୟାଦା ଦେଉଥିଲେ । ତେଣୁ ବୈଷ୍ଣବୀୟ ରଙ୍ଗରେ ରଞ୍ଜିତ ତାର ଶୀର୍ଷକ ସମେତ ସର୍ଗଚୟ ତାଙ୍କୁ ଏପରି ପବିତ୍ର ମନେ ହୋଇଥିବ ଯେ ସେ ତହିଁର ପଟଳ ଚିରି ନୟନ ଉହାଡ଼ରେ ରହିଯାଉଥିବା ସତ୍ୟର ସନ୍ଧାନ ପାଇଁ ସାହସ କରିପାରି ନାହାନ୍ତି । ଦ୍ୱିତୀୟତଃ, ତାଙ୍କ *ବନ୍ଧୁବର* ଚକ୍ରଧର ମହାପାତ୍ର ତାଙ୍କ ସମ୍ମୁଖରେ ଏପରି ଏକ ଶ୍ଳୋକ ରଖିଥିଲେ ଯହିଁରେ ଉଲ୍ଲେଖ ଥିଲା ଯେ ଅଷ୍ଟପଦୀ ପ୍ରବନ୍ଧଗୁଡ଼ିକ ସାଙ୍ଗକୁ ଜୟଦେବ ସ୍ୱୟଂ ୭୨ଟି ଶ୍ଳୋକ ଖଞ୍ଜି ଗୀତଗୋବିନ୍ଦ ରଚନା କରିଛନ୍ତି । ଏହି ଶ୍ଳୋକଟି ତାଙ୍କ ପାଇଁ ଏପରି ଅଲଂଘ୍ୟ ଥିଲା ଯେ ଯେଉଁ ସମସ୍ତ ଟୀକାରେ ୭୨ରୁ ଅଧିକ ଶ୍ଳୋକ ଥିବା ତାଙ୍କ ଦୃଷ୍ଟିକୁ ଆସୁଥିଲା ତହିଁରୁ ବହକା ମନେ ହେଉଥିବା ଶ୍ଳୋକଗୁଡ଼ିକୁ କାଟି ବାହାର କରିଦେଇ ଶ୍ଳୋକ ସଂଖ୍ୟା କିପରି ୭୨ରେ ସୀମିତ ରହିବ ତାହା ଦର୍ଶାଇବାକୁ ତାଙ୍କର କୁଣ୍ଠା ନ ଥିଲା । ଉଦାହରଣ ସ୍ୱରୂପ ସେ ଲେଖିଛନ୍ତି, 'ଅର୍ଥଗୋବିନ୍ଦରେ କେବଳ **ସାଧ୍ୱୀମାଧୀକାଚିନ୍ତା** ଶ୍ଳୋକର ଅର୍ଥ ଦିଆଯାଇଛି । ଏହାକୁ ବାଦ୍ ଦେଲେ ତା'ର ଶ୍ଳୋକ ସଂଖ୍ୟା ପରଂପରା ସମ୍ମତ ୭୨ ହେବ ।' (ଏୟ୍ନ ପୃ-୩୪୪) । ସେହିପରି, 'ଉତ୍କଳୀୟ ପଣ୍ଡିତ ଧନଞ୍ଜୟ ସ୍ୱ 'ସର୍ବାଙ୍ଗସୁନ୍ଦରୀ ଟୀକା'ରେ ସମୁଦାୟ ୭୫ଟି ଶ୍ଳୋକର ବ୍ୟାଖ୍ୟା ପ୍ରଦାନ କରିଛନ୍ତି । ସେଥି ମଧ୍ୟରୁ ଚତୁର୍ଥ ସର୍ଗର '**ସା ରୋମଞ୍ଚତି**', ଦଶମ ସର୍ଗର '**ଶଶିମୁଖି ତବ ଭାତି**' ଓ ଦ୍ୱାଦଶ ସର୍ଗର '**ସାଧ୍ୱୀମଧ୍ୱୀକଚିନ୍ତା**' ଶ୍ଳୋକତ୍ରୟ ଅଗ୍ରାହ୍ୟ କଲେ ପରଂପରା ସମର୍ଥିତ ମୂଳ, ଶ୍ରୀଗୀତଗୋବିନ୍ଦର ୭୨ଟି ଶ୍ଳୋକ ମିଳିଯାଉଛି ।' (ଏୟ୍ନ, ପୃ-୩୪୯)

ବର୍ତ୍ତମାନ ଏହି ଶ୍ଳୋକଟିକୁ ଦେଖାଯାଉ । ଏହାକୁ ସଂଗ୍ରହ କରି 'ନବଜୀବନ'ର ଏକାଦଶ ଭାଗ, ଏକାଦଶ ସଂଖ୍ୟାରେ ଚକ୍ରଧର ମହାପାତ୍ର ପ୍ରଥମେ ପ୍ରକାଶ କରିଥିଲେ । ଏକଥା ସ୍ୱୀକାର କରି କେଦାରନାଥ ଶ୍ଳୋକଟିକୁ ଗୀତଗୋବିନ୍ଦର କଳେବର ସଂପର୍କରେ ଉତ୍କଳରେ ପ୍ରଚଳିତ ପରଂପରାର ଉତ୍ସ ରୂପେ ଉପସ୍ଥାପିତ କରିଛନ୍ତି ।

ଏହା ଏହିପରି-

**ସର୍ଗୈ ର୍ଦ୍ୱାଦଶଭିଷ୍ଟ ତଦ୍ଦ୍ୱିଗୁଣିତୈର୍ଗାଥାତ୍ମସର୍ଗାଂଶକୈଃ**
**ଶ୍ଳୋକୈଃ ଷଡ୍‌ଗୁଣିତୈଃ ସୁବୃତ୍ତଭଣିତୈରାନନ୍ଦସନ୍ଦୋହଦମ୍ ।**
**ପ୍ରୀତ୍ୟୈଃ ଶ୍ରୀପୁରୁଷୋତ୍ତମସ୍ୟ ରଚିତଂ ଶ୍ରୀଗୀତଗୋବିନ୍ଦକଂ**
**ଜୀୟାତ୍‌ଶ୍ରୀଜୟଦେବପଣ୍ଡିତବରେଣେଦଂ ସମନ୍ତାତ୍‌ପରମ୍ ।।** (ଏୟ୍ନ, ୩୪୧)

orissamatters.com

ସମୁଦାୟ ୧୨ଟି ସର୍ଗରେ , ସର୍ଗ ସଂଖ୍ୟାର ଦୁଇ ଗୁଣ ଗାଥା ଅର୍ଥାତ୍ ୨୪ଟି ଗୀତ ଓ ଛଅ ଗୁଣ ବା ୭୨ଟି ଶ୍ଳୋକ ସନ୍ନିହିତ କରି ଶ୍ରୀଜୟ ଦେବ ଶ୍ରୀଗୀତଗୋବିନ୍ଦ ରଚନା କରିଥଲେ ବୋଲି ଏହି ଶ୍ଳୋକଟି ଘୋଷଣା କରିଛି । ଅଥଚ ଆମେ ଦେଖିଲେ ଯେ ଏହି ୭୨ଟି ଶ୍ଳୋକ ଭିତରେ ରହିଛି ଉପରୋଦ୍ଧୃତ ଶ୍ଳୋକଗୁଡ଼ିକ ଯାହାକୁ ଜୟ ଦେବ ଲେଖି ନାହାନ୍ତି । ଏଗୁଡ଼ିକ ନିଃସନ୍ଦେହ ପ୍ରକ୍ଷିପ୍ତ । ଏସବୁକୁ କିଏ ଲେଖିଥିଲେ, କେବେ ଲେଖିଥିଲେ, କିଛି ଜଣା ନାହିଁ । କେଉଁଠି ମଧ୍ୟ ତାହାର କିଛି ସୂଚନା ନାହିଁ । ପରଂପରା ବା ପ୍ରଚଳିତ ଧାରଣା ଭାବେ ଏହାକୁ ଉପସ୍ଥାପିତ କରାଯାଇଛି । ଏଗୁଡ଼ିକ ଉପରେ ରହିଛି ପୁରୁଷୋତ୍ତମ ଦେବଙ୍କ ଦ୍ୱାରା ପ୍ରଚୋଦିତ ଭାବେ ସ୍ୱୀକୃତ ଅଭିନବ ଗୀତଗୋବିନ୍ଦରୁ ଗୃହୀତ ୨୪ଟି ଶ୍ଳୋକାବଳି । ଏ ସବୁକୁ ନେଇ ଯଦି ୭୨ ଶ୍ଳୋକର ତାଲିକା ଚୂଡ଼ାନ୍ତ, ତେବେ ଜୟ ଦେବ ଯେ ଏହି ୭୨ ଶ୍ଳୋକର ରଚନାକାରୀ ଆଦୌ ନୁହନ୍ତି ଏଥିରେ ସନ୍ଦେହର ଅବକାଶ ନାହିଁ ।

ସୁତରାଂ ଏହି ପ୍ରକ୍ଷିପ୍ତ ୭୨ ଶ୍ଳୋକର ସମାହାରରେ ଯେଉଁ *ଗୀତଗୋବିନ୍ଦ*କୁ ଜୟ ଦେବଙ୍କ ଲେଖା ବୋଲି ଦର୍ଶାଯାଉଛି ତାହା ଜୟ ଦେବଙ୍କ ଲେଖା ନୁହେଁ । **ଯେଉଁମାନେ ଜୟ ଦେବ ରଚନା କରିଥିବା ଅଷ୍ଟପଦୀଗୁଡ଼ିକର ଆଗରେ ପଛରେ ଏହି ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକୁ ଯୋଡ଼ି ସେ ସମସ୍ତଙ୍କୁ ଜୟ ଦେବଙ୍କ ରଚନା ଭାବେ ଚଳାଇଛନ୍ତି ସେମାନେ *ଗୀତଗୋବିନ୍ଦ* ପରି ଏକ ଶୀର୍ଷକ ତିଆରି କରି ତାହାକୁ ଜୟ ଦେବଙ୍କ ନାମରେ ବଳବତ୍ତର କରାଇଛନ୍ତି ଉଦ୍ଦେଶ୍ୟପ୍ରଣୋଦିତ ଭାବେ ଏବଂ ତାଙ୍କୁ ବୌଦ୍ଧରୁ ବୈଷ୍ଣବରେ ରୂପାନ୍ତରିତ କରିବାର ମନ୍ଦ ଉଦ୍ଦେଶ୍ୟରେ ।** ଏହି ମନ୍ଦ ଉଦ୍ଦେଶ୍ୟକୁ ଶାସ୍ତ୍ରସିଦ୍ଧ କରିବାକୁ ଉପରୋକ୍ତ ଶ୍ଳୋକଟିକୁ ବି ବଳବତ୍ତର କରିଛନ୍ତି ।

ଏହି ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକମଧ୍ୟରେ ଏପରି କେତେକ ଶ୍ଳୋକ ଅନ୍ତର୍ଗତ, ଯେଉଁଗୁଡ଼ିକ କି ଶ୍ରୀ ଜୟ ଦେବଙ୍କ ମୌଳିକ ମତାଦର୍ଶର ଜନପ୍ରିୟତା ନଷ୍ଟ କରାଇବାକୁ ହିଁ ଅଭିପ୍ରେତ । ଏହିପରି ଏକ ଶ୍ଳୋକକୁ ଉପଜୀବ୍ୟ କରି ଓଡ଼ିଆ ଭାଷାର ପ୍ରଥମ ବିଖ୍ୟାତ ମହାକବି ସାରଳା ଦାସ ଶ୍ରୀ ଜୟଦେବଙ୍କ ବିଳାସ-କଳା-ତତ୍ତ୍ୱ ଉପରେ କୁଠାରଘାତ କରିବାକୁ ଚେଷ୍ଟା କରିଛନ୍ତି ତାଙ୍କ ମହାଭାରତର ଆଦି ପର୍ବରେ, *ଖନିକାର ଟସକାର* ବୃତ୍ତାନ୍ତରେ । ବିଳାସ-କଳା ପରକୀୟା ସମ୍ଭୋଗରେ ପରିଣତ ହୋଇ କିପରି ମଣିଷର ସାଂସାରିକ ଜୀବନ ଉଜାଡ଼ି ଦିଏ ତାହା ଏହି ବୃତ୍ତାନ୍ତରେ ସୂଚାଇ ସେ କହିଛନ୍ତି:

କାମାକ୍ଷୀ ସୁମର ନରେ କାମ କଷ୍ଟ ଛାଡୁ ।
ସ୍ୱଦାରା ଇଚ୍ଛାକର ସଂସାର ନ ପଡୁ । (ସାରଳା ମହାଭାରତ୧/୮୯/୧୦୯)

କିନ୍ତୁ ଶ୍ରୀ ଜୟ ଦେବଙ୍କ ରଚନା ଆଳରେ ପ୍ରଚଳିତ ଯେଉଁ ଉପାଖ୍ୟାନକୁ ଆକ୍ଷେପ କରି ସାରଳା ଦାସ ଏହା ଲେଖିଛନ୍ତି, ତାହା ପ୍ରକୃତରେ ଜୟ ଦେବଙ୍କ ରଚନା ନୁହେଁ ।ଶ୍ରୀ ଜୟଦେବ ତାଙ୍କ ପଦାବଳୀର ପ୍ରସ୍ତାବନାରେ କହିଥିଲେ, ବା ପରାଶର ସଂପାଦନା କାଳରେ

orissamatters.com

ଏହି ପ୍ରସ୍ତାବନା ସଂଯୋଜିତ କରିଥିଲେ:

ଯଦି ହରିସ୍ମରଣେ ସରସଂ ମନୋ
ଯଦି ବିଳାସକଳାସୁ କୁତୁହଳମ୍ ।
ମଧୁର କୋମଳ କାନ୍ତ ପଦାବଳୀମ୍
ଶୃଣୁ ତଦା ଜୟଦେବ ସରସ୍ୱତୀମ୍ ।।

ଏବଂ ତାଙ୍କ କୃତିର ସାମଗ୍ରିକତାରେ ବିଳାସକଳାର ଏହି ମଧୁର କୋମଳ କାନ୍ତ ପଦାବଳୀ ହିଁ ଫୁଟି ଉଠିଥିଲା । ସୁତରାଂ ଯେଉଁ ଶ୍ଳୋକକୁ ଉପଜୀବ୍ୟ କରି ବିଳାସକଳାର ଉତ୍କଟତା ପ୍ରତିପାଦିତ କରିବାକୁ ସାରଳା ଦାସ ଉପର ଲିଖିତ ଉଦ୍ୟମ କରିଛନ୍ତି ସେ ଶ୍ଳୋକ ଯେ ଶ୍ରୀ ଜୟଦେବଙ୍କ ମତାଦର୍ଶଗତ ବିଳାସକଳାର ପରିପନ୍ଥୀ ଏକ ପ୍ରକ୍ଷିପ୍ତ ଶ୍ଳୋକ ତହିଁରେ ସନ୍ଦେହ ନାହିଁ । ସଂପାଦନା କାଳରେ ଉଦ୍ଦେଶ୍ୟମୂଳକଭାବେ ପ୍ରକ୍ଷିପ୍ତ ହୋଇଥିବା ଏହି ଶ୍ଳୋକଟି ପଞ୍ଚମ ସର୍ଗରେ ସ୍ଥାନିତ ହୋଇଥିଲେ ମଧ୍ୟ କେଉଁଠି ଏହାର କ୍ରମାଙ୍କ ୫ ତ କେଉଁଠି ୧୮, କେଉଁଠି ବା ୧୯ । ଶ୍ଳୋକଟି ହେଲା -

ଆଶ୍ଳେଷାଦନୁ ଚୁମ୍ବନାଦନୁ ନଖୋଲ୍ଲେଖାଦନୁସ୍ୱାନ୍ତଜ-
ପ୍ରୋଦ୍‌ବୋଧାଦନୁ ସମ୍ଭ୍ରମାଦନୁ ରତାରମ୍ଭାଦନୁ ପ୍ରିତୟୋଃ ।
ଅନ୍ୟାର୍ଥଂ ଗତୟୋର୍ଭ୍ରମାନ୍ମିଳିତୟୋଃ ସମ୍ଭାଷଣୈର୍ଜାନତୋ-
ର୍ଦଂପତ୍ୟୋରିହ କୋ ନ କୋ ନ ତମସି ବ୍ରିଡାବିମିଶ୍ରୋ ରସଃ ।।

ଏହାର ଭାବାର୍ଥ ହେଲା : କୌଣସି ଜଣେ ପତ୍ନୀ ନିଜର ପତି ପ୍ରତି ବିଶ୍ୱାସଘାତକତାକରି କୌଣସି ଜାର ପୁରୁଷ ସହ ସଙ୍ଗମ ପାଇଁ ରାତ୍ରୀର ଅନ୍ଧକାରରେ ବାହାରିଯାଇଥିବାବେଳେ ତାର ପତି ମଧ୍ୟ ତା ପ୍ରତି ବିଶ୍ୱାସଘାତକତାକରି କୌଣସି ବିଟପୀ ନାରୀର ରତିଲାଭପାଇଁ ଘର ଛାଡିଥିଲା । ନିଛିଦ୍ର ଅନ୍ଧାରରେ ବାଟ ବଣା ହୋଇ ଏହି ଉଭୟ ପତ୍ନୀ ଓ ପତି ପରସ୍ପର ପୂର୍ବରୁ ଠିକ କରିଥିବା ସଙ୍ଗମ ସ୍ଥଳ ପରିବର୍ତ୍ତେ ଏକ ଭିନ୍ନ ସ୍ଥାନରେ ପରସ୍ପରକୁ ଭେଟିଲେ ଏବଂ ସେହି ସ୍ଥାନକୁ ନିଜ ନିଜର ଇପ୍ସିତ ସ୍ଥାନ ମନେକରି, ଅନ୍ଧକାରରେ କେହି କାହାକୁ ଚିହ୍ନି ନ ପାରି, ପରସ୍ପରକୁ ନିଜ ନିଜର ପରକୀୟା ସଙ୍ଗୀ ବୋଲି ଧରିନେଇ, କାମାତିଶଯ୍ୟ ହେତୁ ଧୈର୍ଯ୍ୟ ହରାଇ ଆଶ୍ଳେଷାଦିରେ ନିମଜ୍ଜିତ ହୋଇ ମୈଥୁନରତ ହେଲେ । ସଙ୍ଗମ ଶେଷରେ ତଜ୍ଜନିତ ସୁଖ-ସମ୍ଭାଷଣରୁ ନିଜ ନିଜର କଣ୍ଠସ୍ୱର ବାରିପାରି ସେହି ଦଂପତ୍ତି ପରସ୍ପରକୁ ଜାଣିପାରିଲେ ଓ ଲଜ୍ଜାରେ ଶଢ଼ିଗଲେ । ମଣିଷ ସମାଜରେ ନାରୀର ସ୍ଥାନ ମହାନ୍ ବୋଲି ସାବ୍ୟସ୍ତ କରିବାକୁ ଯେଉଁ ଜୟ ଦେବ ଲେଖନୀ ଧରିଥିଲେ ସେ କାହିଁକି ବା ଉପସ୍ଥାପିତ କରିଥିବେ ଦାଂପତ୍ୟର ଏପରି ଏକ ଘୃଣ୍ୟ ଚିତ୍ର? କାହିଁକି ବା ବିଳାସକଳାର କୋମଳ କାନ୍ତ ବିଭବକୁ ଏପରି ଉତ୍କଟ, ଉଦ୍ଭଟ ଓ ଉଗ୍ର ବ୍ୟଭିଚାର ଭିତରେ ଉଜାଡ଼ିଦେବାକୁ ଚାହିଁଥିବେ?

ତାଙ୍କ ରାଧାତତ୍ତ୍ୱକୁ ଏପରି ଶୈଳୀରେ ସେ ଲିପିବଦ୍ଧ କରିଥିଲେ ଯାହା ବୈଦିକ

orissamatters.com

ବ୍ୟବସ୍ଥାରେ ଶାସ୍ତ୍ରୀୟ ଅନୁମୋଦନ ଅର୍ଜିଥିବା ଉତ୍କଟ ଯୌନ ନିର୍ଯାତନା କବଳରୁ ନାରୀକୁ ମୁକ୍ତ କରିବାପାଇଁ ଏବଂ କାମଭୋଗ୍ୟା ସ୍ଥିତିରୁ ତାକୁ କାମୋପାସ୍ୟା ସ୍ଥିତିକୁ ଉନ୍ନୀତ କରିବାପାଇଁ ବି ଉଦ୍ଦିଷ୍ଟ ଥିଲା । ତେଣୁ ତାଙ୍କ ଆଦର୍ଶର କୌଣସି ବିରୋଧକାରୀ ବ୍ୟକ୍ତି ତାଙ୍କ ପ୍ରବନ୍ଧଗୁଡିକର ପ୍ରଭାବକୁ ପାଂଶୁଳ କରିଦେବାର ଅଭିସନ୍ଧି ନେଇ, ନାରୀର ବିଶ୍ୱସନୀୟତା ଯେପରି ଜନଚକ୍ଷୁରେ ହ୍ରାସ ପାଏ, ସେ ଯେପରି ଅସଙ୍ଗତ ସଙ୍ଗମ ପିପାସାର ଏକ କେନ୍ଦ୍ରଭାବେ ବିବେଚିତ ହୁଏ, ସେଥିପାଇଁ ଜାଣିଶୁଣି ଏପରି ଏକ ଶ୍ଳୋକ ଲେଖି ତାକୁ ଶ୍ରୀ ଜୟଦେବଙ୍କ ନାମରେ ପ୍ରଚଳିତ କରାଇବାକୁ ସମ୍ଭବତଃ ଚେଷ୍ଟା କରିଛନ୍ତି ଓ ଏହି ଅଭିସନ୍ଧି ହେତୁ ସମ୍ଭବତଃ ଏହି ଶ୍ଳୋକଟି *ଗୀତଗୋବିନ୍ଦ*ରେ ଅନ୍ତର୍ଭୁକ୍ତ କରାଯାଇଛି । ଏତଦ୍ଦୃଷ୍ଟିରୁ ସ୍ୱୀକାର କରାଯାଇ ପାରେ ଯେ, *ଗୀତଗୋବିନ୍ଦ*ରେ ଶ୍ରୀ ଜୟଦେବଙ୍କ ନିଜସ୍ୱ ରଚନା ସାଙ୍ଗକୁ ତାଙ୍କ ବିରୁଦ୍ଧ ମତବାଦୀଙ୍କ ରଚନା ମଧ୍ୟ ପ୍ରକ୍ଷିପ୍ତ ହୋଇ ରହିଛି ।

ଭିନ୍ନତାର ଭିନ୍ନ ଦିଗ ସଂପାଦନା ଶୈଳୀରୁ ମଧ୍ୟ ବାରିହୋଇପଡେ । କେତେକ ସଂପାଦକ *ସର୍ଗ* ଭିତରେ *ପ୍ରବନ୍ଧ* ରଖିଛନ୍ତି । ସର୍ଗର ପ୍ରସ୍ତାବନାରୁ ସେହି ସର୍ଗର ପ୍ରଥମ ପଦ ଆରମ୍ଭ କରି ତାହାର ସଂଖ୍ୟାନୁକ୍ରମ ଦର୍ଶାଇଛନ୍ତି ଓ ପ୍ରବନ୍ଧ ସଂଖ୍ୟାନୁକ୍ରମରେ ଅଷ୍ଟପଦୀର ଆଠଗୋଟି ପଦର ସଂଖ୍ୟା ୧ରୁ ୮ ପର୍ଯ୍ୟନ୍ତ ଉପସ୍ଥାପିତ କଲାପରେ, ସର୍ଗାନ୍ତର୍ଗତ ଅନ୍ୟ ଶ୍ଳୋକଗୁଡିକୁ ସର୍ଗ ସନ୍ନିହିତ ସଂଖ୍ୟାରୁ ଆରମ୍ଭକରି ସେହି ସର୍ଗ ଅନ୍ତର୍ଗତ ପ୍ରତି ପ୍ରବନ୍ଧ ଶେଷରେ ମଧ୍ୟ ତହିଁର ଶ୍ଳୋକକ୍ରମାଙ୍କ ଅକ୍ଷୁର୍ଣ୍ଣ ରଖିଛନ୍ତି । ଉଦାହରଣ ସ୍ୱରୂପ ସର୍ଗ-୨ । ଏଥିରେ ପଞ୍ଚମ ଓ ଷଷ୍ଠ କ୍ରମାଙ୍କରେ ଦୁଇଟି ପ୍ରବନ୍ଧ ସ୍ଥାନିତ ହୋଇଛି । ବିହରତି ବନେ ରାଧା ଶୀର୍ଷକ ଶ୍ଳୋକଟି ସର୍ଗର ପ୍ରସ୍ତାବନା ଭାବେ ଖୋଦିତ ହୋଇଛି । ଏହାର ଶ୍ଳୋକ କ୍ରମାଙ୍କ ହେଲା-୧ । ତା ପରେ ଆରମ୍ଭ ହୋଇଛି ପଞ୍ଚମ ପ୍ରବନ୍ଧ । ଏହାର ପଦ ସଂଖ୍ୟା ୧ ରୁ ୮ ପର୍ଯ୍ୟନ୍ତ ଚିହ୍ନିତ ହୋଇଛି । ଅଷ୍ଟମ ପଦଟି ଭଣିତା । ତା ପରେ ଗଣୟତି ଗୁଣଗ୍ରାମଂ ଶୀର୍ଷକ ଶ୍ଳୋକଟି ରହିଛି । ଏହାର କ୍ରମାଙ୍କ ହେଲା-୨ । ଏହା ପରେ ଆରମ୍ଭ ହୋଇଛି ଷଷ୍ଠ ପ୍ରବନ୍ଧ । ନିଭୃତ ନିକୁଞ୍ଜଗୃହଂ ଶୀର୍ଷକ ପଦରୁ ଆରମ୍ଭ ହୋଇ ଆଠଗୋଟି ପଦ ୧ରୁ ୮ କ୍ରମାଙ୍କରେ ରହିବା ପରେ ପୁଣି ଦୁଇଟି ପଦ ହସ୍ତସ୍ରସ୍ତବିଳାସବଂଶରୁ ଆରମ୍ଭ ହୋଇ ସଖି ଶିଖରିଣୀୟଂ ସୁଖୟତି ପର୍ଯ୍ୟନ୍ତ ଯଥାକ୍ରମେ ୩ ଓ ୪ ସଂଖ୍ୟକ ପଦ ଭାବେ ଚିହ୍ନିତ ହୋଇଛି । ଓଡିଶା ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ ଦ୍ୱାରା ପ୍ରକାଶିତ ଓ ଡଃ ଭଗବାନ ପଣ୍ଡାଙ୍କ ଦ୍ୱାରା ସଂପାଦିତ (Sri Gitagovinda Mahakavyam )ରେ ଗ୍ରଥିତ ସର୍ବାଙ୍ଗସୁନ୍ଦରୀ ଓ ଶ୍ରୁତିମଞ୍ଜରୀ ଟିକା ଦ୍ୱୟରେ ପଦ ବିନ୍ୟାସ ଏହିପରି ହୋଇଥିବାବେଳେ ଅନ୍ୟ କେତେକ ବିଦ୍ୱାନ ସଂପାଦନ କରିଥିବା ପୋଥିଗୁଡିକରେ ଏହି ପଦ ବିନ୍ୟାସ ଅନୁସରଣ କରାଯାଇନି ।

ଶ୍ରୀ ଜୟ ଦେବଙ୍କୁ ବଙ୍ଗବାସୀ ବୋଲି ଦେଖାଇବାକୁ ଅଯଥା ଉଦ୍ୟମରତ ବଙ୍ଗାଳୀମାନେ ଅସଲ ରହସ୍ୟ ବୁଝି ନ ପାରି ସର୍ଗ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅବିଚ୍ଛିନ୍ନ

orissamatters.com

କ୍ରମାଙ୍କରେ ପ୍ରକୃତ ଓ ପ୍ରକ୍ଷିପ୍ତ - ସମସ୍ତ ପଦ ସମୂହକୁ ସଂସ୍ଥାପିତ କରିଥିବାବେଳେ, ବିଜ୍ଞ ବ୍ୟକ୍ତିମାନଙ୍କ ଅଧିସ୍ୱୀକୃତ ବ୍ୟବସ୍ଥାରେ, ସର୍ଗର ପ୍ରସ୍ତାବନାରୁ ଆରମ୍ଭ ହେଉଥିବା ଶ୍ଳୋକଗୁଡିକ ସର୍ଗର ସମାପ୍ତି ପର୍ଯ୍ୟନ୍ତ କ୍ରମାନ୍ୱୟରେ ରହି ତନ୍ମଧ୍ୟସ୍ଥ ପ୍ରବନ୍ଧଗୁଡିକରେ ୧ରୁ ୮ ପଦକ୍ରମାଙ୍କ ଚିହ୍ନିତ ହୋଇ ଶ୍ରୀ ଜୟ ଦେବଙ୍କ ପ୍ରକୃତ କୃତିର *ଅଷ୍ଟପଦୀ* ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରଖା ହୋଇ ଆସିଛି । ଭିନ୍ନ ଭାବେ କହିଲେ, ସର୍ଗର ଆଭରଣ ଭିତରେ ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀ ପ୍ରବନ୍ଧଗୁଡିକ ଘୋଡ଼େଇହୋଇ ରହିଛି । *ଶ୍ରୀଗୀତଗୋବିନ୍ଦର* ସବୁ ସର୍ଗ ଓ ସବୁ ପ୍ରବନ୍ଧ ଏହିପରି । ତେଣୁ **ପ୍ରକ୍ଷିପ୍ତ ଶ୍ଳୋକଗୁଡ଼ିକର ଆଭରଣ ଭିତରୁ ଶ୍ରୀ ଜୟ ଦେବଙ୍କ ନିଜକୃତ ଅଷ୍ଟପଦୀଗୁଡ଼ିକୁ ଛଡ଼ାଇଆଣି ସେଗୁଡ଼ିକସହ ପାଠକମାନଙ୍କୁ ପରିଚିତ କରାଇବା ମୋ କୃତ ଭାଷାନ୍ତରୀକରଣର ମୁଖ୍ୟ ଅଭିଳାଷ ।**

ପଦ ବିନ୍ୟାସ ଶୈଳୀ ବ୍ୟତୀତ ଅନ୍ୟ ଯେଉଁ ଲକ୍ଷଣରୁ ଶ୍ରୀ ଜୟ ଦେବଙ୍କ କୃତି ଓ ପ୍ରକ୍ଷିପ୍ତ ଶ୍ଳୋକାବଳି ମଧ୍ୟରେ ଥିବା ଭିନ୍ନତା ବାରିହୋଇପଡ଼େ ତାହା ହେଲା ଭାଷାଗତ ସୌଷ୍ଠବ । **ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀଗୁଡ଼ିକ ବ୍ରାହ୍ମଣ୍ୟବାଦ ବିରୁଦ୍ଧରେ ଏକ ବୈପ୍ଳବିକ ସାମାଜିକ ସ୍ୱର ଭାବେ ଗ୍ରଥିତ ହୋଇଥିଲା । ସୁତରାଂ ତାର ଭାଷା ଥିଲା ଲୌକିକ । ଏଗୁଡ଼ିକୁ ପଢ଼ିଲେ ମନେ ହେବ ସତେ ଯେମିତି ଓଡ଼ିଆ ଭାଷାହିଁ ସଂସ୍କୃତର ପୋଷାକ ପିନ୍ଧି ଠିଆ ହୋଇଛି ।** କତିପୟ ଭାଷାତତ୍ତ୍ୱବିତ୍ *ଅପଭ୍ରଂଶ* ଭାବେ ଅଷ୍ଟପଦୀଗୁଡ଼ିକର ଭାଷାକୁ ଚିହ୍ନିତ କରିଛନ୍ତି । ମୋ ମତରେ ଏହା ସଂସ୍କୃତାୟିତ ଓଡ଼ିଆ ।

ଦୁର୍ବୋଧ୍ୟ ସଂସ୍କୃତର ଢାଲ ଆଢୁଆଳରେ ଛପି ବ୍ରାହ୍ମଣ୍ୟବାଦ ସାଧାରଣ ମଣିଷ ଉପରେ ଦୁଃସହ ଅତ୍ୟାଚାର ଚଳାଇଥିଲା । ତହିଁର ପ୍ରତିବିଧାନ ଉଦ୍ଦେଶ୍ୟରେ ବୁଦ୍ଧ ନିଜ ମତ ପ୍ରଚାର ପାଇଁ ଲୌକିକ ଭାଷାର ଆଶ୍ରୟ ନେଇଥିଲେ । ସୁତରାଂ ଶ୍ରୀ ଜୟ ଦେବ ଓଡ଼ିଆ ଭାଷା ଅବଲମ୍ବନରେ ଅତ୍ୟନ୍ତ ସୁବୋଧ୍ୟ ସଂସ୍କୃତରେ ନିଜର ଲଳିତ କୋମଳ ପଦାବଳି ରଚନା କରି ତାହାରି ମାଧ୍ୟମରେ କାମବଜ୍ରଯାନର ବାର୍ତ୍ତା ପ୍ରସାରପାଇଁ ଉଦ୍ୟମ କରିଥିଲେ । ଏହା ହିଁ ଯେହେତୁ ତାଙ୍କର ଉଦ୍ଦେଶ୍ୟ ଥିଲା, **ବ୍ରାହ୍ମଣ୍ୟବାଦର ରକ୍ଷଣଶୀଳ ଶୈଳୀରେ ଦୁର୍ବୋଧ୍ୟ ସଂସ୍କୃତରେ ସେ ନିଜ ଅଷ୍ଟପଦୀଗୁଡ଼ିକର ପୂର୍ବାପର ଶ୍ଳୋକଗୁଡିକୁ ଗ୍ରଥିତ କରିଥିବା ଅସମ୍ଭବ ।**

ଶ୍ରୀ ଜୟ ଦେବଙ୍କ କୃତି ଓ ପ୍ରକ୍ଷିପ୍ତ ଶ୍ଳୋକାବଳି ମଧ୍ୟରେ ଥିବା ଭିନ୍ନତା ମଧ୍ୟ ବାରିହୋଇପଡ଼େ ରାଗ ଓ ତାଳ ବିନ୍ୟାସର ଭିତ୍ତିରେ । ଅଷ୍ଟପଦୀ ପ୍ରବନ୍ଧଗୁଡ଼ିକ ରାଗ ଓ ତାଳ ଭିତ୍ତିକ ହୋଇଥିବାବେଳେ ତଦ୍ ଭିନ୍ନ ଯେଉଁ ସମସ୍ତ ପଦ *ଗୀତଗୋବିନ୍ଦର* କଳେବର ମଣ୍ଡନ କରନ୍ତି ସେଗୁଡ଼ିକର କୌଣସି ରାଗ ବା ତାଳ ଚିହ୍ନିତ ହୋଇ ନାହିଁ । ସମଗ୍ର ଗ୍ରନ୍ଥରେ ଏହି ଧାରା ସୁସ୍ପଷ୍ଟ ।

ଅପରପକ୍ଷେ, **କାମକଳାର କୋମଳ ବିଭବ ଅଷ୍ଟପଦୀଗୁଡ଼ିକରେ ବିକଶିତ ହୋଇଉଠିଥିବାବେଳେ ଅନ୍ୟ ଶ୍ଳୋକଗୁଡ଼ିକରେ ମଦନ ଆତିଶଯ୍ୟର ଉଗ୍ରତାହିଁ କଠିନ ଶବ୍ଦାଡମ୍ବର**

orissamatters.com

**ଭିତରେ ଉତ୍କୀର୍ଣ୍ଣ** ହୋଇଛି । ବିଳାସ-କଳା-କୁତୁହଳୀମାନଙ୍କ ପାଇଁ ମଧୁର କୋମଳ କାନ୍ତ ପଦାବଳୀ ରଚନାରେ ପ୍ରବୃତ୍ତ ହୋଇଥିବା ଶ୍ରୀ ଜୟ ଦେବ ଉଗ୍ର ଓ ବିଭତ୍ସ ରତି ବର୍ଣ୍ଣନା ପାଇଁ କ୍ଲିଷ୍ଟ ଶ୍ଲୋକ ସୃଷ୍ଟିରେ ମନ ଦେଇଥିବା ଅସମ୍ଭବ । ସୁତରାଂ ଏହା ହିଁ କୁହାଯାଇପାରେ ଯେ, ଭଣିତା ସଂଯୁକ୍ତ କୋମଳ ଅଷ୍ଟପଦୀ ପ୍ରବନ୍ଧଗୁଡ଼ିକ ଶ୍ରୀ ଜୟ ଦେବ ରଚନା କରିଥିବାବେଳେ ତହିଁର ପୂର୍ବ ଓ ପରବର୍ତ୍ତୀ କ୍ଲିଷ୍ଟ ଓ ବିଭତ୍ସ କାମୋଦ୍ଦୀପକ ଶ୍ଲୋକଗୁଡ଼ିକ ପ୍ରକ୍ଷିପ୍ତ ।

ଅଷ୍ଟପଦୀଗୁଡ଼ିକୁ ସଂପାଦନା କଲାବେଳେ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଏହି ପ୍ରକ୍ଷିପ୍ତ ଶ୍ଲୋକଗୁଡ଼ିକୁ ତହିଁରେ ସଂଯୋଜିତ କରି ସେହି ସମଗ୍ର ବିଭବର ନାମ *ଗୀତଗୋବିନ୍ଦ* ରଖାଯାଇଛି । **ଯେହେତୁ ନିଜ ପ୍ରବନ୍ଧଗୁଡ଼ିକରେ ଶ୍ରୀ ଜୟ ଦେବ ଥରେ ମଧ୍ୟ ଗୋବିନ୍ଦ ଶବ୍ଦ ପ୍ରୟୋଗ କରିନାହାନ୍ତି, ସେହେତୁ ସେଗୁଡ଼ିକ ଗୀତଗୋବିନ୍ଦ ଶୀର୍ଷକରେ ସେ ସଂକଳିତ କରିଥିବା ଅସମ୍ଭବ ।** ଅନ୍ୟ କେହି ତାହା କରିଥିବା ସମ୍ଭବ । ଅତଏବ, *ଶ୍ରୀ ଗୀତଗୋବିନ୍ଦମ୍* ଭାବେ ଯାହା ଏବେ ଉପଲବ୍ଧ ତାହାକୁ ଶୀର୍ଷକ ସମେତ ସଂପୂର୍ଣତଃ ଶ୍ରୀ ଜୟ ଦେବ ରଚନାକରିଥିବା ଗ୍ରାହ୍ୟ ନୁହେଁ ।

ଅଷ୍ଟପଦୀ ରଚନାରେ ମନୋନିବେଶ କରିବା ପୂର୍ବରୁ କବି ସମ୍ଭବତଃ ଦୁଇଟିମାତ୍ର ପଦରେ ନିଜ କାର୍ଯ୍ୟର ପରିକଳ୍ପନା କରିଛନ୍ତି । ପ୍ରସ୍ତାବନାରେ ଗ୍ରଥିତ ଏହି ଦୁଇଟିଯାକ ପଦରେ ସେ ନିଜ ନାମ ସଂଯୁକ୍ତ କରିଛନ୍ତି । ପ୍ରସ୍ତାବନାରେ ଥିବା ଅନ୍ୟ ଦୁଇଟି ପଦ ଯଥା ମେଘୈର୍ମେଦୁର ଶୀର୍ଷକ ପଦଟି ଓ ବାଚଃପଲ୍ଲବୟତ୍ୟୁମାପତିଧରଃ ଶୀର୍ଷକ ପଦଟି ସଂପୂର୍ଣ୍ଣ ପ୍ରକ୍ଷିପ୍ତ । ଏହି ଉଭୟ ପଦରେ ଶ୍ରୀ ଜୟ ଦେବଙ୍କ ଭଣିତାର ଲେଶମାତ୍ର ନାହିଁ । ଦୁଇଟିଯାକ ପଦ ପ୍ରକ୍ଷିପ୍ତ । ଦ୍ୱିତୀୟ ପଦଟି ପ୍ରତି ପ୍ରଥମେ ଦୃଷ୍ଟି ଦିଆଯାଉ । ଉମାପତି ଧର, ଶରଣ, ଗୋବର୍ଦ୍ଧନ ଆଚାର୍ଯ୍ୟ, ଓ ଧୋୟୀଙ୍କଠାରୁ ଶ୍ରୀ ଜୟ ଦେବ କିପରି ଅତ୍ୟନ୍ତ ଉଚ୍ଚମାନର କବି ତାହା ଦର୍ଶାଇବାକୁ ଏହି ପଦଟି ଖଞ୍ଜା ହୋଇଛି । ଶ୍ରୀ ଜୟ ଦେବଙ୍କ ପରି ପ୍ରେମଶୀଳ ସାଧକଙ୍କ ପକ୍ଷେ ଅନ୍ୟ କବିଙ୍କୁ ନ୍ୟୁନତର ଦର୍ଶାଇ ନିଜର ଆତ୍ମପ୍ରୌଢ଼ି ପ୍ରଦର୍ଶନକାରୀ ଏପରି ଏକ ପଦ ରଚନା ଏକାନ୍ତ ଅସମ୍ଭବ । ଅତଏବ, ତାଙ୍କ ବନ୍ଧୁ ପରାଶର ବା *ପ୍ରିୟବର୍ଗ*ଙ୍କ ମଧ୍ୟରୁ ଅନ୍ୟ କେହି ଶ୍ରୀ ଜୟ ଦେବଙ୍କ ପ୍ରତି ଆନୁଗତ୍ୟର ପ୍ରାଖର୍ଯ୍ୟ ହେତୁ ଏହି ପଦଟି ରଚନାକରି ଅନ୍ୟମାନଙ୍କ ଅପେକ୍ଷା ସେ କିପରି ଉତ୍କୃଷ୍ଟତର ତାହା ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି । ସୁତରାଂ ପଦଟି ପ୍ରକ୍ଷିପ୍ତ । ଏବେ ପ୍ରଥମ ପଦଟି । ସରସ ବସନ୍ତ ଋତୁରେ ବିଳାସ-କଳା-କୁତୁହଳୀ ମଣିଷ ସମ୍ମୁଖରେ ରମଣରସର ମଧୁର ଚିତ୍ର ପରିବେଷଣ କରିବାକୁ ମନସ୍ଥ କରି ଲେଖା ଆରମ୍ଭ କରିଥିବା ଶ୍ରୀ ଜୟ ଦେବ କୌଣସି ଆବଶ୍ୟକତା ନ ଥାଇ ଏକ ମେଘମୟ ପରିସ୍ଥିତିର ପରିକଳ୍ପନା କରିଥିବା ଅସମ୍ଭବ । ଶବ୍ଦ ସଂଯୋଜନାରେ ଅତୁଳନୀୟ ପାରିପାର୍ଶ୍ୱିକ ସତର୍କତା ପ୍ରଦର୍ଶନ କରିଥିବା ଶ୍ରୀ ଜୟ ଦେବ ଯଦି ଏହା ଲେଖିଥାନ୍ତେ ତେବେ ତାହା ବସନ୍ତ ଋତୁର ବର୍ଣ୍ଣନା ହୋଇଥାନ୍ତା, ଅକାଳ ମେଘର ନୁହେଁ । ତାଙ୍କର ସବୁତକ ଅଷ୍ଟପଦୀ

orissamatters.com

ବାସନ୍ତିକ । ମେଘ ଏ କ୍ଷେତ୍ରରେ ସଂପୂର୍ଣ୍ଣ ଅପ୍ରାସଙ୍ଗିକ । ସୁତରାଂ ଶ୍ରୀ ଜୟ ଦେବ ମେଘୈର୍ମେଦୁର ଶୀର୍ଷକ ଶ୍ଳୋକଟି ରଚନା କରିନାହାନ୍ତି । ଅଜ୍ଞାତ ସଂପାଦକମାନେ ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀଗୁଡ଼ିକୁ ବୈଷ୍ଣବୀୟ ଶୈଳୀରେ ସଂପାଦନ କଲାବେଳେ ଅଭିସନ୍ଧି ରଖି ଏହି ଶ୍ଳୋକଟିକୁ ତହିଁରେ ପ୍ରକ୍ଷିପ୍ତ କରିଛନ୍ତି । ପୂର୍ବାଲୋଚିତ ଶ୍ଳୋକଟି ପରି ଏହି ଶ୍ଳୋକଟି ମଧ୍ୟ ଅପ୍ରାସଙ୍ଗିକତା ତଥା ସୌଷ୍ଠବଗତ କ୍ଲିଷ୍ଟତା ଦୋଷରେ ଆକ୍ରାନ୍ତ ହୋଇ ଶ୍ରୀ ଜୟ ଦେବଙ୍କ କୋମଳ-କାନ୍ତ-ପଦାବଳୀଠାରୁ ପୃଥକ ବୋଲି ସ୍ପଷ୍ଟ ବାରିହୋଇ ପଡୁଛି ।

କୌତୂହଳର କଥା, ଶ୍ରୀ ଜୟ ଦେବଙ୍କ ଭଣିତ ପ୍ରବନ୍ଧଗୁଡ଼ିକୁ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ପ୍ରକ୍ଷିପ୍ତ ଶ୍ଳୋକରାଜିରେ ଘୋଡ଼ାଇଦିଆଯାଇଥିବା ପରି, ଗ୍ରନ୍ଥ ପ୍ରସ୍ତାବନାରେ ତାଙ୍କ ରଚିତ ପଦ ଦ୍ୱୟକୁ ମଧ୍ୟ ଉପରୋକ୍ତ ଦୁଇଟି ଦୋଷାକ୍ରାନ୍ତ ପ୍ରକ୍ଷିପ୍ତ ଶ୍ଳୋକ ଦ୍ୱାରା ଆଚ୍ଛାଦନ କରାଯାଇଛି । ସୁତରାଂ ଆଚ୍ଛାଦନକାରୀ ଦୁଇଟି ଶ୍ଳୋକକୁ ଭାଷାନ୍ତରିକରଣବେଳେ ସଂପୂର୍ଣ୍ଣ ବର୍ଜନ କରାଯାଇଛି । ମାତ୍ର *ଗୀତଗୋବିନ୍ଦ*ର ଶେଷ ପ୍ରବନ୍ଧର ଶେଷରେ ତିନିଗୋଟି ଶ୍ଳୋକ ପ୍ରକ୍ଷିପ୍ତ କରାଯାଇ ତହିଁପରେ ରହିଛି କବିକୃତ ଶେଷ ପଦଟି ଯହିଁରେ ତାଙ୍କ ମାତୃପିତୃ ପରିଚୟ ରହିଛି କେବଳ ନୁହେଁ, ନିଜର ପ୍ରବନ୍ଧ ନିଚୟକୁ ସେ ତାଙ୍କ ପ୍ରିୟବର୍ଗ ପରାଶର ପ୍ରଭୃତିଙ୍କୁ ଜନସମାଜରେ ପ୍ରଚାର ପାଇଁ ପ୍ରଦାନ କରିଥିବା କଥା ମଧ୍ୟ ଘୋଷିତ ହୋଇଛି ।

ସୁତରାଂ **ଏହି ଶେଷ ପଦଟିକୁ ଶ୍ରୀ ଜୟ ଦେବଙ୍କ ନିଜସ୍ୱ ରଚନା ମାନି, ଯେହେତୁ କବି 'ଗୋବିନ୍ଦ' ତତ୍ତ୍ୱର ସମର୍ଥକ ନ ଥିଲେ ସେହେତୁ ଗୀତଗୋବିନ୍ଦ ସ୍ଥଳରେ 'ପ୍ରବନ୍ଧନିଚୟ' ବୋଲି ସଂଶୋଧିତ କରାଯାଇ ଆବଶ୍ୟକୀୟ ମର୍ମରେ ଭାଷାନ୍ତରିତ କରାଯାଇଛି** ଓ 'ସମର୍ପଣ' ଶୀର୍ଷକରେ ସନ୍ନିହିତ କରାଯାଇଛି ।

ଏଣୁ କେବଳ ପ୍ରସ୍ତାବନା, ମଙ୍ଗଳାଚରଣ ଓ ସମର୍ପଣ ଶ୍ଳୋକ ସନ୍ନିହିତ ହୋଇ ଏଠାରେ ଉପସ୍ଥାପିତ ହୋଇଛି ୨୨ଟିଯାକ ଅଷ୍ଟପଦୀ ।

**ଓଡ଼ିଆ ଜାତିକୁ ତାର ପ୍ରିୟ କବିଙ୍କ ପ୍ରକୃତ ଅଭିପ୍ରାୟ ତଥା ତାଙ୍କ କୃତିର ରସାଳ ଲାଳିତ୍ୟ ସହ ପୁନଃ ପରିଚିତ କରାଇବା ପାଇଁ ଯେହେତୁ ମୁଁ ନିଷ୍ପତ୍ତି କରିଛି ସେହେତୁ ତାଙ୍କ ନାମରେ ଅନ୍ୟମାନଙ୍କଦ୍ୱାରା ଲେଖାଯାଇ ପ୍ରଚଳନ କରାଯାଇଥିବା ସମସ୍ତ ଶ୍ଳୋକକୁ ତଥା ତହିଁରେ ଥିବା *ଗୀତଗୋବିନ୍ଦ* ଶୀର୍ଷକ ସମେତ ସମସ୍ତ ବୈଷ୍ଣବୀୟ ଉପଶୀର୍ଷକକୁ ବାଦ ଦେଇ କେବଳ ଅଷ୍ଟପଦୀଗୁଡିକର ଭାଷାନ୍ତର ଉପସ୍ଥାପନ କରାଯାଉଛି । ଏବଂ କେବଳ ଏହି କାରଣରୁ *ଗୀତ ଗୋବିନ୍ଦ* ଶୀର୍ଷକକୁ ବର୍ଜନ କରାଯାଇ ଏହି ପୁସ୍ତକର ଏହି ନିରୋଳା ନାମକରଣ ହୋଇଛି ।** ମୋର ବିଶ୍ୱାସ ଯେ ଏହି ବାଇଶିଟି ଅଷ୍ଟପଦୀହିଁ ଶ୍ରୀ ଜଗନ୍ନାଥଙ୍କ ବାଇଶି ପାହାଚ ।

## *ଓଡ଼ିଆ ଆଖିରେ କିନ୍ତୁ ବାଇଶିଟି ଅଷ୍ଟପଦୀହିଁ ବାଇଶି ପାହାଚ*

ଶ୍ରୀ ଜଗନ୍ନାଥଙ୍କ ବାଇଶି ପାହାଚ ଏହି ବାଇଶିଟିଯାକ ଅଷ୍ଟପଦୀର ପ୍ରତୀକ । ଏହାହିଁ ଶ୍ରୀ ଜୟ ଦେବଙ୍କ ବୌଦ୍ଧ ପରିଚୟର ସର୍ବୋତ୍କୃଷ୍ଟ ପ୍ରମାଣ । ସେ ଯଦି ୨୨ଟି ଅଷ୍ଟପଦୀ

orissamatters.com

ନ ଲେଖି ୩୦ଟି ଲେଖିଥାନ୍ତେ, ତେବେ ଓଡିଆ ଜାତି ଶ୍ରୀ ଜଗନ୍ନାଥଙ୍କ ୨୨ ପାହାଚ ପରିବର୍ତ୍ତେ ୩୦ ପାହଚ କଥା କହିଥାନ୍ତା । ଯେହେତୁ ଶ୍ରୀ ଜୟ ଦେବ ତାଙ୍କ ଅଷ୍ଟପଦୀଗୁଡ଼ିକୁ ୨୨ରେ ସୀମିତ ରଖିଛନ୍ତି, ସେହେତୁ ଓଡ଼ିଆ ଜାତି ଶ୍ରୀ ଜଗନ୍ନାଥଙ୍କ ପାହାଚ ସଂଖ୍ୟା ୨୨ ବୋଲି କହିଛି । ଜଗନ୍ନାଥଙ୍କ ୨୨ ପାହଚ କଥାଟି ସମସ୍ତଙ୍କୁ ଜଣା । କିନ୍ତୁ ଶ୍ରୀ ମନ୍ଦିରରେ ଯେଉଁ ପାହାଚ ଅଛି ତା ସଂଖ୍ୟା ୨୨ ନୁହେଁ । ୨୨ ପାହାଚର କୌଣସି ବାସ୍ତବ ସ୍ଥିତି ନାହିଁ । ବିଭିନ୍ନ କିମ୍ବଦନ୍ତୀ ତିଆରି କରି ବ୍ରାହ୍ମଣ୍ୟବାଦୀ କୌଶଳରେ ଏହି ବାଇଶିପାହାଚର ବିଭିନ୍ନ ଅର୍ଥ ଦେଖାଇବାକୁ ଚେଷ୍ଟା ଯେ ନ ହୋଇଛି ତା ନୁହେଁ, ମାତ୍ର ସେଗୁଡ଼ିକର କୌଣସି ଯୁକ୍ତିମାନ୍ୟତା ନାହିଁ । ପରନ୍ତୁ ଏହି ବାଇଶି ପାହାଚ ଶ୍ରୀଜୟ ଦେବଙ୍କ ୨୨ଟିଯାକ ଅଷ୍ଟପଦୀର ହିଁ କେବଳ ଏକ ପ୍ରତୀକାତ୍ମକ ପରିପ୍ରକାଶ । ଓଡ଼ିଆ ଜାତିର ଅତ୍ୟନ୍ତ ଦୃଢ ସାମାଜିକ ବିଜ୍ଞତା ଦ୍ୱାରା ଏହି ପ୍ରତୀକ ପରିସୃଷ୍ଟ ।

ବାଇଶି ପାହାଚ ମାଧ୍ୟମରେ ଶ୍ରୀ ଜଗନ୍ନାଥଙ୍କ ପାଖକୁ ଯାଇହୁଏ । ବୁଦ୍ଧ ହିଁ ଶ୍ରୀ ଜଗନ୍ନାଥ । ବୁଦ୍ଧ ହିଁ ଶ୍ରୀ ଜୟ ଦେବଙ୍କ ଶେଷ ଲକ୍ଷ୍ୟ, ଶେଷ ଅଭିଳାଷ । ଯେଉଁମାନେ ଏହା ଜାଣିଥିଲେ ସେହିମାନେ ହିଁ ଜଗନ୍ନାଥଙ୍କ ପାଖରେ ଜୟ ଦେବଙ୍କ ଅଷ୍ଟପଦୀଗୁଡ଼ିକୁ ପଢୁଥିଲେ ବା ପଢ଼ାହେବାର ବ୍ୟବସ୍ଥା କରିଥିଲେ । ସେହିମାନେ ହିଁ ଏହି ୨୨ଟି ଅଷ୍ଟପଦୀକୁ ଶ୍ରୀ ବୁଦ୍ଧଜଗନ୍ନାଥଙ୍କ ପାଖକୁ ଯିବାରେ ସାହାଯ୍ୟକରିବାକୁ ସକ୍ଷମ ବାଇଶି ପାହାଚ ରୂପେ ନାମିତ କରିଥିଲେ । ଏହି ବାଇଶି ଅଷ୍ଟପଦୀ ମାଧ୍ୟମରେ କାମବଜ୍ରଯାନକୁ ମିଳିଯାଇଥିଲା ଏକ ଅତ୍ୟନ୍ତ ଶକ୍ତିଶାଳୀ ସହାୟକ ସାହିତ୍ୟ । **କାମବଜ୍ରଯାନ ବୌଦ୍ଧଧର୍ମର ସହଜ ସ୍ୱରୂପ । ଜୀବନ ଜିଜ୍ଞାସାର ସହଜ ସମାଧାନ । ବୁଦ୍ଧତ୍ୱର ସହଜ ସୋପାନ । ଆନନ୍ଦର ଦର୍ଶନ । ଆନନ୍ଦର ରୂପାୟନ । ଶ୍ରୀ ଜୟ ଦେବଙ୍କ ୨୨ଟିଯାକ ଅଷ୍ଟପଦୀ ବୁଦ୍ଧତ୍ୱର ଏହି ସହଜ ସୋପାନ ହିଁ ପ୍ରଦାନ କରେ । ଶ୍ରୀ ବୁଦ୍ଧଜଗନ୍ନାଥଙ୍କ ପାଖକୁ ଯିବାପାଇଁ ଏହି ଆନନ୍ଦଦାୟକ ସୋପାନଗୁଡିକ ଅପରିହାର୍ଯ୍ୟ । ସେଥିପାଇଁ ଏହି ଅଷ୍ଟପଦୀଗୁଡ଼ିକୁହିଁ ଶ୍ରୀ ଜଗନ୍ନାଥଙ୍କ ବାଇଶି ପାହାଚ ବୋଲି କୁହା ହେଉଥିଲା ।** ବ୍ରହ୍ମଣ୍ୟବାଦୀ ଚକ୍ରାନ୍ତ ହେତୁ ଏ କଥା ଛପିଯାଇଥିଲେ ମଧ୍ୟ ବାଇଶି ପାହାଚ ପ୍ରତୀକାତ୍ମକ ହୋଇ ରହିଛି । ଓଡ଼ିଆ ଲୋକେ ବାଇଶି ପାହାଚକୁ ଛାଡ଼ି ନାହାନ୍ତି ।

## *ଓଡ଼ିଆର ବଡ଼ବଡୁଆ*

କାଳୀପୂଜା ରାତିରେ ଆମେ ଓଡ଼ିଆଏଁ ବଡ଼ବଡୁଆଙ୍କୁ ଡାକୁଁ । ତିନିଖଣ୍ଡ ଲମ୍ବା କାଉଁରିଆକାଠି ଅଗରେ ୨୨ ଖଣ୍ଡ ଛୋଟ କାଉଁରିଆ କାଠି ବାନ୍ଧି ତହିଁରେ ଅଗ୍ନି ସଂଯୋଗ କରି ଡାକୁଁ -**ବଡ଼ବଡ଼ିଆ ହୋ ଅନ୍ଧାରରେ ଆସି ଆଲୁଅରେ ଯା, ବାଇଶି ପାହାଚରେ ଗଡ଼ଗଡ଼ଉ ଥା ।** କିଏ ଏହି ବଡ଼ବଡୁଆ? କାଳୀପୂଜା ରାତିରେ କାହିଁକି ଆମେ ତାଙ୍କୁ ଏହିପରି ଶୈଳୀରେ ଡାକୁଁ ?

orissamatters.com

ଏ ହେଲେ ବୁଦ୍ଧ । ଶ୍ରୀ ବୁଦ୍ଧଜଗନ୍ନାଥ । ଏ ହେଲେ ଓଡ଼ିଆ ଜାତିର ସବୁଠୁଁ ବଡ଼ ମଣିଷ । ଏ ହେଲେ ଓଡ଼ିଆ ଜାତିର ଅନ୍ତର୍ନିହିତ ମଣିଷପଣିଆର ସବୁଠୁ ବଡ଼ ରୂପକଳ୍ପ । ଏ ହେଲେ ଓଡ଼ିଆ ଜାତିର ଉଦାର ଆଦର୍ଶର ସବୁଠୁ ବଡ଼ ନାୟକ । ଏ ହେଲେ ଓଡ଼ିଆ ଜାତିର ଜଗତରଞ୍ଜନକାରୀ ମନୋବୃତ୍ତିର ସବୁଠୁ ବଡ଼ ପ୍ରତିମୂର୍ତ୍ତି । ଏ ହେଲେ ଓଡ଼ିଆ ଜାତିର ସର୍ବବର୍ଣ୍ଣସମନ୍ୱୟୀସ୍ୱଭାବର ସବୁଠୁଁ ବଡ଼ ଦିଗ୍‌ଦର୍ଶକ । ଏ ହେଲେ ବୈଦିକ ବର୍ଣ୍ଣବୈଷମ୍ୟବାଦୀ ବିପ୍ରଚିତ୍ତ ଚଳଣିର ସବୁଠୁ ବଡ଼ ସଂହାରକ । ଏ ହେଲେ ଓଡ଼ିଆ ଜାତିର ସାମାଜିକ ମୂଲ୍ୟବୋଧ ତଥା ତାର ଐକ୍ୟ ଓ ସଂହତିର ସବୁଠୁଁ ବଡ଼ ନିୟାମକ । ସୁତରାଂ ଏ ହେଲେ ତାର ବଡ଼ ବଡୁଆ, ଯାହାଙ୍କୁ ଅନୁସରଣକରି ଏ ଜାତି ଚିରକାଳ ଚାଲିପାରେ । **ଏହି ବଡ଼ବଡୁଆ କେବଳ ବୁଦ୍ଧ ନୁହନ୍ତି ; ଏ ମଧ୍ୟ ହେଉଛନ୍ତି ବୁଦ୍ଧଙ୍କ ସଙ୍ଘଭୁକ୍ତ ଥାଇ , ବୁଦ୍ଧଙ୍କ ଆଦର୍ଶପାଇଁ ପ୍ରାଣପାତ କରିଥିବା ଆମ ପୂର୍ବ ପୁରୁଷ** । ବୁଦ୍ଧଙ୍କ ଜନ୍ମ ମାଟିରେ, ଦୟାନଦୀକୂଳରେ, ବୁଦ୍ଧଙ୍କ ଆଦର୍ଶର ସୁରକ୍ଷାପାଇଁ, କଳିଙ୍ଗ ଗଣରାଜ୍ୟର ସୁରକ୍ଷାପାଇଁ, ସାମ୍ରାଜ୍ୟବାଦୀ ଅଶୋକର ଆକ୍ରମଣକାରୀ ବାହିନୀ ବିରୁଦ୍ଧରେ ଲଢ଼ି ପ୍ରାଣପାତ କରିଥିବା ଆମ ପୂର୍ବସୁରି । ପାଶୁପତ ଶୈବମାନଙ୍କ ହାତରେ ହତ୍ୟାକରାହୋଇଥିବା ଯେତେ ସବୁ ବୌଦ୍ଧ ଶ୍ରମଣ । ଉଗ୍ର ବ୍ରାହ୍ମଣ୍ୟବାଦୀ ସୋମବଂଶୀ ଓ ଗଙ୍ଗବଂଶୀ ରଜାମାନଙ୍କ ହାତରେ ପ୍ରାଣ ହରାଇଥିବା ବୁଦ୍ଧାନୁଗତ ଆମ ପୂର୍ବଜ । ଏ ହେଉଛନ୍ତି ଓଡ଼ିଶାର ବୌଦ୍ଧସ୍ତୁପଗୁଡ଼ିକର ବିଧ୍ୱସ୍ତିକରଣ ବେଳେ ସେଗୁଡ଼ିକୁ ରକ୍ଷା କରିବାକୁ ଚେଷ୍ଟାକରି ପ୍ରାଣପାତ କରିଥିବା ଯେତେସବୁ ଅଜ୍ଞାତ ଓଡ଼ିଆ । (ଏହିମାନଙ୍କ ସହ ଆମ ମାତୃକୁଳ ଓ ପିତୃକୁଳର ବଂଶ ବୁନିଆଦିକୁ ଆମେ ଯୋଡ଼ୁଁ ।)

ଏହିମାନଙ୍କ ସମ୍ମାନରେ ଆମେ ଜାଳୁଁ କାଉଁରିଆ କାଠିର ବନ୍ଧା ହୋଇଥିବା ବିଡ଼ାରେ ସଂଯୋଗକରାହୋଇଥିବା ବହ୍ନି । **ଯେହେତୁ ଏମାନେ ସାମ୍ରାଜ୍ୟବାଦୀମାନଙ୍କ କବଳରୁ ଆମ ପ୍ରାଚୀନ ଗଣରାଜ୍ୟର ସୁରକ୍ଷାପାଇଁ, ବର୍ଣ୍ଣବୈଷମ୍ୟବାଦ କବଳରୁ ଆମ ସାମାଜିକ-ଐକ୍ୟର ସୁରକ୍ଷାପାଇଁ, ବୈଦିକ ସଂକ୍ରମଣ କବଳରୁ ଓଡ଼ିଶା ମାଟିର ମାନବପ୍ରେମୀ ମୌଳିକତାର ସୁରକ୍ଷାପାଇଁ ପ୍ରାଣବଳି ଦେଇଥିବା ବୌଦ୍ଧ, ସେହେତୁ ଶ୍ରୀ ବୁଦ୍ଧଜଗନ୍ନାଥଙ୍କ ସାନ୍ନିଧ୍ୟପାଇଁ ସହଜ ବୌଦ୍ଧ ଦର୍ଶନର ଶ୍ରେଷ୍ଠ ସହାୟକ ସାହିତ୍ୟ ଶ୍ରୀ ଜୟ ଦେବଙ୍କ ୨୨ଟି ଅଷ୍ଟପଦୀର ପ୍ରତୀକାତ୍ମକ ବାଇଶି ପାହାଚରେ ସେମାନଙ୍କ ଅବସ୍ଥାନର ଏହି ସୁନ୍ଦର ପରିକଳ୍ପନା !** ଅପରପକ୍ଷେ ଶ୍ରୀଜଗନ୍ନାଥଙ୍କ ବିଗ୍ରହରୂପେ ଓଡ଼ିଆ ଚେତନାରେ ସଂସ୍ଥିତ ବୁଦ୍ଧଙ୍କୁ ସହଜଯାନର ଏହି ଅମୀୟ ବାଇଶି ପାହାଚର ସମର୍ପଣକୁ ମଧ୍ୟ ଆମେ ପୁଣି ନବୀକୃତ କରୁଁ । ଏକଦା ଏ ଜାତି ସଚେତନତାର ସହ ଏହା କରୁଥିଲା, ଏବେ ପରଂପରାକ୍ରମେ କରୁଛି । ବୁଦ୍ଧ , ଧର୍ମ ଓ ସଂଘ – ଏହି ତିନି ମୌଳିକ ବୌଦ୍ଧ ଚେତନାର ସ୍ମରଣରେ ତିନିଖଣ୍ଡ ଲମ୍ବା କାଉଁରିଆକାଠି ଅଗରେ ୨୨ଟିଯାକ ଅଷ୍ଟପଦୀର ପ୍ରତୀକରୂପେ ୨୨ ଖଣ୍ଡ ଛୋଟ କାଉଁରିଆକାଠି ବାନ୍ଧି ତହିଁରେ ବହ୍ନି ସଂଯୋଗକରି ତାର ଲେଲିହାନ୍ ଦୀପ୍ତିରେ ଆମେ ବାଇଶି ପାହାଚର ଚିନ୍ତା କରୁଁ । ଆମେ

orissamatters.com

ଚିନ୍ତାକରୁ ଆମ ବୌଦ୍ଧ ଐତିହ୍ୟର । ଏବଂ ଆଦର୍ଶପାଇଁ ଆମ ଆଗ୍ନେୟ ପ୍ରତିବଦ୍ଧତାର । **କାଳୀପୂଜା କାହାପାଇଁ କ'ଣ ହୋଇଥାଇପାରେ, କିନ୍ତୁ ପରଂପରା ସଚେତନ ଓଡ଼ିଆ ପାଇଁ ଏହା ହେଉଛି ବନ୍ଧା ହୋଇଥିବା କାଉଁରିଆ କାଠିର ବିଡ଼ାରେ ଉଦ୍ଦୀପିତ ବହ୍ନିର ଉତ୍ସବ । ସାଧାରଣ ଓଡ଼ିଆର ଐକ୍ୟବଦ୍ଧ ତେଜସ୍କ୍ରିୟତାର ପ୍ରତୀକ ଏ ବହ୍ନି ।**

କେତେ ଲୌକିକ ଏ ପ୍ରତୀକ ! କେତେ ସ୍ପଷ୍ଟ, ସରଳ, ନିଷ୍କପଟ ଓ ସୁଦୃଢ଼ ଏ ପ୍ରତୀକ ! କାଉଁରିଆ କାଠି ଭାଙ୍ଗିଯାଏ ପଛେ ନଏଁନି । ଓଡ଼ିଆ ବରଂ ମରି ଯାଇପାରେ, ମୁଣ୍ଡ ନୁଆଏଁନି । ଯେମିତି ମୁଣ୍ଡ ନୁଆଁଇ ନ ଥିଲା କଳିଙ୍ଗ ଯୁଦ୍ଧରେ, ଅଶୋକ ପାଖରେ । ସାତପାଟ ବା କୁର୍ମପାଟକପୁର ମାଟିରେ କେଶରୀ ରଜା ପାଖରେ ।

**ଖଣ୍ଡେ କାଉଁରିଆ କାଠି ଭାଙ୍ଗିଯାଏ, ବିଡ଼ାଏ ବାନ୍ଧିହୋଇଗଲେ ତାହା ଭାଙ୍ଗେନି । ସେଥିପାଇଁ ଓଡ଼ିଆଜାତି ତାର ଐକ୍ୟ ଓ ସଂହତିର ଦାହ୍ୟକାରୀ ଶକ୍ତିର ସ୍ମୃତିରେ କାଉଁରିଆ କାଠିର ବିଡ଼ାରେ ବହ୍ନି ସଂଯୋଗ କରି କଳିଙ୍ଗ ଯୁଦ୍ଧରେ ପ୍ରାଣପାତକରିଥିବା ତାର ଚିର ପୂଜ୍ୟ ପୂର୍ବପୁରୁଷଙ୍କୁ ଖୋଜେ ।** ତାର ଜନ୍ମଭୂମିର ସର୍ବଶ୍ରେଷ୍ଠ ସନ୍ତାନ ବୁଦ୍ଧଙ୍କୁ ସ୍ମରଣକରେ । ସେ ଜାଣେ ଯେ ତାର ଉପସ୍ଥିତ ସମୟ ଅନ୍ଧାରରେ ଭରା । କିନ୍ତୁ ତା ଆଗରେ ଆଲୋକର ସ୍ୱପ୍ନ । **ତାର ବିଶ୍ୱାସ ଯେ ଦିନେ ତାର ଆଗ୍ନେୟ ଐକ୍ୟ ତାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ ।** ସେଥିପାଇଁ ସେ ଡାକେ - ହେ ବଡ଼ ବଡୁଆ ! ହେ ଶ୍ରୀ ଜଗନ୍ନାଥବୁଦ୍ଧ ! ଏବେ ଥିବା ଅନ୍ଧାର ସତ୍ତ୍ୱେ ତମେ ଆମ ସ୍ମୃତିକୁ ଆସ, ଆମ ଭିତରେ ଐକ୍ୟବଦ୍ଧ ଶକ୍ତିର ସନ୍ଦୀପନ ଘଟୁ ଏବଂ ତହିଁର ଆଲୋକରେ ତମେ ବାଇଶି ପାହାଚକୁ ଫେର । ଆମେ ବି ଫେରୁଁ ।

## *କାଳୀପୂଜା ରାତିରେ କାହିଁକି?*

କିନ୍ତୁ ଶ୍ରୀ ଜଗନ୍ନାଥବୁଦ୍ଧଙ୍କର କାଳୀଙ୍କ ସଙ୍ଗେ କି ସଂପର୍କ ଯେ କାଳୀପୂଜା ରାତିରେ କାଉଁରିଆ କାଠିର ବନ୍ଧାହୋଇଥିବା ବିଡ଼ାରେ ଦିହୁଡ଼ି ଜାଳି ଆମେ ତାଙ୍କୁ ସ୍ମରଣକରୁଁ ? ଏହାର ଉତ୍ତର ଯେତିକି ଗହନ ସେତିକି ସ୍ପଷ୍ଟ । ଏ ହେଉଛନ୍ତି ସ୍ୱୟଂ କାଳୀ । କାଳୀ ହେଉଛନ୍ତି ଏହାଙ୍କର ସାମାଜିକ ସତ୍ତା ଓ ସଂକଳ୍ପର ଉଦ୍ଦୀପ୍ତ ରୂପକଳ୍ପ । ନୀଳାଦ୍ରୌ ଶ୍ରୀଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣ କାଳୀକା । ଅର୍ଥାତ୍, ନୀଳାଚଳଧାମରେ ବିଜେହୋଇଥିବା ଶ୍ରୀଜଗନ୍ନାଥବୁଦ୍ଧ ହିଁ ହେଉଛନ୍ତି କାଳୀକା । **ବୁଦ୍ଧ ମାତୃରାଧିକାର ତତ୍ତ୍ୱର ସର୍ବଶ୍ରେଷ୍ଠ ପ୍ରବର୍ତ୍ତକ । କାଳୀ ଏହି ତତ୍ତ୍ୱର ସର୍ବଶ୍ରେଷ୍ଠ ପ୍ରତୀକ ।** ସୁପ୍ତ ଜନସମାଜ ଶବ ପରି ପଡ଼ିଥାଏ । ଏବଂ ତା ଉପରେ ଚାଲିଥିବା ସବୁ ଅତ୍ୟାଚାର ସହୁଥାଏ । ଯେତେବେଳେ ତାର ସାମାଜିକ ସତ୍ତା ଜାଗିଉଠେ, ଜାଗିଉଠେ ବିପ୍ଳବର ବହ୍ନି, **ସେହି ବିପ୍ଳବର ଅଗ୍ରଗାମୀ ପଦପାତରେ ସେହି ସୁପ୍ତ ସମାଜରେ ଜାଗିଉଠେ ଚେତନା ଏବଂ ଶବ ପରି ପଡ଼ିରହିଥିବା ତାର ଯୌଥ ସତ୍ତାରେ ସଞ୍ଚରିଉଠେ ଶିବତ୍ୱ ଯାହାର ସଂହାରକାରୀ ସକ୍ରିୟତା ତାଣ୍ଡବ ପରି କ୍ଷିପ୍ର , ପ୍ରଳୟ ପରି ନିର୍ଣ୍ଣାୟକ । କାଳୀ । ମହାକାଳୀ ।** ମାତୃରାଶ୍ରୟୀ ନ ହୋଇଥିବା ସମାଜ ଶବ ପରି ଅବକ୍ଷୟମୁଖି ହୋଇଥିବାବେଳେ

orissamatters.com

ମାତୃରାଧିକାରର ଅଗ୍ରଗତି ଘଟିଲେ ତାହା ମଙ୍ଗଳମୁଖି ହୋଇଉଠେ, ଶିବ ହୋଇଉଠେ । **ଏହି ସତ୍ୟର ଅନୁଭବଗମ୍ୟ ରୂପ ହିଁ କାଳୀ । ସେଇଥି ପାଇଁ ଓଡ଼ିଆ ବିଚାରରେ ତାର ମାତୃରାଧିକାରମର୍ମୀ ସାମାଜିକ ସତ୍ତାର ସ୍ଥୂଳୀକୃତ ବିଗ୍ରହ ଶ୍ରୀଜଗନ୍ନାଥ ମଧ୍ୟ କାଳୀ ।**

**ଏଇଥିପାଇଁ, ଖାସ୍ ଏଇଥିପାଇଁ, କାଳୀ ପୂଜାରେ ଆମେ ବଡ଼ବଡୁଆଙ୍କୁ ଦେଉ ଆଗ୍ନେୟ ସମ୍ମାନ, ବାଇଶି ପାହାଚରେ ବୁଦ୍ଧ ଓ ଆମ ବୌଦ୍ଧ ବୁନିଆଦିର ଶହିଦମାନଙ୍କୁ ସ୍ମରଣ କରି ।** ବୁଦ୍ଧଜଗନ୍ନାଥଙ୍କ ପାଖକୁ ଯିବାକୁ ଚୌରାଅଶୀ ସିଦ୍ଧଙ୍କ ସୁଯୋଗ୍ୟ ସାଂସ୍କୃତିକ ଦାୟାଦ ଶ୍ରୀ ଜୟ ଦେବ ପ୍ରସାରି ଦେଇଥିବା ସହଜଯାନର ବାଇଶିଟି ପାହାଚ ଉପରେ ଆମ ଐତିହ୍ୟକୁ ଖୋଜି ଖୋଜି ।

ଏହି ଐତିହ୍ୟ ଖୋଜୁ ଖୋଜୁ ପ୍ରାଣ ବ୍ୟାକୁଳ ହୋଇ ଉଠେ ଦେଖିବାକୁ ସେହି ଦିନଗୁଡ଼ିକୁ ଯାହା ସବୁ ହୋଇଯାଇଛି ଆମର ଅତୀତ । ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଯେହେତୁ ଆମ ପରିଚୟ, ସେହେତୁ ଅତୀତରେ ସେ ସତରେ ଥିଲେ କ'ଣ ତାହା ଜାଣିବାକୁ ଆସନ୍ତୁ ଯିବା ତାଙ୍କୁ କେନ୍ଦ୍ରକରି ଆମେ ପାଳୁଥିବା କେତେକ ପର୍ବକୁ ।

## ବାରମାସେ ତେର ପର୍ବ

ଆମେ ଓଡ଼ିଆଏଁ ବହୁ ପର୍ବ ପର୍ବାଣୀ ପାଳନ କରୁଁ । କିନ୍ତୁ କଥାକଥାକେ କହିଥାଉଁ, ଆମର ବାର ମାସରେ ତେର ପର୍ବ ! ଏହା ଏକ ଉପରଠାଉରିଆ ବା ଭସାଣିଆ ଦୁହା ନୁହେଁ । ଆମ ସମାଜର ଏହା ଏକ ସୁଚିନ୍ତିତ ଅଭିବ୍ୟକ୍ତି । ଆମ ପୂର୍ବଜମାନେ ଏହାର ମର୍ମ ବୁଝି କଥାଟି କହୁଥିଲେ, ଏବେ କେବଳ ଅଭ୍ୟାସବଶତଃ ଏହା କୁହାହେଉଛି । ଆମ ସାମାଜିକ ସଚେତନତାର ସ୍ମାରକୀ ଖଞ୍ଜିହୋଇରହିଛି ଏହି ଅଭିବ୍ୟକ୍ତିରେ । ଏହି ତେରଟି ପର୍ବରେ ରହିଛି ଓଡ଼ିଆର ବୈଶିଷ୍ଟ୍ୟ । ତେରଟିଯାକ ପର୍ବ ମାତୃରାଧିକାରମର୍ମୀ । ସବୁଗୁଡିକ କୃଷି ଓ ବୌଦ୍ଧ-କୃଷ୍ଟିର ଭିତ୍ତି ଉପରେ ଆଧାରିତ । କ୍ରମାନ୍ୱୟରେ ଏଗୁଡିକ ହେଲେ : (୧) ଅକ୍ଷୟ ତୃତୀୟା (୨) ରଜ (୩) ସ୍ନାନଯାତ୍ରା (୪) ରଥଯାତ୍ରା (୫) ଖୁଦୁରୁକୁଣୀ (୬) ବୁଢେଇ (୭) ଶୁନିଆଁ (୮) ଦଶହରା (୯) କୁମାରପୂର୍ଣ୍ଣିମା (୧୦) କାଳୀପୂଜା (୧୧) ମାଣବସା (୧୨) ସରସ୍ୱତୀପୂଜା ଓ (୧୩) ପଣା ସଂକ୍ରାନ୍ତି । ବୈଶାଖରୁ ଚୈତ୍ର ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ତେର ପର୍ବର ଧାରା । ଏଥିମଧ୍ୟରୁ ଆସନ୍ତୁ କେତୋଟି ଉପରେ ଦୃଷ୍ଟି ଦେବା ।

### ଅକ୍ଷୟ ତୃତୀୟା :

ଯେହେତୁ ବୁଦ୍ଧଙ୍କ ପ୍ରଚୋଦିତ ପ୍ରାକୃତିକ ଦ୍ୱନ୍ଦ୍ୱବାଦରୁ ଅକ୍ଷୟ ତୃତୀୟାର ସୃଷ୍ଟି, ସେହେତୁ ଓଡ଼ିଆ ଜାତିର କୃଷି ବର୍ଷ ଏହି ଦିନହିଁ ଆରମ୍ଭ ହୋଇଥାଏ । ଅକ୍ଷୀମୁଠି (ଅକ୍ଷୟୀ ମୁଠି) ସଜାଡ଼ି ଦିଏ କୃଷକର ଜନନୀ ବା ଜାୟା । ଏବଂ ତାକୁ ସର୍ବୋଚ୍ଚ ସମ୍ମାନର ସହ ମୁଣ୍ଡରେ ମୁଣ୍ଡାଇ, ହାଣ୍ଡିଶାଳର ଐଶାନ୍ୟକୋଣରେ ଥିବା **ବଡ଼ବଡୁଆ**ଙ୍କର ତଥା ଗ୍ରାମଦେବତୀଙ୍କ ଆଶୀର୍ବାଦ ନେଇ ଚଷା ବିଲକୁ ଯାଏ ଏବଂ ସେଠାରେ ମା ବସୁମତୀଙ୍କ ପୂଜାକରି

orissamatters.com

ଆରମ୍ଭକରେ ତାର ପ୍ରଥମ କୃଷିକର୍ମ । ଏହା ସାମଗ୍ରିକଭାବେ ମାତୃରାଧିକାରର ପ୍ରତୀକାତ୍ମକ ଏବଂ ପ୍ରୟୋଗାତ୍ମକ ଏକ ପର୍ବ । ଜନନୀ ବା ଜାୟା, ବଡ଼ବଡ଼ୁଆ, ଗ୍ରାମଦେବତୀ ଓ ବସୁମତୀ–ଏଙ୍କୁ ଛାଡ଼ି ଅକ୍ଷୟତୃତୀୟା ପାଳନ ହୋଇ ପାରିବ ନାହିଁ । କାରଣ କ'ଣ? ଉତ୍ତର ଅତି ସ୍ୱଷ୍ଟ–ଓଡ଼ିଆ ଜାତି ମୌଳିକତଃ ମାତୃ ପ୍ରଧାନ ।

ମାନବ ଜନନୀ ତାର ସନ୍ତାନକୁ ବଞ୍ଚାଇରଖିବାପାଇଁ କୃଷିକର୍ମ ସୃଷ୍ଟିକରିଥିଲା । ଇତିହାସ ସର୍ବଥା ଏହି ସତ୍ୟ ପ୍ରତିପାଦିତ କରିଛି ।

ଓଡିଶାରେ ଯେତେ ଗାଁ ଅଛି ସେ ସବୁଠି ଠାକୁର ବା ଦିଅଁ ନାହାନ୍ତି, ଅଛନ୍ତି ଠାକୁରାଣୀ ବା ଗ୍ରାମ ଦେବତୀ । କୌଣସି ଠାକୁରଙ୍କ ନାମ କୃଷିକୈନ୍ଦ୍ରିକ ନୁହେଁ, କିନ୍ତୁ ସର୍ବଜନପୂଜିତା ଲକ୍ଷ୍ମୀ ଅନ୍ନଦା ବା ଅନ୍ନପୂର୍ଣା ଭାବେ ପୂଜିତା । ଏପରିକି ଦୁର୍ଗା ହେଉଛନ୍ତି ଶାକାମ୍ବରୀ । ଏ ସବୁ ଏଇଥିପାଇଁ ଯେ, ମଣିଷର ଜୀବନ ଧାରଣପାଇଁ ଯେଉଁ ଅନ୍ନ ଅପରିହାର୍ଯ୍ୟ (ଅନ୍ନାତ୍ ଭବନ୍ତି ଭୂତାନି–ଶ୍ରୀମଦ୍ ଭଗବତ୍ ଗୀତା) ତାହା କୌଣସି ପୁରୁଷ ଆବିଷ୍କାର କରି ନ ଥିଲେ, କରିଥିଲେ ନାରୀ । ଏହି ସତ୍ୟ ପରିସ୍ଫୁଟିତ ହୋଇଉଠିଥିଲା ଭାରତର ଆଦିମତମ ଭାବ ଗୁମ୍ଫନରେ, ହରପ୍ପାର ଗୁମ୍ଫାଲିଖନରେ । "Mohenjodaro and the Indus Cvilization" (London,1931) ଗ୍ରନ୍ଥରେ J.Marshall ଏହାର ବିଶଦ ବିବରଣୀ ଦେଇ ଲେଖିଛନ୍ତି, "........a very remarkable oblong seal from the Harappa-plate xxii,12-on which a nude female figure is depicted upside down with legs apart and with a plant issuing from her womb". (Ibid, i, 52) ଏହି ଚିତ୍ରରେ ଲକ୍ଷ୍ୟ କରିବାର କଥା, ମୁଣ୍ଡ ତଳକୁ ଓ ଦୁଇ ଗୋଡ଼ ଉପରକୁ ଫେର୍ଚ୍ଛାକରିରଖିଥିବା ଜଣେ ସ୍ତ୍ରୀ ଲୋକର ଜନନେନ୍ଦ୍ରିୟ ବାଟ ଦେଇ ଉଦ୍ଗତ ହୋଇଆସିଛି ଏକ ଶସ୍ୟଗୁଚ୍ଛ ବା ଶସ୍ୟ ଗଛ । ଆଦିମ ମଣିଷର ସହଜ ଅନୁଭୂତିର ଏହି ସହଜ ପରିପ୍ରକାଶ ପ୍ରମାଣ କରିଦିଏ ଯେ, ମଣିଷର ଜନ୍ମ ସମେତ ମଣିଷର ପରିବେଶ ଏବଂ ତାର ଜୀବନ ଧାରଣ ପାଇଁ ଯାହା ସବୁ ଆବଶ୍ୟକ ସେ ସବୁର ମୂଳ ଉତ୍ସ ଥିଲା ଆଦିମ ଭାରତୀୟ ଦୃଷ୍ଟିରେ ନାରୀର ଜଠର ଓ ଜନନେନ୍ଦ୍ରିୟ । ତା ଦୃଷ୍ଟିରେ ମା ହିଁ ଥିଲା ଜନ୍ମଦାତ୍ରୀ, ଅନ୍ନଦାତ୍ରୀ; ମା ହିଁ ଥିଲା କୃଷିର ସୃଷ୍ଟିକର୍ତ୍ତ୍ରୀ ଏବଂ ସଞ୍ଚାରକର୍ତ୍ତ୍ରୀ ।

"As grain-gathering was woman's business, agriculture was probably a woman's invention, and in any case was woman's work,at least till the invention of the ox-drawn hoe or plough, for it was done with the hoe, a derivative of the old stone age diggng stick which women used to grub for roots". (Bernal,J.D.-Science in History, London,1954, 60-61)

orissamatters.com

ଭାରତରେ ମହିଳାମାନେ ହିଁ ପ୍ରଥମେ କୃଷିକର୍ମ ଆରମ୍ଭ କରିଥିଲେ ଓ ସେତିକିରେ ସୀମିତ ନ ରହି ସେମାନେ ଏକ କୃଷି ପ୍ରଣାଳୀ ମଧ୍ୟ ବିକଶିତ କରିପାରିଥିଲେ ବୋଲି କହନ୍ତି ଭାରତରେ ମାତୃରାଧିକାର ଶୀର୍ଷକ ଗ୍ରନ୍ଥର ରଚକ O.R.Ehrenfels : "Women here not only invented systematic tilling of the soil, but also put this into practice......" (Mother-Right in India, Hyderabad,1941: 8) ତାଙ୍କ ମତରେ, ପୃଥିବୀରେ ମାତୃରାଧିକାର ପରିବ୍ୟାପ୍ତିର ମୂଳ ଉତ୍ସ ହେଉଛି ଭାରତ । "The general geographical and also the archaeological situation favours the theory that the world- cultures of mother-right originally emanated from India".(Ib.204) କିନ୍ତୁ ଭାରତରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି କୃଷି କର୍ମ କେବଳ ମାତୃରାଧିକାରକୁ ସମ୍ମାନ ଦେଇ ଆରମ୍ଭ ହୁଏ, ତା ନୁହେଁ, ଏହା ବୌଦ୍ଧ ଧାରାରେ ହିଁ ପରିଚାଳିତ ହୁଏ । ଅକ୍ଷୟତୃତୀୟାରେ ବୁଦ୍ଧରୂପୀ ବଡ଼ବଡୁଆଙ୍କ ଆଜ୍ଞା ଘେନି ଚାଷାରମ୍ଭ ହେଉଥିବାହିଁ ଏହାର ସର୍ବୋତ୍କୃଷ୍ଟ ପ୍ରମାଣ ।

ଗୁରୁଦେବ ବୁଦ୍ଧଙ୍କ ଜନ୍ମସ୍ଥାନ କପିଳେଶ୍ୱରର ଅନତିଦୂରରେ ଥିବା ବୌଦ୍ଧତନ୍ତ୍ରର ପାବନପୀଠ ତୁରିନ୍ତରା ନିକଟରେ ଏପରି ଦୁଇଟି ସ୍ତମ୍ଭ ରହିଛି ଯାହା ଏବେ ବି ଯୂପସ୍ତମ୍ଭଭାବେ ବିଦିତ । ଶ୍ରୀ ଜୟ ଦେବଙ୍କ ବୌଦ୍ଧ ପରିଚୟର ବିଲୋପିକରଣପାଇଁ ବ୍ରାହ୍ମଣ୍ୟବାଦୀ ଚକ୍ରାନ୍ତ ହେତୁ ଏହି ଯୂପସ୍ତମ୍ଭ ଦୁଇଟିକୁ ସେ ପଶୁବଳୀପାଇଁ ବ୍ୟବହାର କରୁଥିଲେ ବୋଲି ସାଧାରଣରେ ଧାରଣା ସୃଷ୍ଟି କରାହୋଇଛି । କିନ୍ତୁ ଏଗୁଡ଼ିକ ପ୍ରକୃତରେ *ଜୟସ୍ତମ୍ଭ* । ସନ୍ନିକଟରେ ଅମ୍ବିକା ନାମରେ ସଂପୂଜିତା ବିଗ୍ରହ ହେଉଛି ବୌଦ୍ଧତନ୍ତ୍ରର ଅଧିଷ୍ଠାତ୍ରୀ ଦେବୀ ପଦ୍ମାବତୀଙ୍କ ବିଗ୍ରହ । ତଳ ଉପର ହୋଇ ରହିଥିବା ଦ୍ୱୀପଟଳ ବିଶିଷ୍ଟ ପଦ୍ମ ଉପରେ ଆସୀନା ଏହି ଦେବୀ ବିଗ୍ରହଙ୍କ ବାମ ହାତରେ ରହିଛି ଏକ ପ୍ରସ୍ଫୁଟିତ ପଦ୍ମପୁଷ୍ପ ଏବଂ ଦକ୍ଷିଣ ହସ୍ତରେ ଫଳାକୃତିର ଏପରି କିଛି ଯାହାକୁ ଆମ୍ବପେଛା ବୋଲି ସ୍ଥାନୀୟ ଲୋକେ ବିଚାରନ୍ତି । ଜାଗ୍ରତ କୁଣ୍ଡଳିନୀର ପ୍ରତୀକ ସ୍ୱରୂପ ଏକ ସପ୍ତଫେଣୀ ସର୍ପ ଏହି ବିଗ୍ରହଉପରେ ପରିଶୋଭିତ । ଅନତିଦୂରରେ ବୌଦ୍ଧତନ୍ତ୍ରର ଅନ୍ୟତମା ଶକ୍ତି ତାରା । ବୁଢେଇ ପାଟଣା । ଗାରେଡି ପାଞ୍ଚଣ । ବୌଦ୍ଧତନ୍ତ୍ର କ୍ଷେତ୍ରରେ ହୀରାପରି ମହାର୍ଘ ପୀଠ ହୀରାପୁର ଏବଂ ସେଠାରେ ଥିବା ଚଉଷଠି ଯୋଗିନୀ ମନ୍ଦିର । ଏହିସବୁରୁ ଆରମ୍ଭକରି କୋଣାର୍କ ଓ ପୁରୀ ସମେତ ସମଗ୍ର କୂର୍ମପାଟକ ବୌଦ୍ଧତନ୍ତ୍ରର ଗନ୍ତାଘର । ଏହି ବୌଦ୍ଧ ବିଭବକୁ ଧ୍ୱଂସ କରିଦେବାପାଇଁ ବ୍ରାହ୍ମଣ୍ୟବାଦୀ ଖଳନାୟକମାନେ ବହୁବିଧ ଉଦ୍ୟମ କରିଛନ୍ତି । ବୁଦ୍ଧ ନିଜ ଗୋତ୍ରୀୟ କାରଣ ହେତୁ (ଆଦିଚ୍ଚାନାମାଗୋତ୍ତେନ) ସୂର୍ଯ୍ୟ ରୂପେ ପୂଜା ପାଉଥିବା କୋଣାର୍କ ମନ୍ଦିରକୁ ସେମାନେ ଭାଙ୍ଗିଛନ୍ତି; ତହିଁର ଦାର୍ଶନିକ ଉତ୍ସ ଧମ୍ମପଦକୁ *ଧର୍ମପଦ* ବୋଲି ଦର୍ଶାଇ ମିଥ୍ୟା କିମ୍ବଦନ୍ତୀ ଦ୍ୱାରା ଲୋକଙ୍କୁ ବିଭ୍ରାନ୍ତ କରିଛନ୍ତି; ସେଠାରୁ ବୁଦ୍ଧଙ୍କ ମୂର୍ତ୍ତି ଉଠାଇ ନେଇଛନ୍ତି; ତାହା ବୈଦିକ ସୂର୍ଯ୍ୟଦେବଙ୍କ ମନ୍ଦିର ଥିଲା

orissamatters.com

ବୋଲି ମିଛପ୍ରଚାର କରିଛନ୍ତି । ଲାଙ୍ଗୁଡ଼ି ବୌଦ୍ଧପୀଠର ଶିଷ୍ୟ ନରସିଂହ ଦେବ କୋଣାର୍କ ମନ୍ଦିରର ସୃଷ୍ଟିକର୍ତ୍ତା ହୋଇଥିବା ବେଳେ ତାଙ୍କର ଲାଙ୍ଗୁଡ଼ ଥିଲା ବା ଲାଙ୍ଗୁଡ଼ ପରି ଗୋଟେ ଖଣ୍ଡା ତାଙ୍କ ଅଣ୍ଟାରେ ସବୁବେଳେ ଝୁଲିରହୁଥିବା ହେତୁ ତାଙ୍କୁ ଲାଙ୍ଗୁଳା ନରସିଂହ ବୋଲି କୁହାହେଉଥିଲା ବୋଲି ମିଥ୍ୟା ପ୍ରଚାର କରି କୋଣାର୍କ ମନ୍ଦିରର ବୌଦ୍ଧ ବୁନିଆଦିକୁ ନଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ପୁରୀର ଶ୍ରୀମନ୍ଦିରରେ ଜଗନ୍ନାଥ ବୁଦ୍ଧଙ୍କୁ ବିଷ୍ଣୁରେ ରୂପାନ୍ତରିତ କରିଛନ୍ତି ଏବଂ ଅଜସ୍ର କପୋଳକଳ୍ପିତ କିମ୍ବଦନ୍ତୀ ସୃଷ୍ଟିକରି ଶ୍ରୀମନ୍ଦିରକୁ ଏକ ବୈଷ୍ଣବ ମନ୍ଦିର ଭାବେ ଉପସ୍ଥାପିତ କରି ଚାଲିଛନ୍ତି ।

ବୌଦ୍ଧ ତନ୍ତ୍ରର ଶକ୍ତିପ୍ରତିମାଗୁଡିକୁ ହିନ୍ଦୁ ବିଗ୍ରହରେ ରୂପାନ୍ତରିତ କରାହୋଇଛି । କୂର୍ମପାଟକପୁର ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ନିକଟରେ ଯେମିତି ପଦ୍ମାବତୀଙ୍କୁ ଅମ୍ବିକାରେ ରୂପାନ୍ତରିତ କରାଯାଇଛି, ସେମିତି ଜୟସ୍ତମ୍ଭକୁ ବଳିସ୍ତମ୍ଭ ଭାବେ ପ୍ରଚାର କରାଯାଇଛି । କିନ୍ତୁ ଏହାକୁ ବଳିସ୍ତମ୍ଭ ଭାବେ ନୁହେଁ, ଜୟସ୍ତମ୍ଭ ଭାବେ ପୂଜାକରି ଏ ଅଞ୍ଚଳର ଚାଷୀ ପ୍ରତିବର୍ଷ ଆରମ୍ଭ କରିଆସିଛି ତାର ଚାଷକାର୍ଯ୍ୟ ଅକ୍ଷୟତୃତୀୟା ତିଥିରେ , ଠିକ୍ ବୁଦ୍ଧଙ୍କ ପରିବାରଦ୍ୱାରା ଅନୁସୃତ **ବପ୍ପ ମଙ୍ଗଳ** ଶୈଳୀରେ ।ଜାତକର ନିଦାନକଥା ତଥା ଅନ୍ୟାନ୍ୟ ବୌଦ୍ଧ ସାହିତ୍ୟରେ ଅଛି କିପରି ବୁଦ୍ଧଙ୍କ ପିତା ଶୁଦ୍ଧୋଦନ ପ୍ରତିବର୍ଷ ଆନନ୍ଦ ଉଲ୍ଲାସର ସହ ବପ୍ପ ମଙ୍ଗଳ ବା ବିହନବପନ ଆରମ୍ଭ କରୁଥିଲେ । **ସାରା ଓଡ଼ିଶାରେ ଅକ୍ଷୟ ତୃତୀୟା ତିଥିରେ ପ୍ରଚଳିତ ଧାନବୁଣା ପରଂପରା ସଂପୂର୍ଣତଃ ବୁଦ୍ଧାନୁସାରୀ ଏକ ପରଂପରା** । ବୈଶାଖର ଝାଇଁମରା ମାଟିରେ ସହଳ କିସମର ଧାନବିହନ ଗଜେଇ ଗଛହେବାକୁ ପ୍ରାୟ ଦଶ ବାର ଦିନ ଲାଗେ । **ବୈଶାଖ ପୂର୍ଣମୀରେ ବୁଦ୍ଧ ଜୟନ୍ତୀ । ବୁଦ୍ଧଙ୍କ ଜନ୍ମଦିନକୁ ଧାନଗଛର ଜନ୍ମ ବୁଦ୍ଧଙ୍କ ଜନ୍ମମାଟି ଓଡ଼ିଶାରେ ସବୁଠୁ ବେଶୀ କାମ୍ୟ ।** ସେଇଥିପାଇଁ ସେହିକାଳରୁ ବୁଦ୍ଧ ଜୟନ୍ତୀର ପ୍ରାୟ ୧୨ ଦିନ ଆଗରୁ ବୈଶାଖ ଶୁକ୍ଳ ତୃତୀୟାରେ ଧାନବୁଣା ଆରମ୍ଭ ହୋଇଥାଏ ଓଡ଼ିଶାରେ । ବୌଦ୍ଧତନ୍ତ୍ରରେ ତୃତୀୟ ସଂଖ୍ୟାର ଗୁରୁତ୍ୱ ପ୍ରେକ୍ଷାପଟରେ ଧାନ ବୁଣା ପାଇଁ ବୈଶାଖ ଶୁକ୍ଳ ତୃତୀୟାର ଗୁରୁତ୍ୱ ବେଶ୍ ତାତ୍ପର୍ଯ୍ୟପୂର୍ଣ । ଲକ୍ଷ୍ୟ କରିବାର କଥା ଯେ, ଓଡ଼ିଶାରେ ଅକ୍ଷୟ ତୃତୀୟାରେ ବୁଣା ଆରମ୍ଭ ହେଉଥିବା ସହଳ କିସମର ଧାନକୁ **କୋଳିହାଁ** ବା **କୋଳିଆଁ** ଧାନ କୁହାଯାଏ ଏବଂ ଏହି ଧାନ **ନୂଆଖିଆ** ବା **ନୂଆଖାଇ**ରେ ଲାଗେ । ବୁଦ୍ଧଙ୍କ ଜନନୀ ମାୟାଦେବୀ ଏବଂ ବୁଦ୍ଧଙ୍କ ଜାୟା ଗୋପା ଉଭୟ **କୋଳ** କୁଳର କନ୍ୟା । ମାତୃରାଧିକାରସଂପନ୍ନ ସମାଜରେ ସ୍ୱୀକୃତ ଏକ ପରଂପରାନୁଯାୟୀ ବୁଦ୍ଧ ନିଜ ମାମୁଁଝିଅ ଗୋପାଙ୍କୁ ବିବାହ କରିଥିଲେ । ସୁତରାଂ **ବୁଦ୍ଧଙ୍କ ଜନନୀ ଓ ଜାୟା ଉଭୟେ ଥିଲେ କୋଳିଆଁ । ଓଡିଆ ଜାତି ନିଜ ଉତ୍ପାଦିତ ସହଳ କିସମର ଧାନ, ଯାହାକୁ ଖାଇ ନୂଆଖିଆ ବା ନୂଆଖାଇ ପାଳନ କରେ, ତାକୁ କୋଳିଆଁ ଧାନ ବୋଲି ନାମିତ କରି ନିଜ ବୌଦ୍ଧ ପରିଚୟର ପରାକାଷ୍ଠା ଦେଖାଇ ଆସିଛି ।** ଏହି କୋଳିଆଁ ଧାନର ବିହନ ସେ ପକାଇଥାଏ ଅକ୍ଷୟ ତୃତୀୟାରେ । **ବୁଦ୍ଧ ପ୍ରଦର୍ଶୀତ କରିଥିବା**

orissamatters.com

**ଦ୍ୱନ୍ଦ୍ୱବାଦ ଏହି ଅକ୍ଷୟ ତୃତୀୟାରେ ପୁନଃପ୍ରତିଷ୍ଠ ହୋଇଥାଏ ।** କୌଣସିଟିର କ୍ଷୟ ନାହିଁ । ଯାହା କ୍ଷୟ ପରି ଦିଶେ ତହିଁରେ ନିହିତ ଥାଏ ଭିନ୍ନ ଏକ ଅଭ୍ୟୁଦୟର ଭିତ୍ତି । ଯେମିତି କ୍ଷୟ ହେଉଥିବା ଧାନବିହନରୁ ଅଭ୍ୟୁଦୟ ଘଟେ ଅଙ୍କୁରର ।

**ବିନାଶ ସତ୍ତ୍ୱେ ଅବିନଶ୍ୱରତାର, ଶେଷ ସତ୍ତ୍ୱେ ବିକାଶର, ମୃତ୍ୟୁ ସତ୍ତ୍ୱେ ଜୀବନର ଅବଶ୍ୟମ୍ଭାବୀ ସତ୍ୟତାହିଁ ବୁଦ୍ଧ ପ୍ରବର୍ତ୍ତିତ ପ୍ରାକୃତିକ ଦ୍ୱନ୍ଦ୍ୱବାଦ ଯାହା ଓଡ଼ିଆ ଜାତି ଗ୍ରହଣ କରିନେଇଥିଲା ତାର ଜୀବନାଦର୍ଶ ଭାବେ । ସେଥିପାଇଁ ସେବେ ବି ଏବଂ ଏବେ ବି ଓଡ଼ିଆମାନଙ୍କର ଅନନ୍ୟ, ଅତୁଲ୍ୟ ଓ ନିରୋଳା ମୌଳିକ ବୈଶିଷ୍ଟ୍ୟ ହେଲା ସେମାନଙ୍କ ସନ୍ତୁଷ୍ଟ ସ୍ୱଭାବ । ସନ୍ତୋଷଚିତ୍ତତା ଆମ ମୂଳ ମାନସିକ ସ-ଦ ଥିଲା। ସେହେତୁ ଆମ ରାଜ୍ୟ ଆଗେ ବିଖ୍ୟାତ ଥିଲା ତୋଷଳ ରାଜ୍ୟ ଭାବେ** । ଏହି ତୋଷଭାବ ବୁଦ୍ଧଙ୍କ ଦ୍ୱାରା ପରିମାର୍ଜିତ ହୋଇ ସନ୍ତୁଷ୍ଟଚିତ୍ତତାର ଧର୍ମ ବୌଦ୍ଧଧର୍ମଭାବେ ବିଖ୍ୟାତ ହୋଇଥିଲା । **ଏହି ଐତିହ୍ୟର ସଜ୍ଞାନ ସ୍ମରଣ କରୁଥିଲେ ଆମ ପୂର୍ବପୁରୁଷେ ଅକ୍ଷୟ ତୃତୀୟାରେ ଧାନବିହନ ବୁଣି । ବୁଣି ବୁଣି ଯେଉଁ ବିହନ କ୍ଷୟ କରି ଦିଆଯାଉଥିଲା ତାହା ଥିଲା ସେମାନଙ୍କ ପାଇଁ ଅକ୍ଷୟ ।** ତେଣୁ ଅକ୍ଷୟ ତୃତୀୟା ଓଡ଼ିଆ ଜାତିପାଇଁ କୃଷିକର୍ମର ଆଦି ପର୍ବ ହୋଇ ରହିଥିବା ସଙ୍ଗେ ସଙ୍ଗେ ତା ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ସତ୍ତାର ପ୍ରତୀକ ହୋଇ ରହିଛି । ଏହି ପର୍ବ ମଧ୍ୟ ରହିଛି ତାର ବୌଦ୍ଧ ବୁନିଆଦିର ସ୍ମାରକୀ ହୋଇ । **ଏହି ଦିନ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାପାଇଁ ରଥ ନିର୍ମାଣ କରିବା ଆରମ୍ଭ କରି ଜଗନ୍ନାଥ ଯେ ବୁଦ୍ଧ ତାହା ଓଡ଼ିଆ ଜାତି ଅଲଙ୍ଘନୀୟ ଭାବେ ଅବିସ୍ମରଣୀୟ କରି ରଖିଛି ।**

କହିବା ନିଷ୍ପ୍ରୟୋଜନ ଯେ, ଶ୍ରୀ ଜୟ ଦେବ କେବେ ଜନ୍ମ ହୋଇଥିଲେ ତାହା ସେ ନିଜେ ଉଲ୍ଲେଖ କରି ନାହାନ୍ତି । ମାତ୍ର **ଯେହେତୁ ସେ ବୁଦ୍ଧ ପ୍ରବର୍ତ୍ତିତ ପ୍ରାକୃତିକ ଦ୍ୱନ୍ଦ୍ୱବାଦକୁ ଆଶ୍ରୟ କରି ଜୀବନ ବିକାଶର ଅକ୍ଷୟରସ ପରିପ୍ରକାଶ କରିଥିଲେ ପରବର୍ତ୍ତୀ ପୀଢ଼ିର କେହି ହୁଏତ ତାଙ୍କ ଜନ୍ମକୁ ଅକ୍ଷୟତୃତୀୟା ସହ ସଂପର୍କୀଭୂତ କରିଛି** ଓ ଏହାକୁ ମାନି ଆଜି ଆମେ ଅକ୍ଷୟ ତୃତୀୟାରେ ଜୟ ଦେବ ଜନ୍ମ ଉତ୍ସବ ପାଳନ କରୁଛୁଁ; ଯଦିଓ ଅକ୍ଷୟ ତୃତୀୟାର ଦାର୍ଶନିକ ଐତିହ୍ୟ ପରି ଜୟ ଦେବଙ୍କ ଦର୍ଶନତତ୍ତ୍ୱ ମଧ୍ୟ ବିପରୀତପନ୍ଥୀଙ୍କ ଦ୍ୱାରା କବଳିତ ହୋଇଚାଲିଛି ।

ସେ ଯାହା ହେଉନା କାହିଁକି, ଏହା ହିଁ ସତ୍ୟ ଯେ ଓଡ଼ିଆ ଜାତିର ଜାତୀୟ ପର୍ବ ଅକ୍ଷୟ ତୃତୀୟା ମୌଳିକତଃ କୃଷିଭିତ୍ତିକ ପର୍ବ ଏବଂ ଓଡ଼ିଶାର କୃଷକ ସତ୍ତାର ପ୍ରତୀକ । **ଅକ୍ଷିମୁଠି ବା ଅକ୍ଷୟମୁଠି ମଧ୍ୟରେ ବୁଦ୍ଧ ପ୍ରବର୍ତ୍ତିତ ଦ୍ୱନ୍ଦ୍ୱବାଦ ବାହିତ ହେଉଥିବାରୁ ବୁଦ୍ଧଜଗନ୍ନାଥଙ୍କ ସାମ୍ବତ୍ସରିକ ଯାତ୍ରାପାଇଁ ରଥନିର୍ମାଣର ଆରମ୍ଭ ସହ ଏବଂ ଜୟ ଦେବ ଯେହେତୁ ବୌଦ୍ଧ ସେହେତୁ ତାଙ୍କ ଜନ୍ମ ସହ ଓଡ଼ିଆ ଜାତି ଅକ୍ଷୟ ତୃତୀୟାକୁ ଯୋଡ଼ିଛି ।**

ଅତୀତରେ ବୁଦ୍ଧଙ୍କ ସ୍ମୃତିରେ ସଜ୍ଞାନରେ ଓ ଏବେ ପରଂପରା ଆଳରେ ଅଜ୍ଞାନରେ

orissamatters.com

ଅକ୍ଷିମୁଠି ଅନୁକୂଳ ଅକ୍ଷୟତୃତୀୟାରେ ହିଁ ହେଉଛି ।

## ରଜ ପର୍ବ

ଓଡ଼ିଆ ଜାତିର ଜୀବନରେ ପରବର୍ତ୍ତୀ ବୃହତ୍ ପର୍ବ ହେଉଛି **ରଜ** । ବୌଦ୍ଧ ଦର୍ଶନ ବିଶେଷତଃ ତହିଁର ପ୍ରୟୋଗାତ୍ମକ ଶାଖା ବଜ୍ରଯାନ ଓ କାମବଜ୍ରଯାନ ବା ସହଜଯାନର ନିରୂପଣ ଅନୁଯାୟୀ ଶିଶୁ ପ୍ରଜନନର ମୂଳ ହେଉଛି ନାରୀ । ସେ ଇଚ୍ଛାମୟୀ । ସେ ଜନନୀ । ତା ତନୁରୁ ସୃଷ୍ଟ ହେଉଥିବା ହେତୁ ମାନବ ଶିଶୁ ହେଉଛି -ତନୁଜ, ତନୁଜା, ତନୟ, ତନୟା ବା ସନ୍ତାନ ଇତ୍ୟାଦି । କେବଳ ମଣିଷ କାହିଁକି, ଯେତେ ଜୀବଜନ୍ତୁ, ବୃକ୍ଷଲତା ଦୃଷ୍ଟିରେ ପଡ଼େ ସେ ସବୁର ସୃଷ୍ଟି ଓ ସ୍ଥିତିର ଭିତ୍ତି ହେଉଛି ଭୂମି ବା ପୃଥିବୀ । ଭୌମା ପ୍ରକୃତି କହନ୍ତୁ ବା ପାର୍ଥିବସୃଷ୍ଟି କହନ୍ତୁ, ତାହା ଭୂମି ବା ପୃଥିବୀର ଜନନୀ ଭୂମିକାର ପରିଚାୟକ । ଅତଏବ ଭୂମି ବା ପୃଥିବୀ ସ୍ତ୍ରୀବାଚକ । ସ୍ତ୍ରୀ ଯେହେତୁ ରଜସ୍ୱଳା ହେଲେ ହିଁ ଗର୍ଭଧାରଣକ୍ଷମା ହୋଇଥାଏ, ସେହେତୁ ପ୍ରାଚୀନ ଓଡ଼ିଆ କୃଷକର ଚେତନାରେ ପୃଥିବୀ ମଧ୍ୟ ରଜସ୍ୱଳା ହେବା ସ୍ୱାଭାବିକ । ପୃଥିବୀର ଏହି ରଜସ୍ୱଳା ସ୍ଥିତିର ପରିକଳ୍ପନାରୁ ଆଦିମ ଓଡ଼ିଆ ସୃଷ୍ଟି କରିଥିଲା ରଜପର୍ବ ଯାହା ଜାତିଭେଦରୁ ସଂପୂର୍ଣ୍ଣ ପୃଥକ ଏକ ସାମାଜିକ ଐକ୍ୟର ଦ୍ୟୋତକ ହୋଇ ଏବେ ବି ରହିଛି । ଏତେବେଳେ ପୃଥିବୀକୁ ଠିକ୍ ରଜୋବତୀ ନାରୀ ପରି ସଂପୂର୍ଣ୍ଣ ବିଶ୍ରାମ ଦିଆଯାଏ । କୃଷିକର୍ମ ଚାଲେ ବସୁମତୀ ସ୍ନାନ ପରେ; ଠିକ୍ ଯେମିତି ରଜୋବତୀ ନାରୀ ସନ୍ତାନ ଧାରଣପାଇଁ ଶୁଦ୍ଧସ୍ନାନ ପରେ ହିଁ ଗ୍ରହଣ କରିପାରେ ପୁରୁଷକୁ ।

ଓଡିଶାର ଏହି ମୌଳିକ ପର୍ବ ସ୍ଥାନୀତ ହୋଇଛି ଇତିହାସ ବକ୍ଷରେ ଏହିପରି: "It is now currently believed that at the time of the first burst of rain, Mother Earth prepares herself for being fertilised by menstruating.During that time there is an entire cessation from all ploughing, sowing and other farm work". (Census of India, 1911, Vol.I, p.189)

## ସ୍ନାନଯାତ୍ରା

ଶ୍ରୀ ଜଗନ୍ନାଥଙ୍କ ସ୍ନାନଯାତ୍ରା ଠିକ୍ ଏହି ସମୟରେ ପଡ଼େ । ଓଡ଼ିଆଙ୍କୁ ଛାଡ଼ି ସାରା ପୃଥିବୀରେ ଏପରି କ'ଣ କୌଣସି ଜାତି ଅଛି ଯାହାର ଚିନ୍ତାରେ, ଚଳଣିରେ, ଚରିତ୍ରରେ, ଯାହାର ଦୈନନ୍ଦିନ କାର୍ଯ୍ୟରେ, ସାର୍ବକାଳୀନ ଆଚରଣରେ, ଯାହାର ବ୍ୟକ୍ତିଗତ ଜୀବନରେ, ସାମୂହିକ ଉତ୍ସବରେ, ଯାହାର ଶୟନରେ, ସ୍ୱପନରେ, ଜାଗରଣରେ, ଆଲୋକରେ, ଅନ୍ଧାରେ, ସୁଖରେ, ଦୁଃଖରେ, ସାହିତ୍ୟରେ, ସଙ୍ଗୀତରେ, ନୃତ୍ୟରେ, ଯୁଦ୍ଧରେ, ପର୍ବରେ, ପର୍ବାଣିରେ, ସର୍ଜନାରେ, ଦର୍ଶନରେ-ସବୁଥିରେ ଜଗନ୍ନାଥ ପରି କେହି ଆପଣାର ଜନ ଥିବ, ଯାହା ବିନା କିଛି ବି ହୋଇପାରୁନଥିବ? ଯାହାକୁ ପ୍ରଥମେ ନିମନ୍ତ୍ରଣ କଲେ ଯାଇଁ ଆରମ୍ଭ ହୋଇପାରୁଥିବ

orissamatters.com

ଜୀବନର ଶୁଭ କାର୍ଯ୍ୟ, ଯାହାର କୋଳ ହୋଇଥିବ ଜୀବନର ଶେଷ ଅଭିଳାଷ- ଏମିତି ପ୍ରିୟଜନ କ'ଣ ଅନ୍ୟ କୌଣସି ଜାତିର କୌଣସି ଦିଅଁ କେବେ ହୋଇଥିବେ? ବିବାହ ହେବ, ତା ପାଖକୁ ପ୍ରଥମେ ନିମନ୍ତ୍ରଣ ପଠାଅ । ସନ୍ତାନ ଜନ୍ମ ହେଲା, ଏକୋଇଶା ହେବ, ତାକୁ ପ୍ରଥମେ ଡାକ- ଏମିତି କ'ଣ ଆପଣାର ଜନ ହୋଇପାରେ ଅନ୍ୟ କେଉଁ ଜାତିର ଜୀବନରେ କେଉଁ ଠାକୁର? ଜୀବନ ସରିଗଲା, ଶେଷ ବିଶ୍ରାମ ଆବଶ୍ୟକ; ଖୋଜ ତାର କୋଳ, ଖୋଜ ତାର ସ୍ୱର୍ଗଦ୍ୱାର-ଅଞ୍ଚଳ । ସେହି ହେଉ ଜୀବନର ଶେଷ ଠିକଣା-ଏମିତି କ'ଣ ଅସରନ୍ତି ଆପଣାରପଣିଆ ଅନ୍ୟ କୈଣସି ଜାତି କୌଣସି ପୂଜାପୀଠରେ କେବେ ବି ପାଇଥାଏ? ଏମିତି ସଂପର୍କ ଓ ଏମିତି ସଂପର୍କ ପାଇଁ ବ୍ୟାକୁଳତା ମଣିଷ ଆଉ ତା ମାଆ ଭିତରେହିଁ ରହିଥାଏ । ତେଣୁ ଜଗନ୍ନାଥ ତ ଆଦିମ ଓଡ଼ିଆ ଚେତନାରେ ମାଆଟିଏ । ମାଆଟିଏ । ତମେ ତାକୁ ପୁରୁଷ କହ, ପୁରୁଷୋତ୍ତମ କହ, ବ୍ରହ୍ମାଣ୍ଡଠାକୁର ବୋଲି ଯେତେ ଚିତ୍କାର କରୁଛ କର, **ସେ ତ ମାଆଟିଏ । ମାଆଟିଏ । ମାଆ ଭିନ୍ନ ଆଉ କିଛି ନୁହେଁ ।**

ମା' ପୃଥ୍ୱୀ ବା ଜଗତ ଆଦିବାସୀ ଭାଷାରେ **ଜଗନ୍ତ** (ଡଃ ବେଣୀମାଧବ ପାଢୀ) । ମାଆର ସ୍ତନ ବା ଥନକୁ ଆଶ୍ରା କରି ବଞ୍ଚିଥାଏ ସନ୍ତାନ । ତେଣୁ ଜଗନ୍ତର ଥନ ବା ଥ ହେଉଛି ଆଦିମ ଓଡ଼ିଆର ଜୀବନର ଆଧାର । ଏକତ୍ର ଏହା **ଜଗନ୍ତ-ଥ** । କାଳକ୍ରମେ **ଜଗନ୍ତ-ଥ ଜଗନ୍ତା-ଥ ହୋଇ ଜଗନ୍ନାଥ ହୋଇଥିବା ସମ୍ଭବ ।** କାରଣ ଜଗନ୍ନାଥଙ୍କ ଭିନ୍ନ ନାମ **ମାଦଳା** । କାନ୍ଧଠାରୁ ନିତମ୍ବ ପର୍ଯ୍ୟନ୍ତ ନାରୀର ଗଣ୍ଡିକୁ କୁହାଯାଏ ମାଦଳା । ପୁରୁଷର ଗଣ୍ଡିକୁ କୁହାଯାଏ ମାଦଳ । ଜଗନ୍ନାଥ ମାଦଳ ନୁହଁନ୍ତି, ମାଦଳା । ସେଥିପାଇଁ ତାଙ୍କ ଦିନଲିପିର ନାମ ମାଦଳାପାଞ୍ଜି । ଅତଏବ ସେ ଏକ ନାରୀର ଗଣ୍ଡି । ଚକା ଆଖି ବୋଲି ଯାହାକୁ କୁହା ହେଉଛି ତାହା ସେହି ମାଦଳାର ଛାତିରେ ଥିବା ଦୁଇ ସ୍ଫୀତ ସ୍ତନର ରୂପକଳ୍ପ । ସ୍ତନାଗ୍ର ହିଁ କଳାଡୋଳା । ସ୍ତନର ସ୍ଫୀତି ହିଁ ଧଳାଡୋଳା । ଯେହେତୁ ନିଟୋଳ ସ୍ତନ ସେହେତୁ ବର୍ତ୍ତୁଳ । ଏହି ସ୍ତନକୁ ଆଶ୍ରା କରି ମଣିଷ ବଞ୍ଚିଛି । ସେଥିପାଇଁ ଆଦିମ ଓଡିଆ ତାକୁ କହିଛି ଜଗନ୍ତ-ଥ, ଜଗନ୍ତା-ଥ, ଜଗନ୍ନାଥ । ଜଗନ୍ନାଥ ତାର ମାଆ । (ଦୈନିକ ସମ୍ବାଦରେ ୨୩.୩.୧୯୯୬ରୁ କ୍ରମାନ୍ୱୟରେ ପ୍ରକାଶିତ ମୋର ଆଲୋଚନା - **ଶ୍ରୀମନ୍ଦିର ଓ ଶ୍ରୀ ମନ୍ଦିର**) ।

ଯେଉଁମାନେ ଓଡ଼ିଆର ମାତୃପ୍ରଧାନ ପରଂପରାକୁ ଭାଙ୍ଗି ପୁରୁଷପ୍ରାଧାନ୍ୟ ବଳବତ୍ତର କରିବାକୁ ଷଡ଼ଯନ୍ତ୍ର କରିଛନ୍ତି ସେମାନେ କହିଛନ୍ତି ତ୍ୱଂ ସ୍ତ୍ରୀ ତ୍ୱଂ ପୁଂମାନସି । ତମେ ସ୍ତ୍ରୀ, ତଥାପି ବି ତମେ ପୁରୁଷ । ଯିଏ ସ୍ତ୍ରୀ ସେ ହିଁ ପୁରୁଷ ବୋଲି କହି ଜଗନ୍ନାଥଙ୍କୁ ମାଦଳାରୁ ମରଦ କରିବାକୁ, ମରଦରୁ ପୁରୁଷୋତ୍ତମ କରିବାକୁ ବହୁ ଚେଷ୍ଟା କରିଛନ୍ତି । ଏବଂ ଏହି ଷଡ଼ଯନ୍ତ୍ରକୁ ସାର୍ଥକ କରିବାକୁ ପାଇଛନ୍ତି ଏକଛତ୍ରବାଦୀ ଶାସକର ସମର୍ଥନ ।

**ତଥାପି ଓଡ଼ିଆ ତାକୁ ମାଆ କରିହିଁ ରଖିଛି । ପ୍ରତିଦିନ ତାକୁ ସଜାଇଚାଲିଛି ମାଆ ରୂପେ ।** ପ୍ରତିଦିନ ପୂଜା ପୂର୍ବରୁ ତାଙ୍କୁ **ମାଆ** ରୂପେ ସଜାଇ, **ମାଆ** ରୂପେ ଦେଖି ହିଁ ପୂଜା

orissamatters.com

କରାଯାଏ । ଶ୍ରୀମନ୍ଦିର ପ୍ରଶାସନ ଦାୟିତ୍ୱରେ ଥାଇ ଜଗନ୍ନାଥଙ୍କ ନୀତିକାନ୍ତିକୁ ପ୍ରତ୍ୟକ୍ଷ ଲକ୍ଷ୍ୟ କରିଥିବା ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ଭାଷାରେ, ଶ୍ରୀ ଜଗନ୍ନାଥଙ୍କ ପୂଜା ପୂର୍ବରୁ ମୁଣ୍ଡରେ ଓଢ଼ଣୀ ଦେବା ସଙ୍ଗେ ସଙ୍ଗେ ଅଳତା ଓ ନାକରେ ନାକୁଆସି ପିନ୍ଧାଇବା ପରେ ଯାଇ ପୂଜାକର୍ମ ଅରମ୍ଭ କରାଯାଏ। (ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥ, ପୃ.୬୭) ।

ଅତଏବ ବ୍ରାହ୍ମଣ୍ୟବାଦୀମାନେ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ବୋଲି ଯେତେ ଚିତ୍କାର କରନ୍ତୁ ନା କାହିଁକି, ନିଦା ଓଡ଼ିଆର ଆଖିରେ ଜଗନ୍ନାଥ ତାର ମାଆ । ସେ ତାର ମାତୃପ୍ରଧାନ ଜୀବନଶୈଳୀର ରୂପକଳ୍ପ । ସେଥିପାଇଁ **କୃଷିଜୀବୀ ଓଡ଼ିଆ ଜଗନ୍ନାଥଙ୍କ ଚଳଣିରେ ଖଞ୍ଜିଛି ଓଡ଼ିଆ ଘରର, ଓଡ଼ିଆ କୃଷକର ପରଂପରା । ନାରୀର ଋତୁସ୍ରାବ ନିୟମିତ ହେବା ପରି ପୃଥିବୀ ହୁଏ ନିୟମିତ ରଜସ୍ୱଳା ଓ ସମତାଳରେ ଶ୍ରୀଜଗନ୍ନାଥ ।**

ସବୁ ଋତୁ ଶେଷରେ ନାରୀ ଗର୍ଭବତୀ ହୁଏନି; ବ୍ୟବଧାନ ବାରିହୋଇପଡ଼େ । ସେଥିପାଇଁ କେତେ କେତେ ବର୍ଷ ପରେ ଜଗନ୍ନାଥଙ୍କ ଗର୍ଭରେ ଥାପିତ ହୁଏ ନୂଆ ଜୀବନ । ନବ କଳେବର ତାର ପ୍ରତୀକ ମାତ୍ର । ମହାପ୍ରସାଦ ବୋଲି ଯେତେ ଧେଣ୍ଡୁରା ପିଟା ହେଉ ନା କାହିଁକି, ତାଙ୍କ ପ୍ରସାଦ ହୋଉଛି ମାଆ ପ୍ରସାଦ । ମାଆ ତାର କୌଣସି ସନ୍ତାନ ପାଖରେ ଭେଦଭାବ ଦେଖେନି । ସେଥିପାଇଁ ଜଗନ୍ନାଥଙ୍କ ପାଖରେ ଜାତିଭେଦ, ସଂପତ୍ତିଭେଦ ନାହିଁ । ମାଆର ପରଶା ଉପରେ ସବୁ ପିଲାଙ୍କ ସମାନ ଅଧିକାର । ସେଥିପାଇଁ ତାଙ୍କ ପ୍ରସାଦ ଉପରେ ବ୍ରାହ୍ମଣର ଯେପରି ଅଧିକାର ଚଣ୍ଡାଳର ବି ସେପରି । **ସ୍ନେହମୟୀ, ପ୍ରେମମୟୀ ମା ଜଗନ୍ନାଥ । ବୌଦ୍ଧତନ୍ତ୍ରର ମହିୟସୀ ଠାକୁରାଣୀ । ଭୈରବୀ ଚକ୍ରରେ ଆସୀନା ଆଦି ଓଡ଼ିଆଣୀ ।** ଏହି ଚକ୍ରରେ ଯିଏ ପଶିଲା ତାର ଦ୍ୱିତୀୟ ଜନ୍ମ ହୋଇଗଲା, ସେ ଦ୍ୱିଜ ହୋଇଗଲା । ହାଡ଼ି ପଶିଲେ ଦ୍ୱିଜ, ବ୍ରାହ୍ମଣ ପଶିଲେ ବି ଦ୍ୱିଜ ।

ପ୍ରବୃତ୍ତେ ଭୈରବୀ ଚକ୍ରେ ସର୍ବେ ବର୍ଣ୍ଣା ଦ୍ୱିଜାତୟଃ ।
ନିବୃତ୍ତେ ଭୈରବୀଚକ୍ରେ ସର୍ବେ ବର୍ଣ୍ଣାଃ ପୃଥକ୍ ପୃଥକ୍ ।। (କୁଳାର୍ଣ୍ଣବ ତନ୍ତ୍ର) ।

ବିମଳାଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ ବୋଲି କହି ଜଗନ୍ନାଥଙ୍କୁ ପୁରୁଷଭାବେ ଦେଖାଇବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ସେ ହିଁ ଭୈରବୀ । ମହାନ୍ତିଙ୍କ ଭାଷାରେ ଶ୍ରୀଜଗନ୍ନାଥ ପ୍ରଥମେ ତନ୍ତ୍ରର ନାୟିକା ମହାଶକ୍ତି ଭାବେ ପୂଜା ପାଉଥିଲେ।(ତନ୍ତ୍ରଶିରୋମଣି ଶ୍ରୀଜଗନ୍ନାଥ, ପ୍ରକାଶ ୨୦୦୨, ପୃ.୨୬୬) ତନ୍ତ୍ରର ନାୟିକା ଏହି ମହାଶକ୍ତି ଜଗନ୍ନାଥଙ୍କୁ ଆଦିମ ଓଡ଼ିଆ ତାର ମାଆ ଭାବେହିଁ ନେଇଛି । ସେଥିପାଇଁ **ଜଗନ୍ନାଥଙ୍କ ଜୀବନରେ ସେହି ସମସ୍ତ ଘଟଣା ଘଟେ ଯାହା ଘଟିଥାଏ ଗୋଟିଏ ମାଆର ଜୀବନରେ ବା ମାଆହେବାକୁ ସକ୍ଷମ ଘରଯୋଗ୍ୟା କନ୍ୟାର ଜୀବନରେ । ସ୍ନାନଯାତ୍ରା ଏହିପରି ଏକ ଘଟଣା ।**

ଏହା କୃଷକୀୟ । ଏକ ଓଡ଼ିଆ କୃଷକ ଘରେ ଝିଅ ଘରଯୋଗ୍ୟା ହେଲେ ଯେଉଁ ସବୁ ବିଧିବିଧାନ ପାଳନ ହୁଏ ସେ ସମସ୍ତ ଆକ୍ଷରିକତଃ ପାଳିତ ହୋଇଥାଏ ଜଗନ୍ନାଥଙ୍କ

orissamatters.com

ସ୍ନାନଯାତ୍ରା କାଳରେ । ଓଡ଼ିଆ କୃଷକ ଘରେ ଝିଅ ଯେତେବେଳେ ଘରଯୋଗ୍ୟା ହୁଏ, ଭେରୀ, କାହାଳୀ ଓ ଢୋଲ ବଜାଇ ତାହା ଜଣାଇଦିଆଯାଏ ସାରା ଗ୍ରାମକୁ । ଝିଅକୁ ଅଣତୁଠିଆ ପାଣିରେ ହଳଦୀ ଇତ୍ୟାଦି ନାନା ସ୍ୱାସ୍ଥ୍ୟକର ଉପାଦାନ ମିଶାଇ ତହିଁରେ ସ୍ନାନ କରାଇ ଏକ ଅଣଆଡ଼ିଆ ଘରେ ନିକାଞ୍ଚନରେ ରଖାଯାଏ । ଋତୁଚକ୍ର ଶେଷରେ ଶୁଦ୍ଧସ୍ନାନ କରାଇ ନବଯୌବନ ବନ୍ଦାପନା ହୁଏ । ଘରର ନିଜସ୍ୱ ଓ ନୈକଟ୍ୟ ସଂପନ୍ନ ସଦସ୍ୟମାନେ ଝିଅକୁ ବନ୍ଦାଣ କରନ୍ତି ଓ ଉପହାର ଆଶୀର୍ବାଦ ଦିଅନ୍ତି । ସାଙ୍ଗସାଥୀମାନେ ଥଟ୍ଟା ଟାପରା ବି କରନ୍ତି । ତାପରେ ଚାଲେ ବରଖୋଜା । ମାତୃପ୍ରଧାନ ସମାଜରେ ଝିଅ ନିଜେ ନିଜେ ନିଜର ବରଖୋଜେ । ଏବେ ବି କେତେକ ଆଦିବାସୀ ସମାଜରେ ଯିଏ ତାକୁ ଘିଞ୍ଚିନେଇପାରେ ସେ ହୁଏ ତାହାର ।

ଜଗନ୍ନାଥଙ୍କର ଠିକ୍ ତାହାହିଁ ହୁଏ । ସ୍ନାନଯାତ୍ରା ଦିନ ଅଣତୁଠିଆ ପାଣି ଆସେ ଯେଉଁ କୂଅରୁ କେହି କେବେ ପାଣି ନିଅନ୍ତି ନାହିଁ ସେହି **ସୁନା କୂଅ**ରୁ । ସେଥିରେ ସର୍ବୌଷଧି ପକାଇ ସେଇ ପାଣିରେ ସ୍ନାନ ସାରି ସେ ଯାଆନ୍ତି ଅଣସର ଘରକୁ । ସେଠାରେ ନିକାଞ୍ଚନ କାଳ ଅତିବାହିତ କରି ସାରିବା ପରେ ନବଯୌବନ ଦର୍ଶନ । ଆରମ୍ଭ ହୁଏ ରଥଯାତ୍ରା ।

## ରଥଯାତ୍ରା

ଆଦିବାସୀ ନାରୀ ପରି ଗଭାରେ *ଟାହିଆ* ନାଇ , *ନୋଥ, ନାକଚଣା* ଇତ୍ୟାଦି ନାନା *ନାରୀ ସୁଲଭ ଗହଣା*ରେ ସଜ୍ଜିତ ଜଗନ୍ନାଥ ବାହାରି ପଡ଼ନ୍ତି ଗଜଗମନୀ ପରି ହଲି ହଲି । ଯେ ତାଙ୍କୁ ନିଜ ଆଡ଼କୁ ଟାଣି ନିଏ ସେ ତାଙ୍କର । ତାଙ୍କୁ ନିଜ ଆଡ଼କୁ ଟାଣି ନେବାପାଇଁ, ଘିଞ୍ଚି ନେବାପାଇଁ କି ଯେ ପ୍ରାଣପୂର୍ଣ୍ଣ ପ୍ରତିଯୋଗିତା!

ଅନନ୍ୟ । ଓଡ଼ିଆ ଜାତିର ଏହି ଅତୁଳନୀୟ ଉତ୍ସବ, ଅନନ୍ୟ ।

କିନ୍ତୁ ଏହି ଅନନ୍ୟ ଉତ୍ସବର ସୃଷ୍ଟି **କୃଷି କୁହୁକ**ରୁ । ଏହାର ପ୍ରମାଣ ହେଲା ରଥଯାତ୍ରାର **ଡାହୁକ ବୋଲି** । ଯୌନୋଦ୍ଦୀପକ ଶବ୍ଦାବଳିର ଦୁର୍ବାର ଓ ଉଚ୍ଚାଟ ଉଚ୍ଚାରଣ ଡାହୁକ କଣ୍ଠରେ ସାରା ବଡ଼ଦାଣ୍ଡରେ ଭରିଦିଏ ଉନ୍ମାଦନା । ଏବଂ ତାଳେ ତାଳେ ବଢ଼ି ବଢ଼ି ଯାଏ ଜଗନ୍ନାଥଙ୍କୁ ଘିଞ୍ଚିନେବାର ଉଦ୍ଦାମତା ।

ବସ୍ତୁତଃ **ଯୌନ ଉପଭୋଗର ଡାକରା ହେଉଛି ଡାହୁକ ଡାକ** । ଯେଉଁମାନେ ଜଗନ୍ନାଥଙ୍କୁ ବିଷ୍ଣୁ ବୋଲି ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି ସେମାନେ ଏହି ଡାହୁକ ଗୀତକୁ ଅଶ୍ଳୀଳ ବୋଲି କହି ଏହାକୁ ରଥଯାତ୍ରାରୁ ଉଚ୍ଛେଦ କରିବାକୁ ଦାବି କରୁଛନ୍ତି । **ଡାହୁକ ଡାକ ଉଠାଇଦେବା ଜଗନ୍ନାଥ ଚେତନାର ମୌଳିକ ଐତିହ୍ୟକୁ ଉଜାଡ଼ି ଦେବା ସହ ସମାନ ।**

## *ଯାତ୍ରା ଉଦ୍ଦେଶ୍ୟ ପଣ୍ଡ ପାଇଁ ବ୍ରାହ୍ମଣ୍ୟବାଦୀ ଚକ୍ରାନ୍ତ*

ମାତ୍ର କ୍ଷମତାରେ ଥିବା ବ୍ୟକ୍ତିମାନେ ଏବଂ ବ୍ରାହ୍ମଣ୍ୟବାଦକୁ ସହ୍ୟ କରୁଥିବା ବା ସହଯୋଗ ପ୍ରଦାନ କରୁଥିବା ବ୍ୟକ୍ତିମାନେ ସବୁ ସମୟରେ ଜଗନ୍ନାଥ ଐତିହ୍ୟକୁ ଧ୍ୱଂସ କରିବାକୁ ଚେଷ୍ଟା କରି ଆସିଛନ୍ତି । ସେମାନେ ଅତୀତରେ *ଅଭିନବ ଗୀତଗୋବିନ୍ଦ* ପ୍ରୟୋଗ କରି

orissamatters.com

ଦଶାବତାର ସ୍ତୁତିରୁ ବୁଦ୍ଧଙ୍କୁ ବିଦା କରି ସେ ସ୍ଥଳରେ ଶ୍ରୀକୃଷ୍ଣଙ୍କୁ ରୋପିତ କରିବାକୁ ଯେଉଁ ଅପୋଦ୍ୟମ କରିଥିଲେ ତାହା ପୂର୍ବରୁ ଆଲୋଚିତ ହୋଇସାରିଛି । ସ୍ୱାଧୀନ ଭାରତରେ *ଗଣମାଧ୍ୟମ* ବିଶେଷକରି *ରେଡିଓ ଏବଂ ଟେଲିଭିଜନ୍* ଦ୍ୱାରା ରଥଯାତ୍ରାର ଧାରାବାହିକ ପ୍ରସାରଣର ସୁଯୋଗ ନେଇ ସେମାନେ ଜଗନ୍ନାଥଙ୍କୁ ବିଷ୍ଣୁ ବୋଲି ଏପରି ପ୍ରଚାର କରିପାରିଛନ୍ତି ଯେ, ଏବଂ ତଦ୍ଦ୍ୱାରା **ସାଧାରଣ ଜନ ମାନସକୁ ବିଭ୍ରାନ୍ତ କରିପାରିଥିବା ହେତୁ ସେମାନଙ୍କ ବହପ ଏପରି ବଢ଼ିଯାଇଛି ଯେ ଜଗନ୍ନାଥଙ୍କୁ ବୁଦ୍ଧ ବୋଲି କହୁଥିବା ବ୍ୟକ୍ତିଙ୍କୁ ଶାସ୍ତି ବିଧାନ କରିବାକୁ ଘୋଷଣା କରିବା ବି ସେମାନଙ୍କୁ ସହଜ ମନେ ହୋଇଛି ।** ଏପରି ରଣଘୋଷର ପ୍ରତିବାଦରେ ମୁଁ ଯେତେବେଳେ ଜଗନ୍ନାଥ କିପରି ସ୍ୱୟଂ ବୁଦ୍ଧ ତହିଁର ପ୍ରାମାଣିକ ବିବରଣୀ ଗଣମାଧ୍ୟମରେ ରଖିଥିଲି (ଧରିତ୍ରୀ, ୨୨ ମଇ ୨୦୦୩), ଜନଗଣଙ୍କୁ ବିଭ୍ରାନ୍ତ କରିବାକୁ ଏକ ନୂଆ କୌଶଳ ଆରମ୍ଭ କରିଥିଲା ବ୍ରାହ୍ମଣ୍ୟବାଦ ।

ମୁଁ ବାଢ଼ିଥିବା ପ୍ରମାଣକୁ ଖଣ୍ଡନ କରିବାକୁ କେହି ସମର୍ଥ ହୋଇ ନ ଥିଲେ । ମାତ୍ର ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା *ବେଦରେ ପୁରୀ ଦେଉଳର ତ୍ରିମୂର୍ତ୍ତିଙ୍କ ନାମ ଅଛି - ଏକ ବିସ୍ମୟକର ଆବିଷ୍କୃତି, ଯାହାକି ଅନୁସନ୍ଧାନ ସାପେକ୍ଷ* ଶୀର୍ଷକ ଏକ ଆଲୋଚନା ରଖି ଜଗନ୍ନାଥ ଋଗ୍ ବେଦରେ ସ୍ଥାନିତ ହୋଇଥିବା ହେତୁ ବୁଦ୍ଧଙ୍କ ଯଥେଷ୍ଟ ପୂର୍ବରୁ ପୁରୀରେ ପୂଜା ପାଉଥିଲେ ବୋଲି ଯୁକ୍ତି ବାଢ଼ିଥିଲେ । ପ୍ରଥମେ ଇତିହାସ ପଢିବା ଉଚିତ ନୁହେଁ ବୋଲି ଏକ ମତ ଉଦ୍ଧାର କରି ଜଗନ୍ନାଥଙ୍କୁ ବୈଦିକ ଦେବତା ଭିନ୍ନ ଅନ୍ୟ ଭାବେ ଭାବୁଥିବା ବ୍ୟକ୍ତିମାନେ *ଦେଶଦ୍ରୋହ ଆଚରଣ କରିବାକୁ ଆଦୌ ପଛଘୁଞ୍ଚା ଦେବେନାହିଁ* କିସମର ବ୍ୟକ୍ତି ବୋଲି ଆକ୍ଷେପ କରିବା ପରେ ବ୍ରହ୍ମା ବଡ଼ ସତର୍କତାର ସହ ନିଜ ପ୍ରଚାର ଆରମ୍ଭ କରିଥିଲେ ଏହି ପ୍ରବନ୍ଧରେ । ତାଙ୍କ ନିଜ ଭାଷାରେ ସେ କ'ଣ କହିଥିଲେ ଦେଖାଯାଉ:

ଏବେ ଦିନେ ହଠାତ୍ ଗୋଟିଏ ଗ୍ରନ୍ଥରେ ଦେଖିବାକୁ ପାଇଲି ଯେ, ଋଗ୍ ବେଦର କୌଣସି ଏକ ଅଂଶରେ ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ କଥା ଲେଖା ଅଛି । ଗ୍ରନ୍ଥଟି ହେଉଛି ସଂସ୍କୃତ ଭାଷା ଲିଖିତ ଏକ ବିଶାଳ ଆଲୋଚନା ଗ୍ରନ୍ଥ । ମୁମ୍ବାଇ ସହରରେ ୧୯୧୬ ଖ୍ରୀଷ୍ଟାବ୍ଦରେ ଏହା ପ୍ରକାଶିତ ହୋଇଥିଲା । ଏଥିରେ କୁହା ହୋଇଛି ଯେ, ସୁବିଖ୍ୟାତ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ମହାପୁରାଣର ପ୍ରଥମ ଶ୍ଳୋକରେ ପୁରୁଷୋତ୍ତମ କ୍ଷେତ୍ରର ତିନିମୂର୍ତ୍ତି (ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା) ଙ୍କ ନାମ ଅଛି । ଏହା ପଢୁ ପଢୁ ମୋତେ ଲାଗିଲା, ମୁଁ ବୋଧହୁଏ ଯାହାପଢ଼ିଲି, ତାହା ଏ ଗ୍ରନ୍ଥରେ ଲେଖା ନାହିଁ । ହୁଏତ ପ୍ରକୃତରେ ଯାହା ଲେଖା ଅଛି, ତାହା ମୁଁ ଭୁଲ ଭାବେ ପଢ଼ିଦେଇଛି । ତେଣୁ ସେହି ମୁଦ୍ରିତ ଅଂଶଟିକୁ ଥର ଥର କରି ପାଞ୍ଚ / ସାତ ଥର ପଢ଼ିଗଲି । ମୋ ମନରେ ବିସ୍ମୟର ସୀମା ରହିଲା ନାହିଁ । ମୁଁ ଜାଣିବାରେ ଆଜିର ଓଡିଶାରେ ବୈଦିକ ସାହିତ୍ୟର ଅବଗାହୀ କୌଣସି ପ୍ରବୀଣ ପଣ୍ଡିତ ନାହାନ୍ତି । ତେଣୁ ବାରାଣସୀ, ଉଜ୍ଜୟିନୀ, ମହୀଶୁରର କେତେଜଣ ପଣ୍ଡିତଙ୍କୁ ପଚାରି ମୋର ସନ୍ଦେହ ଦୂର କରିବି ବୋଲି

orissamatters.com

ସ୍ଥିର କଲି ।ସେହି ଗ୍ରନ୍ଥରେ ଲେଖା ହୋଇଛି-*ତଥା ଚ ଋଗ୍‌ବେଦୀୟ ଔତ୍‌କ୍ରମଣ ପ୍ରକରଣେ- ଯତ୍ର ଦେବୋ ଜଗନ୍ନାଥୋ ଦକ୍ଷିଣସ୍ୟ ମହୋଦଧେଃ । ବଳଭଦ୍ର ସୁଭଦ୍ରା ଚ ତତ୍ରମାମୃତଂକୃଧୀତ୍ୟୁକ୍ତମପି । ତେନ ଶ୍ରୌତମିଦଂ କ୍ଷେତ୍ରମେତତ୍ ପାଦ୍ମେ ସୃଷ୍ଟମ୍ ।* ଏଥିରେ ସ୍ପଷ୍ଟ କୁହାଯାଇଛି ଯେ, (ଋଗ୍‌ବେଦୀୟ ଔପକ୍ରମଣ ପ୍ରକରଣ ଅନୁସାରେ) ଦକ୍ଷିଣ ମହୋଦଧି ତୀରରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ରହିଛନ୍ତି । ସେଠାରେ ମୋତେ ଅମୃତ କରିଦିଅ । ଏହି ଉଲ୍ଲେଖ ବିସ୍ମୟକର ବୋଧ ହେଉଅଛି । ଏହାର ଗବେଷଣା ଅତ୍ୟନ୍ତ ଆବଶ୍ୟକ । ଏପର୍ଯ୍ୟନ୍ତ ଓଡ଼ିଶାର ବା ଭାରତର କୌଣସି ପଣ୍ଡିତ ଏହା ଉଦ୍ଧୃତି ସଂପର୍କରେ କିଛି କହି ନାହାନ୍ତି କିମ୍ବା ବୋଧହୁଏ ଜାଣି ନାହାନ୍ତି' ।(ସମାଜ, ୩୧ ମେ ୨୦୦୩)

**ବର୍ତ୍ତମାନ ବ୍ରହ୍ମାଙ୍କ ଲେଖାର ଏହି ଉଦ୍ଧୃତାଂଶ ଉପରେ ଦୃଷ୍ଟି ଦେବା ।** ସେ ହଠାତ୍ ଗୋଟିଏ ଗ୍ରନ୍ଥରେ ଏହା ଦେଖିବାକୁ ପାଇଥିଲେ । ଗ୍ରନ୍ଥଟିର ନାମ କ'ଣ ତାହା ସେ ଜଣାଇ ନାହାନ୍ତି । କାରଣ **ତାହା ତାଙ୍କୁ ଜଣା ନାହିଁ** । ଏଥିରେ କୁଆଡେ ଋଗ୍‌ବେଦର କୌଣସି ଏକ ଅଂଶରେ ପୁରୀର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ କଥା ଲେଖା ଅଛି । ଋଗ୍ ବେଦର କେଉଁ ଅଂଶରେ ଏହା ଲେଖା ଅଛି? ଏକଥା ମଧ୍ୟ **ସେହି ନାମହୀନ ଗ୍ରନ୍ଥଟି ଜଣାଇନାହିଁ** । ବ୍ରହ୍ମା ବି ଜାଣିବାକୁ ଚାହିଁ ନାହାନ୍ତି । ଅଥଚ ସେ ଏହି ନାମହୀନ ଗ୍ରନ୍ଥଟିକୁ ଦେଖିବାକୁ ପାଇଥିଲେ ବୋଲି ଲେଖିଛନ୍ତି । ଏପରି ହଠାତ୍ କେଉଁଠି ଦେଖିଲେ? କୌଣସି ପାଠାଗାରରେ ଦେଖିଲେ କି କୌଣସି ବନ୍ଧୁଙ୍କ ଘରେ? ଏବଂ କ'ଣ ଖୋଜିବାକୁ ଯାଇ? **ତା ମଧ୍ୟ ବ୍ରହ୍ମା କହିନାହାନ୍ତି ।** *ଗ୍ରନ୍ଥଟିର ନାମ ନାହିଁ, ସେ କେଉଁଠି ଓ କେଉଁ ପରିସ୍ଥିତିରେ ତାହା ଦେଖିଲେ ତାହା ଜଣା ନାହିଁ, ଋଗ୍‌ବେଦର କେଉଁ ଅଂଶରେ ଏହା ଲେଖାଅଛି ତାହା ମଧ୍ୟ ଗ୍ରନ୍ଥଟି ଜଣାଇନାହିଁ ।* ତା ସତ୍ତ୍ୱେ ଏହା କୁଆଡ଼େ କହିଛି ଯେ ଭାଗବତ ମହାପୁରାଣର ପ୍ରଥମ ଶ୍ଳୋକରେ ଏହା ସନ୍ନିହିତ! ମାତ୍ର ଭାଗବତ ମହାପୁରାଣର ପ୍ରଥମ ଶ୍ଳୋକରେ **ଏହା ନାହିଁ** । ବ୍ରହ୍ମା ତ ନିଜେ କହିଛନ୍ତି ଯେ ଓଡ଼ିଶାର ବା ଭାରତର **କୌଣସି ପଣ୍ଡିତ ଏପର୍ଯ୍ୟନ୍ତ ଏହା ଜାଣି ନାହାନ୍ତି** ।

ତେବେ ଏପରି ଏକ ଅସମର୍ଥିତ ସୂତ୍ରକୁ ଉଦ୍ଧାର କରି, ତାହାକୁ ବିସ୍ମୟକର ଆବିଷ୍କୃତି ବୋଲି କହି, ଋଗ୍‌ବେଦର କେଉଁ ଅଂଶରେ ଏହା ଅଛି ସେ ସଂପର୍କରେ ନିଜେ କିଛି ନ ଜାଣି, ଜାଣିବାକୁ ଚେଷ୍ଟା ନ କରି, ଯେଉଁ ଗ୍ରନ୍ଥ ଏହି *ବିସ୍ମୟକର* ପ୍ରଚାର ଫୁଙ୍କିଅଛି ତହିଁର ନାମ କ'ଣ ତାହା ନ ଜଣାଇ, **ବ୍ରହ୍ମା ଏହି ଯେଉଁ ବୟାନ ରଖିଛନ୍ତି ତାହା ଯେ ଓଡିଶାର ଜନସାଧାରଣଙ୍କ ଚକ୍ଷୁରୁ ଜଗନ୍ନାଥଙ୍କ ବୁଦ୍ଧ ପରିଚୟକୁ ଅପସାରିତ କରିବାପାଇଁ ଏକ ନୂତନ ଓ ଯୋଜନାବଦ୍ଧ ଅପକୌଶଳ ଏହା ସ୍ପଷ୍ଟ** । ଏହି ଅପକୌଶଳ ଦ୍ୱାରା ଓଡ଼ିଶାର ସାଧାରଣ ଲୋକେ ବିଭ୍ରାନ୍ତ ହେବା ସ୍ୱାଭାବିକ । **ଶ୍ରୀ ଜଗନ୍ନାଥ ସ୍ୱୟଂ ବୁଦ୍ଧ ବୋଲି ମୁଁ ରଖିଥିବା ପ୍ରମାଣଗୁଡ଼ିକୁ ପାଂଶୁଳ କରିପକାଇବା ଉଦ୍ଦେଶ୍ୟରେ ଏହି ଅପକୌଶଳର ଉଦ୍‌ଭାବନ ଓ ପ୍ରୟୋଗ ହୋଇଥିବା କୁହାଯାଇପାରିବ ।** କାରଣ ବ୍ରହ୍ମାଙ୍କ ଲେଖା ପଢ଼ି ରଘୁନାଥ ପଟ୍ଟନାୟକ ନାମକ ଜଣେ ସ୍ୱାଧୀନତା

orissamatters.com

ସଂଗ୍ରାମୀ ବିଭ୍ରାନ୍ତ ହୋଇଥିବା ଜଣା ପଡିଛି ।

ଶ୍ରୀ ପଟ୍ଟନାୟକ ଲେଖିଛନ୍ତି, ଏବେ ନିଖିଳ ଭାରତ ଆଦିବାସୀ ହରିଜନ ମହାସଙ୍ଘ ପୁରୀ ମନ୍ଦିର ବୌଦ୍ଧପୀଠ ଥିଲା ବୋଲି କହିବାରୁ ତାଙ୍କ ଉପରେ ଶାସ୍ତିବିଧାନ କରିବାକୁ ହିନ୍ଦୁ ମୌଳବାଦୀମାନେ କହିବାରୁ **ଭି.ଆର୍.୩୨, ୟୁନିଟ-୬, ଭୁବନେଶ୍ୱରର ସୁଭାଷ ଚନ୍ଦ୍ର ପଟ୍ଟନାୟକ** ବହୁ ଯୁକ୍ତି ଦେଖାଇ ଯିଏ ବୁଦ୍ଧ ସିଏ ଜଗନ୍ନାଥ ବୋଲି ଗଣମାଧ୍ୟମରେ ଲେଖାମାନ ପ୍ରକାଶ କରିଛନ୍ତି । x x x x x x x x ଏବେ ଅବସରପ୍ରାପ୍ତ ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ଦ୍ୱାରା ଗତ ମଇ ୩୧ ତାରିଖ ସମାଜର ୫ମ ପୃଷ୍ଠାରେ ପ୍ରକାଶିତ *ବେଦରେ ପୁରୀ ଦେଉଳର ତ୍ରିମୂର୍ତ୍ତିଙ୍କ ନାମ ଅଛି* ସମ୍ବାଦରେ ଉଲ୍ଲେଖ ଅଛି x x x x x x x ସୁବିଖ୍ୟାତ ଗ୍ରନ୍ଥ ଶ୍ରୀମଦ୍ ଭାଗବତ ମହାପୁରାଣର ପ୍ରଥମ ଶ୍ଳୋକରେ ପୁରୁଷୋତ୍ତମ କ୍ଷେତ୍ରର ତିନି ମୂର୍ତ୍ତି (ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା)ଙ୍କ ନାମ ରହିଛି । x x x x x x x x x ଋକ୍‌ବେଦ ହିନ୍ଦୁଶାସ୍ତ୍ରର ସର୍ବ ପୁରାତନ ବେଦ । x x x x x x x x ତାହାହେଲେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଚାରିଯୁଗର ଠାକୁର । ଏଦିଗରେ ଆଉ ଅନ୍ୟ ଯୁକ୍ତି ଅନାବଶ୍ୟକ । (ପର୍ଯ୍ୟବେକ୍ଷକ, ଜୁଲାଇ ୯, ୨୦୦୩)

ଏଥିରୁ ଦେଖାଯାଉଛି, ଗଣମାଧ୍ୟମର ଉପଯୋଗ କରି ଅନ୍ୟକୁ ପ୍ରଭାବିତ କରିପାରୁଥିବା ଜଣେ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ବ୍ରହ୍ମାଙ୍କ ଲେଖା ଦ୍ୱାରା ବିଭ୍ରାନ୍ତ ହୋଇପଡ଼ିଛନ୍ତି ଓ ବ୍ରହ୍ମାଙ୍କ ପ୍ରତିବେଦନରେ କୌଣସି ଗ୍ରହଣଯୋଗ୍ୟ ପ୍ରମାଣ ନଥିଲେ ମଧ୍ୟ ଜଗନ୍ନାଥଙ୍କୁ ଋଗ୍‌ବେଦର ଦେବତା ବୋଲି ମାନି ନେଇ ତାଙ୍କର ବୌଦ୍ଧସତ୍ତାକୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ଯଦି ରଘୁନାଥ ପଟ୍ଟନାୟକଙ୍କ ପରି ଜଣେ ସ୍ୱାଧୀନତା ସଂଗ୍ରାମୀ ବ୍ରହ୍ମାଙ୍କ ବୟାନ ଦ୍ୱାରା ବିଭ୍ରାନ୍ତ ତେବେ ଓଡିଶାର ଅନେକ ମଧ୍ୟ ବିଭ୍ରାନ୍ତ ହୋଇଥିବା ସ୍ୱାଭାବିକ । ଅଥଚ ବ୍ରହ୍ମାଙ୍କ ବୟାନ ଏକ ଭିତ୍ତିହୀନ ବୟାନ । ଅନ୍ୟକୁ ବିଭ୍ରାନ୍ତ କରିବାପାଇଁ ଜାଣିଶୁଣି ସନ୍ଧାଯାଇଥିବା ଏକ ବୟାନ ।

**ଜଗନ୍ନାଥ ଋଗ୍‌ବେଦର ଦେବତା ବୋଲି ସେହି ବେଦରେ କେଉଁଠି ଲେଖା ଅଛି ତାହା ବ୍ରହ୍ମାଙ୍କୁ ଜଣା ନାହିଁ । ଯେଉଁ ବହିରେ ସେ ଏହା ଦେଖିଥିଲେ ବୋଲି କହିଛନ୍ତି ସେ ବହିର ନାମ ବି ତାଙ୍କୁ ଜଣା ନାହିଁ । ଭାଗବତ ମହାପୁରାଣର ପ୍ରଥମ ଶ୍ଳୋକରେ ଏହା ବର୍ଣ୍ଣିତ ହୋଇଥିବା ଯାହା ସେ କହିଛନ୍ତି ତାହା ତହିଁରେ ନାହିଁ ଏବଂ ତାହା ଥିବା କଥା ତାଙ୍କରି ଭାଷାରେ ଭାରତର କେହି ଜାଣନ୍ତି ନହିଁ । ଅଥଚ ଏପରି ଏକ ଅମୂଳକ ଓ ଅଭିସନ୍ଧିସଂପନ୍ନ ଲେଖାଦ୍ୱାରା, ଯହିଁର ଉପକ୍ରମଣିକାରେ ଇତିହାସ ଅଧ୍ୟୟନ ଅନୁଚିତ ବୋଲି ସୂଚନା ସେ ଦେଇଛନ୍ତି, ଜଗନ୍ନାଥଙ୍କ ବୁଦ୍ଧ ପରିଚୟର ବିଲୋପନ ପାଇଁ ସେ ଉଦ୍ୟମ କରିଛନ୍ତି ଓ ତାହା କେତେକାଂଶରେ ଫଳବତୀ ମଧ୍ୟ ହୋଇଛି ।**

ଇତିହାସ ଉପରେ ବ୍ରହ୍ମାଙ୍କର କାହିଁକି ଏତେ ରାଗ?

ରାଗ ଏଇଥିପାଇଁ ଯେ ଏକ ସତ୍ତାହୀନ, ନାମହୀନ ଗ୍ରନ୍ଥକୁ ଅସ୍ତ୍ର କରି ଜଗନ୍ନାଥଙ୍କ

orissamatters.com

ସଂପର୍କରେ ସେ ଯେଉଁ ବିଭ୍ରାନ୍ତି-ବାଣ ମାରିବାକୁ ବ୍ୟଗ୍ର, ତାଙ୍କୁ ଜଣା, ଇତିହାସ ତାହାକୁ ସମର୍ଥନ କରିବ ନାହିଁ । **ଇତିହାସର ନିର୍ଦ୍ଧାରଣ** ହେଲା, ପଞ୍ଚମ-ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଶିଳାଲେଖ ପ୍ରମାଣ ଦୃଷ୍ଟିରୁ ପୁରୀରେ ଜଗନ୍ନାଥ ପୂଜା ପାଉଥିବାର କୌଣସି ପ୍ରମାଣ ନାହିଁ ।(ଶ୍ରୀ ଜଗନ୍ନାଥ ତତ୍ତ୍ୱ, ଡଃ ଗୋପୀନାଥ ମହାପାତ୍ର, ୧୯୮୯, ପୃ.୨୩୦) H.V.Stietencron ଦର୍ଶାଇଛନ୍ତି ଦଶମ ଶତାବ୍ଦୀ ଆରମ୍ଭ ପର୍ଯ୍ୟନ୍ତ ଓଡ଼ିଶାର ସମୁଦ୍ରକୂଳରେ ପୁରୁଷୋତ୍ତମ କ୍ଷେତ୍ର ବା ପୁରୁଷୋତ୍ତମ ମନ୍ଦିର ଥିବାର କୌଣସି ପ୍ରମାଣ ନାହିଁ । ("The entire early period of 600 years from the 4th century to the beginning of the 10th century A.D., x x x x x has as yet not yielded inscriptional references in any part of Orissa or Kalinga containing the slightest hint of the existence of a Purusottama-kshetra or of a Purusottama temple on the sea shore".) (ସୂତ୍ର: ହରିହର କାନୁନଗୋ, ବିବର୍ତ୍ତନଧାରାରେ ଶ୍ରୀଜଗନ୍ନାଥ, ପୃ.୨୨୭-୨୮) ତେବେ ଜଗନ୍ନାଥ ସେପର୍ଯ୍ୟନ୍ତ କେଉଁଠି ଥିଲେ? ଏହାର ଉତ୍ତର ଖୋଜି କାନୁନଗୋ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପାଖରେ ପହଞ୍ଚିଛନ୍ତି ଓ ତାଙ୍କୁ ଉଦ୍ଧାର କରି କହିଛନ୍ତି, ଜ୍ଞାନସିଦ୍ଧି ଗ୍ରନ୍ଥର ପ୍ରଣେତା ଇନ୍ଦ୍ରଭୂତିଙ୍କ ରାଜ୍ୟ ଉଡ୍ଡୀୟାନର କୌଣସି ଏକ ସ୍ଥାନରେ ଶବରମାନେ ନିମ୍ବକାଠରେ ନିର୍ମିତ ଜଗନ୍ନାଥଙ୍କ ବିଗ୍ରହକୁ ନିଜର କରି ପୂଜା ଉପାସନା କରୁଥିଲେ । ତାଙ୍କ ନିର୍ଣ୍ଣୟ ହେଲା ଇନ୍ଦ୍ରଭୁତିଙ୍କ ସମୟରେ ଜଗନ୍ନାଥ ଶବରମାନଙ୍କ ଦ୍ୱାରା କୌଣସି ଏକ ବୌଦ୍ଧବିହାରରେ ପୂଜା ପାଉଥିଲେ । (ଏଯ୍ନ, ପୃ.୨୮୬) ଏହାହିଁ ଯେତେବେଳେ ଇତିହାସର ନିର୍ଣ୍ଣୟ, ଋଗ୍‌ବେଦର ନାମ ନେଇ ପୁରୀ ସମୁଦ୍ର କୂଳରେ ଜଗନ୍ନାଥରୂପେ ବିଷ୍ଣୁ ସେହି ସମୟରୁ ପୂଜା ପାଇଆସୁଛନ୍ତି ବୋଲି ବ୍ରହ୍ମା ଯେଉଁ ଧାରଣା ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି ତାହା **ବ୍ରାହ୍ମଣ୍ୟବାଦୀମାନଙ୍କ ପୁରୁଣା ଅଭ୍ୟାସ ଅନୁରୂପ** ଏବଂ ତଦ୍‌ଭିନ୍ନ ଅନ୍ୟ କିଛି ନୁହେଁ ।

ଏହି ପ୍ରେକ୍ଷାପଟରେ ପୁନଶ୍ଚ କୁହାଯାଇପାରେ ଯେ, ଜଗନ୍ନାଥଙ୍କୁ ବୁଦ୍ଧରୁ ବିଷ୍ଣୁରେ ରୂପାନ୍ତରିତ କରିବାକୁ ବ୍ରାହ୍ମଣ୍ୟବାଦୀମାନେ ବରାବର ଚେଷ୍ଟା ଚଳାଇଛନ୍ତି ଓ ସେହି ଚେଷ୍ଟାର ଏକ ପର୍ଯ୍ୟାୟରେ ଜଗନ୍ନାଥଙ୍କ ରଥଯାତ୍ରାରୁ ଡାହୁକ ବୋଲି ଉଠାଇ ଦେବାକୁ ଷଡ଼ଯନ୍ତ୍ର ହୋଇଛି, କାରଣ ଡ଼ାହୁକ କୃଷି-କୁହୁକ ସମ୍ଭୂତ ମୈଥୁନତତ୍ତ୍ୱର ଉଦ୍‌ଘୋଷକ । ଏହି ଷଡ଼ଯନ୍ତ୍ର ଜଗନ୍ନାଥ ଐତିହ୍ୟ ବିରୁଦ୍ଧରେ ଷଡ଼ଯନ୍ତ୍ର ।

### ମୈଥୁନତତ୍ତ୍ୱର ଯାତ୍ରା ରଥଯାତ୍ରା

ପ୍ରଥମରୁ କୁହାହୋଇଛି ଯେ, ଜଗନ୍ନାଥ କୃଷି କୁହୁକର ରୂପକଳ୍ପ । କୃଷି ତ ମାଆର ଆବିଷ୍କାର, ମାଆର ସର୍ଜନା । ସେଥିପାଇଁ କୃଷିଋତୁ ଆସିଗଲେ ଓଡ଼ିଆ କୃଷକ ସ୍ମରଣ କରେ ତା ଜାତିର ମାଆ ଜଗନ୍ନାଥଙ୍କୁ । ମାଆର ସୃଜନଶକ୍ତିକୁ । ମାଆର ସୃଜନସ୍ପୃହାକୁ । ରଜସ୍ନାନରୁ ଅଣସରଘରର ବିଶ୍ରାମ ଏବଂ ନବଯୌବନ ଦର୍ଶନ ପରେ ସତେ ଯେମିତି ସୃଜନକାମନାର

orissamatters.com

ପରିପୂର୍ତ୍ତିପାଇଁ ବାହାରି ପଡନ୍ତି ଜଗନ୍ନାଥ ମଣିଷର ମେଳକୁ । ଆରମ୍ଭ ହୁଏ ରଥଯାତ୍ରା । ବୌଦ୍ଧତନ୍ତ୍ର ବା ଉଡ୍ଡୀୟାନ ତନ୍ତ୍ର ଅନୁସାରେ ଏହି ରଥର ସୃଷ୍ଟି । ରଥନିର୍ମାଣ ପଦ୍ଧତି କହେ-

ଉଡ୍ଡୀୟାନ ପରାଚକ୍ରେ ମହାପୁର କ୍ରମୋଦିତେ
ରଥଂ କୁର୍ଯ୍ୟାତ୍ ସୁଯତ୍ନେ ଦ୍ୱାଦଶଚକ୍ରବେଷ୍ଟିତ
ଷୋଡଶ ସ୍ତମ୍ଭଯୁକ୍ତେନ ପଞ୍ଚଛନ୍ଦାକୃତିଂଚରେତ
ମଧ୍ୟେ କାଳିନ୍ଦ୍ୟଦେଶଞ୍ଚ ସର୍ବତନ୍ତ୍ରେଷୁ ଗୋପିତମ୍ ।

ପ୍ରାଚୀନ ଓଡ଼ିଶା ବା ଉଡ୍ଡୀୟାନର ରାଜା ଇନ୍ଦ୍ରଭୂତି ବଜ୍ରଯାନ ସ୍ଥାପନ ଦ୍ୱାରା ବୌଦ୍ଧତନ୍ତ୍ରର ଏପରି ଆରମ୍ଭ ଘଟାଇଥିଲେ ଯେ, ବୌଦ୍ଧତନ୍ତ୍ର ଉଡ୍ଡୀୟାନ ତନ୍ତ୍ର ଭାବେହିଁ ଗୃହୀତ ହୋଇଥିଲା । ଏହି ତନ୍ତ୍ରାନୁସାରେ ଜଗନ୍ନାଥଙ୍କ ରଥର ସୃଷ୍ଟି । ଏହି ରଥରେ ଦ୍ୱାଦଶ ଚକ୍ର, ଷୋଡଶ ସ୍ତମ୍ଭ, ପଞ୍ଚଛନ୍ଦର ସମାହାର । **ଏହି ସବୁ ସଂଖ୍ୟା ସାଙ୍କେତିକ ।**

ଶରୀର ଭେଦ ତତ୍ତ୍ୱ ଅନୁସାରେ ମଣିଷର **ହୃଦୟ ହେଉଛି ଦ୍ୱାଦଶ ପାଖୁଡା ବିଶିଷ୍ଟ ଏକ ଚକ୍ର** ଯାହା ଉପରେ ଜୀବ ସତ୍ତା ବିଦ୍ୟମାନ । ଏହାର ଅନାହତ ସକ୍ରିୟତା ବା ଅଗ୍ରଗତିହିଁ ଜୀବନ ରକ୍ଷାକରେ ।

ତିନି ନାଳିଆରେ ରୁନ୍ଧି ଅନାହତ ଗଣ୍ଠିରେ ପଡିଛି ବାର ପାଖୁଡ଼ା ।

ଜଗନ୍ନାଥ ରଥର ଅନାହତ ଅଗ୍ରଗତିପାଇଁ **ଏହି ହେତୁ ଦ୍ୱାଦଶ ବା ବାର ଚକ୍ର**ର ଯୋଜନା । ଜୀବନ ଚକ୍ରର ଏହି ଅଗ୍ରଗତି ସୃଜନକାମନା ଦ୍ୱାରା ପରିପୁଷ୍ଟ । ସୃଜନକାମନା କାମକଳା ଦ୍ୱାରା ପରିପୂର୍ତ୍ତ । **କାମକଳା ଷୋଡଶ ବିଧ** । ସେହେତୁ ଜଗନ୍ନାଥ ଷୋହଳ କଳାର ଦେବତା । ଏହି ଷୋଳ କାମକଳାର ପ୍ରତୀକ ଭାବେ ତାଙ୍କ ମନ୍ଦିରରେ ଷୋଳଟି ମୈଥୁନ ଚିତ୍ର ଯେପରି ଖୋଦିତ ହୋଇ ରହିଛି, ତାଙ୍କ **ମୈଥୁନତତ୍ତ୍ୱଘୋଷୀ ରଥରେ ଷୋହଳଟି ସ୍ତମ୍ଭ**ର ବ୍ୟବସ୍ଥା ସେମିତି ହୋଇଛି ।

**ପଞ୍ଚମକାର ବିଧାନ**ର ପରମ ପରିପ୍ରକାଶ ମୈଥୁନରେ । ମଦ୍ୟ ମାଂସ ତଥା ମତ୍ସ୍ୟ ମୁଦ୍ରା ମୈଥୁନମେବଚ । ପଞ୍ଚତତ୍ତ୍ୱମିଦଂ ଦେବି ନିର୍ବାଣ ମୁକ୍ତିହେତବେ । ।(କୈବଲ୍ୟ ତନ୍ତ୍ର) । ସୁତରାଂ **ମୈଥୁନମୁଖୀ ପଞ୍ଚତତ୍ତ୍ୱର ପ୍ରତୀକ ଭାବେ ପଞ୍ଚଛନ୍ଦ** ପରିଗୁଂଫିତ ହୋଇଉଠିଛି ଉଡ୍ଡୀୟାନ ତନ୍ତ୍ରୋକ୍ତ ଏହି ରଥ ଗଠନରେ । ଏହି ତାନ୍ତ୍ରିକ ରଥରେ ଚଢ଼ି ମୈଥୁନକାମୀ ଜଗନ୍ନାଥ ବଡଦାଣ୍ଡରେ ଡାକ ଦିଅନ୍ତି, ଯିଏ ଘିଞ୍ଚି ନେଇପାରୁଛ, ନିଅ । ଯିଏ ଘିଞ୍ଚି ନେଇପାରିବ, ମୁଁ ତାର । ମୁଁ ତାର । ଏହି ଡାକରା ଡାହୁକ ଡାକରେ ସନ୍ଦୀପିତ ହୋଇଥାଏ । ସକ୍ରିୟ ହୋଇଥାଏ । ସାର୍ଥକ ହୋଇଥାଏ । କୃଷିଜୀବୀ ଓଡ଼ିଆ ଜାଗି ଉଠିଥାଏ ମହାମିଳନର ନିଶାରେ, ଜାଗିଉଠିଥାଏ ସୃଜନର ଶୀତ୍କାରରେ, ଜାଗିଉଠିଥାଏ କୃଷିକ୍ଷେତ୍ରରେ ଅଙ୍କୁରୋଦ୍ଗମର ତାଳେ ତାଳେ ।

## ମୈଥୁନତତ୍ତ୍ୱ ଓ କୃଷି କୁହୁକ

ମୈଥୁନଂ ପରମତତ୍ତ୍ୱଂ ସୃଷ୍ଟିସ୍ଥିତନ୍ତ୍ୟକାରଣମ୍ ବୋଲି ନିର୍ଣ୍ଣିତ ହୋଇଛି । ସୃଷ୍ଟି, ସ୍ଥିତି

orissamatters.com

ଏବଂ ତାର ଅନ୍ତ - ସବୁ ନିର୍ଭର କରେ ମୈଥୁନ ଉପରେ । ଅନ୍ନମୂଳେ ଏ ଜଗତ ବୋଲି ବିଶ୍ୱାସ କରୁଥିବା ଓଡ଼ିଆ କୃଷକର ଆଖିରେ ସେହେତୁ କୃଷି ସହ ମୈଥୁନ ଜଡିତ ହୋଇ ରହିଛି । କିନ୍ତୁ **ମୈଥୁନର ଏହି ସାମାଜିକ ଓ ସାହିତ୍ୟିକ ସ୍ୱୀକୃତି ଆସିଛି କେଉଁଠୁ? ଏହା ଆସିଛି ଆଦିମ ଜନଜାତିର ମନୋରାଜ୍ୟରେ କୃଷି ଭରିଦେଇଥିବା କୁହୁକରୁ ।**

ପୃଥିବୀ ରଜସ୍ୱଳା ହୁଏ । ବର୍ଷା ମାଧ୍ୟମରେ ଲାଭକରେ ମୈଥୁନ । **ଲ** ହେଉ ବା **ଲଙ୍ଗଳ,** ତା ଅଙ୍ଗରେ ପଶି ବୀଜ ବପନ କରେ । ଅଙ୍କୁର ଉଦ୍ଗତ ହୁଏ । ଫଳ ପ୍ରସୂତ ହୁଏ । ମାତୃ ତନୁ ସେହିପରି ସନ୍ତାନ ପ୍ରସବ କରେ । ତେଣୁ **କୃଷି କୁହୁକ** ଯୋଡିଛି କୃଷି ସହ ମୈଥୁନକୁ । ଆଦିମ ଜନଜାତିର ଅନୁଭୂତିପ୍ରସୂତ ଏହି ନିର୍ଣ୍ଣୟ ସଫଳ ମୈଥୁନ ସହ ସଫଳ କୃଷିକୁ ଯୋଡ଼ିଛି । **ମୈଥୁନ ପ୍ରାବଲ୍ୟ ସହ ଯୋଡ଼ିଛି ତେଣୁ କୃଷିର ପ୍ରବଳ ସଫଳତାକୁ । ସେଥିପାଇଁ କୃଷିର ପ୍ରବଳ ସଫଳତା କାମନା କରୁଥିବା କୃଷକ ମୈଥୁନର ପ୍ରବଳତା ଉପରେ ଗୁରୁତ୍ୱ ଦେଇଛି** । ଓଡ଼ିଶାର କୃଷକ ଜନଜାତି **ଭୂୟାଁ** - ଯେଉଁମାନେ ଭୂମି ଉପରେ ଗୁରୁତ୍ୱ ଦେଉଥିବା ହେତୁ ସେପରି ଭାବେ ନାମିତ - କୃଷିରତୁ ଆସିଗଲେ, ବସନ୍ତଠାରୁ ବର୍ଷା ପର୍ଯ୍ୟନ୍ତ ଏହି ସମଗ୍ର କାଳରେ କିପରି ହୋଇଉଠୁଥିଲେ ମୈଥୁନମତ୍ତ ତାର ଏକ ଚିତ୍ର ଇତିହାସରେ ଏହିପରି ଲିପିବଦ୍ଧ ହୋଇଛି -"All respect for blood-relations and husbands is set at naught" (Calcutta Review, ciii, 188)

ଶ୍ରୀ ଜଗନ୍ନାଥଙ୍କ ସହ **ନାଗା**ମାନଙ୍କ ସଂପର୍କ ସର୍ବଜନ ବିଦିତ । ପ୍ରତିବର୍ଷ ରଥଯାତ୍ରାରେ ନାଗାମାନଙ୍କ ଆଗମନ ଘଟିଥାଏ ପୁରୀକୁ ଏବଂ ଜଗନ୍ନାଥଙ୍କ ଦର୍ଶନ ପାଇଁ ସେମାନଙ୍କର ଥାଏ ଏକ ସ୍ୱଷ୍ଟ ସ୍ୱାତନ୍ତ୍ର୍ୟ । ଏହା କାହିଁକି ତାହା ଅନେକଙ୍କୁ ଜଣା ନାହିଁ । ଏହି ନାଗାମାନେ ରଙ୍ଗମାଟିଆ ନାଗା ବୋଲି ପିଲାଦିନୁଁ ଆମେ ଶୁଣିଛୁଁ । ବୁଦ୍ଧଙ୍କ ଜନ୍ମାଞ୍ଚଳରେ ଭୁବନେଶ୍ୱରକୁ ଲାଗି ରଙ୍ଗମାଟିଆ ବୋଲି ଗାଁଟିଏ ଏବେ ବି ଅଛି । ଚୌରାଶି ଗାଁର ସିଦ୍ଧାଚାର୍ଯ୍ୟମାନଙ୍କ ପରି ଏମାନେ ନିଶ୍ଚୟ ଥିଲେ ବଜ୍ରଯାନୀ ବୌଦ୍ଧ । ଅତୀତରେ ଏମାନେ ଥିଲେ ସାତ ଦରିଆ ପାରି ବେପାର କରୁଥିବା କଳିଙ୍ଗର ସାଧବ ସଂପ୍ରଦାୟ । ଡଃ ଅମୀୟ କୁମାର ମହାନ୍ତି ତାରାନାଥ ଓ ଏଜରମଣ୍ଟଙ୍କୁ ଉଦ୍ଧାର କରି ଲେଖିଛନ୍ତି, The Tibetan author states that the Nagas (Spirit of the Sea) stole away the jewels of Asoka........Eggermont identifies the Nagas with the sea-faring people of Kalinga. (State and Government in Ancient Orissa, p.85) । ସମ୍ଭବତଃ ସୋମବଂଶୀମାନଙ୍କ ଦ୍ୱାରା ବୌଦ୍ଧହନନ ବେଳେ ଏମାନେ ଓଡ଼ିଶା ଛାଡ଼ି ଚାଲିଯାଇଛନ୍ତି, କିନ୍ତୁ ବଜ୍ରଯାନର ବୁଦ୍ଧ ଭାବେ ଶ୍ରୀ ଜଗନ୍ନାଥ ଏବେ ବି ଏମାନଙ୍କ ସାମାଜିକ ଅବଚେତନରେ ଅଛନ୍ତି । ତେଣୁ ଏମାନେ ଜଗନ୍ନାଥଙ୍କ ରଥଯାତ୍ରା ଓ ନବକଳେବରକୁ ନିଶ୍ଚୟ ଆସନ୍ତି ଓ ଏକ ସ୍ୱତନ୍ତ୍ର ପର୍ଯ୍ୟାୟର ଭକ୍ତ ଭାବେ ପରିଗୃହିତ ହୁଅନ୍ତି । ଅଣଓଡ଼ିଆମାନଙ୍କ

orissamatters.com

କଣରେ ଏମାନେ ରେଂଗ୍‌ମା ନାଗା । ଏମାନଙ୍କ ସାମାଜିକ ଜୀବନରେ ଏବେ ବି ସହଜିଆ କୃଷିକୁହୁକ ପ୍ରତିଫଳିତ ।

ଜେ.ପି.ମିଲ୍‌ସ ଲେଖିଛନ୍ତି, ରେଂଗ୍‌ମା ନାଗାଙ୍କ ଭିତରେ ବେଶ୍ୟାବୃତ୍ତିପାଇଁ ପ୍ରବଳ ବିତୃଷ୍ଣା ଥାଏ । ଅର୍ଥ ଉପାର୍ଜନପାଇଁ ଦେହ ବ୍ୟବହାର ଆଦୌ ନଥାଏ । ମାତ୍ର କୃଷିଋତୁ ଆସିଗଲେ ସେମାନଙ୍କ ଭିତରେ ଯୌନସ୍ୱାଛନ୍ଦ୍ୟ ଦେଖାଦିଏ । ଅତ୍ୟଧିକ ମଦ୍ୟପାନ ହେତୁ ଏହି ସ୍ଖଳନ ଘଟେ ବୋଲି କେତେକ ଅବଶ୍ୟ କହନ୍ତି । ମାତ୍ର ଏହାହିଁ ସମ୍ଭବତଃ ସତ୍ୟ ଯେ, କୃଷିକ୍ଷେତ୍ର ଅଧିକ ଫଳଦାୟୀ ହେବ ବୋଲି ବିଶ୍ୱାସ କରି ସେମାନେ ମୈଥୁନକ୍ରିୟାରେ ବାଛବିଚାର ରଖନ୍ତି ନାହିଁ । ("Both among the Eastern and Western Rengmas [a Naga tribe] the vice of prostitution for gain is absolutely unknown; but x x x x x x x x laxity is at its height during the season of sowing. The reason given is that more liquor is drunk then but it is more probably true that there is an almost unconscious belief that the union of sexes will in someway make the fields fertile".[J.P.Mills, The Rengma Nagas, p.43] ) ଅତଏବ, ଏମାନଙ୍କ ଯୌନାଚାର କାମାନ୍ଧତାପ୍ରସୂତ ନହେଁ, ଦର୍ଶନପ୍ରଚୋଦିତ ।ଏ ଦର୍ଶନ ସୁନିଶ୍ଚିତ ସହଜଯାନୀ ।

ମିଲ୍‌ସ୍ ଆମକୁ ଅନ୍ୟ ଏକ ନାଗା ସଂପ୍ରଦାୟର ଭିନ୍ନ ଏକ ସାମାଜିକ ଯୌନ ଚେତନାର କଥା କହିଛନ୍ତି ଯାହା କୃଷିଋତୁ ସହ ସଂପୃକ୍ତ । କୃଷିକ୍ଷେତ୍ରକୁ ଯାଉଥିବା ବାଟରେ ଏହି ନାଗାମାନେ କାଦୁଅ ସାହାଯ୍ୟରେ ସ୍ତ୍ରୀ ଜନନେନ୍ଦ୍ରିୟ ତିଆରି କରି ତହିଁ ଉପରେ ଯୌନକେଶ ଭାବେ ଶୁଖିଲା ଘାଷ ରୋପଣକରି ତହିଁ ଭିତରେ ଲିଙ୍ଗରୂପେ ଏକ କାଷ୍ଠଖଣ୍ଡ ଭର୍ତ୍ତିକରି ରଖିଥାନ୍ତି । କୃଷିକ୍ଷେତ୍ରକୁ ଯିବା ଆସିବା କଲାବେଳେ ଯୁବକ ଓ ଯୁବତୀ ନାଗା ମାନେ ସେହି ସ୍ଥାନରେ ରୁଣ୍ଡ ହୁଅନ୍ତି ଓ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଯୌନକ୍ରିୟା ଚଳିବା ଶୈଳୀରେ ଏହି କାଷ୍ଠଦଣ୍ଡର ସଞ୍ଚାଳନ କରେ ଯାହାର ସଂପୂର୍ଣ୍ଣ ମଜା ନିଅନ୍ତି ସମବେତ ଯୁବକ ଓ ଯୁବତୀମାନେ । ("Zemi villagers of the Pelekima group make by a path they clear at this time a model of sexual organs in coition. The female organ is exactly modelled in clay, with dry grass representing the pubic hair, while a wooden stake serves for the male organ. Parties of young men and girls going to and from the fields stop by the models while one of the youngmen works the stake in an appropriate way, to the great amusement of the rest of the party".Ibid, 83n)

orissamatters.com

ଯେଉଁ ବସନ୍ତଋତୁର ପ୍ରେକ୍ଷାପଟରେ ଶ୍ରୀ ଜୟଦେବ ରଚିଛନ୍ତି ତାଙ୍କ ଲଳିତ ପଦାବଳୀ ସେହି ବସନ୍ତ ଋତୁରେ କୃଷକସମାଜରେ ଯେଉଁ ମୈଥୁନମତ୍ତତା ପ୍ରକାଶ ପାଏ, W.Crooke ଙ୍କ ଟିପ୍ପଣୀ ଅନୁସାରେ ତାହା ମଣିଷ, ପଶୁ ଓ ଶଶ୍ୟକ୍ଷେତ୍ରର ଉତ୍ପାଦିକାଶକ୍ତିବୃଦ୍ଧିର ପରିକଳ୍ପନାରୁ ପ୍ରସୂତ । "The most licentious debauchery and disorder" ଭାବେ ହୋରି ପର୍ବକୁ ଦର୍ଶାଇ ସେ ଏହାକୁ "regular Saturnalia of India" ବୋଲି ଆଖ୍ୟା ଦେଇଛନ୍ତି । (Religion and Folklore of Northern India, Oxford, 1926)

## କୃଷି-କୁହୁକର ଉଦ୍‌ଘୋଷକ: ଡାହୁକ

ମାତୃପ୍ରାଧାନ୍ୟର ମହା କ୍ଷେତ୍ର ଆସାମରେ, ଯହିଁର ମାତୃ-ମୁଖ୍ୟ **ମାହାରୀ** ସମାର୍ଥରେ ପୁରୀ ଶ୍ରୀମନ୍ଦିରରେ ମାହାରୀ ନିଯୋଗର ସୂତ୍ରପାତ, ଯହିଁର ତନ୍ତ୍ରାଧିଷ୍ଠାତ୍ରୀ କାମାକ୍ଷାଙ୍କ ନିଜସ୍ୱ ପୀଠ **ନୀଳାଚଳ** ଶ୍ରୀ ଜଗନ୍ନାଥଙ୍କ ନୀଳାଚଳ ନିବାସ କଥାର ସମସୂତ୍ରୀ, ସେହି ଆସାମର ନାରୀମାନେ କୃଷିକାଳ ଆସିଗଲେ ଯୌନକ୍ରିୟାରେ ନିଃସଙ୍କୋଚ ପ୍ରମତ୍ତ ହୋଇଉଠନ୍ତି । (I.Buttler, Travels and Adventures in the Provinces of Assam, p.226) କିନ୍ତୁ କେବଳ ମୈଥୁନକ୍ରିୟା ଦ୍ୱାରା ସୃଜନଶକ୍ତିର ନୈସର୍ଗିକତା ପୂର୍ଣ୍ଣତଃ ସଞ୍ଚାଳିତ ହୁଏ ନାହିଁ । ଏହାର ପୂର୍ଣ୍ଣ ସକ୍ରିୟତାପାଇଁ **ଯୌନୋଦ୍ଦୀପକ ବଚନିକାର ବି ଆବଶ୍ୟକତା** ପଡିଥାଏ ବୋଲି କହିଛନ୍ତି ବିଖ୍ୟାତ ସମାଜତତ୍ତ୍ୱବିତ୍ ବ୍ରିଫଲ୍ଟ । (The operation of the devine generative power which brings about the fertility of nature, of animals, of women, is believed to be stimulated not only by sexual intercourse, but also by any act or speech of a lascivious and sensual character: R.Briffault, The Mothers, 2nd edition, 1952,iii, 204) ଅତଏବ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ଯେପରି ଓଡ଼ିଆ ଜାତିର କୃଷି ଚେତନା ସହ ସଂଶ୍ଲିଷ୍ଟ, ରଥ ଉପରର ଡାହୁକ ବୋଲି ବି ଠିକ୍ ସେହିପରି । କୃଷିକୁହୁକ ପ୍ରଭାବିତ ଜଗନ୍ନାଥ ଚେତନାର ଓ ତତ୍‌ସଂଶ୍ଲିଷ୍ଟ ମୈଥୁନତତ୍ତ୍ୱର ସାମାଜିକ ସ୍ୱୀକୃତିର ଏହା ଏକ ଦୃପ୍ତ ଉଦ୍‌ଘୋଷଣ । ଯେଉଁମାନେ ଡାହୁକ ବୋଲିକୁ ଉଠାଇଦେବାଉପରେ ଗୁରୁତ୍ୱ ଦେଇଛନ୍ତି ସେମାନେ ଜନସାଧାରଣଙ୍କଠାରୁ ଜଗନ୍ନାଥଙ୍କ ପ୍ରକୃତ ପରିଚୟକୁ ସବୁଦିନପାଇଁ ଦୂରେଇ ରଖିବାକୁ ଷଡ଼ଯନ୍ତ୍ର କରିଛନ୍ତି ।

## ମୈଥୁନତତ୍ତ୍ୱର ରୂପକଳ୍ପ ମାଦଳା

ଉପରୋକ୍ତ ଆଲୋଚନା ଜଗନ୍ନାଥଙ୍କ ଯେଉଁ ପକୃତ ପରିଚୟ ସୃଷ୍ଟି କରିଛି ତାହା କୃଷିକୁହୁକ ସହ ତାଙ୍କୁ ସଂପୂର୍ଣ୍ଣତଃ ସଂପର୍କୀଭୂତ କରିଛି । ମାଆ କୃଷିର ଆବିଷ୍କାର କରିଥିବା, ମାତୃ ତନୁରୁ ସନ୍ତାନ ଉତ୍ପନ୍ନ ହେଉଥିବା, ମା ପୃଥ୍ୱୀ ଦେହରୁ ଶସ୍ୟ ଉତ୍ପନ୍ନ ହେଉଥିବା, ମାତୃ ତନୁରେ ମୈଥୁନକ୍ରିୟା ଦ୍ୱାରା ଭ୍ରୂଣ ସଞ୍ଚାର ଘଟୁଥିବା, ମେଘ ସହ ମୈଥୁନ ହେତୁ ମା ପୃଥ୍ୱୀ

orissamatters.com

ଫଳବତୀ ହେଉଥିବା, ଏବଂ ବସନ୍ତର ଆଗମନ ପରେ ଫଳବତୀ ହେବା ପାଇଁ ପୃଥ୍ୱୀ ମୈଥୁନମୁଖୀ ହେଉଥିବା - ଏ ସବୁ ମିଶି ଭରି ଦେଇଛି ଓଡ଼ିଆ ମନରେ କୃଷିକୁହୁକର ଚମତ୍କାରିତା । ଏବଂ ଏହି କୃଷିକୁହୁକର ରୂପକଳ୍ପ ଭାବେ ଆଦିମ ଓଡ଼ିଆ କଳ୍ପନା କରିଛି ଜଗନ୍ତ (ବିଶ୍ୱପ୍ରକୃତି) ଏବଂ ଜଗନ୍ତାଥ (ଥ ବା ଥନ ସଂପନ୍ନ ବିଶ୍ୱ ପ୍ରକୃତି)ର ରୂପ - ଜଗନ୍ନାଥ । **ଯଦି ଜଗନ୍ନାଥ ଏହାହିଁ, ତେବେ ସେ ବୁଦ୍ଧ ହେଲେ କିପରି? କାହିଁକି ଆମେ ତାଙ୍କୁ ବୁଦ୍ଧ ବୋଲି କହୁଛୁଁ?**

ଇତିହାସ ଏହି ପ୍ରଶ୍ନର ସମ୍ମୁଖୀନ କେବେ ହୋଇଛି କି ନା ତାହା ଆମକୁ ଜଣାନାହିଁ । ଇତିହାସ ନିଜକୁ ନିଜେ ଏହି ପ୍ରଶ୍ନ କେବେ କରିଛି କି ନା ତାହା ବି ଆମକୁ ଜଣା ନାହିଁ । **ଆମେ କିନ୍ତୁ ଏହି ପ୍ରଶ୍ନ ଉପରେ ଗୁରୁତ୍ୱ ଦେବା** ଏବଂ ଏହାର ଉତ୍ତର ଖୋଜିବା । କାରଣ **ଏହାରି ଫଳରେ ଆଲୋକକୁ ଆସିବ ଓଡ଼ିଆ ଇତିହାସର ଏକ ଅଦେଖା ଅଧ୍ୟାୟ** । ଏବଂ ଏଥିପାଇଁ ଆମେ ବୁଦ୍ଧଙ୍କ ପାଖକୁ ଯିବା ।

## ମାତୃରୂପା ମାଦଳା ବୁଦ୍ଧ କିପରି ହେଲେ

ବୁଦ୍ଧ ଥିଲେ ସାରା ଭାରତର ବିଶେଷତଃ ଓଡ଼ିଶା ମାଟିର ପ୍ରଥମ ବିପ୍ଳବୀ ଯେ କି **ଧର୍ମୀୟ ସାମ୍ରାଜ୍ୟବାଦର ଗତିରୋଧ କରିବା ପାଇଁ ଆଦିମ ଅଧିବାସୀମାନଙ୍କର ସଙ୍ଘୀୟ ଐକ୍ୟବାଦ** ପ୍ରତିଷ୍ଠା କରିଥିଲେ । ସେ ଥିଲେ ପ୍ରଥମ ରାଜନୀତି ବିଶାରଦ ଯେ କି **ପ୍ରାକୃତିକ ଦ୍ୱନ୍ଦ୍ୱବାଦର ଉପଯୋଗ** କରିଥିଲେ ସାମାଜିକ ଶୋଷଣର ମୂଳୋତ୍ପାଟନପାଇଁ ।

ଆଦିମ ଅଧିବାସୀ ବା ଆଦିମ ଜନଜାତିଗୁଡ଼ିକର ସ୍ୱାର୍ଥ ରକ୍ଷାପାଇଁ ସାରା ଜୀବନ ସେ ବ୍ୟୟ କରିଦେଇଥିଲେ । ସେମାନଙ୍କୁ ବୈଦିକ ସାମ୍ରାଜ୍ୟବାଦର ଅତ୍ୟାଚାର କବଳରୁ ରକ୍ଷା କରିବା ପାଇଁ ନିଜ ପରିବାର ଓ ସଂସାର ତ୍ୟାଗ କରି **ଓଡ଼ିଶାର ଉପକୂଳ ଅଞ୍ଚଳରୁ ହିମାଳୟର ପାଦଦେଶ ପର୍ଯ୍ୟନ୍ତ ଯାଇ ଆଦିବାସୀ ଜନଜାତିଗୁଡିକୁ ସଙ୍ଘଭୁକ୍ତ କରିଥିଲେ ଏବଂ ବ୍ରାହ୍ମଣ୍ୟବାଦ କବଳରୁ ସେମାନଙ୍କ ସୁରକ୍ଷା ପାଇଁ ବ୍ରାହ୍ମଣ୍ୟବାଦର ମୂଳାଧାର *ଈଶ୍ୱର*ଙ୍କ ଅସ୍ତିତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ ।** ସେ ଥିଲେ ଆଦିମ ଅଧିବାସୀର ସର୍ବଶ୍ରେଷ୍ଠ ରକ୍ଷାକର୍ତ୍ତା ।

ସେ ସମାଜବିଜ୍ଞାନର ଏକ ବୈପ୍ଲବିକ ଧାରା ପ୍ରବର୍ତ୍ତନ କରିଥିଲେ । ସମଗ୍ର ଜୀବନକାଳ ସେ ବିତାଇ ଦେଇଥିଲେ ସାମ୍ରାଜ୍ୟବାଦର ବିରୁଦ୍ଧରେ ।

ଉତ୍ତରଭାରତରେ ସେତେବେଳେ ପରିବ୍ୟାପ୍ତମାନ ବୈଦିକ ସାମ୍ରାଜ୍ୟବାଦକୁ ପ୍ରତିରୋଧ କରିବାପାଇଁ ସେ ତତ୍କାଳୀନ ଓଡ଼ିଶାରୁ ସେହି ଭୂଖଣ୍ଡକୁ ଯାଇଥିଲେ । ମଗଧର ରାଜଧାନୀ ରାଜଗୃହଠାରେ ସମ୍ରାଟ ବିମ୍ବିସାରଙ୍କୁ ନିଜର ପରିଚୟ ପ୍ରଦାନ କରି ଧନ ଧାନ୍ୟ ସଂପନ୍ନ ତୋଷଳର ଧଉଳିଗିରି ପାଖରେ ତାଙ୍କର ଜନ୍ମ ବୋଲି ବୁଦ୍ଧ ନିଜେ ସୂଚାଇଛନ୍ତି:-

ଉଜୁଂ ଜନପଦୋ ରାଜା ହେମବନ୍ତସ୍ସ ପସ୍ସତୋ ।
ଧନ ବିରିୟେନ ସଂପନ୍ନୋ ତୋଷଲେସୁ ନିକେତିନୋ ।।-The Real Birthplace of

orissamatters.com

Buddha: Chkradhara Mohapatra, Cuttack, 1977, p.63 । ଅତଏବ, ଓଡ଼ିଶାର ଧଉଳିଗିରି ସମୀପରୁ ଉତ୍ତର ଭାରତର ମଗଧକୁ ଯାଇ ସେଠାରେ ସାଧାରଣ ମଣିଷ ନିଜର ଐକ୍ୟ ବଳରେ ବୈଦିକ ସାମ୍ରାଜ୍ୟବାଦ କବଳରୁ କିପରି ନିଜ ନିଜ *ଗଣରାଜ୍ୟ* ଗୁଡିକୁ ରକ୍ଷାକରିପାରିବ ତାହା ପାଇଁ ସେ ପ୍ରତ୍ୟକ୍ଷ ପଦକ୍ଷେପ ନେଇଥିଲେ ।

ମହାପରିନିବ୍ବାନସୁତ୍ତରୁ ଆମେ ଏହାର ପର୍ଯ୍ୟାପ୍ତ ପ୍ରମାଣ ପାଉଁ । ଆଦିମ ଗଣରାଜ୍ୟଗୁଡିକ ସପକ୍ଷରେ ଠିଆ ନ ହେବା ପାଇଁ ତାଙ୍କୁ ଅନୁରୋଧ କରିବାକୁ ସମ୍ରାଟ ଅଜାତଶତ୍ରୁଙ୍କ **ବ୍ରାହ୍ମଣ** ମନ୍ତ୍ରୀ ବସ୍‌ସକର ସମ୍ରାଟଙ୍କ ପକ୍ଷରୁ ବୁଦ୍ଧଙ୍କ ପାଖକୁ ଆସିଥିଲେ । ଗଙ୍ଗା ଅବବାହିକା ଏବଂ ହିମାଳୟ ପାଦଦେଶବର୍ତ୍ତୀ ଜନଜାତି ସମୂହ ଐକ୍ୟବଦ୍ଧହୋଇ ଏକ ସାମୂହ୍ୟ ଗଢ଼ିଥିଲେ ଯାହା ବାଜ୍ଜିୟ ଗଣସମୁଦାୟ ରୂପେ ବିଦିତ ଥିଲା । ଆକ୍ରମଣ କରି ତାହାକୁ ନିଜ ଅକ୍ତିଆରକୁ ଆଣିବା ଥିଲା ସମ୍ରାଟଙ୍କ ଲକ୍ଷ ।

ଅଜାତଶତ୍ରୁ କ୍ଷମତା ପାଇଁ ନିଜ ପିତା ବିମ୍ବିସାରଙ୍କୁ ବନ୍ଦୀକରି ଅନାହାରରେ ରଖି ହତ୍ୟା କରିଥିଲେ । ବୁଦ୍ଧଙ୍କ ସହ ବିମ୍ବିସାର ସୌଖ୍ୟ ସ୍ଥାପନ କରିଥିଲେ ଏବଂ ବୁଦ୍ଧଙ୍କ ସଂସର୍ଗରେ ଆସି ସାମ୍ରାଜ୍ୟ ବିସ୍ତାରର ଲିପ୍ସା ସଂକୁଚିତ କରିଥିଲେ । ଏବଂ ବୁଦ୍ଧଙ୍କୁ ତଥା ତାଙ୍କ ଅନୁଗାମୀମାନଙ୍କୁ ତାଙ୍କ ରାଜ୍ୟରେ ଯଥୋଚିତ ସମ୍ମାନ ଦେଇ ବାଜ୍ଜିୟଗଣ ସହ ସନ୍ଧି ସ୍ଥାପନ କରିଥିଲେ ।

କ୍ଷମତାଲିପ୍ସୁ ଅଜାତଶତ୍ରୁ ଏଥିରେ ପ୍ରବଳ ଅସନ୍ତୁଷ୍ଟ ହୋଇ ବିମ୍ବିସାରଙ୍କୁ ବନ୍ଦୀ ବନାଇଥିଲେ ଏବଂ ଅନାହାରରେ ମରିବାକୁ ବାଧ୍ୟ କରିଥିଲେ । ଏପରି ହୀନ ଚରିତ୍ରସଂପନ୍ନ ଉଚ୍ଚାକାଙ୍‌କ୍ଷୀ ବ୍ୟକ୍ତିଙ୍କ ପକ୍ଷେ ବାଜ୍ଜିୟ ପରି ଗଣରାଜ୍ୟଗୁଡିକୁ ସହ୍ୟ କରିବା ଅସମ୍ଭବ ଥିଲା । କିନ୍ତୁ ସେମାନେ ବୁଦ୍ଧଙ୍କ ଆଶ୍ରୟରେ ଥିବା ହେତୁ ଏବଂ ବୁଦ୍ଧ ଜନସାଧାରଣଙ୍କ ହୃଦୟର ଅଧୀଶ୍ୱର ହୋଇସାରିଥିବା ହେତୁ ସେମାନଙ୍କୁ ନିଜ ଅଧୀନକୁ ଆଣିବାକୁଯାଇ ବୁଦ୍ଧଙ୍କୁ କ୍ଷୁବ୍ଧ କରାଇବା ଅଜାତଶତ୍ରୁଙ୍କ ପକ୍ଷେ ସହଜ ନ ଥିଲା । ତେଣୁ ବ୍ରହ୍ମଣ୍ୟବାଦୀ ମନ୍ତ୍ରୀ ବସ୍‌ସାକରଙ୍କୁ ପଠାଇ ବାଜ୍ଜୀୟଗଣ ସମୁଦାୟଙ୍କୁ ସାହାଯ୍ୟ ନ କରିବାପାଇଁ ସେ ବୁଦ୍ଧଙ୍କୁ ପ୍ରବର୍ତ୍ତାଇଥିଲେ । ବୁଦ୍ଧ ତହିଁପ୍ରତି ଭୃକ୍ଷେପ ନ କରି କିପରି ସେହି ଗଣ ସମୁଦାୟ ପ୍ରତି ନିଜର ସମର୍ଥନ ଅତୁଟ ରଖିଥିଲେ ତହିଁର ଏକ ପ୍ରାମାଣିକ ତଥ୍ୟ ମହା ପରିନିବ୍ବାନ ସୁତ୍ତରୁ ଆମକୁ ପ୍ରଦାନ କରିଛନ୍ତି T.W.R. Rhys Davids ଯହିଁର ପୂର୍ଣ ଆକଳନ ପାଇଁ ତାଙ୍କ Dialogues of the Buddha-London(1910)Vol-ii(78-80) ରୁ ନିମ୍ନୋଦ୍ଧୃତି ସହାୟକ ହେବ । ଏହା ଏହିପରି :

The Exalted One was once dwelling in Rajagaha, on the hill called the Vulture's Peak. Now at that time Ajatasattu, the son of the queen-concort of the Videha clan, the king of Magadha,

orissamatters.com

had made up his mind to attack the Vajjians; and he said to himself 'I will strike at these Vajjians, mighty and powerful though they be, I will root out these Vajjians, I will destroy these Vajjians, I will bring these Vajjians to utter ruin.' So he spoke to the Brahmana Vassakara, Prime Minister of Magadha, and said: 'Come now Brahmana, do you go to the Exalted One and bow down in adoration at his feet on my behalf, and enquire in my name whether he is free from illness and suffering, and in the enjoyment of ease and comfort and vigorous health. Then tell him that Ajatasattu, son of the Videhi, the king of Magadha, in his eagerness to attack the Vijjians, has resolved,"I will strike at these Vijjians, mighty and powerful though they be, I will root out these Vajjians, I will destroy these Vajjians, I will bring these Vajjians to utter ruin"; and bear carefully in mind whatever the Exalted One may predict and repeat it to me. For the Buddha speaks nothing untrue.' Then the Brahmana Bassakara, the rain-maker, harkened to the words of the king, saying, 'Be it as you say.' And, ordering a number of state carriages to be made ready, he mounted one of them, left Rajagaha with his train, and went to the Vulture's Pick, riding as far as the ground was passable for carriages and then alighting and proceeding on foot to the place where the Exalted one was. On arriving there he exchanged with the Exalted One the greetings and compliments of politeness and courtesy, sat down respectfully by his side (and then delivered to him the message even as the king had commanded).

Now at that time the venerable Ananda was standing behind the Exalted One, and fanning him. And the Blessed One said to him: 'Have you heard, Ananda, that the Vajjians foregather often and frequent the public meetings of their clan?'

orissamatters.com

'Lord, so I have heard', replied he.

'So long Ananda', rejoined the Blessed One, 'as the Vajjians foregather thus often, and frequent the public meetings of their clan; so long may they be expected not to decline, but to prosper.'

(And in like manner questioning Ananda, and receiving a similar reply, the Exalted One declared as follows the other conditions which would ensure the welfare of the Vajjian confederacy.)

'So long, Ananda, as the Vajjians meet together in concord and rise in concord, and carry out their undertakings in concord,- so long as they enact nothing not already established, abrogate nothing that has already been enacted and act in accordance with the ancient institution of the Vajjians, as established in the former days - so long as they honour and esteem and revere and support the Vajjian elders, and hold it to a point of duty to hearken to their words,- so long as no women or girls belonging to their clans are detained among them by force or abduction - so long as they honour and esteem and revere and support the Vajjian shrines (cetiyani) in town or country, and allow not the proper offerings and rites, as formormly given and performed, to fall into desuetude - so long as the rightful protection, defence, and support shall be fully provided for the Arahants among them, so that Arahants from a distance may enter the realm, and the Arahants therein may live at ease - so long may the Vajjians be expected not to decline, but to prosper.'

ବୁଦ୍ଧଙ୍କ ଠାରୁ ଏପରି ଉତ୍ତର ପାଇ ଅଜାତଶତ୍ରୁଙ୍କ ବ୍ରାହ୍ମଣ ମନ୍ତ୍ରୀ ବସ୍ସାକର ଜାଣିଗଲେ ଯେ, ମାତୃରାଧିକାରଭିତ୍ତିକ ସେହି ଗଣସମୁଦାୟପାଖରୁ ବୁଦ୍ଧଙ୍କ ପ୍ରତ୍ୟକ୍ଷ ସମର୍ଥନ ଅପସାରିତ ହେବା ଅସମ୍ଭବ । **ବୁଦ୍ଧଙ୍କ ମନ ଜିଣିବାପାଇଁ ଅଜାତଶତ୍ରୁ ନିଜକୁ ମାତୃପ୍ରାଧାନ୍ୟ ମାନୁଥିବା ବ୍ୟକ୍ତିଭାବେ ତାଙ୍କ ପାଖରେ ଉପସ୍ଥାପିତ କରାଇବାକୁ ବସ୍ସାକରଙ୍କୁ କହିଥିଲେ ।**

orissamatters.com

**ସେହି ଉଦ୍ଦେଶ୍ୟରେ ସେ ନିଜ ପରିଚୟ ବିମ୍ବିସାରଙ୍କ ପୁତ୍ର ଭାବେ ନ ରଖି ମାତା ବିଦେହୀଙ୍କ ପୁତ୍ରଭାବେ ରଖାଇଥିଲେ । ମାତ୍ର ବୁଦ୍ଧ ଯେହେତୁ ଏହି ବ୍ରାହ୍ମଣ୍ୟବାଦୀ ଅଭିସନ୍ଧି ବୁଝିପାରିଥିଲେ, ସେହେତୁ ବସ୍‌ସାକରଙ୍କ ପ୍ରତି ଭ୍ରୂକ୍ଷେପ ନ କରି ପୂଜ୍ୟ ଆନନ୍ଦଙ୍କ ସହ ଆଳାପ ଆଳରେ ଅଜାତଶତ୍ରୁଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ** । ମହା ପରିନିବ୍ବାନ ସୁତ୍ତରୁ ଆମକୁ ଉପଲବ୍ଧ ହେଉଥିବା ବସ୍‌ସାକରଙ୍କ ପ୍ରତିକ୍ରିୟା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ବୁଦ୍ଧଙ୍କ ପାଖରେ ବିଫଳମନୋରଥ ହୋଇ ଫେରିବାବେଳେ ସେ କହିଥିଲେ, ପ୍ରତ୍ୟକ୍ଷ ଯୁଦ୍ଧରେ ଯଦି ଗଣରାଜ୍ୟଗୁଡିକର ବିଲୋପନ ସମ୍ଭବ ନ ହୁଏ, ତେବେ କୂଟବୁଦ୍ଧି ପ୍ରୟୋଗକରି, ସେମାନଙ୍କ ଏକତା ଧ୍ୱଂସ କରି ମଗଧ ସାମ୍ରାଜ୍ୟ ନିଶ୍ଚୟ ନିଜ ଅଭିଳାଷ ଚରିତାର୍ଥ କରିବ । Rhys Davids ଏହାକୁ ଏହିପରି ଭାବେ ଉପସ୍ଥାପିତ କରିଛନ୍ତି: 'We may expect then', answered the Brahmana, 'the welfare and not the decline of the Vajjians when they are possessed of any one of these conditions of welfare, how much more so when they are possessed of all the seven. So, Gotama,the Vajjians cannot be overcome by the king of Magadha; that is not in battle, without deplomacy or breaking up their alliance. And now, Gotama, we must go; we are busy and have much to do.' (ibid,pp. 80-1)

କିନ୍ତୁ ବୁଦ୍ଧଙ୍କ ଜୀବିତାବସ୍ଥାରେ ଗଣ ସମୁଦାୟ ଉପରେ ବିଜୟଲାଭ କରିବାକୁ ଅଜାତଶତ୍ରୁ ସମର୍ଥ ହୋଇପାରିନଥିବା କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଖ୍ରୀଷ୍ଟପୂର୍ବ ୪୮୩ରେ ବୁଦ୍ଧଙ୍କ ନିର୍ବାଣ ଘଟିଥିଲାବେଳେ ବାଜ୍ଜିୟଗଣ ସମୁଦାୟ ଉପରେ ମଗଧ ସାମ୍ରାଜ୍ୟର ପ୍ରଥମ ଆକ୍ରମଣ ଖ୍ରୀଷ୍ଟପୂର୍ବ ୪୮୫ରେ ଘଟି ଅଜାତଶତ୍ରୁଙ୍କ ୧୦ ଜଣ ଭ୍ରାତା ମୃତ୍ୟୁମୁଖରେ ପଡିଥିଲେ; ଖ୍ରୀ.ପୂ. ୪୮୧-୪୮୦ରେ ଦ୍ୱିତୀୟ ଓ ଶେଷ ଯୁଦ୍ଧ ସଂଘଟିତ ହୋଇଥିଲା । କିନ୍ତୁ ଏହି ସମରରେ ବାଜ୍ଜିୟଗଣ ଅନ୍ତର୍ଗତ ଆଦିମ ଅଦିବାସୀମାନଙ୍କ ଗଣସଂଘଗୁଡିକୁ ସଂପୂର୍ଣ ପରାଭୂତ କରିବା ଅଜାତଶତ୍ରୁଙ୍କ ପକ୍ଷେ ସମ୍ଭବ ହୋଇନଥିଲା । ମଗଧ ସୀମା ପାର୍ଶ୍ୱରେ, ନେପାଳରେ, ଏହି ସଂଘ ଅନ୍ତର୍ଗତ ଲିଚ୍ଛବି ଜନଜାତିର କର୍ତ୍ତୃତ୍ୱ ପ୍ରତିଷ୍ଠା ଓ ଏହି ଜନଜାତିର ଆଧିପତ୍ୟସଂପନ୍ନା କୁମାର ଦେବୀଙ୍କ ସହ ଚନ୍ଦ୍ରଗୁପ୍ତ-୧ଙ୍କ ବିବାହ ସଂପନ୍ନ ହୋଇଥିବା ଏହାର ଉତ୍କୃଷ୍ଟ ପ୍ରମାଣ (A.L.Basham: History and Doctrines of Ajivikas, London,1951, 74-75) । ଅପରପକ୍ଷେ ଇତିହାସ ଏହାର ସାକ୍ଷୀ ଯେ, ପ୍ରତ୍ୟକ୍ଷ ସମରରେ ଜନଜାତିଗୁଡିକୁ ସଂହାର କରିବାକୁ ଅଜାତଶତ୍ରୁ ଭରସିପାରିନଥିଲେ । ଆବଶ୍ୟକ ଚୂର୍ଣୀର ବର୍ଣନା ଅନୁଯାୟୀ, ବୁଦ୍ଧଙ୍କ ଅନୁଗାମୀମାନଙ୍କ ମଧ୍ୟରୁ କୁଳବାଳୟ ନାମକ ଜଣେ ଶ୍ରମଣଙ୍କୁ ଜଣେ ସୁନ୍ଦରୀ ବେଶ୍ୟା ଦ୍ୱାରା ବଶୀଭୂତ କରାଇ ତାଙ୍କ ମାଧ୍ୟମରେ ଅଜାତଶତ୍ରୁ ବାଜ୍ଜିୟଗଣମାନଙ୍କ ମଧ୍ୟରେ

orissamatters.com

ଆଦର୍ଶ ପ୍ରତି ପ୍ରତିବଦ୍ଧତାର ଅବକ୍ଷୟ ଘଟାଇଥିଲେ, ଯଦ୍ଦ୍ୱାରା କି ପରବର୍ତ୍ତୀ କାଳରେ ସେମାନେ ତାଙ୍କ ଆକ୍ରମଣର ପ୍ରତିରୋଧ କରିପାରିନଥିଲେ । ବୁଦ୍ଧଘୋଷଙ୍କ ସୁମଙ୍ଗଳ ବିଳାସିନୀ ମଧ୍ୟ ବାଜ୍ଜିୟଗଣ ପତନର ଏହିପରି ଏକ କାରଣ ଦର୍ଶାଇଛି । ଏତଦନୁଯାୟୀ, ଧୂର୍ତ୍ତ ବ୍ରାହ୍ମଣ ବସ୍ସାକରଙ୍କୁ ଅଜାତଶତ୍ରୁ ବାଜ୍ଜିୟ ଗଣରାଜ୍ୟର ରାଜଧାନୀ ବେଶାଳୀ ନଗରୀରେ ଜଣେ ଶରଣାର୍ଥୀର ଛଦ୍ମବେଶରେ ଅବସ୍ଥାପିତ କରାଇଥିଲେ । ସେଠାରେ ଦୀର୍ଘ ତିନି ବର୍ଷକାଳ ରହି ନାନା ଅପକୌଶଳ ପ୍ରୟୋଗକରି ସେ ଗଣରାଜ୍ୟର ନେତୃତ୍ୱପ୍ରତି ଲୋକମାନଙ୍କ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରାଇଲା ଏବଂ ଧୀରେ ଧୀରେ ଅଜାତଶତ୍ରୁଙ୍କ ପାଇଁ ଏକ ଅନୁକୂଳ ବାତାବରଣ ତିଆରି କଲା । ଫଳରେ ତିନିବର୍ଷ ପରେ ବେଶାଳୀ ଦଖଲ କରିବାକୁ ଅଜାତଶତ୍ରୁଙ୍କୁ କଷ୍ଟ ହେଲା ନାହିଁ ।(ଏୟ୍ନ, ପୃଷ୍ଠା-୭୨) ।

ଏହି ବିବରଣୀରୁ ଏହାହିଁ ସ୍ପଷ୍ଟ ଯେ ବୁଦ୍ଧଙ୍କ ସହାୟତାରେ ଉତ୍ତରଭାରତରେ ସୁଦୃଢ ହୋଇଥିବା ଆଦିମ ଗଣରାଜ୍ୟଗୁଡିକୁ ଦଖଲ କରିବାପାଇଁ ସେ ବଞ୍ଚିଥିବା ପର୍ଯ୍ୟନ୍ତ ବୈଦିକ ସାମ୍ରାଜ୍ୟବାଦ ସକ୍ଷମ ହୋଇନଥିଲା । **ଉତ୍ତରଭାରତରେ ଏହି ସାମ୍ରାଜ୍ୟ ବିସ୍ତାରକୁ ପ୍ରତ୍ୟକ୍ଷଭାବେ ପ୍ରତିହତ କରି ବୁଦ୍ଧ ତାଙ୍କ ଜନ୍ମଭୂମି ଓଡିଶାର ମାତୃପ୍ରଧାନ ଗଣରାଜ୍ୟ ବ୍ୟବସ୍ଥାକୁ ନିରାପଦ ରଖିଥିଲେ । ଏବଂ ଏଥିପାଇଁ ଆଦିମ ଓଡିଆ ଜାତି ତାଙ୍କୁ ନିଜର ରକ୍ଷାକର୍ତ୍ତା ବୋଲି ଗ୍ରହଣ କରି ତାଙ୍କୁ ସର୍ବୋଚ୍ଚ ପୂଜ୍ୟ ଆସନ ଦେଇଥିଲା ।** ଏବଂ ତାଙ୍କ ତିରୋଧାନ ପରେ ତାଙ୍କ ଦେହାବଶେଷକୁ ସାଇତି ରଖି ତାଙ୍କରି ନୀତି ଓ ଆଦର୍ଶ ଅନୁସରଣ କରି ନିଜ ଗଣରାଜ୍ୟଗଡ଼ିକୁ ଦୃଢ଼ ରଖିଥିଲା ଏବଂ ଭାରତର ଅନ୍ୟାନ୍ୟ ଗଣରାଜ୍ୟଗଡ଼ିକୁ ଦିଗ୍‌ଦର୍ଶନ ଦେଇ ଚାଲିଥିଲା ।

ବୁଦ୍ଧଙ୍କ ମୃତ୍ୟୁପରେ ଅଜାତଶତ୍ରୁ ବାଜ୍ଜୀୟ ଗଣ ସମୁଦାୟ ଉପରେ ଆକ୍ରମଣ କରି ସେମାନଙ୍କୁ ପରାଭୂତ କରିଥିଲେ ବି ଖ୍ରୀଷ୍ଟପୂର୍ବ ୨୬୧ରେ ଅଶୋକଙ୍କ କଳିଙ୍ଗ ଯୁଦ୍ଧ ପର୍ଯ୍ୟନ୍ତ ବୈଦିକ ସାମ୍ରାଜ୍ୟବାଦ ଓଡିଶାକୁ ସ୍ପର୍ଶ କରିପାରି ନ ଥିଲା । **ବସ୍ତୁତଃ କଳିଙ୍ଗ ଗଣରାଜ୍ୟର ଉପସ୍ଥିତି ବ୍ରାହ୍ମଣ୍ୟବାଦୀ ସାମ୍ରାଜ୍ୟର ସଂପ୍ରସାରଣପାଇଁ ମୁଖ୍ୟ ଅନ୍ତରାୟ ଭାବେ ବିବେଚିତ ହୋଇଚାଲିଥିଲା ଏବଂ ସେହେତୁ ତାହାକୁ ଲୋପ କରିବା ବ୍ରାହ୍ମଣ୍ୟବାଦୀ ମଗଧର ପ୍ରଧାନ କାର୍ଯ୍ୟକ୍ରମ ହୋଇ ରହିଥିଲା । ଏହି କାର୍ଯ୍ୟକ୍ରମ ଅନୁସାରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ ଏବଂ ଆଧୁନିକ କାଳରେ ମିଖାଇଲ୍ ଗୋର୍ବାଚ୍ୟୋଭ୍ ନିଜକୁ କମ୍ୟୁନିଷ୍ଟ ମତବାଦର ଉତ୍ସର୍ଗୀକୃତ ଅନୁଗତ ଭାବେ ଜନଚକ୍ଷୁରେ ଉପସ୍ଥାପିତ କରାଇ ଯେପରି ମାର୍କ୍ସବାଦର ମୂଳ ଆଦର୍ଶର ପ୍ରତିକୂଳରେ ଯାଇ ସୋଭିଏତ ୟୁନିୟନକୁ ଭାଙ୍ଗି ଚୁର୍ ମାର୍ କରିଦେଲେ, ଠିକ୍ ସେମିତି ନିଜକୁ ବୌଦ୍ଧଧର୍ମାବଲମ୍ବୀ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟିକରି ସେ ଅତି ଧୂର୍ତ୍ତତାରସହ ବୁଦ୍ଧଙ୍କ ମୂଳ ଆଦର୍ଶର ମୂଳୋତ୍ପାଟନ ଘଟାଇଲେ ଏବଂ ବୌଦ୍ଧମଣ୍ଡଳରେ ଏପରି ବିଭ୍ରାନ୍ତି ଭରିଦେଲେ ଯେ, ଅଚିରେ ଏହି ଧର୍ମ ସମଗ୍ର ଭାରତ ଭୂଇଁରେ ଦୁର୍ବଳ ହୋଇ ବ୍ରାହ୍ମଣ୍ୟବାଦୀ ଢାଞ୍ଚାର ସଂକ୍ରମଣ ପଥ ପରିଷ୍କାର ହୋଇଗଲା ।**

orissamatters.com

ସେ କଥା କାଳାନ୍ତରେ । ଏବେ ଏହାହିଁ ପ୍ରଣିଧେୟ ଯେ **ଗୁରୁଦେବ ବୁଦ୍ଧ ନିଜ ଜନ୍ମଭୂମି ତୋଷଳ (ଆଧୁନିକ ଉପକୂଳ ଓଡିଶା)ର ଆଦିମ ଗଣତାନ୍ତ୍ରିକ ଗଣରାଜ୍ୟଗଡ଼ିକୁ ସଂପ୍ରସାରଣଶୀଳ ବୈଦିକ ସାମ୍ରାଜ୍ୟବାଦ କବଳରୁ ରକ୍ଷା କରିବା ପାଇଁ ସାମ୍ରାଜ୍ୟବାଦର ମୁଖ୍ୟସ୍ଥଳ ମଗଧ ପର୍ଯ୍ୟନ୍ତ ଯାଇ ସେଠାରେ ସେହି ଭୂମିର ଆଦିମ ଅଧିବାସୀମାନଙ୍କୁ ସାମ୍ରାଜ୍ୟବାଦ ବିରୁଦ୍ଧରେ ସଙ୍ଘବଦ୍ଧ କରିଥିଲେ ଓ ତଦ୍ୱାରା ମଗଧ ସାମ୍ରାଜ୍ୟ ନିଜ ସୀମାରେ ବିରୋଧର ସମ୍ମୁଖୀନ ହୋଇ ସେହିଠାରେ ଛନ୍ଦି ହୋଇ ରହିଥିଲା ।** ଆଦିବାସୀ ସଙ୍ଘଗୁଡିକୁ ବୁଦ୍ଧ ତୋଷଳର **ଚଉ** ପରଂପରା ଦ୍ୱାରା ଏତେ ସାନ୍ଦ୍ର ଓ ଶକ୍ତିଶାଳୀ କରିଥିଲେ ଯେ, ସେଗୁଡ଼ିକୁ ସମ୍ମୁଖ ସମରରେ ପରାଭୂତ କରିବା ମଗଧ ପକ୍ଷେ ସମ୍ଭବ ନଥିଲା । ବୁଦ୍ଧଙ୍କ ତିରୋଧାନ ପରେ ଭେଦିଆମାନଙ୍କ ସହାୟତାରେ ସେମାନଙ୍କ ଭିତରେ ବିଭ୍ରାନ୍ତି ଖେଳାଇ, ଭେଦ ସୃଷ୍ଟି କରି ଅଜାତଶତ୍ରୁ କେତେକାଂଶରେ ନିଜ ସାମ୍ରାଜ୍ୟ ବଢାଇବାକୁ ସମର୍ଥ ହୋଇଥିଲେ ମଧ୍ୟ ମଗଧ ନିଶ୍ଚିନ୍ତ ରହିପାରୁନଥିଲା । ତେଣୁ କୌଟିଲ୍ୟ ଗଣରାଜ୍ୟଗୁଡିକର ସଂପୂର୍ଣ୍ଣ ବିଲୋପିକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ ଏବଂ ଯେଉଁ ପର୍ଯ୍ୟନ୍ତ ଗଣରାଜ୍ୟ ବ୍ୟବସ୍ଥା ରହିଛି ସେପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର ସମ୍ଭବ ନୁହେଁ ବୋଲି କହି ସେଗୁଡିକୁ କିପରି ଧ୍ୱଂସ କରାଯାଇପରିବ ତାର ଉପାୟ ବତାଇଥିଲେ । ଏହି ଉଦ୍ଦେଶ୍ୟରେ ହିଁ ତାଙ୍କ ଅର୍ଥଶାସ୍ତ୍ର ରଚିତ ହୋଇଥିଲା । ଅଶୋକ କଳିଙ୍ଗ ଗଣରାଜ୍ୟଗୁଡିକ ଉପରେ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିବାର ପ୍ରରୋଚନା ପାଇଥିଲେ ଏହି ଅର୍ଥଶାସ୍ତ୍ରରୁ ।

ପରେ ସେଠିକି ଆସିବା । ଏବେ ଫେରିଯିବା ବୁଦ୍ଧଙ୍କ ପାଖକୁ ।

ପୂର୍ବରୁ ଆମେ ଦେଖିଛେଁ, ଓଡିଶାର ଆଦିମ ଅଧିବାସୀ କିପରି କୃଷିକୁହୁକ ପ୍ରଭାବରେ ନିଜ ମାଆ ସଙ୍ଗେ ପୃଥିବୀ ଓ ପ୍ରକୃତିକୁ ସମାନ କରି ମାଆ ପରି ପ୍ରକୃତି ମଧ୍ୟ ତାର ରକ୍ଷାକର୍ତ୍ତ୍ରୀ ବୋଲି ଭାବୁଥିଲା ଏବଂ ଗଛର ଗଣ୍ଡିରେ ମାଆର ଥନ ଆଙ୍କି ତହିଁ ଭିତରେ ଜଗତଯାକର ମାଆ ଆବିର୍ଭୁତ ହୋଇଥିବା ଅନୁଭବ କରୁଥିଲା । **ମାଆର ଥନ ଅଙ୍କିତ ଏହି ଗଛଗଣ୍ଡି ତା ପାଇଁ ହୋଇଯାଇଥିଲା ଜଗନ୍ତା-ଥ, ଜଗନ୍ନାଥ । ତାର ସୁରକ୍ଷାର ପ୍ରମୂର୍ତ୍ତ ପ୍ରତିଶ୍ରୁତି ଥିଲା ଏହି ଜଗନ୍ତା-ଥ ବା ଜଗନ୍ନାଥ । ସମତାଳରେ ତାର ସ୍ୱାର୍ଥରକ୍ଷାପାଇଁ ସର୍ବସ୍ୱ ତ୍ୟାଗ କରିଥିବା ଏବଂ ବାସ୍ତବ କ୍ଷେତ୍ରରେ ସାମ୍ରାଜ୍ୟବାଦୀ ଆର୍ଯ୍ୟମାନଙ୍କୁ ସାମ୍ନା କରି ତାର ସଂସ୍କୃତି ଓ ଗଣରାଜ୍ୟଗୁଡିକର ରକ୍ଷା କରିଥିବା ଏବଂ ଐକ୍ୟବଦ୍ଧହୋଇ ଏହି ଗଣରାଜ୍ୟଗୁଡିକ କିପରି ନିଜ ସଂସ୍କୃତି ଓ ସ୍ଥିତିକୁ ରକ୍ଷାକରିପାରିବେ ତାହା ସେମାନଙ୍କୁ ଶିକ୍ଷା ଦେଇଥିବା ଗୁରୁଶ୍ରେଷ୍ଠ ବୁଦ୍ଧଙ୍କୁ ମଧ୍ୟ ସେ ତାର ସର୍ବଶ୍ରେଷ୍ଠ ରକ୍ଷାକର୍ତ୍ତା ବୋଲି ଗ୍ରହଣ କରିନେଲା । ତେଣୁ ତାର ମାନସପଟଳରେ ତାର ସର୍ବଶ୍ରେଷ୍ଠ ରକ୍ଷାକର୍ତ୍ତା ଗୁରୁଦେବ ବୁଦ୍ଧ ତାର ମାଆ ପୃଥ୍ୱୀ ଓ ପ୍ରକୃତିର ପ୍ରତୀକ ଜଗନ୍ତା-ଥ ବା ଜଗନ୍ନାଥ ସହ ସମାର୍ଥବାଚକ ହୋଇଯାଇଥିଲେ । ଏବଂ ବୁଦ୍ଧ ଓ ଜଗନ୍ନାଥ ହୋଇଯାଇଥିଲେ ଏକ ଓ ଅଭିନ୍ନ । ବୁଦ୍ଧ ଶ୍ରୀ ଜଗନ୍ନାଥ ଭାବେ ବା ଶ୍ରୀ ଜଗନ୍ନାଥ**

orissamatters.com

**ବୁଦ୍ଧ ଭାବେ ଗୃହୀତ ହେବାର ଅସଲ ରହସ୍ୟ ଏହାହିଁ ।**

ବୁଦ୍ଧଙ୍କ ତିରୋଧାନ ପରେ ତାଙ୍କୁ ଶୂନ୍ୟରୂପ ବୋଲି ଦର୍ଶାଇ ସେ ସର୍ବଦା ସର୍ବତ୍ର ବିଦ୍ୟମାନ ବୋଲି ସାବ୍ୟସ୍ତ କରିବାକୁ ବୌଦ୍ଧ ଶୂନ୍ୟବାଦ ଯେଉଁ ଉଦ୍ୟମ କରିଥିଲା ତାହା ବେଦବାଦୀମାନଙ୍କ ଦୈବ ପୂଜା ଫଳରେ ପାଂଶୁଳ ହୋଇପଡୁଥିବା ଅନୁଭବ କରି ଓଡିଶା (ତଦାନୀନ୍ତନ ଉଡ୍ଡୀୟାନ)ର ରାଜା ଇନ୍ଦ୍ରଭୁତି ସେହି ଶୂନ୍ୟତାର ପ୍ରତୀକାତ୍ମକ ଏକ ସ୍ଥୁଳରୂପ ଉପସ୍ଥାପିତ କରି ତହିଁର ପୂଜା ଦ୍ୱାରା ବୁଦ୍ଧସତ୍ତା ଅକ୍ଷୁଣ୍ଣ ରଖିବାକୁ ଯେତେବେଳେ ମନସ୍ଥ କଲେ, ତାଙ୍କର ମନେ ହେଲା, ଏହି ଜଗନ୍ନାଥହିଁ ସେହି ଭୂମିକା ପାଇଁ ସର୍ବୋତ୍ତମ ।

## ଜଗନ୍ନାଥ ମୂର୍ତ୍ତି ରହସ୍ୟ

ସରଳ ଆଦିମ ଆଧିବାସୀ କୃଷିକୁହୁକ ପ୍ରଭାବରେ ପୃଥିବୀ ଓ ମାନବୀ ଉଭୟହିଁ ସୃଷ୍ଟିଶକ୍ତିର ଆଧାର ଓ ସୃଷ୍ଟି ରହସ୍ୟର ଗନ୍ତାଘର ବୋଲି ମାନିନେଇ ବିଶ୍ୱ ପ୍ରକୃତିର ସଂକ୍ଷିପ୍ତ ରୂପ ଭାବେ ନାରୀ ତନୁକୁ ଗ୍ରହଣ କରି ମାତୃଶକ୍ତିର ଯେଉଁ ମୌଳିକ ପରିକଳ୍ପନା କରିଥିଲା ତହିଁର ଅବବୋଧପାଇଁ ମାନବୀ ତନୁର ସେହି ଅଂଶକୁ ସେ ଗୁରୁତ୍ୱ ଦେଇଥିଲା ଯାହା ପ୍ରଜନନ ଓ ପରିପାଳନ ସହ ସଂପୃକ୍ତ । **ପ୍ରଜନନ ପାଇଁ ଯୋନି ଓ ପରିପାଳନ ପାଇଁ ସ୍ତନ । ତେଣୁ ଜଙ୍ଘମୂଳରୁ କାନ୍ଧ ପର୍ଯ୍ୟନ୍ତ ଏକ ନାରୀ ଅବୟବ ତାକୁ ନିଖିଳ ପ୍ରକୃତିର ସୃଜନକାରୀ ଓ ପାଳନକାରୀ ପ୍ରକ୍ରିୟାର ସ୍ଥୁଳରୂପ ପରି ବୋଧ ହେଲା ।** ବଂଶ ବୃଦ୍ଧି ଓ ବିଭବ ବୃଦ୍ଧିପାଇଁ, ଜନ୍ମ ଏବଂ ଜୀବନଯାତ୍ରାପାଇଁ ତାହାକୁହିଁ ସେ ଆଶ୍ରା କରିବ, ତାହାରି ଶରଣରେ ରହିବ । କିପରି କରିବ? ନାରୀ ତନୁକୁ ତ କାନ୍ଧଠାରୁ ଜଙ୍ଘ ପର୍ଯ୍ୟନ୍ତ କାଟିକରି ରଖି ହେବ ନାହିଁ । କ'ଣ ତେବେ ସେ କରିବ? ଏହି ସମସ୍ୟାର ସମାଧାନ ତାକୁ ମିଳିଥିଲା ଗଛର ଗଣ୍ଡିରୁ ।ବକ୍ଷ ଭାଗ ଅଧିକ ଓସାର, ଅଣ୍ଟା ଅଂଶ ସରୁ, ବସ୍ତିଭାଗ ସମାନୁପାତିକ ଭାବେ ପ୍ରଶସ୍ତତର । ଏହିପରି ଭାବେ ତିଆରି ହୋଇଗଲା ନାରୀତନୁର ସେହି ଆବଶ୍ୟକୀୟ ଅଂଶ ଯାହାକୁ ସେ ଚାହୁଁଥିଲା ଏବଂ ଯାହା ଶଢି ନଯାଇ ଦୀର୍ଘଦିନ ରହିପାରେ । ଗଛର ଗଣ୍ଡି ଭିନ୍ନ ଅନ୍ୟ କେଉଁଥିରେ, ପଥର ବା କୌଣସି ଧାତୁରେ, ଏହି ଦୀର୍ଘସ୍ଥାୟୀ ମାଦଳା ସେ ନିର୍ମାଣ କରିପାରିନଥାନ୍ତା; କାରଣ ସେପରି ଦକ୍ଷତା ସେପର୍ଯ୍ୟନ୍ତ ସେ ଅର୍ଜନ କରି ନ ଥିଲା । **କାଠ ନିର୍ମିତ ସେହି ମାଦଳାର ବକ୍ଷଭାଗରେ ଆଙ୍କି ଦେଇଥିଲା ଦୁଇଟି ସ୍ତନର ଚିହ୍ନ ଯାହା ମାଆର ପରିପାଳନକାରୀ ଶକ୍ତିର ଭଣ୍ଡାର । ସେହି ମାଦଳା ଜଗନ୍ନାଥ ହୋଇଗଲେ । ମାଦଳାର ସେହି ସ୍ତନ କାଳକ୍ରମେ ଜଗନ୍ନାଥଙ୍କ ଚକାଆଖି ହୋଇଗଲା ।** ସମୟ ପ୍ରଭାବରେ ଜଗନ୍ନାଥଙ୍କର ଏହି ବିକାଶ ଘଟିବା ପୂର୍ବରୁ ଓଡ଼ିଶାର ଆଦିମ ଅଧିବାସୀମାନେ ସେହି ମାଦଳାରେ ଜନ୍ମଦାତ୍ରୀ ଜନନୀର ଏବଂ ବିଶ୍ୱ ପ୍ରକୃତିର କରୁଣାମୟୀ ଓ ଶରଣଦାତ୍ରୀ ସତ୍ତା ଅନୁଭବ କରୁଥିଲେ ଓ ନିଜର ସୁଖ ଦୁଃଖ, ଅଳି ଅର୍ଦ୍ଦଳି ସବୁ ତାହାରି ପାଖରେ ଅଜାଡି ଦେଇ ଶାନ୍ତି ଓ ସନ୍ତୋଷ ଅନୁଭବ କରୁଥିଲେ । ତାହାରି ପାଖରେ ବସି ଜୀବନଜିଜ୍ଞାସାର ନାନା ନୂଆ ନୂଆ ଉତ୍ତର ନିଜ ନିଜ ସରଳ ସ୍ୱଭାବ

orissamatters.com

ଓ ସରଳ ବିଶ୍ୱାସ ଅନୁରୂପେ ଆବିଷ୍କାର କରୁଥିଲେ ।

**ଏହି ଆବିଷ୍କାର ଯେହେତୁ ମାତୃତନୁକୁ କେନ୍ଦ୍ରକରି ଘଟୁଥିଲା ସେହେତୁ ଏହି ବାସ୍ତବ ଘଟନା ତନ୍ତ୍ର ନାମରେ ସଂଜ୍ଞିତ ହୋଇଥିଲା । ବିକଶି ଉଠିଥିଲା ଆଦିତନ୍ତ୍ର ।** ମାତୃଶକ୍ତିର କୁହୁକ ସନ୍ଦର୍ଶନ କରି ସେହି ଆଦି ଓଡ଼ିଆ ଚିନ୍ତାନାୟକମାନେ ଅଭିଭୂତ ହୋଇଉଠୁଥିଲେ । ତୁଣ୍ଡବାଇଦ ସହସ୍ର କୋଶ । ଜଙ୍ଗଲେ ଜଙ୍ଗଲେ ଥିବା ଆଦିବାସୀ ପଡ଼ାରେ ପଡ଼ାରେ ଆଦିତନ୍ତ୍ରର ଆବିଷ୍କାର, ତନ୍ତ୍ରର ନିର୍ଣ୍ଣୟ ଓ ଅନୁଭୂତି ଇତ୍ୟାଦି ଯେପରି ଯେପରି ପ୍ରସରି ଯାଉଥିଲା, ବୈଦିକ ସାମ୍ରାଜ୍ୟବାଦର ସଂପ୍ରସାରଣ କବଳରୁ ଆଦିବାସୀମାନଙ୍କୁ ରକ୍ଷା କରିବାପାଇଁ ସେହି ସାମ୍ରାଜ୍ୟବାଦର ହୃଦାଞ୍ଚଳକୁ ଯାଇ ସେମାନଙ୍କ ରକ୍ଷା କରିବାକୁ ବୁଦ୍ଧ ଚଳାଇଥିବା ଉଦ୍ୟମର ବିବରଣୀ ସେପରି ମଧ୍ୟ ସେମାନଙ୍କ ପାଖେ ପହଞ୍ଚୁଥିଲା । ଫଳରେ ବୁଦ୍ଧଙ୍କୁ ନିଜର ରକ୍ଷାକର୍ତ୍ତା ଭାବେ ସେମାନେ ମନେ କରୁଥିଲେ । ସେ ଥିଲେ ସେମାନଙ୍କ ଆଦି ନେତା ଓ ଦିଗ୍‌ଦର୍ଶକ । **ଓଡ଼ିଶାର ଆଦିବାସୀ ତନ୍ତ୍ରର ପ୍ରଥମ ଆବିଷ୍କର୍ତ୍ତା ଭାବେ ଜ୍ଞାନର ନୂତନ ଅନୁଭୂତିରେ ଜୀବନ୍ମୟ ହୋଇଉଠିଥିଲା ବେଳେ ତାର ଆଦି ନେତା, ଦିଗ୍‌ଦର୍ଶକ ଓ ରକ୍ଷାକର୍ତ୍ତା ବୁଦ୍ଧଙ୍କ କରୁଣା ସେମାନଙ୍କ ଅନୁଭୂତ ହେଉଥିଲା ଏବଂ ମାତୃଶକ୍ତି ଓ ବୌଦ୍ଧସତ୍ତା ଏକତ୍ର ଏକାକାର ହୋଇଉଠିଥିଲେ ସେହି ମାଦଳା ଭିତରେ । ତେଣୁ ଅବଲୀଳା କ୍ରମେ ବୁଦ୍ଧ ମଧ୍ୟ ଆଦିତନ୍ତ୍ରର ଅଂଶ ଓ ଆଧାର ହୋଇଗଲେ ଅବିଚ୍ଛେଦ୍ୟ ଭାବେ । କାଳକ୍ରମେ ଶବରିପା ତହିଁରେ ନିହିଲେ ସାଧନେୟ ତତ୍ତ୍ୱ । ଶୂନ୍ୟରୂପରୁ ସ୍ଥୂଳରୂପରେ ବୌଦ୍ଧସତ୍ତାକୁ ଉପସ୍ଥାପିତ କରିବାପାଇଁ ଇନ୍ଦ୍ରଭୁତି ଯେତେବେଳେ ଉଦ୍ୟମ କଲେ ଆଦିତନ୍ତ୍ରର ଏହି ମାଦଳାରୂପକୁ ସେ ଆରାଧ୍ୟ ମର୍ଯ୍ୟାଦା ଦେଲାବେଳେ ଆଦିବାସୀର *ଜଗନ୍ତା-ଥ*ରେ ଫେଣ୍ଟି ହୋଇରହିଥିବା ମାତୃଶକ୍ତି ଓ ବୌଦ୍ଧସତ୍ତାରୁ ଉତ୍ପନ୍ନ ହେଲା ବୌଦ୍ଧତନ୍ତ୍ର । ତେଣୁ ଜଗନ୍ନାଥ ବୌଦ୍ଧତନ୍ତ୍ରର ବିଗ୍ରହ ।** ବେଦ ସହ ତାଙ୍କର କୌଣସି ସଂପର୍କ ନାହିଁ ବା ନଥିଲା ।

ତାଙ୍କର ସବୁ ଚଳଣି ମାଆ ପରି, ପୁଣି ବୁଦ୍ଧପରି । ତାଙ୍କ ଶ୍ରୀମନ୍ଦିର ବୌଦ୍ଧତନ୍ତ୍ରର ଗନ୍ତାଘର । **ମାତୃଶକ୍ତିର ସୃଜନଶୀଳତା ଯେହେତୁ ମୈଥୁନାଶ୍ରୟୀ ସେହେତୁ ବୌଦ୍ଧତନ୍ତ୍ର ବି ହୋଇଗଲା ମୈଥୁନାଶ୍ରୟୀ ।** ମେଘ ସହ ମୈଥୁନ କରି ପୃଥିବୀ ଯେହେତୁ ଫଳବତୀ ହୁଏ, ସେହେତୁ ସେହି ମୈଥୁନର ଜୟଯାତ୍ରା ରୂପେ ପହିଲି ଆଷାଢରେ ଚାଲେ ଜଗନ୍ନାଥଙ୍କ ଯାନଯାତ୍ରା ବା ରଥଯାତ୍ରା । ଉଡ୍ଡୀୟାନ ବା ବୌଦ୍ଧତନ୍ତ୍ରର ବ୍ୟବସ୍ଥାନୁସାରେ ନିର୍ମିତ ଏହି ରଥ, ତଦନୁସାରେ ପରିଚାଳିତ ଏହି ଯାତ୍ରା । **କାମବଜ୍ରଯାନର ସ୍ଫୁର୍ତ୍ତନା ନେଇ ଏହି ଯାନଯାତ୍ରା ଚାଲେ ଜନଗଣଙ୍କ ମେଳରେ । ପଦାରେ ।** ଫଳବତୀ ହେବାକୁ ବ୍ୟଗ୍ର ପୃଥିବୀ ମୈଥୁନପାଇଁ ଆହ୍ୱାନ କରୁଥାଏ ମେଘକୁ ଏବଂ ତାର ପ୍ରତ୍ୟୁତ୍ତରରେ ସତେ ଯେମିତି ଝରିପଡୁଥାଏ ରହି ରହି ସ୍ୱର୍ଣ୍ଣାତୁର ବର୍ଷା । ଭରିଯାଉଥାଏ ମଣିଷର ମନରେ ରୋମାଞ୍ଚ, ତନୁରେ ରୋମାଞ୍ଚ, ଅବଚେତନରେ ରୋମାଞ୍ଚ, ଅନୁଭୂତିରେ ରୋମାଞ୍ଚ । ରୋମାଞ୍ଚର ମହାପ୍ଲାବନରେ ପୂରି ଉଠୁଥାଏ ପୁରୀ । ରଥ

orissamatters.com

ଉପରୁ ଡାକ ଦେଉଥାଏ **ତାହୁକ** - ଘିଞ୍ଚ। ଘିଞ୍ଚ। ଯିଏ ଘିଞ୍ଚି ନେଇ ପାରିବ ସେ ତାର। ସେ ତାର। ତା ଓଠର ପ୍ରତି କଂପନରେ, ତା କଣ୍ଠର ପ୍ରତି ଉଚ୍ଚାରଣରେ, ତା ଚେତନାର ପ୍ରତି ଦ୍ୟୋତନାରେ, ତା ସାମାଜିକ ସତ୍ତାର ପ୍ରତି ବ୍ୟଞ୍ଜନାରେ ପ୍ରସରି ଆସୁଥାଏ ମୈଥୁନର ଉଚ୍ଚାଟ ଆହ୍ୱାନ, ମୈଥୁନର ଉଦ୍‌ଘୋଷଣ। ଜନ ମେଳରେ ଜଗନ୍ନାଥ ! କି ରୋମାଞ୍ଚ ! କି ରୋମାଞ୍ଚ !

**ଜଗନ୍ନାଥଙ୍କୁ ବୁଝିବାକୁ ହେଲେ ଏହି ରୋମାଞ୍ଚକୁ ବୁଝିବାକୁ ହେବ।** ବୁଝିବାକୁ ହେବ ତାଙ୍କ ସହ ମୈଥୁନର ସଂପର୍କକୁ। ବୁଝିବାକୁ ହେବ କାମବଜ୍ରଯାନର ଆବେଦନକୁ। ବୁଝିବାକୁ ହେବ କୃଷିକୁହୁକର ପ୍ରଭାବକୁ। ବୁଝିବାକୁ ହେବ ଓଡ଼ିଆ ଜାତିର ସାମାଜିକ ସତ୍ତାକୁ, ତାର ସାମାଜିକ କ୍ରମବିକାଶର ଧାରାକୁ। ତାର ମାତୃପ୍ରଧାନ ଐତିହ୍ୟକୁ। ବୁଝିବାକୁ ହେବ ଶ୍ରୀକ୍ଷେତ୍ରକୁ, ତାର ତାଦୃଶ ନାମକରଣର କାରଣକୁ।

## କ୍ଷେତ୍ର ପ୍ରାଧାନ୍ୟ

ବିଖ୍ୟାତ ଦର୍ଶନତତ୍ତ୍ୱବେତ୍ତା ଡି.ପି.ଚଟ୍ଟୋପାଧ୍ୟାୟଙ୍କ ସୂତ୍ରରୁ ଆମ ଅବବୋଧକୁ ସହାୟତା ମିଳେ। ସେ ଲେଖିଛନ୍ତି: "The term traditionally used in India to refer to the patriarchal and matriarchal systems are BIJA PRADHANYA and KSHETRA PRADHANYA. The terminologies are evidently derived from the sexual agricultural circle of ideas. PRADHANYA means predominance. But BIJA and KSHETRA have double meanings. Ordinarily these mean the SEED and AGRICULTURAL FIELD and the use of the word BIJA in this sense is traced as far back as the RigVedic times. Similarly KSHETRA also means the FERTILE WOMB of the wife and the legal literatures have often used this word in this sense. From the BIJA PRADHANYA point of view, therefore, the human child is the product primarily of the male semen just as the corn is primarily the result or effect of the seedgrains. This represents the male bias and is naturally associated with the patriarchal system. From the KSHETRA PRADHANYA point of view, however, the human offspring is primarily the product of the female womb just as the corn is born primarily of the agricultural field. It represents a female bias and is naturally associated with the

orissamatters.com

matriarchal system". (D.P.Chattopadhyaya, Lokayata, p.320)

ଏହାର ସାରାଂଶ ହେଲା, ପିତୃପ୍ରଧାନ ଓ ମାତୃପ୍ରଧାନ ସମାଜ ବ୍ୟବସ୍ଥା ଭାରତରେ **ବୀଜପ୍ରାଧାନ୍ୟ** ଓ **ମାତୃପ୍ରାଧାନ୍ୟ** ଦ୍ୱାରା ସ୍ଥିରୀକୃତ ହୋଇଥାଏ । **ପ୍ରାଧାନ୍ୟ** କେବଳ ପ୍ରଧାନତାକୁ ବୁଝାଉଥିବା ବେଳେ ଉଭୟ **ବୀଜ** ଓ **କ୍ଷେତ୍ର** ଦ୍ୱିଅର୍ଥବୋଧକ ।

**ବୀଜ** ଗଛର ମଞ୍ଜି ତଥା ପୁରୁଷର ବୀର୍ଯ୍ୟ ଭାବେ ଋଗ୍‌ବେଦକାଳରୁ ବିବେଚିତ ହେଉଛି । **କ୍ଷେତ୍ର** ଚାଷଜମି ଓ ନାରୀର ଜଠରକୁ ବୁଝାଏ । **ବୀଜପ୍ରାଧାନ୍ୟ** ଦୃଷ୍ଟିକୋଣରୁ, ସେହେତୁ, ମକା ମଞ୍ଜିରୁ ମକା ଫସଲ ସୃଷ୍ଟି ହେଲା ପରି ମଣିଷର ବୀର୍ଯ୍ୟରୁ ମଣିଷ ସନ୍ତାନ ସୃଷ୍ଟି ହୁଏ । ବୀର୍ଯ୍ୟ ଯେହେତୁ ପୁରୁଷଠାରୁ ନିର୍ଗତ ହୁଏ ସେହେତୁ ଏହି ନିର୍ଣ୍ଣୟ ପିତୃପ୍ରଧାନ ସମାଜ ବ୍ୟବସ୍ଥା ସହ ସଂଶ୍ଳିଷ୍ଟ । **କ୍ଷେତ୍ରପ୍ରାଧାନ୍ୟ** ଦୃଷ୍ଟିକୋଣ ଏହାର ବିପରୀତ ଯୁକ୍ତି ବାଢେ । ମକା ମଞ୍ଜି ଥିଲେ ମକା ଗଛ ହେବନି କି ମକା ଫଳିବନି । କୃଷିକ୍ଷେତ୍ର ହିଁ ନିଜ କୁହୁକ ବଳରେ ମକା ମଞ୍ଜିକୁ ଗଛରେ ବଦଳାଇଦିଏ ଓ ମକା ଫଳାଏ । ସେହିପରି ମଣିଷ ସନ୍ତାନ ସୃଷ୍ଟି ହୁଏ ମାତୃ ଜଠରରୁ । ମା ଗର୍ଭ ପୁରୁଷର ବୀର୍ଯ୍ୟକୁ ମଣିଷ ଶିଶୁର ରୂପ ଦିଏ । ଏହି ନିର୍ଣ୍ଣୟ ମାତୃ-ପ୍ରାଧାନ୍ୟର ସ୍ୱୀକୃତି ବା ମାତୃପ୍ରଧାନ ସମାଜର ପରିଚିତି । ଏହାହିଁ କୃଷିକୁହୁକର ପରିଣତି ।

**ଜଗନ୍ନାଥ ଯେ ମାତୃବିଗ୍ରହ ବା ବୌଦ୍ଧ ମାତୁରାଧିକାରର ପ୍ରତୀକ ପ୍ରତିମା ତାର ପ୍ରମାଣ ଏହି ନିର୍ଣ୍ଣୟରେ ନିହିତ ।** ତାଙ୍କ ଆବାସସ୍ଥଳୀର ନାମ **ଶ୍ରୀକ୍ଷେତ୍ର** । ଶ୍ରୀକ୍ଷେତ୍ର ପୁଣି **ପୁର ନୁହେଁ, ପୁରୀ** । ସ୍ନାନଯାତ୍ରା ଏହି ଶ୍ରୀକ୍ଷେତ୍ରରେ ହୁଏ । ରଥଯାତ୍ରା ଏହି ଶ୍ରୀକ୍ଷେତ୍ରରେ ହୁଏ । ଜଗନ୍ନାଥ ଅନୁଗାମୀମାନେ ଏହି ଶ୍ରୀକ୍ଷେତ୍ରକୁ ଆସିଥାନ୍ତି । **ପୁରୀ ଓ ଶ୍ରୀକ୍ଷେତ୍ର ଉଭୟ ଶବ୍ଦ ମାତୃପ୍ରାଧାନ୍ୟର ଦ୍ୟୋତକ ।** ଉଭୟେ କୃଷିକୁହୁକର ଦ୍ୟୋତକ । **କୃଷି କ୍ଷେତ୍ର ମେଘ ସହ ମୈଥୁନ କରି ସେହି ମୈଥୁନଜନିତ କୁହୁକ ବଳରେ ମଞ୍ଜିକୁ ଗଛରେ ରୂପାନ୍ତରିତ କରେ ଓ ଫସଲ ଫଳାଏ । ଏହାରି ସାଙ୍କେତିକତା ବହନ କରି ଜଗନ୍ନାଥଙ୍କ ଶ୍ରୀମନ୍ଦିର ଚାରିପଟେ ରହିଥିବା ପ୍ରାଚୀରର ନାମ ମେଘନାଦ ପ୍ରାଚୀର ।** କୃଷିକୁହୁକର ଏହି ଅନନ୍ୟ ଅନୁଭୂତିକୁ ଦର୍ଶନାୟିତ କରିଥିଲେ ବଜ୍ରଯାନର ପ୍ରତିଷ୍ଠାତା ଇନ୍ଦ୍ରଭୂତି ଏବଂ ସ୍ୱଷ୍ଟତର କରିଥିଲେ କୂର୍ମପାଟକପୁରର ଚୌରାଶି ସିଦ୍ଧ ଓ ସେମାନଙ୍କ ଦାର୍ଶନିକ ଦାୟାଦ ଜୟ ଦେବ । ତେଣୁ ମେଘନାଦ ପ୍ରାଚୀର ପରେ ଶ୍ରୀମନ୍ଦିରର ଭିତର ବେଢ଼ା କୂର୍ମ ବେଢ଼ା । କୂର୍ମପାଟକପୁରର ଚୌରାଶୀ ସିଦ୍ଧ ବଜ୍ରଯାନୀ ସାଧକଙ୍କ ଭିତରେ ଥିଲେ ଶବରୀପାଦ । ଏହି ଶବରୀପାଦ କରୁକୁଲ୍ଲା ସାଧନାର ରଚୟିତା (ଡଃ ଖଗେଶ୍ୱର ମହାପାତ୍ର, ଚର୍ଯ୍ୟା ଗୀତିକା, ପୃ.୭୩) କୁରୁକୁଲ୍ଲା ଦେବୀମୂର୍ତ୍ତି କେବଳ ଓଡ଼ିଶାରୁ ଆବିଷ୍କୃତ ହୋଇଛି ବୋଲି (Buddhism in Orissa, p.153, 164) ଉପରେ ନିର୍ଭର କରି ଡଃ ମହାପାତ୍ର କହିଛନ୍ତି । ଚୌରାଶୀ ଗ୍ରାମରୁ ଅଳ୍ପବାଟ ଦୂରରେ କୁରୁମ ବୌଦ୍ଧପୀଠର ଆବିଷ୍କାର ଫଳରେ ମନେ ହେଉଛି କୁରମସ୍ତୁପ ସହ କୁରୁକୁଲ୍ଲା

orissamatters.com

ସଂପର୍କୀଭୁତ ଓ ଏହା ଶ୍ରୀମନ୍ଦିରର କୂର୍ମବେଢ଼ା ପରିକଳ୍ପନାର ଏକ ପ୍ରଚୋଦକ ତତ୍ତ୍ୱ ।

ଶବରୀପାଦ ଇନ୍ଦ୍ରଭୁତିଙ୍କ ସମସାମୟିକ । ଇନ୍ଦ୍ରଭୁତି ବଜ୍ରଯାନ ସ୍ଥାପନ କରି ବୁଦ୍ଧଙ୍କୁ ଜଗନ୍ନାଥ ରୂପେ ଅର୍ଚ୍ଚନା କଲାବେଳେ ଜଗନ୍ନାଥଙ୍କୁ ପ୍ରଥମେ ନୀଳପର୍ବତରେ ଶବର ପୂଜା କରୁଥିବା କଥା ଓଡିଶାରେ ସୁବିଦିତ । **ସତ ଉପରେ ମିଛ ନଦି ଜଗନ୍ନାଥଙ୍କ ଅସଲ ପରିଚୟକୁ ଲୁଚାଇଦେବାକୁ ଏତେ କିମ୍ବଦନ୍ତୀ ସୃଷ୍ଟିକରା ହୋଇଛି ଯେ, କିପରି ତାଙ୍କର କ୍ରମବିକାଶ ଘଟିଲା ତାହା ଏକ ସ୍ୱତନ୍ତ୍ର ଗବେଷଣାର ଅପେକ୍ଷା ରଖେ । କିନ୍ତୁ ଏବେ ଆମେ ଦେଖୁଁ, ଏହି ଶବରୀପାଦଙ୍କ ବୌଦ୍ଧ ଗୀତିକାଗୁଡିକରେ ଏପରି ବର୍ଣ୍ଣନା ଅଛି ଯାହା ଜଗନ୍ନାଥଙ୍କ ମୂଳ ଅବସ୍ଥା ଉପରେ ଆଲୋକପାତ କରିପାରେ ।** ତାହା ହେଲା ଶବର-ଶବରୀ ପ୍ରେମଚର୍ଯ୍ୟା । ଯଥା-

ଉଁ ଚା ଉଁ ଚା ପାବତ ତହିଁ ବସଇ ସବରୀ ବାଳୀ ।
ମୋରଙ୍ଗୀ ପିଛ ପରହିଣ ସବରୀ ଗିବତ ଗୁଞ୍ଜରୀ ମାଳୀ ।୧ ।
ଉମତ ସବରୋ ପାଗଳ ସବରୋ ମାକର ଗୁଲୀ ଗୁହାଡା ତୋହରି ।
ଣିଅ ଘରଣୀ ନାମେ ସହଜ ସୁନ୍ଦରୀ ।
ନାନା ତରୁବର ମୌଳିଲରେ ଗଅଣତ ଲାଗେଲି ଡାଳୀ
ଏକେଲୀ ସବରୀ ଏ ବଣ ହିଣ୍ଡଇ କର୍ଣ୍ଣକୁଣ୍ଡଳବଜ୍ରଧାରୀ ।୨ ।
ତିଅଧାଉ କାଟ ପାଡିଲା ସବରୋ ମହାସୁହେ ସେକି ଛାଇଲୀ
ସବରୋ ଭୁଜଙ୍ଗ ନଇରାମଣୀ ଦାରୀପେମ୍ହ ରାତି ପୋହାଇଲି ।୩ ।
ହିଅ ତାଁବୋଲା ମହାସୁହେ କାପୁର ଖାଇ
ସନ ନଇରାମଣୀ କଣ୍ଠେ ଲଇଆ ମହାସୁହେ ରାତି ପୋହାଇ ।୪ ।
ଗୁରୁବାକ୍ ପୁଞ୍ଜିଆ ବିନ୍ଧ ନିଅମଣ ବାଣେ
ଏକେ ଶର ସନ୍ଧାନେ ବିନ୍ଧହ ବିନ୍ଧହ ପରମଣିବାଣେ ।୫ ।
ଉମତ ସବରା ଗରୁଆ ରୋଷେ
ଗିରିବର ସିହର ସନ୍ଧି ପଇସନ୍ତେ ସବରୋ ଲୋଡିବ କଇସେ ।୬ ।

ଏ ଗୀତ କ'ଣ ଶବରୀପାଦ ଜଗନ୍ନାଥଙ୍କୁ ଲକ୍ଷ୍ୟ କରି ଲେଖିଥିଲେ? ଗଭୀର ଭାବେ ଚିନ୍ତା କଲେ ଉତ୍ତର ହେବ **ହଁ** । ସବରୀବାଳୀ ଜଗନ୍ନାଥ । ସହଜସୁନ୍ଦରୀ । ସକ୍ରିୟ ନାରୀ ସତ୍ତା । ଅଜ୍ଞ ପୁରୁଷକୁ ଜୀବନ ବିକାଶର ସୂତ୍ର ବତାଇ ସକ୍ରିୟ କରୁଛି । ନିରସ ପାର୍ବତ୍ୟଭୂମିରେ ସଞ୍ଚରି ଯାଉଛି ପ୍ରେମ । ବିକଶି ଉଠୁଛି ସମାଜ ସୃଜନର ପନ୍ଥା । ବାଳୀ ହୋଇଯାଉଛି ଦାରୀ, ଦୁର୍ବାର ମୈଥୁନରତା ନାରୀ । ଏବଂ ଏହି ଦୁର୍ବାର ମୈଥୁନ ସେହି ନିରସ ପାର୍ବତ୍ୟ ଭୂମିର ବୃକ୍ଷଲତାରେ ଭରି ଦେଉଛି ନାନାବିଧ ପୁଷ୍ପର ସମ୍ଭାର, ବିକଶି ଉଠୁଛି ନୂଆ ନୂଆ ଡାଳ, ଉପଡାଳ ବୃକ୍ଷରେ ବୃକ୍ଷରେ । ନିରସ ପର୍ବତ ମୈଥୁନ ରସ ଆସ୍ୱାଦନ କରି ନବ ସବୁଜିମା, ନବ ପଲ୍ଲବ, ନବ ନବ ପୁଷ୍ପବିଥୀରେ ଏପରି ଜୀବନ୍ମୟ ହୋଇଉଠିବା କୃଷିକୁହୁକର କରାମତି

orissamatters.com

ଭାବେ ପରିଗଣ୍ୟ ।

ଶବରୀପାଦ ଏହା ଲେଖି ଏହି ମୈଥୁନର ମଞ୍ଚ ତିନି ରତ୍ନରେ ଗଢା ବୋଲି ଘୋଷଣା କରି ଗୁରୁବାକ୍ୟ ହିଁ ଏହି ଘୋଷଣାର ମୂଳାଧାର ବୋଲି ସୂଚାଇ ଅଛନ୍ତି । ଗୁରୁ ହିଁ ବୁଦ୍ଧ ଦେବ ।

**ଏଥିରୁ ଏହାହିଁ ସ୍ପଷ୍ଟ ହୁଏ ଯେ, କୃଷି କୁହୁକ ସହ ବୌଦ୍ଧ ଦର୍ଶନକୁ ମିଶାଇ ଶବରୀପାଦ ଜଗନ୍ନାଥ ଦର୍ଶନ ଭାବେ ଏକ ନୂତନ ଦର୍ଶନର ଅଙ୍କୁରୋଦ୍ଗମ ଘଟାଇଥିଲେ, ଯାହାକୁ ଇନ୍ଦ୍ରଭୂତି ଦେଇଥିଲେ ଏକ ସାର୍ବଜନୀନ ବିଧିବଦ୍ଧତା ।**

**କୃଷିକୁହୁକ ସହ ବୌଦ୍ଧ ତ୍ରିରତ୍ନର ଏହି ଅଭେଦ୍ୟ ସମନ୍ୱୟ ଶବରୀପାଦଙ୍କୁ ଯଦି ଜଗନ୍ନାଥଙ୍କ ଆଦ୍ୟ ପୂଜକର ଆସନରେ ରଖିଥାଏ, ମାତ୍ର ପରବର୍ତ୍ତୀ କାଳର ବ୍ରାହ୍ମଣ୍ୟବାଦୀ ଷଡଯନ୍ତ୍ର ହେତୁ ସେ ବଦଳି ଯାଇଥାନ୍ତି *ଶବର ବିଶ୍ୱାବସୁ*ରେ, ତେବେ ତହିଁରେ ବିସ୍ମିତ ହେବାର କିଛି ନାହିଁ । ସୁତରାଂ ଏହାହିଁ ସ୍ୱୀକାର୍ଯ୍ୟ ଯେ, ଶ୍ରୀ ଜଗନ୍ନାଥ ବଜ୍ରଯାନର ସୃଷ୍ଟି ଏବଂ ଆଦିମ ଓଡିଆର ଅନୁଭବ-ମଣ୍ଡଳରେ ଜୀବନ ବିକାଶର ଆଦି ଉତ୍ସ ଭାବେ ପରିଗୃହୀତ ମାତୃତନ୍ତ୍ରର କୁହୁକଶକ୍ତି ସହ ବୁଦ୍ଧ-ସତ୍ତାର ସଂଯୋଜନ ଘଟାଇ ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା ଓ ଶବରୀପାଦ ଆଦି କୂର୍ମପାଟକପୁର ଅନ୍ତର୍ଗତ ଚୌରାଶୀ ସିଦ୍ଧ ସାଧକମାନେ ଓଡିଆ ଜାତିର ସାମଗ୍ରିକ ଚରିତ୍ର ସନ୍ନିହିତ କରି ବର୍ଣ୍ଣବୈଷମ୍ୟହୀନ ଜଗନ୍ନାଥତତ୍ତ୍ୱର ବିକାଶ କରିଛନ୍ତି । ଏ ତତ୍ତ୍ୱ ଶାବରୀତତ୍ତ୍ୱ, ପ୍ରେମର, ମିଳନର, ମୈଥୁନର ତତ୍ତ୍ୱ ।**

ଏହିପରିଭାବେ ଆଦିମ ଓଡିଆର ଜଗନ୍ତା-ଥ ଜଗନ୍ନାଥ ବିଶେଷ ଭାବେ ଶବରର । **ଶବର (ସମୟର ପ୍ରସବଶାଳାରେ ଆଜିର ଦଇତା) ଆଜି ବି ତାଙ୍କୁ *ବାଳୀ* କରି ରଖିଛି । ରଜସ୍ନାନ, ଅଣସର ଶୟନ, ନବଯୌବନ ପ୍ରଦର୍ଶନ, ଘିଆ କାମନା କରି ରଥଯାତ୍ରାରେ ଯୋଗଦାନ , ନବ କଳେବର ଆଳରେ ଗର୍ଭଧାରଣ ଇତ୍ୟାଦି ସବୁ ନାରୀ ସୁଲଭ ଆଚରଣ ଅବଲମ୍ବନ କରୁଛି ଏହି ସବରୀବାଳୀ ଏବଂ ଶବର ଏତେବେଳେ ଦଇତା ସାଜି ତାକୁ ସହଯୋଗ କରୁଛି । ସୁତରାଂ ଜଗନ୍ନାଥ ତତ୍ତ୍ୱ ମାତୃପ୍ରାଧାନ୍ୟର ଦାର୍ଶନିକ ତତ୍ତ୍ୱ ।** ଏହି ଦର୍ଶନ ଯେହେତୁ ମୈଥୁନକୈନ୍ଦ୍ରିକ, ସେହେତୁ ତାଙ୍କ ରଥ ଉପରେ ଡାହୁକ-ବୋଲିର ନିରଙ୍କୁଶ ଉଚ୍ଚାରଣ ଏବଂ ତାଙ୍କ ମନ୍ଦିର ଭିତରେ ଶ୍ରୀ ଜୟ ଦେବଙ୍କ ବିଳାସ-କଳା ପରିବେଷକ ଗୀତାବଳି ଜଗନ୍ନାଥ-ଚଳଣିର ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି ।

ଯେଉଁମାନେ ଶ୍ରୀ ଜଗନ୍ନାଥଙ୍କ ରଥ ଉପରୁ ଡାହୁକ ବୋଲି ଉଠିଯିବା ସପକ୍ଷରେ ସେମାନେ ବି ତାଙ୍କ ବୁଦ୍ଧ ସତ୍ତାର ବିଲୋପିକରଣ ସପକ୍ଷରେ ଏବଂ ସେହିମାନେହିଁ ଶ୍ରୀ ଜୟ ଦେବଙ୍କ ବୌଦ୍ଧସତ୍ତା ବିରୁଦ୍ଧରେ ।

କିନ୍ତୁ ଓଡ଼ିଆ ଜାତିର ଛାତି ଭିତରୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଜୟ ଦେବଙ୍କ ବୌଦ୍ଧ ସତ୍ତାକୁ ଲୋପ କରିବାକୁ ସକ୍ଷମ ହେବ କିଏ?

orissamatters.com

ଶ୍ରୀ ଜଗନ୍ନାଥଙ୍କ ବୌଦ୍ଧସତ୍ତାକୁ ଲୋପ କରିବା ପାଇଁ ବ୍ରାହ୍ମଣ୍ୟବାଦ କେତେ ଯେ ଚେଷ୍ଟା ନ କରିଛି ! ଶଙ୍କରାଚାର୍ଯ୍ୟ ତ ପଡ଼ିରହିଥିଲେ ଏଠି ତାଙ୍କୁ ବୁଦ୍ଧ ନୁହଁ ଗୋବର୍ଦ୍ଧନ କୃଷ୍ଣ ବୋଲି ସାବ୍ୟସ୍ତ କରିବାକୁ । ବୌଦ୍ଧ ବଜ୍ରଯାନର ଆରାଧ୍ୟା ଯେହେତୁ ପଦ୍ମାବତୀ ଏବଂ ବୌଦ୍ଧତନ୍ତ୍ର ଯେହେତୁ ପଦ୍ମାଶ୍ରୟୀ ସେହେତୁ ତାହାର ଅବମାନନାପାଇଁ ଅଭିସନ୍ଧିମୂଳକ ଭାବେ ସେ ନିଜର ଚେଲାର ନାମ ରଖିଥିଲେ ପଦ୍ମପାଦ ଏବଂ ପୁରୀରେ ଏକ ମଠ ପ୍ରତିଷ୍ଠା କରି ତହିଁରେ ତାକୁ ତାଙ୍କ ପ୍ରତିମ ଶଙ୍କରାଚାର୍ଯ୍ୟ ଭାବେ ଅଧିଷ୍ଠିତ କରିଥିଲେ । ଏହି ମଠର ନାମ ସେ ରଖିଥିଲେ *ଗୋବର୍ଦ୍ଧନ ପୀଠ* । ଏହି ନାମକରଣ ବି ଉଦ୍ଦେଶ୍ୟମୂଳକ ଥିଲା । ଗୋବିନ୍ଦ ବା ଗୋବର୍ଦ୍ଧନ ପରି ଶବ୍ଦ କିପରି ବୈଦିକ ସାମ୍ରାଜ୍ୟବାଦର ଆର୍ଥିକ ଆଭିମୁଖ୍ୟର ପରିଜ୍ଞାପକ ଶବ୍ଦ ତାହା ପୂର୍ବରୁ ସାବ୍ୟସ୍ତ ହୋଇଛି । ଅତଏବ ଏହି ନାମକରଣ ଥିଲା ଉଦ୍ଦେଶ୍ୟମୂଳକଭାବେ ବୌଦ୍ଧବିରୋଧୀ । ନିଜ ମଠର ଏବଂ ଚେଲାର ଏହିପରି ଉଦ୍ଦେଶ୍ୟମୂଳକ ବୌଦ୍ଧବିରୋଧୀ ନାମକରଣ କରି, ବ୍ରାହ୍ମଣ୍ୟବାଦର ପୃଷ୍ଠପୋଷକ ରାଜଶକ୍ତି ସହାୟତାରେ ସେ ଏତେ ଦୂର ଆଗେଇଯାଇଥିଲେ ଯେ ଜଗନ୍ନାଥଙ୍କ ରତ୍ନବେଦିରେ ନିଜର ଏବଂ ନିଜ ଚେଲା ପଦ୍ମପାଦର ପ୍ରତିମୂର୍ତ୍ତି ସ୍ଥାପନ କରାଇ ଶ୍ରୀ ଜଗନ୍ନାଥଙ୍କ ସମଭିବ୍ୟାହାରରେ ପୂଜା ପାଇବାର ବି ବ୍ୟବସ୍ଥା କରିଥିଲେ । କିନ୍ତୁ ତିଷ୍ଠି ପାରିଲେ? ଓଡ଼ିଆ ଜାତି ଦିନେ ଜାଗ୍ରତ ହେଲା । ସେ ଦିଇଟାଯାକ ପ୍ରତିମୂର୍ତ୍ତିକୁ ରତ୍ନବେଦୀରୁ ନିକାଳି ଭାଙ୍ଗିଭୁଙ୍ଗି ଫୋପାଡ଼ିଦେଲା ସମୟର ଅଳିଆଗଦା ଭିତରକୁ ।

ଜଗନ୍ନାଥଙ୍କ ବୌଦ୍ଧସତ୍ତା ନଷ୍ଟ କରିବାକୁ ବ୍ରାହ୍ମଣ୍ୟବାଦ ଗଜପତି ପୁରୁଷୋତ୍ତମ ଦେବଙ୍କୁ ଧରି ଶ୍ରୀମନ୍ଦିରରୁ ଜୟ ଦେବଙ୍କ ଅଷ୍ଟପଦୀ ଉଠାଇଦେଇ ତା ବଦଳରେ ସେହି ଗଜପତିଙ୍କ ଦ୍ୱାରା ରଚିତ ବା ତାଙ୍କ ନାମରେ ଭଣିତ *ଅଭିନବ ଗୀତଗୋବିନ୍ଦ* ପାଠ ପ୍ରବର୍ତ୍ତନ କରିଥିଲା । ହେଲା କ'ଣ? ଓଡ଼ିଆ ଜାତି ଏପରିଭାବେ ବିଦ୍ରୋହ କରିଉଠିଲା ଯେ ପୁରୁଷୋତ୍ତମଙ୍କୁ ବାଧ୍ୟ ହେବାକୁ ପଡ଼ିଥିଲା ନିଜ ପଦକ୍ଷେପ ପ୍ରତ୍ୟାହାର କରିନେବାକୁ । ଏବଂ କାଳେ ଭବିଷ୍ୟତରେ ଅନ୍ୟ କୌଣସି ବ୍ରାହ୍ମଣ୍ୟବାଦୀ ଏପରି ହୀନ ଷଡ଼ଯନ୍ତ୍ର କରନ୍ତି ତହିଁର ସ୍ଥାୟୀ ନିରାକରଣ ପାଇଁ ପୁରୁଷୋତ୍ତମଙ୍କ ପୁତ୍ର ଗଜପତି ପ୍ରତାପରୁଦ୍ରଙ୍କୁ ଏକ ଶିଳାଲେଖ ଦ୍ୱାରା ଘୋଷଣା କରିବାକୁ ହୋଇଥିଲା ଯେ ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀ ଭିନ୍ନ ଅନ୍ୟ କୌଣସି ଗୀତ ଶ୍ରୀ ଜଗନ୍ନାଥଙ୍କ ସମୀପରେ ପରିବେଶିତ ହେବନାହିଁ ।

**ଶ୍ରୀମନ୍ଦିରରୁ ମୈଥୁନତତ୍ତ୍ୱର ଉତ୍‌ଖାତୀକରଣପାଇଁ ଓ ତଦ୍ଦ୍ୱାରା ବୌଦ୍ଧବଜ୍ରଯାନର ପ୍ରଭାବ ଦୂରୀକରଣପାଇଁ ବ୍ରାହ୍ମଣ୍ୟବାଦୀମାନେ ଶ୍ରୀ ଜଗନ୍ନାଥଙ୍କ ପୂଜା ବିଧାନ ବୈଦିକ ରୀତି ଅନୁଯାୟୀ କରିବାକୁ ରଜାଙ୍କ ସାହାଯ୍ୟ ନେଇଥିଲେ ଓ ଶ୍ରୀମନ୍ଦିର ବେଢାରେ ନିଜର ଏକ ବୈଠକୀ ବସାଇ ତାକୁ *ମୁକ୍ତି ମଣ୍ଡପ* ଭାବେ ନାମିତ କରିଥିଲେ ଏବଂ ଜନସାଧାରଣ ମୁକ୍ତିର ମାର୍ଗ ଜାଣିବା ପାଇଁ ସେହି ମଣ୍ଡପ ଉପରେ ଯେମିତି ନିର୍ଭରଶୀଳ ହୁଅନ୍ତି ତହିଁର ବନ୍ଦୋବସ୍ତ କରିଥିଲେ । ଏହାକୁ ଉପହାସ କରି ଓଡ଼ିଆ ଜାତି ଶ୍ରୀମନ୍ଦିରରେ ପ୍ରବର୍ତ୍ତନ କଲା *ଅନଙ୍ଗତ୍ରୟୋଦଶୀ***

orissamatters.com

**ନାମକ ଏକ ନୂତନ ପର୍ବ ଏବଂ ଏହି ପର୍ବରେ ମନ୍ଦିର ଗାତ୍ରରେ** ***ଅନଙ୍ଗାତୁରା*** **ବିଗ୍ରହ ସ୍ଥାପନ କରି ସେହି ମୈଥୁନରତା ନାୟିକାର ପୂଜା ବି କଲା ।**

ଯେତେବେଳେ ଜୟ ଦେବଙ୍କ ଅଷ୍ଟପଦୀଗୁଡିକରେ କେବଳ ଥରକପାଇଁ ସ୍ଥାନିତ କୃଷ୍ଣ ନାମର ସୁବିଧା ନେଇ ଯିଏ ଶ୍ରୀଜଗନ୍ନାଥ ସେ ହିଁ ହିନ୍ଦୁମାନଙ୍କ (ଗୋବିନ୍ଦ)କୃଷ୍ଣ ବୋଲି କହି ଜଗନ୍ନାଥଙ୍କୁ ହିନ୍ଦୁ ବିଗ୍ରହ ଭାବେ ସାବ୍ୟସ୍ତ କରିବାକୁ ବ୍ରାହ୍ମଣ୍ୟବାଦୀମାନେ ସାନି ଉଦ୍ୟମ କଲେ ଓ ସେଥିପାଇଁ ଚୈତନ୍ୟପନ୍ଥୀମାନଙ୍କୁ ମଣେଇବାକୁ ଅତି ଚତୁରତାର ସହ ଝୁଲଣଯାତ୍ରା ଆରମ୍ଭ କରି ରାଧାକୃଷ୍ଣ ରାସଲୀଳା ଆଳରେ ଶ୍ରୀ ଜଗନ୍ନାଥଙ୍କୁ ହିନ୍ଦୁ ଦେବତାରେ ରୂପାନ୍ତରିତ କରିବାକୁ ଷଡଯନ୍ତ୍ର କଲେ, **ଓଡ଼ିଆ ଜାତି ସେହି ଝୁଲଣଯାତ୍ରାକୁ ଶ୍ରୀମନ୍ଦିର ବାହାରେ ଝୁଲାଇଦେଇଥିଲା । ସେଦିନଠାରୁ ଆଜି ପର୍ଯ୍ୟନ୍ତ ତାହା ତଥାକଥିତ ମୁକ୍ତିମଣ୍ଡପ କଡ଼ରେ ହିଁ ହେଉଛି ।** ନିଦା ଓଡ଼ିଆ କେବେହେଲେ ତାର ଇଷ୍ଟ, ତାର ଗୁରୁ, ତାର ପ୍ରାଣପ୍ରିୟ ଶ୍ରୀବୁଦ୍ଧଜଗନ୍ନାଥଙ୍କୁ ନନ୍ଦସୁତ କୃଷ୍ଣ ଭାବେ ଗ୍ରହଣ କରି ନାହିଁ ।

ମୁକ୍ତିମଣ୍ଡପର ବ୍ରାହ୍ମଣ୍ୟବାଦୀମାନେ ସେମାନଙ୍କ ଶ୍ରେଣୀଚରିତ୍ର ହେତୁ *ଗୋବିନ୍ଦ* କୃଷ୍ଣଙ୍କୁ ଯେତେବଡ଼ ଦିଅଁ ରୂପେ ଥୋଇଥାନ୍ତୁ ନା କାହିଁକି, ଓଡ଼ିଆ ତାଙ୍କୁ ତା ଜଗନ୍ନାଥଙ୍କ ସମକକ୍ଷ ବୋଲି ମାନି ନାହିଁ କି ମାନିବ ବି ନାହିଁ । ସେଥିପାଇଁ ତ ତାର ଉଦ୍‌ଘୋଷଣ- ଶ୍ରୀଜଗନ୍ନାଥ ଷୋଳ କଳା, ତହୁଁ କଳାଏ ନନ୍ଦବଳା ।

ତଥାପି ବି ରାଜଶକ୍ତି ସହାୟତାରେ ଶଙ୍କର, ନରହରି, ନିମ୍ବାର୍କ ଆଦିଙ୍କ ସାଙ୍ଗକୁ ଆମ ଦେଶୀ ବ୍ରାହ୍ମଣ୍ୟବାଦୀ ବ୍ରାହ୍ମଣମାନେ ମିଶି ସୃଷ୍ଟିକରିଥିବା ନିରବଛିନ୍ନ ବିଭ୍ରାନ୍ତକାରୀ ପରିବେଶରେ, ବିଶେଷତଃ ଗୋପାଳାର୍ଚ୍ଚନାପଦ୍ଧତି ପ୍ରବର୍ତ୍ତନ ଦ୍ୱାରା ଗୋପାଳ କୃଷ୍ଣ ଭାବେ ଜଗନ୍ନାଥଙ୍କ ପୂଜା କରାଯାଇ ନନ୍ଦସୁତ କୃଷ୍ଣହିଁ ଜଗନ୍ନାଥ ବୋଲି ଉଦ୍ଦେଶ୍ୟ ପ୍ରଣୋଦିତ ତୁଣ୍ଡବାଇଦର ସଂଚରଣ ଯେତେବେଳେ ପ୍ରବଳତର ହେଲା, ଓଡ଼ିଆଜାତି ତାର ମହୋଦଧିର କନ୍ୟା ଭାବେ ସୃଷ୍ଟିକଲା ଲକ୍ଷ୍ମୀଙ୍କୁ ଏବଂ ମନ୍ଦିରଟି ସେହି ଲକ୍ଷ୍ମୀଙ୍କର ବୋଲି କହି ତହିଁର ନାମ କରିଦେଲା ଶ୍ରୀମନ୍ଦିର ଓ ତଥାକଥିତ ଦ୍ୱାରକାଧୀଶ କୃଷ୍ଣଙ୍କୁ ବନାଇଦେଲା ଘରଜୋଇଁଆ ଓ ଦୁହା ତୋଳିଲା, କୁଆ ଯିଏ ରଖେ କୁଆ, ଶଶୁରଘରେ ଜୋଇଁ କୁଆ ଇତ୍ୟାଦି । କେବଳ ଏଇଠି ଅଟକି ନ ରହି, ସେ ସୃଷ୍ଟିକଲା ଆହୁରି ଏକ ଶାଣିତ ଉପାଖ୍ୟାନ । ଏଥିରେ ସେ ଲକ୍ଷ୍ମୀଙ୍କୁ ନେଇଗଲା ଶ୍ରୀୟା ନାମ୍ନୀ ଏକ ଚଣ୍ଡାଳୁଣୀର ଘରକୁ ଓ ଲକ୍ଷ୍ମୀଙ୍କ ଭାଷାରେ ତାହା ବ୍ରାହ୍ମଣ ଘରଠାରୁ ଅଧିକ ମନୋହର ହୋଇଥିଲେ ବି, ସେପରି ଏକ ଅସ୍ପୃଶ୍ୟ ବ୍ୟକ୍ତିର ଘରକୁ ଯାଇଥିବା ହେତୁ ତଥାକଥିତ କୃଷ୍ଣ ବଳରାମଙ୍କ କଣ୍ଠରେ ତାଙ୍କୁ ଝିଙ୍ଗାସ କରାଇ, ତଦ୍ଦ୍ୱାରା ସେମାନଙ୍କ ବର୍ଣ୍ଣବୈଷମ୍ୟବାଦୀ ଚରିତ୍ରକୁ ପଦାରେ ପକାଇ, ସେମାନେ କିପରି ସର୍ବଜନହିତକାରୀ ନୁହଁନ୍ତି ତାହା ନିରାଭରିତ କରି, ସେମାନଙ୍କୁ ସେମାନଙ୍କ ବ୍ରାହ୍ମଣ୍ୟବାଦୀ ଆଚରଣ ହେତୁ ଦଣ୍ଡ ଦିଆଇ, ଭୋକ ଉପାସରେ ସଢ଼ାଇ, ଭିକ ମଗାଇ ମଗାଇ ଶେଷରେ ସେହି ଶ୍ରୀୟା ଚଣ୍ଡାଳୁଣୀ

orissamatters.com

ଘରେ ଖାଦ୍ୟ ଖାଇବାକୁ ବାଧ୍ୟ କରିଥିଲା । ବ୍ରାହ୍ମଣ୍ୟବାଦ ଉପରେ ଏପରି ପ୍ରଚଣ୍ଡ ପଦାଘାତ ହାଣି ଓଡ଼ିଆ ଜାତି ସେତିକିରେ ନିରସ୍ତ ହୋଇନଥିଲା; ସୃଷ୍ଟିକରିଥିଲା ମାଣବସା ଓଷା ଯହିଁରେ ଏହି ଉପାଖ୍ୟାନର ଆବୃତ୍ତି କରାଯାଇ ଓଡ଼ିଆର ଘରେ ଘରେ ଚହଟିଥିଲା ବର୍ଣ୍ଣବୈଶିଷ୍ଟ୍ୟବାଦବିରୋଧୀ ଲକ୍ଷ୍ମୀଙ୍କର ପୂଜା ।

ଅତୀତକୁ ଅନେଇଦେଲେ, ନିଜର ପ୍ରାଣପ୍ରିୟ ଗୁରୁ ଶ୍ରୀବୁଦ୍ଧଜଗନ୍ନାଥଙ୍କ ମୌଳିକ ବୈଶିଷ୍ଟ୍ୟ ଅପ୍ରତିହତ ରଖିବାପାଇଁ ଆମ ପୂର୍ବପୁରୁଷେ ଏହିପରି ଯାହା ସବୁ କରିଛନ୍ତି ତାହାପାଇଁ ହୃଦୟ ଭରିଯାଏ ଗର୍ବରେ ।

ପୂର୍ବରୁ କୁହାହୋଇଛି, ବ୍ରାହ୍ମଣ୍ୟବାଦୀ ଗଜପତି ପୁରୁଷୋତ୍ତମ ଶ୍ରୀ ଜୟ ଦେବଙ୍କ ଅଷ୍ଟପଦୀଗୁଡ଼ିକୁ ଜଗନ୍ନାଥଙ୍କ ଚଳଣିରୁ ଉତ୍‌ଖାତ କରି ତଦ୍‌ପରିବର୍ତ୍ତେ ପ୍ରବର୍ତ୍ତିତ ନିଜକୃତ ବା ନିଜ ନାମରେ ଭଣିତ ଅଭିନବ ଗୀତଗୋବିନ୍ଦ ଦ୍ୱାରା ବୁଦ୍ଧରୂପୀ ଜଗନ୍ନାଥଙ୍କୁ ନନ୍ଦସୁତ ଶ୍ରୀକୃଷ୍ଣ ଭାବେ ଉପସ୍ଥାପିତ କରିଥିଲେ । ଓଡ଼ିଆ ଜାତିର ପ୍ରବଳ ପ୍ରତିବାଦପାଖରେ ମୁଣ୍ଡ ନୁଆଁଇ ସେ ତାହା ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଥିଲେ ମଧ୍ୟ ଜଗନ୍ନାଥଙ୍କୁ ଦଖଲ କରିବାକୁ ହିନ୍ଦୁ ମୌଳବାଦୀମାନଙ୍କ ଚକ୍ରାନ୍ତ ଅବ୍ୟାହତ ଥିଲା । ତେଣୁ ସେହି ଗଜପତି ପୁରୁଷୋତ୍ତମ ଦେବ ଶ୍ରୀଗୋପାଳାର୍ଚ୍ଚନା ପଦ୍ଧତି ନାମକ ଏକ ପୂଜା ବିଧାନ ପ୍ରଣୟନ କରି ତଦନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ପୂଜା ପରିଚାଳନାକରାଇ ଶ୍ରୀ ଜଗନ୍ନାଥଙ୍କୁ ଯେତେବେଳେ ରାଜଶକ୍ତି ବଳରେ ଗୋପାଳ କୃଷ୍ଣକୁ ବଦଳାଇଦେବାକୁ ଚେଷ୍ଟାକଲେ ଏବଂ ତାଙ୍କ ସହ ହାତମିଳାଇ ତଥାକଥିତ ମୁକ୍ତିମଣ୍ଡପର ବ୍ରାହ୍ମଣମାନେ ଦ୍ୱାରିକାବାସୀ ଗୋପାଳ କୃଷ୍ଣ କଳି କାଳରେ ନୀଳାଚଳବାସୀ ଶ୍ରୀଜଗନ୍ନାଥ ହୋଇଯାଇଛନ୍ତି ବୋଲି ପ୍ରଚାର ଚଳାଇ ଜଗନ୍ନାଥଙ୍କ ବୁଦ୍ଧସତ୍ତା ଲୋପ କରିବାକୁ ପୁନରୁଦ୍ୟମ କଲେ, ସେତେବେଳେ **ଓଡ଼ିଆ ଜାତି ନିଷ୍ପତ୍ତି ନେଲା, ଯଦି ଜଗନ୍ନାଥ ଗୋପାଳ ହୋଇଯାଇପାରନ୍ତି, ତେବେ ସେହି ଗୋପାଳଙ୍କୁ ସେ କାଳୀ କରିଦେବ । ଏବଂ, ତାହାହିଁ କଲା ।** ତାରା ରହସ୍ୟ ସ୍ୱୀକାର କଲା- କଲୌ କାଳୀ କଲୌ କୃଷ୍ଣ କଲୌ ଗୋପାଳ କାଳିକା । ଅର୍ଥାତ୍ କଳି କାଳରେ କୃଷ୍ଣ ହିଁ ଶରଣ୍ୟ ବୋଲି ବ୍ରାହ୍ମଣ୍ୟବାଦୀମାନେ କହୁଥିଲେ କହନ୍ତୁ, କିନ୍ତୁ ସେହି ଗୋପାଳ କୃଷ୍ଣ ହିଁ କଳି କାଳରେ କାଳିକା ।

ଆଦିବାସୀର ମାତୃକୈନ୍ଦ୍ରିକ ଅନୁଭୂତି କିପରି ପ୍ରାଚୀନ ଓଡ଼ିଶାରେ କାଷ୍ଠ ନିର୍ମିତ ମାତୃ-ମାଦଳାରେ ଦେଖିଥିଲା ଜୀବନଜିଜ୍ଞାସାର ସମାଧାନ ଓ ସମତାଳରେ କରୁଣାମୟ ବୁଦ୍ଧଙ୍କ ଶୂନ୍ୟସତ୍ତାସହ ସେହି ମାଦଳାକୁ ସମନ୍ୱିତ କରି କିପରି ବୌଦ୍ଧତନ୍ତ୍ର ବିକଶିତ ହୋଇଥିଲା ତାହା ମୁଁ ପୂର୍ବରୁ ସୂଚାଇଛି । ତନ୍ତ୍ର ଆଦିମ ଅନୁଭୂତି ପ୍ରସୂତ ହୋଇଥିବା ହେତୁ ଏହି ମାତୃ-ମାଦଳା (ଜଗନ୍ତା-ଥ) କିପରି ଜଗନ୍ନାଥରେ ରୂପାୟିତ ହୋଇ ସମଗ୍ର ଓଡ଼ିଆ ଜାତିର ସାମଗ୍ରିକ ସାମାଜିକ ସତ୍ତାରେ ବୌଦ୍ଧ ଦର୍ଶନକୁ ସୁଦୃଢ଼ କରି ରଖିଥିଲା ତାହା ବି ଆଲୋଚିତ ହୋଇଛି । ବୈଦିକ ସମାଜ ବ୍ୟବସ୍ଥାପାଇଁ ଏହି ସ୍ଥିତି ସହାୟକ ହେଉ ନ ଥିବାରୁ ତନ୍ତ୍ରର ବୌଦ୍ଧ ଭିତ୍ତିକୁ

orissamatters.com

ବିଭ୍ରଷ୍ଟ କରିବାପାଇଁ ବ୍ରାହ୍ମଣ୍ୟବାଦୀମାନେ ଶୈବତନ୍ତ୍ର ଇତ୍ୟାଦି ନାନା ବିଭାବନା ଉପୁଜାଇ ତନ୍ତ୍ରାଶ୍ରୟୀ ସାଧାରଣ ମଣିଷର ସାମାଜିକ ଐକ୍ୟ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ, ଯେ କୌଣସି ପ୍ରକାରଭେଦର ତନ୍ତ୍ର ହେଉ ନା କାହିଁକି, ତାହା ମାତୃତନ୍ତ୍ରର ମହତ୍ତ୍ୱ ହ୍ରାସ ପାଇଁ ଯେପରି ଅସମର୍ଥ, ବୌଦ୍ଧତନ୍ତ୍ରର ମୂଳ ସଂପର୍କରୁ ବିଛିନ୍ନ ହେବା ସେପରି ଅସମ୍ଭବ । ତେଣୁ ଯେଉଁ ତନ୍ତ୍ର ଯାହା ବି କହୁ, ପ୍ରତି ତନ୍ତ୍ରର ଭାଷାରେ ଉପଲବ୍ଧ ହୁଏ ବୌଦ୍ଧତନ୍ତ୍ରର ନିର୍ଦ୍ଧାରଣ । ଏପରି ଏକ ନିର୍ଦ୍ଧାରଣ ହେଲା-

ନୀଳାଦ୍ରୌ ଶ୍ରୀଜଗନ୍ନାଥ ସାକ୍ଷାତ୍ ଦକ୍ଷିଣ କାଳିକା
ତାରା ସାକ୍ଷାତ୍ ସାରପାଣିଃ ଷୋଡଶୀ ଶ୍ରୀସୁଦର୍ଶନଃ ।
ମୂଳପ୍ରକୃତିରେବ ଶ୍ରୀସୁଭଦ୍ରା ଭୁବନେଶ୍ୱରୀ
ମହୋଦଧି ସୁଧାମ୍ଭୋଧି ବଟଃ ଶ୍ରୀକଳ୍ପପାଦପଃ ।
ପଞ୍ଚକ୍ରୋଶଂ ଶ୍ମଶାନଞ୍ଚ ପ୍ରାସାଦୋମଣିମଣ୍ଡପଃ
ରତ୍ନସିଂହାସନଂ ଯଚ୍ଚ ବିଦିତା ରତ୍ନବେଦିକା ।
ଶ୍ରୀ କାଳିକା ଯନ୍ତ୍ରରୂପଂ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମଂ
ତତ୍ରତ୍ୟା ଯୋଗିନୀରୂପାଃ ପୁମାଂଶ୍ଚ ପରିକୀର୍ତ୍ତିତାଃ ।
ସ୍ତ୍ରୀରୂପା ଭୈରବାଃ ସର୍ବେ ପୁରୁଷାଃ ପୁରୁଷୋତ୍ତମେ
ଜମ୍ବୁଦ୍ୱୀପେ ବିରାଜନ୍ତେ କାଳିକା କେଳି ଭୂମୟଃ ।

ଅତଏବ, ସମସ୍ତ ପ୍ରକାରର ବ୍ରାହ୍ମଣ୍ୟବାଦୀ ଷଡ଼ଯନ୍ତ୍ର ସତ୍ତ୍ୱେ ଶ୍ରୀକ୍ଷେତ୍ର ପୁରୀ ବୌଦ୍ଧତନ୍ତ୍ରର ପାବନପୀଠ ଏବଂ କାଳୀର କେଳିସ୍ଥଳ ହୋଇରହିଛି । ଏଠାରେ ଓଡିଆ ଜାତି ଶ୍ରୀ ଜଗନ୍ନାଥଙ୍କୁ ଗୋପାଳ କରି ସାଇତି ନାହିଁ, କରିଛି କାଳିକା ।

ସୁପ୍ତ ସମାଜର ଜାଗୃତି, ନିଷ୍କ୍ରିୟ ସମାଜର ସକ୍ରିୟତା, ନିର୍ଯ୍ୟାତିତ ମଣିଷର ସାମାଜିକସତ୍ତା, ନିର୍ଯ୍ୟାତନାଦାୟୀ ବ୍ରାହ୍ମଣ୍ୟବାଦର ଧ୍ୱଂସବିଧାନପାଇଁ କୃତସଂକଳ୍ପ ଘନନୀଳ ହେରୁକଙ୍କ ତେଜକ୍ରିୟତା ଯଦି ଲେଲିହାନ ହୋଇଉଠେ, କିପରି ଦିଶିବ? ସାମାଜିକଐକ୍ୟବାଦୀ ସହଜଯାନର ସହାୟତାପାଇଁ ଶ୍ରୀ ଜୟ ଦେବ ସୃଷ୍ଟିକରିଥିବା ପଦାବଳୀରେ ଯେଉଁ ଦୁଷ୍ଟ ସଂହାରକାରୀ ଶେଷ ଅବତାର କଳ୍‌କୀର ପରିକଳ୍ପନା କରିଥିଲେ ସେହି କଳ୍‌କୀର ଆଘାତକାରୀ ରୋଷ ଯଦି ଏକ ସାକାର ରୂପ ନିଏ, କ'ଣ ହେବ? ତାହା ହେବ ଶବ ପରି ପଡ଼ିରହିଥିବା ସର୍ବଂସହ ସମାଜ ବକ୍ଷରେ ଶ୍ରେଣୀଶତ୍ରୁର ସଂହାରପାଇଁ ଉଦଗ୍ର ଉଦ୍‌ବେଳନ, କାଳର ଆହ୍ୱାନ, କାଳୀ, ମହାକାଳୀ ।ତେଣୁ ଶ୍ରୀଜଗନ୍ନାଥ ହିଁ କାଳୀ, କାଳିକା ।

**ଶ୍ରୀ ଜୟ ଦେବ ବୈଦିକ ପୁରୁଷପ୍ରାଧାନ୍ୟର ପ୍ରତିବିଧାନ ପାଇଁ ନାରୀପ୍ରଧାନ ମୈଥୁନତତ୍ତ୍ୱ ଆଧାରିତ ଅଷ୍ଟପଦୀ ରଚନା କରି କାମବଜ୍ରଯାନର ସଶକ୍ତିକରଣପାଇଁ ଚେଷ୍ଟା କରିଥିଲେ । ତେଣୁ ଓଡିଆ ଜାତି ଶ୍ରୀକ୍ଷେତ୍ରରେ ମଧ୍ୟ ମୈଥୁନରତା କାଳୀର ରୂପାୟନ**

orissamatters.com

**ଘଟାଇଥିଲା । ଅନ୍ୟ କେଉଁଠି ଏପରି ପରିକଳ୍ପନା ନାହିଁ । ଶ୍ରୀକ୍ଷେତ୍ରର ଏହା ଅନନ୍ୟ ବିଭବ ଏବଂ ଶ୍ରୀ ଜୟ ଦେବଙ୍କ ମୈଥୁନତତ୍ତ୍ୱସ୍ରାବୀ ଅଷ୍ଟପଦୀଗୁଡିକର ସହଜଯାନୀ ପ୍ରଭାବ ଓଡ଼ିଆର ମନୋରାଜ୍ୟରେ କେତେ ସୁପ୍ରତିଷ୍ଠିତ ତହିଁର ହିଁ ପରିଚାୟକ ।** ଏଠି ଶାୟିତ ଶିବଙ୍କ ବକ୍ଷ ଉପରେ ଶ୍ୟାମାକାଳୀ ଭାବେ ପ୍ରକୀର୍ତ୍ତିତା ଏହି କାଳୀ ଏପରି ଶୈଳୀରେ ବିଦ୍ୟମାନା ଯେ, ଉଭୟଙ୍କ ଜନନେନ୍ଦ୍ରିୟ ପରସ୍ପରକୁ ସ୍ପର୍ଶ କରି ରହିଛି । ଅର୍ଥାତ୍ ବିପରୀତ ରତିରେ ବା ଭିନ୍ନ ଭାବେ କହିଲେ, **ନାରୀପ୍ରଧାନ ରୀତିରେ** ଶ୍ୟାମାକାଳୀ ମୈଥୁନରତା । ସନ୍ନିଧିରେ ଉପସ୍ଥିତ ବିମଳା ଓ ତାରା ଏହାଙ୍କୁ ଏକାଧାରରେ ଜଗନ୍ନାଥ ଓ ବୁଦ୍ଧଙ୍କ ସ୍ୱରୂପ ବୋଲି ସାବ୍ୟସ୍ତ କରୁଥିବା ବେଳେ ଏହାଙ୍କ ବିପରୀତରତିରତା ସ୍ଥିତି ନାରୀପ୍ରଧାନ ସମାଜତତ୍ତ୍ୱ ଓ କୃଷିପ୍ରଧାନ ଜୀବନାଦର୍ଶ ସହ କାଳୀଙ୍କ ସଂପର୍କ ସୁନିର୍ଦ୍ଦିଷ୍ଟ କରୁଛି ।

ବସ୍ତୁତଃ ବ୍ରାହ୍ମଣ୍ୟବାଦର ଧ୍ୱଂସ ସାଧନ ହିଁ କାଳୀର ଲକ୍ଷ୍ୟ । ବୈପ୍ରଚିତ୍ତ ବ୍ୟକ୍ତି ବା ବ୍ରାହ୍ମଣ୍ୟବାଦୀଙ୍କୁ ଦାନବ ଆଖ୍ୟା ଦେଇ କାଳୀ ସ୍ପଷ୍ଟତଃ ଘୋଷଣା କରିଛନ୍ତି, ଯେତେବେଳେ ଯେତେବେଳେ ବୈପ୍ରଚିତ୍ତ ଦାନବର ଅଭ୍ୟୁଦୟ ଘଟିବ ଅର୍ଥାତ୍ ବ୍ରାହ୍ମଣ୍ୟବାଦ ଯେତେବେଳେ ସମାଜକୁ ଗ୍ରାସ କରିବାକୁ ବସିବ, ସେତେବେଳେ ସେତେବେଳେ ସେ ତାର ଧ୍ୱଂସ ସାଧନପାଇଁ ଅବତୀର୍ଣ୍ଣ ହେବେ । ଯଥା-

ପୁନରପ୍ୟତିରୌଦ୍ରେଣ ରୂପେଣ ପୃଥିବୀତଳେ ।
ଅବତୀର୍ଯ୍ୟ ହନିଶ୍ୟାମି ବୈପ୍ରଚିତ୍ତାଂସ୍ତୁ ଦାନବାନ୍ ।। (ଶ୍ରୀଦୁର୍ଗାସପ୍ତଶତ୍ୟାମ୍,୧୧/୪୩)

ଏହି ବିଭାବନାର ସମାଜତାତ୍ତ୍ୱିକ ବିଶ୍ଳେଷଣ ମୁଁ ଅନ୍ୟତ୍ର ରଖିଛି । (ସୁଭାଷ ଚନ୍ଦ୍ର ପଟ୍ଟନାୟକ, ଦୁର୍ଗାଠାରୁ ଦୁର୍ଗା କେତେ ଦୂର!, ଧରିତ୍ରୀ ଛୁଟିଦିନର ଦୁର୍ଗାପୂଜା ବିଶେଷାଙ୍କ, ୧ ଅକ୍ଟୋବର ୧୯୯୫) । ଏବେ କେବଳ ଏତିକି କହିଲେ ଯଥେଷ୍ଟ ଯେ କାଳୀ ହିଁ ଜନ ସୁରକ୍ଷାର ପ୍ରମୂର୍ତ୍ତ ପରିକଳ୍ପନା, କାଳୀ ହିଁ ସାମାଜିକ ଐକ୍ୟର ଅଲଂଘ୍ୟ ରୂପାୟନ, କାଳୀ ହିଁ ବ୍ରାହ୍ମଣ୍ୟବାଦ ବିରୁଦ୍ଧରେ ଜନ ଜାଗୃତିର ଚୂଡ଼ାନ୍ତ ସ୍ୱରୂପ, କାଳୀ ହିଁ କୃଷିକୁହୁକ ସମନ୍ୱିତ ମାତୃପ୍ରାଧାନ୍ୟର ଅନତିକ୍ରମଣୀୟ ଉଦ୍‌ଘୋଷଣ ।

**ସେଇଥିପାଇଁ କାଳୀପୂଜା ରାତିରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଛାମୁରେ ଶ୍ରୀଜୟଦେବଙ୍କ ବାଇଶିଟିଯାକ ଅଷ୍ଟପଦୀର ପ୍ରତୀକାତ୍ମକ ବାଇଶିପାହାଚରେ ଗୁରୁଦେବ ବୁଦ୍ଧ ଓ ତାଙ୍କର ଶିଷ୍ୟବର୍ଗ ଓ ବୌଦ୍ଧକୃଷ୍ଟିର ସୁରକ୍ଷାପାଇଁ କଳିଙ୍ଗସମରରେ ତଥା ତହିଁପରେ ବ୍ରାହ୍ମଣ୍ୟବାଦୀ ସମ୍ରାଟବର୍ଗ ଓ ପାଶୁପତ ଶୈବମାନଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ନିଜର ପୂର୍ବସୂରୀମାନଙ୍କ ସ୍ମୃତି ଓ ସମ୍ମାନରେ, ଏକତାହିଁ ନିର୍ବଳର ବଳ ବୋଲି ସୂଚାଉଥିବା କାଉଁରିଆକାଠିର ବିଡ଼ାରେ ବହ୍ନି ସଂଯୋଗ କରି, ଓଡ଼ିଆଜାତି ଜଣାଏ ଆଗ୍ନେୟ ପ୍ରଣତି ।**

ଆହୁରି ନିଠେଇକି ଏହା ଦେଖିବାପାଇଁ, ଆମେ ଜାଣିବା ଆବଶ୍ୟକ, କାଳୀଙ୍କି ଆମେ କେଉଁଠି କେଉଁ ଅବସ୍ଥାରେ ପ୍ରଥମେ ଦେଖିଥିଲୁଁ । ଆମେ ଦେଖିଥିଲୁଁ *ଭୈରବଶାସନ*

orissamatters.com

ଭାବେ କୁଖ୍ୟାତ ଦାନବରାଜ ଶୁମ୍ଭ ବିରୁଦ୍ଧରେ ରଣକ୍ଷେତ୍ରରେ । *ମାତୃଗଣଙ୍କ* ନେତୃତ୍ୱ ନେଇ ରକ୍ତବୀର୍ଯ୍ୟର ନିପାତ କଲାବେଳେ ।

ଏବଂ **ଏକଥା ଚିନ୍ତା କଲେ ହିଁ ମନ ଛୁଟିଯାଏ ଆମ ଅମ୍ଳାନ ଅତୀତକୁ । ଦୁର୍ଦ୍ଧର୍ଷ ବ୍ରାହ୍ମଣ୍ୟବାଦୀ ଆକ୍ରମଣକାରୀ ଚଣ୍ଡାଶୋକ ସହ ଆମ ମାତୃପ୍ରଧାନ ଗଣରାଜ୍ୟଗୁଡ଼ିକର ସେହି ମହା ସମରକୁ ଯାହାକୁ ଇତିହାସ ମନେରଖିଛି କଳିଙ୍ଗ ଯୁଦ୍ଧ ଭାବେ ।** ଏବଂ ଯାହାର ପଟାନ୍ତର ଇତିହାସ ଏପର୍ଯ୍ୟନ୍ତ ବି ଦେଖିନାହିଁ ।

## *ବୌଦ୍ଧଧର୍ମ ଧ୍ୱଂସପାଇଁ ହିଁ ଅଶୋକଙ୍କ କଳିଙ୍ଗ ଆକ୍ରମଣ*

ଅବଶ୍ୟ ଏକଥା ସତ୍ୟ ଯେ, ଏହି ଅଦ୍ୱିତୀୟ ଯୁଦ୍ଧର ଉପଯୁକ୍ତ ମୂଲ୍ୟାୟନ ଏପର୍ଯ୍ୟନ୍ତ ହୋଇନାହିଁ । ଏହା ଥିଲା ଏକ ଆଦର୍ଶଗତ ଯୁଦ୍ଧ । **ବ୍ରାହ୍ମଣ୍ୟବାଦ ବିରୁଦ୍ଧରେ ସାମାଜିକ-ଐକ୍ୟବାଦର ଯୁଦ୍ଧ ।** ବ୍ରାହ୍ମଣ୍ୟବାଦୀ ସାମ୍ରାଜ୍ୟର ସଂପ୍ରସାରଣ ପଥରେ ସବୁଠାରୁ ବଡ଼ ଅନ୍ତରାୟ ଥିଲା ଆଧୁନିକ ଓଡ଼ିଶାର ତଦାନୀନ୍ତନ ଭୌଗୋଳିକ ସୀମାରେ ଥିବା ଏବଂ ବୁଦ୍ଧଙ୍କ ଆଦର୍ଶରେ ପରିଚାଳିତ ହେଉଥିବା ମାତୃପ୍ରଧାନ ଗଣରାଜ୍ୟଗୁଡ଼ିକ । ଆଦର୍ଶତଃ ଏହି ଗଣରାଜ୍ୟଗୁଡ଼ିକ ଥିଲେ ଆଦିମ ସାମ୍ୟବାଦୀ ଦେଶ । ବ୍ରାହ୍ମଣ୍ୟବାଦ ଯେଉଁ ରାଜଶକ୍ତି ତିଆରି କରିଥିଲା ତାହା ସଂପ୍ରସାରିତ ହୋଇପାରୁ ନ ଥିଲା ଏହି ଗଣରାଜ୍ୟଗୁଡ଼ିକ ହେତୁ । ଏହି ଗଣରାଜ୍ୟମାନଙ୍କରେ ଜାତିବାଦ ନ ଥିଲା, ବ୍ୟକ୍ତିଗତ ସଂପତ୍ତି ନ ଥିଲା କି ସଂପତ୍ତିଗତ ବିଭେଦ ନ ଥିଲା । ଯଦି କେବେ କିଛି ବିବାଦ ଉପୁଜୁଥିଲା ସମଗ୍ର ରାଜ୍ୟ ବସି ସାର୍ବଜନୀନ ସମ୍ମତିକ୍ରମେ ତହିଁର ସମାଧାନ କରୁଥିଲା । ଏହି ସାର୍ବଜନୀନ ମତାଧିକାର ଆରମ୍ଭ ହୋଇଥିଲା ଓଡିଶାରୁ । ବୁଦ୍ଧଙ୍କ ନିଜ ରାଜ୍ୟ ତୋଷଳରୁ । ଏହି ସାର୍ବଜନୀନ ମତାଧିକାର ବିଦିତ ଥିଲା **ଚନ୍ଦ** ଭାବେ । **ଚନ୍ଦ** ଥିଲା ସାରା ପୃଥିବୀର ପ୍ରଥମ ଭୋଟ ବ୍ୟବସ୍ଥା ବୋଲି ସ୍ୱୀକାର କରାଗଲାଣି । (India at her Best, Limca Book of Records, 1996, p.139)

ବୁଦ୍ଧଙ୍କ ଜନ୍ମସ୍ଥାନ ଯେ ନିଶ୍ଚୟ ଥିଲା ଭୁବନେଶ୍ୱର ନିକଟସ୍ଥ କପିଳେଶ୍ୱର ତହିଁର ଏକ ମୁଖ୍ୟ ପ୍ରମାଣ ଭାବେ ଏହି **ଚନ୍ଦ**କୁ ବିଚାର କରାଯାଇପାରେ । **ଚନ୍ଦ** ବା ସାର୍ବଜନୀନ ମତବଳରେ ରାଜ୍ୟ ପରିଚାଳନା ହେଉଥିଲା ବୋଲି ଏହି ଅଞ୍ଚଳର ନାମ ଥିଲା **ଚନ୍ଦକା** । ବୁଦ୍ଧଙ୍କ ପ୍ରତି ଆନୁଗତ୍ୟ କାରଣରୁ ଓଡିଆ ଜାତି ସେହି ପ୍ରାଚୀନ କାଳରୁ ଚନ୍ଦକାର ନାମ ପରିବର୍ତ୍ତନ କରିନାହିଁ । ଉତ୍ତର ଭାରତରେ ବୈଦିକ ସାମ୍ରାଜ୍ୟବାଦର ବିସ୍ତାର ଗଣରାଜ୍ୟଗୁଡିକ ପ୍ରତି କିପରି ବିପଜ୍ଜନକ ତାହା ହୃଦୟଙ୍ଗମ କରିଥିବା ହେତୁ ସେହିଠାରେ ତାକୁ ବାଧା ଦେଇ ଓଡିଶାର ଗଣରାଜ୍ୟଗୁଡିକୁ ନିଷ୍କଣ୍ଟକ କରି ରଖାଯାଇହେବ ବୋଲି ମନସ୍ଥ କରି ବୁଦ୍ଧ କିପରି ତୋଷଳରୁ ମଗଧ ପର୍ଯ୍ୟନ୍ତ ଯାଇଥିଲେ ତାହା ପୂର୍ବରୁ ଉଲ୍ଲେଖ କରାଯାଇଛି । **ସାମ୍ରାଜ୍ୟବାଦକୁ ଗଣତନ୍ତ୍ରବାଦ ଦ୍ୱାରା ହିଁ ରୋକାଯାଇପାରିବ ବୋଲି ସେ ଦୃଢ଼ ନିଶ୍ଚିତ ଥିଲେ । ତେଣୁ ସେ ଚନ୍ଦ ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ ନିଜ ଦ୍ୱାରା ସ୍ଥାପିତ ସଂଘ ପରିଚାଳନାରେ ଏବଂ ଏହି ସଂଘ**

orissamatters.com

**ଗୁଡ଼ିକୁ ଉତ୍ତର ଭାରତର ଆଦିବାସୀମାନଙ୍କ ସମ୍ମୁଖରେ ଆଦର୍ଶ ଭାବେ ରଖାଇ ସେମାନଙ୍କ ମାତୃପ୍ରଧାନ ବସତିମାନଙ୍କରେ ଚନ୍ଦ ଦ୍ୱାରା ସାମୁହିକ ନିଷ୍ପତ୍ତି ନିଆଯିବାର ଏକ ନୂଆ ପରଂପରା ସୃଷ୍ଟି କରାଇଥିଲେ । ଫଳରେ ସେହି ଆଦିମ ଗଣରାଜ୍ୟଗୁଡ଼ିକ ଆଦିମ ଗଣତାନ୍ତ୍ରିକ ଗଣରାଜ୍ୟରେ ପରିଣତ ହୋଇ ସଂପ୍ରସାରଣମୁଖୀ ବ୍ରାହ୍ମଣ୍ୟ ରାଜତନ୍ତ୍ରକୁ ଥାଣ୍ଣୁ କରିଦେଇଥିଲା ତହିଁର ଉଦ୍‌ଗମ ସ୍ଥଳରେ, ବିଶେଷତଃ ସେହି ମଗଧରେ ।** ଏଠି ଆମ ଓଡ଼ିଶାରେ ବହୁ କାଳ ପରେ ପୁରୁଷୋତ୍ତମ ଦେବଙ୍କୁ ହାତେଇ, ଲୋକବାଦୀ ଗଜପତି କପିଳେନ୍ଦ୍ର ଦେବଙ୍କୁ ତାଙ୍କ ସ୍ଥବିରାବସ୍ଥାରେ ଗୃହବନ୍ଦୀ କରି ରଖି ଉଗ୍ର ବ୍ରାହ୍ମଣ୍ୟବାଦୀମାନେ ଯେପରି ନିଜର ଆଧିପତ୍ୟ ବଢ଼ାଇବାକୁ ଚାହିଁଥିଲେ ଠିକ୍ ସେପରି ଏକ ଘଟନା ଘଟିଥିଲା ବୁଦ୍ଧଙ୍କ ବେଳେ ମଗଧରେ । ବୁଦ୍ଧଙ୍କ ସଂସର୍ଗରେ ଆସି ସମ୍ରାଟ ବିମ୍ବିସାର ସାମ୍ରାଜ୍ୟ ବିସ୍ତାର ପ୍ରତି ବିମୁଖ ହୋଇଉଠିଥିଲେ । ତାଙ୍କୁ ବନ୍ଦୀକରି ବ୍ରାହ୍ମଣ୍ୟବାଦୀମାନେ ତାଙ୍କ ପୁତ୍ର ଅଜାତଶତ୍ରୁଙ୍କୁ ରାଜଗାଦି ଦିଆଇଥିଲେ । ଆମେ ପୂର୍ବରୁ ଦେଖିଛେଁ, କିପରି ଏହି ଅଜାତଶତ୍ରୁ ତାଙ୍କର ବ୍ରାହ୍ମଣ ମନ୍ତ୍ରୀ ବସ୍‌ସାକରଙ୍କୁ ପଠାଇ ବୁଦ୍ଧଙ୍କୁ ପ୍ରବର୍ତ୍ତାଇବାକୁ ଚାହିଁଥି ଲେ କି ଗଣରାଜ୍ୟଗୁଡ଼ିକଠାରୁ ସେ ସଂପର୍କ ଛିନ୍ନ କରିବା ଉଚିତ ବା ଅଜାତଶତ୍ରୁଙ୍କ ଆଧିପତ୍ୟ ମାନିନେବାକୁ ସେଗୁଡ଼ିକୁ ପରାମର୍ଶ ଦେବା ଉଚିତ । ଆମେ ଦେଖିଛେଁ ବ୍ରାହ୍ମଣ ମନ୍ତ୍ରୀ ବସ୍‌ସାକରଙ୍କ ଠାରୁ ଅଜାତଶତ୍ରୁଙ୍କ ବାର୍ତ୍ତା ଶୁଣି ବୁଦ୍ଧ କିପରି ତାଙ୍କୁ ଭ୍ରୂକ୍ଷେପ ନ କରି ତାଙ୍କରି ସମ୍ମୁଖରେ ପ୍ରିୟ ଶିଷ୍ୟ ଆନନ୍ଦଙ୍କୁ କହିଥିଲେ ଯେଉଁ ପର୍ଯ୍ୟନ୍ତ ଆଦିବାସୀମାନେ ନିଜର ଗଣତାନ୍ତ୍ରିକ ଚଳଣି ଅକ୍ଷୁର୍ଣ୍ଣ ରଖିଥିବେ କୌଣସି ସମ୍ରାଟ ସେମାନଙ୍କ ଉପରେ କେବେ ବି କୌଣସି ଆଧିପତ୍ୟ ଜାରି କରିପାରିବେ ନାହିଁ । ଆମେ ଦେଖିଛେଁ କିପରି ସେହି ବ୍ରାହ୍ମଣ ମନ୍ତ୍ରୀ ବସ୍‌ସାକର ବୁଦ୍ଧଙ୍କୁ ଧମକ ଦେଇଥିଲେ ଯେ କଳେ ବଳେ କୌଶଳେ ଯେ କୌଣସି ପ୍ରକାରରେ ହେଉ ପଛେ, ମଗଧ ନିଶ୍ଚୟ ଗଣରାଜ୍ୟଗୁଡ଼ିକର ଧ୍ୱଂସ ସାଧନ କରିବ । ବୁଦ୍ଧଙ୍କ ଜୀବିତାବସ୍ଥାରେ ତାହା ସମ୍ଭବ ହୋଇପାରି ନ ଥିଲା । **ଆମେ ଲକ୍ଷ୍ୟକରୁଁ, ବୁଦ୍ଧ ଯେଉଁ ସଂଘ ସ୍ଥାପନ କରିଥିଲେ ତାହା ଗଣତାନ୍ତ୍ରିକ କୈନ୍ଦ୍ରବାଦର ଥିଲା ପ୍ରଥମ ନମୁନା । ସୁତରାଂ ତାଙ୍କ ତିରୋଧାନ ପରେ ବୌଦ୍ଧ ଆନ୍ଦୋଳନ କେନ୍ଦ୍ରହୀନ ହୋଇପଡିଥିଲା । ଏହି ସୁଯୋଗ ନେଇ ବୈଦିକ ସାମ୍ରାଜ୍ୟବାଦ କାୟା ବିସ୍ତାର କରିଗଲା ସମଗ୍ର ଉତ୍ତର ଭାରତରେ ଏବଂ ଅବଶିଷ୍ଟ ଭାରତକୁ ଗ୍ରାସ କରିବାପାଇଁ ଉଦ୍ୟମ ଚଳାଇଲା । ଏଥିରେ ସବୁଠାରୁ ବଡ ଅନ୍ତରାୟ ଥିଲା ବୁଦ୍ଧଙ୍କର ଜନ୍ମସ୍ଥାନ ଓଡିଶା ।** ମୁନି କପିଳଙ୍କ ପ୍ରକୃତିପ୍ରଧାନବାଦ ଆଦିମ ଓଡ଼ିଆ ଆପଣାଇ ନେଇଥିଲା ଓ ତାର ପ୍ରାକୃତିକ ଅନୁଭୂତି ଜୀବନଜିଜ୍ଞାସାର ଏହି ଆଦିବିଜ୍ଞାନର ଭିତ୍ତି ଉପରେ ଗଢ଼ି ତୋଳିଥିଲା ଆଦିତନ୍ତ୍ର । ଗଢି ତୋଳିଥିଲା କାଷ୍ଠ ନିର୍ମିତ ମାତୃ-ମାଦଳା, ଜଗନ୍ତା-ଥ । ଶବରୀପାଦ ଓ ଇନ୍ଦ୍ରଭୂତି ପ୍ରଭୃତିଙ୍କ ବିଜ୍ଞ ସିଦ୍ଧାନ୍ତକୁ ନେଇ ଏହି ଆଦିତନ୍ତ୍ର ବିଗ୍ରହ ଜଗନ୍ତା-ଥ ସେତେବେଳକୁ ଶୁନ୍ୟରୂପୀ ହୋଇସାରିଥିବା ବୁଦ୍ଧଙ୍କ କରୁଣାଧାରାର ପ୍ରତୀକ ହୋଇ ଜଗନ୍ନାଥ ହୋଇ ସାରିଥିଲେ ଏବଂ ଓଡିଶା ବୌଦ୍ଧତନ୍ତ୍ରର

orissamatters.com

ପ୍ରସବଶାଳା ହୋଇ ସାରିଥିଲା । ତେଣୁ ବର୍ଣ୍ଣବୈଷମ୍ୟବାଦୀ ବୈଦିକ ସାମ୍ରାଜ୍ୟପାଇଁ ଏହା ହୋଇଉଠିଥିଲା ସବୁଠୁ ବଡ ଅନ୍ତରାୟ ।

ଏହି କାରଣ ହେତୁ ଅଶୋକ ଓଡିଶା ଆକ୍ରମଣ କରିଥିଲେ । **କାରୁବାକୀ ନାମକ ଏକ ସୁନ୍ଦରୀ କୈବର୍ତ୍ତ କନ୍ୟା ପ୍ରତି ତାଙ୍କର କାମୁକ ଆକର୍ଷଣ ଏହି ଯୁଦ୍ଧର କାରଣ ଥିଲା ବୋଲି ଏବଂ ଏହି ସାମାନ୍ୟ କାରଣରୁ ଏତେ ବ୍ୟାପକ ପ୍ରାଣହାନି ଘଟୁଥିବା ଦେଖି ତାଙ୍କର ଅନୁତାପ ଆସିଲା ଓ ସେ ଅଣୀ ତ୍ୟାଗ କରି ଚଣ୍ଡାଶୋକରୁ ଧର୍ମାଶୋକରେ ପରିବର୍ତ୍ତିତ ହୋଇଥିଲେ ବୋଲି ବହୁ ନିରୋଳା ମିଥ୍ୟା ପ୍ରଚାର କରିଛି ବ୍ରାହ୍ମଣ୍ୟବାଦୀ ଇତିହାସ ।** ମିଥ୍ୟା ପ୍ରଚାର ପାଇଁ ଅଭିପ୍ରେତ ଏହି ଇତିହାସ ଚେଷ୍ଟା ବି କରିନାହିଁ କାରୁବାକୀ କିମ୍ବଦନ୍ତୀରୁ ଆଗକୁ ଯିବାପାଇଁ । ଅଧ୍ୟାପକ ଡଃ ଅମିୟ କୁମାର ମହାନ୍ତି ଚେଷ୍ଟା କରିଛନ୍ତି କିମ୍ବଦନ୍ତୀରୁ ଏକ ସମ୍ଭାବ୍ୟ କାରଣ ଖୋଜିବାକୁ । ତାଙ୍କ ମତରେ କଳିଙ୍ଗର ବିସ୍ତୀର୍ଣ୍ଣ ସମୁଦ୍ର ତଟ ଓ ବ୍ୟସ୍ତ ବନ୍ଦରମାଳାର ଆକର୍ଷଣହିଁ ଅଶୋକଙ୍କୁ କଳିଙ୍ଗ ଉପରେ ଆକ୍ରମଣ କରିବାକୁ ପ୍ରବର୍ତ୍ତାଇଥିଲା । ମାତ୍ର ମୁଁ ତାଙ୍କ ସହ ଏକମତ ହୋଇପାରୁନି । ଅଶୋକଙ୍କ ଶାସନରେ ମଗଧର ନୌବାଣିଜ୍ୟ ବୃଦ୍ଧିପାଇଥିବାର କୌଣସି ନିର୍ଭରଯୋଗ୍ୟ ଐତିହାସିକ ପ୍ରମାଣ ଉପଲବ୍ଧ ହେଉନି । ସୁତରାଂ ବନ୍ଦରମାଳାର ଲୋଭରେ ସେ କଳିଙ୍ଗ ଆକ୍ରମଣ କରିଥିବା ଗ୍ରହଣଯୋଗ୍ୟ ନୁହେଁ ।

କଳିଙ୍ଗ ଯୁଦ୍ଧ ତାଙ୍କର ହୃଦୟ ପରିବର୍ତ୍ତନ କରାଇଥିଲା ଓ ସେ ବୌଦ୍ଧଧର୍ମ ଗ୍ରହଣ କରି ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରିତ ହୋଇଯାଇଥିଲେ ବୋଲି ଯେଉଁ ପ୍ରଚାର ଚାଲିଛି ତାହା ଯେପରି ବିଭ୍ରାନ୍ତିକର, ଧର୍ମାଶୋକରେ ପରିଣତ ହେବା ପରେ ସାମ୍ରାଜ୍ୟ ବିସ୍ତାରପାଇଁ ସେ ଆଉ ଆଗ୍ରହୀ ନ ଥିବା ହେତୁ ବାଣିଜ୍ୟପାଇଁ ବା ସୈନ୍ୟପ୍ରେରଣପାଇଁ ପରାଜିତ କଳିଙ୍ଗର ବନ୍ଦରମାଳାକୁ ବ୍ୟବହାର କରିବାକୁ ଚାହିଁ ନ ଥାଇପାରନ୍ତି ବୋଲି ଯଦି ଯୁକ୍ତି ହୁଏ ତାହା ବି ହେବ ସେପରି ଅବାସ୍ତବ ।

**ବସ୍ତୁତଃ ଅଶୋକ ଥିଲେ ଶେଷ ପର୍ଯ୍ୟନ୍ତ ଜଣେ ରାଜ୍ୟ ଲୋଲୁପ ଓ କ୍ଷମତାଲୋଭୀ ବ୍ୟକ୍ତି ।** ବୌଦ୍ଧଧର୍ମ ଗ୍ରହଣକରି ଯଦି ତାଙ୍କର ପ୍ରକୃତରେ ହୃଦୟ ପରିବର୍ତ୍ତନ ଘଟିଥାନ୍ତା ତେବେ ସେ ବନ୍ଦୀ କରି ନେଇଯାଇଥିବା ଦେଢ଼ଲକ୍ଷ ଓଡ଼ିଆ ସୈନ୍ୟଙ୍କୁ (ଡି.ସି.ସର୍କାର:ଶିଳାଲେଖ-୧୩, ଇନ୍ସ୍କ୍ରିପ୍ସନ୍ସ ଅଫ୍ ଅଶୋକ,[Inscriptions of Asoka]ଦିଲ୍ଲୀ ୧୯୭୩, ପୃ.୫୨)ସସମ୍ମାନେ ଏବଂ ସାନୁତାପ ଛାଡିଦେଇଥାନ୍ତେ ଏବଂ ନିଜ ଜନ୍ମଭୂମିରେ ସେମାନେ ଯେପରି ପୂର୍ବବତ୍ ସଂସ୍ଥିତ ହୁଅନ୍ତି ତାହା ନିଶ୍ଚିତ କରିଥାନ୍ତେ । ସେ ଏହା କେବେ ବି କରି ନ ଥିଲେ । ଓଡିଶାମାଟିର ଏହି ବୀରପୁରୁଷ-ଗଣ ମଗଧଭୂଇଁରେ ଅଶୋକଙ୍କ ନିଷ୍ଠୁରତାର ଶିକାର ହୋଇ ଦାସବୃତ୍ତିରେ ନିୟୋଜିତ ହୋଇ ବିଲୀନ ହୋଇଯାଇଥିଲେ । ଉପରୋକ୍ତ ଶିଳାଲେଖରୁ ପୁନଶ୍ଚ ଜଣାଯାଏ ଯେ ଏହି ଯୁଦ୍ଧରେ ଏକଲକ୍ଷ କଳିଙ୍ଗ ଗଣବାସୀ ପ୍ରାଣବଳୀ ଦେଇଥିଲେ ଓ ବହୁଲକ୍ଷ ଲୋକ ଯୁଦ୍ଧୋତ୍ତର ଦୁର୍ବିପାକ ଓ ଦୁର୍ଭିକ୍ଷ ହେତୁ ଅକାଳମୃତ୍ୟୁର ଶିକାର ହୋଇଥିଲେ ।

orissamatters.com

ଯଦି ଚଣ୍ଡାଶୋକ ପ୍ରକୃତରେ ଧର୍ମାଶୋକ ହୋଇଯାଇଥିଲେ ଏବଂ ପ୍ରଜାନୁରଞ୍ଜନ ତାଙ୍କ ପଣ ହୋଇଯାଇଥିଲା ତେବେ ଯୁଦ୍ଧୋତ୍ତର ଦୁର୍ବିପାକ ଓ ଦୁର୍ଭିକ୍ଷ ଏପରି ବହୁଲକ୍ଷ ଲୋକଙ୍କୁ ଗ୍ରାସ କରିଗଲା କିପରି?

ଅଶୋକ ତାଙ୍କର କୌଣସି ଶିଳାଲେଖରେ ଏହାର କୌଣସି କୈଫିୟତ୍ ଦେଇନାହାନ୍ତି କି କୌଣସି ଇତିହାସ ଗବେଷକ ଏହାର କୌଣସି ଉତ୍ତର ପାଇନାହାନ୍ତି । ସୁତରାଂ ଏହା ହିଁ କୁହାଯାଇପାରେ ଯେ **ଘୋର ବ୍ରାହ୍ମଣ୍ୟବାଦୀ ଅଶୋକ ଆମ ରାଜ୍ୟର ଏକ ଲକ୍ଷ ବୁଦ୍ଧାନୁଗତ ଲୋକଙ୍କୁ ହତ୍ୟାକରି, ଦେଢ଼ଲକ୍ଷ ବୁଦ୍ଧାନୁଗତ ଲୋକଙ୍କୁ ବନ୍ଦୀକରିନେଇ ସେମାନଙ୍କୁ ନିଜ ରାଜ୍ୟରେ ଦାସବୃତ୍ତିରେ ବଳପୂର୍ବକ ନିୟୋଜିତ କରିଥିବା ବେଳେ ବହୁଲକ୍ଷ ଲୋକଙ୍କୁ ଯୁଦ୍ଧୋତ୍ତର ଦୁର୍ବିପାକ ଓ ଦୁର୍ଭିକ୍ଷରେ ମରିବାକୁ ବାଧ୍ୟ କରି ଆମ ଗଣରାଜ୍ୟ-ଗୁଡ଼ିକର ନୈତିକ ମନୋବଳକୁ ସଂପୂର୍ଣ୍ଣତଃ ଧ୍ୱଂସ କରିଦେବାକୁ ଚେଷ୍ଟା କରିଥିଲେ ।** ଯୁଦ୍ଧର ବିଭୀଷିକା ଦେଖି ହୃଦୟ ତରଳିଯିବାରୁ ସେ ବୌଦ୍ଧଧର୍ମ ଗ୍ରହଣକରି ତହିଁର ପ୍ରସାର ଘଟାଇଥିବା ଯାହା ଇତିହାସ ଏପର୍ଯ୍ୟନ୍ତ କହି ଆସିଛି ତାହା ଶ୍ରେଣୀଚରିତ୍ରଭିତ୍ତିକ ପ୍ରଚାର ଭିନ୍ନ କିଛି ନୁହେଁ । **ଅସଲରେ ଅଶୋକ ବୌଦ୍ଧାଦର୍ଶର ବିରୋଧୀ ଥିଲେ । ବୁଦ୍ଧ ଥିଲେ ନିରୀଶ୍ୱରବାଦୀ ଏବଂ ସେ ପ୍ରଦାନ କରିଥିବା ଧର୍ମ ଦୈବବାଦର ବିରୁଦ୍ଧରେ ହିଁ ଉଦ୍ଦିଷ୍ଟ ଥିଲା** (V. Poussin, Encyclopedia of Religion and Ethics II 183) **ମାତ୍ର ଅଶୋକ ନିଜକୁ ଦେବତାଙ୍କ ପ୍ରିୟ-ଦେବାନଂ ପିୟେନ ପିୟଦସିନ-ଇତ୍ୟାଦି ଭାବେ ବାରମ୍ବାର ଉଦ୍‌ଘୋଷିତ କରି ବୌଦ୍ଧ ମତର ଏହି ମଞ୍ଜ ବୈଶିଷ୍ଟ୍ୟକୁ ଦୋହଲାଇ ଦେଇଥିଲେ ।** ଦୈବତ୍ୱର ସର୍ବଶକ୍ତିମତ୍ତା ପ୍ରତିପାଦନ ଦ୍ୱାରା ବ୍ରାହ୍ମଣ୍ୟବାଦର ବିସ୍ତାରପାଇଁ ଏକ ସହାୟକ ପରିବେଶ ସୃଷ୍ଟି କରିଥିବା ବେଳେ ଅଶୋକ ବୌଦ୍ଧ ମତ ସପକ୍ଷରେ ସ୍ୱଷ୍ଟତଃ କୌଣସି ଶିଳାଲେଖରେ କୌଣସି ଉଲ୍ଲେଖ କରାଇନଥିବା ପଛରେ ଥିବା ତାଙ୍କ ମନସ୍ତତ୍ତ୍ୱର କୌଣସି ଆକଳନ ଏପର୍ଯ୍ୟନ୍ତ ହୋଇନାହିଁ । ମାତ୍ର ଆମେ ଦେଖୁ ଅଶୋକଙ୍କ ପରବର୍ତ୍ତି କାଳରେ ନିରୀଶ୍ୱରବାଦୀ ବୁଦ୍ଧଙ୍କଠାରେ ଐଶୀତ୍ୱ ଆରୋପଣ କରି ସେତେବେଳକୁ ଦୃଢ଼ତା ଫେରି ପାଇଥିବା ବ୍ରାହ୍ମଣ୍ୟବାଦ ବୌଦ୍ଧ ଧର୍ମକୁ ନିଜ ଭୂମିରୁ ଉତ୍‌ଖାତ କରିବାକୁ ସମର୍ଥ ହୋଇଛି । **ତେଣୁ ଏହାହିଁ କୁହାଯିବା ଯଥାର୍ଥ ଯେ ବୌଦ୍ଧ ଧର୍ମର ବିଲୋପିକରଣପାଇଁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ ।**

ମଗଧର ତାଲିମ୍‌ପ୍ରାପ୍ତ ସାମ୍ରାଜ୍ୟବାଦୀ ବାହିନୀ ବୌଦ୍ଧପ୍ରଭାବ ହେତୁ ସ୍ୱଭାବତଃ ଶାନ୍ତ କଳିଙ୍ଗର ପୁରୁଷ ଗଣବାହିନୀକୁ ହତ୍ୟା ଓ କଏଦୀ କରିବା ପରେ ବୌଦ୍ଧ ସଂସ୍କୃତି ଓ ମାତୃଭୂମିର ସୁରକ୍ଷାପାଇଁ ଓଡିଶାର ବୀରା ନାରୀମାନେ ଯୁଦ୍ଧ ଚଳାଇ ଆକ୍ରମଣକାରୀଙ୍କ ମନରେ ଯେଉଁ ଅଭୂତପୂର୍ବ ଭୟ ସଞ୍ଚାର ଘଟାଇଥିଲେ ତାହାରି ଚାପରେ ଏବଂ ମାତୃଗଣଙ୍କ କୋପରୁ ରକ୍ଷାପାଇବା ପାଇଁ ସେ ତତ୍କାଳ ବୌଦ୍ଧଧର୍ମ ଗ୍ରହଣ କରିଯାଇଥିଲେ ମଧ୍ୟ ତହିଁରେ ଦୈବତ୍ୱ ଆରୋପିତ କରାଇ (ଗୋର୍ବାଚ୍ୟୋଭ ସୋଭିଏତ୍ ଦେଶକୁ ଉଜାଡ଼ିଦେବାପରି) ବୌଦ୍ଧଧର୍ମକୁ

orissamatters.com

ଦିଗ୍‌ଭ୍ରଷ୍ଟ କରାଇଥିଲେ । ଏହାର ଆକଳନ ଇତିହାସବିତ୍‌ମାନେ କେବେ କରିବେ ସମୟ ହିଁ କହିବ ।

## ମାତୃଗଣର ବିଜୟ

ମାତ୍ର ଶ୍ରୀ ଦୁର୍ଗାସପ୍ତଶତ୍ୟାମ୍‌ରେ ଏପରି ଏକ ବର୍ଣ୍ଣନା ଅଛି ଯାହା କଳିଙ୍ଗ ଯୁଦ୍ଧର ଏକ ଝଲକ୍ ଆମକୁ ଦେଇପାରେ । ଆକ୍ରମଣକାରୀ ଚଣ୍ଡ ଏବଂ ପରବର୍ତ୍ତୀ କାଳର - ଭୈରବଶାସନ- ଶୁମ୍ଭ ଦାନବର ସେନାନୀ ସହ ମାତୃଗଣର ଏହି ସଂଗ୍ରାମ ଚିତ୍ରିତ ହୋଇଛି ଅଷ୍ଟମ ଅଧ୍ୟାୟରେ । ପରାଜିତ ହୋଇଛି ଆକ୍ରମଣକାରୀ ଦାନବ ।

ଚଣ୍ଡ ତଥା ଭୈରବଶାସନର ସମାର୍ଥବାଚକ ଚଣ୍ଡଚରିତ୍ର ହେତୁ ଚଣ୍ଡାଶୋକ ଭାବେ ବର୍ଣ୍ଣିତ ଅଶୋକ ଓଡ଼ିଶା ମାଟିରେ ରଣ କ୍ଷେତ୍ରରେ ହିଁ ବୌଦ୍ଧଧର୍ମ ଗ୍ରହଣ କରିବାକୁ ଯେ ବାଧ୍ୟ ହୋଇଥିଲା ତାହା **ଓଡ଼ିଶାର ମାତୃଗଣଙ୍କ ବିଜୟ**ର ଅତି ସ୍ପଷ୍ଟ ପ୍ରମାଣ । ତେଣୁ **ଚଣ୍ଡାସୁର ବିରୁଦ୍ଧରେ ମାତୃଗଣଙ୍କ ନେତୃତ୍ୱ ନେଇଥିବା କାଳୀ ବୌଦ୍ଧ ଚେତନାର ପ୍ରତୀକଭାବେ ଶ୍ରୀକ୍ଷେତ୍ରରେ ଶ୍ରୀ ବୁଦ୍ଧ ଜଗନ୍ନାଥଙ୍କ ସମାର୍ଥବାଚକ ହୋଇ ରହିଛନ୍ତି ଓ କାଳୀ ପୂଜା ରାତିରେ ହିଁ ଓଡ଼ିଆ ଜାତି ଜୟଦେବଙ୍କ ଅଷ୍ଟପଦୀର ପ୍ରତୀକ ରୂପେ ବାଇଶି ପାହାଚର କଳ୍ପନା କରି ତାର ବଡ଼ବଡୁଆ, ଅର୍ଥାତ୍ କଳିଙ୍ଗ ଯୁଦ୍ଧରେ ସହିଦ୍ ହୋଇଥିବା ବୌଦ୍ଧ ଓ ସ୍ୱୟଂ ବୁଦ୍ଧଙ୍କ ସମ୍ମାନରେ ଓ ସ୍ମୃତିରେ ଜାଳି ଚାଲିଛି ଆଗ୍ନେୟ ଦିହୁଡ଼ି ।**

ଏବଂ ଏ ଦିହୁଡ଼ିର ଲେଲିହାନ ଶିଖାର ଦିପ୍ତୀରେ ଦିପ୍ତୀରେ ଦୋହରାଇ ଆସିଛି, 'ବଡ଼ବଡ଼ିଆ ହୋ ! ଅନ୍ଧାରରେ ଆସି ଆଲୋକରେ ଯା, ବାଇଶି ପାହାଚରେ ଗଡ଼ଗଡ଼ଉ ଥା" ।

ଅର୍ଥାତ୍ ହେ ବଡ଼ବଡୁଆ ! ହେ ବୁଦ୍ଧ ଓ ବୁଦ୍ଧାନୁଗତ ! ଯେତେବେଳେ ଯେତେବେଳେ ଜନସମାଜ ବିଭେଦଗ୍ରସ୍ତ ହେଉଥିବ, ବର୍ଣ୍ଣବୈଷମ୍ୟବାଦର ଆଘାତରେ ଝାଉଁଳି ପଡୁଥିବ ସାମାଜିକ ସାମ୍ୟ, ବୈପ୍ରଚିତ୍ତ ଦାନବମାନଙ୍କ ଅଭ୍ୟୁତ୍‌ଥାନ ଘଟି ମାନବିକ ମହତ୍ତ୍ୱ ବିପର୍ଯ୍ୟସ୍ତ ହୋଇପଡୁଥିବ, ଗ୍ରାସିଯାଉଥିବ କୁସଂସ୍କାରପ୍ରସୂତ ଅନ୍ଧକାର ମାନବର ମନୋରାଜ୍ୟକୁ, ସ୍ୱଚ୍ଛଚରିତ୍ରସଂପନ୍ନ ସରଳ ମଣିଷ ମନ୍ଦ ମନୋବୃତ୍ତିସଂପନ୍ନ ମ୍ଳେଚ୍ଛମାନଙ୍କ ପରିସୃଷ୍ଟ ଧର୍ମାନ୍ଧତାର କବଳରେ ପଡ଼ି ହୋଇଉଠୁଥିବ କ୍ଷୁଦ୍ରମନା, ସେତେବେଳେ ସେତେବେଳେ ତମେ ସେହି ଅନ୍ଧକାରର ବୁକୁ ଚିରି ଆସୁଥିବ, ଧୁମକେତୁ ସମ ଭୀଷଣ କରାଳ କରବାଳ ତୋଳି ବର୍ଣ୍ଣବୈଷମ୍ୟବାଦୀ ସେହି ମ୍ଳେଚ୍ଛ ମାନଙ୍କୁ ନିପାତ କରୁଥିବ ଏବଂ ସେହି କରବାଳର ତଡ଼ିତ୍ ତେଜରେ ହଟିଯାଉଥିବ ଧର୍ମାନ୍ଧତା, ଲଳିତ-ବିପ୍ଳବୀ ଜୟ ଦେବଙ୍କ ପରିସୃଷ୍ଟ ବାଇଶି ପାହାଚରେ ପୁନର୍ବାର ଝଳି ଉଠୁଥିବ ସହଜଯାନ, ଜୀବନଜିଜ୍ଞାସାର ସହଜ ସମାଧାନ: ସୃଷ୍ଟିମୂଳେ ପୁରୁଷ ନୁହେଁ, ନାରୀ ହିଁ ପ୍ରଧାନ ।

## ସେହି ପାହାଚ

ଏବଂ ଏହି ଚେତନା ମାତୃସତ୍ତାକୁ ସନ୍ଦୀପିତ କରି ମାତୃଭୂମିତତ୍ତ୍ୱକୁ ଦୃଢ଼ୀଭୂତ କରୁଥିବ ଏବଂ ମାତୃଭୂମିର ସବୁ ସନ୍ତାନ ସମତାର ଆଲୋକରେ ଉଦ୍ଭାସିତ ହୋଇ, ତମ ଚିରନ୍ତନୀ

orissamatters.com

ଆତଯାତ ପାଇଁ ସଜାଇ ରଖିଥିବେ ଜୀବନଜିଜ୍ଞାସାର ସେହି ମହାର୍ଘ ବାଇଶି ପାହାଚ ଏବଂ, ସେଇଠି, ହେ ବୁଦ୍ଧ ! ହେ ଜଗନ୍ନାଥ ! ହେ କଲ୍କୀ ! ହେ କାଳୀ ! ହେ କାଠଗଡ଼ରେ ଗଢ଼ା ମାତୃରୂପା ମାଦଳା ! ତମେ ଯେତେଥର ବାହାରକୁ ଯାଉଥିବ ସେତେଥର ସେହି ପାହାଚରେ ସେମାନେ ତମକୁ ଗଡେଇ ଆଣୁଥିବେ ଭିତରକୁ । ଗଡେଇ ଆଣୁଥିବେ ମନ୍ଦିରକୁ । ମନକୁ । ହୃଦୟକୁ । ସମନ୍ୱୀତ କରୁଥିବେ ସମୂହର ଅନୁଭୂତିରେ ବ୍ୟକ୍ତିର ଅଭିରୁଚିକୁ, ସମୃଦ୍ଧ କରୁଥିବେ ସମାଜର ଦ୍ୟୋତନାରେ ବ୍ୟକ୍ତିର ଚେତନକୁ ।

ତେଣୁ, ହେ ବଡ଼ବଡୁଆ, ଅନ୍ଧାରରେ ଆସି ଆଲୁଅରେ ଯା, ବାଇଶି ପାହାଚରେ ଗଡ଼ଗଡ଼ଉ ଥା ।



orissamatters.com



# ଏଥର
# ଶ୍ରୀଜୟଦେବଙ୍କ
# ରସାଳ ପଦାବଳୀ
# ଓ ତହିଁର ପଦ୍ୟାନୁବାଦ

ପ୍ରସ୍ତାବନା, ଦଶାବତାର ବନ୍ଦନା ଓ ମଙ୍ଗଳାଚରଣ ସହ ଏଥିରେ ସନ୍ନିହିତ ହୋଇଛି ବିଶ୍ୱରେ ଅଦ୍ୱିତୀୟ ଏହି ଲଳିତ-ବିପ୍ଳବୀ କବିଙ୍କ ବାଇଶିଟିଯାକ ଅଷ୍ଟପଦୀ ଯାହାହିଁ ତତ୍ତ୍ୱତଃ ଶ୍ରୀଜଗନ୍ନାଥବୁଦ୍ଧଙ୍କ ପାଖରେ ପହଞ୍ଚିବାପାଇଁ ଓଡ଼ିଆ ଜନ ମାନସରେ ଥିବା ଶ୍ରୀମନ୍ଦିରର ବାଇଶି ପାହଚ ।

ତହିଁ ପରେ ଅଛି ବିଦଗ୍ଧ ବନ୍ଧୁମଣ୍ଡଳି ହାତରେ ତହିଁର ସମର୍ପଣ ସୂଚକ ପଦଟି ।

orissamatters.com

# ପ୍ରସ୍ତାବନା

(ଶ୍ରୀ ଜୟ ଦେବ କ'ଣ ଲେଖିବାକୁ ଯାଉଛନ୍ତି ଏବଂ କାହିଁକି ଲେଖିବାକୁ ଯାଉଛନ୍ତି ଏଠାରେ ତହିଁର ସୂଚନା ରହିଛି । ନିଜର ସବୁ ପ୍ରବନ୍ଧରେ ସେ ନିଜ ନାମ ସଂଯୁକ୍ତ କରିଛନ୍ତି । ଏହି କାରଣ ହେତୁ ଏହି ପ୍ରାଥମିକ ପଦ ଦୁଇଟିକୁ ତାଙ୍କ ରଚନାଭାବେ ଗ୍ରହଣକରି ପ୍ରସ୍ତାବନା ଶୀର୍ଷକରେ ସଂପାଦିତ କରାହୋଇଛି ।)

ବାଗ୍‌ଦେବତାଚରିତଚିତ୍ରିତଚିତ୍ତସଦ୍ମା
ପଦ୍ମାବତୀଚରଣଚାରଣଚକ୍ରବର୍ତ୍ତୀ
ଶ୍ରୀବାସୁଦେବରତିକେଳିକଥାସମେତ-
ମେତଂ କରୋତି ଜୟ ଦେବ କବିପ୍ରବନ୍ଧମ୍ ।୧ ।

ବାଣୀ ଯା'ର ଚିତ୍ତେ ବିଜେ ଅବିରତେ
ଚକ୍ରେ ଯେ ଚିର ବର୍ତ୍ତମାନ
ପଦ୍ମାବତୀର ଚରଣେ ଯାହାର
ଅର୍ପିତ ମନ, ପଞ୍ଚ ପ୍ରାଣ;
ସେଇ ଜୟ ଦେବ ବାସୁଦେବ ରତି ଭାରତୀ
ପରଷଇ କରି କାବ୍ୟ ବନ୍ଧେ ଭଣିତି ।। ୧ ।।

ଯଦି ହରିସ୍ମରଣେ ସରସଂମନୋ
ଯଦି ବିଳାସକଳାସୁ କୁତୁହଳମ୍
ମଧୁରକୋମଳକାନ୍ତପଦାବଳୀମ୍
ଶୃଣୁ ତଦା ଜୟ ଦେବ ସରସ୍ୱତୀମ୍ ।୨ ।

ମନ ରସଇ ଯଦି ହରି ଚରିତେ
ବିଳାସକଳାପାଇଁ ବଳଇ ଚିତ୍ତ
ଶୁଣ ଯା' ଜୟ ଦେବ ଭଣନ୍ତି ଗୀତେ
ମଧୁର କମନୀୟ ରସ-ଭରିତ ।।୨ ।।

orissamatters.com

## ଦଶାବତାର ବନ୍ଦନା

(ଅଷ୍ଟପଦୀ ନ ହୋଇ ବି ଓଡ଼ିଆ ଜନମାନସରେ ଏହା ଅଷ୍ଟପଦୀ । ପୁରୁଷୋତ୍ତମ ବୁଦ୍ଧଦେବଙ୍କୁ ବ୍ରାହ୍ମଣ୍ୟବାଦ କବଳରେ ଥିବା ଲୋକଙ୍କପାଇଁ ଗ୍ରହଣୀୟ କରାଇବାରେ ଜୟ ଦେବଙ୍କ କୌଶଳ ବହନ କରୁଥିବା ହେତୁ ଏହି ଦଶାବତାର ସ୍ତୁତି ଅନନ୍ୟ ବୈଶିଷ୍ଟ୍ୟର ଅଧିକାରୀ ।)

ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍
ବିହିତ ବହିତ୍ର-ଚରିତ୍ରମଖେଦମ୍ ।
କେଶବ, ଧୃତ ମୀନଶରୀର
ଜୟ ଜଗଦୀଶ ହରେ ।୧ ।

ଚରିତ୍ରେ ବହିତ୍ର
ସମ ବିଶ୍ୱମିତ୍ର
ପ୍ରକଟାଇ ନିଜ
ଅଖେଦ ଚରିତ
ଉଦ୍ଧରିଥିଲ
ଅଜ୍ଞାନ-ପୟୋଧି ଜଳୁଁ
ନିରବଧି ଜ୍ଞାନରେ ।
ଜୟ ମୀନରୂପ !
ଜୟହେ କେଶବ !
ଜୟ ଜଗଦୀଶ ହରେ । ।୧ । ।

କ୍ଷିତିରତିବିପୁଳତରେ ତବ ତିଷ୍ଠତି ପୃଷ୍ଠେ
ଧରଣିଧାରଣକିଣଚକ୍ରଗରିଷ୍ଠେ ।
କେଶବ, ଧୃତକଚ୍ଛପରୂପ
ଜୟ ଜଗଦୀଶ ହରେ ।୨ ।

ବିଶାଳ ବିପୁଳ
କୂର୍ମ ଶରୀର
ଧାରଣକରି ହେ ଧରଣୀର ଭାର
ବହିଥିଲ ବୋଲି
ଗହନ ଚିହ୍ନ

orissamatters.com

ରହିଛି ପୃଷ୍ଠପଟରେ ।
କଚ୍ଛପରୂପ !
ଜୟ ହେ କେଶବ !
ଜୟ ଜଗଦୀଶ ହରେ ।।୨।।

ବସତି ଦଶନଶିଖରେ ଧରଣୀ ତବ ଲଗ୍ନା
ଶଶିନି କଳଙ୍କକଳେବନିମଗ୍ନା ।
କେଶବ , ଧୃତ ଶୂକରରୂପ,
ଜୟ ଜଗଦୀଶ ହରେ ।୩।

ଦଶନ ଶିଖରେ
ଯେବେ ଧାତିକାରେ
ଧରି ସମ୍ଭାଳିଥିଲ ଧରଣୀରେ
ଶଶଧର ଯଥା
ଶଶା ରଖିଥିଲେ
ରାଜିଥିଲ ସେହି ଠାଣିରେ ।
ଶୂକରରୂପହେ !
ଜୟ ହେଉ ତବ !
ଜୟ ଜଗଦୀଶ ହରେ ।।୩।।

ତବ କରକମଳବରେ ନଖମଦ୍ଭୁତଶୃଙ୍ଗମ୍
ଦଳିତହିରଣ୍ୟକଶିପୁତନୁଭୃଙ୍ଗମ୍ ।
କେଶବ , ଧୃତନରହରିରୂପ
ଜୟ ଜଗଦୀଶ ହରେ ।୪।

କରକମଳରେ
ଅଦ୍ଭୁତାକାରେ
ଉଦ୍ଭୁତ ନଖ ପ୍ରହାରି କୋପରେ
ଦଳିଦେଇଥିଲ
ଭୃଙ୍ଗପ୍ରଖ୍ୟ
ହିରଣ୍ୟକଶିପୁ ତନୁରେ ।
ନରହରିରୂପ !
ଜୟ ହେ କେଶବ ! ଜୟ ଜଗଦୀଶ ହରେ ।।୪।।

orissamatters.com

ଛଳୟସି ବିକ୍ରମଣେ ବଳିମଦ୍ଭୁତବାମନ
ପଦନଖ-ନୀର-ଜନିତ-ଜନ-ପାବନ ।
କେଶବ , ଧୃତବାମନରୂପ
ଜୟ ଜଗଦୀଶ ହରେ ।୫ ।

ଅଦ୍ଭୁତାକାର
ବାମନ ଶରୀର
ଧରି ଛଳକରି ଯେବେଳେ ବଳିର
ଗରବ ହରିଲ
ନଭୁଁ ନିଃସରିଲା
ଗଙ୍ଗା ପୟରଘାତରେ ।
ବାମନରୂପ ହେ !
ଜୟ ହେଉ ତବ ।
ଜୟ ଜଗଦୀଶ ହରେ । ।୫ । ।

କ୍ଷତ୍ରିୟରୁଧିରମୟେ ଜଗଦପଗତପାପମ୍
ସ୍ନପୟସି ପୟସି ଶମିତଭବତାପମ୍ ।
କେଶବ , ଧୃତଭୃଗୁପତିରୂପ
ଜୟ ଜଗଦୀଶ ହରେ ।୬ ।

କ୍ଷତ୍ରିୟ ରୁଧିରେ
ଧଉତି ଧରାରେ
ପ୍ରଶମନ କରିଥିଲ ପାପଭାରେ,
ଦୂର କରିଥିଲ
ଭବ-ତାପ-ଭାର
ଧ୍ୱଂସି ଯାତନାଦାୟୀରେ ।
ଭୃଗୁପତିରୂପ !
ଜୟ ହେ କେଶବ !
ଜୟ ଜଗଦୀଶ ହରେ । ।୬ । ।

ବିତରସି ଦିକ୍ଷୁରଣେଦିକ୍‌ପତିକମନୀୟମ୍
ଦଶମୁଖମୌଳିବଳିଂରମଣୀୟମ୍ ।
କେଶବ, ଧୃତରାମଶରୀର
ଜୟ ଜଗଦୀଶ ହରେ ।୭ ।

orissamatters.com

ସମରେ ବିଧିରେ
କ୍ରୂର ଦଶଶିରେ
ବଧି ଦଶଦିଗେ
ଦଶ ଦିଗପାଳେ
ବିତରି ତା ପରା
ରମଣୀୟ କରିଥିଲ
ଏଇ ଧରାଧାମରେ ।
ରାମରୂପଧାରୀ
ଜୟ ହେ କେଶବ !
ଜୟ ଜଗଦୀଶ ହରେ । ।୭ । ।

ବହସିବପୁସିବିଷଦେବସନଂଜଳଦାଭମ୍
ହଳହତିଭୀତିମିଳିତଯମୁନାଭମ୍ ।
କେଶବ ଧୃତହଳଧରରୂପ
ଜୟ ଜଗଦୀଶ ହରେ ।୮ ।

ଶୁଭ୍ର ଶରୀରେ
ଜଳଦ ଆଭାରେ
ଶୋଭାପାଉଥିବା
ବାସ-ବେଢ଼ାଣରେ
ସତେ ବା ଅଟକି
ରହିଛି ଯମୁନା
ତବ ହଳାୟୁଧ ଭୟରେ ।
ହଳଧରରୂପୀ
ଜୟ ହେ କେଶବ !
ଜୟ ଜଗଦୀଶ ହରେ । ।୮ । ।

ନିନ୍ଦସିଯଜ୍ଞବିଧେରହହଶ୍ରୁତିଜାତମ୍
ସଦୟହୃଦୟଦର୍ଶିତପଶୁଘାତମ୍ ।
କେଶବ , ଧୃତବୁଦ୍ଧଶରୀର
ଜୟ ଜଗଦୀଶ ହରେ ।୯ ।

orissamatters.com

ନିରିହ ପଶୁରେ
ଯଜ୍ଞ ଆଳରେ
ବଳିଦେବା ଯେଉଁ ଶାସ୍ତ୍ରରେ ଚଳେ,
ନିନ୍ଦି ତାହାରେ
ସଦୟ ହୃଦୟ !
ନୂଆ ଧାରା ଦେଲ ଧରାରେ ।
ବୁଦ୍ଧଶରୀର
କେଶବ ହେ ଜୟ ।
ଜୟ ଜଗଦୀଶ ହରେ । ।୯ । ।

ମ୍ଳେଛନିବହନିଧନେକଳୟସିକରବାଳମ୍
ଧୂମକେତୁମିବକିମପିକରାଳମ୍ ।
କେଶବ, ଧୃତକଲ୍କୀଶରୀର
ଜୟ ଜଗଦୀଶ ହରେ ।୧୦ ।

ଧୂମକେତୁ ସମ
କରାଳ ଭୀଷଣ
କରବାଳ ତୋଳି ମ୍ଳେଛ ନିସୁଦନ
ଘଟାଇ ଘଟଣ
କର ଉଦ୍ଦୀପନ
ଶୌର୍ଯ୍ୟ ଏ ଧରାଧାମରେ ।
କଲ୍କୀଶରୀର
କେଶବ ହେ ଜୟ, ଜୟ ଜଗଦୀଶ ହରେ । ।୧୦ । ।

ଶ୍ରୀଜୟ ଦେବକବେରିଦମୁଦିତମୁଦାରମ୍
ଶୃଣୁଶୁଭଦଂସୁଖଦଂଭବପାରମ୍ ।
କେଶବ, ଧୃତଦଶବିଧରୂପ
ଜୟ ଜଗଦୀଶ ହରେ ।୧୧ ।

ସାରା ଏ ଭବରେ
ସାର-ଭାବନାରେ
ଶୁଭଦ ସୁଖଦ ଅମୀୟ ଆଦରେ
ଶ୍ରୀଜୟଦେବଙ୍କ

orissamatters.com

ଭଣିତ ଏ ଗୀତ
ଶୁଣାଯାଉ ମୋଦେ, ଉଦାରେ ।
ଦଶବିଧରୂପଧାରୀ ହେ କେଶବ !
ଜୟ ଜଗଦୀଶ ହରେ ।।୧୧ ।।

## ମଙ୍ଗଳାଚରଣ

(ଓଡ଼ିଶାର ସର୍ବଶ୍ରେଷ୍ଠ ପୁରୁଷ ପୁରୁଷୋତ୍ତମ ବୁଦ୍ଧଙ୍କୁ ବ୍ରାହ୍ମଣ୍ୟବାଦୀମାନଙ୍କପକ୍ଷେ ଗ୍ରହଣୀୟ ଶୈଳୀରେ ଉପସ୍ଥାପିତ କଲାପରେ ଶ୍ରୀ ଜୟଦେବ ବୌଦ୍ଧ କାମବଜ୍ରଯାନର ଏକ ସହାୟକ ସାହିତ୍ୟ ଭାବେ *ବିଳାସକଳା* ପରିବେଷଣର ଯେଉଁ ପରିକଳ୍ପନା କରିଛନ୍ତି ତାହା ଯେପରି ବ୍ରାହ୍ମଣ୍ୟବାଦୀମାନଙ୍କ ସନ୍ଦେହୀ ଦୃଷ୍ଟି ଆକର୍ଷଣ ନ କରେ ତାକୁ ଆଖି ଆଗରେ ରଖି, ସେମାନଙ୍କ ସମର୍ଥନଯୋଗ୍ୟ ଏହି ମଙ୍ଗଳାଚରଣ ରଚନା କରିଛନ୍ତି । ଏଥିରେ ମୁଖ୍ୟତଃ ସହଜ ନାୟକ ଶ୍ରୀକୃଷ୍ଣଙ୍କ ଆଢୁଆଳରେ ବୁଦ୍ଧଙ୍କ ହରି ନାମହିଁ ପ୍ରକୀର୍ତ୍ତିତ ।)

ଶ୍ରିତ କମଳାକୁଚମଣ୍ଡଳ
ଧୃତକୁଣ୍ଡଳ ।
କଳିତଲଳିତବନମାଳ ।
ଜୟ ଜୟ ଦେବ ହରେ ।୧ ।

ଆଶ୍ରିତ ଯିଏ କମଳାର କୁଚମଣ୍ଡଳେ
ଶୋହେ ବନମାଳେ, ଶୋଭାପାଏ ଚାରୁ କୁଣ୍ଡଳେ,
ସେହି ହରିଙ୍କର ଜୟ ହେଉ, ଜୟ ହେଉ ହେ ।
ଜୟ ହେଉ,
ଜୟ ହେଉ ହେ ।।୧ ।।

ଦିନମଣିମଣ୍ଡଳମଣ୍ଡନ
ଭବଖଣ୍ଡନ ।
ମୁନିଜନମାନସହଂସ ।
ଜୟ ଜୟ ଦେବ ହରେ ।୨ ।

orissamatters.com

ଭବ ଭାବ ଭାର ଅତିକ୍ରମେ ମୁନି ମାନସେ
ଭାବ-କଲ୍ଲୋଳେ ଚହଟେ ଯେ ପ୍ରତି ନିମିଷେ
ଶଉରି ଶ୍ରେଷ୍ଠ ସେ ହରିଙ୍କ ଜୟ ହେଉ ହେ ।
ଜୟ ହେଉ, ଜୟ ହେଉ ହେ । ।୨ ।

କାଳିୟବିଷଧରଗଞ୍ଜନ
ଜନରଞ୍ଜନ ।
ଯଦୁକୁଳନଳିନଦିନେଶ ।
ଜୟ ଜୟ ଦେବ ହରେ ।୩ ।

ନିଠୁର ନାଗର କବଳୁ ମୁକାଳି ସକଳେ
ସମରପିଲେ ଯେ କାଳିନ୍ଦୀ ସଳିଳ ସଲୀଳେ
ସେଇ ଯଦୁନାଥ ହରିଙ୍କର ଜୟ ହେଉ ହେ ।
ଜୟ ହେଉ,
ଜୟ ହେଉ ହେ । ।୩ । ।

ମଧୁମୁରନରକବିନାଶନ
ଗରୁଡ଼ାସନ ।
ସୁରକୁଳକେଳିନିଦାନ ।
ଜୟ ଜୟ ଦେବ ହରେ ।୪ ।

ମଧୁ ମୁରାସୁର ନରକାସୁରର ନିଧନ
ଘଟାଇ ଯେ ସୁରକୁଳେ କଲେ ସୁଖ ବିଧାନ
ଗରୁଡ଼ାସନ ସେ ହରିଙ୍କର ଜୟ ହେଉ ହେ ।
ଜୟ ହେଉ,
ଜୟ ହେଉ ହେ । ।୪ । ।

ଅମଳକମଳଦଳଲୋଚନ
ଭବମୋଚନ ।
ତ୍ରିଭୁବନଭବନନିଧାନ ।
ଜୟ ଜୟ ଦେବ ହରେ ।୫ ।

ଅମଳ କମଳ ଦଳ ସମ ଚାରୁ ନୟନ
ଯା ହେତୁ ମଳିନ ତିନି ଭୁବନରେ ପିଶୁନ
ସେ ଭବମୋଚନ ହରିଙ୍କର ଜୟ ହେଉ ହେ ।
ଜୟ ହେଉ, ଜୟ ହେଉ ହେ । ।୫ । ।

orissamatters.com

ଜନକସୁତାକୃତଭୂଷଣ
ଜିତଦୂଷଣ ।
ସମରଶମିତଦଶକଣ୍ଠ ।
ଜୟ ଜୟ ଦେବ ହରେ ।୬ ।

ଜନକତନୟା କରିଥିଲେ ଯା'ରେ ଭୂଷଣ
ନିପାତ କଲେ ଯେ ସମରେ ଅଜେୟ ରାବଣ
ଜିତିଣ ଦୂଷଣ ସେ ହରିଙ୍କ ଜୟ ହେଉ ହେ ।
ଜୟ ହେଉ,
ଜୟ ହେଉ ହେ । ।୬ । ।

ଅଭିନବଜଳଧରସୁନ୍ଦର
ଧୃତମନ୍ଦର ।
ଶ୍ରୀମୁଖଚନ୍ଦ୍ରଚକୋର ।
ଜୟ ଜୟ ଦେବ ହରେ ।୭ ।

ନବ ଜଳଧର ସମ କୋମଳ ଯା ତନୁରେ
ଜାଗେ ବିଦ୍ରୋହ ଦେବରାଜ ଉପଦ୍ରବରେ
ସେ ମନ୍ଦରଧର ଶ୍ରୀକାମୀଙ୍କ ଜୟ ହେଉ ହେ ।
ଜୟ ହେଉ,
ଜୟ ହେଉ ହେ । ।୭ । ।

ଶ୍ରୀଜୟ ଦେବ କବେରିଦମ୍
କୁରୁତେମୁଦମ୍ ।
ମଙ୍ଗଳମୁଜ୍ଜ୍ୱଳଗୀତମ୍ ।
ଜୟ ଜୟ ଦେବ ହରେ ।୮ ।

ଶ୍ରୀ ଜୟ ଦେବ ଯେ କରନ୍ତି ଏସନ ଭଣିତା
ମୋଦଦାୟୀ ଏହି ମଙ୍ଗଳଗୀତି କବିତା
ଉଜ୍ଜ୍ୱଳ ଚିର ହରିଙ୍କର ଜୟ ହେଉ ହେ ।
ଜୟ ହେଉ,
ଜୟ ହେଉ ହେ । ।୮ । ।

orissamatters.com

## ପ୍ରଥମ ପାହାଚ

(କାମୋଦ୍ଦୀପକ ବସନ୍ତ ଋତୁରେ କୌଣସି ଏକ ସମୟରେ କୁଞ୍ଜକାନନରେ ଯୁବତୀମାନଙ୍କ ସହ କ୍ରୀଡ଼ାରତ ହରିଙ୍କ ପ୍ରତି ବିରହିଣୀ ରାଧାଙ୍କ ମନରେ ଯୌନ ଆଗ୍ରହ ଉଦ୍ଦୀପନପାଇଁ ଉଦ୍ୟମ କରୁଛନ୍ତି ଜଣେ କୁଟ୍ଟିନୀ)

ଲଳିତଲବଙ୍ଗଲତାପରିଶୀଳନକୋମଳମଳୟସମୀରେ
ମଧୁକରନିକରକରମ୍ବିତକୋକିଳକୂଜିତକୁଞ୍ଜକୁଟୀରେ ।
ବିହରତି ହରିରିହ ସରସବସନ୍ତେ ।
ନୃତ୍ୟତି ଯୁବତିଜନେନ ସମଂ ସଖି ବିରହିଜନସ୍ୟ ଦୁରନ୍ତେ ।୧ ।

ବିରହୀପାଇଁ ଅସହ ଅତି ସରସ ମଧୁକାଳ
ଏକାଳେ ନାଚେ କୁଞ୍ଜେ ହରି ସଙ୍ଗେ ଯୁନୀଦଳ
ଅତି ଲଳିତ ଲବଙ୍ଗ ଲତା ବିତାନ ଆଲିଙ୍ଗନେ
ଲୋଳ କୋମଳ ମଳୟାନିଳ ପ୍ରସରେ ମଧୁବନେ
ପ୍ରସରେ ମଧୁକର କୋକିଳ ମିଳିତ ମୃଦୁଗୀତି
ଏସନ କାଳେ ବିରାଜେ ହରି କୁଞ୍ଜେ ପ୍ରେମେ ମାତି ।।୧ ।।

ଉନ୍ମଦମଦନମନୋରଥପଥିକବଧୂଜନଜନିତବିଳାପେ ।
ଅଳିକୁଳସଂକୁଳକୁସୁମସମୂହନିରାକୁଳବକୁଳକଳାପେ ।୨ ।

ସଖି ଏସନ ବସନ୍ତ ଦିନେ ବକୁଳ ବନେ ବନେ
ଅଳିକୁଳର ଗୁଞ୍ଜନରେ ମିଶଇ ଅନୁକ୍ଷଣେ
ପ୍ରୋଷିତ ପ୍ରିୟତମାର ମନ ମଦନ ମନୋରଥେ
ଆରୋହି ଯେଉଁ ବିଳାପ ରଟେ ଲିପ୍ସା ଅନୁନାଦେ ।।୨ ।।

ମୃଗମଦସୌରଭରଭସବଶମ୍ବଦନବଦଳମାଳତମାଳେ ।
ଯୁବଜନହୃଦୟବିଦାରଣମନସିଜନଖରୁଚିକିଂଶୁକଜାଳେ ।୩ ।

orissamatters.com

ତମାଳମାଳେ ବିକଶେ ସଖି ଶ୍ୟାମଳ ପତ୍ରଦଳ
କେଶରମିଶା କସ୍ତୁରୀରେ ମଣ୍ଡିଚି ବା ମାର !
ଲୋହିତରୂପା ପଳାଶଫୁଲେ ଭରା ଏ ବନଭୂମ
ଅବା ତା ଯୁବା ବୁକୁ ବିଦାରି ଅତନୁ ନଖଦାମ ।।୩।।

ମଦନମହୀପତିକନକଦଣ୍ଡରୁଚିକେଶରକୁସୁମବିକାଶେ ।
ମିଳିତଶିଳୀମୁଖପାଟଳିପଟଳକୃତସ୍ମରତୂଣବିଳାସେ ।୪।

ନାଗକେଶର କୁସୁମ ଫୁଟି ମଦନ ମହୀପତି
କନକଦଣ୍ଡ ପରାଏ ଶୋହେ ଏ ମଧୁମାସେ ନିତି
ପାଟଳିଫୁଲେ ମିଳି ଅଧୀରେ ମୁଗ୍‌ଧ ଶିଳୀମୁଖ
ଏପରି ଦିଶେ ସତେ ବା ତାହା ଅନଙ୍ଗବିଶିଖ ।।୪।।

ବିଗଳିତଲଜ୍ଜିତଜଗଦବଲୋକନତରୁଣକରୁଣକୃତହାସେ ।
ବିରହିନିକୃନ୍ତନକୁନ୍ତମୁଖାକୃତିକେତକିଦନ୍ତୁରିତାଶେ ।୫।

ବସନ୍ତବଶେ ଲଜ୍ଜାତେଜା ଜଗତେ ହାସ ଢାଳି
ଅପାରହସା ମଲ୍ଲିକଢ଼ି ଉଙ୍ଗେ ଉଠେ ଝଳି ।
ଦନ୍ତୁରିତ କେତକୀଫୁଲ ଦିଶଇ ଠାଇଁ ଠାଇଁ
କନ୍ଦର୍ପର କୁନ୍ତ ସେ ବା ବିରହୀ ବୁକୁପାଇଁ ।।୫।।

ମାଧବିକାପରିମଳଲଳିତେ ନବମାଳତୀଜାତିସୁଗନ୍ଧୌ ।
ମୁନିମନସାମପି ମୋହନକାରିଣି ତରୁଣାକାରଣବନ୍ଧୌ ।୬।

ମାଧବୀଲତା ହସଇ ଫୁଲେ ମାଳତୀ ଜାଈଫୁଲ
ମାଦକଭରା ଗନ୍ଧେ ଯା'ର ମୁନିମାନସ ଜ୍ଜୁର ।
ତରୁଣପାଇଁ ପରମ ପ୍ରିୟ ଏଇ ଏ ମଧୁକାଳେ
କୁଞ୍ଜକୋଳେ ରସିକରାଜ ବିରାଜେ କୁତୂହଳେ ।।୬।।

orissamatters.com

ସ୍ଫୁରଦତିମୁକ୍ତଲତାପରିରମ୍ଭଣମୁକୁଳିତପୁଲକିତଚୂତେ ।
ବୃନ୍ଦାବନବିପିନେ ପରିସରପରିଗତଯମୁନାଜଳପୂତେ ।୭ ।

ମୁକ୍ତଲତା ଆଶ୍ଲେଷଣେ ଆମ୍ରତରୁ ଜାଗେ
ମୁକୁଳ ମେଲେ ପୁଲକ ଖେଳେ ମଧୁର ଅନୁରାଗେ
ଯମୁନାକୂଳେ ଯମୁନାଜଳେ ପୂତ ବୃନ୍ଦାବନ
ବିପିନେ ତାର ଋତୁରାଜନ କରିଛି ଆଗମନ ।।୭ ।।

ଶ୍ରୀଜୟ ଦେବଭଣିତମିଦମୁଦୟତି ହରିଚାରଣସ୍ମୃତିସାରମ୍ ।
ସରସବସନ୍ତସମୟବନବର୍ଣ୍ଣନମନୁଗତମଦନବିକାରମ୍ ।୮ ।

ଶ୍ରୀଜୟ ଦେବ ଭଣିତ ଏଇ ମଧୁର ପଦାବଳୀ
ବହନ କରି ବସନ୍ତର ସରସ ରୂପ ଶିରି
ଯଦିଓ ମନେ ମାର ବିକାର ସନ୍ଦୀପିତ କରେ
ହରିଚରଣ ଗାଥା ଚାରଣ ଅଭିଳାଷ ଏ ଧରେ ।।୮ ।।

## *ଦ୍ୱିତୀୟ ପାହାଚ*

(ହରିଙ୍କ ଆକର୍ଷଣୀୟ ଅଙ୍ଗ ସୌଷ୍ଠବର ବର୍ଣ୍ଣନାକରି ସେ କିପରି ବହୁ କାମାତୁରା ନାରୀଙ୍କର ମନୋରଞ୍ଜନ କରିବାକୁ ସମର୍ଥ ଏବଂ ବହୁ ଯୁବତୀ କିପରି ତାଙ୍କ ସହ ପ୍ରେମଲିପ୍ତ, ତହିଁର ଚିତ୍ର ଦେଇ ରାଧାଙ୍କ ମନରେ ରତିମିଳନପାଇଁ ବ୍ୟାକୁଳତା ବୃଦ୍ଧି କରିବାକୁ କୁଟ୍ଟିନୀର ଉଦ୍ୟମ ଅବ୍ୟାହତ ।)

ଚନ୍ଦନଚର୍ଚ୍ଚିତନୀଳକଳେବରପୀତବସନବନମାଳୀ
କେଳିଚଳନ୍ମଣିକୁଣ୍ଡଳମଣ୍ଡିତଗଣ୍ଡଯୁଗସ୍ମିତଶାଳୀ ।
ହରିରିହ ମୁଗ୍ଧବଧୂନିକରେ
ବିଳାସିନି ବିଳସତି କେଳିପରେ ।୧ ।

orissamatters.com

ନୀଳ କଳେବରେ ଚନ୍ଦନଚିତା ଶୋହେ ଗୋ
ଗଳେ କମନୀୟ ବନମାଳ ମନ ମୋହେ ଗୋ ।
ଗଣ୍ଡଯୁଗେ ତା ମଣିକୁଣ୍ଡଳ ଦୋଳଇ
କେଳି କଲ୍ଲୋଳେ ହାସ ବାରେ ବାରେ ଖେଳଇ ।
ପୀତବସନରେ ସୁଶୋଭିତ ହରି ସୁଖରେ
ବିଳାସିନୀ ବଧୂଗହଣେ କୁଞ୍ଜେ ବିହରେ ।୧ ।

ପୀନପୟୋଧରଭାରଭରେଣ ହରିଂ ପରିରଭ୍ୟ ସରାଗମ୍ ।
ଗୋପବଧୂରନୁଗାୟତି କାଚିଦୁଦଞ୍ଚିତପଞ୍ଚମରାଗମ୍ ।୨ ।

ପୀନପୟୋଧର ଭାରେ ମନ୍ଥର ଗୋପୀ କେ'
ସରାଗେ ଘେରାଇ ହରିରେ ତା ବାହୁଲତିକେ
ବେପଥୁର ତାଳେ ତୋଳେ ପଞ୍ଚମରାଗିଣୀ
କଞ୍ଜନୟନା କୁଞ୍ଜଗାମିନୀ ଭାବିନୀ ।୨ ।

କାପି ବିଳାସବିଲୋଳବିଲୋଚନଖେଳନଜନିତମନୋଜମ୍ ।
ଧ୍ୟାୟତି ମୁଗ୍‌ଧବଧୂରଧିକଂ ମଧୁସୂଦନବଦନସରୋଜମ୍ ।୩ ।

ମୁଗ୍‌ଧା ବାଳା କେ ବିଳାସବିଲୋଳ ଲୋଚନେ
ଜଗାଏ ଯେ ମନେ ମନସିଜ-ଭାବ ଗୋପନେ
ସେ ମଧୁସୂଦନ ବଦନ ସରୋଜେ ଚାହିଁ ଗୋ
ଅତନୁ ଆତୁରେ ଯାଏ ତନ୍ମୟ ହୋଇ ଗୋ ।୩ ।

କାପି କପୋଳତଳେ ମିଳିତା ଲପିତୁଂକିମପି ଶ୍ରୁତିମୂଳେ ।
କାପି ଚୁଚୁମ୍ବ ନିତମ୍ବବତୀ ଦୟିତଂ ପୁଲକୈରନୁକୂଳେ ।୪ ।

କେଉଁ ନିତମ୍ବିନୀ କାନପାଶେ ରଖି ଅଧର
କଥା ହେବାବେଳେ କପୋଳେ ମିଳାଇ କପୋଳ
ଦେଖେ ରୋମାଞ୍ଚ ଖେଳିଉଠେ ପ୍ରିୟ ତନୁରେ
ସେଇ ସୁଯୋଗରେ ଚୁମ୍ବେ ତା ଓଠ ଅଧୀରେ ।୪ ।

orissamatters.com

କେଳିକଳାକୁତୁକେନ ଚ କାଚିଦମୁଂ ଯମୁନାଜଳକୂଳେ
ମଞ୍ଜୁଳବଞ୍ଜୁଳକୁଞ୍ଜଗତଂ ବିଚକର୍ଷ କରେଣ ଦୁକୂଳେ ।୫ ।

କାମକେଳି କଉତୁକେ ଔତ୍ସୁକ୍ୟେ ବାଳା କେ'
ଯମୁନା ପୁଳିନେ ବେତସକୁଞ୍ଜେ ପୁଲକେ
ପରବେଶି ବନମାଳୀ ଅବୟବୁ ଦୁକୂଳ
କରେ ଆକର୍ଷେ ମନେ ମାନି ମାର ପ୍ରକର ।୫ ।

କରତଳତାଳତରଳବଳୟାବଳିକଳିତକଳସ୍ୱନବଂଶେ
ରାସରସେ ସହନୃତ୍ୟପରା ହରିଣା ଯୁବତିଃ ପ୍ରଶଶଂସେ ।୬ ।

କେଉଁ ଚାରୁହାସୀ ରାସରସେ ଭାସି ଭାସି ଗୋ
ନଟବରତୁଲେ ନୃତ୍ୟେ ନିଡ଼ରେ ଝାସି ଗୋ
ତାଳଦେଉଁ କରତାଳେ ତା ବଳୟୁଁ ବାହାରି
ନିକ୍ୱଣ ମିଶେ ବଂଶୀର ସ୍ୱନେ ଶ୍ରୀହରି
ନନ୍ଦ୍ୟ ସେ ରସେ ମୋଦେ ପ୍ରଶଂସି ବାଳାରେ
ମଜ୍ଜେ ଅଧିକୁ ଅଧିକ ନୃତ୍ୟକଳାରେ ।୬ ।

ଶ୍ଳିଷ୍ୟତି କାମପି ଚୁମ୍ବତି କାମପି କାମପି ରମୟତି ରାମାମ୍ ।
ପଶ୍ୟତି ସସ୍ମିତଚାରୁତରାମପରାମନୁଗଚ୍ଛତି ବାମାମ୍ ।୭ ।

ଆଶ୍ଳେଷି କା'ରେ, ଚୁମ୍ବି କା' ଚାରୁକପୋଳେ
ରମଣକରି କେ' ରାମାରତନକୁ ରାଜିରେ,
କେଉଁ ସ୍ମିତହାସୀ ଲପନେ ନିବେଶି ନୟନ
ପ୍ରେମେ ସେ ନାଗର କରେ ବା କା' ଅନୁଗମନ ।୭ ।

ଶ୍ରୀଜୟ ଦେବକବେରିଦମଦ୍ଭୁତକେଶବକେଳିରହସ୍ୟମ୍ ।
ବୃନ୍ଦାବନବିପିନେ ଲଳିତଂ ବିତନୋତୁ ଶୁଭାନିଯଶସ୍ୟମ୍ ।୮ ।

ବୃନ୍ଦାବନର କୁଞ୍ଜକାନନେ ଘଟିତ
କେଶବର ଏଇ ଅଦ୍ଭୁତ କେଳି ଲଳିତ
ପଦ୍ୟବନ୍ଧେ ଅରପେ ଶ୍ରୀଜୟ  ଦେବ ହେ
ପଠନେ ଏହାର ଶୁଭ ହେବ ଅନୁଭବ ହେ ।୮ ।

orissamatters.com

## ତୃତୀୟ ପାହାଚ

(ରସିକ ନାଗର ହରିଙ୍କ ସହ ଅନ୍ୟ ନାରୀମାନଙ୍କ କାମକେଳିର ବର୍ଣ୍ଣନା ଶୁଣି ଶୁଣି ପ୍ରେମଜନିତ ଈର୍ଷାରେ ଅସ୍ଥିର ହୋଇଉଠିଛନ୍ତି ରାଧା । ସେ ନିଜେ ଯେ ସେହି ହରିଙ୍କ ସହ ମିଳନପାଇଁ ବ୍ୟଗ୍ର ତାହାର ସୂଚନା ଫୁଟି ଉଠିଛି ତାଙ୍କରି କଣ୍ଠରେ ।)

ସଞ୍ଚରଦଧରସୁଧାମଧୁରଧ୍ୱନିମୁଖରିତମୋହନବଂଶମ୍ ।
ଚଳିତ ଦୃଗଞ୍ଚଳଚଞ୍ଚଳମୌଳିକପୋଳବିଲୋଳବତଂସମ୍ ।
ରାସେ ହରିମିହ ବିହିତବିଳାସମ୍
ସ୍ମରତି ମନୋ ମମ କୃତ ପରିହାସମ୍ ।୧ ।

ଅଧରସୁଧା ମଧୁର କରେ
ମିଶି ମୋହନ ମୁରଲୀ ସୁରେ;
ଆଡ଼ ଚାହାଣି ଟାଣେ ତା ଶିରେ
କିରୀଟ ଯାଏ ଦୋହଲି ।
ରାସ ବିଳାସେ ଏକରୁ ଆରେ
ଯେବେ ସେ ଚାହେଁ ବାଳାଗହଳେ
କୁଣ୍ଡଳ ତା କପୋଳେ ଦୋଳେ;
ହୁଏ ମୁଁ ତାରେ ସୁମରି ।୧ ।

ଚନ୍ଦ୍ରକଚାରୁମୟୂରଶିଖଣ୍ଡକମଣ୍ଡଳବଳୟିତକେଶମ୍ ।
ପ୍ରଚୁରପୁରନ୍ଦରଧନୁରନୁରଞ୍ଜିତମେଦୁରମୁଦିରସୁବେଶମ୍ ।୨ ।

ମୟୂରଚୂଳ ଶୋହଇ ଶିରେ
କେଶ କଳାପ ଚନ୍ଦ୍ରିକାରେ
ଦିଶଇ ମନୋରମ ବିଚିତ୍ର
ରଙ୍ଗରେ ତା ଉଜଳି,
ଇନ୍ଦ୍ରଧନୁ ଭରା ମେଦୁର
ମେଘର ରୂପ ଜିଣି ନାଗର
ଶ୍ୟାମ ସୁବେଶେ ମାନସ ରସେ;
ହୁଏ ମୁଁ ତାରେ ସୁମରି ।୨ ।

orissamatters.com

ଗୋପକଦମ୍ବନିତମ୍ବବତୀମୁଖଚୁମ୍ବନଲମ୍ବିତଲୋଭମ୍ ।
ବନ୍ଧୁଜୀବମଧୁରାଧରପଲ୍ଲବମୁଲ୍ଲସିତସ୍ମିତଶୋଭମ୍ ।୩ ।

ଘନଜଘନା ନିତମ୍ବବତୀ
ସ୍ତୋକନମିତା ଗୋପ ଯୁବତୀ
ଚାରୁବଦନେ ଚୁମ୍ବିବାକୁ
ଲୋଭିତ ଯେଉଁ ମୁରାରି
ବନ୍ଧୁଲିଫୁଲ ପରି ଲୋହିତ
ଅଧରଯୁଗ ଉଲ୍ଲସିତ
ମଧୁରହାସେ ନିୟତ ଯାର;
ହୁଏ ମୁଁ ତାରେ ସୁମରି ।୩ ।

ବିପୁଳପୁଲକଭୁଜପଲ୍ଲବବଳୟିତବଲ୍ଲବଯୁବତୀସହସ୍ରମ୍ ।
କରଚରଣୋରସି ମଣିଗଣଭୂଷଣକିରଣବିଭିନ୍ନତମିସ୍ରମ୍ ।୪ ।

ବିପୁଳ ଭୁଜପଲ୍ଲବରେ
ନାଗରରାଜ ପୁଲକଭରେ
ମଣ୍ଡିଛନ୍ତି ରାସରସିକା
ଯେତେକ ଗୋପ ନାଗରୀ
କର ଚରଣ ବକ୍ଷଥଳେ
ଯାହାର ମଣିଭୂଷଣଝଳେ
ଦୀପ୍ତିରେ ଯା' ତମସା ତୁଟେ;
ହୁଏ ମୁଁ ତାରେ ସୁମରି ।୪ ।

ଜଳଦପଟଳଚଳଦିନ୍ଦୁବିନିନ୍ଦକଚନ୍ଦନତିଳକଲଲାଟମ୍ ।
ପୀନପୟୋଧରପରିସରମର୍ଦ୍ଦନନିର୍ଦ୍ଦୟହୃଦୟକପାଟମ୍ ।୫ ।

ଜଳଦମାଳେ ଯେସନ ଶଶି
ଚନ୍ଦନର ତିଳକ ଦିଶି
ତେସନ ଯା'ର ଲଲାଟପଟେ;

orissamatters.com

ବିନୋଦେ ବ୍ରଜ କିଶୋରୀ
ପୀନ ଉରଜେ କରଜ ନିହି
ମର୍ଦ୍ଦନେ ଯେ ମଜ୍ଜିଥାଇ,
ସେ ରସରାଜେ ମନ ମୋ ଭଜେ;
ହୁଏ ମୁଁ ତାରେ ସୁମରି ।୫।

ମଣିମୟମକରମନୋହରକୁଣ୍ଡଳମଣ୍ଡିତଗଣ୍ଡମୁଦାରମ୍ ।
ପୀତବସନମନୁଗତମୁନିମନୁଜସୁରାସୁରବରପରିବାରମ୍ ।୬ ।

ମଣିଖଚିତ ସୁମନୋହର
ମକର କୁଣ୍ଡଳ ଉଜଳ
ଗଣ୍ଡେ ଯା'ର ଝଟକ ଦେଖି
ନ ହୁଏ ଆଖି ପିଛାଡ଼ି ।
ମୁନି ମନୁଜ ସୁର ଅସୁର
ମାନଙ୍କରେ ଯେ ଶ୍ରେଷ୍ଠତର
ଯା' ପୀତ ବାସେ ବସାନ୍ତି ମତି;
ହୁଏ ମୁଁ ତାରେ ସୁମରି ।୬ ।

ବିଶଦକଦମ୍ବତଳେ ମିଳିତଂ କଳିକଲୁଷଭୟଂ ଶମୟନ୍ତମ୍ ।
ମାମପି କିମପି ତରଙ୍ଗଦନଙ୍ଗଦୃଶା ମନସା ରମୟନ୍ତମ୍ ।୭ ।

କଳିକଲୁଷ ଭୟ ବିଦଳି
କଦମ୍ବତଳେ ସରାଗେ ମିଳି
ରାସେ ପ୍ରସାରି ରସ ରାଇଜ
ଶୋଭଇ ଯେଉଁ ଶଉରି
ମନେ ମୋ ହୁଏ ସତେ ବା ସିଏ
ଅନଙ୍ଗର ତରଙ୍ଗଟିଏ
ଅପାଙ୍ଗେ ଭରି ସ୍ପର୍ଶେ ମୋତେ;
ହୁଏ ମୁଁ ତାରେ ସୁମରି ।୭ ।

ଶ୍ରୀଜୟ ଦେବଭଣିତମତିସୁନ୍ଦରମୋହନମଧୁରିପୁରୂପମ୍ ।
ହରିଚରଣସ୍ମରଣଂ ପ୍ରତି ସମ୍ପ୍ରତି ପୁଣ୍ୟବତାମନୁରୂପମ୍ ।୮ ।

orissamatters.com

ହରି ଚରଣ ସ୍ମରଣ ପ୍ରତି
ମନେ ଯାହାର ଅସର ରତି
ସେ ପୁଣ୍ୟବାନ
ମନବେଦୀରେ
ଯେସନେ ସିଏ ରାଜିତ,
ଶ୍ରୀଜୟ ଦେବ କବି ଭଣିତ
ଅତିରୁଚିର ଏହି ଏ ଗୀତ-
ବନ୍ଧେ ମଧୁରିପୁର ରୂପ
ତେସନେ ହୁଏ ଖୋଦିତ ।୮ ।

## ଚତୁର୍ଥ ପାହାଚ

(ରତିମିଳନପାଇଁ ବ୍ୟାକୁଳିତା ରାଧା କେଳି-କୁଞ୍ଜକୁ ଆସିଥିଲେ ମଧ୍ୟ ସେଠାରେ ସଙ୍ଗେ ସଙ୍ଗେ ହରିଙ୍କୁ ନ ପାଇ ବିରହ ଯନ୍ତ୍ରଣାରେ ହୋଇଉଠିଛନ୍ତି ଜର୍ଜରିତା । ତାଙ୍କ ସ୍ମୃତିପଟରେ ଭାସିଉଠିଛି ପ୍ରଥମ ସଙ୍ଗମର ଦୃଶ୍ୟ । ପୁନର୍ମିଳନପାଇଁ ଅଧୈର୍ଯ୍ୟ ଅବସ୍ଥାରେ ସେ ହରିଙ୍କୁ ଆଣି ତାଙ୍କ ସହ ରମଣ କରାଇବାକୁ ସଖୀଙ୍କୁ ଅନୁରୋଧ କରିବାରେ ଲାଗିଛନ୍ତି ।)

ନିଭୃତ ନିକୁଞ୍ଜଗୃହଂ ଗତୟା ନିଶି ରହସି ନିଲୀୟ ବସନ୍ତମ୍ ।
ଚକିତବିଲୋକିତସକଳଦିଶା ରତିରଭସଭରେଣ ହସନ୍ତମ୍ ।
ସଖି ହେ କେଶିମଥନମୁଦାରମ୍
ରମୟ ମୟା ସହ ମଦନମନୋରଥଭାବିତୟା ସବିକାରମ୍ ।୧ ।

ସଜନିରେ! ଏଇ ରଜନୀରେ ରତି ମନାସିରେ
କୁଂଜ କୁଟୀରେ ନିଭୃତେ ଧୀରେ ପ୍ରବେଶିରେ
ଚାହେଁ ଦଶ ଦିଶି, କାହିଁ ତ ନ ଦିଶି କେଶିନାଶୀ
ଆସେନା ସେ ପାଶେ ମିଳନପିଆସି ହସି ହସି ।
ସହି ହୁଏନାରେ ସହି! ଆଉ ତିଳେ ଦୂରତାରେ
ରମଣ କରାଅ ମଦନ ଗୋପାଳେ ଆଣି ମୋରେ । ।୧ । ।

ପ୍ରଥମସମାଗମଲଜ୍ଜିତୟା ପଟୁଚାଟୁଶତୈରନୁକୂଳମ୍ ।
ମୃଦୁମଧୁରସ୍ମିତଭାଷିତୟା ଶିଥିଳୀକୃତଜଘନଦୁକୂଳମ୍ ।୨ ।

orissamatters.com

ସଜନିରେ! ଏବେ ମନେପଡେ ଯେବେ ପ୍ରଥମରେ
ସମାଗମକାଳେ ସଢ଼ିପଡିଥିଲି ସରମରେ
ମୃଦୁ ମଧୁ ହାସେ ବିମୋହି ମାନସ ଚାଟୁଗିରେ
ଖୋଲିଦେଇଥିଲେ ଜଘନୁ ସେ ଗୋ ମୋ ଦୁକୂଳରେ । ।୨ । ।

କିସଳୟଶୟନନିବେଶିତୟା ଚିରମୁରସି ମମୈବ ଶୟାନମ୍ ।
କୃତପରିରମ୍ଭଣଚୁମ୍ବନୟା ପରିରଭ୍ୟ କୃତାଧରପାନମ୍ ।୩ ।

ସଜନିରେ! ଯେବେ କିସଳୟ ଶେଯେ ପ୍ରେମ ଭୋଳେ
ଥିଲି ଶୋଇ, ସେ ତ ଶୋଇଥିଲେ ମୋର ବୁକୁପରେ
ବାହୁପାଶେ ଭିଡ଼ି ଓଠେ ଯେବେ ତାଙ୍କ ଚୁମିଲିରେ
ପ୍ରତ୍ୟୁତ୍ତରେ ସେ ଚୁମିଗଲେ ମୋତେ ନିରତିରେ । ।୩ । ।

ଅଳସନିମିଳିତଲୋଚନୟା ପୁଲକାବଳିଲଳିତକପୋଳମ୍ ।
ଶ୍ରମଜଳସିକ୍ତକଳେବରୟା ବରମଦନମଦାଦତିଲୋଳମ୍ ।୪ ।

ସଜନିରେ! ଯେବେ ପ୍ରେମାଳସଭରା ଲୋଚନରେ
ଚାହିଁଲି, ଜାଗିଲା ପୁଲକ ସେ ଚାରୁ କପୋଳରେ ।
ସେ ଯେବେ ଚାହିଁଲେ ଶ୍ରମଜଳଭିଜା ମୋ ତନୁରେ
କାମାନଳ ତାଙ୍କ ବୁକେ ବା ଜଳିଲା ଦିଗୁଣରେ । ।୪ । ।

କୋକିଳକଳରବକୂଜିତୟା ଜିତମନସିଜ-ତନ୍ତ୍ରବିଚାରମ୍ ।
ଶ୍ଲଥକୁସୁମାକୁଳକୁନ୍ତଳୟା ନଖଲିଖିତଘନସ୍ତନଭାରମ୍ ।୫ ।

ସଜନିରେ! ଯେବେ ରତି ଲୋଡି କଲି କୂଜନରେ
ସେ ତ ଟପିଗଲେ ମଦନ ତନ୍ତ୍ରେ ପ୍ରମୋଦରେ ।
ବିଶ୍ଳଥ କେଶପାଶୁଁ ମୋର ଖସୁଁ କୁସୁମରେ
ଘନ ଉରଜେ ମୋ ନିହିଲେ ଚନ୍ଦ୍ର କରଜରେ । ।୫ । ।

orissamatters.com

ଚରଣରଣିତମଣିନୂପୁରୟା ପରିପୂରିତସୁରତବିତାନମ୍ ।
ମୁଖରବିଶୃଙ୍ଖଳମେଖଳୟା ସକଚଗ୍ରହଚୁମ୍ବନଦାନମ୍ ।୬ ।

ସଜନିରେ! ଯେବେ ରତିମତ୍ତ ମୋ ଚରଣରେ
ରଣି ଉଠିଥିଲା ନିକ୍ୱଣ ମଣିନୂପୁରରେ
ମୁଖର ମେଖଳା ମାତି ଉଠିଥିଲା କଟିଦେଶେ
ସୁରତ ବିତାନେ କେଶ ଟାଣି ମୋର କାମବଶେ
ଚୁମ୍ବନ କରିଥିଲେ ସେ ତ ଅତି ଆବେଗରେ
ରମଣ କରାଅ ମୋରେ ସଜନି! ସେ କେଶବରେ ।।୬ ।।

ରତିସୁଖସମୟରସାଳସୟା ଦରମୁକୁଳିତନୟନସରୋଜମ୍ ।
ନିଃସହନିପତିତତନୁଲତୟା ମଧୁସୂଦନମୁଦିତମନୋଜମ୍ ।୭ ।

ସଜନିରେ! ଆଜି ଏ ରାତିରେ ରତି ନିଶା ଭୋଳେ
ରସାଳସା ମୋର ତନୁଲତା ଅବା ଭାଜିପଡ଼େ ।
ଉଦିତ ଅତନୁ ସେ ମଧୁସୂଦନ ନୀଳଦେହୀ
ଆଣି ଏବେ ମୋତେ ରମଣ କରାଅ; ଆଉ ସହି
ନ ହୁଏ ବିଚ୍ଛେଦ; ଦରମୁକୁଳିତ ପଦ୍ମଆଖି
ଟାଣିନିଏ ମନ, ଟାଣିନିଏ ପ୍ରାଣ ପ୍ରିୟ ସଖି! ।।୭ ।।

ଶ୍ରୀଜୟ ଦେବଭଣିତମିଦମତିଶୟମଧୁରିପୁନିଧୁବନଶୀଳମ୍ ।
ସୁଖମୁତ୍କଣ୍ଠିତ ତରାଧିକୟା କଥିତଂ ବିତନୋତୁ ସଲୀଳମ୍ ।୮ ।

ମଧୁରିପୁ ନିଧୁବନର ଏ ମଧୁ ବିବରଣୀ
ରାଧିକା ଅଧୀର ଅଧରେ ଯହିଁର ରୂପ ଟାଣି
ପରଷିଲେ କବି ଶ୍ରୀ ଜୟ ଦେବ ଏ ଗୀତରସେ
ବିତରୁ ତା ସୁଖ ଲୋକେ ନିରନ୍ତର ଦିଶେ ଦିଶେ ।।୮ ।।

orissamatters.com



ସଜନିରେ! ଯେବେ ପ୍ରେମାଳସଭରା ଲୋଚନରେ
ଚାହିଁଲି, ଜାଗିଲା ପୁଲକ ସେ ଚାରୁ କପୋଳରେ ।
ସେ ଯେବେ ଚାହିଁଲେ ଶ୍ରମଜଳଭିଜା ମୋ ତନୁରେ
କାମାନଳ ତାଙ୍କ ବୁକେ ବା ଜଳିଲା ଦିଗୁଣରେ ।।୪।।

orissamatters.com

## ପଞ୍ଚମ ପାହାଚ

(କାମୋତ୍ତେଜନାରେ ଧୈର୍ଯ୍ୟହରା ରାଧା ସଖି ସହ କେଳିକାନନକୁ ଛୁଟି ଆସିଥିଲେ । ମାତ୍ର ଲଳନା ମେଳରେ ରାସକ୍ରୀଡ଼ାରତ ହରିଙ୍କୁ ଦେଖି ଅଭିମାନ ଓ ଦୁଃଖରେ ଫେରିଗଲେ । ଏହା ଦେଖିଥିଲେ ମଧ୍ୟ ହରି ତାଙ୍କୁ ଅଟକାଇ ପାରିଲେ ନାହିଁ । ମୁଖଲଜ୍ଜା ବାଧା ଦେଲା । କିନ୍ତୁ ରାଧିକା ଫେରିଗଲା ପରେ ତାଙ୍କୁ ଫେରିପାଇବାର ଦୁର୍ବାର କାମନା ଗ୍ରାସ କରିଗଲା ତାଙ୍କର ମନ ଓ ହୃଦୟକୁ । ଶ୍ରୀ ଜୟ ଦେବଙ୍କ ମଧୁର ପଦାବଳୀରେ ହରିଙ୍କ ହୃଦୟର ଏହି ଆସକ୍ତି ଫୁଟିଉଠିଛି ଅନୁଶୋଚନା, ଆତ୍ମଗ୍ଲାନୀ ଓ ଉତ୍କଣ୍ଠାର ତାଳେ ତାଳେ ।)

ମାମିୟଂ ଚଳିତା ବିଲୋକ୍ୟ ବୃତଂ ବଧୂନିଚୟେନ ।<br>
ସାପରାଧୟା ମୟାପି ନିବାରିତାଃତିଭୟେନ ।<br>
ହରି ହରି<br>
ହତାଦରତୟା ଗତା ସା କୁପିତେବ ।୧ ।

ସେ କି ଫେରିଗଲା ସତେ କୋପଭରେ,
ଅଭିମାନଭରେ,
ଅନାଦୃତା ବୋଲି ମନେକରି ଅବା ଆପଣାରେ?
ଅପରାଧବୋଧ ଗରାସିଲା,
ମୋତେ ନିବାରିଲା;
ଅଟକାଇ ତାରେ ନ ପାରିଲି, ସେ ତ ଚାଲିଗଲା ।
ସେ କି କଷ୍ଟ ପାଇଲା,
ହାୟ! ହାୟ!
ତାର ମନ ତଳେ
ରମଣୀ ଗହଳେ ଅବଲୋକି ମୋତେ ରାସ କାଳେ? ।୧ ।

କିଂ କରିଷ୍ୟତି କିଂ ବଦିଷ୍ୟତି ସା ଚିରଂ ବିରହେଣ ।<br>
କିଂ ଧନେନ ଜନେନ କିଂ ମମ ଜୀବିତେନ ଗୃହେଣ ।୨ ।

orissamatters.com

ମୋର ବିରହରେ
ସେ କି କରୁଥିବ ?
ସେ କି କହୁଥିବ ?
କିପରି ଏ ଘୋର
ବିଚ୍ଛେଦ ଜ୍ୱାଳା ସହୁଥିବ?
କି ମିଳିବ ଧନ ଜନ ବନ୍ଧୁ,
ଘରୁ ଅବା ଏଇ ଜୀବନରୁ,
ରହିଗଲା ଯଦି ପ୍ରିୟତମା
ଦୂରେ ଦୂରେ ମୋର ପାରୁଶରୁ? ।୨ ।

ଚିନ୍ତୟାମି ତଦାନନଂ କୁଟିଳଭ୍ରୂକୋପଭରେଣ ।
ଶୋଣପଦ୍ମମିବୋପରି ଭ୍ରମତାକୁଳଂ ଭ୍ରମରେଣ ।୩ ।

ତାର ଘଞ୍ଚ କୃଷ୍ଣ ଭୂରୁଯୁଗ
କୋପେ କୁଞ୍ଚିତ ହୋଇଯାଉଥିବ,
ଲୋହିତ କମଳ ସମ ତା କୋମଳ ବଦନରେ
ଉଡ଼ି ବୁଲୁଥିବା ଭ୍ରମରପରି ତା ଶୋହୁଥିବ ।୩ ।

ତାମହଂ ହୃଦି ସଂଗତାମନିଶଂ ଭୃଶଂ ଚିନ୍ତୟାମି ।
କିଂ ବନେଽନୁସରାମି ତାମିହଂ କିଂ ବୃଥା ବିଳପାମି ।୪ ।

ହୃଦୟରେ ମୋର ନିରନ୍ତରେ
ସେ ତ ବିଜେ କରେ;
ମୁଁ ଯେ ଭାବେ ତାରେ ।
ତେବେ କି କାରଣେ ବୃଥାଟାରେ
ଅନୁସରି ତାକୁ ଖୋଜିବୁଲେ ଏଇ ବିପିନରେ ?
ଅକାରଣେ କିଆଁ ସହେ ବା ବିରହ ଯାତନାରେ ? ।୪ ।

orissamatters.com

ତନ୍ୱି ! ଖିନ୍ନମସୂୟୟା ହୃଦୟଂ ତବାକଳୟାମି ।
ତନ୍ନ ବେଦ୍ମି କୁତୋ ଗତାସି ନ ତେନ ତେଽନୁନୟାମି ।୫ ।

ତନ୍ୱିଗୋ ! ତମ ହୃଦୟରେ
ଖେଦ ଉପୁଜିଛି ଈର୍ଷାରେ ।
ଭାବେ ଅନୁନୟ କରିବିରେ
ଅନୁନୟ କରି କହିବି ସଖିରେ !
ମନୁ ତେଜ ମାନ ଗୁମାନରେ ।
କେସନ କିନ୍ତୁ କହିବିରେ ?
କେଉଁଠିକି ତମେ ଯାଇଛ କେମିତି ଜାଣିବିରେ ? ।୫ ।

ଦୃଶ୍ୟସେ ପୁରତୋ ଗତାଗତମେବ ମେ ବିଦଧାସି ।
କିଂ ପୁରେବ ସସମ୍ଭ୍ରମଂ ପରିରମ୍ଭଣଂ ନ ଦଦାସି ।୬ ।

ଆଖିରେ ଆଖିରେ ଉଠ ଝଳି
ଆଗୋ ସୁନାଗୋରି !
ସମ୍ମୁଖେ ଆତଯାତ ପରି ।
କାହିଁକି ଗୋ ତେବେ ଉସତରେ
ଭିଡୁ ନାହଁ ମୋତେ ବାହୁ ଡୋରେ
ପ୍ରେମର ଆବେଗେ ଆଗ ପରି ? ପ୍ରାଣ ସହଚରି ! ।୬ ।

କ୍ଷମ୍ୟତାମପରଂ କଦାପି ତବେଦୃଶଂ ନ କରୋମି ।
ଦେହି ସୁନ୍ଦରି ରମଣଂ ମମ ମନ୍ମଥେନ ଦୁନୋମି ।୭ ।

ସଜନିରେ ! ମୋତେ କ୍ଷମା କର
ଶେଷଥରପାଇଁ ଏଇବାର ।
ଅଟଳ ଶପଥ କରି ମୁଁ କହୁଛି
ଅପରାଧ ଏଇ ଧରଣର
ଦେଖିବନି ଆଉ ଘଟିବାର ।
ଅତନୁ ତାଡିରେ ତନୁ ମୋର

orissamatters.com

ଜର ଜର ।
ରମଣ ସୁଖର ସୁଧା ପ୍ରବାହରେ
ଅପନୋଦ ପୀଡ଼ା ମଦନର । ଦୟାକର । ୭ ।

ବର୍ଣ୍ଣିତଂ ଜୟ ଦେବକେନ ହରେରିଦଂ ପ୍ରଣତେନ ।
କିନ୍ଦୁବିଲ୍ୱସମୁଦ୍ରସମ୍ଭବରୋହିଣୀରମଣେନ ।୮ ।

କେନ୍ଦୁବିଲ୍ୱ ସମୁଦ୍ର ସମ୍ଭବ
ରୋହିଣୀରମଣ ଜୟ ଦେବ
ବିନୟେ କରନ୍ତି ବର୍ଣ୍ଣନ
ହରିଙ୍କର ଏଇ ମନୋଭାବ ।୮ ।

## ଷଷ୍ଠ ପାହାଚ

(ହରିଙ୍କ ମାନସିକ ଅବସ୍ଥାର ଆକଳନ କରି ରାଧାଙ୍କ ଦୂତୀ ତାଙ୍କ ପାଖକୁ ଆସୁଛନ୍ତି ଏବଂ ବିରହିଣୀ ରାଧାଙ୍କ ମନୋବ୍ୟଥା ତଥା ରତିମିଳନପାଇଁ ତାଙ୍କ ବ୍ୟଗ୍ରତାର ଏକ ମନୋଜ୍ଞ ବର୍ଣ୍ଣନା ରଖୁଛନ୍ତି ।)

ନିନ୍ଦତି ଚନ୍ଦନବିନ୍ଦୁକିରଣମନୁବିନ୍ଦତି ଖେଦମଧୀରମ୍ ।
ବ୍ୟାଳନିଳୟମିଳନେନ ଗରଳମିବ କଳୟତି ମଳୟସମୀରମ୍ ।
ସା ବିରହେ ତବ ଦୀନା,
ମାଧବ ମନସିଜବିଶିଖଭୟାଦିବ ଭାବନୟା ତ୍ୱୟି ଲୀନା ।୧ ।

ମାଧବ ହେ ! ତମ ବିରହରେ ସେ ତ କାତର
ଅତନୁ ବିଶିଖ ଭୟେ ଥରହର, ଅଧୀର ।
ଚନ୍ଦନ ତାରେ ଶୀତଳ ନ ଲାଗେ
ଇନ୍ଦୁ କିରଣ ସ୍ନିଗ୍ଧ ନ ଲାଗେ
ସର୍ପ ନିଳୟେ ମିଳିତ ମଳୟେ
ଅନୁଭବେ ସିଏ ଗରଳ ।
ମାଧବ ହେ ! ତମ ବିରହରେ ସେ ତ କାତର ।୧ ।

orissamatters.com

ଅବିରତନିପତିତ ମଦନଶରାଦିବ ଭବଦବନାୟ ବିଶାଳମ୍ ।
ସ୍ୱହୃଦୟମର୍ମଣି ବର୍ମକରୋତି ସଜଳନଳିନଦଳଜାଳମ୍ ।୨ ।

ଅତନୁ ବିଶିଖ ଅବିରତେ ତାକୁ ଭେଦେ ହେ !
ତୃଷ୍ଣା-ବିଧୁରା ତମକୁ ଦେଖେ ତା ହୃଦେ ହେ !
କାଳେ ତମ ଦେହେ ଲାଗିବ ଆଘାତ
ସେ ପାଇଁ ଆକୁଳେ ବର୍ମ ପରି ତ
ମର୍ମ ଥଳେ ତା ସିକ୍ତ ନଳିନୀଦଳେ ସେ ନିବିଡ଼େ ମୁଦେ ହେ !
ଅତନୁ ବିଶିଖ ଅବିରତେ ତାକୁ ଭେଦେ ହେ ! ।୨ ।

କୁସୁମବିଶିଖଶରତଳ୍ପମନଳ୍ପ ବିଳାସକଳାକମନୀୟମ୍ ।
ବ୍ରତମିବ ତବ ପରିରମ୍ଭସୁଖାୟ କରୋତି କୁସୁମଶୟନୀୟମ୍ ।୩ ।

ମାଧବ ହେ ! ସିଏ କାମକଳା କରେ ସାଧନା
କମନୀୟ ଶେଯ କୁସୁମରେ କରି ରଚନା
ତମ ଆଲିଙ୍ଗନ ଈପ୍‌ସାରେ
ଅନଙ୍ଗତୂଣୀରୁ ଉଦ୍‌ଗତ ଶରଶଯ୍ୟାରେ
ଅର୍ପି ବା ଆପେ ବ୍ରତଧାରିଣୀ ସେ
ନ ଲଭି ତମକୁ ବିପ୍ଳୁତା ଦିଶେ;
ତଥାପି ଅତୁଟ ନିଷ୍ଠାରେ ବରବରନା ।
ମାଧବ ହେ ! ସିଏ କାମକଳା କରେ ସାଧନା ।୩ ।

ବହତି ଚ ଚଳିତ ବିଲୋକନ ଜଳଧରମାନନକମଳମୁଦାରମ୍ ।
ବିଧୁମିବ ବିକଟବିଧୁନ୍ତୁଦଦନ୍ତଦଳନଗଳିତାମୃତଧାରମ୍ ।୪ ।

ଜଳଧର ଅବା ଲୋଚନେ ତା ଭରି ଯାଇଛି
ଲୋତକର ଧାରା କମଳ ଆନନେ ଝରୁଛି ।
ରାହୁର ବିକଟ ଦନ୍ତ ଦଳନେ
ଚନ୍ଦ୍ରରୁ ସୁଧା ନିଃସରେ ଯେସନେ

orissamatters.com

ତେସନେ ବାଳାର ବଦନ ସ୍ରବଣ ସହୁଛି ।
ଜଳଧର ଅବା ଲୋଚନେ ତା ଭରି ଯାଉଛି ।୪ ।

ବିଲିଖତି ରହସି କୁରଙ୍ଗମଦେନ ଭବନ୍ତମସମଶରଭୂତମ୍ ।
ପ୍ରଣମତି ମକରମଧୋ ବିନିଧାୟ କରେ ଚ ଶରଂ ନବଚୂତମ୍ ।୫ ।

ମନେକରେ ସିଏ ତମକୁ ମଦନ ବୋଲି ହେ !
ତମରି ମୂରତି ରଚେ କସ୍ତୁରୀ ଧରି ହେ !
ଅଧଃରେ ବାହନ ବ୍ୟାଜେ ହେ !
ମକର ଚିତ୍ର ସୃଜେ ହେ !
ହସ୍ତେ ନିଧାନି ଆମ୍ରବକୁଳ ଯୋଡ଼େ ଫୁଲଶର ଶିରି ହେ !
ପ୍ରଣମଇ ବାଳା ତମକୁ ମଦନ ବୋଲି ହେ ! ।୫ ।

ପ୍ରତିପଦମିଦମପି ନିଗଦତି ମାଧବ ! ତବ ଚରଣେ ପତିତାହମ୍ ।
ତ୍ୱୟି ବିମୁଖେ ମୟି ସପଦି ସୁଧାନିଧିରପି ତନୁତେ ତନୁଦାହମ୍ ।୬ ।

ମାଧବ ହେ ! ସିଏ ବାରବାର କରେ କାକୁତି
ଅଧୀର ଆବେଗେ ତବ ପଦେ କରି ପ୍ରଣତି
କହେ ସେ *ସ୍ୱାମୀ ହେ ତମରି ବିରହେ*
*ସୁଧାନିଧି ସୁଦ୍ଧା ଗାତ୍ର ମୋ ଦହେ;*
ଶୀତଳ ଜୋଛନା ତପତ ଲାଗଇ ନ ଥିବାରୁ ତମେ ତା କତି ।
ମାଧବ ହେ ! ସିଏ ବାର ବାର କରେ କାକୁତି ।୬ ।

ଧ୍ୟାନଲୟେନ ପୁରଃ ପରିକଳ୍ପ୍ୟ ଭବନ୍ତମତୀବ ଦୁରାପମ୍ ।
ବିଳପତି ହସତି ବିଷୀଦତି ରୋଦିତି ଚଞ୍ଚତି ମୁଞ୍ଚତି ତାପମ୍ ।୭ ।

ଦୁର୍ଲଭ ଆହେ ରାଧିକା ହୃଦୟ ବଲ୍ଲଭ
ନ ହେବାରୁ ତମ ମିଳନ ସହଜେ ସମ୍ଭବ
ଧ୍ୟାନଲୟେ ସେ ତ କଳ୍ପଇ
ତମ ସଙ୍ଗସୁଖ, ଜଳ୍ପଇ

orissamatters.com

କେବେ ହସି କେବେ କ୍ରନ୍ଦନ କରି
ବିବଶ ବୁକୁର ବିଷାଦର ବାରି ମୁଞ୍ଚଇ ।
ଚଞ୍ଚଳ ତାର ମନେ କ୍ଷଣେଁ କ୍ଷଣେ ନାନାଭାବ ହୁଏ ଉଦ୍ଭବ ।
ଦୁର୍ଲଭ ଆହେ ରାଧିକା ହୃଦୟ ବଲ୍ଲଭ ।୭ ।

ଶ୍ରୀଜୟ ଦେବଭଣିତମିଦମଧିକଂ ଯଦି ମନସା ନଟନୀୟମ୍ ।
ହରିବିରହାକୁଳବଲ୍ଲବଯୁବତିସଖୀବଚନଂ ପଠନୀୟମ୍ ।୮ ।

ଶ୍ରୀଜୟ ଦେବଙ୍କ ପଦାବଳି ସୁଧା-ସୁଅ ହେ
ହୋଇଉଠେ ଯଦି ମନେ ବେଶୀ ନଟନୀୟ ହେ !
ବିରହବ୍ୟାକୁଳା ଗୋପଯୁବତୀର
ଦୂତୀ ଯା ଭାଷିଲା ପାଶେ ହରିଙ୍କର
ସେ ମଧୁର ଗୀର ବାରମ୍ବାର ପଠନୀୟ ହେ !
ଶ୍ରୀଜୟ ଦେବଙ୍କ ପଦାବଳି ସୁଧା-ସୁଅ ହେ ! ।୮ ।

## ସପ୍ତମ ପାହାଚ

(ହରିଙ୍କୁ କୁଞ୍ଜିନୀ ବିରହିଣୀ ରାଧାଙ୍କ ରତିଲିପ୍ସୁ ମନର ଚିତ୍ର ପୁନଶ୍ଚ ଦେଉଛନ୍ତି ।)

ସ୍ତନବିନିହିତମପି ହାରମୁଦାରମ୍
ସା ମନୁତେ କୃଶତନୁରିବ ଭାରମ୍ ।
ରାଧିକା ତବ ବିରହେ କେଶବ ।୧ ।

କେଶବ ହେ ! ତମ ବିରହେ ରାଧିକା ଆତୁର,
କୃଶ ତନୁ ତାର ହୁଏ ଦୁର୍ବଳ
ଏପରି ଯେ ସ୍ତନ ବିନିହିତ ହାର
ଲାଗେ ଦୁର୍ବହ ହୋଇଥିଲେ ବି ତା ଉଦାର ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୧ ।

ସରସମସୃଣମପି ମଳୟଜପଙ୍କମ୍ ।
ପଶ୍ୟତି ବିଷମିବ ବପୁଷି ସଶଙ୍କମ୍ ।୨ ।

orissamatters.com

ଶୀତଳ ସରସ ଚନ୍ଦନ ରସ
ଲାଗେ ତାକୁ ଯଥା ଉତ୍କଟ ବିଷ
ଭୟେ ଥରିଯାଏ ଅବଳା କୋମଳ ଶରୀର ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୨ ।

ଶ୍ୱସିତପବନମନୁପମ ପରିଣାହମ୍ ।
ମଦନଦହନମିବ ବହତି ସଦାହମ୍ ।୩ ।

ତପ୍ତ ଓ ଘନ
ଶ୍ୱସନ ବିତାନ
ଉଦ୍‌ଗତ ଯହିଁ ବିରହ କଷଣ
ମନେହୁଏ ଅବା ବାଷ୍ପ ତା କାମାନଳର ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୩ ।

ଦିଶି ଦିଶି କିରତି ସଜଳକଣଜାଳମ୍ ।
ନୟନନଳିନମିବ ବିଗଳିତନାଳମ୍ ।୪ ।

ଅଶ୍ରୁ ଉହାଡ଼େ
ଚାହେଁ ଚାରିଆଡ଼େ ।
ତବ ଦରଶନ-ତୃଷ୍ଣାର ତୋଡ଼େ
ଛିଡି ବା ପଡିଛି ନାଡ଼ରୁ ନେତ୍ର-କମଳ ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୪ ।

ନୟନବିଷୟମପି କିଶଳୟତଳ୍ପମ୍ ।
ଗଣୟତି ବିହିତ ହୁତାଶ ବିକଳ୍ପମ୍ ।୫ ।

ନୟନେ ଦେଖଇ
ତନ୍ୱୟା ରାଇ
ନବ କିଶଳୟେ ଶଯ୍ୟା ଶୋଭଇ;
ତଥାପି ତାକୁ ତା ଲାଗଇ ବହ୍ନି ପ୍ରକାର ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୫ ।

orissamatters.com

ତ୍ୟଜତି ନ ପାଣିତଳେନ କପୋଳମ୍ ।
ବାଳଶଶିନମିବ ସାୟମଲୋଳମ୍ ।୬ ।

ଥାପି କରତଳେ
ଗଣ୍ଡ କାତରେ
ବସିରହେ ବାଳା; ସାଂଧ୍ୟ ବେଳାରେ
ବାଳଶଶିସମ ଦିଶେ ତା ବଦନ ବିଲୋଳ ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୬ ।

ହରିରିତି ହରିରିତି ଜପତି ସକାମମ୍ ।
ବିରହବିହିତମରଣେବ ନିକାମମ୍ ।୭ ।

ହରି ହରି ବୋଲି
ତମକୁ ସୁମରି
ସକାମେ ସତତ ଜପିଚାଲେ ଗୋରୀ
ବିରହବିହିତ ମରଣ ଅନ୍ତେ ମିଳନ ମନାସି ତମର ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୭ ।

ଶ୍ରୀ ଜୟ ଦେବ ଭଣିତମିତି ଗୀତମ୍ ।
ସୁଖୟତୁ କେଶବପଦମୁପନୀତମ୍ ।୮ ।

କେଶବର ନୀତି
ଯେ ଅନୁସରନ୍ତି
ଶ୍ରୀ ଜୟ ଦେବଙ୍କ ଭଣିତ ଏ ଗୀତି
ଭରିଦେଉ ତାଙ୍କ ଅନ୍ତରେ ସୁଖ ସୁସାର ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୮ ।

orissamatters.com



କେଶବ ହେ ! ତମ ବିରହେ ରାଧିକା ଆତୁର,
କୃଶ ତନୁ ତାର ହୁଏ ଦୁର୍ବଳ
ଏପରି ଯେ ସ୍ତନ ବିନିହିତ ହାର
ଲାଗେ ଦୁର୍ବହ ହୋଇଥିଲେ ବି ତା ଉଦାର ।
କେଶବ ହେ ! ତମ ବିରହେ ରାଧିକା ଆତୁର ।୧ ।

orissamatters.com

## ଅଷ୍ଟମ ପାହାଚ

(ରାଧାଙ୍କ ମାନସିକ ଓ କାୟିକ ଅବସ୍ଥା ସଂପର୍କରେ ଅବଗତ ହୋଇ ହରି ଦୂତିକୁ କହୁଛନ୍ତି ଯେ ସେ ଯାଇ ରାଧାଙ୍କୁ ନିମ୍ନମତେ କହୁ ।)

ବହତି ମଳୟସମୀରେ ମଦନମୁପନିଧାୟ ।
ସ୍ଫୁଟତି କୁସୁମନିକରେ ବିରହିହୃଦୟଦଳନାୟ ।
ତବ ବିରହେ ବନମାଳୀ ସଖି ସୀଦତି ।୧ ।

ସଖି ! ତୋ ବିରହେ ବନମାଳୀ ସଢ଼ିଯାଏ ଲୋ !
ବିରହି ହୃଦୟ ବିଦାରଣ ପାଇଁ
ସୁବାସକୁସୁମେ ହାସ ଚହଟାଇ
ମଦନେ ଜଗାଇ ମଳୟ ସମୀର କୁଞ୍ଜକାନନେ ବହେ ଲୋ ।
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୧ ।

ଦହତି ଶିଶିରମୟୁଖେ ମରଣମନୁକରୋତି ।
ପତତି ମଦନବିଶିଖେ ବିଳପତି ବିକଳତରୋଽତି ।୨ ।

ଅମୃତମୟ ଶୀତଳ ଜୋଛନା
ସ୍ପର୍ଶେ ଭୋଗେ ସେ ମରଣ ଯାତନା
ଅତନୁର ଶର ପ୍ରହାରେ ବିକଳୁ ଅଧିକ ବିକଳ ହୁଏ ଲୋ ।
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୨ ।

ଧ୍ୱନତି ମଧୁପସମୂହେ ଶ୍ରବଣମପି ଦଧାତି ।
ମନସି ବଳିତବିରହେ ନିଶି ନିଶିରୁଜମୁପଯାତି ।୩ ।

ଦୁଇ ହାତେ ସିଏ ଘୋଡ଼ାଏ ଶ୍ରବଣ
ମନ୍ଦ୍ରୀ ଉଠିଲେ ମଧୁପର ସ୍ୱନ ;
ରାତ୍ରି ଆସିଲେ ତୋ ବିହୁନେ ମନେ ଅସୀମ କଷ୍ଟ ପାଏ ଲୋ ।
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୩ ।

orissamatters.com

ବସତି ବିପିନବିତାନେ ତ୍ୟଜତି ଲଳିତ ଧାମ ।
ଲୁଠତି ଧରଣୀଶୟନେ ବହୁ ବିଳପତି ତବ ନାମ ।୪ ।

ତିଆଗି ତାହାର ସୁଖ ନିକେତନ
ବରି ନେଇଛି ସେ ବିପିନବିତାନ ।
ଧରଣୀରେ ଲୋଟି ତୋର ନାମ ରଟି ବିଳାପେ ମଗ୍ନ ହୁଏ ଲୋ ।
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୪ ।

ରଣତି ପିକ ସମୁଦାୟେ ପ୍ରତିଦିଶମନୁଯାତି
ହସତି ମନୁଜନିଚୟେ ବିରହମପଳପତି ନେତି ।୫ ।

କୋକିଳର କୁହୁ କୁହୁକ ରଚିଲେ
ହାସ ଖେଳିଯାଏ ନିଖିଳମନରେ ।
ତା ମନରେ ତୋର ବିରହ ଯାତନା
ହାହାକାର ଭରି ଦିଏ ଲୋ !
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୫ ।

ସ୍ଫୁରତି କଳରବରାବେ ସ୍ମରତି ଭଣିତମେବ
ତବ ରତିସୁଖବିଭବେ ବହୁଗଣୟତି ଗୁଣମତିବ ।୬ ।

କଳରବ ଲାଗେ ତୋ ବଚନ ସମ
ତୋର ରତିସୁଖ ବିଭବ ବିତାନ
ବାର ବାର ମନେ ସୁମରି ସୁମରି ସତତ ସେ ଝୁରି ହୁଏ ଲୋ ।
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୬ ।

ତ୍ୱଦଭିଧଶୁଭଦମାସଂ ବଦତି ନରିଶୃଣୋତି ।
ତମପି ଜପତି ସରସଂ ପରଯୁବତିଷୁ ନରତିମୁପୈତି ।୭ ।

ତୋ କଥା ପଡ଼ିଲେ ମନ ଦେଇ ଶୁଣେ
ତୋ କଥା ଭାବଇ ସଦା ସବୁ କ୍ଷଣେ

orissamatters.com

ପରଯୁବତିର ରତିରେ ତା ମତି ନାଇଁ ଆଉ ଜାଣିଚାଏ ଲୋ ।
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୭ ।

ଭଣତି କବି ଜୟ ଦେବେ ବିରହବିଳସିତେନ ।
ମନସିରଭସବିଭବେ ହରିରୁଦୟତୁ ସୁକୃତେନ ।୮ ।

କବି ଜୟ ଦେବ ବୋଲଇ ଯେ ଜନ
ବିରହରସରେ ରସାଣଇ ମନ
ତହିଁର ପ୍ରଭାବେ ମିଳନ ବିଭବେ ତା ମନରେ ହରି ଶୋହେ ଲୋ ।
ସଖି ! ତୋ ବିରହେ ବନମାଳୀ ଶଢ଼ିଯାଏ ଲୋ ।୮ ।

*(ଓଡିଶାରେ ଉପଲବ୍ଧ ପୋଥିଗୁଡ଼ିକରେ ଏହି ଅଷ୍ଟପଦୀର ପଞ୍ଚମ, ଷଷ୍ଠ ଓ ସପ୍ତମ ପଦତ୍ରୟ ମିଳେନି । ଓଡ଼ିଶାରୁ ପୋଥି ନେଇ ତାକୁ ଆପଣେଇ ଜୟ ଦେବଙ୍କୁ ନିଜ ରାଜ୍ୟବାସୀ ବୋଲି ଦାବି କରିଚାଲିଥିବା ବଙ୍ଗାଳୀମାନେ ବି ଏହି କାରଣରୁ ଏହି ଅଷ୍ଟପଦୀଟିକୁ ପଞ୍ଚପଦୀ ଭାବେ ଦେଖାଇ ଆସିଛନ୍ତି ।* ***ରାଜସ୍ଥାନପତ୍ରିକା*** *ସୂତ୍ରରୁ ପୂର୍ଣ୍ଣାଙ୍ଗ ଅଷ୍ଟପଦୀଟିକୁ ମୁଁ ସଂଗ୍ରହ କରିଥିଲି । ସୁତରାଂ ଏତଦ୍ଵାରା ଓଡ଼ିଶାର ଜନସାଧାରଣ ପ୍ରଥମଥରପାଇଁ ଏହି ଅଷ୍ଟପଦୀଟିକୁ ପୂର୍ଣ୍ଣତଃ ଦେଖିବାକୁ ଯାଉଛନ୍ତି ।)*

## *ନବମ ପାହାଚ*

(ଶ୍ରୀକୃଷ୍ଣ କିପରି ସଙ୍ଗମପାଇଁ ବ୍ୟଗ୍ର କୁଟ୍ଟିନୀ ତହିଁର ସୂଚନା ରାଧାଙ୍କୁ ଦେଇ ଅବିଳମ୍ବେ ମିଳନ-କୁଞ୍ଜକୁ ଯିବାପାଇଁ ତାଙ୍କୁ ପ୍ରବର୍ତ୍ତାଇବାରେ ଲାଗିଛନ୍ତି ।)

ରତିସୁଖସାରେ ଗତମଭିସାରେ ମଦନ ମନୋହର ବେଶମ୍ ।
ନ କୁରୁ ନିତମ୍ବିନି ଗମନବିଳମ୍ବନମନୁସରତଂହୃଦୟେଶମ୍ ।
ଧୀରସମୀରେ ଯମୁନାତୀରେ ବସତିବନେବନମାଳୀ ।
ପୀନପୟୋଧରପରିସରମର୍ଦ୍ଦନଚଞ୍ଚଳକରଯୁଗଶାଳୀ ।୧ ।

ସଙ୍ଗମ ସୁଖ ଆଶାରେ ମୋହନ ବେଶରେ
ହୃଦୟେଶ ତୋର ଗଲେଣି ତ ଅଭିସାରରେ ।

orissamatters.com

ଅୟି ନିତମ୍ବିନି ! ନ କର ନ କର ଉଚ୍ଛୁର
ଗମନ କର ତୁ କୁଞ୍ଜ କୁଟୀରେ ସତ୍ୱର ।
ଯମୁନାର ତୀରେ ଧୀର ସମୀରରେ
କୁଞ୍ଜବନରେ ବ୍ୟାକୁଳ ମନରେ
ବିଜେ ଏବେ ବନମାଳୀ ଲୋ ।
ପୁଷ୍ଟ ନିଟୋଳ ପୀନ ପୟୋଧର
ମର୍ଦ୍ଦନେ ଯା'ର କର ଚଞ୍ଚଳ
ସେ ନଟନାଗର ଅତନୁ ଦର୍ପହାରୀ ଲୋ ।୧ ।

ନାମସମେତଂ କୃତ ସଙ୍କେତଂ ବାଦୟତେ ମୃଦୁ ବେଣୁମ୍ ।
ବହୁମନୁତେ ନନୁ ତେ ତନୁସଙ୍ଗତପବନଚଳିତମପି ରେଣୁମ୍ ।୨ ।

ସଙ୍କେତି ତୋର ନାମ ବରାନନା ସଧୀରେ
ମୃଦୁତାନେ ବେଣୁ ବାୟନ୍ତି ସେ ଅତି ଆଦରେ ।
ତୋ ତନୁ ପରଶି ଉଡ଼ି ଆସୁଥିବା ରେଣୁରେ
ଅନୁରାଗଭରେ ଭରନ୍ତି ଆପଣା ବୁକୁରେ ।୨ ।

ପତତି ପତତ୍ରେ ବିଚଳିତପତ୍ରେ ଶଙ୍କିତଭବଦୁପଯାନମ୍ ।
ରଚୟତି ଶୟନଂ ସଚକିତନୟନଂ ପଶ୍ୟତି ତବ ପନ୍ଥାନମ୍ ।୩ ।

ବିହାୟସ ପର ପତନ ପ୍ରଭାବେ ପତ୍ରେ
ହେଉଁ କ-ନ ବେପଥୁ ଖେଳଇ ଗାତ୍ରେ ।
ମାନସ-ଆଖିରେ ଆଗମନ ତୋର ଦରଶି
ଶେଯ ସଜ୍ଜାରେ ମନ ସେ ଦିଅନ୍ତି ନିବେଶି ।୩ ।

ମୁଖରମଧୀରଂ ତ୍ୟଜ ମଞ୍ଜୀରଂ ରିପୁମିବ କେଳିଷୁ ଲୋଳମ୍ ।
ଚଳ ସଖି କୁଞ୍ଜଂ ସତିମିରପୁଞ୍ଜଂ ଶୀଳୟ ନୀଳନିଚୋଳମ୍ ।୪ ।

କେଳିପଥେ ଚଳିଯିବାବେଳେ ଲୋଳେ, ସୁଶୀଳେ !
ମୁଖର ନୂପୁର ଦାଉ ସାଧିପାରେ, ତାହାରେ
ଫିଙ୍ଗି ତୁରିତ, ତିମିରେ କୁଞ୍ଜେ ଚଳଲୋ ।
ଅଙ୍ଗେ ଘେରାଇ ବନ୍ଧୁ ନୀଳ ନିଚୋଳ ଲୋ ।୪ ।

orissamatters.com

ଉରସି ମୁରାରେ ରୁପହିତହାରେ ଘନ ଇବ ତରଳ ବଳାକେ ।
ତଡିଦିବ ପୀତେ ରତିବିପରୀତେ ରାଜସି ସୁକୃତବିପାକେ ।୫ ।

ହାର ସୁଶୋଭିତ ଶ୍ୟାମ ଉରେ ଉଠି ସୁସାର
ବିପରୀତ ରତି ଏସନ ରୀତିରେ ଆଚର
ମନେ ହେବ ଯଥା ବଳାକା ଶୋହିତ ମେଘରେ
ହାଟକବର୍ଣ୍ଣା ବିଦ୍ୟୁତ୍‌ରେଖା ଚହଲେ ।୫ ।

ବିଗଳିତବସନଂ ପରିହୃତ ରସନଂ ଘଟୟ ଜଘନମପିଧାନମ୍ ।
କିଶଳୟଶୟନେ ପଙ୍କଜନୟନେ ନିଧିମିବ ହର୍ଷନିଧାନମ୍ ।୬ ।

ପଦ୍ମନୟନେ ! ଫିଙ୍ଗି ମେଖଳା, ବସନ
ଉନ୍ମୋଚ କରି ଉଜ୍ଜଳ ଘନ ଜଘନ
ବେଷ୍ଟନ କରି ବାସବିଗଳିତ କାନ୍ତେ
କିସଳୟ ଶେଯେ ହର୍ଷ ବର୍ଷ ଶାନ୍ତେ ! ।୬ ।

ହରିରଭିମାନୀ ରଜନିରିଦାନୀମିୟମପି ଯାତି ବିରାମମ୍ ।
କୁରୁ ମମ ବଚନଂ ସତ୍ୱରରଚନଂ ପୂରୟ ମଧୁରିପୁକାମମ୍ ।୭ ।
ତୁ ତ ଜାଣୁ ସଖି ! ହରି ବଡ଼ ଅଭିମାନୀ ଲୋ,
ସରି ସରି ଯାଏ ଏ ମଧୁର ନିଶିଥିନୀ ଲୋ ।
ବଚନ ରଖ ମୋ, ସତ୍ୱର କରି ଗମନ
ଦୂର କର ମଧୁରିପୁ ପ୍ରାଣୁଁ କାମକଷଣ ।୭ ।

ଶ୍ରୀଜୟ ଦେବେ କୃତହରିସେବେ ଭଣତି ପରମ ରମଣୀୟମ୍ ।
ପ୍ରମୁଦିତହୃଦୟଂ ହରିମତିସଦୟଂ ନମତ ସୁକୃତକମନୀୟମ୍ ।୮ ।
ହରି ଅନୁସରି ଅତି ମନୋରମ ଏ ଗୀତ
କରନ୍ତି ଶ୍ରୀଜୟ ଦେବ ସୁମଧୁରେ ଭଣିତ ।
ପ୍ରମୁଦିତ ହୃଦ, ସୁକୃତ କମନୀୟ ହେ !
ଅତି ଦୟାଶୀଳ ସେ ତ ଚିର ମାନନୀୟ ହେ ! ।୮ ।

orissamatters.com

## ଦଶମ ପାହାଚ

(କୁଟ୍ଟିନୀ ରାଧାଙ୍କୁ ପ୍ରବର୍ତ୍ତାଇ ମିଳନ କୁଞ୍ଜକୁ ପଠାଇସାରିବା ପରେ ଫେରିଆସି ହରିଙ୍କୁ ପ୍ରତୀକ୍ଷମାଣା ନାୟିକାର ବିବରଣୀ ଦେଉଛନ୍ତି ।)

ପଶ୍ୟତି ଦିଶି ଦିଶି ରହସି ଭବନ୍ତମ୍ ।
ତଦଧରମଧୁରମଧୂନି ପିବନ୍ତମ୍ ।
ନାଥ ହରେ ସୀଦତି ରାଧା ବାସଗୃହେ ।୧ ।

ବାସରଶଯ୍ୟା ସଜାଇ ରାଧିକା
ନିରବେ ବିଷାଦେ ପକାଇଛି ଡ଼କା
କୁଞ୍ଜ କୁଟୀରେ- *ହେ ନାଥ ! ହେ ନାଥ ! ହରି ହେ !*
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ !
ତା ମଧୁ ଅଧରୁ ମଧୁପ ହେ ତମେ
ପିଇବ ପୀୟୂଷ ବୋଲି ବନଭୂମେ
ଦିଶି ଦିଶି ସିଏ ଚାହେଁ ଆଖି ଅପସାରି ହେ !
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ ! ।୧ ।

ତ୍ୱଦଭିସରଣରଭସେନ ବଳନ୍ତୀ ।
ପତତି ପଦାନି କିୟନ୍ତି ଚଳନ୍ତୀ ।୨ ।

ଔତ୍ସୁକ୍ୟେ ଯାଉଁ ଯାଉଁ କେତେ ପାଦ
ଖସିପଡେ ବାଳା ହୋଇ ଅଣାୟତ୍ତ ।
ତମ ଆଶ୍ଳେଷ ବାଞ୍ଛି ସେ ଅଭିସାରୀ ହେ !
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ ! ।୨ ।

ବିହିତବିଶଦବିସକିସଳୟବଳୟା ।
ଜୀବତି ପରମିହ ତବ ରତିକଳୟା ।୩ ।

orissamatters.com

ମୃଣାଳ ବଳାରେ ପଦ୍ମ ପତରେ
ପଦ୍ମିନୀ ସେ ଯେ ମଣ୍ଡି ନିଜରେ
ତବ ରତି ଧ୍ୟାୟି ରହିଛି ଜୀବିତପରି ହେ !
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ ! ।୩।

ମୁହୁରବଲୋକିତମଣ୍ଡନଲୀଳା ।
ମଧୁରିପୁରହମିତି ଭାବନଶୀଳା ।୪।

ତମପରି ସାଜି ବେଶ ସେ ସୁକେଶୀ
ଆପେ ଆପଣାକୁ ଭାବେ ମଧୁନାଶୀ
ତବଗତପ୍ରାଣା ତବ ରସେ ଥାଏ ବୁଡ଼ି ହେ !
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ ! ।୪।

ତ୍ୱରିତମୁପୈତି ନ କଥମଭିସାରମ୍ ।
ହରିରିତି ବଦତି ସଖୀମନୁବାରମ୍ ।୫।

ତ୍ୱରିତ କାହିଁକି ଅଭିସାରେ ତମେ
ଆସୁ ନାହଁ ବୋଲି କ୍ଷଣେ ଅନୁକ୍ଷଣେ
ସଖୀ ସଜନୀଙ୍କୁ ପଚାରିଚାଲେ ସେ ହରି ହେ !
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ ! ।୫।

ଶ୍ଲିଷ୍ୟତି ଚୁମ୍ବତି ଜଳଧରକଳ୍ପମ୍ ।
ହରିରୁପଗତ ଇତି ତିମିରମନଳ୍ପମ୍ ।୬।

ନବଜଳଧରବରଣ ତିମିରେ
ଆଶ୍ଳେଷ କରି ଚୁମ୍ବେ ଅଧୀରେ
ମନେକରି ତହିଁ ତମେ ଉପଗତ ବୋଲି ହେ !
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ ! ।୬।

orissamatters.com

ଭବତି ବିଳମ୍ବିନି ବିଗଳିତଲଜ୍ଜା ।
ବିଲପତି ରୋଦିତି ବାସକସଜ୍ଜା ।୭ ।

ସଜାଇ ନିଜରେ କେଳି ସଦନରେ
ଚକାଇ ତମକୁ, ବିଳମ୍ବ ବାଧାରେ
ସରମ ପାସୋରି ଉଠେ କ୍ରନ୍ଦନ କରି ହେ !
ତମକୁ ନ ପାଇ ସୁନାଗୋରୀ ଯାଏ ଶଢ଼ି ହେ ! ।୭ ।

ଶ୍ରୀ ଜୟ ଦେବ କବେରିଦମୁଦିତମ୍ ।
ରସିକଜନଂ ତନୁତାମତିମୁଦିତମ୍ ।୮ ।

ଶ୍ରୀ ଜୟ ଦେବଙ୍କ ରଚିତ ଏ ଗୀତ
ରସେ ରସାଣିତ ଛନ୍ଦେ ଲଳିତ
ରସିକଜନଙ୍କ ଅନ୍ତରେ ଦେଉ ପରମାନନ୍ଦ ଭରି ହେ !
ବାସର ଶଯ୍ୟା ସଜାଇ ରାଧିକା
ନିରବେ ବିଷାଦେ ପକାଇଛି ଡକା
କୁଞ୍ଜ କୁଟୀରେ-*ହେ ନାଥ ହେ ନାଥ ହରି ହେ !* ।।୮।।

## *ଏକାଦଶ ପାହାଚ*

(କୁଞ୍ଜରେ ଏକାକିନୀ ରହି ରହି ପ୍ରତୀକ୍ଷମାଣା ରାଧା ହତାଶ ଅନୁଭବ କରୁଛନ୍ତି ଓ ସେହେତୁ ବିଳପି ଉଠୁଛନ୍ତି ।)

କଥିତ ସମୟେଽପି ହରିରହହ ନ ଯଯୌ ବନମ୍
ମମ ବିଫଳମିଦମମଳରୂପ ନବଯୌବନମ୍
ଯାମି ହେ କମିହ ଶରଣଂ ସଖୀଜନବଚନବଞ୍ଚିତା ।।୧ ।।

ସଖୀ ସଜନୀଙ୍କ କଥା ମିଛ ହେଲା
କେଣ୍ଟ ସମୟ ବିତି ବିତି ଗଲା

orissamatters.com

କଥାଦେଇ ସୁଦ୍ଧା ଯଥା ସମୟରେ ହରି ଆସିଲେନି ବନେ ତ !
ଅମଳିନ ରୂପ ନବ ଯଉବନ
ବ୍ୟର୍ଥ ମୋ ଗଲା, ଯିବି କା' ଶରଣ
ନ ଦିଶଇ କାହିଁ ଜଣେ ତ ! ।।୧।।

ଯଦନୁଗମନାୟ ନିଶି ଗହନମପି ଶୀଳିତମ୍
ତେନ ମମ ହୃଦୟମିଦମସମଶର କୀଳିତମ୍ ।।୨।।

ଯାହାପାଇଁ ଏହି ନିଜନ ନିଶିରେ
ଆସିଲି ଏ ଘୋର ଗହନ ବନରେ
ସେ ତ ମିଳିଲେନି;
ହୃଦୟରେ ଗଲା
ଅତନୁ ବିଶିଖ ଗଳି ତ !
କଥାଦେଇ ସୁଦ୍ଧା ଯଥା ସମୟରେ
ହରି ଆସିଲେନି ବନେ ତ ।।୨।।

ମମ ମରଣମେବ ବରମିତି ବିତଥକେତନା
କିମିହ ବିଷହାମି ବିରହାନଳମଚେତନା ।।୩।।

ହୋଇଗଲା ଅତି ବ୍ୟର୍ଥ ମୋ ଦେହ
ମୃତ୍ୟୁ ବରଂ କାମ୍ୟ; ଅସହ
ଚେତନା ବିଦାରି ବିରହ-ବହ୍ନି ଦାହ ତ!
କଥାଦେଇ ସୁଦ୍ଧା ଯଥା ସମୟରେ
ହରି ଆସିଲେନି ବନେ ତ !।।୩।।

ମାମହହ ବିଧୁରୟତି ମଧୁରମଧୁଯାମିନୀ
କାପି ହରିମନୁଭବତି କୃତସୁକୃତକାମିନୀ ।।୪।।

ମଧୁବସନ୍ତର ଏ ମଧୁଯାମିନୀ
ପୀଡ଼େ ସିନା ମୋତେ, ଅନ୍ୟ କାମିନୀ
ତୁଲେ କାମକ୍ରୀଡ଼ା କରୁଥିବେ ଏବେ ସିଏ ତ!
କଥାଦେଇ ସୁଦ୍ଧା ଯଥା ସମୟରେ
ହରି ଆସିଲେନି ବନେ ତ !।।୪।।

orissamatters.com

ଅହହ କଳୟାମି ବଳୟାଦିମଣିଭୂଷଣମ୍
ହରି ବିରହଦହନବହନେନ ବହୁଦୂଷଣମ୍ ।।୫।।

ବଳୟାଦି ମଣିଭୂଷଣ ଯହିଁରେ
ସାଜିଥିଲି ତନୁ ମିଳନ ଚାହିଁରେ
ବିରହ ଦହନ ବହନେ ତା କ୍ଷମ ନୁହେଁ ତ !
କଥାଦେଇ ସୁଦ୍ଧା ଯଥା ସମୟରେ
ହରି ଆସିଲେନି ବନେ ତ !।।୫।।

କୁସୁମସୁକୁମାରତନୁମତନୁଶରଲୀଳୟା
ସ୍ରଗପି ହୃଦି ହନ୍ତି ମାମତିବିଷମଶୀଳୟା ।।୬।।

ଫୁଲକୋମଳ ମୋ ତନୁବଲ୍ଲରୀ
ନିରାଶ୍ରୟ ଯେଣୁ; ହୃଦେ ଯାଏ ଗଳି
ଗଳେ ଗଳା ଫୁଲମାଳ ଫୁଲଶର ପରି ତ !
କଥାଦେଇ ସୁଦ୍ଧା ଯଥା ସମୟରେ ହରି ଆସିଲେନି ବନେ ତ !।।୬।।

ଅହମିହ ନିବସାମି ନ ଗଣିତବନବେତସା
ସ୍ମରତି ମଧୁସୂଦନୋ ମାମପି ନ ଚେତସା ।।୭।।

ଯା ପାଇଁ ଆସିଲି ଗହନ ଭୀଷଣ
ବେତସବନେ ମୁଁ ସେ ମଧୁସୂଦନ
ସୁମରଣ ମୋତେ ନ କରନ୍ତି ଲବେ ମନେ ତ !
କଥାଦେଇ ସୁଦ୍ଧା ଯଥାସମୟରେ ହରି ଆସିଲେନି ବନେ ତ ! ।।୭।।

ହରିଚରଣଶରଣ ଜୟ ଦେବ କବି ଭାରତୀ
ବସତୁ ହୃଦି ଯୁବତିରିବ କୋମଳକଳାବତୀ ।।୮।।

ହରିପଦଯୁଗାଶ୍ରୟୀ ଜୟ ଦେବ
କବି ଭଣିତ ଏ ଭାରତୀର ଭାବ
ହୃଦେ ଭରିଯାଉ, ରସିକ ବୁକୁରେ
ଯୁବା କଳାବତୀ ପରି ତ !
କଥାଦେଇ ସୁଦ୍ଧା ଯଥାସମୟରେ ହରି ଆସିଲେନି ବନେ ତ !।।୮।।

orissamatters.com



ସଖୀ ସଜନୀଙ୍କ କଥା ମିଛ ହେଲା
କଷ୍ଟ ସମୟ ବିତି ବିତି ଗଲା
କଥାଦେଇ ସୁଦ୍ଧା ଯଥା ସମୟରେ ହରି ଆସିଲେନି ବନେ ତ !
ଅମଳିନ ରୂପ ନବ ଯଉବନ
ବ୍ୟର୍ଥ ମୋ ଗଲା, ଯିବି କା' ଶରଣ
ନ ଦିଶଇ କାହିଁ ଜଣେ ତ ! ।।୧।।

orissamatters.com

## ଦ୍ୱାଦଶ ପାହାଚ

(ବିପ୍ରଲବ୍ଧା ରାଧାଙ୍କର ମନେ ହେଉଛି ସତେ ଯେମିତି ହରି ଅନ୍ୟ କେଉଁ ଯୁବତୀ ଦ୍ୱାରା ରମିତ ହେଉଛନ୍ତି । ବିପରୀତ ରତିକ୍ରୀଡ଼ାର ସେହି କଳ୍ପିତ ଦୃଶ୍ୟରାଜି ଫୁଟି ଉଠିଛି ଶ୍ରୀ ଜୟ ଦେବଙ୍କ ଲେଖନୀମୁନରେ, ରାଧାଙ୍କ ଆଳରେ ।)

ସ୍ମରସମରୋଚିତବିରଚିତବେଶା
ଗଳିତକୁସୁମଦଳବିଲୁଳିତକେଶା
କାପି ଚପଳା ମଧୁରିପୁଣା
ବିଳସତି ଯୁବତିରଧିକଗୁଣା । ।୧ । ।

ମୋ ତହୁଁ ଅଧିକ ଗୁଣା ନିପୁଣା କେ ବାରିଜାକ୍ଷି
ବିପରୀତ ରତିରସେ ମଧୁରିପୁ ମୋହିଛି କି ?
ହୋଇଥିଲେ ତାହା, ରତିରଣ ପାଇଁ
ବେଶ ଯା' ବିରଚିଥିବ ସେ ସୁମୁହାଁ
ଖସିପଡ଼ିଥିବ କୁସୁମ ତହିଁରୁ, ଫିଟିପଡ଼ିଥିବ କବରୀ କି ? । ।୧ । ।

ହରିପରିରମ୍ଭଣବଳିତବିକାରା
କୁଚକଳସୋପରି ତରଳିତହାରା । ।୨ । ।

ହରି କରିଥିଲେ ଆଶ୍ଳେଷ ଗାଢ଼େ
ଶଢ଼ିପଡ଼ିଥିବ ତନୁ ବେପଥୁରେ
ଝଳିଉଠିଥିବ ତରଳିତ ହାର
ତା କୁଚ-କଳସ ଉପରେ କି ? । ।୨ । ।

ବିଚଳଦଳକ ଲଳିତାନନଚନ୍ଦ୍ରା
ତଦଧରପାନରଭସକୃତତନ୍ଦ୍ରା । ।୩ । ।

ଚହଲି ଅଳକ ଚନ୍ଦ୍ରବଦନେ
ଅଧିକ ଲଳିତ କରିଥିବ; ପ୍ରାଣେ
ଭରିଦେଇଥିବ ଶାନ୍ତି ଅଧରପାନ
ଉପୁଜାଇ ତନ୍ଦ୍ରା କି? । ।୩ । ।

orissamatters.com

ଚଞ୍ଚଳକୁଣ୍ଡଳଦଳିତକପୋଳା
ମୁଖରିତରସନା ଜଘନଗତିଲୋଳା ।।୪।।

କୁଣ୍ଡଳ ଦୋଳି ଦଳିଥିବ ତାର
ଗଣ୍ଡଯୁଗଳେ; ମେଖଳା ମୁଖର
ହୋଇଉଠିଥିବ ଘନ ଘନ ଉରୁ
ଚାଳନର ସମତାଳରେ କି ? ।।୪।।

ଦୟିତବିଲୋକିତଲଜ୍ଜିତହାସା
ବହୁବିଧକୂଜିତରତିରସରସିତା ।।୫।।

ବିପରୀତ ରତି ପ୍ରବଳା ବାଳା ସେ
ପ୍ରିୟେ ଅବଲୋକି ଲାଜଭରା ହାସେ
ରଚିଥିବ ନାନା ନିଧୁବନ ସ୍ୱନ
ରତିରସାପ୍ଲୁତା ରସିକା କି ?।।୫।।

ବିପୁଳପୁଲକପୃଥୁବେପଥୁଭଙ୍ଗା
ଶ୍ୱସିତନିମିଳିତବିକସଦନଙ୍ଗା ।।୬।।

ବିପୁଳ ପୁଲକେ ବେପଥୁ ଲହରୀ
ବାଳା ଅପଘନେ ଯାଇଥିବ ଖେଳି
ସୁରତ ଆମୋଦେ ମୁଦା ଆଖି, ଶ୍ୱାସେ
ମାର ଉଠୁଥିବ ବିକଶି କି ?।।୬।।

ଶ୍ରମଜଳକଣଭରସୁଭଗଶରୀରା
ପରିପତିତୋରସି ରତିରଣଧୀରା ।।୭।।

ଶ୍ରମଝାଳେ ତାର ସୁଭଗ ଶରୀର
ଭିଜି ଦିଶୁଥିବ ମଞ୍ଜୁଳତର

orissamatters.com

ରତିରଣ ଶେଷେ ଧୀରେ ଧୀରେ ଥିରେ
ପଡ଼ିଥିବ ପ୍ରିୟ ବୁକୁରେ କି ? ।।୭।।

ଶ୍ରୀ ଜୟ ଦେବ ଭଣିତ ହରିରମିତମ୍
କଳିକଲୁଷଂ ଜନୟତୁ ପରିଶମିତମ୍ ।।୮।।

ଶ୍ରୀ ଜୟ ଦେବଙ୍କ ଭଣିତ ଏ ଗୀତ
ହରି ବିପରୀତ ରତିରେ ରମିତ
ହେବା ବିବରଣ ଦେଇ ହରିନେବ
କଳିର କଳୁଷ କାଳିମା କି? ।।୮।।

## ତ୍ରୟୋଦଶ ପାହାଚ

(ହରିଙ୍କ ସହ ଅନ୍ୟ ଯୁବତୀର ବିପରୀତ ରତିକ୍ରୀଡା ମନଶ୍ଚକ୍ଷୁରେ ଅବଲୋକନ କରିଥିବା ରାଧା ସଙ୍ଗମାନ୍ତ ଦୃଶ୍ୟାବଳୀ ଅନୁମାନ କରୁଛନ୍ତି ।)

ସମୁଦିତମଦନେ ରମଣୀବଦନେ ଚୁମ୍ବନବଳିତାଧରେ
ମୃଗମଦତିଳକଂ ଲିଖତି ସପୁଲକଂ ମୃଗମିବରଜନୀକରେ
ରମତେ ଯମୁନାପୁଲିନବନେ ବିଜୟୀ ମୁରାରିରଧୁନା ।।୧।।

ଯମୁନା କୂଳରେ
କୁଞ୍ଜବନରେ
ବିଜୟୀ ମୁରାରି ବିହରୁଥିବେ ତ ବିଭୋରେ;
ଚାରୁକେଶୀ କେଉଁ ରମଣୀରତନେ
ମଦନମୋଦରେ ଜଗାଇ ଯତନେ
ଲେଖିଦେଉଥିବେ କସ୍ତୁରୀ ଭାଲେ ଶଶକ ଯେସନ ଶଶିରେ ।
ଲମ୍ବାଉଥିବେ ରଙ୍ଗ ଅଧର ଚୁମ୍ବନ ପାଇଁ କପୋଳେ ।।୧।।

orissamatters.com

ଘନଚୟରୁଚିରେ ରଚୟତି ଚିକୁରେ ତରଳିତତରୁଣାନନେ
କୁରୁବକକୁସୁମଂ ଚପଳାସୁଷମଂ ରତିପତିମୃଗକାନନେ ।।୨ ।।

ମେଘମାଳା ସମ ରୁଚିର ଚିକୁର
ତରୁଣୀ ଆନନେ କରୁଥିବ ଖେଳ
ରତିପତି କ୍ରୀଡ଼ା-କାନନ ସମ ତା ସୁନୀଳ ସୁଘନ କେଶରେ
ନାଇଦେଉଥିବେ କୁରୁବକ ଫୁଲ ଚପଳା-ଚହଟ-ଲାସରେ ।।୨ ।।

ଘଟୟତି ସୁଘନେ କୁଚଯୁଗଗଗନେ ମୃଗମଦରୁଚିରୁଷିତେ
ମଣିସରମମଳଂ ତାରକପଟଳଂ ନଖପଦଶଶିଭୂଷିତେ ।।୩ ।।

କସ୍ତୁରୀଲେପିତ ଘନସ୍ତନ ତାର
ପ୍ରତେହେଉଥିବ ଆକାଶ ଆକାର
ତହିଁ ଶଶିକଳା ସମ ନଖଗାର ଶୋଭାପାଉଥିବ ରୁଚିରେ ।
ମଣିହାର ଝଳିଉଠୁଥିବ ତାରାମାଳାପରି ଲୀଳାଖେଳାରେ ।।୩ ।।

ଜିତବିସଶକଳେ ମୃଦୁଭୁଜଯୁଗଳେ କରତଳନଳିନୀଦଳେ
ମରକତବଳୟଂ ମଧୁକରନିଚୟଂ ବିତରତି ହିମଶୀତଳେ ।।୪ ।।

ସ୍ନିଗ୍ଧ ଶୀତଳ କରତଳ ତାର
ପଦ୍ମପାଖୁଡ଼ା ସମ ମନୋହର
ଦିଶୁଥିବ ତୋରା ଭୁଜଯୁଗଳ ତା ମୃଣାଳଖଣ୍ଡ ପ୍ରକାରେ ।
ବଳିପଡୁଥିବ ତହିଁ ମରକତବଳା ଅଳିକୁଳ ଶୋଭାରେ ।।୪ ।।

ରତିଗୃହଜଘନେ ବିପୁଳାପଘନେ ମନସିଜକନକାସନେ
ମଣିମୟରସନଂ ତୋରଣହସନଂ ବିକିରତି କୃତବାସନେ ।।୫ ।।

ମଦନର ହେମାସନ ସମ ତାର
ବିପୁଳ କୋମଳ ଚାରୁ କଳେବର,
ତହିଁ ରତିଗୃହ ପରି ଶୋଭିତ ତା ସଘନ ଜଘନଦେଶରେ
ତୋରଣ ପରାୟ ମଣିର ମେଖଳା ଝଳୁଥିବ କେଳି ଶେଷରେ ।।୫ ।।

orissamatters.com

ଚରଣକିସଲୟେ କମଳାନିଳୟେ ନଖମଣିଗଣପୂଜିତେ
ବହିରପବରଣଂ ଯାବକହରଣଂ ଜନୟତି ହୃଦି ଯୋଜିତେ ।।୬ ।।

କାମକେଳି କାଳେ କାମିନୀ ନଖରେ
କ୍ଷତ ଉପୁଜି ଯେ ହୃଦେ ଶୋଭାଭରେ
ସେ ହୃଦରେ ଯୋଡ଼ି ଧରି ତା ପୟର-ପତ୍ର ଗଭୀର ମୋହରେ
ଲେଖୁଥିବେ ପରା ନାଗର ରତନ ଅଳତାର ଧାର ତହିଁରେ ।।୬ ।।

ରମୟତି ସୁଭୃଶଂ କାମପି ସୁଦୃଶଂ ଖଳ ହଳଧରସୋଦରେ
କିମଫଳମବସଂ ଚିରମିହ ବିରସଂ ବଦ ସଖି ବିଟପୋଦରେ ।।୭ ।।

ହଳଧରଙ୍କର ସେ ଖଳ ସୋଦର
କରେ ଯଦି ଆନ ନାରୀରେ ବିହାର
କି କାରଣେ କହ ସଜନିଲୋ ବସି
ରହିଥିବି ଏହି ଠାବରେ?
ବିରହରେ କାଳ କାଟି କାଟି କିଆଁ ଶଢ଼ୁଥିବି ଚିର ତାପରେ ? ।।୭ ।।

ଇହ ରସଭଣନେ କୃତହରିଗୁଣନେ ମଧୁରିପୁପଦସେବକେ
କଳିଯୁଗଚରିତଂ ନ ବସତୁ ଦୁରିତଂ କବିନୃପ ଜୟ ଦେବକେ ।।୮ ।।

ହରିଙ୍କର ଏହି କାମକେଳି କଥା
କଳି ପାପ ଦୂର ପାଇଁ ସମରଥା,
ହରିପଦସେବୀ କବି-ନୃପ ଜୟ ଦେବ ବଖାଣିଲେ ଗୀତରେ ।
ନ ରହୁ ଦୁରିତ, ହେଉ ଅପ୍ରମିତ ଆନନ୍ଦ ଏ ରସ-ଭାଷରେ ।।୮ ।।

orissamatters.com

## ଚତୁର୍ଦ୍ଦଶ ପାହାଚ

(ହରିଙ୍କ ସହ ଯେଉଁ ଯୁବତୀ ବିପରୀତ ରତିଲିପ୍ତା ଥିଲେ ବୋଲି ରାଧା ସନ୍ଦେହ କରିଥଲେ, କୁଞ୍ଜ ସଦନରେ ଅପେକ୍ଷା କରି କରି ଅତିଷ୍ଠ ହୋଇଗଲା ପରେ ସେ ତାଙ୍କ ପ୍ରତି ପ୍ରକଟ କରୁଛନ୍ତି ଈର୍ଷା ।)

ଅନିଳତରଳକୁବଳୟନୟନେନ
ତପତି ନ ସା କିଶଳୟଶୟନେନ
ସଖି ଯା ରମିତା ବନମାଳିନା ।।୧ ।।

ସଖିରେ ! ସେ ସିନା କିଶଳୟ ଶେଯେ ଶାନ୍ତିରେ ଯିବ ଶୋଇ
ବାଙ୍କଚାହାଣି ଲହରୀ ଖେଳାଏ ଯା ନୟନ-ନୀଳକଇଁ
ସେ ବନମାଳୀର ରମଣ ଲଭି ଯେ କାମାନଳୁଁ ତରିଥିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ସଢ଼ିଯିବ ?) ।।୧ ।।

ବିକସିତସରସିଜଲଳିତମୁଖେନ
ସ୍ଫୁଟତି ନ ସା ମନସିଜବିଶିଖେନ ।।୨ ।।

ସଖିରେ ! ଫୁଟିଲା ସରସିଜ ପରି ଲଳିତ ବଦନ ଯା'ର
ସେ ବନମାଳୀର ଅଧୀର ଅଧରୁ ଚୁମ୍ବନ ଅବିରଳ
ଲଭିଛି ଯେ ନାରୀ ମନସିଜ ଶର ସିନା ତାରେ ନ କାଟିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ସଢ଼ିଯିବ ?) ।।୨ ।।

ଅମୃତମଧୁରମୃଦୁତର ବଚନେନ
ଜ୍ୱଳତି ନ ସା ମଳୟଜପବନେନ ।।୩ ।।

ସଖିରେ ! ଯେ ବନମାଳୀର ମଧୁର ମୃଦୁତର ବଚନରେ
ହୋଇଥିବ ଅଭିଷିକ୍ତ ମଦନବେଦିକାରେ ବିସ୍ତରେ
ମଳୟପବନ ଜ୍ୱାଳାରେ ତା ତନୁଲତା ସିନା ନ ଜଳିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ସଢ଼ିଯିବ ?) ।।୩ ।।

ସ୍ଥଳଜଳରୁହରୁଚିକରଚରଣେନ
ଲୁଠତି ନ ସା ହିମକରକିରଣେନ ।।୪ ।।

ସଖିରେ ! ଯା କର ଚରଣ ଦିଶଇ ଥଳ ଜଳରୁହ ପରି
ତା ଯୋଗେ ରମିତା ହୋଇ ଯେ ବିତାଇ ଦେଇଥିବ ଶର୍ବରୀ

orissamatters.com

ସେହି ନାରୀ ସିନା ଜୋଛନା ପରଶେ ସଂତାପେ ନ ଶଢ଼ିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ସଢ଼ିଯିବ ?) ।।୪।।

ସଜଳଜଳଦସମୁଦୟରୁଚିରେଣ
ଦଳତି ନ ସା ହୃଦି ବିରହଭରେଣ ।।୫।।

ସଖିରେ ! ସଜଳ ନବଘନ ସମ କାନ୍ତି ଯା' ମନୋରମ
ସେ ଘନଶ୍ୟାମର ସୁରତରସରେ ତୃପ୍ତ ଯା' ମନକାମ
ହୋଇଥିବ ତାକୁ ବିରହ-ବହ୍ନି ଦହି ସିନା ନ ପାରିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ସଢ଼ିଯିବ ?) ।।୫।।

କନକନିକଷରୁଚିଶୁଚିବସନେନ
ଶ୍ୱସିତି ନ ସା ପରିଜନହସନେନ ।।୬।।

ସଖିରେ ! କଷଟିଶିଳା ସମ କଳା ତନୁରେ ଯା' ସୁନାପରି
ପୀତବରଣର ବାସ ଶୋହୁଥାଏ, ତା ରମଣ ଲାଭ କରି
ତୃପ୍ତା ଯେ ନାରୀ, ପରିଜନ ହାସେ ସେହୁ ସିନା ନ ଡରିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ସଢ଼ିଯିବ ?) ।।୬।।

ସକଳଭୁବନଜନବରତରୁଣେନ
ବହତି ନ ସା ରୁଜମତିକରୁଣେନ ।।୭।।

ସଖିରେ ! ସକଳ ଭୁବନରେ ଯେତେ ତରୁଣ ଉଦୀୟମାନ
ସେ ସଭିଙ୍କଠାରୁ ସର୍ବଶ୍ରେଷ୍ଠ ତରୁଣ ତ ଘନଶ୍ୟାମ ।
ତାଙ୍କ ରତି ଲଭିଥିବା ନାରୀମନଁ ତାପ ସିନା ତୁଟିଥିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ସଢ଼ିଯିବ ?) ।।୭।।

ଶ୍ରୀ ଜୟ ଦେବ ଭଣିତ-ବଚନେନ
ପ୍ରବିଶତୁ ହରିରପି ହୃଦୟମନେନ ।।୮।।

ଶ୍ରୀ ଜୟ ଦେବଙ୍କ ଭଣିତ ଏ ଗୀତ ରସରେ ରସିକରାଜ
ଭାସି ଭାସି ଆସି ଅନୁରକ୍ତର ହୃଦୟେ ମାନସେ ଆଜ
ରଚନ୍ତୁ ଅମୀୟ ରାସ ଉତ୍ସବ, ଜାଗିଉଠୁ ମହାଭାବ ।
ପ୍ରିୟ ପ୍ରତୀକ୍ଷାରେ କାଳ କାଟିବାରେ ସୁଖ ହେଉ ଅନୁଭବ ।।୮।।

orissamatters.com



ସଖିରେ! ସେ ସିନା କିଶଳୟ ଶେଯେ ଶାନ୍ତିରେ ଯିବ ଶୋଇ
ବାଙ୍କଚାହାଣି ଲହରୀ ଖେଳାଏ ଯା ନୟନ-ନୀଳକଇଁ
ସେ ବନମାଳୀର ରମଣ ଲଭି ଯେ କାମାନଳୁଁ ତରିଥିବ ।
(ସେ କିସ କରିବ ପ୍ରିୟ ପ୍ରତୀକ୍ଷାରେ କୁଞ୍ଜ ଯା' ଶଢ଼ିଯିବ ?) ।।୧।।

orissamatters.com

## ପଞ୍ଚଦଶ ପାହାଚ

(ବିରହରେ ବିତିଯାଇଛି ସାରା ରାତି । ବ୍ୟର୍ଥ ହୋଇଛି ବାସକଶଯ୍ୟା । ରତିବଞ୍ଚିତା ରାଧା ଅନ୍ୟ ନାୟିକାର ମିଳନଚିହ୍ନ ବହନ କରି ତାଙ୍କ ପାଖକୁ ଫେରିଆସିଥିବା ହରିଙ୍କୁ ଦେଖି ଭାଙ୍ଗି ପଡ଼ିଛନ୍ତି ଦୁର୍ବାର ଅଭିମାନରେ ।)

ରଜନିଜନିତଗୁରୁଜାଗରରାଗକଷାୟିତମଳସନିମେଷମ୍
ବହତି ନୟନମନୁରାଗମିବ ସ୍ଫୁଟମୁଦିତରସାଭିନିବେଶମ୍
ହରି ହରି ଯାହି ମାଧବ ଯାହି କେଶବ ମାବଦ କୈତବବାଦମ୍
ତାମନୁସର ସରସୀରୁହଲୋଚନ ଯା ତବ ହରତି ବିଷାଦମ୍ ।।୧ ।।

ଯାଅ ଯାଅ ହରି, ଯାଅ ହେ ମାଧବ, ଯାଅ ହେ କେଶବ, ଯାଅ
ରାଗ କଷାୟିତ ଅଳସ ନିମେଷ
କରେ ଉଜାଗର ତଥ୍ୟ ପ୍ରକାଶ
ତମ ନୟନର ମୁଗ୍ଧ ଛଟାରେ
କେଉଁ କାମିନୀର ଅନୁରାଗ ପ୍ରାସ !
ମୋ ପାଶେ କାହିଁକି ଆସିଛ ହେ ଆଉ ?
ତା ପାରୁଶେ ଫେରିଯାଅ ।
ଯେ ରମଣୀ ତମ ବିଷାଦ ହରଇ ତାହାରି କୁଞ୍ଜେ ଯାଅ ।।୧ ।।

କଜ୍ଜ୍ୱଳମଳିନବିଲୋକନଚୁମ୍ବନବିରଚିତନୀଳିମରୂପମ୍
ଦଶନବସନମରୁଣଂ ତବ କୃଷ୍ଣ ତନୋତି ତନୋରନୁରୂପମ୍ ।।୨ ।।
କଜ୍ଜ୍ୱଳମଖା ନୟନେ ତାହାର
ପ୍ରେମ ବିହ୍ୱଳେ ଚୁମି ବାର ବାର
ଅରୁଣ ବରଣ ଅଧରେ ତମର
ନିଜ ତନୁ ପରି କରିଛ ତ ନୀଳ !
(ଗୋପନ କି ରଖି ପାରିବ ହରି ହେ ପ୍ରକଟିତ ଯାହା? କହ ।)
ମୋ ପାଶେ କାହିଁକି ଆସିଛ ହେ ଆଉ? ତା ପାରୁଶେ ଫେରି ଯାଅ ।।୨ ।।

orissamatters.com

ବପୁରନୁହରତି ତବ ସ୍ମରସଙ୍ଗରଖରନଖରକ୍ଷତରେଖମ୍
ମରକତଶକଳକଳିତକଳଧୌତଲିପେରିବ ରତିଜୟଲେଖମ୍ ।।୩।।

ତମ ଅପଘନେ ପ୍ରଖର ନଖରେ
ମାର-ରଣେ ମାତି ଏସନ ଗଭୀରେ
କ୍ଷତ ସେ ନିହିଛି ! ଆସଇ ମାନସେ
ରତି-ଜୟଲେଖ ଅବା ଲେଖିଛି ସେ
ସ୍ୱର୍ଣ୍ଣଲିପିରେ ମରକତଶିଳେ ପ୍ରଣୟୀରେ କରି ଜୟ !
ମୋ ପାଶେ କାହିଁକି ଆସିଛ ହେ ଆଉ? ତା ପାରୁଶେ ଫେରି ଯାଅ ।।୩।।

ଚରଣକମଳଗଳଦଲକ୍ତକସିକ୍ତମିଦଂ ତବ ହୃଦୟମୁଦାରମ୍
ଦର୍ଶୟତୀବ ବହିର୍ମଦନଦ୍ରୁମନବକିଶଳୟପରିବାରମ୍ ।।୪।।

ଉଦାର ତମର ବୁକୁରେ ତାହାର
ଚରଣ-କମଳୁଁ ଅଲକ୍ତକ ଗାର
ଲେପି ହୋଇ ଦିଶେ: ସ୍ମର ତରୁବର
ଅଙ୍ଗ ଆବୋରି ସତେ ବା ତରଳ
ପ୍ରେମର ଆବେଗେ ବିକଶିଉଠିଛି ମଞ୍ଜୁଳ କିଶଳୟ !
ମୋ ପାଶେ କାହିଁକି ଆସିଛ ହେ ଆଉ?
ତା ପାରୁଶେ ଫେରି ଯାଅ ।।୪।।

ଦଶନପଦଂ ଭବଦଧରଗତଂ ମମ ଜନୟତି ଚେତସି ଖେଦମ୍
କଥୟତି କଥମଧୁନାପି ମୟା ସହ ତବ ବପୁରେତଦଭେଦମ୍ ।।୫।।

ତା ଅଧରଦାଗ ଏବେ ବି ଅତୁଟ
ରହିଛି ତମର ଅଧରେ ଅଚ୍ୟୁତ ।
ଦେଖି ମୋ ହୃଦରେ ଭରିଯାଏ ଖେଦ ।
କହିକି ପାରିବ ନାହିଁ ତନୁଭେଦ
ଆମ ଉଭୟଙ୍କ ମଧ୍ୟେ କେଶବ? କହି କି ପାରିବ? କହ ।
ମୋ ପାଶେ କାହିଁକି ଆସିଛ ହେ ଆଉ? ତା ପାରୁଶେ ଫେରି ଯାଅ ।।୫।।

orissamatters.com

ବହିରିବ ମଳିନତରଂ ତବ କୃଷ୍ଣ ମନୋଽପି ଭବିଷ୍ୟତି ନୂନମ୍
କଥମଥ ବଞ୍ଚୟସେ ଜନମନୁଗତମସମଶରଜ୍ୱରଦୂନମ୍ ।।୬।।

କୃଷ୍ଣ ହେ ! ତମ ତନୁ ପରି ତମ
ମନ ତ ମଳିନ; ନୋହିଲେ କେସନ
ଅତନୁ ଆଘାତେ ଅନୁଗତ ଜନ
ଭୋଗୁଥିବାବେଳେ ମରଣ କଷଣ
ବଞ୍ଚନା କରି ଆନ ଆଡ଼େ ତମେ କରିଥାନ୍ତ ନିଶି କ୍ଷୟ ?
ମୋ ପାଶେ କାହିଁକି ଆସିଛ ହେ ଆଉ? ତା ପାରୁଶେ ଫେରି ଯାଅ ।।୬।।

ଭ୍ରମତି ଭବାନବଳାକବଳାୟ ବନେଷୁ କିମତ୍ର ବିଚିତ୍ରମ୍
ପ୍ରଥୟତି ପୂତନିକୈବ ବଧୂବଧନିର୍ଦ୍ଦୟବାଳଚରିତ୍ରମ୍ ।।୭।।

କବଳ କରିବା ସକାଶେ ଅବଳା
ଏ ବନେ ବୁଲୁଛ ବନମାଳୀ ପରା?
କ୍ଷୀରପାନ ଛଳେ ପୂତନା ପରାଣ
ଯେପରି ଶୋଷିଲ ତହୁଁ ଅନୁମାନ
ବଧୂ ବଧିବାରେ ବାଳକାଳୁ ତମେ ନିଷ୍ଠୁର ନିର୍ଦ୍ଦୟ ।
ମୋ ପାଶେ କାହିଁକି ଆସିଛ ହେ ଆଉ?
ତା ପାରୁଶେ ଫେରି ଯାଅ ।।୭।।

ଶ୍ରୀ ଜୟ ଦେବ ଭଣିତ ରତି ବଞ୍ଚିତ ଖଣ୍ଡିତଯୁବତିବିଳାପମ୍
ଶୃଣୁତ ସୁଧାମଧୁରଂ ବିବୁଧା ବିବୁଧାଳୟତୋଽପି ଦୁରାପମ୍ ।।୮।।

ଶ୍ରୀ ଜୟ ଦେବଙ୍କ ଭଣିତ ଏ ଗୀତ
ରତି ବଞ୍ଚିତ-ଖେଦ-ଖଣ୍ଡିତ
ଯୁବତୀଜନର ବିଳାପେ ନିୟତ
କରୁଣ-ମଧୁର-ରସେ ରସାୟିତ ।
ବିବୁଧଜନହେ ! ଶୁଣ ଦେଇ ମନ ଏ ଭାରତୀ ସୁଧାଶୟ ।
ସୁର ସଦନରେ ବିରଳ ଏ ରସ ରାଗେ ଅନୁରାଗମୟ ।।୮।।

orissamatters.com

## ଷୋଡ଼ଶ ପାହାଚ

(ରତିବଞ୍ଚିତା ରାଧାଙ୍କ ରୋଷ ପ୍ରଶମନ କରାଇ ହରିଙ୍କ ସହ ତାଙ୍କର ମିଳନ ସଂପାଦନ ପାଇଁ ସଖୀଙ୍କ ପ୍ରଚେଷ୍ଟା)

ହରିରଭିସରତି ବହତି ମଧୁପବନେ
କିମପରମଧିକସୁଖଂ ସଖି ଭୁବନେ
ମାଧବେ ମା କୁରୁ ମାନିନି ମାନମୟେ ।।୧ ।।

ବହେ ମଧୁବାତ, ମଧୁରିପୁ ଅଭିସାରେ ଗୋ !
ଏତହୁଁ ଅଧିକ ସୁଖ କିବା ଥାଇପାରେ ଗୋ !
ମାନମୟି ! ଆଗୋ ମାନମୟି !
ମାଧବ ଉପରେ ରୁଷ ନାହିଁ, ମାନ କର ନାହିଁ ।।୧ ।।

ତାଳଫଳାଦପି ଗୁରୁମତିସରସମ୍
କିଂ ବିଫଳିକୁରୁଷେ କୁଚକଳସମ୍ ।।୨ ।।

ତାଳଫଳୁଁ ବଳି ଅଧିକ ସରସ ପୀବର
ପୟୋଧର ତୋର ଯିବ କି ବ୍ୟର୍ଥ, ଅଦଳ ?
ମାନମୟି ! ଆଗୋ ମାନମୟି !
ମାଧବ ଉପରେ ରୁଷ ନାହିଁ, ମାନ କର ନାହିଁ ।।୨ ।।

କତି ନ କଥିତମିଦମନୁପଦମଚିରମ୍
ମା ପରିହର ହରିମତିଶୟରୁଚିରମ୍ ।।୩।।

ସମଝାଇ ତୋତେ ନ କହିଛି କେତେବାର ଗୋ !
ସୁଠାମ ନାଗରେ ନ କର ତୁ ପରିହାର ଗୋ !
ମାନମୟି ! ଆଗୋ ମାନମୟି !
ମାଧବ ଉପରେ ରୁଷ ନାହିଁ, ମାନ କର ନାହିଁ ।।୩।।

orissamatters.com

କିମିତି ବିଷୀଦସି ରୋଦିଷି ବିକଳା
ବିହସତି ଯୁବତିସଭା ତବ ସକଳା ।।୪

ଏବେ କିସ ଲାଭ ଏସନ ବିକଳ ରୋଦନେ?
ଯୁନିଜନ ହସେ ତୋ ଦଶା ଦରଶି ଗୋପନେ ।
ମାନମୟି ! ଆଗୋ ମାନମୟି !
ମାଧବ ଉପରେ ରୁଷ ନାହିଁ, ମାନ କର ନାହିଁ ।।୪।।

ମୃଦୁ ନଳିନୀଦଳ ଶୀତଳ ଶୟନେ
ହରିମବଲୋକୟ ସଫଳୟ ନୟନେ ।।୫।।

କୋମଳ ନଳିନୀଦଳର ତଳପେ ଶୟାନ
ହରି ରୂପ ଦେଖି ସଫଳ କର ଗୋ ନୟନ ।
ମାନମୟି! ଆଗୋ ମାନମୟି!
ମାଧବ ଉପରେ ରୁଷ ନାହିଁ,  ମାନ କର ନାହିଁ ।।୫।।

ଜନୟସି ମନସି କିମିତି ଗୁରୁଖେଦମ୍
ଶୃଣୁ ମମ ବଚନ ମନୀହିତଭେଦମ୍ ।।୬।।

ଖେଦେ ମନ ମାରି ସୁନାଗୋରି ଲାଭ ନାଇଁ ଗୋ!
ଯାହା ମୁଁ କହୁଛି ଶୁଣ ଏବେ ମନଦେଇ ଗୋ !
ମାନମୟି ! ଆଗୋ ମାନମୟି !
ମାଧବ ଉପରେ ରୁଷ ନାହିଁ,  ମାନ କର ନାହିଁ ।।୬।।

orissamatters.com

ହରିରୁପଯାତୁ ବଦତୁ ବହୁ ମଧୁରମ୍
କିମିତି କରୋଷି ହୃଦୟମତିବିଧୁରମ୍ ।।୭ ।।

କର ଆଚରଣ ଏସନ, ବିଧୁର ନାଗର
ଆପେ ଆସି ପାଶେ ଭାଷିବେ ବଚନ ମଧୁର ।
ମାନମୟି ! ଆଗୋ ମାନମୟି !
ମାଧବ ଉପରେ ରୁଷ ନାହିଁ, ମାନ କର ନାହିଁ ।।୭ ।।

ଶ୍ରୀ ଜୟ ଦେବ ଭଣିତମତିଲଳିତମ୍
ସୁଖୟତୁ ରସିକଜନଂ ହରିଚରିତମ୍ ।।୮ ।।

ଶ୍ରୀ ଜୟ ଦେବଙ୍କ ଭଣିତ ଏ ହରି ଚରିତ
ରସିକଜନର ମନେ ଦେଉ ସୁଖ ଭରି ତ ।।୮ ।।

## ସପ୍ତଦଶ ପାହାଚ

(ରାଧାଙ୍କ ମାନ ଭଞ୍ଜନ ପାଇଁ ହରି ସ୍ୱୟଂ କରୁଛନ୍ତି ପ୍ରଗାଢ ପ୍ରଚେଷ୍ଟା । ପ୍ରେମାତୁରା ମାନିନୀ ପାଖରେ ନତମସ୍ତକ ହୋଇଛି ମିଳନପିପାସୁ ନାୟକ ।)

ବଦସି ଯଦି କିଞ୍ଚିଦପି ଦନ୍ତରୁଚିକୌମୁଦୀ ହରତି ଦରତିମିରମତିଘୋରମ୍
ସ୍ଫୁରଦଧରସୀଧବେ ତବ ବଦନଚନ୍ଦ୍ରମା ରୋଚୟତି ଲୋଚନଚକୋରମ୍ ।
ପ୍ରିୟେ ଚାରୁଶୀଳେ ପ୍ରିୟେ ଚାରୁଶୀଳେ ମୁଞ୍ଚମୟିମାନମନିଦାନମ୍
ସପଦି ମଦନାନଳୋ ଦହତି ମମ ମାନସଂ ଦେହି ମୁଖକମଳମଧୁଦାନମ୍ ।।୧ ।।

ମାନ ତେଜି ସଖି କଥା କହ, କଥା କହ ଗୋ !
ଶୁଭ୍ର-ଦଶନ-ଜୋଛନା-ଛଟାରେ
ମନଗହନ୍‌ ମୋ ଶଙ୍କା-ତିମିରେ
ବିଦୂରାଅ, ବିଦୂରାଅ ଗୋ !

orissamatters.com

ତମ ଚାରୁମୁଖ ଶଶି ଶରଧାରେ
ସୁଧାର ଜୁଆର ସ୍ଫୁରଇ ଅଧରେ,
ନୟନ ଚକୋର ଅତି ମୋ ଅଧୀର
ସେ ସୁଧା ସେବନେ, ବାରେ ଦୟାକର ।
କାଳ ଆଉ ନ ଗଡ଼ାଅ ଗୋ !
ପ୍ରିୟେ ଚାରୁଶୀଳେ ! ମନୁଁ ମାନ ପୋଛି
କଥା କହ, କଥା କହ ଗୋ !
କାମାନଳେ ମୋର ମାନସ ଜଳଇ,
ଅଧର ପୀୟୁଷ ପାନେ ବାଧା ନାହିଁ ଦିଅ ଗୋ ! । ।୧ । ।

ସତ୍ୟମେବାସି ଯଦି ସୁଦତି ମୟି କୋପିନୀ
ଦେହି ଖରନଖରଶରଘାତମ୍
ଘଟୟ ଭୁଜବନ୍ଧନଂ ଜନୟ ରଦଖଣ୍ଡନଂ
ଯେନ ବା ଭବତି ସୁଖଜାତମ୍ । ।୨ । ।

କରକରଦନା ସତେ ଯଦି ରୋଷ ମୋହଠାରେ କରିଥାଅ ଗୋ !
ଖରନଖ-ଶରେ କର ଗୋ ବିଦ୍ଧ
ଭୁଜ-ପାଶେ ବୁକୁ କରି ଆବଦ୍ଧ
ତମ ମନବୋଧ ହେବାଯାଏଁ ମୋତେ
ଦନ୍ତ ଆଘାତେ ହାଣି ହାଣି ସୁଖପାଅ ଗୋ ! । ।୨ । ।

ତ୍ୱମସି ମମ ଭୂଷଣଂ ତ୍ୱମସି ମମ ଜୀବନଂ
ତ୍ୱମସି ମମ ଭବଜଳଧିରତ୍ନମ୍
ଭବତୁ ଭବତୀହ ମୟି ସତତମନୁରୋଧିନୀ
ତତ୍ର ମମ ହୃଦୟମତିଯତ୍ନମ୍ । ।୩ । ।

ତମେ ମୋ ଭୂଷଣ, ତମେ ମୋ ଜୀବନ, ତମେ ମୋ ରତ୍ନସାର ଗୋ !
ତମେ ବିରାଜିତ ଅଛ ବୋଲି ସିନା ଏ ଭବ ରତ୍ନାକର ଗୋ !
ସେହିପରି ଥାଅ ଚିର ବିରାଜିତ
ସତତ କାମ୍ୟ, ନନ୍ଦ୍ୟ ନିୟତ,
ତମ ଅନୁରାଗେ ହୋଇଥାଉ ସଦା ହୃଦ ମୋ ଯତ୍ନକାର ଗୋ ! । ।୩ । ।

orissamatters.com

ନୀଳମଳିନାଭମପି ତନ୍ୱି ! ତବ ଲୋଚନଂ
ଧାରୟତି କୋକନଦରୂପମ୍
କୁସୁମଶରବାଣଭାବେନ ଯଦି ରଞ୍ଜୟସି
କୃଷ୍ଣମିଦମେତଦନୁରୂପମ୍ ।।୪।।

ତନ୍ୱି ! ତମର ନୀଳାଭ ନୟନ ରାଗେ ଜର୍ଜର ହୋଇ ଗୋ !
ରକ୍ତକମଳ ସମ ଆରକ୍ତ ଦିଶେ, ନିଏ ମନ ମୋହି ଗୋ !
ଏସନ ନୟନୁଁ ସକାମ ଦୃଷ୍ଟି
ଅତନୁ ବିଶିଖ ସମାନ ବୃଷ୍ଟି
କରି ରଞ୍ଜ ମୋ ନୀଳ ଅପଘନ, ତାପ ଯେତେ ଯାଉ ଧୋଇ ଗୋ !।।୪।।

ସ୍ଫୁରତୁ କୁଚକୁମ୍ଭୟୋରୁପରି ମଣି ମଞ୍ଜରୀ
ରଞ୍ଜୟତୁ ତବ ହୃଦୟଦେଶମ୍
ରସତୁ ରସନାପି ତବ ଘନଜଘନମଣ୍ଡଳେ
ଘୋଷୟତୁ ମନ୍ମଥନିଦେଶମ୍ ।।୫।।

ହେ ପ୍ରିୟେ ତମର କୁଚକଳସରେ ଶୋହୁଛି ଯେ ମଣିହାର ଗୋ !
ରତି ଉଲ୍ଲାସେ ଉଜ୍ଜ୍ୱଳି ତାହା ମଞ୍ଜୁଳ କରୁ ଉର ଗୋ !
ଚାରୁ ଉରୁ ଦେଶେ ଚଳୁ କାମକଳା
ମୁଖରିତ ହୋଇଉଠୁ ଗୋ ମେଖଳା
ମଧୁର ନାଦେ ତା ନିନାଦିତ ହେଉ ଜୟଘୋଷ ମଦନର ଗୋ !।।୫।।

ସ୍ଥଳକମଳଗଞ୍ଜନଂ ମମ ହୃଦୟରଞ୍ଜନଂ
ଜନିତରତିରଙ୍ଗପରଭାଗମ୍
ଭଣ ମସୃଣବାଣି କରବାଣି ଚରଣଦ୍ୱୟଂ
ସରସଲସଦଲକ୍ତକରାଗମ୍ ।।୬।।

ଥଳକମଳର ଶୋଭା ଜିଣି ଏ ଯେ
ସୁଚାରୁ ଚରଣ ଦୁଇ ଗୋ !
ସୁରତକାଳରେ ସଦା ଶରଧାରେ

orissamatters.com

ମୋ ବୁକୁ ରଞ୍ଜୁଥାଇ ଗୋ !
ସ୍ନିଗ୍‌ଧବଚନେ ! ଦିଅ ଗୋ ଆଦେଶ
ପୋଛିଦେଇ ଏଥୁଁ କ୍ଲାନ୍ତି ପରାଶ
ଆପଣା ହାତରେ ଅଲକ୍ତକ ଗାର
ସମାଦରେ ଦିଏ ଲିହି ଗୋ !।।୬।।

ସ୍ମରଗରଳଖଣ୍ଡନଂ ମମ ଶିରସି ମଣ୍ଡନଂ
ଦେହି ପଦପଲ୍ଲବମୁଦାରମ୍
ଜ୍ୱଳତି ମୟି ଦାରୁଣୋ ମଦନକଦନାରୁଣ
ହରତୁ ତଦୁପାହିତବିକାରମ୍।।୭।।

ପ୍ରିୟେ ଚାରୁଶୀଳେ ! ମଦନ କଦନ ତାତିରେ ମୋ ତନୁ ଜଳେ ଗୋ !
ତହୁଁ ଉପଜାତ ବିକାର ଦାରୁଣ, ସହି ହୁଏ ନାହିଁ ତିଳେ ଗୋ !
ମନମଥ ବିଷ ଖଣ୍ଡନପାଇଁ
ସମରଥ ତବ ଅମୃତମୟୀ
ପଦପଲ୍ଲବ ଯୁଗଳ ମଣ୍ଡି ଦିଅ ସଖି ମୋର ଶିରେ ଗୋ !।।୭।।

ଇତି ଚଟୁଳଚାଟୁପଟୁଚାରୁମୁରବୈରିଣୋ
ରାଧିକାମଧିବଚନଜାତମ୍
ଜୟତି ଜୟ ଦେବ କବି ଭାରତୀ ଭୂଷିତଂ
ମାନିନୀଜନଜନିତଶାତମ୍।।୮।।

ଏସନ ରାଧିକା ପ୍ରତି ପ୍ରୀତିଭରା ଚୋଖା ଚାଟୁ ବଚନରେ ହେ !
ପ୍ରବୀଣ ମୁରାରି ଯେସନ ଭାଷିଲେ, ମାନିନୀର ମାନ ଭଞ୍ଜନ କଲେ,
ଭୂଷିତ ହେଲା ତା କବି ଜୟ ଦେବ ଭଣିତ ଏ ଭାରତୀରେ ହେ !।।୮।।

orissamatters.com

# ଅଷ୍ଟାଦଶ ପାହାଚ

(ମାନଭଞ୍ଜନ ପରେ ରତିଉତ୍ସୁକା ରାଧାଙ୍କୁ କେଳିକୁଞ୍ଜକୁ ଯାଇ ସେଠାରେ ପ୍ରତୀକ୍ଷମାଣ ହରିଙ୍କ ସହ ମିଳିତ ହେବା ସକାଶେ ପ୍ରଚୋଦିତ କରୁଛନ୍ତି ସଖୀ ।)

ବିରଚିତଚାଟୁବଚନରଚନଂ ଚରଣେ ରଚିତ ପ୍ରଣିପାତମ୍
ସ‌_ତି ମଞ୍ଜୁଳବଞ୍ଜୁଳସୀମନି କେଳିଶୟନମନଜାତମ୍ ।
ମୁଗ୍‌ଧେ ମଧୁମଥନମନୁଗତମନୁସର ରାଧିକେ ।।୧ ।।

କେତେ କେତେ ଚାଟୁ ବଚନ ବିରଚି ଶିରେ ଥାପି ତୋର ପଦ
ଯେ ମଧୁସୂଦନ ଭଞ୍ଜନକଲେ ମାନ ତୋ ଅପ୍ରମିତ,
ସେ ଏବେ ତୋ ପାଇଁ ମଞ୍ଜୁ ବେତସକୁଞ୍ଜେ କେଳିଶୟନେ
ପ୍ରତ୍ୟାଶୀ ପରା ! ଚଞ୍ଚଳ ଚଳ ତହିଁ ଗୋ ଚନ୍ଦ୍ରାନନେ!।।୧ ।।

ଘନଜଘନସ୍ତନଭାରଭରେ ଦରମନ୍ଥରଚରଣବିହାରମ୍
ମୁଖରିତମଣିମଞ୍ଜିରମୁପୈହି ବିଧେହି ମରାଳବିକାରମ୍ ।।୨ ।।

ଘନଉରୁ ଗୁରୁଉରଜର ଭାରେ ଦର ମନ୍ଥର ପଦେ
ଅନୁରଣିଉଠୁ ମଣି ମଞ୍ଜୀର ଅନୁରାଗ ଅନୁନାଦେ ।
ମରାଳଠାଣିରେ ମଦାଳସା ! ଚାଳି ଚଟୁଳ ଚାରୁ ଚରଣ
କୁଞ୍ଜେ କୃଷ୍ଣେ ଅନୁସରି ଯାଅ, ନିର୍ବାହ ନିଧୁବନ ।।୨ ।।

ଶୃଣୁ ରମଣୀୟତରଂ ତରୁଣୀଜନମୋହନମଧୁରିପୁରାବମ୍
ସୁମନଶରାସନଶାସନବନ୍ଦିନି ପିକନିକରେ ଭଜଭାବମ୍ ।।୩ ।।

ତରୁଣୀକୁଳର ମନଜୟକାରୀ ମୁରଲୀରେ ଘନ ଘନ
ରମଣୀୟତର ସ୍ୱନ ସଂପାଦି ଡାକେ ମଧୁରିପୁ, ଶୁଣ ।
ସମତାଳରେ ତା ଅତନୁ ଶାସନ ଶଂସକ ପିକରାଜି
କୁହୁ ତାନେ ତାନେ ଦିଏ ଯେ ବାରତା ଅନୁସର ତାରେ ଭଜି ।।୩ ।।

orissamatters.com

ଅନିଳତରଳକିଶଳୟନିକରେଣ କରେଣ ଲତାନିକୁରମ୍ବମ୍
ପ୍ରେରଣମିବ କରଭୋରୁ କରୋତି ଗତିଂ ପ୍ରତିମୁଞ୍ଚ ବିଳମ୍ବମ୍ ।।୪।।

ନିଖିଳ ଜଗତ ସତେ ବା ସେ ଏକା କଥା କହେ ହେ ନାଗରି !
ବାତରୁ ବାରତା ଲଭି ନବଲତା କିଶଳୟ-କର ଚାଳି
କୁଞ୍ଜ ଦିଗରେ, ଚାରୁ-ଉରୁଶୀଳେ ! ଚିହ୍ନାଇଦିଏ ପଥ
ଯାଅ, ଯାଅ, ଯାଅ ନ କରି ଉଛୁର, ଯାଅ, ପୁରୁ ମନୋରଥ ।।୪।।

ସ୍ଫୁରିତମନଙ୍ଗତରଙ୍ଗବଶାଦିବ ସୂଚିତହରିପରିରମ୍ଭମ୍
ପୃଚ୍ଛ ମନୋହରହାରବିମଳଜଳଧାରମମୁଂ କୁଚକୁମ୍ଭମ୍ ।।୫।।

ପ୍ରତେ ଯଦି ମୋତେ ନ ହୁଏ ମୁଗ୍‌ଧେ ! ସଂଶୟ ଦୂର ପାଇଁ
ଜଳଧାରପରି ହାର ସୁଶୋଭିତ କୁଚ-କଳସେ ତୋ ରାଇ
ପଚାର କୁସୁମଶରାଘାତେ ତହିଁ କଂପନ ଖେଳେ କି ନା
ଶ୍ରୀହରି ରମଣ ଇଚ୍ଛା ପ୍ରମାଣ ଆଉ କି ଲୋଡ଼ା ସୁମନା? ।।୫।।

ଅଧିଗତମଖିଳ ସଖୀଭିରିଦଂ ତବ ବପୁରପି ରତିରଣସଜ୍ଜମ୍
ଚଣ୍ଡି! ରସିତରସନାରବଡିଣ୍ଡିମମଭିସର ସରସମଲଜ୍ଜମ୍ ।।୬।।

ରତିରଣସାଜେ ସଜ୍ଜିତା ରତିପଣ୍ଡିତା ! ତନୁ ତୋର
ଅତନୁ ଆହବେ ଝାସ ଦେବାପାଇଁ ବ୍ୟଗ୍ର, ବ୍ୟାକୁଳତର ।
ସବୁ ସଖୀଜନେ ଜଣା ଏହା ସଖି ! ସଙ୍କୋଚ ପରିହରି
ଚଳ ଅଭିସାରେ, ରଶନାରବରେ ରତି ରଣଘୋଷ ଭରି ।।୬।।

ସ୍ମରଶରସୁଭଗନଖେନ କରେଣ ସଖୀମବଲମ୍ବ୍ୟ ସଲୀଳମ୍
ଚଳବଳୟକ୍ୱଣିତୈରବବୋଧୟ ହରିମପି ନିଜଗତିଶୀଳମ୍ ।।୭।।
କାମଶର ସମ ନଖ ସୁଶୋଭିତ କରେ ଧରି ସଖୀ କର
ଲୀଳାୟିତ ଠାଣି ପ୍ରକଟି ସଜନି କୁଞ୍ଜ ଭବନେ ଚଳ ।
କଙ୍କଣେ ତୋଳି ନିକ୍ୱଣ କର ସଙ୍କେତ ନିଜ ଗତି
ଆହ୍ୱାନ କରି ହରିରେ ଗୋ କାମ-ସଂଗ୍ରାମେ ରସବତି !।।୭।।

orissamatters.com

ଶ୍ରୀ ଜୟ ଦେବ ଭଣିତମଧରୀକୃତ ହାରମୁଦାସିତବାମମ୍
ହରିବିନିହିତମନସାମଧିତିଷ୍ଠତୁ କଣ୍ଠମଭିରାମମ୍ ।।୮।।

ଗଳାହାରଠାରୁ ସୁନ୍ଦରତର, ରମଣୀୟ ରମଣୀରୁ
ଶ୍ରୀ ଜୟ ଦେବଙ୍କ ଭଣିତ ଏ ଗୀତ ହରି ଅନୁଗତେ ଘାରୁ ।।୮।।

## ଊନବିଂଶ ପାହାଚ

(ରାଧା ମିଳନ କୁଞ୍ଜକୁ ଯାଇଛନ୍ତି । ମାତ୍ର ଲଜ୍ଜାବଶତଃ କୁଞ୍ଜତଳ କେଳିଗୃହ ଭିତରକୁ ପଶିପାରୁ ନାହାନ୍ତି । ତା ଭିତରକୁ ପ୍ରବେଶ କରି ସେଠାରେ ପ୍ରତୀକ୍ଷମାଣ ହରିଙ୍କ ସହ ସଙ୍ଗମ ପାଇଁ ତାଙ୍କୁ ପ୍ରବର୍ତ୍ତାଉଚନ୍ତି କୁଟ୍ଟିନୀ ।)

ମଞ୍ଜୁତର କୁଞ୍ଜତଳ କେଳି ସଦନେ
ବିଳସ ରତିରଭସହସିତବଦନେ ।
ପ୍ରବିଶ ରାଧେ
ମାଧବ ସମୀପମିହ ।।୧।।

କୁଞ୍ଜ ଏ ଯେ ମଞ୍ଜୁତର; ତଳେ ତା କେଳି ଘରେ
ମାଧବ ଲୋଡ଼ି ମିଳନ ତୋର ରହିଚି କାମାତୁରେ ।
ରତିଲାଳସାଲୋଳେ ହରଷମଖାମୁଖୀ ଗୋ ଗୋରି !
ନାଗରରାଜ ସମୀପେ ଯାଇ ବିଳସ ମନ ଭରି ।।୧।।

ନବଭବଦଶୋକଦଳ ଶୟନସାରେ
ବିଳସ କୁଚକଳସତରଳହାରେ ।।୨।।

ଅଶୋକ ନବ ପତର ଶେଯ ରମଣ ଅନୁକୂଳ
କୁଚ-କଳସେ ହାର ଦୋଳାଇ ବିଳାସ ତହିଁ କର ।।୨।।

orissamatters.com

କୁସୁମଚୟରଚିତ ଶୁଚି ବାସ ଗେହେ
ବିଳସ କୁସୁମସୁକୁମାରଦେହେ ।।୩।।

କୁସୁମଚୟ ରଚିତ ଶୁଚି ଶୁଦ୍ଧ ଲୀଳାଘରେ
କୁସୁମ-ସୁକୁମାର-ଶରୀରା ! ବିଳସ ଆମୋଦରେ ।।୩।।

ଚଳମଳୟପବନ ସୁରଭିଶୀତେ
ବିଳସ ମଦନଶରନିକରଭୀତେ ।।୪।।

ମଳୟବାତେ ସୁରଭିଭରା ଶୀତଳ କେଳି ଥଳ
ମଦନଶର ପୀଡ଼ିତା ଆଗୋ ଲାଗିବ ତୋତେ ଭଲ ।।୪।।

ବିତତବହୁବଲ୍ଲିନବପଲ୍ଲବଘନେ
ବିଳସ ଚିରମିଳିତପୀନଜଘନେ ।।୫।।

ପ୍ରଚୁର ଲତା ପଲ୍ଲବରେ ଆଚ୍ଛାଦିତ ଶେଯେ
ଚିରମିଳିତ ଘନ ଜଘନା ବିଳସ ରସରାଜେ ।।୫।।

ମଧୁମୁଦିତ ମଧୁପକୁଳକଳିତରାବେ
ବିଳସ ମଦନରସସରସଭାବେ ।।୬।।

କୁସୁମରସ ପାନେ ହରଷ ମଧୁପର ଗୁଞ୍ଜନେ
ସରସ କେଳି ସଦନେ ଯାଇ ମଜ୍ଜ ନିଧୁବନେ ।।୬।।

ମଧୁତରପିକନିକର ନିନଦମୁଖରେ
ବିଳସ ଦଶନରୁଚିରୁଚିରଶିଖରେ ।।୭।।

କୋକିଳ କଳ-ରବେ ମୁଖର କୁଞ୍ଜେ ଗତି କରି
କରକ-ରଦା ! ମଦନମୋଦେ ଆଚର କାମକେଳି ।।୭।।

orissamatters.com

ବିହିତ ପଦ୍ମାବତୀ ସୁଖ ସମାଜେ
ଭଣିତ ଜୟ ଦେବ କବି ରାଜରାଜେ । ୮ ।।

ପଦ୍ମାବତୀ ପ୍ରସାଦ ଲଭି କବିରାଜାଧିରାଜ
ଜୟ ଦେବ ଯା ଭଣିଲେ ଭରୁ ସମାଜେ ସୁଖ ଆଜ ।।୮ ।।

## ବିଂଶତିତମ ପାହାଚ

(କୁଞ୍ଜତଳ କେଳି ସଦନରେ ପ୍ରବେଶ କରି ରାଧା ଦେଖୁଛନ୍ତି ଯେ ତାଙ୍କୁ ଦେଖି ସୁସଜ୍ଜିତ ହରିଙ୍କଠାରେ ଠିକ୍ ତାଙ୍କରି ପରି ଜାଗିଉଠିଛି ରତି ଲିପ୍ସା ।)

ରାଧାବଦନବିଲୋକନବିକସିତବିବିଧବିକାରବିଭଙ୍ଗମ୍
ଜଳନିଧିମିବ ବିଧୁମଣ୍ଡଳଦର୍ଶନ ତରଳିତତୁଙ୍ଗତରଙ୍ଗମ୍ ।
ହରିମେକରସଂ ଚିରମଭିଳସିତବିଳାସମ୍ ।
ସା ଦଦର୍ଶ ଗୁରୁହର୍ଷବଶଂବଦ ବଦନମନଙ୍ଗନିବାସମ୍ ।।୧ ।।
ରାକାରଜନୀରେ ଯେସନ ସାଗରେ ତୁଙ୍ଗ ଜୁଆର ଜାଗେ
ବିକସି ଉଠିଲା ତେସନ ଅତନୁ-ବିକାର ମୋହନ ମୁଖେ ।
ବିଲୋକିଲେ ରାଧାଃ ଚିରକାଂକ୍ଷିତ ବିଳାସରସର ଧାରା
ତାଙ୍କ ସମତାଳେ ପ୍ରିୟ ଲପନରେ ଚହଟି ଚହଟି ଗଲା ।।୧ ।।
ହାରମମଳତରତାରମୁରସି ଦଧତଂ ପରିରଭ୍ୟ ବିଦୂରମ୍
ସ୍ଫୁଟତରଫେନକଦମ୍ବକରମ୍ବିତମିବ ଯମୁନାଜଳପୂରମ୍ ।।୨ ।।
ଦେଖିଲେ ସେ ନୀଳ ଯମୁନା ସଲିଳେ ଭାସମାନ ଫେନ ପ୍ରାୟେ
ମୁକ୍ତାର ହାର ଶ୍ୟାମଳ ଉରକୁ ଆଶ୍ଳେଷି ଶୋଭା ପାଏ ।।୨ ।।
ଶ୍ୟାମଳମୃଦୁଳକଳେବରମଣ୍ଡଳମଧିଗତଗୌରଦୁକୂଳମ୍
ନୀଳନଳିନମିବ ପୀତପରାଗପଟଳଭରବଳୟିତମୂଳମ୍ ।।୩ ।।

ପୀତପରାଗରେ ମୂଳ ବଳୟିତ ନୀଳକମଳର ସମ
ପୀତବସନରେ ଶୋଭିତ ସେ ଶ୍ୟାମ ସୁକୋମଳ ଅପଘନ ।।୩ ।।

orissamatters.com

ତରଳଦୃଗଞ୍ଚଳଚଳନମନୋହରମଦନଜନିତରତିରାଗମ୍
ସ୍ଫୁଟକମଳୋଦରଖେଳିତଖଞ୍ଜନଯୁଗମିବ ଶରଦି ତଡାଗମ୍ ।।୪।।

ଶରତକାଳରେ କମଳ ଖଚିତ ତଡ଼ାଗେ ଖଞ୍ଜନଯୁଗ
ସମ ମନୋରମ  ନୟନଯୁଗଳୁଁ  ପ୍ରସରଇ ରତିରାଗ ।।୪।।

ବଦନକମଳ ପରିଶୀଳନମିଳିତ ମିହିରସମକୁଣ୍ଡଳଶୋଭମ୍
ସ୍ମିତରୁଚିରୁଚିରସମୁଲ୍ଲସିତାଧରପଲ୍ଲବକୃତ ରତିଲୋଭମ୍ ।।୫।।

କମଳେ ମିହିର ସମ ମନୋହର ମୁଖେ କୁଣ୍ଡଳଯୁଗ
ପରଶୁଁ, ଅଧରପଲ୍ଲବୁଁ ସ୍ମିତ ସଞ୍ଚାରେ ରତିଲୋଭ ।।୫।।

ଶଶିକିରଣଛୁରିତୋଦର ଜଳଧରସୁନ୍ଦର ସକୁସୁମ କେଶମ୍
ତିମିରୋଦିତବିଧୁମଣ୍ଡଳନିର୍ମଳମଳୟଜତିଳକନିବେଶମ୍ ।।୬।।

ଶଶିକରେ ସୁଶୋଭିତ ମେଘସମ କୁସୁମେ ଶୋହିତ କେଶ
ତିମିରେ ଉଦିତ ବିଧୁବିଭାପରି ତିଳକ ଜ୍ୟୋତି ପ୍ରକାଶ ।।୬।।

ବିପୁଳପୁଲକଭରଦନ୍ତୁରିତଂ ରତିକେଳିକଳାଭିରଧୀରମ୍
ମଣିଗଣକିରଣସମୂହ ସମୁଜ୍ଜ୍ୱଳଭୂଷଣସୁଭଗଶରୀରମ୍ ।।୭।।

ପୁଲକ ପ୍ରାଚୁର୍ଯ୍ୟ ହେତୁ ରୋମାଞ୍ଚିତ କାମକଳା ବିଶାରଦ
ସେ ନାଗରବର ସୁଭଗ ଶରୀର ମଣିଗଣେ ବିଭାସିତ ।।୭।।

ଶ୍ରୀ ଜୟ ଦେବ ଭଣିତ ବିଭବ ଦ୍ୱିଗୁଣୀକୃତ ଭୂଷଣଭାରମ୍
ପ୍ରଣମତ ହୃଦି ସୁଚିରଂ ବିନିଧାୟ ହରିଂ ସୁକୃତୋଦୟସାରମ୍ ।।୮।।

ଶ୍ରୀ ଜୟ ଦେବଙ୍କ ଭଣିତ ଏ ଗୀତେ ଦ୍ୱିଗୁଣୀକୃତ ଭୂଷଣ
ଏସନ ହରିଙ୍କି ହୃଦୟରେ ରଖି କର କର ହେ ପ୍ରଣାମ ।।୮।।

orissamatters.com



ରାକାରଜନୀରେ ଯେସନ ସାଗରେ ତୁଙ୍ଗ ଜୁଆର ଜାଗେ
ବିକସି ଉଠିଲା ତେସନ ଅତନୁ-ବିକାର ମୋହନ ମୁଖେ ।
ବିଲୋକିଲେ ରାଧା: ଚିରକାଙ୍‌କ୍ଷିତ ବିଳାସରସର ଧାରା
ତାଙ୍କ ସମତାଳେ ପ୍ରିୟ ଲପନରେ ଚହଟି ଚହଟି ଗଲା । ।୧ । ।

orissamatters.com

## ଏକବିଂଶତିତମ ପାହାଚ

(କୁଞ୍ଜିନୀ ଦ୍ୱାରା ପ୍ରଚୋଦିତା ରାଧା କେଳିକକ୍ଷ ଭିତରକୁ କୁଣ୍ଠା ପରିହାର କରି ପ୍ରବେଶ କରିଛନ୍ତି । ତାଙ୍କୁ ଅତି ଆଗ୍ରହରେ ଶଯ୍ୟା ଉପରକୁ ଘେନିଯାଉଛନ୍ତି ହରି ।)

କିସଲୟଶୟନତଳେ କୁରୁ କାମିନି ଚରଣନଳିନବିନିବେଶମ୍
ତବ ପଦପଲ୍ଲବବୈରିପରାଭବମିଦମନୁଭବତୁ ସୁବେଶମ୍ ।
କ୍ଷଣମଧୁନା ନାରାୟଣମନୁଗତମନୁସର ମାଂ ରାଧିକେ ।।୧ ।।

ଅନୁଗତ ଜନେ ଅନୁସର ଏବେ କାମିନି !
ଆସ ଆସ ଏଥି ପଦପଲ୍ଲବ ରଖ ଗୋ !
ତବ ପଦଶୋଭା ଦେଖି କିଶଳୟ ଗର୍ବ
ଖର୍ବ ହେଉ ଗୋ, ଉଛୁର ନ କର ଲବ ଗୋ !।।୧ ।।

କରକମଳେନ କରୋମି ଚରଣମହମାଗତାସି ବିଦୂରମ୍
କ୍ଷଣମୁପକୁରୁ ଶୟନୋପରି ମାମିବ ନୂପୁରମନୁଗତଶୂରମ୍ ।।୨ ।।

କରକମଳରେ କରିବି ପୟର ମାର୍ଜଣା
ପୋଛିଦେବି ତହୁଁ କ୍ଲାନ୍ତିର ଯେତେ ପଟଳ;
ନୂପୁର ଯେସନେ ଘେନିଛ ଚରଣେ ସଜନି
ଘେନ ଗୋ ତେସନେ ଶେଯଧାରେ ମୋତେ
ନିମିଷକପାଇଁ ହେଲେ ହେଉ ପଛେ;
ନ କର ନ କର ଉଛୁର ।।୨ ।।

ବଦନସୁଧାନିଧିଗଳିତମମୃତମିବ ରଚୟ ବଚନମନୁକୂଳମ୍
ବିରହମିବାପନୟାମି ପୟୋଧରରୋଧକମୁରସି ଦୁକୂଳମ୍ ।।୩ ।।
ଚନ୍ଦ୍ରବଦନୁଁ ଅମୃତଧାର ସମ ଗୋ
ବରଷ ବଚନ ଅନୁକୂଳ ଅନୁପମ ଗୋ,
ହେ ପ୍ରିୟେ ! ତମ ଏ ପୀନ ପୟୋଧରେ ଆକଟି

orissamatters.com

ରଖିଛି ମୂର୍ତ୍ତ ବିରହ ସମ ଯେ ଦୁକୂଳ
ନିଜ ହାତେ ତାରେ ଫିଙ୍ଗିଦିଏ ମୁଁ ଫିଟାଇ
ଅନୁମତି ଦିଅ; ନ କର ନ କର ଉଚ୍ଛୁର ।।୩।।

ପ୍ରିୟ ପରିରମ୍ଭଣରଭସବଳିତମିବ ପୁଲକିତମତିଦୁରବାପମ୍
ମଦୁରସି କୁଚକଳସଂ ବିନିବେଶୟ ଶୋଷୟ ମନସିଜତାପମ୍ ।।୪।।

ପରିରମ୍ଭଣ ଆଶେ ପୁଲକିତ ଅତି ଗୋ
ଦୁର୍ଲଭ ତବ ବିପୁଳ ଏ କୁଚ କଳଶ
ବୁକେ ମୋ ଆବେଗେ ରଖି କାମଶର ତାତି ଗୋ
ନିବାର ସଜନି ! ନ କର ଉଚ୍ଛୁର ନିମିଷ ।।୪।।

ଅଧରସୁଧାରସମୁପନୟ ଭାମିନି ଜୀବୟ ମୃତମିବ ଦାସମ୍
ତ୍ୱୟି ବିନିହିତମନସଂ ବିରହାନଳଦଗ୍ଧବପୁଷମବିଳାସମ୍ ।।୫।।

ଅର୍ପିତ ମନ ପ୍ରାଣ ଗୋ ଭାମିନି ! ଯାହାର
ତମଠାରେ ପ୍ରତି ନିୟତ ସେହି ଏ ଦାସ ଗୋ
ବିଳାସ ଅଭାବେ, ବିଚ୍ଛେଦ ଦାବାନଳରେ
ଜଳି ଯାଏ ମରି; ପାଇବ ଏଥୁଁ କି ଯଶ ଗୋ?
ଅଧରର ସୁଧାରସ ଗୋ
ଦେଇ ଜୀବନ୍ୟାସ ଦିଅଅ ତାହାରେ;
ଆସ ପାଶେ ପ୍ରିୟେ ଆସ ଗୋ !।।୫।।

ଶଶିମୁଖି ମୁଖରୟ ମଣି ରସନାଗୁଣମନୁଗୁଣକଣ୍ଠନିନାଦମ୍
ଶ୍ରୁତିପୁଟଯୁଗଳେ ପିକରୁତବିକଳେ ଶମୟ ଚିରାଦବସାଦମ୍ ।।୬।।

ଆସ ଶଶିମୁଖି ! ସୁନ୍ଦରି ! ଆସ ସହଳ
ଆକୁଳ କୋକିଳ ରବ କରେ ମୋତେ ବିକଳ,
ମିଠା ମିଠା ତମ ବଚନ ସମାନ ମିଷ୍ଟ
ମେଖଳା ଦୋଳାଇ ଅବସାଦ କର ନଷ୍ଟ ।।୬।।

orissamatters.com

ମାମତି ବିଫଳରୁଷା ବିକଳୀକୃତମବଲୋକିତୁମଧୁନେଦମ୍
ମୀଳିତଲଜ୍ଜିତମିବ ନୟନଂ ତବ ବିରମ ବିସୃଜ ରତିଖେଦମ୍ ।।୭ ।।

ଅକାରଣେ ରୋଷ କରିଥିଲ ସୁନାଗୋରି ଗୋ !
ବିରହେ ଜଳି ମୁଁ ବିକଳରେ ଗଲି ଶଢ଼ି ଗୋ ।
ମନେ ତା ପଡ଼ିଲେ ଲାଜରେ କି ଯାଏ ନଇଁ ଗୋ
ନୟନ ଯୁଗଳ, ନ ପାରୁଛ ମୋତେ ଚାହିଁ ଗୋ?
ଏବେ ମୋ ବଚନ ଶୁଣ ଗୋ
ପଛ କଥା ଦେଇ ପାଶୋରି ମନରୁ ତୁଟା ରତିଖେଦମାନ ଗୋ !।।୭ ।।

ଶ୍ରୀ ଜୟ ଦେବ ଭଣିତମିଦମନୁପଦନିଗଦିତମଧୁରିପୁମୋଦମ୍
ଜନୟତୁ ରସିକଜନେଷୁ ମନୋରମରତିରସଭାବବିନୋଦମ୍ ।।୮ ।।

ଶ୍ରୀ ଜୟ ଦେବଙ୍କ କୃତ ଗୀତ ପଦେ ପଦେ ହେ
ମଧୁରିପୁ ମଧୁଭାବ ତ ଖୋଦିତ ମୋଦେ ହେ ।
ରତିରସେ ଭୋଳ ରସିକଜନଙ୍କ ମନରେ
ସଞ୍ଚାରୁ ଏହା ସନ୍ତୋଷ ସବୁ କାଳରେ ।।୮ ।।

## *ଦ୍ୱାବିଂଶତିତମ ପାହାଚ*

(ସଙ୍ଗମ ଶେଷରେ  ରତିତୃପ୍ତା ରାଧା ତାଙ୍କୁ ପୁନର୍ବାର ଶୃଙ୍ଗାର ସାଜରେ ସଜାଇଦେବାପାଇଁ ହରିଙ୍କୁ ଆହ୍ୱାନ କରୁଛନ୍ତି । କାମଚକ୍ର ସମାପ୍ତ ହୋଇଛି ।)

କୁରୁ ଯଦୁନନ୍ଦନ ଚନ୍ଦନଶିଶିରତରେଣ କରେଣ ପୟୋଧରେ
ମୃଗମଦପତ୍ରକମତ୍ର ମନୋଭବମଙ୍ଗଳକଳଶସହୋଦରେ ।।
ନିଜଗାଦ ସା ଯଦୁନନ୍ଦନେ କ୍ରୀଡତି ହୃଦୟାନନ୍ଦନେ ।।୧ ।।

orissamatters.com

ସଙ୍ଗମ ଶେଷେ ଯଦୁନନ୍ଦନେ ସଧୀରେ
କହେ ରାଧା: ଦେଖ ମଦନର ଶୁଭକଳଶ
ସମ ସରସ ମୋ ପୀନପୟୋଧରଯୁଗଳ;
ତାପନାଶକାରୀ କରେ କସ୍ତୁରୀ
ଲେପିଦିଅ ତହିଁ ଜୀବେଶ ।।୧ ।।

ଅଳିକୁଳଗଞ୍ଜନସଞ୍ଜନକଂ ରତିନାୟକସାୟକମୋଚନେ
ତ୍ୱଦଧରଚୁମ୍ବନଲମ୍ବିତକଜ୍ଜଳମୁଜ୍ଜ୍ୱଳୟ ପ୍ରିୟଲୋଚନେ ।।୨ ।।

କାମବାଣଟାଣ ଗଞ୍ଜନପାଇଁ ନୟନେ
ଆଙ୍କିଥିଲି ଯେ କଜ୍ଜ୍ୱଳରେଖା ପ୍ରିୟ ହେ !
ଲିଭି ତା ଯାଇଛି ଅଧୀର ତମର ଚୁମ୍ବନେ
ଆଉ ଥରେ ତାରେ ନିଜ କରେ ଲେଖିଦିଅ ହେ ! ।।୨ ।।

ନୟନକୁରଙ୍ଗତରଙ୍ଗବିଳାସନିରୋଧକରେ ଶ୍ରୁତିମଣ୍ଡଳେ
ମନସିଜପାଶବିଳାସଧରେ ଶୁଭବେଶ ନିବେଶୟ କୁଣ୍ଡଳେ ।।୩ ।।

ନୟନ-କୁରଙ୍ଗ ଚପଳ-ଛନ୍ଦ-ଚାହାଣି
ଟାଣି ହୋଇ ଯହିଁ ତୁଟିଯାଏ ପ୍ରୀତିପରଶେ
ସେହି ମୋ କର୍ଣ୍ଣ-ଫଳକେ ମଦନ-ମୋହିନୀ-
ପାଶ ସମ ଦିଅ କୁଣ୍ଡଳ ଭରି ହରଷେ ।।୩ ।।

ଭ୍ରମରଚୟଂ ରଚୟନ୍ତମୁପରି ରୁଚିରଂ ସୁଚିରଂ ମମ ସମ୍ମୁଖେ
ଜିତକମଳେ ବିମଳେ ପରିକର୍ମୟ ନର୍ମଜନେ କମଳକଂ ମୁଖେ ।।୪ ।।

ମୋହନ ହେ ! ମୋର କମଳ୍ପ ରୁଚିର କପୋଳେ
ଚଞ୍ଚଳ ଅଳିକୁଳ ସମ ଏ ଯେ ଅଳକ
ବାରଣ ନ ମାନି ଗୋପ୍ୟ କାହାଣୀ ପ୍ରସାରେ
ବାନ୍ଧ ତାହାରେ ନିଜ କରେ ମୋଦଦାୟକ ।।୪ ।।

orissamatters.com

ମୃଗମଦରସବଳିତଂ ଲଳିତଂ କୁରୁ ତିଳକମଳିକରଜନୀକରେ
ବିହିତକଳଙ୍କକଳଂ କମଳାନନ ବିଶ୍ରମିତଶ୍ରମଶୀକରେ ।।୫।।

ଲଲାଟରୁ ମୋର ପୋଛିଦିଅ ଶ୍ରମ-ଶୀକର
ଚନ୍ଦ୍ର ସମ ଯା ଲଳିତ ଲୁବ୍ଧ ପ୍ରିୟ ହେ !
ମୃଗମଦ ଘେନି ଆପଣାର କରେ ସୁସାର
ତିଳକ ବିନ୍ଦୁ ତହିଁପରେ ଲିହିଦିଅ ହେ ! ।।୫।।

ମମ ରୁଚିରେ ଚିକୁରେ କୁରୁ ମାନଦ ମନସିଜଧ୍ୱଜଚାମରେ
ରତିଗଳିତେ ଲଳିତେ କୁସୁମାନି ଶିଖଣ୍ଡିଶିଖଣ୍ଡକଡାମରେ ।।୬।।

ରତିରଣ କାଳେ ପଡ଼ିଛି ଗଳି ଯେ କୁସୁମ
କେଶପାଶୁଁ ମୋର; ଅତନୁ-ପତାକା-ଚାମର
ସମ ଯା ରୁଚିର, ଚନ୍ଦ୍ରିକା ପରି ନୀଳିମ,
ସଜଫୁଲ ଭରି ସଜାଡ଼ି ଦିଅ ସେ ଚିକୁର ।।୬।।

ସରସଘନେ ଜଘନେ ମମ ଶମ୍ବରଦାରଣବାରଣକନ୍ଦରେ
ମଣିରସନାବସନାଭରଣାନି ଶୁଭାଶୟ ବାସୟ ସୁନ୍ଦରେ ।।୭।।

ମଦନ-ମତ୍ତଗଜର ବିହାରଥଳ ଏ
ଘନଜଘନେ ମୋ ପିନ୍ଧାଇଦିଅ ବସନ
ମଣିର ମେଖଳା ମଣ୍ଡନ କର ପ୍ରିୟ ହେ!
ନିଜ କରେ ତହିଁ ନାଇଦିଅ ନବ ଭୂଷଣ ।।୭।।

ଶ୍ରୀ ଜୟ ଦେବ ବଚସି ରୁଚିରେ ହୃଦୟଂ ସଦୟଂ କୁରୁ ମଣ୍ଡନେ
ହରିଚରଣସ୍ମରଣାମୃତନିର୍ମିତ କଳିକଲୁଷଜ୍ୱରଖଣ୍ଡନେ ।।୮।।

ଅନୁସରି ହରି ଚରଣ ରୁଚିର ଭାଷରେ
ରଚିଲେ ଶ୍ରୀ ଜୟ ଦେବ ଏ ରସାଳ ଗୀତିକେ
କଳିର କଳୁଷ ତାଡି ପ୍ରଶମନ ଆଶରେ
ହୃଦୟେ ସଦୟେ ମଣ୍ଡନ କର ରସିକେ ।।୮।।

orissamatters.com



ସଙ୍ଗମ ଶେଷେ ଯଦୁନନ୍ଦନେ ସଧୀରେ
କହେ ରାଧା: ଦେଖ ମଦନର ଶୁଭକଳଶ
ସମ ସରସ ମୋ ପୀନପୟୋଧରଯୁଗଳ;
ତାପନାଶକାରୀ କରେ କସ୍ତୁରୀ
ଲେପିଦିଅ ତହିଁ ଜୀବେଶ ।।୧ ।।

orissamatters.com

# ସମର୍ପଣ

(ଏହା ହେଉଛି ଶେଷ ପଦ । ଶ୍ରୀ ଜୟ ଦେବ ଏଥିରେ ନିଜ ମାତା ପିତାଙ୍କ ପରିଚୟ ଦେଇ ପରାଶରାଦି ପ୍ରିୟବର୍ଗଙ୍କ ଦ୍ୱାରା ପ୍ରଚାରିତ ହେବା ଉଦ୍ଦେଶ୍ୟରେ ସ୍ୱୀୟ ରଚନାକୁ ସପର୍ପଣ କରୁଛନ୍ତି । ଯେହେତୁ ସେ ନିଜ ରଚନାର ନାମକରଣ କରିନଥିଲେ 'ଗୀତଗୋବିନ୍ଦ', ସେହେତୁ ତତ୍ ପରିବର୍ତ୍ତେ ପ୍ରବନ୍ଧନିଚୟ ଶବ୍ଦ ବ୍ୟବହାର କରାଯାଇଛି ।)

ଶ୍ରୀ ଭୋଜ ଦେବ ପ୍ରଭବସ୍ୟ
ବାମାଦେବୀସୁତ ଶ୍ରୀ ଜୟଦେବକସ୍ୟ
ପରାଶରାଦି ପ୍ରିୟବର୍ଗକଣ୍ଠେ
ପ୍ରବନ୍ଧନିଚୟ କବିତ୍ୱମସ୍ତୁ ।।

ଶ୍ରୀ ଭୋଜ ଦେବଙ୍କ ପ୍ରଭବ ପ୍ରସୂତ
ବାମାଦେବୀଙ୍କର ସୁତ
ଶ୍ରୀ ଜୟ ଦେବଙ୍କ ପ୍ରବନ୍ଧନିଚୟ
ହେଉ ହେ ସଂସ୍ଥାପିତ
ପରାଶର ଆଦି ପ୍ରିୟଜନ କଣ୍ଠରେ
ରତିରସାଶୟ ରସିକର ଅନ୍ତରେ ।।



orissamatters.com

# ସହାୟକ ସୂତ୍ର ସୂଚୀ

## ସୂତ୍ର ନାମ

ଅଦ୍ୱୟସିଦ୍ଧି
ଅଭିନବ ଗୀତଗୋବିନ୍ଦ
ଆବଶ୍ୟକଚୂର୍ଣ୍ଣୀ
ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ
ଉତ୍କଳ ଦୀପିକା
ଉତ୍କଳ ଦୁର୍ଦ୍ଦଶା
ଉଜ୍ଜ୍ୱଳ ଦୀପିକା
ଉତ୍ତର୍ ଭାରତ୍‌କି ସନ୍ତ୍  ପରଂପରା
ଏକାମ୍ର ପୁରାଣ
ଓଡ଼ିଶା ଇତିହାସ
ଓଡ଼ିଶାର ଇତିହାସ
କୁଳାର୍ଣ୍ଣବ ତନ୍ତ୍ର
କୈବଲ୍ୟ ତନ୍ତ୍ର
କୋଣାର୍କ
ଖୁରୁଧା ଇତିହାସ
ଗୀତ ଗୋବିନ୍ଦ ସଂ. ହରିଦାସ ହିରାଚାନ୍ଦ
ଚର୍ଯ୍ୟା ଗୀତିକା
ଚିତ୍ରେ ଜୟଦେବ
ଚୈତନ୍ୟ ଭାଗବତ
ଛନ୍ଦୋଗ୍ୟଉପନିଷଦ
ଜଗନ୍ନାଥ ଦାସ କୃତ ଶ୍ରୀମଦ୍ ଭାଗବତ

orissamatters.com